ଜୁଲାଇ ୨୦୨୪



ISSN NO – 2582-208X

VOLUME-10 : ISSUE NO-07/2024

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

ବେଦାନ୍ତି

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପୁରୀର ରଥଯାତ୍ରା ସମଗ୍ର ପୃଥିବୀରେ ପ୍ରସିଦ୍ଧ । ଏହି ଯାତ୍ରା ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ଦ୍ୱିତୀୟା ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ତାଙ୍କର ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଗୁଣ୍ଡିଚା ମନ୍ଦିରରେ ରହନ୍ତି । ଏହି ସମୟରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀମନ୍ଦିର ପରି ସବୁ ନୀତି ସମ୍ପାଦିତ ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କ ଫେରନ୍ତା ଯାତ୍ରାକୁ ବାହୁଡା ଯାତ୍ରା କୁହାଯାଇଥାଏ । ଶ୍ରୀ ଜଗନ୍ନାଥଙ୍କ ରଥକୁ ନନ୍ଦୀଘୋଷ, ବଳଭଦ୍ରଙ୍କ ରଥକୁ ତାଳଧ୍ୱଜ, ସୁଭଦ୍ରାଙ୍କ ରଥକୁ ଦେବ ଦଳନ କୁହାଯାଏ । ସୁଭଦ୍ରାଙ୍କ ରଥରେ ସୁଦର୍ଶନ ମଧ୍ୟ ବିଜେ କରନ୍ତି । ଜଗନ୍ନାଥଙ୍କ ରଥକୁ ହଳଦିଆ କପଡାରେ, ବଳଭଦ୍ରଙ୍କ ରଥକୁ ନୀଳ କପଡାରେ ଓ ସୁଭଦ୍ରାଙ୍କ ରଥକୁ କଳା କପଡାରେ ଆବୃତ କରାଯାଇଥାଏ । ଏହି ତିନି ରଥରେ ଯଥାକ୍ରମେ ୧୬, ୧୪, ୧୨ ଟି ଚକ ଲାଗେ । ପ୍ରତି ରଥର ଚାରିପଟେ ପାର୍ଶ୍ୱ ଦେବତା, ଉପରେ ଋଷି, ମଧ୍ୟରେ ଗନ୍ଧର୍ବ ଏବଂ ଅପସରାମାନେ ରହନ୍ତି । ମୂର୍ତ୍ତି ଗୁଡିକୁ ରଥ ଉପରକୁ ବୋହି ଆଣିବା ପରମ୍ପରାକୁ ପହଣ୍ଡି କୁହନ୍ତି । ପହଣ୍ଡି ପରେ ପୁରୀ ଗଜପତି ମହାରାଜା ରଥକୁ ସୁନା ଝାଡୁରେ ଓଳାଇ ଚନ୍ଦନ ଛିଞ୍ଚନ୍ତି । ତା ପରେ ଭକ୍ତମାନେ ମହା ଆନନ୍ଦରେ ରଥରେ ବସିଥିବା ତିନି ମୂର୍ତ୍ତିକୁ ଗୁଣ୍ଡିଚା ମନ୍ଦିରକୁ ଟାଣି ଟାଣି ନେଇଯାନ୍ତି ।

ISSN NO.
2582-208X

ଏହି ଅବସରରେ ଭାରତ ତଥା ଭାରତ ବାହାରର ବିଭିନ୍ନ ଅଞ୍ଚଳର ଲୋକେ ଶ୍ରୀକ୍ଷେତ୍ରରେ ରଥାରୁଢ ଶ୍ରୀ ଜଗନ୍ନାଥଙ୍କ ଦର୍ଶନଲାଭ କରି ପବିତ୍ର ହେବା ସଙ୍ଗେ ସଙ୍ଗେ ମୋକ୍ଷ ଲାଭ କରନ୍ତି । ଏଥିପାଇଁ ଏହି ଯାତ୍ରାକୁ ପତିତପାବନ ମହୋତ୍ସବ ମଧ୍ୟ କୁହାଯାଏ । ଲୌକିକ ଭାବରେ ଶ୍ରୀ ଜଗନ୍ନାଥ ତାଙ୍କର ଭାଇ ଭଉଣୀମାନଙ୍କୁ ନେଇ ରଥଯାତ୍ରା କରୁଥିବାରୁ ଲକ୍ଷ୍ମୀ ଅଭିମାନ କରନ୍ତି । ପରବର୍ତ୍ତୀ ପଞ୍ଚମୀ ବା ହେରାପଞ୍ଚମୀ ଦିନ ସେ ନିଜେ ଗୁଣ୍ଡିଚା ମନ୍ଦିରକୁ ଯାଇ ରଥର ଗୋଟିଏ ଅଂଶ ଭାଙ୍ଗିଦେଇ ତାଙ୍କର ଅଭିମାନ ପ୍ରକାଶ କରନ୍ତି । ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରହିଲା ପରେ ଦଶମୀ ଦିନ ତିନି ମୂର୍ତ୍ତିଙ୍କୁ ପୁଣି ରଥାରୁଢ କରାଯାଇ ଶ୍ରୀ ମନ୍ଦିର ଅଭିମୁଖେ ଅଣାଯାଏ । ଏହାକୁ ବାହୁଡା ଯାତ୍ରା କୁହାଯାଏ । ନବମୀ ଦିନ ଗୁଣ୍ଡିଚା ମନ୍ଦିରରେ ଯେଉଁ ପବିତ୍ର ଦର୍ଶନ ହୁଏ, ତାହାକୁ ଆଡପ ଦର୍ଶନ ବା ସନ୍ଧ୍ୟା ଦର୍ଶନ କୁହାଯାଏ । ବାହୁଡା ଦିନ ଶ୍ରୀ ଜଗନ୍ନାଥ ଫେରିବା ବେଳେ ମାଉସୀମା ମନ୍ଦିରରେ ପୋଡପିଠା ଭୋଗ ଖାଆନ୍ତି । ସେହି ଦିନ ରାଜା ଲକ୍ଷ୍ମୀଙ୍କ ସହ ଶ୍ରୀ ଜଗନ୍ନାଥଙ୍କୁ ଭେଟ କରାନ୍ତି । ଏକାଦଶୀ ଦିନ ଠାକୁରଙ୍କ ସୁନାବେଶ ଓ ଦ୍ୱାଦଶୀ ଦିନ ଅଧରପଣା ଭୋଗ ହୁଏ । ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଫେରିବା ବେଳେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ମଧ୍ୟରେ କଳି ହୁଏ । ଶେଷରେ ଲକ୍ଷ୍ମୀଙ୍କର ମାନ ଭଞ୍ଜନ ହୁଏ ଓ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରନ୍ତି ।

ଶ୍ରୀ ଜଗନ୍ନାଥ ଜଗତର ପ୍ରସିଦ୍ଧ ଠାକୁର । ତାଙ୍କର ଦୈନନ୍ଦିନ ରୀତି ଅନୁସାରେ ଶ୍ରୀ ଜଗନ୍ନାଥଙ୍କୁ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଇଥାଏ । ଅନ୍ୟ ଦେବତାଙ୍କୁ ସର୍ମପିତ ଭୋଗକୁ ପ୍ରସାଦ କୁହାଯାଉଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ଭୋଗକୁ ମହାପ୍ରସାଦ କୁହାଯାଏ । ମହାପ୍ରସାଦର ମହିମା ବିଭିନ୍ନ ପୁରାଣ ଯଥା ପଦ୍ମ ପୁରାଣ, ଭାଗବତ ମହାପୁରାଣ ପ୍ରଭୃତିରେ ବର୍ଣ୍ଣନା କରାଯାଇଛି । ଏହି ମହାପ୍ରସାଦ ସେବନ କଲେ ସାକ୍ଷାତ ମୁକ୍ତି ମିଳେ ବୋଲି ଏହାର ନାମ କୈବଲ୍ୟ । ତେଣୁ ଏକାଦଶୀ, ସଂକ୍ରାନ୍ତି ପ୍ରଭୃତି ପବିତ୍ର ଦିନରେ ଅନ୍ନ ଭୋଜନ ନିଷେଧ କରାଯାଇଥିବା ବେଳେ ମହାପ୍ରସାଦ ପାଇଁ ସେପରି କିଛି ବାରଣ ନାହିଁ ।

ISSN NO.
2582-208X

ମହାପ୍ରସାଦ ସେବନ କଲାବେଳେ ମନରେ ପବିତ୍ରତା ରଖିବା ଉଚିତ । ତଳେ ବସି ମହାପ୍ରସାଦ ସେବନ କରିବା ଉଚିତ ।

ଶ୍ରୀମନ୍ଦିରର ବାହାର ବେଢାରେ ଏକ ବିଶାଳ ପାକଶାଳା ଅଛି । ଏହାକୁ ପୃଥିବୀର ବୃହତ୍ତମ ପାକଶାଳା କୁହାଯାଇପାରେ । ଏହି ପାକଶାଳାରେ ଚାରିଶହ ଚୁଲି ଅଛି । ପ୍ରତ୍ୟେକ ଦିନ ଛଅ ଶହ ସୁଆର ଏଠାରେ ରନ୍ଧନ କାର୍ଯ୍ୟ କରନ୍ତି । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଭୋଗ ପାଇଁ ଏଠାରେ ଅନ୍ନ ବ୍ୟଞ୍ଜନ ସହିତ ପିଠା ଓ ମିଷ୍ଟାନ୍ନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ସୁଆର ମାନେ ପ୍ରତିଦିନ ଯଜ୍ଞ କାର୍ଯ୍ୟ ପରେ ସେହି ଯଜ୍ଞର ଅଗ୍ନିକୁ ନେଇ ସେହି ଚୁଲିରେ ବ୍ୟବହାର କରନ୍ତି । ଭୋଗ ପାଇଁ ଅନ୍ନ ବ୍ୟଞ୍ଜନାଦି ମାଟି ପାତ୍ରରେ ରନ୍ଧାଯାଏ । ଏଥିପାଇଁ ଏହି ଅନ୍ନକୁ ଅଭଡା କୁହାଯାଏ । ଶ୍ରୀଜଗନ୍ନାଥଙ୍କ ପାଖରେ ଏହି ଅନ୍ନ ବ୍ୟଞ୍ଜନାଦି ସମର୍ପିତ ହେଲାପରେ ଶହ ଶହ ଲୋକ ତାହା କିଣି ଆନନ୍ଦ ମନରେ ଆନନ୍ଦବଜାରରେ ଖାଆନ୍ତି ।

ଜୟ ଜଗନ୍ନାଥ ସ୍ୱାମୀ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ମହାବାହୁଙ୍କ ରୂପକଳ୍ପନା | ବଦ୍ରୀ ମହାନ୍ତି | ୧୪ |
| ଅଯଥା ଜଞ୍ଜାଳ | ନୀଳମାଧବ କର | ୨୨ |
| ଅଭିଳାଷ | ଡଃ ମାଙ୍ଗଳିକା ମହାପାତ୍ର | ୨୪ |
| ସମୟ | ଡ. ପ୍ରସନ୍ନ କୁମାର ବଳ | ୨୫ |
| ଡି.ଏଫ.ଓ କ୍ୟାମ୍ପବେଲ୍ ବେ | ଅଶୋକ ବିଶ୍ୱାଳ | ୨୭ |
| ମୋତେ ସେହି ରୂପ ଦେଖାଅ ହରି | ରାମଚନ୍ଦ୍ର ବେହେରା | ୩୬ |
| ସତ୍ୟପ୍ରକାଶ ମହାପାତ୍ର - ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସ୍ମୃତିରେ | ଶଶଧର ମହାପାତ୍ର | ୩୯ |
| ଚନ୍ଦ୍ରହାର | ଡକ୍ଟର ବିଜ୍ଞାନୀ ଦାସ | ୪୫ |
| ଆମେ କି ସ୍ୱାଧୀନ! | ଅଳକା ମହାନ୍ତି | ୫୫ |
| ରଥାରୁଢ଼ | ଡ. ଶକୁନ୍ତଳା ଗୁପ୍ତା | ୫୭ |
| ତୃଷାର୍ତ୍ତ ସାଗର | ମଧୁମିତା ମିଶ୍ର | ୫୯ |
| ଚକ୍ରବ୍ୟୁହ | ଆଶୁତୋଷ ମେହେର | ୬୧ |
| ସପୁରୀ ଫଳ | ଇଂ. ସୁଶାନ୍ତ କିଶୋର ବଳ | ୬୫ |
| ହସ | କାର୍ତ୍ତୀକେଶ୍ୱର ନାୟକ | ୬୮ |
| ସମୟର ରଂଗ ମଞ୍ଚରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୭୦ |
| ମାୟାମୁକ୍ତି | ବିନୟ ମହାପାତ୍ର | ୭୨ |
| ଅକ୍ଷୟ ତୃତୀୟା | ଡ. ସଦା ବିହାରୀ ସାହୁ | ୮୪ |
| ତିନି ରଥର ସାରମର୍ମ | ଅମରନାଥ ବାରିକ | ୮୫ |
| ଶ୍ରୀରଙ୍ଗା ଚରଣ ତଳେ | ଡକ୍ଟର ଦଶରଥ ପ୍ରଧାନ | ୮୮ |
| ଝଡ ରାତି | ଶାନ୍ତିଲତା ମିଶ୍ର | ୯୦ |

ISSN NO.
2582-208X


| | | |
|---|---|---|
| ପ୍ରେମ ରେ ଆକ୍ରୋଷ | ଛବି ରାଣୀ ପତି | ୯୫ |
| ନୀରବ ଓଠର ଭାଷା | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୯୭ |
| ଶେଷଦିନ | ଜୟଶ୍ରୀ ପଟ୍ଟନାୟକ | ୧୦୦ |
| ଉତ୍କଳୀୟ ସଂସ୍କୃତିରେ ରଜପର୍ବ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୦୨ |
| ବର୍ଷା | ଦଣ୍ଡାସି ପ୍ରଧାନ | ୧୦୫ |
| ସାବିତ୍ରୀ ବ୍ରତ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୧୦ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୧୨ |
| ସମ୍ପର୍କର ସ୍ୱରବର୍ଣ୍ଣ | ମାନସ ରଞ୍ଜନ ନାୟକ | ୧୨୧ |
| ଉପହାର | ମନ୍ଦାକିନୀ ପାଢ଼ୀ | ୧୨୩ |
| ସ୍ନାନ | ସୁଜିତ୍ କୁମାର ମିଶ୍ର | ୧୨୫ |
| କମଳ ଫୁଲର କାହାଣୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୭ |
| ଏମିତି ଏକ ଯାତ୍ରା.... | କୃଷ୍ଣା ମିଶ୍ର | ୧୩୩ |
| ପଦ୍ମା ନଦୀର ମାଝି | ନୀଳମଣି ଚାନ୍ଦ | ୧୩୫ |
| ହେପାଜତକାରୀ | ଡ. ଜ୍ଞାନେଶ୍ୱର ମିଶ୍ର | ୧୩୭ |
| ସାରଳାଙ୍କ ଚଣ୍ଡୀ ପୁରାଣରେ ତତ୍କାଳୀନ ସମାଜ ଜୀବନର ଚିତ୍ର | ଡକ୍ଟର ଲିଙ୍ଗରାଜ ମେହେର | ୧୩୯ |
| କ'ଣ ଲେଖିବୁ ତୋ ପ୍ରୋଫାଇଲ୍ ରେ | ବିଶ୍ୱନାଥ କର | ୧୪୭ |
| ମୋ ପିଲା ଦିନ | କଳ୍ପନା ମିଶ୍ର | ୧୪୯ |
| ଧାରେଧାରେ, ତୀରେତୀରେ | ସଂଜୀବ କୁମାର ଦାଶ | ୧୫୧ |
| ଓଡ଼ିଆ ପତ୍ର ସାହିତ୍ୟରେ "ଚିଠି" ପତ୍ରିକାର ଭୂମିକା | ରିତୁପର୍ଣ୍ଣା ପତି | ୧୫୩ |
| ତୁମ ପଣତ କାନି | ନିରୁପମା ପଟେଲ | ୧୫୮ |
| ପ୍ରତିଦିନ | ଡ଼. ପଲିମର ଦାଶ | ୧୫୯ |
| ବିଚାର | ସୁଜ୍ଞାନ ବାଘ | ୧୬୧ |

ISSN NO.
2582-208X


| | | |
|---|---|---|
| ଶ୍ରୀଜଗନ୍ନାଥ | ଡ଼ଃ. ପ୍ରଦୀପ କୁମାର ପଣ୍ଡା | ୧୬୨ |
| ଗୁଞ୍ଜେ କୀର୍ତ୍ତି ତ୍ୟାଗ ବଳିଦାନ | ଅଜିତ କୁମାର ରାଉତ | ୧୬୬ |
| ବାକି ଖାତା | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୬୯ |
| ମନ ଆକାଶ | ବିଜୟ କୁମାର ସାହୁ | ୧୭୨ |
| ଓଡ଼ିଆ ସମାଲୋଚନା ସାହିତ୍ୟରେ ଗାଳ୍ପିକ ଚନ୍ଦ୍ରଶେଖର ରଥ | ସୁନିତା ବାରିକ | ୧୭୩ |
| ନିଃଶବ୍ଦ କାମନା | ଅଲେଖ ମେହେର | ୧୭୮ |
| ଅନିର୍ବାଣ ଦୀପଶିଖା | କୁଞ୍ଜବିହାରୀ ରାଉତ | ୧୮୦ |
| ବାପା | ସୁଲତା ସାହୁ | ୧୮୨ |
| ଅନୁତାପ | କୁଞ୍ଜ ବିହାରୀ ସାହୁ | ୧୮୫ |
| ଜରାଶ୍ରମରେ ପ୍ରଥମ ରାତି | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୯୦ |
| ମୋ ପ୍ରିୟା | ପ୍ରସନ୍ନ କୁମାର ମେହେର | ୧୯୨ |
| ମୁଁ ମାଟିପିଣ୍ଡ | ବିନୋଦିନୀ ଦାଶ | ୧୯୪ |
| କର୍ମଫଳ | ଭାରତୀ ମୁଦୁଲି | ୧୯୬ |
| କାଳିଆ ମୋ ଗଳା ମାଳିଆ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୯୯ |
| ସେ ମଧ୍ୟ ନାରୀ | ପ୍ରିୟଦର୍ଶିନୀ ଓଝା | ୨୦୧ |
| ଜ୍ୟୋତିର୍ଲିଙ୍ଗ ଦର୍ଶନ - ମହାକାଳେଶ୍ୱର | ରଘୁନାଥ ତ୍ରିପାଠୀ | ୨୦୩ |
| ତୁ୍ୟ ଚିରନ୍ତନ ସତ୍ୟ ....!! | ବନିତା ମହାରଣା | ୨୦୬ |
| ଦଶାବତାର ଚଉତିଶା | କୈଳାସ ମେହେର | ୨୦୮ |
| କ୍ଷୁଦ୍ରଗଳ୍ପ- ନିଶା | ଅରୁଣ କୁମାର ମହାପାତ୍ର | ୨୧୨ |
| ମା | ସ୍ୱାଗତିକା ନାଏକ | ୨୧୫ |
| ଆଗ ପରି ରଜ ମଉଜ ଜମୁନି | ଜୟନ୍ତ କୁମାର ମଲ୍ଲିକ୍ | ୨୧୬ |
| ବାର୍ଦ୍ଧକ୍ୟ | ସସ୍ମିତା ଭୋଇ | ୨୧୮ |

ISSN NO.
2582-208X


| | | |
|---|---|---|
| ମଧୁ ମାଳତୀ | ଡା଼ଃ. ଅନିତା ପଣ୍ଡା | ୨୨୦ |
| ଶବ୍ଦ ତୁମେ | ବାସନ୍ତୀ ଲତା ଜେନା | ୨୩୯ |
| ଚୈତ୍ର ମାସ ମଙ୍ଗଳବାର | ଡ. ଅଭିମନ୍ୟୁ କାନୁନଗୋ | ୨୪୨ |
| କାହିଁକି ? | ଅମୃତନାରାୟଣ ଶତପଥୀ | ୨୪୩ |
| ଆମେ ଭାରତୀୟ | ସରସ୍ୱତୀ ମିଶ୍ର | ୨୪୪ |
| କଳାପାଣିର କଷଣ ଶିବିର ଭାଇପର୍ ଓ ରୋସ୍ | ପ୍ରିୟବ୍ରତ ପାତ୍ର | ୨୪୬ |
| ଗୋଟେ ପାଦ ଆଗକୁ | ବର୍ଷାରାଣୀ ମହାମଲ୍ଲୀକ | ୨୫୦ |
| ଆଜିକାର ଭଲ ମଣିଷ | ଜୟ କୁମାର ମିଶ୍ର | ୨୫୨ |
| ମୋ ମାଟି ମୋ ଗାଁ | ଦେବେନ୍ଦ୍ର ମିଶ୍ର | ୨୫୫ |
| ଲୋକ ସଂସ୍କୃତିର ଅଗ୍ରଦୂତ, ମାଗୁଣି ଚରଣ କୁଅଁର ! | ଅସିତ ମହାନ୍ତି | ୨୫୭ |
| ସଂପର୍କ | ଯଜ୍ଞଦତ୍ତ ସାମନ୍ତରାୟ | ୨୬୨ |
| କୃଷକ ଆମ ବନ୍ଧୁ | ଅଭୟ କୁଣ୍ଡ | ୨୬୩ |
| ରଜ ଦୋଳି | ଆକୁଳାନନ୍ଦ ପୃଷ୍ଟି | ୨୬୫ |
| ଝଡ଼, ବିଜୁଳି ଓ ଘଡ଼ଘଡ଼ି କବଳରେ ଶନି | ଡକ୍ଟର କମଳାକାନ୍ତ ଜେନା | ୨୬୭ |
| ମାଆ | ରାଜକିଶୋର ସ୍ୱାଇଁ | ୨୭୦ |
| ଆସିଛି ବରଷା | ଜନ୍ମଜୟ ନାୟକ | ୨୭୨ |
| ମଦୁଆଙ୍କ ଖଟିରେ ରାଜନୀତି (ବ୍ୟଙ୍ଗ) | ଚିତରଞ୍ଜନ ବେହେରା | ୨୭୪ |
| ଓଡିଶୀ ସଙ୍ଗୀତର ଆବେଦନ ଓ ସେଥିରେ କବିଚନ୍ଦ୍ରଙ୍କ ଅବଦାନ ! | ସାହିଲ କୁମାର ନାୟକ | ୨୭୬ |
| ଶୁଭଦିନ ଆଶାରେ | ପ୍ରତିଭା ଦାସ | ୨୮୫ |

ISSN NO.
2582-208X


| | | |
|---|---|---|
| ସିଏ ବୋଧେ ପ୍ରେମିକା | ନିରଞ୍ଜନ ସାହୁ | ୨୮୭ |
| ପାଖେ ଥାଇ ନ ଦିଅ ଧରା | ବିରଞ୍ଚି ନାରାୟଣ ମିଶ୍ର | ୨୯୦ |
| ଭିଟାମାଟି | ଅବିନାଶ ସାହୁ | ୨୯୧ |
| ହେ ମୋ ନିରବତା | ସନ୍ଧ୍ୟାରାଣୀ ମଲ୍ଲିକ | ୨୯୬ |
| ବାପା ପ୍ରତି ରଖ ନିଘା | ଦୀନବନ୍ଧୁ ପୋଇ | ୨୯୭ |
| ହେ ରଙ୍ଗାଜୀବ ଆଉ ଥରେ ନିଅ ଜନମ | ଜୟନ୍ତୀ ଦେବୀ | ୨୯୮ |
| ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ଜଗନ୍ନାଥ ଚେତନା | ଡ. ନୀଳମାଧବ ଛତ୍ର | ୨୯୯ |
| ବାର୍ଦ୍ଧକ୍ୟ | ସୌଭାଗ୍ୟଲକ୍ଷ୍ମୀ ସାହୁ | ୩୦୮ |
| ମୋ ଜଗନ୍ନାଥ | ବିଜୟଲକ୍ଷ୍ମୀ ସାମଲ | ୩୧୦ |
| ଗାଇବି ମୋ ମାଟି ପାଇଁ | ଅନାଦି ଚରଣ ବେହେରା | ୩୧୨ |
| କରୋନା ରୋଗ | ସିଦ୍ଧେଶ୍ୱର ତ୍ରିପାଠୀ | ୩୧୬ |
| ଶ୍ରୀରାଧା ମାଧବ ଭାବ | ଡ. ଅର୍ଜୁନ ଚରଣ ବାରିକ୍ | ୩୧୯ |
| ଫଗୁଣ ପୁନେଇଁ | ପ୍ରଶାନ୍ତ କୁମାର ନାଥ | ୩୨୦ |
| କେଶବ କୁଞ୍ଜ ବିହାରୀ | ସୁହଂସ ଭୋଇ | ୩୨୧ |
| ଓଡ଼ିଆ ଅସ୍ମିତା | ପ୍ରଦୀପ୍ତ କୁମାର ମିଶ୍ର | ୩୨୨ |
| ବାର୍ଦ୍ଧକ୍ୟ | ସୌଭାଗ୍ୟଲକ୍ଷ୍ମୀ ସାହୁ | ୩୨୫ |
| କୁଆଁରୀ ସ୍ୱପ୍ନ | ସୋନାଲି ବେଉରା | ୩୨୬ |
| ନିଶି ଅର୍ଦ୍ଧେ | ସ୍ୱାଗତିକା ସାହୁ | ୩୨୮ |
| ପ୍ରେମ,ଜୀବନ ଓ ଆଧ୍ୟାତ୍ମିକତାର କବି ଶ୍ରୀନିବାସ ଉଦଗାତା: ଏକ ବିହଙ୍ଗାବଲୋକନ | ପବିତ୍ର ବାଗ | ୩୩୦ |
| ଗୁରୁ | ପ୍ରିୟଦର୍ଶିନୀ ପାତ୍ର | ୩୩୪ |

ISSN NO.
2582-208X


| | | |
|---|---|---|
| ବନ୍ଧୁର ମହତ୍ତ୍ୱ | ନରେନ୍ଦ୍ର ପ୍ରସାଦ ବେହେରା | ୩୩୬ |
| ରାଜନୀତି ଏକ ବୃତ୍ତି | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୩୯ |
| ମୋ ଗାଁ | ଶୁଭେନ୍ଦୁ ଶେଖର ମିଶ୍ର | ୩୪୨ |
| ହେ ପରମପିତା | ନଳିନୀ ଦାଶ | ୩୪୯ |
| ସନ୍ଧ୍ୟା ଆଳତି | ରାମ ଚନ୍ଦ୍ର ପ୍ରଧାନ | ୩୫୧ |
| ନୀରବି ଗଲା | ଲକ୍ଷ୍ମଣ ଭୋଇ | ୩୫୩ |
| ଗଧର ଭବିଷ୍ୟତ.... | କାଳିପ୍ରସାଦ ମହାପାତ୍ର | ୩୫୬ |
| ଜହ୍ନ | ସୁଧୀର ମେହେର | ୩୫୮ |
| ନଇ ଜାଣେ ନିତି ପାଗଳିନୀ ହେବା | ହରିଶ୍ଚନ୍ଦ୍ର ବେହେରା | ୩୬୦ |
| ବିଶ୍ୱ ଏକ ପରିବାର | ଗୁପ୍ତେଶ୍ୱର ଚାନ୍ଦ୍ | ୩୬୧ |
| ବୁଦ୍ଧଦେବଙ୍କ କାହାଣୀ | ଦୀନବନ୍ଧୁ ବେଜ | ୩୬୩ |
| ପ୍ରେମ | ଝରଣା ବାରିକ | ୩୬୫ |
| ପ୍ରକୃତି ପ୍ରେମ | ଦେବେନ୍ଦ୍ର ସାହୁ | ୩୬୬ |
| ଗୋବିଂଦ ଦାମୋଦର ସ୍ତୋତ୍ରମ୍ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୬୭ |
| ଶ୍ରୀ ମହାଲକ୍ଷ୍ମୀ ଅଷ୍ଟକମ୍ | ଦେବଯାନୀ ବାରିକ୍ | ୩୬୯ |
| ଝାଡ଼ଖଣ୍ଡ ବିଚ୍ଛିନ୍ନାଞ୍ଚଳର 'ଖଂଡାମୌଦା' କଥା | ଡକ୍ଟର ହରିହର ପ୍ରଧାନ | ୩୭୧ |
| କବିତା ଲେଖା | ଅନିରୁଦ୍ଧ ରଣା | ୩୭୫ |
| ଏବେ ଭୁଲିଯାଅ ମନରୁ | ଶିଶିର କୁମାର ପଣ୍ଡା | ୩୭୬ |
| ମିଛରେ କରେ ଜ୍ୱର ନାଟକ | ମୀରା ବାଇ ପାଣିଗ୍ରାହୀ | ୩୭୮ |
| ଭୋଟର କାଳି ଭିତର କଥା | ଦିଲ୍ଲୀପ ଶତପଥୀ | ୩୮୧ |
| ନର ରୁପି ରାକ୍ଷସ | ଗୀତାଞ୍ଜଳି ମିଶ୍ର | ୩୮୪ |
| ସମ୍ପର୍କ | ଦିବାକର ନାୟକ | ୩୮୬ |
| ନାରୀଶକ୍ତି | ରଶ୍ମିତା ନାୟକ | ୩୮୮ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ମଣିଷ ଜୀବନ | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୩୯୦ |
| ଆସିଛି ସାବିତ୍ରୀ ବ୍ରତ | ବିକାଶ କୁମାର ହୋତା | ୩୯୧ |
| ନିଜ ଜନ୍ମ ତାରିଖରୁ ଜାଣନ୍ତୁ ନିଜ ବିବାହ ବିଷୟରେ !! Love marriage ନା Arranged marriage ? | ଅଭିଲାଷ ବାରିକ୍ | ୩୯୩ |
| ଶ୍ରୀ ଅଞ୍ଜନେୟ ମଙ୍ଗଳାଷ୍ଟକମ୍ | ଅଧ୍ୟାପକ ଅବିନାଶ ବାରିକ୍ | ୩୯୫ |
| ଗୁଣ ବିଚାର | ମନୋରଞ୍ଜନ ସୁରୁଜାଲ | ୩୯୬ |
| ଓଡ଼ିଶାର ପର୍ବପର୍ବାଣୀ-ସାବିତ୍ରୀ ବ୍ରତ | ସମ୍ପଦା ଦେବୀ | ୪୦୦ |
| ବର୍ଷା ତୁମେ ଆସିଲ | ଦୁଷ୍ମନ୍ତ ବେହେରା | ୪୦୨ |
| ଶ୍ରୀ ହନୁମଦ ସୁପ୍ରଭାତମ୍ | ଅଳକା ବାରିକ୍ | ୪୦୪ |
| ବୃଦ୍ଧ ବାପା ଓ ମାଆ କ'ଣ ନିଜ ପିଲାଙ୍କ ଉପରେ ବୋଝ ? | ଅନନ୍ୟା ପ୍ରଧାନ | ୪୦୬ |
| ସନେଟ୍-କଥା ମରିଗଲେ | ତାରାପ୍ରସାଦ ଜେନା | ୪୦୯ |
| ନୀପ ମୂଳିଆ ସେ ଚିକଣ କାଳିଆ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୧୦ |
| ଆଜି ଆସନ୍ତୁ ଜାଣିବା "ଶ୍ରୀଜଗନ୍ନାଥଙ୍କ ନାମର ପ୍ରକୃତ ସାର୍ଥକତା" ସମ୍ବନ୍ଧରେ | ପାର୍ବତୀ ଦେବୀ | ୪୧୧ |
| ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ମାଳତୀ ଦେବୀ | ୪୧୨ |
| ନହୋଇବ ଅଂଶୁଘାତ | ପ୍ରଦୀପ୍ତ କୁମାର ଦାସ | ୪୧୪ |
| ପୁରୁଣା ମଣିଷ - ନୂଆ ବିଚାର | ମମତା ନାୟକ | ୪୧୬ |
| ପୋଡ଼ା ସଳିତା | ମୋନାଲିସା ପାଣୀ | ୪୨୧ |
| ନିଷ୍ଠୁର ନିଦାଘ | ନନ୍ଦିଘୋଷ ଭୋଇ | ୪୨୨ |
| ସାଥୀ | ନନ୍ଦିତା ବଡ଼ାଇ | ୪୨୪ |
| ବନ ମହୋତ୍ସବ | ଲୀଳାବତୀ ପରିଡ଼ା | ୪୨୬ |
| କିଣା ବିକା ର ଦୁନିଆଁ | ରମେଶ ଚନ୍ଦ୍ର ପ୍ରଧାନୀ | ୪୩୦ |

ISSN NO.
2582-208X



| | | |
|---|---|---|
| ଜହ୍ନ ଆଲୁଅ | ପ୍ରଶାନ୍ତ ବ୍ରହ୍ମା | ୪୩୨ |
| ଆଇନା | ସୁନନ୍ଦା ମହାନ୍ତି | ୪୩୩ |
| ନିର୍ମଳ ଆକାଶ ସହ ଭାବ | ପ୍ରକାଶ ମେହେର | ୪୩୫ |
| ଆମର ଘର | ବାଙ୍କାବିହାରୀ ମହାକୁର | ୪୩୮ |
| ସାଇକେଲ | ସରୋଜ କୁମାର ସାହୁ | ୪୪୦ |
| ବୋଉ | ସନାତନ ଦାସ | ୪୪୨ |
| ଶୂନ୍ୟ ଆକାଶ | ପ୍ରତାପ ଚନ୍ଦ୍ର ସାମଲ | ୪୪୪ |
| କଲମ ବିକାଳି ଛୁଆଟି | ସୂର୍ଯ୍ୟକାନ୍ତ ମଲିକ | ୪୫୨ |
| ରଥ ଗଡ଼େ ବଡ଼ଦାଣ୍ଡରେ | ଧ୍ରୁବ ଚରଣ ଘିବେଲା | ୪୫୪ |
| ତୁ ମନେପଡୁ | ଧନୁର୍ଯ୍ୟ ମାଝୀ | ୪୫୬ |
| ମଣିଷ ମସ୍ତିଷ୍କରେ ବିଚାରଧାରାର ପ୍ରଭାବ | ବାଲ୍ମୀକି ନାୟକ | ୪୫୭ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୬୦ |
| ଅପ୍ରାକୃତ ପ୍ରେମ ର ଅଭୁଲା ସ୍ମୃତି | ବିଶ୍ୱନାଥ ନାଏକ | ୪୬୨ |
| ଷଟ୍-ତିଳା ଏକାଦଶୀ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୪୬୭ |
| ଭିଜା ମାଟିର ବାସ୍ନା | ଦିନେଶ ମେହେର | ୪୭୬ |
| ଗୁଣ ବିଚାର | ମନୋରଞ୍ଜନ ସୁରୁଜାଲ | ୪୭୮ |
| ନାରଦ କାହିଁକି ନଳକୁବେର ଓ ମଣିଗ୍ରୀବକୁ ଅଭିଶାପ ଦେଲେ | ନରେନ୍ଦ୍ର ପ୍ରସାଦ ବେହେରା | ୪୮୧ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଗ୍ରୀଷ୍ମ ଋତୁରେ ଅଂଶୁଘାତ ଓ ତାର ପ୍ରତିରୋଧ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୪୮୪ |
| ହୃଦଘାତ ବିଷୟରେ ପଦେ | ଡକ୍ଟର ଅଭିମନ୍ୟୁ କାନୁନଗୋ | ୪୮୯ |

ISSN NO.
2582-208X

# ଆଞ୍ଚଳିକ


| | | |
|---|---|---|
| କହୁଛେଁ ଜେନ୍ନା ସୁନ | ଗଜାନନ ମିଶ୍ର | ୪୯୩ |
| ରଜ ମଉଜ | ନିରୁପମା ମିଶ୍ର | ୪୯୪ |
| ଝରନ୍ | କେଶବ ମେହେର | ୪୯୫ |
| ଲୋକର୍ ଦରବାର୍ | ସୁନୀଲ କୁମାର ଅଗସ୍ତି | ୪୯୭ |


# ଶିଶୁ ବିଭାଗ


| | | |
|---|---|---|
| ପାଣିରୁ ଛାଣିକି ଆଣିଛି | ଡ଼ଃ ରଞ୍ଜିତ କୁମାର ସାହୁ | ୫୦୦ |
| ବନ୍ଧୁତା | ଦେବଦତ୍ତା ଦେବୀ | ୫୦୫ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୦୮ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୦୯ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୧୩ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୧୪ |

ISSN NO.
2582-208X

# ମହାବାହୁଙ୍କ ରୂପକଳ୍ପନା



ବଦ୍ରୀ ମହାନ୍ତ

ରହସ୍ୟମୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦାରୁବ୍ରହ୍ମ ସ୍ୱରୂପ ଚତୁର୍ଦ୍ଧା ମୂର୍ତ୍ତୀ ସମଗ୍ର ବିଶ୍ୱରେ ଅଦ୍ୱିତୀୟ। କେଉଁଅନାଦି କାଳରୁ ତାଙ୍କର ଆବିର୍ଭାବ, ସ୍ୱରୂପ, ଉପାସନା, ଦର୍ଶନ ଓ ତତ୍ତ୍ୱ କୋଟି କୋଟି ଶ୍ରଦ୍ଧାଳୁଙ୍କୁ ବିସ୍ମୟ ବିଭୋର କରି ରଖିଛି ତାହା ନିର୍ଣ୍ଣୟ କରିବା ସହଜ ନୁହେଁ। ସମୟର କଷଟିରେ ପ୍ରିୟତମ ପ୍ରଭୁଙ୍କ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ସ୍ୱରୂପ କାଳକ୍ରମେ ଆଜି ଯେଉଁଠି ଆସି ପହଞ୍ଚିଛି ତାହା ଅଗଣିତ ଜ୍ଞାନୀ ପଣ୍ଡିତ ସାଧୁ ସନ୍ଥ ଦାର୍ଶନିକ ଓ ସମାଲୋଚକଙ୍କ ବିଚାର ଓ ଗବେଷଣାର ଫଳଶୃତି। ପୁରାଣ, ଇତିହାସ, କିମ୍ବଦନ୍ତୀ, ପ୍ରଚଳିତ ପରମ୍ପରା, ଅନୁସୃତ ଧାରା ଓ ଆଧ୍ୟାତ୍ମ୍ୟ ବିଚାରର ବିସ୍ତୃତ ପଟ୍ଟଭୂମିରେ ମହାପ୍ରଭୁଙ୍କ ରୂପକଳ୍ପନା ପ୍ରତିଟି କାଳଖଣ୍ଡରେ ପରସ୍ପର ସହିତ କେତେବେଳେ ସମାନ୍ତରାଳ ଭାବରେ ଗତି କରିଛନ୍ତି ତ କେତେବେଳେ ଗୋଟାଏ ତତ୍ୱକୁ ନିଜର ବୋଲି ମନେ କରିନେଇଛନ୍ତି। ମାତ୍ର ସବୁକାଳେ ସତ୍ୟ ରୂପେ ଗ୍ରହଣୀୟ ହୋଇ ଆସିଛି ଆଦ୍ୟ ସ୍ୱରୂପ।

ମହାଦାରୁ ହିଁ ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କ ରୂପଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅଭିନବ। ଏହି ଅପରୂପ ସୌନ୍ଦର୍ଯ୍ୟଯୁକ୍ତ ଦାରୁ ଦେବତାଙ୍କ ଉପାସନା ପ୍ରାଗ୍ ବୈଦିକ ସମୟରୁ ହୋଇ ଆସୁଥିବା ଦେଖି ଏକଦା ବୈଦିକ ଆର୍ଯ୍ୟ ପ୍ରଚେତାବୃନ୍ଦ ମୁକ୍ତକଣ୍ଠରେ ଋକବେଦର ଏ ମନ୍ତ୍ରଟିକୁ ଗାଇ ଉଠିଥିଲେ, "ଅଦୌ

ISSN NO.
2582-208X

ଯଦଦାରୁ ପ୍ଲବତେସିନ୍ଧୋଃ ପାରେ ଅପୁରୁଷମ୍, ତଦାରଭସ୍ୟ ଦୁର୍ହୋଣୋ ତେନ ଗଛ ପରସ୍ତରମ୍।" ଏହା ଥିଲା ଦାରୁ ଉପାସନାର ପ୍ରାଚୀନତମ ନିଦର୍ଶନ।

ବୈଦିକ ଯୁଗରୁ ଏ ପର୍ଯ୍ୟନ୍ତ ମହାଦାରୁ ଉପାସକ ଦଇତା ରୂପେ ଆର୍ଯ୍ୟ ଗୋଷ୍ଠୀଭୁକ୍ତ ହୋଇ ମହାପ୍ରଭୁଙ୍କ ସେବା ପୂଜା କରି ଆସୁଛନ୍ତି। ଏଥିରୁ ସ୍ପଷ୍ଟ ହୋଇ ଯାଇଛି ଯେ, ପ୍ରାଗ ବୈଦିକ ଯୁଗରୁ ଶ୍ରୀଜଗନ୍ନାଥଙ୍କ ଦାରୁ ସ୍ୱରୁପ ପୂର୍ବ ମହୋଦଧି ତଟରେ ବିରାଜମାନ ଥିଲା ଏବଂ ଦଇତାମାନେ ତାଙ୍କର ପୂଜା ଅର୍ଚ୍ଚନା କରୁଥିଲେ। ବୈଦିକ ଯୁଗର ପରବର୍ତ୍ତୀ ସମୟରେ ମହାଦାରୁ ଚତୁର୍ଦ୍ଧାମୂର୍ତ୍ତୀ ରୂପେ ରୂପାନ୍ତରିତ ହେବା ପ୍ରସଙ୍ଗ ପୁରାଣ ମାନଙ୍କରେ ବର୍ଣ୍ଣନା କରାଯାଇଛି। ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ ଏ ରୂପାନ୍ତର ପ୍ରକ୍ରିୟାର ପ୍ରଥମ ସୂତ୍ରଧର ଏବଂ ସେ ବୈଦିକ ଯଜ୍ଞାନୁଷ୍ଠାନ ସମ୍ପନ୍ନ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପ୍ରାୟ ସାତ ହଜାର ବର୍ଷ ପୂର୍ବେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିର୍ମିତ ମନ୍ଦିରରେ ମହାଦାରୁ ବୈଦିକ ଦେବତା ରୁପେ ମହିମାନ୍ୱିତ ହୋଇ ଆସିଛନ୍ତି। କୈବଲ୍ୟ ଉପନିଷଦ ଅନୁସାରେ ଦ୍ରାବିଡମାନଙ୍କ ଦ୍ୱାରା ପୂଜିତ ଦାରୁରେ ଅପାଣିପାଦ ମୂର୍ତ୍ତି ନିର୍ମିତ ହୋଇ ବ୍ରହ୍ମାକ୍ଷର ପ୍ରଣବକୁ ଗ୍ରହଣ କରି ନିଆଯାଇଥିଲା।

ବେଦର ପରବର୍ତ୍ତୀ କାଳରେ ମୁଖ୍ୟତଃ ପୁରାଣ ମାନଙ୍କରେ ଚତୁର୍ଦ୍ଧା ମୂର୍ତ୍ତିର ଯେଉଁ ଅଚିନ୍ତ୍ୟ ପରିକଳ୍ପନାର କଥା କୁହାଯାଇଛି, ସେଥିରେ ରହିଛି ଏକତ୍ୱ। ସେ ହୋଇଥିବେ ଏକ, ଅନେକ, ସ୍ଥୂଳ, ସୂକ୍ଷ୍ମ, ନିର୍ଗୁଣ, ସଗୁଣ, ଶୂନ୍ୟ ଅଶୂନ୍ୟ। ସେ ହିଁ ପ୍ରଣବର ବାଚ୍ୟ। ତେଣୁ ଦ୍ରାବିଡମାନଙ୍କ ଦେବତା ମହାଦାରୁ ପ୍ରଣବରୂପୀ ଚତୁର୍ଦ୍ଧା ମୂର୍ତ୍ତି ରୂପେ ବୈଦିକ ମାନ୍ୟତା ପାଇଥିବା ଅସ୍ୱୀକାର କରିହେବ ନାହିଁ। ଏବେ ସୁଦ୍ଧା ପୂଜା ପଦ୍ଧତିରେ ଶ୍ରୀ ଜଗନ୍ନାଥଙ୍କୁ ମକାର, ବଳଭଦ୍ରଙ୍କୁ ଆକାର ଓ ଦେବୀ ସୁଭଦ୍ରାଙ୍କୁ ଉକାର ରୂପେ ବିବେଚନା କରାଯାଉଛି। ତାହା ହେଲା –

ISSN NO.
2582-208X

ଓଁ ଅକାର ସତ୍ୱଗୁଣଂ ଶୁକ୍ଳବର୍ଣ୍ଣଂ ନମଃ ନଭୟେ। (ନଭେଇ)
ଓଁ ଉକାର ରଜୋଗୁଣଂ ରକ୍ତବର୍ଣ୍ଣଂ ନମଃ ହୃଦୟେ
ଓଁ ମକାର ତମୋଗୁଣଂ କୃଷ୍ଣବର୍ଣ୍ଣଂ ନମଃ ମୂର୍ଦ୍ଧନି।

ଦାରୁବ୍ରହ୍ମ ମହାପ୍ରଭୁ ଜଗନ୍ନାଥ ସହସ୍ରଶୀର୍ଷା ଅନନ୍ତ ନୀଳବାସସମ୍ ଭାବରେ ଖ୍ୟାତଥିବା ବାଲ୍ମୀକି ରାମାୟଣର କିଷ୍କିନ୍ଧା କାଣ୍ଡରେ ବର୍ଣ୍ଣନା କରାଯାଇଛି। ଉତ୍ତରାଖଣ୍ଡରେ ବିଭୀଷଣଙ୍କୁ ପ୍ରଭୁ ଶ୍ରୀରାମ ଜଗନ୍ନାଥ ଆରାଧନା କରିବାକୁ ନିର୍ଦ୍ଦେଶ ଦେଇ କହିଥିଲେ, "କିଂ ଚାନ୍ୟତ ବାକ୍ତୁମିଚ୍ଛାମି ରାକ୍ଷସେନ୍ଦ୍ର ମହବଳହ୍/ଆରାଧୟ ଜଗନ୍ନାଥ ମିକ୍ଷାକୁ କୁଳଦୈବତମ।" ରାମାୟଣ ଯୁଗରଉପାସନାରେ ଚତୁର୍ଦ୍ଧା ମୂର୍ତ୍ତି ପୂଜା ସହିତ ପରବର୍ତ୍ତୀ ମହାଭାରତ କାଳରେ ଏ ଉପାସନାର ଧାରା ଅବ୍ୟାହତ ରହିଥିଲା। ଏହି ସମୟରେ ସମଗ୍ର ଭାରତ ବର୍ଷରେ ସର୍ବୋଚ୍ଚ ଆଧ୍ୟାତ୍ମିକ ପୀଠର ମାନ୍ୟତା ଲାଭ କରିଥିଲା ଶ୍ରୀକ୍ଷେତ୍ର ପୁରୀ ପୀଠ। ମହାଭାରତର ଶାନ୍ତି ପର୍ବରେ ବର୍ଣ୍ଣିତ ଅଛି, "ଏଷ*(ଶୋ) ଧର୍ମ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାତ୍ ନୃପଃ/ଏବାମେଷ ମହାଧର୍ମଃ ସତେ ପୂର୍ବେ ନୃପୋତ୍ତମଃ।" ତେଣୁ ବିବର୍ତ୍ତନ ଧାରାରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଓ ଉପାସନା ଭାରତୀୟ ଧର୍ମ ଓ ସଂସ୍କୃତି ସହ ଜଡ଼ିତ ହୋଇ ନୂତନ ଅଭିନବ ସଂସ୍କୃତି ରୂପେ ପ୍ରତିଭାତ ହୋଇଛି। ଜଗନ୍ନାଥଙ୍କୁ ନାରାୟଣ ରୂପରେ ଏବଂ ଜଗନ୍ନାଥ ଧର୍ମକୁ ମହାଧର୍ମ ଭାବରେ ଗ୍ରହଣ କରାଯାଇ ଶ୍ରେଷ୍ଠ ଆଧ୍ୟାତ୍ମିକ ଶାସ୍ତ୍ର ଶ୍ରୀମଦ୍ ଭଗବତ ଗୀତାରେ ଜଗନ୍ନାଥଙ୍କୁ କ୍ଷର ପୁରୁଷଠାରୁ ଭିନ୍ନ ଏବଂ ଅକ୍ଷର ପୁରୁଷଠାରୁ ଶ୍ରେଷ୍ଠ ରୂପେ ବିବେଚିତ କରାଯାଇଥିଲା।

ପରବର୍ତ୍ତୀ ସମୟରେ ଜୈନତନ୍ତ୍ର ଓ ବୌଦ୍ଧ ତନ୍ତ୍ରର ଉନ୍ମେଷ ଫଳରେ ଶ୍ରୀଜଗନ୍ନାଥଙ୍କୁ 'ଜିନ୍' ସ୍ୱରୁପରେ ଉପାସନା କଲେ ଜୈନତନ୍ତ୍ରାଚାର୍ଯ୍ୟ ମାନେ। ବୌଦ୍ଧ ସାଧକଗଣ ସୁଦ୍ଧା ମହାପ୍ରଭୁଙ୍କୁ ଶ୍ରେଷ୍ଠ ଆରାଧ୍ୟ ରୂପେ ବିବେଚନା କରି ବୌଦ୍ଧ ଦେବତା ଭାବରେ ଚିତ୍ରଣ କରିଗଲେ। ତେଣୁ ନିର୍ବିବାଦରେ କୁହାଯାଇପାରେ ଦ୍ରାବିଡ ଦେବତା ସମୟ କ୍ରମରେ ଆର୍ଯ୍ୟ, ଜୈନ ଓ ବୌଦ୍ଧ ଦେବତାର ସ୍ୱରୂପ ନେଇଥିଲେ। ଜୈନ ଏବଂ ବୌଦ୍ଧ ଦର୍ଶନ ଆର୍ଯ୍ୟ

ISSN NO.
2582-208X

ଧର୍ମଧାରାରୁ ଜନ୍ମିତ ନିରୀଶ୍ୱର ମତବାଦ ହୋଇଥିଲେ ସୁଦ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଭିତରେ ସମାହିତ କରି ବିଶ୍ୱବ୍ୟାପୀ କରିବାରେ ସମର୍ଥ ହୋଇଥିଲେ। ଏହି ସମୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ରୂପେ ଗଢି ଉଠିଥିବା ବ୍ରହ୍ମଦେଶର ପ୍ରୋମନଗରୀ ଇତିହାସର ସମ୍ପୃକ୍ତ। ଦରିଆପାରି ଦେଶମାନଙ୍କରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଏହି ସମୟରୁ ସମ୍ଭବ ହୋଇଥିଲା। କାଳଚକ୍ରର ଗତି ସହ ଶ୍ରୀଜଗନ୍ନାଥଙ୍କ ଅପରୂପ ପ୍ରତିମା ଓଡ଼ିଶାର ଜନଜୀବନ ସହ ଏମିତି ସଂଯୁକ୍ତ ହୋଇ ରହିଛି ଯେ ତାଙ୍କ ବିନା ଏ ଜାତିର ଯାତ୍ରା ସ୍ଥିତି ପ୍ରଗତି ଓ ପରିକଳ୍ପନା ଅସମ୍ଭବ।

ବୈଦିକ ଯୁଗରୁ ଏହି ବିବର୍ତ୍ତନର ଧାରା ପୁରାଣ, ଇତିହାସ, କିମ୍ବଦନ୍ତୀ ଓ ଲୋକକଥା ଦେଇ ବର୍ତ୍ତମାନରେ ଉପନୀତ। ଅଚିନ୍ତ୍ୟନୀୟ ମୂର୍ତ୍ତି ଗଠନର ରହସ୍ୟ ଭେଦ କରିବାକୁ ହଜାର ହଜାର ବର୍ଷ ବ୍ୟାପୀ ଅନେକ ପ୍ରୟାସ କରାଯାଇଥିଲେ ସୁଦ୍ଧା ନିର୍ଦ୍ଦିଷ୍ଟ ଭାବରେ ଗୋଟାଏ ଦର୍ଶନ ସ୍ଥାପିତ ହେବା ସମ୍ଭବ ହୋଇପାରିନାହିଁ। ଚତୁର୍ଦ୍ଧା ମୂର୍ତ୍ତି ରହସ୍ୟକୁ ଲୋକଲୋଚନକୁ ଆଣିବା ନିମନ୍ତେ ମହାକବି ବ୍ୟାସ, ନାରଦ, ବଶିଷ୍ଠ, ମାର୍କଣ୍ଡେୟ, ଶ୍ରୀଶଙ୍କର ପ୍ରମୁଖ ମୁନିଋଷି ଆଚାର୍ଯ୍ୟଗଣ ନାନାଦି ପୁରାଣ ଓ ସ୍ମୃତିଶାସ୍ତ୍ର ଜରିଆରେ ନିଜର ଗବେଷଣା ଓ ଚିନ୍ତନକୁ ପ୍ରକାଶ କରିଥିବା ସତ୍ତ୍ୱେ ମହାବାହୁ ଏବେ ସୁଦ୍ଧା ରହସ୍ୟମୟ। ସେଥିପାଇଁ ଯଥାର୍ଥରେ କୁହାଯାଏ –

ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବା ନ ଜାନନ୍ତି କୁତଃ ମନୁଷ୍ୟଃ।

ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କ ପୌରାଣିକ ଦର୍ଶନର ବିସ୍ତୃତ ବର୍ଣ୍ଣନା ସ୍କନ୍ଦପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, କପିଳ ସଂହିତା, ନୀଳାଦ୍ରି ମହୋଦୟ ଓ ନାରଦ ପୁରାଣରେ ଦେଖିବାକୁ ମିଳେ। ଓଡ଼ିଆ ପୁରାଣ ସାହିତ୍ୟରେ ସୁଦ୍ଧା ଅନେକ ସ୍ଥାନରେ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱର ବିଶଦ ବିବରଣୀ ଉଲ୍ଲେଖ ରହିଛି। ସ୍କନ୍ଦ ପୁରାଣ ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ଅନ୍ୟ

ISSN NO.
2582-208X

ରୂପ ନୀଳମାଧବ। ନୀଳମାଧବ ବିଗ୍ରହ ଭିତରେ ବର୍ତ୍ତମାନର ମୁଖ୍ୟ ତିନି ବିଗ୍ରହ, ନୀଳ-ଶ୍ରୀଜଗନ୍ନାଥ, ମା-ସୁଭଦ୍ରା, ଧବ-ଧବଳ ବର୍ଣ୍ଣ ବିଶିଷ୍ଟ ବଳଭଦ୍ର ବୋଲି ବିବେଚନା କଲାବେଳେ ସାଧାରଣ ଭକ୍ତଟିଏ ନୀଳମଣି ବା କଳା ମୁଗୁନି ନିର୍ମିତ ନୀଳମାଧବ ରୂପେ ଗ୍ରହଣ କରିଥାନ୍ତି।

କଣ୍ଟିଲୋରେ ପୂଜିତ ନୀଳମାଧବ ମୂର୍ତ୍ତି ଶ୍ରୀଜଗନ୍ନାଥଙ୍କ ଆଦ୍ୟ ରୂପ ଏବଂ ପରବର୍ତ୍ତୀ କାଳରେ ଚତୁର୍ଦ୍ଧା ମୂର୍ତ୍ତି ରୂପେ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ବୋଲି କେତେକ ମତ ବ୍ୟକ୍ତ କରନ୍ତି ସତ, ମାତ୍ର ଏ ମତଟି ଏ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ପାରିନାହିଁ। କାରଣ ଅଷ୍ଟମ ଶତାବ୍ଦୀରେ ନିର୍ମିତ କଣ୍ଟିଲୋ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠିତ ହେବାର ବହୁ ପୂର୍ବରୁ ଚତୁର୍ଥ ଶତାବ୍ଦୀ ବେଳକୁ ପୁରୀ ସମୁଦ୍ର କୂଳରେ ଥିବା ପୁରୁଷ ମଣ୍ଡପରେ ପୁରୁଷପୁର ଗ୍ରାମର ବ୍ରାହ୍ମଣମାନେ ପୁରୁଷୋତ୍ତମଙ୍କର ଉପାସନା କରୁଥିବା, ବହୁ ତୀର୍ଥଯାତ୍ରୀ ଉପହାର ଉପଢୌକନ ପ୍ରଦାନ କରିବା ଏବଂ ସମୃଦ୍ଧ ଦେବଭଣ୍ଡାର ଲୁଣ୍ଠନ ନିମନ୍ତେ ବିଦ୍ୱେଷୀ ରକ୍ତବାହୁ ଇତ୍ୟାଦିଙ୍କର ଆକ୍ରମଣ ପ୍ରସଙ୍ଗ ବର୍ଣ୍ଣିତ ଅଛି ମାଦଳା ପାଞ୍ଜିରେ।

ପୁରୁଷୋତ୍ତମ ମାହାତ୍ମ୍ୟ ସମ୍ପର୍କିତ ବର୍ଣ୍ଣନା ଅନୁଯାୟୀ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ କଳ୍ପବୃକ୍ଷ ନାମକ ଶୁଭଫଳ ପ୍ରଦାନକାରୀ ବଟବୃକ୍ଷର ପଶ୍ଚିମରେ ଥିଲା ରୋହିଣୀ କୁଣ୍ଡ। ଜଙ୍ଗଲ ମଧ୍ୟରେ ନୀଳଗିରିରେ ପ୍ରତିଷ୍ଠିତ ବିଷ୍ଣୁଙ୍କ ସ୍ୱରୂପ ନୀଳମାଧବ ପ୍ରତିମାଙ୍କୁ ଶବର ବିଶ୍ୱାବସୁ ପୂଜାର୍ଚ୍ଚନା କରୁଥିବା ବେଳେ ବିଷ୍ଣୁଙ୍କର ପରମ ଭକ୍ତ ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସଂକ୍ରାନ୍ତରେ ଜାଣିବା ନିମନ୍ତେ ଓ ଏହାର ସତ୍ୟାସତ୍ୟ ଉପଲବ୍ଧି କରିବା ପାଇଁ ବିଦ୍ୟାପତି ନାମକ ବ୍ରାହ୍ମଣକୁ ଉତ୍କଳ ପଠାଇଥିଲେ। ବିଦ୍ୟାପତି ଉତ୍କଳରେ ପହଞ୍ଚି ଶବର ବିଶ୍ୱାବସୁ ସହିତ ବନ୍ଧୁତା କରି ନୀଳମାଧବଙ୍କୁ ଦର୍ଶନ କରିବାରେ ସମର୍ଥ ହୋଇ ପାରିଥିଲେ। ବିଦ୍ୟାପତିଙ୍କ ନିକଟରୁ ନୀଳମାଧବଙ୍କ ବିଷୟରେ ଜାଣିବା ପରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ନାରଦ ଓ ବିରାଟ ସେନା ବାହିନୀ ସହିତ ଉତ୍କଳରେ ପହଞ୍ଚିଥିଲେ ନୀଳମାଧବଙ୍କ ଦର୍ଶନ ପାଇଁ। ମାତ୍ର ନୀଳମାଧବ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ରାଜା

ISSN NO.
2582-208X

ଇନ୍ଦ୍ରଦ୍ୟୁମ୍ନ ଉତ୍କଳ ପହଂଚିବା ପୂର୍ବରୁ। ନାରଦଙ୍କ ଉପଦେଶ ଅନୁସାରେ ମହାରାଜା ଏକ ହଜାର ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ କରାଇଥିଲେ ଏବଂ ଯଜ୍ଞ ଶେଷ ହେବା ରାତ୍ରୀରେ ସ୍ୱପ୍ନାଦେଶ ହେଲା-ଏକ ଚତୁଃ ଶାଖା ବିଶିଷ୍ଟ ମହାଦାରୁ ସମୁଦ୍ରରେ ଭାସି ଆସିବ ଓ ଏହାକୁ ଉଦ୍ଧାର କରି ମୂର୍ତ୍ତି ଗଠନ କରିବାକୁ ହେବ। ତଦନୁଯାୟୀ ଆରମ୍ଭ ହେଲା ମୂର୍ତ୍ତି ନିର୍ମାଣ। ସ୍ୱୟଂ ନୀଳମାଧବ ବୃଦ୍ଧ ବର୍ଦ୍ଧକୀ ରୂପରେ ଆସିଥିବା ଶିଳ୍ପୀ ଏକୋଇଶ ଦିନ ମଧ୍ୟରେ ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ଆବଦ୍ଧ ପ୍ରକୋଷ୍ଠରେ ସମାପ୍ତ କରିବା ସ୍ଥିର ହେଲା। ମାତ୍ର ମହାବେଦୀରେ, ବର୍ତ୍ତମାନର ଗୁଣ୍ଡିଚା ମନ୍ଦିରର ସିଂହାସନସ୍ଥ ପ୍ରକୋଷ୍ଠରେ ମୂର୍ତ୍ତି ନିର୍ମାଣ ଆରମ୍ଭର ପଞ୍ଚଦଶ ଦିବସରେ ପ୍ରକୋଷ୍ଠ ଦ୍ୱାର ଖୋଲିଦେବାରୁ ଦେଖାଗଲା ଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଏବଂ ସୁଦର୍ଶନଙ୍କର ଅସମ୍ପୂର୍ଣ୍ଣ ବିଗ୍ରହ ବିରାଜମାନ। ଦୈବବାଣୀ ଅନୁସାରେ ମନ୍ଦିର ନିର୍ମାଣ କରି ନାରଦଙ୍କ ଉପଦେଶ ଅନୁସାରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରିବା ନିମନ୍ତେ ବ୍ରହ୍ମଲୋକ ଯାତ୍ରା କରିଥିଲେ ମହାରାଜ ଇନ୍ଦ୍ରଦ୍ୟୁମ୍ନ। ମାତ୍ର ସେ ଫେରିବା ବେଳକୁ ଅନେକ ସମୟ ବିତି ଯାଇଥିବାରୁ ଉତ୍କଳର ଜନୈକ ରାଜା ଗାଲମାଧବ ମନ୍ଦିର ଉପରେ ନିଜର ଅଧିକାର ସାବ୍ୟସ୍ତ କରି ସାରିଥିଲେ। ଇନ୍ଦ୍ରଦ୍ୟୁମ୍ନଙ୍କ ଅଧିକାର ସମ୍ପର୍କିତ ପ୍ରମାଣ ପାଇବା ପରେ ଗାଲମାଧବ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠାରେ ସହାୟତା କରିଥିବାର ଜଣାଯାଏ। ବ୍ରହ୍ମ ପୁରାଣ ଓ ନାରଦ ପୁରାଣରେ ମୂର୍ତ୍ତି ନିର୍ମାଣ ଓ ମନ୍ଦିର ପ୍ରତିଷ୍ଠାର ଅନୁରୂପ ବିବରଣୀ ଥିଲେ ସୁଦ୍ଧା ବିଶ୍ୱାବସୁ, ବିଦ୍ୟାପତି, ନାରଦ ଓ ବ୍ରହ୍ମାଙ୍କ ବିଷୟରେ କିଛି କୁହାଯାଇ ନାହିଁ। ମାତ୍ର ଏହା ସତ୍ୟ ଯେ, ଚତୁର୍ଦ୍ଧା ମୂର୍ତ୍ତି ଉପାସନା ଆରମ୍ଭର କେନ୍ଦ୍ରରେ ଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ। କିନ୍ତୁ ପୁରାଣ ଇତିହାସ ଓ କିମ୍ବାଦନ୍ତୀରେ ବର୍ଣ୍ଣିତ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଯେ ଜଣେ, ଏହାକୁ ସ୍ୱୀକାର ନକରି କାଳାନ୍ତରରେ ଏକାଧିକ ଇନ୍ଦ୍ରଦ୍ୟୁମ୍ନଙ୍କର ଆବିର୍ଭାବ ଓ ଭୂମିକା ରହିଥିବା ବିଶ୍ୱାସ କରାଯାଏ।

ସମସ୍ତ ପୁରାଣମାନଙ୍କରେ ଶ୍ରୀ ଜଗନ୍ନାଥଙ୍କ ଆବିର୍ଭାବ ପ୍ରତିଷ୍ଠା ସହିତ ଯୋଡି ହୋଇଥିବା ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ସମାନ ଥିଲେ ସୁଦ୍ଧା ବିଗ୍ରହଙ୍କ ସ୍ୱରୂପରେ ସାମାନ୍ୟ ଭିନ୍ନତା ପରିଦୃଷ୍ଟ ହୁଏ। ସ୍କନ୍ଦ ପୁରାଣ ବ୍ୟତୀତ ବ୍ରହ୍ମ ପୁରାଣ, ନାରଦ ପୁରାଣ ଓ ସଂସ୍କୃତ ପୁରାଣ ମାନଙ୍କରେ

ISSN NO.
2582-208X

ଚାରୋଟି ମୂର୍ତ୍ତି ପରିବର୍ତ୍ତେ ତିନୋଟି ମୂର୍ତ୍ତି ନିର୍ମିତ ହେବା କଥା ଉଲ୍ଲେଖ ରହିଛି। ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ଚତୁର୍ଭୁଜ ରୂପେ ଶଙ୍ଖ ଚକ୍ର ଗଦା ପଦ୍ମ ଧାରଣ କରିଥିବା ସ୍କନ୍ଦ ପୁରାଣରେ ବର୍ଣ୍ଣନା ଥିବା ବେଳେ ବ୍ରହ୍ମ ପୁରାଣରେ ଦୁଇ ହସ୍ତ ବିଶିଷ୍ଟ ବିଗ୍ରହର ବର୍ଣ୍ଣନା ରହିଛି। କୋଣାର୍କରେ ଖୋଦିତ ମୂର୍ତ୍ତି ଦ୍ୱିଭୁଜ ବିଶିଷ୍ଟ ଯାହା ବର୍ତ୍ତମାନର ବିଗ୍ରହ ସହିତ ସାଦୃଶ୍ୟ ରହିଥିବାର ଦେଖାଯାଏ। ସାରଳା ଦାସଙ୍କ ବର୍ଣ୍ଣନାରେ ତଥା ସଂସ୍କୃତ ପୁରାଣମାନଙ୍କରେ ବିଷୟବସ୍ତୁ ଅତିରିକ୍ତ ଶବରୀ ନାରାୟଣରେ ପୂଜା,ବିରାଟ ବଂଶୀ ରାଜା ମଧୁ କେଶରଙ୍କ ପୁତ୍ର ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିଳଗିରିରେ ସ୍ଥାପନ,କୃଷ୍ଣଙ୍କ ଆପୋଡ଼ା ପିଣ୍ଡ ଦାରୁ ରୂପେ ରୋହିଣୀ କୁଣ୍ଡରେ ଆବିର୍ଭୂତ ହେବା ପ୍ରସଙ୍ଗ ପରବର୍ତ୍ତୀ ସମୟରେ ଦେଉଳତୋଳା ଗ୍ରନ୍ଥରେ ସାମାନ୍ୟ ଭିନ୍ନ ରୂପେ ପ୍ରକାଶ ପାଇଛି। ପ୍ରେମଭକ୍ତି ଗୀତରେ ପଞ୍ଚସଖା କବିଙ୍କ ମଧ୍ୟରୁ ଯଶୋବନ୍ତ ଦାସ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ତତ୍ୱକୁ ଆଧ୍ୟାତ୍ମିକ ଭାବ ପ୍ରଦାନ କରି କହିଛନ୍ତି ତ୍ରି-ମୂର୍ତ୍ତି ହେଉଛି ଓଁକାରରୂପୀ। ମୂଳ ପ୍ରସଙ୍ଗରେ ସାମାନ୍ୟ ଭିନ୍ନତା ପରିଲକ୍ଷିତ ହେଲେ ମଧ୍ୟ ମୂର୍ତ୍ତି ତତ୍ୱ ଓ ନିର୍ମାଣରେ ସାମ୍ୟ ପ୍ରାୟ ସବୁଠି ପରିଲକ୍ଷିତ ହୁଏ।

ବିଗ୍ରହଙ୍କ ବିବିଧ ରଙ୍ଗ ଓ ଚିହ୍ନର ସ୍ୱତନ୍ତ୍ରତା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଭିନ୍ନ ରୂପେ ପ୍ରଦର୍ଶିତ କରେ ଅନ୍ୟ ଅନେକ ଆଧ୍ୟାତ୍ମିକ ଚିନ୍ତନଠାରୁ। ପ୍ରକୃତି ଓ ଶକ୍ତିର ପ୍ରତୀକ ଦେବୀ ସୁଭଦ୍ରାଙ୍କ ରଙ୍ଗ ହଳଦିଆ। ପ୍ରକୃତି ହିଁ ସମସ୍ତ ଜୀବ ଜଗତ ଓ ରୂପର ଆଧାର, ଯାହାଦ୍ୱାରା ସମସ୍ତ ରଙ୍ଗ ରୂପର ଉନ୍ମେଷ ଓ ବିକାଶ ସମ୍ଭବ। ମାତ୍ର ତାର ମୁଖ୍ୟ ସ୍ରୋତ ହଳଦିଆ ରଙ୍ଗ। ଶୁଦ୍ଧ ଆତ୍ମା ସ୍ୱଚ୍ଛତାର ପ୍ରତୀକ ଧଳା,ଯାହା ଭଗବାନ ବଳଭଦ୍ରଙ୍କର ରଙ୍ଗ। କୃଷ୍ଣ ବର୍ଣ୍ଣ ଏକ ରଙ୍ଗ ନୁହେଁ, ସଂସାରର ସମସ୍ତ ରଙ୍ଗ ଏଥିରେ ସମାହିତ, ଯାହା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବର୍ଣ୍ଣ। ତାଙ୍କ ଅବର୍ଣ୍ଣନୀୟ ରୂପକାନ୍ତି ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ପ୍ରତୀକ। ସମ୍ପ୍ରତି ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ ଓ ମାଧବ ସାତ ବିଗ୍ରହ ପ୍ରତିଷ୍ଠିତ ଓ ପୂଜିତ। ଚତୁର୍ଦ୍ଧା ମୂର୍ତ୍ତି ପ୍ରତିଷ୍ଠାରୁ ସପ୍ତମୂର୍ତ୍ତି ପ୍ରତିଷ୍ଠା ପଶ୍ଚାତରେ ଥିବା ବଳିଷ୍ଠ ପ୍ରମାଣ ଉପଲବ୍ଧ ନଥିଲେ ସୁଦ୍ଧା ବିଚାର କରାଯାଏ ଶ୍ରୀ ମନ୍ଦିର ରୀତିନୀତିରେ ଅନେକ ପରିବର୍ତ୍ତନ ଘଟିଛି ସମଗ୍ର ବିଶ୍ୱର ବିଭିନ୍ନ ଅଞ୍ଚଳରୁ ବହୁ ଧର୍ମ

ISSN NO.
2582-208X

ଯାଜକଙ୍କର ଶ୍ରୀକ୍ଷେତ୍ରକୁ ଆଗମନ ଦ୍ୱାରା। ନିଜ ନିଜ ଇଷ୍ଟ ଦେବଙ୍କୁ ପ୍ରତ୍ୟକ୍ଷ କରିବା ସହିତ ସେହି ଧର୍ମଭାବନାକୁ ଯୋଡି ହେବା ନିମନ୍ତେ ଚତୁର୍ଦ୍ଧାମୂର୍ତ୍ତି ସପ୍ତମୂର୍ତ୍ତି ରୂପେ ବିରାଜମାନ। କାଳାନ୍ତରରେ ପୂଜିତ ଶ୍ରୀକୃଷ୍ଣଙ୍କ ଅବତାର ନୀଳମାଧବ ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିରାଜମାନ କରିଥିବା ଶ୍ରୀପୁରୁଷୋତ୍ତମଙ୍କ ଏକକ ମୂର୍ତ୍ତି, ତିନୋଟି ବିଗ୍ରହ, ଚତୁର୍ଦ୍ଧା ମୂର୍ତ୍ତି ଓ ସପ୍ତମୂର୍ତ୍ତି ବୈଷ୍ଣବ କ୍ଷେତ୍ର ଶ୍ରୀକ୍ଷେତ୍ରର ଶୋଭା ସମ୍ପତ୍ତି ଏବଂ ସନାତନ ଧର୍ମର ଆତ୍ମା।

ଦାରୁଦେବତା ଶ୍ରୀ ପୁରୁଷୋତ୍ତମଙ୍କୁ କେହି ନିର୍ମାଣ କରି ନାହାନ୍ତି। ସେ ସ୍ୱୟଂଭୁ, ନିଜ ମହିମା ବଳରେ ସେ ଆବିର୍ଭୂତ ହୋଇଛନ୍ତି। ଧର୍ମ ଅର୍ଥ କାମ ମୋକ୍ଷ ଏ ଚତୁର୍ବର୍ଗକୁ ପ୍ରଦାନ କରିଥାନ୍ତି ମହାବାହୁ। ସେ ଚାରି ବେଦର ପ୍ରତୀକ। ଭଗବାନ ଭଲଭଦ୍ର ହଳଧାରୀ ଋକବେଦର ପ୍ରତୀକ, ଶ୍ରୀ ଜଗନ୍ନାଥ ନୃକେଶରୀ ସାମବେଦର ସ୍ୱରୂପ, ମାତା ସୁଭଦ୍ରା ଯଜୁର୍ବେଦର ନିଦର୍ଶନ ଓ ଅଥର୍ବ ବେଦର ସ୍ୱରୂପ ହେଉଛନ୍ତି ଶ୍ରୀ ସୁଦର୍ଶନ। ପ୍ରତିଟି ଦୃଷ୍ଟିକୋଣରୁ ସେ ପରିପୂର୍ଣ୍ଣ ଓ ସମନ୍ୱିତ ବିଗ୍ରହ। କୌଣସି ବିଚାର ଚିନ୍ତନ ଓ ଦର୍ଶନ ଦ୍ୱାରା ତାଙ୍କର ଅନ୍ତର୍ନିହିତ ରହସ୍ୟ ସମ୍ପୂର୍ଣ୍ଣ ପ୍ରକାଶିତ ହୁଏନାହିଁ। ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟରୁ କୌଣସି ଗୋଟିଏ ବିଗ୍ରହଙ୍କୁ ଦର୍ଶନ କଲେ ସମସ୍ତ ବିଗ୍ରହ ଦର୍ଶନ ଜନିତ ଫଳ ପ୍ରାପ୍ତ ହୋଇଥାଏ। ଅପୂର୍ଣ୍ଣତା ଭିତରେ ପୂର୍ଣ୍ଣତା, ଭେଦ ମଧ୍ୟରେ ଅଭେଦ, ଅନେକତା ଭିତରେ ଏକତା, ବୈଷମ୍ୟ ଭିତରେ ସମତ୍ୱ ଏବଂ ସସୀମତାରେ ଅସୀମତାର ପ୍ରକାଶ ନିମନ୍ତେ ତାଙ୍କର ଆବିର୍ଭାବ। ଏହାହିଁ ତାଙ୍କର ରୂପକଳ୍ପନାର ସ୍ୱାତନ୍ତ୍ର୍ୟ ଯାହା ଅନ୍ୟ ବିଗ୍ରହଙ୍କଠାରୁ ଭିନ୍ନ ଓ ଅଲୌକିକ।

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X


# ଅଯଥା ଜଞ୍ଜାଳ



ନୀଳମାଧବ କର

ପଛରେ ଜୀବନ ନ ଥାଏ
ସେଠି ଖାଲି ଇତିହାସ ଥାଏ
ସମୟ ଗଡ଼ିଲେ, ଅଙ୍କ ବଦଳେ
ଅସ୍ପଷ୍ଟ ହୋଇଯାଏ ତାରିଖସବୁ
ଅତୀତର ଦୀପସବୁ ଲିଭିଯାଇଥାଏ
ସ୍ଥିର ନିଃଶ୍ୱାସ, ଶାନ୍ତ ଝଡ଼
ଥମିଯାଇଥିବା ଯୁଦ୍ଧ
କ୍ଳାନ୍ତ ପୃଥିବୀ
ନିଧଡ଼କ ଛାତି
ଧ୍ୱଂସ୍ତ ନଗରୀର ଆତ୍ମା
ପ୍ରେମିକାର ହସ
ବାହାବେଦୀ
ଝିଅବିଦା ପରର ଶୂନ୍ୟତା
ଅହିଅର ଶବ
ପାଉଁଶ

ISSN NO.
2582-208X

ସାଥିହରା
ଏକାନ୍ତିକ ଯାତ୍ରା ଏତେ ଦୂର
ସବୁ ଉପଲବ୍ଧି
ଆଶ୍ଚର୍ଯ୍ୟ
ଯାହା ବାକିଥାଏ
ପଞ୍ଜରା ହାଡ଼ ଆଉ ଚମ
ପରଳ ଆଖିରେ
ଚାଲିବାକୁ ଏକା ଏକା
ଧୁନ୍ଧଳିଆ ରାସ୍ତା
ସଂସାରର ବେଡ଼ି ଆଉ
ଅଯଥା ଜଞ୍ଜାଳ

***

ଓଲଭରହାମ୍ପଟନ, ୟୁକେ

ISSN NO.
2582-208X

# ଅଭିଳାଷ



ଡଃ ମାଙ୍ଗଳିକା ମହାପାତ୍ର

ଜାଣେ ଥିଲି ମୁଁ କେବେ ତୁମରି ଭାବନାରେ
ଆସିଗଲି ଦେଖ ଆଜି ତୁମ ଜୀବନରେ...
ଚାହିଁକି ବି କେବେ କରିପାରି ନ ଥିଲ ପ୍ରକାଶ
ତୁମ ଭଲପାଇବାର ନୀରବ ସେ ଅଭିଳାଷ..

ଆଜି ଏତେ ଦିନର ଅପେକ୍ଷାର ହେଲା ଯେ ଅନ୍ତ
ପାଇଲା ତୁମ ଆଶା ଓ ଆକାଂକ୍ଷା ନୂଆ ଦିଗନ୍ତ...
ସତରେ କ'ଣ କେବେ ଦୂରେଇ ପାରିବ...
ମୋ ଆକାଶର ଜହ୍ନ ହେଇ ସଦା ରହିବ...

ତୁମ ଜୋଛନା ମତେ ଶୀତଳ କରିବ...
ଉଆଁସ ରେ ଏ ଆଖି ତୁମକୁ ଖୋଜିବ...
ତୁମରି ସ୍ପର୍ଶରେ ଶରୀର ରୋମାଞ୍ଚିତ ହେବ
ପ୍ରତିଟି ନିଶବ୍ଦ ରାତ୍ରିରେ ତୁମକୁ ଖୋଜିବ

ସପନର କୋଠରୀକୁ ପାଦ ଚିପିଚିପି ଯେବେ ଆସିବ
ନୀରବ ପାଦଶବ୍ଦକୁ, ତୁମର ଧନ, ଶୁଣି ଯେ ପାରିବ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସମୟ



ଡ. ପ୍ରସନ୍ନ କୁମାର ବଳ

ବରଷକ ବାର ମାସ,
ମାସକ ତିରିଶ ଦିନ,
ଏକ ଦିନ ଚବିଶି ଘଣ୍ଟା,
ଏକ ଘଣ୍ଟା ଷାଠିଏ ମିନିଟ,
ଏକ ମିନିଟ ଷାଠିଏ ସେକେଣ୍ଡ,
ଇଏତ ସମୟର ମାନଦଣ୍ଡ ।୧।
ଏ ହିସାବ ନିକାଶ କରିପାରେ ଯିଏ,
ସମୟକୁ ଚିହ୍ନି କାମ କରିଥାଏ ସିଏ ।୨।
ସମୟ ଓ ଢେଉ ଅପେକ୍ଷା କରେନା କାହାକୁ,
ବିଗତ ସମୟ ପୁଣି ଫେରେନା ଧରାକୁ ।୩।
ସମୟ ହିଁ ଅର୍ଥ, ସମୟ ହିଁ ବଳବାନ,
ସମୟର ସଦୁପଯୋଗ କରିଥାଏ ନୀତିବାନ ।୪।
ଜୀବନ ଚକ୍ରର ପ୍ରତିଟି ସୋପାନ,
ସମୟ ଚକ୍ରରେ ପେଷି ହୁଏ ଜାଣ ।୫।
ଶୈଶବ, ଯୁବାବସ୍ଥା ଅବା ବୃଦ୍ଧାବସ୍ଥା,
ସମୟର ଖେଳ ଇଏ କରଇ ହୀନସ୍ତା ।୬।

ISSN NO.
2582-208X

କେତେ ଶୀଘ୍ର ଚାଲି ଯାଏ ଦିନ,
ଭାବି ଦେଲେ ମନ ମୋର ହୁଏ ଛନ ଛନ ।୭।
ସମୟ ମହାନ, ସମୟ ବଳବାନ, ସମୟ ହିଁ ସମ୍ବଳ,
ସମୟର ଆଗେ ଆମେ ସବୁ ତ ଦୁର୍ବଳ ।୮।
କାଲି ପରି ଲାଗେ ଜୀବନ ଆରମ୍ଭ,
ଶେଷ ହୋଇ ଗଲାସତେ ନାହିଁ ମୋର ଲୟ ।୯।
ଜୁଆର ଓ ଭଟ୍ଟା ଆସେ ସମୁଦ୍ର ଜଳରେ,
ଏହି ଖେଳ ହୋଇଥାଏ ସମୟ ବଳରେ ।୧୦।
ଅମୂଲ୍ୟ ଏ ସମୟ ସତେ କହିବା ବାହୁଲ୍ୟ,
ସଦୁପଯୋଗ କରି ସମୟର ନେବା ହି ତ ଶ୍ରେୟ ।୧୧।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୫- ଅବିସ୍ମରଣୀୟ ଘଟଣାମାନ

### କ-ସାଇକେଲରେ ଯାତ୍ରା

ଅସୀମଙ୍କ କଥାରେ ଉତ୍ସାହ ଭରିଥିଲା । ସେପଟକୁ ଲୋକଙ୍କ ବେଶି ଯାତାୟାତ ନାହିଁ । ତେଣୁ କୋରାଲ ବା ସମୁଦ୍ର ବା ଅନ୍ୟ ବଣ୍ୟପ୍ରାଣୀଙ୍କ ଉପରେ ମନୁଷ୍ୟର ପ୍ରଭବା କମ ଥିବ। ଅବଶ୍ୟ ନିକୋବରୀ ବା ଶୋମ୍ପେନମାନେ କେବକେବେ ସମୁଦ୍ର ଉପକୂଳରେ ବୁଲୁଥିବେ । କିନ୍ତୁ ସେମାନଙ୍କ ସଂଖ୍ୟା କମ । ବେଶି କିଛି ପ୍ରଭାବ ବିଚ ଉପରେ ପଡିନଥିବ ।

"ଏକ ଅଛୁଆଁ ଜାଗା ଦେଖିବ ।"- ଅସୀମ ଶୋଭନାଙ୍କୁ ଆଉଥରେ କହିଲେ ।

ଶୋଭନା ସେପଟକୁ ଯିବା କଥା କେତେଥର କହିଛନ୍ତି । କିନ୍ତୁ ଯିବାରେ ବହୁ ଅସୁବିଧା ଅଛି ବୋଲି କିଛି ଠିକ କରାଯାଇ ପାରିନଥିଲା । ଏମିତି ବି ଇଷ୍ଟ-ୱେଷ୍ଟ ରୋଡ ମଝିରୁ କଟି ଯାଇଥିଲା । କ୍ୟାମ୍ପବେଲ ବେରେ ଦୁଇଟା ରାସ୍ତା । ଗୋଟାଏ କ୍ୟାମ୍ପବେଲ ବେରୁ ଦ୍ୱୀପର ଦକ୍ଷିଣ କୂଳେକୂଳେ ୪୧ କିମି କ୍ୟାମ୍ପ ପର୍ଯ୍ୟନ୍ତ ଯାଇଛି । ତା'ପରେ ଗଲାଥିଆ ବ୍ରିଜ । ସେ ପର୍ଯ୍ୟନ୍ତ ରାସ୍ତା ଅଛି । ତେଣିକି ଆଗକୁ ରାସ୍ତା ପ୍ରାୟ ନାହିଁ । କେବେ ରାସ୍ତା ହୋଇଥିଲା, କିନ୍ତୁ ଏବେ କେମିତି ଅନେକ ଯାଗାରେ ଭାଙ୍ଗିଯାଇଛି । ଅନ୍ୟ ଆଉ ଏକ ରାସ୍ତା ଇଷ୍ଟ-ୱେଷ୍ଟ

ISSN NO.
2582-208X

ରୋଡ ଦ୍ୱୀପକୁ ମଝିରୁ କାଟି ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ତିଆରି କରାଯାଇଥିଲା । ସେଇଟା ଆଲେକଜାଣ୍ଡ୍ରିଆ ନଦୀ କୂଳ ପର୍ଯ୍ୟନ୍ତ ଲମ୍ବିଥିଲା । କିନ୍ତୁ ରାସ୍ତାରେ ଏକ ବଡ ଲ୍ୟାଣ୍ଡ ସ୍ଲାଇଡ ହୋଇଗଲା ଆଉ ତା'ପରେ ରୋଡ ବନ୍ଦ ହୋଇଯାଇଥିଲା । ସେ ରାସ୍ତାରେ ୧୬ କିମି ପର୍ଯ୍ୟନ୍ତ ସେଟଲରମାନଙ୍କ ବସତି ଥିଲା । ଏହି ରାସ୍ତାରେ ଏବେ ଶୋମ୍ପେନ ହଟ୍ ପର୍ଯ୍ୟନ୍ତ ଗାଡି ଯିବ । ତା'ପରେ କିଛି ଦୂର, ଆଉ ଆଗକୁ ଗାଡି ରାସ୍ତା ବନ୍ଦ ।

"ତାପର ଯାତ୍ରା ହେବ ସାଇକେଲରେ ।"-ଅସୀମ ଶୋଭନାଙ୍କୁ ପୁଣି କହିଲେ । ଶୋଭନା ଅସୀମଙ୍କୁ ହସିକରି ଅନାଇଲେ ।

"ସତରେ ସାକେଲରେ ଯିବ ନା କ'ଣ ?"

"ଶୂନ ଗାଡିରେ ଆମେ ଉଡିଯିବା ।"-ଅସୀମ କହି ପୁଣି ହସି ଉଠିଲେ ।

ସେପଟେ କେବେ ରାସ୍ତା ତିଆରି ହୋଇଥିଲା । ଆଉ ଏବେ ଅବ୍ୟବହୃତ ହେବାରୁ ରାସ୍ତା ଉପରକୁ ଗଛ ଲତା ଆସିଯାଇଥିବ, କେଉଁଠି କେଉଁଠି ରାସ୍ତା ବନ୍ଦ ହୋଇଯାଇଥିବ । ଏମିତିଆ ରାସ୍ତାରେ ଚାଲିକରି ଯାଇହେବ କିମ୍ବା ଅତି ବେଶିରେ ସାଇକେଲରେ ଯାଇହେବ । ସାଇକେଲ ଯାତ୍ରା ସୁବିଧା । ହାଲୁକା ବାହାନ । ଯେଉଁଠି ଦରକାର ସେଇଠି ସାଇକେଲକୁ ହାତରେ ଟେକି ନେଇହେବ । ସେଇ କାରଣରୁ ଅସୀମ ଦ୍ୱୀପରେ ସାଇକେଲ ପାଟ୍ରୋଲିଙ୍ଗର ବ୍ୟବସ୍ଥା କରିଥିଲେ । ଫଳରେ ସେମାନଙ୍କ ପାଟ୍ରୋଲିଙ୍ଗ ଦଳ ଲମ୍ବା ରାସ୍ତା ସହଜରେ ଅତିକ୍ରମ କରିପାରୁଥିଲେ । ସେ ମଧ୍ୟ ବେଳେବେଳେ ସାଇକେଲରେ ସମୁଦ୍ରକୂଳରେ ପାଟ୍ରୋଲିଙ୍ଗ କରୁଥିଲେ । ପଶ୍ଚିମ ଉପକୂଳକୁ ଏହି ଯାତ୍ରା ସେମିତି ସାଇକେଲରେ ହେବ । ସେପଟକୁ ଫରେଷ୍ଟର ଲୋକମାନେ ମୋଟେ ଯାଆନ୍ତି ନାହିଁ, କ୍ୟାମ୍ପ ମଧ୍ୟ କରାଯାଇନାହିଁ । ତେଣୁ ସେପଟକୁ ଯିବାର ଆବଶ୍ୟକତା ମଧ୍ୟ ଥିଲା ।

"ଲମ୍ବା ଯାତ୍ରା ହୋଇଯିବ ନି ତ ?"- ଶୋଭନା ନିଜର ଶଙ୍କା ପ୍ରକାଶ କରୁଥିଲେ ।

ISSN NO.
2582-208X

"ଆରେ ସାଇକେଲରେ ଏକ ଆଡଭେଞ୍ଚର ।"-ଅସୀମ ଶୋଭନାଙ୍କୁ ଉତ୍ସାହିତ କରୁଥିଲେ । ଶୋଭନାଙ୍କୁ ସାଇକେଲ ଦେଖାଗଲା । ଏକ ନୂଆ ଚକଚକିଆ ସାଇକେଲରେ ସେ ବସିଛନ୍ତି ଆଉ ତାଙ୍କ ବାଳ ଫଡଫଡ କରି ଉଡୁଛି । ସାଇକେଲର ସ୍ପୋକ ଗୁଡିକୁ ତେଲ ଦେଇ ସଫା କରିଦିଆଯାଇଛି । ହ୍ୱିଲରେ ରଙ୍ଗୀନ ବ୍ୟାଣ୍ଡ ଲଗାଯାଇଛି । ତାଙ୍କ ସାଇକେଲର ଘଣ୍ଟି କ୍ରୀଂ କ୍ରୀଂ କରୁଛି । ସାଇକେଲରେ ସେ ପେଡାଲ ପରେ ପେଡାଲ ମାରି ଚାଲୁଛନ୍ତି । ଆଉ ତାଙ୍କ ସାଇକେଲଟା ସାଇଁ କିନା ଗଡିଯାଉଛି । ସାଇକେଲରେ ଲମ୍ବା ଯାତ୍ରା କରିବା ଏକ ଭଲ ଆଡଭେଞ୍ଚର । ସବୁ ଜିନିଷକୁ ପାଖରେ ଦେଖିହେବ । ସାଇକେଲ ଏମିତିଆ କଠିନ ଯାତ୍ରାର ବାହାନ ହିସାବରେ ତିଆରି ହୋଇଛି ।

ଅସୀମ ଆଉ ଶୋଭନା ନିଜ ରାସ୍ତାରେ ବାହାରିଗଲେ । କିଛି ବାଟ ଗାଡିରେ ଯାତ୍ରା କରିବା ପରେ ସାଇକେଲ ଯାତ୍ରା ଆରମ୍ଭ ହୋଇଗଲା । କିନ୍ତୁ ଏକ ଅସୁବିଧା ଥିଲା ବେଶ ଲମ୍ବା ଲ୍ୟାଣ୍ଡ ସ୍ଲାଇଡିଙ୍ଗ ପଏଣ୍ଟ । ପାହାଡଟା ତଳକୁ ଧସି ଯାଇଥିଲା ଆଉ ମଝିରେ ପ୍ରାୟ ୨୦୦-୩୦୦ ମିଟରର ବଡ ଖାଇ ହୋଇଯାଇଥିଲା । ସେଇ ଖାଇ ଧାରରେ ଚାଲିକରି ଆରପଟକୁ ଯିବା କିଛି ସହଜ ନଥିଲା । ଖସିପଡୁଥିବା ମାଟିର ଧାରରେ ଏମିତି ଚାଲିକରି ଯିବାକୁ ମଧ୍ୟ ଡର ଲାଗେ । କିନ୍ତୁ ଅସୀମ ସାହାସ କରି ସେହି ଖାଇ ଧାରରେ ଚାଲିବାକୁ ଲାଗିଲେ। ତାଙ୍କ ଲୋକମାନେ ପ୍ରଥମେ ଟିକେ ଦୋଦୋପାଞ୍ଚ ହେଉଥିଲେ କିନ୍ତୁ ପରେ ସମସ୍ତେ ସାହାସ ବାନ୍ଧି ସେହି ଖାଇକୁ ପାର ହୋଇଗଲେ । ଏବେ ସାଇକେଲ ସେମାନଙ୍କ ହାତରେ ଆଉ ଆଗକୁ ରାସ୍ତା ଜଙ୍ଗଲ ଭିତରେ ଗଡିଯାଇଛି ।

ଶୋଭନା ଅସୀମଙ୍କୁ ଚାହିଁଲେ । ଅସୀମ ସତରେ କ'ଣ ଏକ ରିଅଲ ଆଡଭେଞ୍ଚର କରିବାକୁ ଆସିଛନ୍ତି ? ସେ ଜଙ୍ଗଲକୁ ଅନାଇଲେ । ବେଶ ଘଞ୍ଚ ଜଙ୍ଗଲ । ଏ ଭିତରେ ମଣିଷ ଆଉ ଏକ ଉପକୂଳ ପର୍ଯ୍ୟନ୍ତ ଯିବ । ସାଙ୍ଗରେ କିଛି ଷ୍ଟାଫ ଅଛନ୍ତି । ତେଣୁ ବେଶି ଡର ଲାଗିବ ନାହିଁ । ଗ୍ରେଟ ନିକୋବର ଦ୍ୱୀପର ଜଙ୍ଗଲର ଶୋମ୍ପେନମାନେ ମଧ୍ୟ ଜାରୱାଙ୍କ ଭଳି ହିଂସ୍ର ନୁହଁନ୍ତି । ସାଥିରେ ମନର ମଣିଷ ଥିଲେ କେଉଁ ଅପନ୍ତରାକୁ ଯାଇହୁଏ ଆଉ ମନର ମଣିଷ ନଥିଲେ ଏକ ସହର ବି ଅପନ୍ତରା ଲାଗେ । ମଣିଷ ମନଟା

ISSN NO.
2582-208X

ଅଦ୍ଭୁତ । ସେ ଘଞ୍ଚ ଜଙ୍ଗଲ ଭିତରେ ଗଛ ପତ୍ରକୁ ଦେଖି ଖୁସି ହେଉଥିଲେ । କେତେ ଢଙ୍ଗରେ ଗଛ ଲତା ବଢିଛି । ଗଛର ଅତି ବିଶାଳ ମହାନଗର । ସବୁ ପ୍ରକାର ଗଛ, ସବୁ ଭଳିଆ ବଞ୍ଚୁଛନ୍ତି । କିଏ ମାଟିରେ ଘୁଷୁରୁଛି ତ କିଏ କାହାକୁ ଜାବୁଡି ଧରି ମୁଣ୍ଡ ଟେକିଛି, କେଉଁ ଗଛ ବିରାଟ ଆକାର ନେଇ ଆକାଶକୁ ଛୁଇଁଛି ତ କିଏ ମଝିରେ ଅଟକି ମୁଣ୍ଡ କାଢିବାକୁ ବାଟ ଖୋଜୁଛି, ଆଉ କିଏ ସବା ତଳେ ନିଜକୁ ଛତା ଭଳି ଖେଳାଇଦେଇ ବେଙ୍ଗ ରାଜାର ଘର ହୋଇଯାଇଛି । ଜଙ୍ଗଲରୁ କେତେ କଥା ଯେ ଭାବିହୁଏ । ତାଙ୍କୁ ଜଙ୍ଗଲଟା ଏକ ଯାଦୁର ସହର ଭଳି ଲାଗୁଥିଲା ।

ଶୋଭନାଙ୍କ ପାଇଁ ଅଲଗା ଏକ ସାଇକେଲର ବନ୍ଦୋବସ୍ତ ନଥିଲା । ଶୋଭନା ଅସୀମଙ୍କ ସହ ସାଇକେଲରେ ପଛରେ ବସିକରି ଯିବେ । ବାସ୍, ଶୋଭନାଙ୍କୁ ଲାଗିଲା ଏକ ମହାନ ଯାତ୍ରାର ଆରମ୍ଭ ହେବ । ଅସୀମ ତାଙ୍କୁ ଏକ ବିରାଟ ଗାଡିରେ ବସାଇ ଏକ ନୂଆ ଦେଶ ବୁଲାଇବାକୁ ନେଉନାହାନ୍ତି କି ଉଡାଜାହାଜରେ ବସାଇ ଏକ ନୂଆ ମହାଦେଶକୁ ନେଉନାହାନ୍ତି । ବୁଲାଇ ନେଉଛନ୍ତି ଏକ ନୂଆ ଉପକୂଳକୁ ଏକ ନୂଆ ସାଇକେଲରେ । ଦୁଇଟା ଗୋଲ ଗୋଲ ସରୁଆ ଚକାଥିବା ଏକ ସାଧାରଣ ସାଇକେଲ ଆଉ ସେଇଟା ସେମାନଙ୍କ ପାଇଁ ଏକ ଅତି ମୂଲ୍ୟବାନ ଗାଡି ହୋଇଗଲା । ଶୋଭନା ସାଇକେଲକୁ ଅନାଇଲେ । ତାଙ୍କର ଭାବିଥିବା ଭଳି ଚକଚକିଆ ସାଇକେଲ । ସେଇଟା ତାଙ୍କର ମନପବନ ଘୋଡା । ଆରପଟେ କୁଆଡେ ସୁମୁଦ୍ର ବେଶି ନୀଳ ଦିଶେ । ଆଉ ସୂର୍ଯ୍ୟ କୁଆଡେ ଆକାଶରୁ ସମୁଦ୍ରକୁ ସିଧା ଲମ୍ଫ ଦେଇ ଶୋଇବାକୁ ଚାଲିଯାଏ । ପଶ୍ଚିମ ଉପକୂଳରେ ସୂର୍ଯ୍ୟାସ୍ତ ସବୁଠାରୁ ମନୋରମ ବୋଲି ସମସ୍ତେ କୁହନ୍ତି । ପାଖରେ ଆଲେକଜାଣ୍ଡ୍ରିଆ ନଦୀ । ସେ ନଦୀରେ ବେଶି ଲୋକ ଯାଇନାହାନ୍ତି । ସେପଟକୁ ମଧ୍ୟ ବଡ ବଡ ଜ୍ୟାଣ୍ଟ ଲେଦରବ୍ୟାକ ଟର୍ଟଲ ଆସନ୍ତି । ଆଲେକଜାଣ୍ଡ୍ରିଆ ନଦୀର ବିଚ କୁଆଡେ ଗଲାଥିଆ ବିଚ ଭଳି ବଡ । ସମୁଦ୍ରକୂଳରେ ଲତାରେ କାଳେ ବହୁତ ସୁନ୍ଦର ଗାଢ ବାଇଗେଣୀ ରଙ୍ଗର ଫୁଲ ଫୁଟେ । ଖାଡି କପାସ ଗଛର ଫୁଲ କୁଆଡେ ସକାଳେ ହଳଦିଆ

ISSN NO.
2582-208X

ରଙ୍ଗରେ ମାଖି ହୁଏ ଆଉ ଅପରାହ୍ନରେ ଲାଜରେ ଝାଉଁଳି ଲାଲ ପଡିଯାଏ । ପାଣ୍ଡାନାସ ଗଛରେ କୁଆଡେ ଲାଲ ଲାଲ ଭଲ ଫଳ ହୁଏ ।

ଏଣୁ ଅସୀମଙ୍କ ସାଇକେଲରେ ଶୋଭନା ସହଜରେ ବସିଗଲେ ଆଉ ଚକା ମନକୁ ମନ ଗଡିବାକୁ ଲାଗିଲା । ଅସୀମଙ୍କୁ ଲାଗିଲା ସେ ଗୀତଗାଇ ଗାଇ ସାଇକେଲ ପେଡାଲ ପରେ ପେଡାଲ ମାରୁଛନ୍ତି ଆଉ ତାଙ୍କ ପଛରେ ତାଙ୍କ ପ୍ରେମିକା ବସିଛି । ପାଖରେ ଆଉ କେହି ନାହାନ୍ତି । ସେମାନେ ଏକ ବିଲ ଧାରରେ ଥିବା ପତଳା ରସ୍ତାରେ ସାଇକେଲ ମନ ଖୁସିରେ ଚଲାଉଛନ୍ତି । ବିଲରେ ଅସରନ୍ତି ସବୁଜିମା । ସେମାନଙ୍କର ଛାଇ ପାଣିରେ ପଡିଛି । ବେଳେବେଳେ ପାଣି ଚହଲିଯାଉଛି । ଆଉ ସେମାନଙ୍କର ସାଇକେଲ ବେଶ ଜୋରରେ ଗଡିଯାଉଛି । ବେଳେବେଳ କେଉଁଠି ଖାଲଟିଏ ପଡିଗଲେ ସାଇକେଲରେ ଝଟକା ଲାଗୁଛି ଆଉ ଶୋଭନା ତାଙ୍କୁ ଜୋରରେ ଧରିପକାଉଛନ୍ତି । କେଉଁଠି ରାସ୍ତା ଏକଦମ ସରୁଆ ହୋଇଯାଇଛି । ଦୁଇପାଖେ ବିଲ ଆଉ ମଝିରେ ସାଇକେଲ ରାସ୍ତା । ସାବଧାନରେ ନଚଲାଇଲେ ବିଲ ଭିତରକୁ କଚାଡି ହୋଇପଡିବା କଥା । ଶୋଭନା ସେ ଯାଗାରେ ଅସୀମଙ୍କୁ ତାଗିଦ କରିଦେଉଛନ୍ତି । ସାବଧାନରେ ସାଇକେଲ ଚଲାଅ । ଅସୀମ ଜଗିକରି ସେମିତି ରାସ୍ତା ପାର ହେଉଛନ୍ତି । ଆଉ ଅସୀମଙ୍କ ମନରେ ଗୀତର ସୁଅ ଛୁଟୁଛି । ବେଳେ ବେଳେ ରାସ୍ତାରେ କିଏ ପାଣିର ସିଆର କାଟିଦେଇଛି ବା କେହି କିଛି ଜମା କରିଦେଇଛି । ସେତିକି ଜାଗା ସେମାନେ ସାଇକେଲରୁ ଓହ୍ଲାଇ ଚାଲି ପାରି ହେଉଛନ୍ତି ଆଉ ତା'ପରେ ସେମାନଙ୍କ ସାଇକେଲ ଜୋରରେ ଛୁଟି ଚାଲିଛି । ଆକାଶ ଘନନୀଳ ହୋଇଯାଉଛି ଆଉ ଦୁହେଁ ମିଶି ସାଇକେଲ ଉପରେ ଗୀତ ଗାଉଛନ୍ତି । ସାଇକେଲରେ ଯାତ୍ରା ଦୁହିଁଙ୍କୁ ବେଶ ଥ୍ରୀଲ ଦେଉଥିଲା । ସାଇକେଲ ସେମିତି ଛୁଟି ଚାଲୁଥାଉ, ରାସ୍ତା ମୋଟେ ନସରୁ ଆଉ ଦୁଇ ଧାରରେ ବିଲରେ ଜମିଥିବା ପାଣିରେ ସେମାନଙ୍କ ହଲୁଥିବା ଛାଇ ସାଇକେଲ ସହ ଗଡି ଚାଲୁଥାଉ । ପବନ ମୁହଁରେ ପିଟି ହୋଇ ସେମାନଙ୍କ ମନରେ ରୋମାଞ୍ଚ ଆଣୁ ।

"ଏକ ରୋମାଞ୍ଚକ ଦୁନିଆକୁ ଯାତ୍ରା ।"- ଅସୀମ ନିଜ ମନରେ ପବନ ଭଳିଆ ବୋହୁଥିବା ଗୀତକୁ ଅଟକାଇ କହିଲେ ।

ISSN NO.
2582-208X

ଶୋଭନା ସେତେବେଳକୁ ସାଇକେଲରେ ବସି ଏକ ନୂଆ ଦୁନିଆକୁ ଯାତ୍ରା କରୁଥିଲେ । ତାଙ୍କୁ ଲାଗୁଥିଲା ସେ ମନପବନ ଘୋଡାରେ ବସିଛନ୍ତି । ମନପବନ ଘୋଡାକୁ କହିଦେଇଛନ୍ତି, "ତୁ ମୋତେ ନେଇଯାଆ, ଏକ ନୂତନ ଦେଶରେ ପହୁଞ୍ଚାଇ ଦେ, ମୋ ପାଇଁ ଗୀତ ଗାଉଥା, ମୋ ଦେହରେ ସୁଗନ୍ଧିତ ମଳୟକୁ ଛୁଆଇଁ ଦେଉଥାଆ ଆଉ ସେଇଠି ମୁଁ ଆଖି ଖୋଲି ଏକ ସୁନ୍ଦର ରଙ୍ଗୀନ ଦୁନିଆକୁ ଦେଖେ ।"ଏବେ ପ୍ରଥମ ଆଉ ଏକ ମଧୁର ଦୁନିଆ ଭିତରେ ଯାତ୍ରା ।

"ମନପୋବନ ଘୋଡାରେ ଯାତ୍ରା କରୁଛେ ଅସୀମ ।"- ଶୋଭନା କହିଲେ ।

"ରାସ୍ତା ସରିବନି ।"

"ଦରକାର ନାହିଁ ଅସୀମ । ମନପବନ ସାଇକେଲ ନିଜ ହିସାବରେ ଗଡିଯାଉଛି ।"

"ମନପବନ ଘୋଡାକୁ ବି ରାସ୍ତା ଜାଣିବା ଦରକାର ।"

"ତାର ଏକ ଡେଣା ଅଛି । ଡେଣା ଝାଡିଲେ ସେ କୁଆଡେ ସୁ କରି ଉଡିଯାଉଛି ଆଉ ରାସ୍ତା ମନକୁ ମନ ଖୋଲିଯାଉଛି ।"

"ସାଇକେଲରେ ଜୋରରେ ଗଡିଲେ ପବନ କାନପାଖରେ ସୁ କରି ଛୁଇଁ ବୋହିଯାଉଛି । ରାସ୍ତା ଅଛି, ରାସ୍ତା ନାହିଁ । ପୁଣି ଏକ ନୂଆ ରାସ୍ତା କୁଆଡୁ କୁଆଡୁ ବାହାରି ଆସୁଛି ।"

"ମନପବନ ଘୋଡା ନୀଳ ଆକାଶକୁ ଉଡିଯାଉଛି ।"

"ସାଇକେଲ ଚିର ସବୁଜ ଅରଣ୍ୟକୁ ଚିରି ଛୁଟିଯାଉଛି ।"

"ରାସ୍ତା ସରୁନି । ରାସ୍ତା ସରିବାର ଦରକାର ନାହିଁ ।"

"ସାଇକେଲରେ ରାସ୍ତା ସରୁନି । ସରିବାର ଦରକାର ନାହିଁ । ସାଇକେଲ ଆମର ସେମିତି ଗଡିଚାଲୁଥାଉ ।"

ISSN NO.
2582-208X

ଆଉ ସାଇକେଲ ସେମାନଙ୍କର ସେମିତି ଗଡିଚାଲିଲା, ଆଉ ଶେଷରେ ପଶ୍ଚିମ ଉପକୂଳର ଜୋର ପବନ ସେମାନଙ୍କୁ ଛୁଇଁଗଲା । ରାସ୍ତା ଧାରରୁ ଏକ ଖୋଲା ବଡ ଆକାଶ ଦେଖାଗଲା ଆଉ ଆକାଶ ହଠାତ୍ ବଡ ହୋଇଯାଇ ଏକ ନୀଳ ସମୁଦ୍ରକୁ ଧରି ଠିଆ ହୋଇଗଲା । ବିଶାଳ ସମୁଦ୍ର ଆଉ ସୀମାହୀନ ଆକାଶ । ଶୋଭନା ଆଉ ଅସୀମ ଏକ ବିରାଟ ଦୁନିଆ ଆଗରେ ଏକ ଛୋଟ ଛୋଟ କଳକଣ୍ଠେଇ ହୋଇ ଠିଆ ହୋଇଥିଲେ । ମଣିଷ ଯେତେ ବଡ ହୋଇଗଲେ ବି ପ୍ରକୃତି ଆଗରେ ଏକ କାଠ ଡିଆରି ଛୋଟ କଣ୍ଢେଇଟିଏ । ପ୍ରକୃତି ହିସାବରେ ସେମାନେ ହଲୁଛନ୍ତି । ବେଶି ଆଲୋକ ପଡିଲେ ସେମାନେ ଉଜ୍ଜ୍ୱଳ ଦେଖାଯାଉଛନ୍ତି, କମ ଆଲୋକ ପଡିଲେ ସେମାନଙ୍କ ରଙ୍ଗ ଟିକେ କାଳିଚିଆ ଦେଖାଯାଉଛି ।

ଶୋଭନା ଏ ମହାସମୁଦ୍ରକୁ ଦେଖି ଦୌଡିଯାଇ ପାଣିକୁ ଛୁଇଁଦେଲେ । ନୀଳ ପାଣିରେ ହାତଟା ନୀଳ ହୋଇଯାଉ ବୋଲି ସେ ଚାହୁଁଥିଲେ । ପାଣିରେ ନୀଳ ରଙ୍ଗ ନଥିଲା ଅତି ସଫା ପାଣି । ଆକାଶର ରଙ୍ଗକୁ ସଫା ପାଣି ଧରିରଖେ । ଏମିତି ପାଣିରେ ସେ ଚାଲୁଥାନ୍ତେ। ଉହୁଁ, ସାଇକେଲ ପାଇଁ ଏକ ରାସ୍ତା ପାଣି ଉପରେ ଖୋଲିଯାଆନ୍ତା । ଦୁଇପଟେ ପାଣି ଆଉ ମଝିରେ ସାଇକେଲର ରାସ୍ତା । ସେ ସାଇକେଲ ପଛରେ ବସିଥାନ୍ତେ ଆଉ ଅସୀମ ସାଇକେଲରେ ତାଙ୍କୁ ବସାଇ ପେଡାଲ ମାରି ଜୋରରେ ସାଇକେଲ ଚଲାଉଥାଆନ୍ତେ। ସାଇକେଲ ଦୂର ଦିଗବଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ପଛରେ ପକାଇ ଚାଲିଯାଆନ୍ତା । ସେମାନଙ୍କ ଦେହରେ କାହାକୁ ଛୁଇଁ ନଥିବା ଧୀର ପବନ ପିଟିହେଉଥାନ୍ତା।

"ଅସୀମ, ଏ ସମୁଦ୍ର ଭିତରକୁ ରାସ୍ତା ଫିଟିଗଲେ କେତେ ଭଲ ହୁଅନ୍ତା ।"

"ନୀଳ ସମୁଦ୍ର ଭିତରେ ଆମର ରାସ୍ତା ଶୋଭନା ।"

"ଆମ ସାଇକେଲର ରାସ୍ତା ଅସୀମ । ଆମ ପାଇଁ ସମୁଦ୍ର ସେମିତି ରାସ୍ତା ଖୋଲିଦିଅନ୍ତା । କେତେ ଭଲ ହୁଅନ୍ତା ଅସୀମ ।"- ଶୋଭନା ଆଖି ବନ୍ଦ କରି କହୁଥିଲେ । ତାଙ୍କ ବାଳ ପବନରେ ଫଡଫଡ କରି ଉଡୁଥିଲା । ଅସୀମ ମଧ୍ୟ ଆଖି ବନ୍ଦ କରି ନୀଳ ସମୁଦ୍ର ଭିତରେ ତାଙ୍କ ସାଇକେଲର ରାସ୍ତା ଦେଖୁଥିଲେ ।

ISSN NO.
2582-208X

## ଖ- ଅଲଗା ମାଛଧର୍

ଅସୀମଙ୍କର ଅନେକ ଆଡଭେଞ୍ଚର ପ୍ରସାଦବାବୁଙ୍କ ସହ ହୋଇଛି । ପ୍ରସାଦବାବୁଙ୍କ ଶରୀରଟା ଯେମିତି ଖେଳିବା ବୁଲିବା ପାଇଁ ତିଆରି ହୋଇଥିଲା । ବୋଟରେ ଘଣ୍ଟା ଘଣ୍ଟାଗଲେ ମଧ୍ୟ ତାଙ୍କ ଦେହ ଖରାପ ହୁଏନା । ଲହଡି ଭରା ସମୁଦ୍ରରେ କେମିତି ଠିକଭାବେ ବୋଟ ଚଲାଯିବ ଏ କଳା ତାଙ୍କୁ ଅଭିଜ୍ଞ ବୋଟମ୍ୟାନଙ୍କଠାରୁ ବେଶି ଜଣା ଥିଲା। ଅସୀମ ତାଙ୍କ ସାଙ୍ଗରେ ବୁଲି ଅରଣ୍ୟକୁ ପାଖରେ ଦେଖିଛନ୍ତି ଆଉ ଆଡଭେଞ୍ଚର ଭଲରେ ଶିଖିଛନ୍ତି । ସରଭାଇଭାଲ ସ୍କିଲ ମଧ୍ୟ ବେଶ ଭଲ ପ୍ରସାଦବାବୁ ଜାଣନ୍ତି । ଏସବୁ ଜାଗାରେ ଜଣେ ସରଭାବଇଭାଲ ସ୍କିଲ ନଜାଣିଲେ ବଞ୍ଚିପାରିବନି । ତାଛଡା ପ୍ରସାଦବାବୁ ବେଶ ଭଲ ଆଥଲେଟ । ତାଙ୍କ ସହ ଅନେକବାର ବ୍ୟାଡମିଣ୍ଟନ ଅସୀମ ଖେଳିଛି । କିନ୍ତୁ କେବେ ଜିତି ପାରିନାହାନ୍ତି । ଅସୀମ ପ୍ରସାଦବାବୁଙ୍କ ଠାରୁ ବେଶ କୁଇକ ବା ଚଞ୍ଚଳ । କିନ୍ତୁ ପ୍ରସାଦବାବୁଙ୍କ ରିଭର୍ସ ମାରିବାର କୌଶଳ ଅସୀମଙ୍କୁ ଆଚମ୍ବିତ କରିଦେଇଛି । ସର୍ଭିସ କଲାବେଳେ ସେ ଏମିତି କୌଶଳ ଦେଖାନ୍ତି ଯେ ଅସୀମ ପ୍ରାୟ ରିଟର୍ଣ କରିପାରନ୍ତିନାହିଁ । ତଥାପି ପ୍ରସାଦବାବୁଙ୍କୁ ସେ ବେଶ ଟକ୍କର ଦିଅନ୍ତି । ସହଜରେ ହାରନ୍ତି ନାହିଁ ।

"ପ୍ରସାଦବାବୁ କୁଆଡେ ଦିନକୁ ପାଞ୍ଚଲିଟର ଦୁଧ ପିଅନ୍ତି ।"- ଶୋଭନା ଦିନେ ଅସୀମଙ୍କୁ କହିଥିଲେ ।

ଅସୀମ ଆଶ୍ଚର୍ଯ୍ୟ ହୋଇଗଲେ । ଏକ ମଣିଷ କେମିତି ପାଞ୍ଚ ଲିଟର ଦୁଧ ପିଇପାରିବ ? ଅସୀମ ଅତି ବେଶିରେ ଏକ ଲିଟର ଦୁଧ ଦିନକରେ ପିଇଥାନ୍ତି । ବାକି ପ୍ରୋଟିନ ଡାଲି, ମାଛ, ଅଣ୍ଡା ଆଦିରୁ ଆସିଥାଏ । ସେମାନଙ୍କ ଅଞ୍ଚଳରେ ମଧ୍ୟ ଏତେ ପରିମାଣରେ ଦୁଧ କେହି ପିଅନ୍ତିନି ଆଉ କ୍ୟାମ୍ପବେଲ ବେରେ ଏତେ ପରିମାଣରେ ଦୁଧ ମିଳୁଥିବ ବୋଲି ଅସୀମ ଭାବୁନଥିଲେ । ତେଣୁ ତାଙ୍କ ଭ୍ରୂଲତା କୁଞ୍ଚିତ ହୋଇଗଲା ।

ISSN NO.
2582-208X

"ଆରେ ସତରେ ଦୁଧଟା ପ୍ରତିଦିନ ସିଂ ସାଙ୍ଗରେ ନେଇଆସେ ।"- ଶୋଭନା ପୁଣି କହିଲେ।

କ୍ୟାମ୍ପବେଲ ବେରେ ସିଂ ପ୍ରସାଦବାବୁଙ୍କ ଅଫିସରେ କାମ କରୁଥିଲା । ସେ ଶିବଚରଣ ସିଂହଙ୍କ ଜ୍ୱାଇଁ । ଏଠାକାର ପ୍ରକୃତ ଅଧିବାସୀ ନିକୋବରୀ କିମ୍ଵା ଶୋମ୍ପେନ ଗାଇ ରଖନ୍ତି ନାହିଁ । ଗାଇ ରଖିବା, ଦୁଧ ପିଇବା ଆଦି ଅଭ୍ୟାସ ସେଟଲରମାନଙ୍କ ପାଖରେ । ପ୍ରାୟ ପ୍ରତି ସେଟଲରମାନେ ନିଜ ଘରେ ଗାଇ ରଖିଛନ୍ତି । ବଳିପଡୁଥିବା ଦୁଧକୁ ବିକି ଦିଅନ୍ତି । କ୍ୟାମ୍ପବେଲ ବେ ମାର୍କେଟରେ ଦୁଧ ବା ଦହି ମିଳେନା । ପ୍ରସାଦବାବୁ ବା ସେଇପରି ଚାକିରିଆ ଲୋକମାନେ ଘରେ ଗାଇ ରଖିପାରନ୍ତି ନାହିଁ । ଅନ୍ୟମାନଙ୍କ ଠାରୁ ଦୁଧ ସଂଗ୍ରହ କରନ୍ତି । ଏତିକି ଦୁଧ ସଂଗ୍ରହ କରିବାକୁ ସିଂକୁ ଅନେକ ଚେଷ୍ଟା କରିବାକୁ ପଡୁଥିବ । ନିଜ ଘରେ ଯଦି ଗାଇ ନଥିବ କାହା ପାଖରେ ନାଗୁଆ କରିଥିବ ।

ପରେ ଏ ବିଷୟରେ ବାବୁରାଓ ପୁରା ଘଟଣା କହିଲା । ପ୍ରସାଦବାବୁ ଡାଇବେଟିସ ରୋଗୀ। ତାଙ୍କୁ ଦୁଧ ସେବନ କରିବାକୁ ଡାକ୍ତର କୁଆଡେ ପରାମର୍ଶ ଦେଇଛନ୍ତି । ତେଣୁ ସେ ଏତେ ପରିମାଣରେ ଦୁଧ ପିଇଥାନ୍ତି । କହିବାକୁ ଗଲେ ଦୁଧ ଏକ ପୂର୍ଣ ଆହାର । ସବୁ ଆବଶ୍ୟକୀୟ ପଦାର୍ଥ ଦୁଧରେ ଅଛି । ପ୍ରସାଦବାବୁ ଶରୀର ପ୍ରତି ସଂମ୍ପୂର୍ଣ ସଜାଗ । ପରିବାର ଦୂରରେ ପୋର୍ଟବ୍ଲେଆରରେ ରହୁଛନ୍ତି । ନିଜକୁ ଜଗିରଖି ଚଳିବାକୁ ପଡିବ । ଡାଇବେଟିସ ରୋଗୀଙ୍କ ନିମନ୍ତେ ପ୍ରୋଟିନର ବହୁତ ଆବଶ୍ୟକତା ଅଛି ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ମୋତେ ସେହି ରୂପ ଦେଖାଅ ହରି...



ରାମଚନ୍ଦ୍ର ବେହେରା

>ଶୁକ୍ଳ ବୈଶାଖର ତୃତୀୟାରେ ତୁମ
>ପବିତ୍ର ଚନ୍ଦନ ଯାତ
>ଜୈଷ୍ଠ ମାସେ ତୁମ ଭବ୍ୟ ରଜବେଶ
>ଖୁସିଦିଏ ଅପ୍ରମିତ
>ମୋ ପରାଣ ହୁଏ ଝୁରି
>ଯେଉଁ ବିଶ୍ୱ ରୂପ ମାତା ଯଶୋଦାଂକୁ
>ଦେଖାଇଥିଲ ହେ ହରି ।
>ଆଷାଢରେ ତୁମ ନବଯୌବନର
>ସୁଶୋଭିତ ରୂପ କାନ୍ତି
>ମହା ଶ୍ରାବଣର ଝୁଲଣ ଯାତ୍ରାରେ
>ହୁଏ ତୁମ ଧୂପ ନୀତି
>ମୋ ମନ ହୁଅଇ ଝୁରି
>ଯେଉଁ ରୂପେ ପ୍ରଭୁ ପାଂଚାଳୀଂକୁ ତୁମେ
>କୋଟି ବସ୍ତ୍ର ଦେଲ ହରି ।
>ପଶା ଖେଳୁ ଖେଳୁ ହାରିଯାଅ ତୁମେ

ISSN NO.
2582-208X

>ପବିତ୍ର ଆଶ୍ୱିନ ମାସେ
>ମାର୍ଗଶୀରେ ପାଳ ଦେବ ଦୀପାବଳି
>ଦିବ୍ୟ ଘୋଡଲାଗି ବେଶେ
>ଦେଖାଦିଅ ଶଂଖଧାରୀ
>ଯେଉଁ ରୂପେ ତୁମେ ମାତା ମୃଗୁଣୀକୁ
>ବ୍ୟାଧ ମୁଖୁ କଲ ପାରି ।
>ପୁଷ ମାସେ ତୁମ ପୁଷ୍ପ ଅଭିଷେକ
>ଅପୂର୍ବ ନବାଂଗ ବେଶ
>ମାଘ ପୂର୍ଣ୍ଣମୀରେ ଶୋଭାପାଏ ତୁମ
>ଗଜ ଉଦ୍ଧାରଣ ବେଶ
>ଆସ ପ୍ରଭୁ ଅବତରି
>ଯେଉଁ ରୂପେ ତୁମେ ଚକ୍ରପେଶି ନକ୍ର
>ନାଶକଲ ଚକ୍ରଧାରୀ ।
>ପୂଣ୍ୟ ଫଗୁଣର ବସନ୍ତ ଉତ୍ସବ
>ଫଗୁ ସାଥେ କମଳିନୀ
>ଚୈତ୍ର ମାସେ ପାଳ ଚଇତ ଗୁଣ୍ଡିଚା
>ପବିତ୍ର ରାମନବମୀ
>ଆସ ହେ ବନବିହାରୀ
>ଯେଉଁ ରୂପେ ତୁମେ ବାଳିକୁ ନାଶିଲ
>ତିନି ପାଦ ଦାନ କରି ।
>ତ୍ରେତୟା ଯୁଗରେ ବନବାସ କାଳେ
>ଅହଲ୍ୟା ଉଦ୍ଧାର କଲ
>ସ୍ୱର୍ଣ୍ଣ ଲଂକା ଯାଇ ପାପୀ ରାବଣକୁ

ISSN NO.
2582-208X

>ଯମପୁର ପଠାଇଲ

>ସେ ରୂପ ଦେଖାଅ ହରି

>ଯେଉଁ ରୂପେ ତୁମେ ସାରଥୀ ଭୂମିକା

>ନିଭାଇଥିଲ ଦୈତାରୀ।

>ଦାସିଆ ବାଉରୀ ଶ୍ରୀଫଳକୁ ନେଲ

>ତା ଜନ୍ମ ହୋଇଲା ଧନ୍ୟ

>ବନ୍ଧୁ ମହାନ୍ତିଂକୁ ବନ୍ଧୁ ବୋଲି କହି

>କୁଣ୍ଢାଇଲ ନବଘନ

>ଶୁଣ ପ୍ରଭୁ ଗଦାଧାରୀ

>ଆତୁରେ ଡାକୁଛି ଦେଖାଦିଅ ନାଥ

>ଆହେ ନିଳାଦ୍ରୀ ବିହାରୀ।

>ତୁମେ ଲୀଳାମୟ ବ୍ରହ୍ମାଣ୍ଡ ଠାକୁର

>ତୁମେ ଏ ସୃଷ୍ଟି କରତା

>ମୁହିଁ ଅକିଂଚନ ଜ୍ଞାନହୀନ ପ୍ରଭୁ

>ଶୁଣ ମୋ ଦୁଃଖ ବାରତା।

>ଆହେ ପ୍ରଭୁ ଦୁଃଖହାରୀ

>ମୋତେ ସେହି ରୂପେ ଦେଖାଦିଅ ହରି

>ହେବି ମୁହିଁ ଭବୁ ପାରି ।

ତେନ୍ତୁଳପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ସତ୍ୟପ୍ରକାଶ ମହାପାତ୍ର - ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସ୍ମୃତିରେ



ଶଶଧର ମହାପାତ୍ର

ହେ ସତ୍ୟ !
ମୋ' କଥା ଟିକେ ରଖିବକି ?
ଥରେ କେବେ ଫେରି ଆସିବକି ?
ଆମେ ବେଶ୍ ଗପସପ ହୁଅନ୍ତେ ?
ହସିହସି ଗଡିଯାନ୍ତେ ?
ତୁମେ ମନେ ପକାଇ ଦିଅନ୍ତ-
ଆମ କଲେଜ ଜୀବନର କାହାଣୀ,
ନିପଟ ମଫସଲ ଗାଁ'ରୁ ସହରକୁ ଆସିଥିବା,
କେତେ ସ୍ୱପ୍ନ ଦେଖୁଥିବା,
ସାହସ କରି ଦି' କଦମ ଆଗକୁ ଚାଲୁଥିବା,
ଅଭାବୀ ସାଙ୍ଗମାନଙ୍କର ସଂଘର୍ଷ କରୁଥିବା ବେଳ,
ତୁମେ ଜାଣ, ମୁଁ ବି ଜାଣେ,
ଏବେବି ଆମ୍ବ ବଗିଚାର ଛାଇ ତଳ ।
ତୁମେ ଥରେ ନୁହେଁ, କେତେ ଥର କହିଛ -
ଆମ ସହ ପଢୁଥିବା
ଷ୍ଟାଇଲମାରି ଆସୁଥିବା ସେ' ଡେଙ୍ଗୀ ଝିଅଟିର କଥା,
ପୁରୁଣା ସ୍ମୃତିସବୁକୁ ଉଜ୍ଜୀବିତ କରି

ISSN NO.
2582-208X

ଥଟ୍ଟାରେ, ମଜାରେ, ଛଳନାରେ
ବଢେଇ ଦିଅ ତୁମ ମନର ବ୍ୟଥା,
ତୁମେ ବେଶ୍ ପାରିବାର,
ତୁମ ପାଖରେ ଥିଲା କଲେଜରେ ପଢୁଥିúବା
ସମସ୍ତ ସାଙ୍ଗଙ୍କ ଖବର,
ତୁମ ମୁହଁରୁ ଶୁଣିବାକୁ ଇଚ୍ଛା ହୁଏ, ନୁହେଁ ହଜାର ବାର,
ବରଂ ଲକ୍ଷ ଲକ୍ଷ ବାର,
କିଏ ହେଲା ଅଧ୍ୟାପକ, କିଏ ବୈଜ୍ଞାନିକ, କିଏ ଶିକ୍ଷକ,
କିଏ ଆଇ.ଏ.ଏସ୍, କିଏ ଡାକ୍ତର, କିଏ ଇଞ୍ଜିନିୟର
କିଏ ହେଲା ବ୍ୟାଙ୍କ ଅଫିସର ?
ତୁମେ ଥରେ କହୁଥିଲ ନା ?
ସେ' ଝିଅଟି କାଳେ ଆଇଟିଏ ହେଇଗଲାଣି ?
ହଁ, ତୁମେ ଚାଲିଗଲା ପରେ
ତା' କଥା ମନେପକେଇ
ଆମେ ହସିବା ଏକ ପ୍ରକାର ଭୁଲିଗଲେଣି
ଯ୍ୟା ଭିତରେ, ଆମେ ବୁଢା ହେଇ ଗଲେଣି !
ସତ୍ୟ !
ତୁମ ସହ ଭାଗ୍ୟ ଏତେ ଶୀଘ୍ର ଖେଳିଦେଲା ତା' ଖେଳ ?
ବଡ ଛଳିଆ, କପଟିଆ ଭାଗ୍ୟ,
ତାଚ୍ଛଲ୍ୟଭରା ହସଟିଏ ହସୁଥିଲା ଭାଗ୍ୟ !
କାହାକୁ କେତେବେଳେ ମାରିଦିଏ ତା' ଛାଟ,
ଆମେ ସମସ୍ତେ ଭୁଲିଯାଆନ୍ତି ଆମର ବାଟ !
ପଲକରେ ଅସଜଡା କରିଦେଲା ତମ ଜୀବନ,
ଯାହାକୁ ସଜାଡିଥିଲ ଏତେ ସଂଘର୍ଷ କରି ଜୀବନ ତମାମ,
ହାରମାନିଗଲ, ସରିଗଲା ତୁମର ଦେଖିଥିବା ସ୍ୱପ୍ନ -

ISSN NO.
2582-208X

ଛୋଟ ଘରଟିଏ ଭୁବନେଶ୍ୱରରେ କିଣି
କଟାଇବାକୁ ବାକିଥିବା ଅବସର ଜୀବନ,
ଘର କିଣାଗଲା, କିନ୍ତୁ,.......
କିଏ ଜାଣିଥିଲା ଅବେଳରେ
ଏତେ ଶୀଘ୍ର ଆଲୁଅ ଲିଭିଯାଇ ଅନ୍ଧାର ଆସିଯିବ,
ମୁଠ ଉପରେ ବଜ୍ର ପଡିଯିବ,
ଦିନ କେଇଟାରେ ସବୁ ଶେଷ ହେଇଯିବ !
ମୁଁ ଦେଇଥିବା କଥା, ତୁମ ଘରକୁ ଯାଇ ଦେଖା କରିବି ବୋଲି
ଆଉ ସମ୍ଭବ ନ ହେବ !
ତୁମ ଅସୁସ୍ଥ ହେବାର ଖବର ଶୁଣି କେତେ ନେହୁରା ହେଇ
ଈଶ୍ୱରଙ୍କୁ ପ୍ରାର୍ଥନା କଲି, କେହି ଶୁଣିଲେନି !
ଶେଷରେ ଈଶ୍ୱର ବି ଦାଉ ସାଜିଲେ,
ଭାଗ୍ୟ ଉପରେ ଦୋଷଦେଇ ଖସିଗଲେ,
ତୁମେ ସେଇଥିପାଇଁ ବୋଧହୁଏ କୌଣସି ଈଶ୍ୱରଙ୍କୁ ବିଶ୍ୱାସ କରୁନଥିଲ ?
ତୁମେ ଯେଉଁଦିନ ଚାଲିଗଲ ଆର ଏକ ଦୁନିଆକୁ ନୂଆ ଜନ୍ମଟିଏ ପାଇ,
ଏଠି ମଫସଲରେ ପଞ୍ଚାନବେ ବର୍ଷର ବୃଦ୍ଧା ମା'ଟିଏ
ଅନବରତ ଲୁହ ନିଗାଡୁଥିଲା,
କେହି ଜଣେ ପିଠିକୁ ଆଉଁସି ତୁନି କରିବାକୁ
ଚେଷ୍ଟା କରି ବିଫଳ ହେଉଥିଲା, ଏତେଦୂରେ ଥାଇ
ଯେଉଁଠି ପହଞ୍ଚିପାରିନଥାନ୍ତା ମୋ' ବି' ହାତ ଓ ବି' ପାଦ ।
ସେଇ ମା'ଟି, ସିଏ ଜନ୍ମଦାତ୍ରୀ ପରା !
ଯେଉଁ ମା' ଏତେ ଦିନ ଧରି କୋଳରେ ଧରିଥିଲା,
କେତେ ଗେଲ କରିଥିଲା !
ଏ' ଦୁନିଆ, ତୁମ ଭାଇ, ବନ୍ଧୁ, ସ୍ତ୍ରୀ, କୁଟୁମ୍ବ
ଲୋଡିଲା ବେଳକୁ ତୁମେ ନାହଁ,

ISSN NO.
2582-208X

ତୁମ ବିନା ସେ' ମା'ଟି ଭଳି ମୁଁ ଏକେଲା ହେଇଗଲି,
କେହି ଜଣେ ଆସି ଏବେ ପୋଛି ଦିଅନ୍ତାକି ମୋ' ଆଖିରୁ ଲୁହ ?
ଦେଖିଯାନ୍ତା କେମିତି ବୋହୁଛି ଏ' ରୋଗୀଣା ଦେହ ?
ବୁଝିଲ ସତ୍ୟ !
ତୁମେ ଛାଡି ଚାଲିଯିବା ଦିନୁ
ମନରେ ଆଉ ସେ' ସରସତା ନାହିଁ,
ଦିନ ସରି ରାତି ହେଉଛି,
ଊଇକ୍‌ଏଣ୍ଡ ଆସୁଛି, ଯାଉଛି,
ତୁମ ପାଖରୁ ଆଉ କେଉଁ ଫୋନ୍ ଆସୁଛି ?
କା'ସାଥେ ଗପିବାକୁ ତୁମ ଭଳି
ଅନ୍ତରଙ୍ଗ ବନ୍ଧୁ କାହିଁ ମିଳୁଛି ?
ଭାବି ଭାବି କେବଳ ସମୟ ବିତୁଛି,
ଚାହୁଁଚାହୁଁ ଦି'ବର୍ଷ ବିତିଗଲାଣି
ତୁମେ ଥରେ ଫେରି ଆସନା ?
ପୁଣି ଚୁଗୁଲି କରନ୍ତେ,
ବାକି ରହିଯାଇଥିବା ଗପ ସବୁ ଗପୁଥାନ୍ତେ ?
କାନାଡାରୁ ପଠେଇଥିବା ତୁମ ବାଡି ଢେଙ୍କିଆ ଲାଉର
ଫଟୋ ଦେଖି ଆଲୋଚନା କରୁଥାନ୍ତେ,
ମୁରୁକି ମୁରକି ହସୁଥାନ୍ତେ ?
ସତ୍ୟ !
ଯେଉଁ ଖୁସୀ ଖବରଟେ ତୁମକୁ କହିବି କହିବି ବୋଲି
ଭାବି ଭୁଲି ଯାଇଥିଲି, ଏବେ ମନେପଡି ଯାଉଛି,
ଏ' କେମିତିକା ମନ ମୋର ?
ନା, ଏ' ବିଡମ୍ବନା ସମୟର ?
ପୁଣି କେବେ ମନେପକେଇ ତମପାଇଁ

ISSN NO.
2582-208X

ଗୋଟେ କବିତାରେ ଲେଖିଦେବି,
ତମ ଠିକଣା ମିଳିଗଲେ ମେଲ୍‌ର ପଠେଇଦେବି ।
ସତ୍ୟ !
ସତରେ, ଏତେ ମିଠାମିଠା ଲାଗେ ତୁମ କଥା,
ଆଉ ତୁମର ସବୁବେଳେ ହସୁଥିବା ମୁହଁ,
ନଦେଖିଲେ ଦିଏ ଅନେକ ଯନ୍ତ୍ରଣା, ବେଦନା ଓ ବ୍ୟଥା,
ମନେପଡେ ତୁମେ ଆଜୀବନ ପିନ୍ଧୁଥିବା
ଖଦଡ ପ୍ୟାଣ୍ଟ ଓ କୁର୍ତ୍ତା,
କଲେଜରେ ପାଠ ପଢୁଥିଲା ବେଳେ
ଯେବେ ତୁମର ସେହି ପୁରୁଣା ସାଇକେଲ ଚଢି ଆସ
ମୁଁ ଦେଖେ ତୁମଠି ଏକ ଅସଲ ଗାନ୍ଧି ମୂର୍ତ୍ତୀଟିଏ,
ସଦାବେଳେ ସତ୍ୟକୁ ପ୍ରକାଶ କରୁଥିବା,
ଅତି ସରଳ ଜୀବନଯାପନ କରୁଥିବା,
କୂଟ କପଟରୁ ଦୂରେ ଥିବା ସତ୍ୟବାଦୀ ମଣିଷଟିଏ,
ତୁମ ଚିନ୍ତା, ଚେତନା ଓ ଚଳଣୀରେ ପ୍ରତିଫଳିତ ହେଉଥିଲା
ଗାନ୍ଧୀଙ୍କ ନୀତି, ଆଦର୍ଶ ଚିନ୍ତାଧାରାର ଝଲକ,
ଲେପିଦିଏ ଚନ୍ଦନ, ବାସେ ଚନ୍ଦନର ମହକ,
ଦିହେଁ ହସୁଥିଲେ ଖୁସି ଖବରଟିଏ ପାଇଲେ
ଦିହେଁ ଦିହିଁଙ୍କ ଦର୍ଦ ବୁଝୁଥିଲେ ଦୁଃଖରେ
ଆଜି ଦିହେଁ ପରଷ୍ପରଠାରୁ ଅନେକ ଦୂରରେ
ଦିହେଁ ଦିହିଁଙ୍କୁ ଅଜଣା ହେଇଗଲେ,
ରହିଗଲେ କେବଳ କଳ୍ପନାରେ,
ଦିନେଦିନେ ଦେଖେ ତୁମ ଚେହେରା
କାହିଁ ଦୂର ଧଳାଧଳା ବଉଦର ତଳେ,
କେବେ ଦେଖାଦିଅ, କେବେ ହଜିଯାଅ,

ISSN NO.
2582-208X

ଥାଏ ଅନେଇ ପଲକ ନପକେଇ,
ମନ ଖୋଜିଲେ ପୁଣି ମିଳେ,
କେବେ ଦେଖାହେଲେ କି କଥା ହେଲେ
ଅମୂଲ ମୂଲ ଥିଲା ସେ' ପ୍ରତି ମୁହୂର୍ତ୍ତ,
ଦେଖି ପାରୁଛ କି ?
ଆଜି ମୋର ଲୁହ ଭିଜୁଛି ଚାହିଁଚାହିଁ
ଏକାନ୍ତରେ ସେ' ଦୂର ଦିଗନ୍ତ ।

(ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ବିୟୋଗରେ ଏ' ଲେଖା । ଡ. ସତ୍ୟପ୍ରକାଶ ମହାପାତ୍ର ଥିଲେ ଜଣେ ଆଦର୍ଶ ମଣିଷ, ମୋର କଲେଜ ବେଳର ସାଙ୍ଗ । ୧୯୭୦ ମସିହାରେ ସାଙ୍ଗ ହେଇ କଲେଜରେ ଏକା କ୍ଲାସରେ ପଢୁଥିଲୁ । ପଚାଶ ବର୍ଷରୁ ଉର୍ଦ୍ଧ୍ୱ ହେବ ସତ୍ୟ ଓ ମୁଁ ସାଙ୍ଗ । ଦି' ବର୍ଷ ତଳେ ସିଏ ଇହଧାମ ଛାଡି ଚାଲିଗଲେ । ତାଙ୍କରି ସ୍ମୃତିରେ......)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ଚନ୍ଦ୍ରହାର



ଡକ୍ଟର ବିଜ୍ଞାନୀ ଦାସ

ବାପୁନିର ବାହାଘର ପାଖେଇ ଆସୁଛି ।

ରାଜୁବାବୁଙ୍କ ଗୋଡ ତଳେ ଲାଗୁନି । କଣ ସବୁ କରି ପକେଇବେ, ସେଇ ଚିନ୍ତାରେ ରହୁଛନ୍ତି । ବହୁତ ଉତ୍ସାହିତ । ତାଙ୍କ ସ୍ତ୍ରୀ ରେଣୁକା ଦେବୀ ମଧ୍ୟ ଉତ୍ସାହିତ । ହେଲେ ରାଜୁବାବୁ ଯେମିତି ହେଉଛନ୍ତି, ସେ ତୁଳନାରେ ଦେଖିଲେ, ରେଣୁକା ଦେବୀଙ୍କ ଉତ୍ସାହ କିଛି ନୁହେଁ । ତାର କାରଣ ବି ଅଛି । ରେଣୁକା ଦେବୀଙ୍କର ୨୫ ବର୍ଷ ହେଲା ଦେହରେ ବେମାରି ଲାଗିରହିଛି । ସିଏ ବଞ୍ଚି ରହିଛନ୍ତି, ସେତିକି ଯଥେଷ୍ଟ । ହେଲେ ସେ ବଞ୍ଚି ରହିବାରେ କେତେ ଯେ କରୁଣ କାହାଣୀ ଛପି ରହିଛି, କେବଳ ଅନୁଭବୀ ହିଁ ଜାଣିପାରିବ। ବେଳେବେଳେ ଥିବ ଥିବ ହାତଟା କେମ୍ପା ହୋଇ ରହିଯିବ । ସେମିତି କେତେବେଳେ ଗୋଡ କେଂପା ହେଲାଣି ତ କେତେବେଳେ ମେରୁଦଣ୍ଡ କେମ୍ପା ହେଲାଣି । ସେଇକଥା ବୁଝୁବୁଝୁ ତାଙ୍କର ସମୟ ସରିଯାଏ । ଉତ୍ସାହ ମନ ଭିତରେ ସୃଷ୍ଟି ହୁଏ, ପୁଣି ସେଇ ମନ ଭିତରେ ମରିଯାଏ ।

୨୦୨୪ ମସିହା, ଜୁନ୍ ୧୫ ତାରିଖ ଦିନଟିକୁ ବାହାଘର ପାଇଁ ଧାର୍ଯ୍ୟ କରାଯାଇଛି । ୨୦୨୪ର ଜାନୁୟାରୀ ୧୫ ତାରିଖ ଦିନ ରାଜୁବାବୁ ପଚାରିଲେ, "ବାହାଘର ତ ଆଉ ଜମା ୫ ମାସ ରହିଲା। ରେଣୁ, ବୋହୂ ପାଇଁ କିଛି ଗହଣାଗାଣ୍ଠି କିଣିବନି ନା କଣ ? ବୋହୂକୁ କିଛି ଦବନି ?"

ISSN NO.
2582-208X

ରେଣୁକା କହିଲେ, "ହଁ, ହେଲେ ଭାରତ ଯାଇ କିଣିବାକୁ ଭାବୁଥିଲି, କିନ୍ତୁ ସାହସ ପାଉନି। ସେଠି ଯାଇ ଚଳି ପାରିବିନି । କାହା ହାତରେ କିଣି ମଗେଇବାକୁ ଭଲଲାଗୁନି । ଏଇଠି ଯଦି କେବେ ନିଉଜର୍ସୀ ଯାଇ କିଣିପାରିବା, ସେଇଠି କିଣିଲେ ଭଲ ହବ । ଆମ ମେରୀଲାଣ୍ଡରେ କମ୍ ଦୋକାନ । ସେଥିରେ ଅଧିକ ରକମର ପସନ୍ଦ ଯୋଗ୍ୟ ଗହଣା ମିଳିବନି ।"

ନିଉଜର୍ସୀ କେବେ ଯିବେ ବୋଲି ଭାବିଭାବି ୨ ମାସ କଟିଗଲା। ତା ଭିତରେ ରେଣୁକାଙ୍କର ନିତମ୍ବ ସର୍ଜରୀ ହେଲା । ସେଥିରୁ ସଂପୂର୍ଣ୍ଣଭାବେ ମୁକ୍ତ ହୋଇ ଫେରିବାରେ ବି ମାସଟିଏ ଗଡିଗଲା। ତେଣୁ ଏପ୍ରିଲ୍ ମାସରେ ହିଁ ସ୍ୱାମୀ, ସ୍ତ୍ରୀ ଦୁଇଜଣ ଆଉ ନିଉଜର୍ସୀ ନ ଯାଇ ମେରୀଲାଣ୍ଡର ଯେ କୌଣସି ଗହଣା ଦୋକାନରୁ ଗହଣା ଦେଖି ଯିବାପାଇଁ ସ୍ଥିର କଲେ ।

ରକ୍‌ଭିଲ୍ ସହରର ଗୋଲ୍ଡ୍ ସିଟି ଜୁଏଲର୍ସ ଦୋକାନରେ ପହଞ୍ଚୁପହଞ୍ଚୁ ଗୋଟିଏ ସୁନ୍ଦର ହୀରାହାର ଉପରେ ରାଜୁବାବୁଙ୍କ ନଜର ପଡିଲା । ସେ ହାରଟି ୪୦,୦୦୦ ଡଲାର୍‌ର । ହାରଟିର ଦାମ୍ ଦେଖି ରେଣୁକାଙ୍କର ଆଖି ଖୋସି ହୋଇଗଲା । "ଏ ହାରର ମୂଲ୍ୟ ଦେଖିଛଟି? ଚାଳିଶି ହଜାର ଡଲାର୍ । ତମେ କିଣିବ ? ଏମାନେ ଆଜିକାଲିର ଛୁଆ । ଜିନିଷର ମୂଲ୍ୟ ବୁଝନ୍ତିନି । ବୋହୂ ତାକୁ ପିନ୍ଧିବ କି ନାହିଁ ବି ଜଣାନାହିଁ । କେତେବେଳେ କୋଉଠି ହଜେଇ ଦେଇପାରେ । ତମେ ସତରେ କିଣିବ?"

ରେଣୁକାଙ୍କର ଏମିତି ପ୍ରଶ୍ନରେ ରାଜୁବାବୁ ଚକିତ ହେଲେ । "ଏବେ ଡଲାର୍‌କୁ ଦେଖନି । ବଡ ପୁଅ ତ ବାହା ନ ହୋଇ ସେମିତି ରହିଗଲା । ଆଉ ବାହା ହବ କି ନାହିଁ ଜଣାନାହିଁ । ଏଇ ଏକମାତ୍ର ଖୁସିର ସମୟ ଆମ ପାଇଁ । ଏ ପୁଅ, ବୋହୂଙ୍କୁ ଖୁସି ଦେଖିଲେ ଆମେ ଜୀବନରେ ଗୋଟିଏ କିଛି କରିଲେ ବୋଲି ସନ୍ତୋଷ ଆସିବ । ତେଣୁ ତମେ ଡଲାର୍ ଦେଖନି । ଖାଲି କୁହ ଡିଜାଇନ୍‌ଟା ପସନ୍ଦ ହେଲା ନା ନାହିଁ ।"

ରେଣୁକା ଆଉ କଣ କହିବେ ? ସତରେ ଦେଖିବାକୁ ଗଲେ ହାରଟି ଅତି ସୁନ୍ଦର ଦିଶୁଥିଲା। କ୍ଷଣକ ପାଇଁ ମନ ହେଲା ସ୍ୱାମୀ ରେଣୁକାଙ୍କ ପାଇଁ ସେ ହାରଟି କିଣନ୍ତେ କି ? ରେଣୁକା ସେ

ISSN NO.
2582-208X

ହାରଟି ପିନ୍ଧି କୃତକୃତ୍ୟ ହୋଇଯାଆନ୍ତେ । ଏତେ ସୁନ୍ଦର ହାର ? ଭବିଷ୍ୟତର ବୋହୂଟି ପ୍ରତି ଟିକେ ଈର୍ଷା ହେଲା । ଶ୍ୱଶୁର ଏବେ ତା ପାଇଁ ଏତେ ସୁନ୍ଦର ହାରଟି କିଣିବାକୁ ବାହାରିଛନ୍ତି । ହେଲେ ରେଣୁକାଙ୍କ ପାଇଁ ହଜାର ଡଲାରର କୌଣସି ଉପହାର ବି ଏପର୍ଯ୍ୟନ୍ତ କିଣି ନାହାନ୍ତି ।

ପରେ ରେଣୁକା ନିଜକୁ ସମ୍ଭାଳିନେଲେ । ଆଉ କଣ ତାଙ୍କର ବୟସ ଅଛି ନା ସେ ଶରୀର ଅଛି, ଏ ହାରଟ ପିନ୍ଧି ଦୁନିଆକୁ ଦେଖେଇବେ । "ଏଇଟା ମୋ ପାଇଁ ମୋ ସ୍ୱାମୀ ଆଣିଛନ୍ତି" କହି ସାଙ୍ଗସାଥୀଙ୍କ ଆଗରେ ନିଜ ସ୍ୱାମୀର ସୋହାଗ ବଖାଣିବେ । "ଛି, ଛି, କି ଭଳିଆ ଶାଶୁ ମୁଁ । ବୋହୂଟିକୁ ଏବେଠାରୁ ଈର୍ଷା କଲିଣି । ଭଗବାନ ପୁଅ ଦିଇଟା ଦେଲେ । ଝିଅଟିଏ ପାଇଁ କେତେ ଝୁରୁଥିଲି । ଏବେ ସିଏ ବୋହୂ ନୁହେଁ, ମୋ ଘରକୁ ଝିଅ ହୋଇ ଆସିବ । ତାକୁ ମୁଁ ମନ ଭରି ସ୍ନେହ ଦେବି, ତାର ସୁଖ ପାଇଁ, ଆନନ୍ଦ ପାଇଁ ସବୁ କିଛି ଯୋଗେଇଦେବି । ଭଲ ଶାଶୁଟିଏ ହେବି । ମୋ ଶାଶୁଙ୍କ ଭଳି ନୁହେଁ ।"

ରେଣୁକାଙ୍କର ଭାବନା ଦେଖି ରାଜୁବାବୁ ପଚାରିଲେ, "କଣ ହେଲା, ହାର ପସନ୍ଦ ହେଉଛି ନା ଅନ୍ୟ ଦୋକାନ ଦେଖିବା ?"

ଅନ୍ୟ ଦୋକାନ କଥାଶୁଣି, ସେ ଦୋକାନର ବିକ୍ରେତା ମହିଳା ଜଣକ ଆଉ କିଛି ନୂଆ ଡିଜାଇନ୍‌ର ଗହଣା ଆଣି ରଖିଲେ । ସେସବୁ ଅନେକ ସୁନ୍ଦର ଥିଲା ସତ, ହେଲେ, ଦାମ୍ ବି ସେଇ ଭଳି । ଶେଷରେ ସେମାନେ ଉଭୟ ପସନ୍ଦ କରି ହାର ଓ କାନଫୁଲର ଗୋଟିଏ ସେଟ୍ କିଣିଲେ । ସେ ସେଟ୍‌ର ଦାମ୍ ପଚାଶ ହଜାର ଡଲାର୍ ହୋଇଗଲା। ରେଣୁକାଙ୍କର ହୃତ୍‌ପିଣ୍ଡରୁ ରକ୍ତ ସବୁ ସରିଗଲା ଭଳି ମନେହେଲା । ବାହାଘର ପାଇଁ କେତେକେତେ ଖର୍ଚ୍ଚ। ସେଥିରେ କେବଳ ଏ ଗହଣାରେ ଗଲାଣି ୫୦,୦୦୦ ଡଲାର୍ । କଣ ରାଜୁଙ୍କୁ ନିଶା ଲାଗିଛି ନା କଣ ? ରେଣୁକାଙ୍କ ମୁଣ୍ଡ ଭିତରେ ଖାଲି ସେ ପଚାଶ ହଜାର ପ୍ରତିଧ୍ୱନିତ ହେବାକୁ ଲାଗିଲା ।

ISSN NO.
2582-208X

ସେଦିନ ଘରକୁ ଫେରିଲା ପରେ ରାଜୁବାବୁ ବହୁତ ଉତ୍ସାହିତ ରହିଲେ । ସିଏ ଆଜି ଗୋଟିଏ ବଡ କାମ କରିଛନ୍ତି । ପଚାଶ ହଜାର ଡଲାର୍‌ର ଗହଣା କିଣିଛନ୍ତି । ଷାଠିଏ ବର୍ଷ ତଳର କେଉଁ ଅନାମଧେୟ ଗ୍ରାମର ଗରୀବ ବାଳକ ଜଣେ ଆଜି ଏସବୁ କରିବାକୁ ସକ୍ଷମ ହୋଇଛି , ସେଇକଥା ସ୍ମରଣ କରି ସିଏ ପରିତୃପ୍ତ ହେଉଥିଲେ ।

ରେଣୁକା କିନ୍ତୁ ଅନ୍ୟ କିଛି ଭାବୁଥିଲେ । ଦୀର୍ଘ ୨୯ ବର୍ଷ ତଳର ସେଇ ଗହଣା କିଣାର ଅନୁଭୂତି, ଯେଉଁଥି ପାଇଁ ତାଙ୍କର ମନର ଚାପ ଅତ୍ୟଧିକ ବଢିଗଲା । ସେଇ ମନର ଚାପ ପାଇଁ କେଉଁଠି ଥିଲା ଏ ଅଜବ ରୋଗ, ତାଙ୍କ ଦେହ ଭିତରେ ପଶିଗଲା । ପଶିଗଲା ତ ପଶିଗଲା, ହେଲେ ସଂପୂର୍ଣ୍ଣ ଭାବେ ଅକ୍ତିଆର କରିନେଲା । ଧୀରେଧୀରେ ସେ ସଦା ଚଳଚଞ୍ଚଳ, କର୍ମପ୍ରବୀଣା ଶରୀରରେ ସମସ୍ୟାମାନେ ଘର କରିନେଲେ । କେବଳ ସେଇ ଗହଣା ପାଇଁ, ଚନ୍ଦ୍ରହାରଟିଏ ପାଇଁ।

୧୯୯୫ ମସିହା ମାର୍ଚ୍ଚ ମାସରେ ସେଥର ସେମାନେ ସପରିବାର ଓଡିଶା ଯାଇଥିଲେ । ସ୍ୱାମୀ ରାଜକିଶୋର ଓ ଦୁଇ ପୁଅ, ବାବୁନି ଓ ବାପୁନି, ବାବୁନି ୧୦ ବର୍ଷର ହୋଇଥାଏ, ବାପୁନି ଦେଢ ବର୍ଷର । ପ୍ରଥମେ ସେମାନେ ଯାଇ କିଛିଦିନ ରାଜକିଶୋରଙ୍କର ଗ୍ରାମରେ ରହିଥିଲେ। ତାପରେ କିଛିଦିନ ପାଇଁ ରେଣୁକା ଆସି ଦୁଇ ପୁଅଙ୍କ ସହ ନିଜ ବାପ ଘରେ ରହିଥିଲେ । ମା କହିଲେ, "ରେଣୁ, ତୋ ବାହାଘର ବେଳେ ଯେଉଁ ସବୁ ମୁହଁଚାହାଁ ମୁଦି ତତେ ମିଳିଥିଲା, ସେସବୁ ତ ତୋ ଆଙ୍ଗୁଠିରେ ଗଲାନି ବୋଲି ଏଠି ରଖିଦେଇ ଯାଇଥିଲୁ । ଆଉ ଗୋଟିଏ ଦିଇଟା ସରୁ ଚେନ୍ ବି ଥିଲା, ଯାହାକୁ ପିନ୍ଧିଲେ କେଉଁ ମୁହୂର୍ତ୍ତରେ ବି ଛିଣ୍ଡିଯିବ । ଏବେ ତୁ ଥିବା ଭିତରେ ସେସବୁ ମୁଦିକୁ ଓ ଚେନ୍‌କୁ ଦେଇ ତା ବଦଳରେ, ଓ ଆଉ କିଛି ଟଙ୍କା ମିଶେଇ ତୋ ପାଇଁ ଗୋଟିଏ ଚନ୍ଦ୍ରହାର କିଣିନେ ।"

ରେଣୁକାଙ୍କ ମନକୁ ସେକଥା ପାଇଥିଲା । ସିଏ ସେସବୁ ମୁଦିକୁ ଓ ଚେନ୍‌କୁ ଆଣି ଗହଣା ଦୋକାନରେ ଦେଖେଇଲେ । ଗହଣା ଦୋକାନୀ କହିଲେ, "ଚନ୍ଦ୍ରହାର ପାଇଁ ଆଉ ଦଶହଜାର ଟଙ୍କା ଅଧିକ ପଡିବ ।" ସେତେବେଳେ ସୁନାର ଦାମ୍ ସେମିତି ଥିଲା ।

ISSN NO.
2582-208X

ମଝିରେ ଯେତେବେଳେ ରାଜକିଶୋର ଭୁବନେଶ୍ୱର ଆସିଥିଲେ, ରେଣୁକା ତାଙ୍କୁ ସେକଥା ଜଣେଇଲେ । "ମୁଦି ଓ ଦୁଇଟା ସରୁ ଚେନ୍ ବଦଳେଇ ମୁଁ ଚନ୍ଦ୍ରହାରଟି କିଣିବି ?"

ରାଜକିଶୋର କହିଲେ "ହଁ କିଣ । ତମେ ତ ସେସବୁ ମୁଦି ପିନ୍ଧିବନି । ଅନ୍ତତଃ ଏ ହାରଟି ତ ପିନ୍ଧିବ ।"

ରେଣୁକା ଖୁସି ହେଲେ । ରାଜକିଶୋର ତାଙ୍କ ଗାଁକୁ ଫେରିଗଲେ । ମାର୍ଚ୍ଚ ତିରିଶ ତାରିଖ । ସେଦିନ ରାଜକିଶୋର ଭୁବନେଶ୍ୱର ଫେରିଆସିଲେ । ଦୁଇଦିନ ପରେ ସେମାନେ ସମସ୍ତେ ଆମେରିକା ଫେରିଯିବେ । ରେଣୁକା ତାଙ୍କୁ ନେଇ ଗହଣା ଦୋକାନ ଗଲେ । ଯେତେବେଳେ ଚନ୍ଦ୍ରହାର କିଣି ରାଜକିଶୋରଙ୍କୁ ଦଶହଜାର ଟଙ୍କା ଦେବାକୁ କହିଲେ, ସିଏ ହଠାତ୍ ରାଗିଗଲେ । "ଏ ହାର ପାଇଁ ମୁଁ ପୁଣି ଟଙ୍କା ଦେବି ? ତମେ ଭାବିପାରିଲ କେମିତି ? ମୁଁ ତ କହିନଥିଲି ତମେ ଏ ହାର କିଣ ବୋଲି । ତମେ ତମ ମାଙ୍କ କଥାରେ ପଡି କିଣୁଛ । ଏବେ ସିଏ ଦିଅନ୍ତୁ ସେଥିପାଇଁ ଟଙ୍କା । ଦଶହଜାର ଟଙ୍କା ଦେଇ ହାର କିଣିବ । କେମିତି ଭାବିପାରିଲ ସେକଥା ? ସେପଟେ ମୋ ଭାଇଟା କଲେଜରେ ପଢୁଛି । ସେଥିପାଇଁ କେତେ ଖର୍ଚ୍ଚ । ହେଲେ ତମର କିନ୍ତୁ ହାର ପିନ୍ଧିବାର ସଉକ ।"

କହିଲେ ତ କହିଲେ, ହେଲେ ଏମିତି କ୍ରୋଧ ପ୍ରକାଶ କରି କହିଲେ ଯେ, ରେଣୁକା ସେ ଦୋକାନରେ ଅପମାନିତ ଅନୁଭବ କଲେ । ସାଙ୍ଗରେ ମା ଥିଲେ । ସିଏ ମଧ୍ୟ ଅପମାନିତ ଅନୁଭବ କଲେ । ରାଜକିଶୋର ଟଙ୍କା ଦେଲେନି । ଚନ୍ଦ୍ରହାର କିଣାହେଲାନି । ସେ ମୁଦି ଓ ଚେନ୍ ସବୁକୁ ସିଏ ଫେରସ୍ତ କରି ଆଣିଲେ । ବାପା ଥିଲେ ଅଲଗା କଥା ହୋଇଥାଆନ୍ତା । ହେଲେ ବାପାଙ୍କ ଯିବା ପରେ, ମା ଓ ଭାଇମାନଙ୍କ ଉପରେ ଅର୍ଥ ଚାପ ପକେଇବାକୁ ରେଣୁକା ଚାହିଁଲେନି ।

ଅପମାନିତ ହୋଇ ଘରକୁ ଫେରିଥିଲେ ରେଣୁକା । ତାଙ୍କ ମନରେ ରାଜକିଶୋରଙ୍କ ପ୍ରତି ଭୟ ବଢିଗଲା । ତାପରେ ଗହଣା ଦୋକାନରେ ଯାହା ହେଲା, ରାଜକିଶୋର ତାଙ୍କୁ ଏକ ଅସାମାଜିକ, ଅସଭ୍ୟ ମଣିଷ ଭଳି ମନେ ହେଲେ । ନିଜ ସ୍ୱାମୀଙ୍କର ଏମିତି ପ୍ରତିଛବିକୁ

ISSN NO.
2582-208X

ଭାବି ସିଏ ମର୍ମାହତ ହେଲେ । ସେମାନେ ଆମେରିକା ଫେରିଲେ । ବାଟସାରା ସ୍ୱାମୀ, ସ୍ତ୍ରୀ ଆଉ କଥାବାର୍ତ୍ତା ହୋଇନାହାନ୍ତି । ସେଇ ଚାପରେ, ଦୁଃଖରେ, ରେଣୁକାଙ୍କର ଏ ରୋଗ ବାହାରିଲା । ଦିଲ୍ଲୀରୁ ବିମାନରେ ବସିବା ପରେ, ହଠାତ୍ ତାଙ୍କ ହାତରୁ ସବୁ ଶକ୍ତି ଅପସରି ଯିବା ଭଳି ଲାଗିଲା । ଦେଢ ବର୍ଷର ବାପୁନିକୁ କୋଳରେ ବସେଇ ହାତରେ ଚାପି ଧରିବାର ସମସ୍ତ କ୍ଷମତା ଯେମିତି ହଠାତ୍ ଉଭେଇଗଲା ।

ମାନସିକ ଚାପ ବେଳେବେଳେ ଏମିତି ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଅତି ପ୍ରିୟ ମଣିଷ ସହିତ ଝଗଡା ହେଲେ, ଲାଗେ ଯେମିତି ହୃତ୍‌ପିଣ୍ଡରୁ ରକ୍ତ ଶୁଖିଯାଉଛି । ମୁଣ୍ଡ ଭାରିଭାରି ଲାଗେ । ମନ କୌଣସିଥିରେ ରହେ ନାହିଁ । ତେଣୁ ଦୁର୍ଘଟଣା ଘଟିଯାଏ । କେବେ ତରକାରୀ ପୋଡିଯାଏ ତ କେବେ ହାତରୁ ଗ୍ଲାସ୍ ପଡି ଭାଙ୍ଗି ଚୁର୍‌ମାର୍ ହୋଇଯାଏ । ମନ ଅବସାଦରେ ଭାଙ୍ଗି ପଡେ । ଏମିତି ଲାଗେ, ଯେମିତି ଏ ସଂସାରରେ ତମେ ଏକୁଟିଆ । କେହି ପ୍ରକୃତ ସାଥୀ ନାହାନ୍ତି । ତମର ଉପସ୍ଥିତି, ଅନୁପସ୍ଥିତି କାହାକୁ ଫରକ ପଡେନି । କେହି ତମକୁ ମନଦେଇ ଭଲପାଆନ୍ତି ନାହିଁ । ଏମିତି ପରିସ୍ଥିତିରେ ଅନେକ ବେଳେବେଳେ ଭୁଲ୍ ବାଟ ଆପଣେଇନିଅନ୍ତି। ସଂପର୍କର ଡୋରି ଛିଡେଇଦିଅନ୍ତି, ନଚେତ୍ ନିଜ ଉପରେ ନିଜେ ପ୍ରତିଶୋଧ ନିଅନ୍ତି ।

ଏଇଭଳି ଯେଉଁ ଭାବନା ରେଣୁକାଙ୍କ ମନରେ ଆସିଲା, ସେସବୁର ପ୍ରତିକ୍ରିୟା ତାଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇଲା । ସେଥର ଘରକୁ ଫେରିବା ପରେ ପୁଣି ହାତ, ଗୋଡରେ ପୂର୍ବ ଭଳି ବଳ ଫେରିଲା ସତ, ହେଲେ କିଛି ମାସ ବ୍ୟବଧାନରେ ପୁଣି ଏମିତି ହେଲା । ଯେତେବେଳେ ବି କୌଣସି କାରଣରୁ ରାଜକିଶୋରଙ୍କ ସହିତ ତାଙ୍କର ମନୋମାଳିନ୍ୟ ହେଲା, ତାର ପରବର୍ତ୍ତୀ ମୁହୂର୍ତ୍ତରେ ରେଣୁକାଙ୍କ ଶରୀରରେ ପ୍ରତିକ୍ରିୟା ହେଲା । କେତେବେଳେ ହଠାତ୍ ହାତ ଅଟକିଗଲା ତ କେତେବେଳେ ଗୋଡ ଅଟକିଗଲା । ଏମିତି ତ ଠିକ୍ ଥିଲା । ହେଲେ ଥରେ ତରତର ହୋଇ ସିଡିରେ ଉପର ମହଲାକୁ ଯିବା ସମୟରେ ହଠାତ୍ ଗୋଡ ଅଟକିଗଲା। ରେଣୁକା ସିଡିରୁ ତଳେ ପଡିଗଲେ । ନିତମ୍ବର ହାଡ କୋଉଠି ଭାଙ୍ଗିଗଲା । ଡାକ୍ତରଖାନାରେ କିଛିଦିନ ରହିବାକୁ ପଡିଲା । ରାଜକିଶୋର ସମବେଦନା

ISSN NO.
2582-208X

ଦେଖେଇବେ କଣ, ଓଲଟି ରେଣୁକାଙ୍କ ଉପରେ ରାଗିଲେ । "କେତେକେତେ ସ୍ତ୍ରୀ ଲୋକ ଉଭୟ ଘରକାମ ଓ ନିଜର ବୃତ୍ତିଗତ କାମ କେତେ ସୁରୁଖୁରୁରେ କରୁଛନ୍ତି । ଆଉ ତମର ଗୋଟିଏ କେବଳ ଘର ସମ୍ଭାଳିବା କାମ, ସେଇଟା ବି ଭଲରେ କରିପାରୁନ । ପାହାଚରେ ଏତେ ଜୋରରେ ତରତର ହୋଇ ଚାଲିବାର କଣ ଦରକାର ଥିଲା ? ଏବେ ନିଜେ ତ ପଡିଲ, ଆମ ସମସ୍ତଙ୍କୁ ବି ଭୋଗେଇଲ ।"

ସେଇଟା ସତକଥା । ପିଲାମାନେ ସ୍କୁଲ୍ ଯାଉଥିଲେ । ସେମାନଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରି ପଠେଇବା, ସେମାନଙ୍କ ହୋମଓ୍ୱାର୍କ ଜାଞ୍ଚ କରିବା, ରୋଷେଇ କରିବା, ଇତ୍ୟାଦି ଅନେକ କାମ ରାଜକିଶୋରଙ୍କ ଉପରେ ପଡିଲା । ଏଥିରେ ଜଣେ ମଣିଷ ରାଗିବନି ତ କଣ କରିବ? ରେଣୁକା ବୁଝୁଥିଲେ । ହେଲେ, ଆକ୍ସିଡେଣ୍ଟ ତ କେହି ଜାଣିଜାଣି କରେନି । ଏମିତି ହୋଇଯାଏ । ଅବଶ୍ୟ ତାଙ୍କର ଏମିତି ତରତର ହୋଇ ଉପରକୁ ଚଢିବାର ନଥିଲା। ହେଲେ ବାବୁନିର ଆର୍ଟ ପ୍ରୋଜେକଟ୍ ପାଇଁ ଦୁଇ ଡଲାର୍ ଫି ଦେବାର ଥିଲା । ସେଥିପାଇଁ ସିଏ ତରତର ହୋଇ ଉପରକୁ ଚଢୁଥିଲେ । ଆଉ ସେତିକିବେଳେ ଏ ଗୋଡଟାକୁ କେମ୍ପା ହେବାର ଥିଲା । ଅବଶ୍ୟ ସେଇଦିନରୁ ସିଏ ସଜାଗ ରହିଲେ । ଉପରକୁ ଚଢିବା ବେଳେ ସାବଧାନତା ଅବଲମ୍ବନ କଲେ । କିନ୍ତୁ ଏ ଗୋଡହାତ ଅସମୟରେ କେମ୍ପା ହୋଇଯିବା ପାଇଁ ସମୟ ଅସମୟରେ ଛୋଟଛୋଟ ଦୁର୍ଘଟଣା ଘଟୁଥିଲା ।

ସେସବୁ ସମୟ ଅଲଗା ଥିଲା । ପାଖରେ ନିଜର ଫୋନ ନଥିଲା । ପରିବାରର କାହା ସହିତ ମନଖୋଲି କଥା ହେଲେ କେତେବେଳେ ଯଦି ବିଲ୍ ବଢିଯାଏ, ରାଜକିଶୋର ରାଗିଯାଆନ୍ତି । "ତମକୁ କଣ କିଛି ଜଣାପଡେନି ନା କଣ ? ମିନିଟ୍‌କୁ ୩ ଡଲାର୍ । ତମେ ଆଜି ୧୦ ମିନିଟ୍ କଥା ହେଲ । ୩୦ ଡଲାର୍ ଗଲା ।"

ରେଣୁକା ଚୁପ୍ ହୋଇଯାଆନ୍ତି । ସତରେ ତ ତାଙ୍କର ରୋଜଗାର କିଛି ନାହିଁ । ତା ଉପରେ ଏତେ ଖର୍ଚ୍ଚ ବଢେଇଲେ, ସ୍ୱାମୀ ତ ରାଗିବେ । ତେବେ ରାଜକିଶୋର ଯାହା ବି ହେଉନ୍ତୁ, ରାମଚନ୍ଦ୍ରଙ୍କ ଭଳି ଏକପତ୍ନୀ ବ୍ରତରେ ଥାଆନ୍ତି । ଅନ୍ୟ କୌଣସି ବଦଗୁଣ ତାଙ୍କର ନଥିଲା।

ISSN NO.
2582-208X

ସେଥିପାଇଁ ରେଣୁକା ସହିଗଲେ । ହେଲେ, ମନର ଚାପକୁ କେମିତି ନିୟନ୍ତ୍ରଣ କରିବେ ? ପିଲାମାନେ ପୂରା ସମୟ ସ୍କୁଲ୍ ଯିବା ପରେ, ପାଖରେ ଅନେକ ସମୟ ବଳିଲା । ସେ ସମୟରେ ରେଣୁକା ଗୋଟିଏ ଶିଶୁଯତ୍ନ କେନ୍ଦ୍ରରେ କାମ କରିବା ଆରମ୍ଭକଲେ । ତିନିବର୍ଷର ଅଭିଜ୍ଞତା ପରେ, ଟ୍ରେନିଙ୍ଗ୍ ନେଇ ନିଜ ଘରେ ଗୋଟିଏ ଶିଶୁ ଯନ୍ତ୍ର କେନ୍ଦ୍ର ଖୋଲିଲେ । ସେଥିରୁ ଭଲ ଆୟ ହେଲା । ରେଣୁକା ବି ନିଜେ ରୋଜଗାର କରିପାରୁଥିବାରୁ, ତାଙ୍କୁ ଭଲଲାଗିଲା । ବେଳେବେଳେ ରୋଗ ଦାଉ ସାଧେ । ତେବେ ସିଏ ଅନ୍ୟ ଦୁଇଜଣ କର୍ମୀଙ୍କୁ ନିଯୁକ୍ତି ଦେଇଥାଆନ୍ତି ଓ ସେମାନେ କାମ ଚଳେଇ ନିଅନ୍ତି ।

ଏମିତି ସୁଖଦୁଃଖରେ ସଂସାର ଚାଲୁଥିଲା । ବଡପୁଅଟାକୁ ଯେତେବେଳେ ତିରିଶି ଟପିଲା, ବାହାଘର କଥା ମନକୁ ଆସିଲା । ହେଲେ ସେ ପିଲା ଜମା ମଙ୍ଗିଲାନି କି କେଉଁ ଝିଅ ସହିତ ବନ୍ଧୁତା ବଢେଇ ପାରିଲାନି । ଏବେ ବାବୁନିକୁ ୩୯ ବର୍ଷ ହେଲା। ସିଏ କେବେ ବାହାହୋଇ ସଂସାର କରିବ ବୋଲି ପରତେ ହୁଏନି। ହେଲେ ବାପୁନି ସେଇ ଅନୁପାତରେ ସ୍ମାର୍ଟ କାମଟିଏ କଲା । କଲେଜରୁ ଜଣେ ଝିଅ ବନ୍ଧୁ ଯୋଗାଡ କରିନେଲା । ଏବେ ସେମାନେ ଉଭୟ କଲେଜ ସାରି ନିଜନିଜ ବ୍ୟବସାୟିକ ବୃତ୍ତିରେ କାର୍ଯ୍ୟରତ । ବର୍ଷକ ତଳେ ସେମାନଙ୍କର ନିର୍ବନ୍ଧ ହୋଇଥିଲା । ଏବର୍ଷ ବାହାଘର ।

ଏତେ ବର୍ଷ ଭିତରେ, ରେଣୁକା ଆଉ କେବେ କୌଣସି ଗହଣା ପାଇଁ ମନ ବଳେଇ ନାହାନ୍ତି। ରାଜକିଶୋର ବି କେବେ ତାଙ୍କ ପାଇଁ ନିଜ ମନରୁ ଭାବି କିଛି ଗହଣା କିଣିଦେଇନାହାନ୍ତି । ବେଳେବେଳେ ମନକୁ ଆସିଛି, "ମୁଁ ତ ଏତେ ରୋଜଗାର କରୁଛି, ଯାଉଛି ନିଜପାଇଁ ଗୋଟିଏ ଚନ୍ଦ୍ରହାର କିଣିବି ।" ପୁଣି ମନ ପଛକୁ ଫେରିଯାଇଛି । "କିଏ ଆଉ ମୋର ଏ ଚନ୍ଦ୍ରହାର ଦେଖି ପୁଲକିତ ହେବ ? ମୋର ଏ ଯେଉଁ ରୋଗିଣା ଶରୀର, ସେଥିରେ ନିଜେ କେମିତି ବଞ୍ଚି ରହିବି, ସେଇ କଥା ମନକୁ ଘାରୁଛି । ଅଧା ସମୟ ଡାକ୍ତରଖାନାରେ କଟୁଛି । ପୁଣି ସେଥିରେ ଏ ଚନ୍ଦ୍ରହାର ପିନ୍ଧିବାର ଇଚ୍ଛା । ଛି, ଛି, କି ରକମର ଅଜବ ଚିନ୍ତା ପଶୁଛି ଏ ମନରେ ?"

ISSN NO.
2582-208X

ସେମାନଙ୍କର ଯେବେ ୨୫ ବର୍ଷ ବିବାହ ବାର୍ଷିକୀ ହେଲା, ଉଭୟ ଓଡିଶାରେ ଥିଲେ । ମା ତ ସେତେବେଳକୁ ନଥିଲେ । ବଡ ଭାଇ ଓ ସାନ ଭାଇ ମିଶି ସେମାଙ୍କ ପାଇଁ ଏକ ସ୍ଵତନ୍ତ୍ର ପାର୍ଟି ରଖିଥିଲେ । କେବଳ ପରିବାର ସଦସ୍ୟଙ୍କୁ ନେଇ । ସେତିକିବେଳେ ରାଜକିଶୋର ତାଙ୍କୁ ଗୋଟିଏ ଦାମିକା ଶାଢୀ ଉପହାର ଦେଇଥିଲେ । ବାସ୍, ସେତିକି ।

ବାପୁନିର ନିର୍ବନ୍ଧ ଦିନ ଅନେକ ଖୁସି ହୋଇଥିଲେ ରେଣୁକା । ବଡ ପୁଅ ପାଇଁ ମନରେ ଟିକେ ଦୁଃଖ ଜାଗ୍ରତ ହୋଇଥିଲା । ହେଲେ ଏବେକାର ସମୟରେ ପିଲାମାନଙ୍କ ଉପରେ ବାପା, ମାଙ୍କର ସେମିତି ନିୟନ୍ତ୍ରଣ ତ ନାହିଁ । ସେମିତି ସମୟ ନାହିଁ କି, ବାପା, ମା ଯେଉଁଠି ସ୍ଥିର କରିବେ, ସେଇଠି ବାହାଘର ହୋଇଯିବ । ନହେଲେ ମେଟ୍ରିକ୍ ପାସ୍ କରୁକରୁ, କଲେଜ ନ ପଠେଇ ବାପା ଯେମିତି ରେଣୁକାଙ୍କର ବାହାଘର କରିଦେଇଥିଲେ, ତାର ମତାମତ ବି ପଚାରିନଥିଲେ, ସେସବୁ କଣ ଏ ସମୟରେ ଚଳିବ ?

ମେ ମାସର ୧୫ ତାରିଖ । ସେମାନଙ୍କର ବିବାହ ବାର୍ଷିକୀ ଥିଲା । ରାଜକିଶୋର କହିଲେ, "ରେଣୁକା, ତମେ କଷ୍ଟ କରି ଆଜି ରୋଷେଇ କରନି । ଆମେ ରେଷ୍ଟୁରାଣ୍ଟରୁ ରାତିରେ ଖାଇବା ଅର୍ଡର କରିବା । ବାବୁନି ଓ ବାପୁନି ବି ସନ୍ଧ୍ୟାବେଳେ ଆସିବେ ।

ରେଣୁକା କହିଲେ, "ହୋଉ, ଠିକ୍ ଅଛି । ଟିକେ ମନ୍ଦିର ଯାଇଥିଲେ ଭଲ ହୋଇଥାନ୍ତା ।"

"ହଁ, ସେଇଟା ବି କରିବା । ପ୍ରଥମେ ମନ୍ଦିର ଯାଇ ଫେରିଆସିବା । ବାପୁନିକୁ ବାବୁନି ସେ ସମୟ ଭିତରେ ଏୟାରପୋର୍ଟରୁ ନେଇଆସିବ । ମୋର ଯିବା ଦରକାର ପଡିବନି ।"

ସନ୍ଧ୍ୟା ପ୍ରାୟ ସାତଟା ବେଳ । ମନ୍ଦିରରୁ ଘରକୁ ଫେରିବା ପରେ ଦେଖିବା ବେଳକୁ ଘର ପୂରା ସଜା ହୋଇଛି । ଭାବୀ ବୋହୂ ଅନିମା ଆସି ସେସବୁ କରିଛି । ଅନିମା ଆସିବ ବୋଲି ଜାଣିନଥିଲେ ରେଣୁକା । ଘରଟା ପୂରିଲା ପୂରିଲା ମନେହେଲା । ଭୋଜନ ପରେ କେକ୍ ବି କଟା ହେଲା । ଅନିମା କହିଲା, "ଏବେ ମାମା, ପାପାଙ୍କର ଗିଫ୍ଟ୍ ଖୋଲିବା ବେଳ । ଖୋଲନ୍ତୁ ତ ମାମା, ଆପଣଙ୍କ ପାଇଁ କଣ ସବୁ ଗିଫ୍ଟ୍ ଅଛି ।" ରେଣୁକା ରାଜକିଶୋରଙ୍କୁ ଚାହିଁଲେ ।

ISSN NO.
2582-208X

ରାଜକିଶୋର ହସିହସି କହିଲେ, "ସଙ୍କୋଚ କାହିଁକି କରୁଛ । ଖୋଲ, ଦେଖ ତମ ପିଲାମାନେ ତମକୁ କଣ ସବୁ ଦେଇଛନ୍ତି ।"

ଦୁଇ ପୁଅ ଓ ବୋହୂ ମିଶି ରାଜକିଶୋରଙ୍କ ପାଇଁ ସୁଟ୍ ଓ ରେଣୁକାଙ୍କ ପାଇଁ ଏକ ବନାରସୀ ପାଟ କିଣିଥିଲେ । ରେଣୁକାଙ୍କୁ ପାଟଶାଢ଼ୀ ଦେଖି ବହୁତ ଖୁସି ଲାଗିଲା । ସିଏ ଧନ୍ୟବାଦ ଦେଇ, ପିଲାମାନଙ୍କୁ ଆଲିଙ୍ଗନ କରିବା ପରେ, ଅନିମା କହିଲା, "ମାମା, ଏବେ ଏ ଗିଫ୍ଟ୍‌ଟା ଖୋଲନ୍ତୁ ।"

"ଏଇଟା ପୁଣି କିଏ ଦେଇଛି ? ମୋ ପାଇଁ ଏ ସ୍ୱତନ୍ତ୍ର ଗିଫ୍ଟ୍ କାହିଁକି ?"

"ତମେ ପ୍ରଥମେ ଖୋଲ ତ ।" - ବାବୁନି ଓ ବାପୁନି ଏକ ସ୍ୱରରେ କହିଲେ ।

ରେଣୁକା ସେ ଗିଫ୍ଟ୍ ଖୋଲି ଯାହା ଦେଖିଲେ, ସେଥିରେ ତାଙ୍କ ବିସ୍ମୟର ସୀମା ରହିଲାନି । ସେଥିରେ ଚନ୍ଦ୍ରହାର ଟିଏ ଥିଲା । ଠିକ୍ ସେମିତି, ଏକା ଭଳି ଚନ୍ଦ୍ରହାର, ଯେଉଁଟା ସିଏ ୧୯୯୫ ମସିହାରେ କିଣିବାକୁ ଯାଇ କିଣିପାରିନଥିଲେ । ରେଣୁକାଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡିଲା ।

ଅନିମା କହିଲା, "ଏ ଗିଫ୍ଟ୍ ପାପା ଆପଣଙ୍କ ପାଇଁ କିଣିଛନ୍ତି ।"

"କେମିତି ହୋଇଛି, କୁହ ତ ?" - ରାଜକିଶୋର ପଚାରିଲେ ।

"ବହୁତ ସୁନ୍ଦର ।।" - ରେଣୁକାଙ୍କ କଣ୍ଠ ରୁଦ୍ଧ ହୋଇଆସିଲା ।

ଅନିମା କହିଲା, "ମାମା, ଏବେ ଚାଲନ୍ତୁ, ମୁଁ ଆପଣଙ୍କୁ ଏ ନୂଆ ଶାଢ଼ୀ ପିନ୍ଧେଇ ଏଠିକୁ ଆଣିବି। ତାପରେ ପାପା ଆପଣଙ୍କୁ ଏ ଚନ୍ଦ୍ରହାର ନିଜେ ପିନ୍ଧେଇଦେବେ ।"

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଆମେ କ ସ୍ୱାଧୀନ!



ଅଳକା ମହାନ୍ତ

ଘରେ ଘରେ ଯାଇ ପଚାର ବନ୍ଧୁ
କିଏ  କେତେ  ଯେ ସ୍ୱାଧୀନ!
ସ୍ୱତନ୍ତ୍ରତା ର ମଉଛବ କରି
ଏବେ ତ ନୁହେଁ ଅଧୀନ??

ଅନାଇ ବସିଛି ଶାଗୁଣା ପରାୟେ
ଲୋଭ, ମୋହ, ଅହଙ୍କାର,
କେତେବେଳେ କିଏ ହୁଏ ତା ଅଧୀନ
ପରିବାର  ଛାରଖାର।

କାମ ମହା ଶତ୍ରୁ ଗ୍ରାସ କରିଅଛି
ଲାଗେ ସେତ ଅଜଗର,
ପରାଧୀନ ସବୁ ତାର ମାୟା ବଳେ
ଥର ହର ନାରୀ ନର॥

କ୍ରୋଧର ଅଧୀନେ ଦେଶ ଓ ବିଦେଶ
ପୃଥିବୀରେ ଗୃହ ଯୁଦ୍ଧ,
ହାହାକାର ମଚି ଯାଇଛି ସଂସାରେ
ପୁତ୍ର କରେ ପିତୃ ବଧ।

ISSN NO.
2582-208X

ଆଳସ୍ୟ ନାମକ ରିପୁର କବଳେ
ପରାଧୀନ ଯୁବା ପିଢ଼ି,
ଯେତେ ଥିଲେ ଶକ୍ତି ସାମର୍ଥ୍ୟ ଶରୀରେ
ମନ ପାରୁନି ରେ ଉଡ଼ି ।

ବିଷୟ ବାସନା, ପରଶ୍ରୀକାତର
ଶାସନ କରେ ବୁଦ୍ଧିକୁ,
ଇନ୍ଦ୍ରିୟ ଭୋଗରେ ମନ ନିବେଶିତ
ଖୋଜୁଛି ସୁଖ ଶାନ୍ତିକୁ ।

ଶାନ୍ତି ପରା ଅଟେ ଗଳାର ପଦକ
ନିଜ ହାତେ ନିଜ ଚାବି,
ଅନ୍ୟ ହାତେ ନାହିଁ କାହା ସ୍ୱାଧୀନତା
କର୍ମେ  ଉଭା ଭାଗ୍ୟ ରବି ।

ପଞ୍ଚ ଭୂତ ଏହି ଶରୀର ମଧ୍ୟରେ
ପଞ୍ଚ ଭୂତ ପଞ୍ଚେନ୍ଦ୍ରିୟ,
ଦମନ କରିଲେ ଷଡ ରିପୁ ଆମ
ସୁଖ ମିଳେ ଅତିନ୍ଦ୍ରୀୟ ।

ଆଣିଦିଏ ମନେମୁକ୍ତି ର ଆନନ୍ଦ
ଆତ୍ମା ଲଭେ ଚିର ଶାନ୍ତି,
ସ୍ନେହ,ପ୍ରେମ,ଶାନ୍ତି ଆମର ଯେ ଧର୍ମ
ପରାଧୀନୁ ଦିଏ ମୁକ୍ତି ॥

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ରଥାରୁଢ଼



ଡ. ଶକୁନ୍ତଳା ଗୁପ୍ତା

ଯେବେଠୁ ପ୍ରେମକୁ ଜୀବନ ଅର୍ଥେ ନିବେଦିତ
ଏକ 'ଉଦ୍ୟାନ ଶ୍ଳୋକ' ବୋଲି ବୁଝାଇଲ,
ଏତିକି ବୁଝିଲି; ଏ ଜଗତେ ଏକଇ ଭ୍ରମର
ନିଜେ ଫୁଟାଇଛି ଅସଂଖ୍ୟ ପ୍ରେମ କଞ୍ଜବନ
ରହସ୍ୟମୟ ଅଶରୀରୀ ପ୍ରେମିକ, ମାନ୍ତ୍ରିକ ବଲ୍ଲଭ
ସେ ହିଁ ଘୁରିବୁଲୁଛି ଛଦ୍ମବେଶେ ମାୟାବୀ ଭମରନାଗର
ବନସ୍ତେ ଆଉ ନିଦ୍ରାବଣେ,
କେବେ ରଥାରୁଢ଼ ବାମନ
ଉପାନ୍ତରେ ନଗର ନଗର

ସାହାଡ଼ା ସୁନ୍ଦରୀ, ତମାଳ, ମାଧବୀ, ପ୍ରିୟାଙ୍ଗନା ମେଳେ
ଲକାରରୂପା ଲଲିତା ନିଷେବିତ
କୋଇଲି ବୈକୁଣ୍ଠରେ ଦୟିତ (ସ୍ୱାମୀ) ବନମାଳ
କଦମ୍ବ କୁସୁମ ପ୍ରିୟ
ସଜାଇଛି ଅଦୃଷ୍ଟ ନିକୁଞ୍ଜ ନୟନେ ନୟନେ
ନାଥ ନାଇଛି ନୟନେ ଶତଦଳ କମଳ

ISSN NO.
2582-208X

ତୁଳସୀ କନକଚମ୍ପା ଚହଟେ ତା' ଗଳାରେ ମହଣ ମହଣ
ସେ ଚଉକାଠ ଖିଲାଣକୁ ଆଭୂମ ନମନ

ନିର୍ଦ୍ଦୟ ନିଦାଘକାଳେ ହେ ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ
ଆଶାର ଦଧିନଉତି ଘେନା ହେଉ ପ୍ରଣତି
ମାନଭଞ୍ଜନ କର ଦୟାମୟ ମଣିଭୂ ମଣିମା
ଟିକିଜୀବନିଆଁ ପତିତ ତୁଲେ ବଳାଅ କରୁଣା,

ଅନ୍ଧାର ରାତିର ବୁକେ ଅସାର ଦୁଃଖର ବରଷା
ମେଘମନା ଆଷାଢ଼ ପରି ଭସାଏ କଟାଳଦିନ
ଭରସା ବାନ୍ଧିରହୁ ଦିକଡ଼ାର ମାନୁଷ ଜୀବନ
ଲେଉଟ ମାନନା ମାହାପୁରୁ, ପ୍ରଭୁ ପତିତପାବନ!

ଅଧ୍ୟାପିକା, ଡାମିଟ୍ସ
ରାଉରକେଲା
9437803581

ISSN NO.
2582-208X

# ତୃଷାର୍ତ୍ତ ସାଗର...



ମଧୁମିତା ମିଶ୍ର

ଖୁସି ଲାଗୁଥିଲା..
ବହୁତ ଦିନ ପରେ ..
ସାଗର କୂଳେ ନିରୋଳାରେ ବସି..
ଅଗଣିତ ଲହରୀ ଗଣିବାକୁ..
ଆଉ ତା ସହ..
ଅନନ୍ତ ଗଗନର ଅପୂର୍ବ ସୌନ୍ଦର୍ଯ୍ୟ..
ମନ ଭରି ଅବଲୋକନ କରିବାକୁ..!!

ହେଲେ କେଜାଣି କାହିଁକି..
ଲାଗିଲା କେହି କିଛି କହୁଛି...
କାନ୍ଦି କାନ୍ଦି.. ମୁଣ୍ଡପିଟୁଛି...!!
ବିକଳ.. ଆକୁଳ ହୋଇ..
ଅନ୍ତର୍ବେଦନା ଜଣାଉଛି...!!

କିଏ ତ ନ ଥିଲେ..
ତେବେ କାହାର ଏ କ୍ରନ୍ଦନ!!!
ଲାଗିଲା.. ଲହରୀ ମଧ୍ୟ ଦେଇ..
ସମୁଦ୍ର କାନ୍ଦୁଛି.. କହୁଛି...

ISSN NO.
2582-208X

ବହୁତ ଶୋଷ ଲାଗୁଛି..
ଅନ୍ତହୀନ ପିପାସା ମୋର..
ବିନ୍ଦୁଏ ଅମୀୟ ମିଳିବନି କି ସ୍ନେହ ପରଶର!!!

ଯୁଗ ଯୁଗ ଧରି କାନ୍ଦୁଛି ମୁଁ...
ମୁଣ୍ଡ ପିଟି ଗୁହାରି କରୁଛି..
ଥରେ.. ମାତ୍ର ଥରେ..
ମୋତେ ଅଧିକାର ଦେବାକୁ...
କାହାରି ତୃଷା ମେଣ୍ଟେଇବାକୁ...
ଥରେ କାହା ତୃପ୍ତିର କାରଣ ହେବାକୁ..!!

ଏ ଅକଳନୀୟ କଳେବର..
ଲାଗୁଛି ସମ୍ପୂର୍ଣ୍ଣ ବେକାର..
ଯେବେ ମୋ ନିକଟେ କେହି...
ତୃଷାତୁର ଜଳ ଟୋପେ ଖୋଜେ..
ମନ ମୋ.. ଯୁଗ ଯୁଗ ଧରି..
ଏ ଅପୂରଣୀୟ ପିପାସାରେ ହଜେ...!!

ସାଗର ପିପାସା ପରୋପକାର..
କଣ ବା ଆଉ ହେଇପାରେ..
ତା ଅସମାପ୍ତ ଗୁପ୍ତ ଅଭିସାର..!!
ଭାବି ତା କଥା ମୋ ତଣ୍ଟି ଶୁଷ୍କ ହେଲା...
ସାଗରକୁ ସେ ଅବସ୍ଥାରେ ଛାଡି...
ଜଳ ଟୋପେ ପାଇଁ ଆଗକୁ ଆସିବାକୁ ପଡ଼ିଲା..!!

ଭୁବନେଶ୍ୱର

ISSN NO.
2582-208X

# ଚକ୍ରବ୍ୟୁହ



ଆଶୁତୋଷ ମେହେର

ସେ ମତେ ଦେଖି ହସିଲା ।

ମୁଁ ତାକୁ ଦେଖିଲି, ଚିହ୍ନିଲା ଚିହ୍ନିଲା ପରି ଲାଗୁଥିଲା ହେଲେ ମନରେ ଯୋର୍ ଲଗାଇଲା ପରେ ମଧ୍ୟ ପୁରା ଚିହ୍ନିବା କଷ୍ଟକର ହେଉଥିଲା ।

....ସାର୍ ମୁଁ ନଟ...ନଟବର ରାଉତ୍, ଚିହ୍ନି ପାରୁ ନାହାନ୍ତି ? ଛଅ ମାସ ପୂର୍ବରୁ ସବୁଦିନେ ରାତି ବେଳା ଆପଣଙ୍କ ପାଖକୁ ଖାଇବା ମିଲ୍ ଆଣିଦେଉଥିଲି ଖାଦ୍ୟ ଡେଲିଭେରି ସଂସ୍ଥା ତରଫରୁ !!

ମନେ ପଡିଗଲା । ମୋ ସ୍ତ୍ରୀ, ସାନ ବୋହୂଙ୍କ ପ୍ରଥମ ଡେଲିଭେରିରେ ସାହାର୍ଯ୍ୟ ପାଇଁ ଯାଇଥିଲେ ବାଙ୍ଗାଲୋର, ଆଉ ମୁଁ ରହୁଥିଲି ଏଇ ସହରରେ ଏକାଏକା ଚାକିରୀ ପାଇଁ। ଦିନବେଳା ଅଫିସ୍ କେଣ୍ଟିନ୍ ରେ ଖିଆପିଆ, ରାତିବେଳା ଏଇ ଖାଦ୍ୟ ଡେଲିଭେରି ସଂସ୍ଥା ଉପରେ ନିର୍ଭରଶୀଳ....ଚାଲିଥିଲା ପ୍ରାୟ ପାଞ୍ଚମାସ ଧରି। ମଣିଷ ଆମେ, ପେଟର ଭୋକ ଆମର ନିତ୍ୟ ସହଚର, ତାକୁ ମେଣ୍ଟାଇବାରେ ସଦା ଆଗରେ। ହାତରେ ଅନେକ ପ୍ରକାରର ସୁଖ ସୁବିଧା, ନିଜ ଇଚ୍ଛା ମୁତାବକ ଖୋଜି ଲୋଡିଥାଉ, ଭୋଗ ବି କରିଥାଉ !!

ନଟ ଟା ବଡ ଖୋଲା ମିଜାଜ୍ ର ପିଲା। ଅନେକ ଥର ଟିଫିନ୍ କେରିଅର୍ ଦେଲାବେଳେ କହେ,....ସାର୍ ଏ ସଂସ୍ଥାରେ କାମ କରୁଛି ସିନା, କମାଣି ବହୁତ୍ କମ ପରିବାର ପୋଷିବାରେ ନିଅଣ୍ଟ। ଆପଣଙ୍କ ପରି ଆହୁରି ଦଶ ପନ୍ଦର ଜଣକୁ ଖାଦ୍ୟ ଡେଲିଭେରି

ISSN NO.
2582-208X

ଦେଇ ଯାହା ଅଳ୍ପବହୁତ କମିଶନ ମିଳେ ମାତ୍ର। ସେଇ ଆୟରେ ହିଁ ସଂସାର ଚଳାଇବାକୁ ପଡିଥାଏ।

ମଝିମଝିରେ ମୁଁ ତାକୁ କିଛି ପଇସା ଦେଉଥିଲି ହାତଖର୍ଚ୍ଚ କରିବାକୁ । ସେ ନେଉଥିଲା ଖୁସିରେ, ନମସ୍କାର ଟେ ମାରୁଥିଲା ହସି ହସି।

ଆଜି ଏତେ ଦିନ ପରେ ବଜାର ଉପରେ ଦେଖି କିଛି ପାଇବା ଆଶାରେ, ପୁରୁଣା ଦିନର କଥା ମନକୁ ଆଣି ପରିଚୟ ଦେଉଛି ନିଜର। କହିଲି....କଣ ନଟ, ଭଲରେ ଅଛ ? ସେଇ ସଂସ୍ଥାରେ ଏବେ ବି କାମ କରୁଛ ?

....ନାହିଁ ସାର୍, କେବଠୁଁ ଛାଡି ସାରିଲିଣି ।

ମୁଁ ନଜର ଦେଲି ନଟ ଉପରକୁ । ତା ବେଶ ପୋଷାକ, ଅଙ୍ଗଭଙ୍ଗୀ ଓ ଠାଣି ଟିକିଏ ନୂଆଁ ଚମକ ।

କହିଲି.....ଏବେ ବୋଧେ କେଉଁଠି ଭଲ କମାଣୀ ର ରାସ୍ତା ପାଇଯାଇଛ...ନୂଆଁ ଚାକିରୀରେ ଭଲ ଦରମା ପାଉଛ ଲାଗୁଛି।

....ନାହିଁ ସାର୍...ଦରମା ଏମିତି କିଛି ଖାସ୍ ନୁହେଁ । ହେଲେ ଏ ବ୍ୟବସାୟରେ କମିଶନ ଟା ମୋଟା ...ତା ଉପରେ ଦୁଇ ପାଖିଆ....ସପ୍ଲାୟର୍ ପାଖରୁ ପୁଣି ଉପଭୋକ୍ତା ପାଖରୁ ।

ମୋ ମୁହଁରେ ଅନେକ ପ୍ରଶ୍ନବାଚୀ ଦେଖି ନଟ କହିଚାଲିଥିଲା.....ଖାଦ୍ୟ ସପ୍ଲାଇ କରିବା ଭିତରେ ହଠାତ୍ ଦିନେ ମତେ ଅର୍ଡର୍ ନେଇ ଯିବାକୁ ପଡିଲା ସହର ଭିତରର ସେଇ ବିରାଟ ବହୁତଳ ଆପାର୍ଟମେଣ୍ଟ ର ଷଷ୍ଠ ତାଲାକୁ। କ୍ରମାଗତ ମାସେ ଖଣ୍ଡେ ଖାଦ୍ୟ ଦେବା ଭିତରେ ମୁଁ ଧ୍ୟାନ ଦେଇ ଦେଖିଲି ସ୍ୱାମୀ-ସ୍ତ୍ରୀ ଭାବେ ସେ ଦୁଇଜଣ ରହୁଥିଲେ ବି ଘରେ ରନ୍ଧାବଢା ର ନାଁ ଗନ୍ଧ ନାହିଁ। ମନର ସନ୍ଦେହ ମେଣ୍ଟାଇବାକୁ ହଠାତ୍ ଦିନେ ମୋ ପ୍ରଶ୍ନ ଶୁଣି ସେ ଦୁହେଁ ହସିଥିଲେ ପ୍ରଚଣ୍ଡ। ସ୍ତ୍ରୀ ଲୋକ ଜଣକ କହିଲା ନଟ ତୁମେ ସାଧାସିଧା ଲୋକ ଏ

ISSN NO.
2582-208X

ଗହନ କଥା ବୁଝିପାରିବ ତ? ଆଚ୍ଛା କହିଲ, ଏବେ ତୁମେ ଯେଉଁ କାମ କରୁଛ ସେଇଟା କଣ ? ତା ଉଦ୍ଦେଶ୍ୟ କଣ ?

......ଆମ ସଂସ୍ଥା ରନ୍ଧା ଖାଇବା ଜିନିଷ ସପ୍ଲାଇ କରେ ଘରେ ଘରେ...ସେ ଖାଦ୍ୟ ଖାଇ ଲୋକମାନେ ନିଜ ର ଭୋକ ମେଣ୍ଟାନ୍ତି l

.....ଠିକ୍ କହୁଛ ନଟ l ତେବେ ଗୋଟାଏ କଥା ଛାଡିକରି କହିଲ l ସେଇଟା ହେଲା ରନ୍ଧାଖାଦ୍ୟ ଖାଇଲେ ମଣିଷଙ୍କ ପେଟର ଭୋକ ମେଣ୍ଟେ l ଠିକ୍ ସେମିତି ମଣିଷର ଦେହ ଟେ ଅଛି....ଦେହ ଭିତରେ ମନଟେ ଅଛି.....ମନ ଭିତରେ ସଉକ ବୋଲି ଭାବନା ଟେ ଅଛି....ଆଉ ଏ ସବୁ ପାଇଁ ତା'ର ଅନେକ ଭୋକ l ସେ ଭୋକ ଅନେକ ରଙ୍ଗରେ ରଙ୍ଗୀନ, ବେଶୀ ଗହିରୀଆ l l ସେଇ ଭୋକ ମଣ୍ଟାଇବାର ବ୍ୟବସାୟ କୁ ନେଇ ଆମ କମ୍ପାନୀ ଚାଲିଛି ଏଇ ଆପାର୍ଟମେଣ୍ଟ କୋଠରୀ ଭିତରେ ଓ ବାହାରେ ସହରର ରାଜରାସ୍ତା ଗଳିକନ୍ଦିରେ ଥିବା ହୋଟେଲ୍ ଆଉ ଲଜ୍ ସବୁରେ l ତୁମ ପରି ଅନେକ ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି ଏ କାମରେ l

ସାର୍, ତା ପରେ ...ସେ ମହିଳା ଯାହା ସବୁ କହିଗଲେ ଆପଣଙ୍କୁ ବଖାଣିବାର କ୍ଷମତା ନାହିଁ ମୋର l ତେବେ ବହୁତ ଦିନରୁ ମୋ ମନରେ ଥିବା ଗୋଟାଏ ବଡ ଭ୍ରାନ୍ତଧାରଣା, ଗରିବୀ ପାଇଁ ମଣିଷ ନିଜର ମାନମହତ, ଶରୀର ବିକ୍ରିକରିଥାଏ ରେଳଲାଇନ୍ କଡ ଝୁପଡି ବସ୍ତିର ଗଳିକନ୍ଦିରେ, ହଟିଯାଇଥିଲା ସବୁଦିନ ପାଇଁ l ସୁଖ, ସ୍ୱାଚ୍ଛନ୍ଦ, ଭୋଗବିଳାସ, ଜୀବନରେ ଚାକଚକ୍ୟ ଯୋଡିବା ପାଇଁ ଏ କାମଟା ନିହାତି ଜରୁରି ଓ ଦରକାରୀ l ଆଧୁନିକ ମଣିଷର ଶରୀର ସତେ ଯେମିତି ଭୋକର ଗୋଟାଏ ଖେଳ ପଡିଆ l

ତାଙ୍କରି କଥାର କିମିଆ, ମୋର ନିଜ ଗରୀବି ର ଚକ୍ରବ୍ୟୁହରେ ଆଉ କିଛି ଅଧିକା ପଇସା କମାଣୀର ମାୟାଜାଲରେ, ସେଇ ଦିନରୁ ବୁଡି ରହିଛି ଏଇ ଧନ୍ଦାରେ ମୁଁ l ମୋ ନିଜ, ଆଉ ପରିବାରର ସଦସ୍ୟ ମାନଙ୍କ ପେଟ ଭୋକ ପାଇଁ ...ମୁଁ ଆଜି ଏ ଦଲଦଲ୍ ଭିତରେ ଆଉଟୁପାଉଟୁ ହେଉଛି ସିନା....ବାହାରି ପାରୁନି l

ISSN NO.
2582-208X

ନଟ ର ଆଖିରେ ମୁଁ ସ୍ପଷ୍ଟ ଦେଖିପାରୁଥିଲି ଜୀବନ ଯୁଦ୍ଧରେ ବାରବାର ପରାଜିତ ହେଉଥିବା ଏକ ସୈନିକର ଆର୍ତ୍ତନାଦ । ନଟ ମୁଣ୍ଡ ତଳକରି ଆଗକୁ ଯାଉଥିଲା । ମେର ମନେ ହେଲା ସେ ଅବାଗିଆ ଅନୁଭବ କରୁଛି ରାଜରାସ୍ତାରେ ଜଣେ ଚିହ୍ନା ଲୋକ ଆଗରେ ସେ ଯେମିତି ଲଙ୍ଗଳା ହୋଇ ଯାଇଛି ।

ମୁଁ ଚୁପଚାପ୍ ରାସ୍ତାକଡରେ ଠିଆ ହୋଇ ଭାବୁଥିଲି.....ପେଟର ଭୋକ, ମନର ଭୋକ, ଦେହର ଭୋକ, ଆତ୍ମାର ଭୋକ....ଭୋକ ଭୋକ ଭୋକ ହିଁ ଏକମାତ୍ର ସତ୍ୟ, ଯାହା ମଣିଷକୁ ଜୀବନ ଜିଇଁବାକୁ ପ୍ରେରିତ କରେ !! ବିବେକ, ସାମାଜିକ ଚାଲି ଚଳଣୀ ଓ ପ୍ରତିଷ୍ଠା ସବୁ ସେଇ ଭୋକ ଆଗରେ ତୁଚ୍ଛ....ଅତି ନଗଣ୍ୟ !!

ନଟ ହଜି ସାରିଥିଲା ସହରର ହାଉଯାଉ ଗହଳି ଭିତରେ। ମତେ ଲାଗିଲା ଆଉ କେହି ଜଣେ ମୋ ପାଖରେ ଠିଆ ହୋଇଛି କିଛି କହୁଛି ।

ବୁଲିପଡି ଅନାଇଲି । ମଇଳା ଶାଢୀ ପିନ୍ଧା ସ୍ତ୍ରୀଲୋକ ଜଣେ ...ବାଁ ହାତ କାଖରେ ନୁଖୁରା ବାଳସରସର ଦୁଇ/ତିନି ବର୍ଷର ଛୁଆଟେ...ଡାହାଣ ହାତରେ ଭିକ୍ଷାଥାଳ ବଢାଇ କହୁଛି....ବାବୁ କିଛି ଦିଅ ଛୁଆଟା ସକାଳୁ ପେଟରେ କିଛି ପାଇନି....!!

....ପର୍ସରୁ କିଛି ପଇସା ଦେଉଁ ଦେଉଁ ମୁଁ ଭାବୁଥିଲି...କେଜାଣି କେବେ ଏ ମଣିଷ ସମାଜ ଭୋକର ଚକ୍ରବ୍ୟୁହରୁ ମୁକୁଳି ପାରିବ ...!!

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ସପୂରୀ ଫଳ



ଇଂ. ସୁଶାନ୍ତ କିଶୋର ବଳ

କଂଟକ ଆବେଷ୍ଟେ ବହୁଳ କଷ୍ଟେ
ଧୀରେ ହୁସିଆରେ ପାଦ ଚ଼ାପିଚାପି
ଯିବାକୁ ପଡେ ତାର ପାଶେ .
ପତ୍ର ନୁହେଂ ତାର ଛୁଂଚିର ଧାର.
ଅଣହୁସିୟାରି ଟିକିଏ ହେଲେ
କଟିଯାଏ ନୀମିଷେ ହସ୍ତ, ଶରୀର .
ସର୍ପମୟ ତାର ଚଉ ଦିଗର
ଲୁଚିରହି ଥାନ୍ତି ସର୍ପେ ତା'ମୂଳେ
ପାଶେଗଲେ କରନ୍ତି ଦଂଶନ ଅତର୍କିତେ .
ଚାଲିଯାଇ ପାରେ ପ୍ରାଣ ଅଚିରେ .

ହେଲେ ମଧୁର ରଂଗ ତାର,
ମା' କୋଳେ ଥାଇ ଲାଗଇ
ଖୁବହି ଆକର୍ଷିତ ମାଧ୍ୟାକର୍ଷିତ .
ବାସନା ତାର ନାଶୀକାରେ ଘେନି
ତେଳିବାପାଇଂ ତାକୁ ମନଲାଖିଥାଏ.
ବାସନା ଆତୁର ଚୋରେବା ପାଇଂ
ବାଳୁତେ ହୁଅନ୍ତି ସେଇଥି ପାଇଂ,
ତାକୁ ଛୁଇଂବାକୁ ହାଇଂପାଇଂ.

ISSN NO.
2582-208X

ଦୁଃସାହାସେ ଯଦି ସର୍ପ ଥାଇଂକରିବି,
ତୀଗ୍ମ କଂଟକକୁ ହୁସିୟାର ଥାଇଂ
ଯଦି କେହି ତୋଳିନେଲା ତାକୁ
ମନେ ଦମ୍ଭ ଅଭୟ ସଂଚାରି ,
ତେବେ ସେହିଂହେବ କର୍ତା ତାହାରି ·

ଗାଢ ହଳଦି, ଲାଲ ରଂଗର
ମନଲୋଭା ଅପଘନ ତା'ର ·
ଛୁପି ରହିଥାଏ ସବୁଜ ପତରେ
ଦୂରୁ ସିୟେ ଦେଖା ନଦିଅଇ ·
ସମୀପେ ଗଲେ ନୟନେ ଦେଖିଲେ
ଯାଇଂ ବିକଶିତ ସୌଷ୍ଠବ ତାର
ପ୍ରାଂଜଳେ ଦେଖାଯାଇ ଥାଇ·
.........
ଦୁନିଆରେ ବିନାକଷ୍ଟେ କିଛି ନମିଳଇ·
ଲଗନଦେଇ ପରିଶ୍ରମକରି ଅଦମ୍ୟ....
ସାହାସେ ଘର୍ମବୁହାଇ କଲେ ଚେଷ୍ଟା,
ବ୍ରୁଥାହୁଏ ନାହିଂ କଦାପି ଉଦ୍ୟମ ପ୍ରଚେଷ୍ଟା ·

ନିକମ୍ମା, କୋଢିଆ , କର୍ମହୀନ ଭାଗ୍ୟେ
ସଫଳତା ଥାଏ ଦୂରୁଦୂରୁ ରହି ·
ଲମ୍ବିତ ଜୀବନ ତା' ନୀଷ୍ଫଳ ହୁଅଇ ·
ଭାଗ୍ୟକୁ ଆଦରି ମାଥେ ହାତଦେଇ
ଏକହି ସ୍ଥାନେ ନୀଷ୍ପ୍ରାଣେ ପଡି ରହିଥାଏ ,
କିଛି ଦୈବପ୍ରେରିତ ସ୍ଵର୍ଗୁ ପତିତ
ସୌଭାଗ୍ୟ ଆଉ ସଫଳତା ପାଇଂ ·

ISSN NO.
2582-208X

ଯିଏ ପରିଶ୍ରମ କରି ଆପଦ ଆଦରି
ସାହାସକୁ ଧରି ସମ୍ମୁଖେ ଆଗଭରେ .
ସିଂହସାହାସେ ଶଂକୁଳ ପଥରେ
ପାରକରିପାରେ ଅସାଧ୍ୟ ଗିରିଦୂର୍ଗ.
କଂକର, କଂଟକ, ମରୁ, ଚୋରାବାଲି ,
ସର୍ପୀଳ, ହଳାହଳ, ଝଂଜା, ବତାସ
ତଡିତ୍ ପ୍ରଭଂଜନ, ବୃଷ୍ଟି, କାକର
ବନ୍ୟା, ଆରଣ୍ୟକ, ନଦୀ, ଗିରିନଦୀ
ବରାଭୟ ହୃଦେ ଅଂଗେ ଲିଭାଇ
ଶଂକାକୁ ତ୍ୟାଗି ବିପଦକୁ ପାରକରିଥାଏ.
ସେହି ବିଶାଳହୃଦୟ ମଜଭୂତ ପିଂଜର
ସଫଳତାର ପୀୟୂଷ ଚାଖିଥାଏ .

ସପୂରୀଫଳ ତ ଏକ ଦିଗଦର୍ଶନ ମାତ୍ର .
ଦୂର୍ବଳ, ଭୀରୁ, କାପୁରୁଷଂକୁ ଏକ ଯୌକ୍ତିକ
ଉଦାହରଣର ଯଥାଯଥ ନମୂନା ମାତ୍ର .

[କିଛି ଶବ୍ଦାର୍ଥ : ବରାଭୟ ହୃଦେ : ଡର ବିହୀନ ହୃଦୟ / ତୀଗ୍ନ : ତୀଖ୍ନ / ଲଗନ : ଯତନ /ଯୌକ୍ତିକ : ଯୁକ୍ତିଯୁକ୍ତ / ପିଂଜର : ପିଂଜରା / ପୀୟୂଷ : ଅମୃତ / ହଳାହଳ : ବିଷପୂର୍ଣ , ବିଷାକ୍ତ / ଗିରିଦୂର୍ଗ : ପର୍ବତ ଭିତରେଥିବା ଦୂର୍ଗ / ମରୁ : ମରୁଭୁମି]

କଟକ

ISSN NO.
2582-208X

# ହସ



କାର୍ତ୍ତୀକେଶ୍ୱର ନାୟକ

ହସ ଏଠି ଭାରି ମହଙ୍ଗା
ଯା' ର ମୁଲ ଅମୁଲ
ତାଛଲ୍ୟ ର ଭାବ ନ ଥାଉ
ଓଠ ହେଉ କୈବଲ୍ୟ..

ହୃଦୟ ର ହସ, ହସିଲେ
ହସେ ସାରା ସଂସାର
ଓଠ ଭାରି ପଡ଼େ ହସିଲେ
ପ୍ରତିଶୋଧ ର ସ୍ୱର...

ହସ ହିଁ ହସାଏ, ଜୀବନ
ଜହି ଆପଣା ମନ
ହସରେ ନଥାଉ ଯନ୍ତ୍ରଣା
ଯାହା ବିଗାଡେ ପ୍ରେମ

ହସ ଭରି ଦିଏ ସଫଳ
ସୁଖ ଶାନ୍ତି ର ରାହା

ISSN NO.
2582-208X

ନିଜେ ହସି ଆରେ ହସାଅ
ଭେଦି ପାରିବ ମାୟା..

ହସ ଭରିଦିଏ ସୁସ୍ଥତା
ଦୀର୍ଘ ଜୀବନ ତୋର
ଜରାରୋଗ ବ୍ୟାଧି ନ ଆସୁ
ହସ ଗଢେ ଶରୀର..

ହସରେ ହସିବା ହସି ହସାଇବା,
ହସ ହେଉ ସହଚର...
ହସ ଶରୀର ର ଅମୂଲ୍ୟ ସମ୍ପଦ,
ହସୁଥିବା ନିରନ୍ତର....

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ସମୟର ରଂଗ ମଞ୍ଚରେ



ଭାସ୍କର ଚନ୍ଦ୍ର ଖଣ୍ଡା

ଚାଲିଛି ଅଭିନୟ ପ୍ରତିକ୍ଷଣେ
ବଞ୍ଚିବାକୁ ସଭିଏଁ ଚେଷ୍ଟା ରତ
ଆକାଂକ୍ଷିତ ଗୋଟାଇବାକୁ ବୁନ୍ଦାଏ ପ୍ରଶଂସା
ଯାଆନ୍ତି ଭୁଲି ଆତ୍ମ ନିରୀକ୍ଷଣର ମୂଲ୍ୟବୋଧ
ଭାବେ କରୁଛି ସିଏ ଯାହା
ଗୋଟାଏ ପଣେ ସବୁ ଠିକ୍
ଶୁଦ୍ଧତା ତା'ର ଚବିଶ କେରଟ୍ ସୁନା ।୧।

ଯାଉଛି ଭୁଲି ଚବିଶ କେରଟ୍ ସୁନା
ଲାଗିପାରେ ନାହିଁବୋଲି ଗହଣା ତିଆରି ରେ
ବେଳେ ବେଳେ ନଥାଏ ଆବଶ୍ୟକତା
ଉପଦେଶାବଳୀ ର
ଥାଏ ଆବଶ୍ୟକତା ହାତଟିର
ଟିକିଏ ସାହାରା ଆଉ ମେଞ୍ଚାଏ ସହାନୁଭୂତି
ଦରକାର ଥାଏ ଗୋଟାଏ କାନ
ଯିଏ ତାକୁ ଶୁଣୁ

ISSN NO.
2582-208X

ଗୋଟାଏ ହୃଦୟ
ଯିଏ ତାକୁ ବୁଝୁ    ।୨।

ନିରବତାର ଛାଇ ତାକୁ ଢାଙ୍କି ଦିଏ
ମନଟାକୁ ଧରେ ଜାବୁଡି ଚାରିପଟୁ
ଶୋଇ ପଡିଥିବା ଅଭିମନ୍ୟୁ ପରି
ମାଆର ଉଦରରେ
ଭେଦିଗଲା ଚକ୍ରବ୍ୟୁହକୁ ସିନା
ଜଣା ନଥିଲା ଫେରିବାର ପଥ
ଘେରିଗଲେ ସପ୍ତରଥି ନିରସ୍ତ୍ର ବାଳୁତକୁ
ଚିତ୍କାର ତା'ର ମାଆ ବାପାଙ୍କୁ
ଧିରେ ଧିରେ ଉଭେଇଗଲା
କୁରୁକ୍ଷେତ୍ରର ରଣଭୂମିରେ    ।୩।


ବାହୁଡିବାକୁ ପଡିବ ସଭିଙ୍କୁ
ସମୟକୁ ହାତ ମୁଠାରେ ଧରିବାର ଆସ୍ଫାଳନ
ଯିବ ମଉଳି
ଯୌବନ ଗଲା ପରି
ସରିଯିବ ଅଭିନୟ ତା'ର
ସମୟର ରଂଗ ମଞ୍ଚରେ    ।୪।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

ବେଦାନ୍ତି

# ମାୟାମୁକ୍ତି



ବିନୟ ମହାପାତ୍ର

'ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜେ ମୂଢ଼ ମତି', ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କର ଏଇ ଗୀତଟି କିଏ ଜଣେ ବନ୍ଧୁ ହ୍ୱାଟସଅପ ଗ୍ରୁପରେ ସେୟାର କରିଥିଲେ। ସୁଧାକର ବାବୁ ଏଇ ଥରକୁ ମିଶାଇ ଗୀତଟାକୁ ପ୍ରାୟ ପନ୍ଦର ଥର ଶୁଣି ସାରିଲେଣି । ପ୍ରଥମେ ଥରେ ଦୁଇ ଥର ମୋବାଇଲରେ ଫୁଲ ଭଲ୍ୟୁମରେ ଶୁଣିଲା ପରେ ଯେତେବେଳେ ତୃତୀୟ ଥର ପାଇଁ ପ୍ଲେ କଲେ ସେତେବେଳେ ମିସେସ୍ ପୂଜାଘର ଭିତରୁ ବଡ ପାଟିଟାଏ କରି କହିଲେ,

: ଗୀତଟା ଯଦି ଏତେ ଭଲ ଲାଗୁଛି ତେବେ କାନରେ ଇଅର ଫୋନ ଲଗେଇ ଶୁଣ । ମୁଁ ଏଇଠି ଧ୍ୟାନ ଲଗେଇ ପୂଜା କରି ପାରୁନି ।

ସାନପୁଅ ସକାଳ ଚା' କପ୍ ଟା ଆଣି ସେଣ୍ଟର ଟେବୁଲ ଉପରେ ରଖି ଦେଇ କହିଲା, ବାପା ଚାହା, ଆଉ ଚେତାବନୀ ଶୁଣାଇ କହିଲା, 'ଭାଉଜ କହିଲେ ଆଜି ଆଉ ଚାହା ମିଳିବନି । ଏଇଟାକୁ ମିଶେଇ ସକାଳୁ ତୁମେ ଚାରି କପ୍ ଚାହା ଅଲରେଡି ପିଇ ସାରିଲଣି' । ଏତିକି କହି ସେ ସାମ୍ନା ସୋଫା ଉପରେ ବସି ପଡିଲା । ଟିଭି ରିମୋଟଟା ସୁଧାକରବାବୁଙ୍କ ହାତରୁ

ISSN NO.
2582-208X

ନେଇ ନିଉଜ୍ ଚାନେଲଟାକୁ ବଦଳେଇ ସ୍ପୋର୍ଟସ ଚାନେଲକୁ କରିଦେଲା । କହିଲା ନିଉଜିଲ୍ୟାଣ୍ଡରେ କ୍ରିକେଟ ମ୍ୟାଚର ଲାଇଭ ଟେଲେକାଷ୍ଟ ଦେଖିବ ।

ସୁଧାକରବାବୁ ଅଗତ୍ୟା ଅନ୍ୟ ଉପାୟ ନଦେଖି ଇଅରଫୋନ କାନରେ ଲଗାଇ ବାରଣ୍ଡାକୁ ଚାଲିଗଲେ । ଯେତେ ଥର ଶୁଣିଲେ ବି ଗୀତଟା ପ୍ରତିଥର କିଛି ନା' କିଛି ନୂଆ ଚେତନା ଭରି ଦେଉଥିଲା ହୃଦୟ ଭିତରେ । କେତେ ସୁନ୍ଦର ଭାବେ ବୁଝେଇ ଦେଇଛନ୍ତି ଆଦିଗୁରୁ ଶଙ୍କରାଚାର୍ଯ୍ୟ । ମାୟାଟା ଭ୍ରମ, ଆଉ ଏଇ ଭ୍ରମ ଭିତରେ ମଣିଷ ପୁରା ଜୀବନ ବିତେଇ ଦେଉଛି । ଆଖିରେ ଅନ୍ଧପୁଟୁଳି ବାନ୍ଧି ନେଇଛି । ଆଉ ସେଇ ବନ୍ଦ ଆଖିରେ କେବଳ ଧନ, ଦାରା, ସୁତର ସ୍ୱପ୍ନ ଆଉ ମୋହ ମାୟାର ବନ୍ଧନ ଭିତରେ ଜୁଡୁ ବୁଡୁ ହୋଇ ଅଗତ୍ୟା ମୁକ୍ତି ପାଇଁ ରାସ୍ତା ଖୋଜୁଛି ।

30 ବର୍ଷର ଚାକିରୀ କାଳ ଭିତରେ କଣ କରିଛନ୍ତି ସୁଧାକର ବାବୁ ? ଅଧ୍ୟାପକ ଚାକିରୀରେ ସକାଳୁ ସଂଜଯାଏ କ୍ଲାସ୍ ପରେ କ୍ଲାସ୍, କଲେଜ ସରିଲା ପରେ କୋଚିଙ୍ଗ କ୍ଲାସ୍ ତା' ପରେ, ରାତି ନଅଟାରେ ଘରେ ପହଞ୍ଚିଲା ପରେ କଣ ଟିକିଏ ଖାଇ ଦେଇ ପୁଣି ସେହି ବହିମାନଙ୍କ ଭିତରେ ହଜି ଯାଉ ଥିଲେ ଜ୍ଞାନର ସନ୍ଧାନରେ ।

ଫିଜିକ୍ସର ପ୍ରାଧ୍ୟାପକ ଥିଲେ, ଢେର ସାରା ଜ୍ଞାନ ଅର୍ଜନ କରିଛନ୍ତି ନିଜ ସବଜେକ୍ଟରେ, ଅଗାଧ ଜ୍ଞାନ ହାସଲ କରିଛନ୍ତି, ବସ୍ତୁ ବିଜ୍ଞାନରେ, ଡକ୍ଟରେଟ ଉପାଧୀ ପ୍ରାପ୍ତ କରିଛନ୍ତି । କିନ୍ତୁ ବସ୍ତୁ ସର୍ବସ୍ୱ ବାସ୍ତବ ଜୀବନରେ 'ବିଷୟ' ବାସନାରେ ଏମିତି ମଗ୍ନ ରହିଗଲେ ଯେ ଜୀବନର ଅସଲ ଜ୍ଞାନ ଟିକିଏ ବି ଅର୍ଜନ କରି ପାରିଲେନି । ସେଇ ପ୍ରଭୁଙ୍କ ଜ୍ଞାନ, ବିଷୟାସକ୍ତ ମାୟାର ସଂସାରରୁ ମୁକ୍ତି ପାଇବାର ଜ୍ଞାନ କିମ୍ବା ଜୀବନ ମରଣର ଏଇ ଅନନ୍ତ ଯାତ୍ରାରୁ ମୁକ୍ତି ମାର୍ଗର ଗୁଢ଼ ତତ୍ୱଜ୍ଞାନରୁ କାଣିଚାଏ ବି ଅର୍ଜନ କରି ପାରିଲେନି ।

ବଡ ବିତୃଷ୍ଣା ଭାବ ଆସିଗଲା ନିଜର ଜୀବନ ପ୍ରତି । ଏତେ ବଡ ଘର ତିଆରି କରିଦେଲେ, ହେଲେ ନିଜ ହୃଦୟ ମନ୍ଦିରର ଚଉକାଠକୁ ଏମିତି ଖୋଲା ଛାଡିଦେଲେ ଯେ ଓଲେଇ ଗାଇ ପରି ମାୟା ପଶିଗଲା ହୃଦୟ ଭିତରେ, ସବୁ ଅନ୍ଧାର କରିଦେଲା । ଜ୍ଞାନର ଦୀପଟିଏ ବି

ISSN NO.
2582-208X

ଜଳାଇ ପାରିଲେନି ମନ ମନ୍ଦିରରେ, ହୃଦୟ ଭିତରେ । ଶେଷ ଥର ପାଇଁ କେବେ ମନ୍ଦିର ଯାଇଥିଲେ ତାଙ୍କର ଆଜି ମନେ ପଡୁ ନାହିଁ ।

ଏଇ ଭୁବନେଶ୍ୱରରେ ଅଧା ଜୀବନ କଟିଗଲା ତାଙ୍କର । ହେଲେ ଜଗନ୍ନାଥଙ୍କ ଦର୍ଶନ ଦୁଇ ଚାରି ଥରରୁ ବେଶି କରି ପାରିନାହାନ୍ତି । ପୁରୀ ଏଇଠୁ କେତେବା ଦୂର ? ରାସ୍ତା ସିନା ଦୂର ନୁହେଁ, ହେଲେ ବିଜ୍ଞାନର ଏଇ ବସ୍ତୁ ଜ୍ଞାନ ଭଗବାନଙ୍କ ଠାରୁ, ବାସ୍ତବ ଦୁନିଆରୁ ତାଙ୍କୁ ଆଜି ଯାଏ ଦୂରେଇ ରଖିଛି । ଧନ ଦାରା ସୁତ, ଏଇ ତ ମାୟା, ସେଇ ମାୟାରେ ଫସି ଯାଇ ମଣିଷ ଜାଣି ପାରେନା ଧନ ଲାଗି ପୁତ୍ର ବି ଦିନେ ଶତ୍ରୁ ପାଲଟି ଯାଏ । ଯେ ପର୍ଯ୍ୟନ୍ତ ଅର୍ଜନକ୍ଷମ ରହିଛ ସେ ପର୍ଯ୍ୟନ୍ତ ସମସ୍ତେ ସମ୍ମାନ ଦେବେ, ଖାତିରି କରିବେ । ଯେଉଁ ଦିନ ଅବସର ନେଇ ଯିବ, ଅର୍ଜନ ଅକ୍ଷମ ହୋଇଯିବ, ସେହି ଦିନ ଠାରୁ ବାସି ମୁହଁରେ କେହି ପଚାରିବେ ନାହିଁ, କେହି ଶୁଣିବେନି ତୁମ କଥା । ସୁଧାକର ବାବୁଙ୍କର ଅବଶ୍ୟ ସେପରି ପରିସ୍ଥିତି ଆସିନି କିମ୍ବା ଆସିବାର ସମ୍ଭାବନା ମଧ୍ୟ କମ୍, କାରଣ ସେ ସରକାରୀ କର୍ମଚାରୀ ଥିଲେ, ଏବେ ବି ପେନସନ୍ ଗଣ୍ଡାକ ମିଳୁଛି, ମଲା ଯାଏ ଏମିତି ମିଳୁଥିବ, କିଛି ସେଭିଙ୍ଗସ୍ ବି ଅଛି, ଭଲ ମନ୍ଦରେ କାହାର ସାହାଯ୍ୟ ଲୋଡିବାକୁ ପଡିବନି । ହେଲେ ସମସ୍ତେ ତ ସରକାରୀ ଚାକିରୀଆ ନୁହଁନ୍ତି ।

ସେଦିନ ରାସ୍ତାରେ ତାଙ୍କର କଲେଜ ପଢା ଦିନର ସାଙ୍ଗ ବୃନ୍ଦାବନ ସାଙ୍ଗରେ ଦେଖା ହୋଇଥିଲା, ସେ କହୁଥିଲା ତା କଥା । ପିଲାମାନେ କେହି ପଚାରିଲେନି, ଘରେ କେହି ବି ସମ୍ମାନ ଦେଲେନି, ଖାଇବା ଗଣ୍ଡାକ ପାଇଁ ବି ପଚାରନ୍ତି ନାହିଁ । ଭୋକ ଲାଗିଲେ ଖାଇବା ମାଗିବାକୁ ପଡୁଥିଲା । ସେଇଥି ପାଇଁ ସେ ନିଜ ଘର ଛାଡି ସ୍ତ୍ରୀକୁ ସାଥିରେ ଧରି ଭଡାଘରେ ରହୁଛି ।

ରାସ୍ତା କଡରେ ଟେବୁଲଟିଏ ପକେଇ ଚାହା ଦୋକାନଟିଏ କରିଛି । ସେଥିରୁ ଯାହା ରୋଜଗାର ହେଉଛି ବୁଢା ବୁଢୀ ଚଳି ଯାଉଛନ୍ତି । ହେଲେ ଏମିତି ଆଉ କେତେ ଦିନ ହାତ ଗୋଡ ଚାଲୁଥିବ, 65 ବର୍ଷ ହୋଇଗଲାଣି ବୃନ୍ଦାବନକୁ । ସାରା ଜୀବନ ପ୍ରାଇଭେଟ

ISSN NO.
2582-208X

ଚାକିରୀରେ ଖଟିଖଟି ବଡପୁଅକୁ ଇଞ୍ଜିନିୟର କଲା, ସାନଟା ସି.ଏ କରି ବ୍ୟାଙ୍କରେ ବଡ ଅଫିସରଟିଏ ହୋଇଛି । ଝିଅକୁ ପୋଷ୍ଟଗ୍ରାଜୁଏଟ୍ କରେଇ ଯୋଗ୍ୟ ବର ଦେଖି ବାହାଘର କରି ଦେଲା । ଝିଅ ଏବେ କେଉଁ ପ୍ରାଇଭେଟ କଲେଜରେ ଲେକଚରର ଅଛି । ମଝିରେ ମଝିରେ ଆସେ, ଦେହପା' ଖବର ବୁଝିଯାଏ, ଗଲାବେଳେ କିଛି ଟଙ୍କା ପଇସା ମାଆ ହାତରେ ଦେଇଯାଏ, କେବେ କେବେ କିଛି ଟଙ୍କା ପଠେଇ ଦିଏ ।

ବାପା ମାଆଙ୍କ ପାଇଁ, ଭାଇମାନଙ୍କ ସହିତ ଝଗଡା କରିଥିଲା ସିଏ । ସେମାନଙ୍କୁ କେତେ ବୁଝେଇଥିଲା, ବୁଢା ବାପା, ମାଆଙ୍କର ଯତ୍ନ ନେବାକୁ, ପାଖରେ ରଖିବାକୁ, ହେଲେ କେହି ଶୁଣିଲେନି । ସେଇଥି ପାଇଁ ଭାଇମାନଙ୍କ ସାଥିରେ ସମ୍ପର୍କ ତୁଟେଇ ଦେଲା । କହିଲା ସେଇ ବାପ ମାଆଙ୍କ ଲାଗି ଆମେ ସିନା ଭାଇ ଭଉଣୀ । ସିଏ ମୋର ବାପା ତୁମର ବି । ହେଲେ ତୁମେ ଯଦି ତାଙ୍କ ସାଙ୍ଗେ ପୁଅର ସମ୍ପର୍କ ରଖିପାରୁନ ତେବେ ତୁମେ ମୋର ଭାଇ କେମିତି ହେବ ?

ଝିଅ ଡାକୁଥିଲା ବୃନ୍ଦାବନକୁ, କହିଲା ବାପା, ତୁମେ ମୋତେ ପୁଅଟିଏ ପରି ପାଳିଥିଲ, ପଢେଇଲ, ଲେଖେଇଲ ବାହାଦେଲ । ମୁଁ ଆଜି ଚାକିରୀ କରିଛି, ବର୍ଷେ ଦି ବର୍ଷ ଭିତରେ ସରକାର ଆମ କଲେଜଟାକୁ ହାତକୁ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । କିଛି ନହେଲେ, ତୁମ ଜୋଇଁ ବି ତ ଭଲ ଚାକିରୀ କରିଛନ୍ତି । ମୋର କୋଉଥିରେ କିଛି ଅଭାବ ନାହିଁ । ତୁମେ ଚାଲ ମୋ ସାଙ୍ଗରେ ରହିବ । କିଛି ଅସୁବିଧା ହେବନି ତୁମର ସେଇଠି । ଜୋଇଁ ବି ବହୁତ ଜୋର କରୁଥିଲେ ତାଙ୍କ ସାଥିରେ ରହିବାକୁ । ହେଲେ, ବୃନ୍ଦାବନ ମନା କରିଦେଲେ । କହିଲେ ମାଆରେ, ବାପ ଯାଇ ଝିଅ ଘରେ ରହିବ, ଲୋକେ କଣ କହିବେ। ପୁଅମାନଙ୍କୁ ନିନ୍ଦା କରିବେ । ମୋ ପାଳନ ପୋଷଣକୁ ଦୋଷ ଦେବେ । କହିବେ ପୁଅମାନଙ୍କୁ ଏତେ ଉଚ୍ଚ ଶିକ୍ଷା ଦେଲା, ହେଲେ ମାଆ ବାପାଙ୍କୁ କେମିତି ସମ୍ମାନ କରନ୍ତି ସେତିକି ଶିକ୍ଷା ଦେଇ ପାରିଲାନି ।

ISSN NO.
2582-208X

ଝିଅ ସେତେବେଳେ ଅଭିମାନ କରିଥିଲା, କହିଲା ବାପା, କୋଉ ସମାଜ କଥା କହୁଛ ତୁମେ? ତୁମେ ପୁଅମାନଙ୍କୁ ପଢେଇ ଲେଖେଇ ଏତେ ବଡ କଲ, ତୁମ ଲାଗି ଆଜି ସେମାନେ ବଡ ବଡ ଚାକିରୀ କରୁଛନ୍ତି, ବହୁତ ରୋଜଗାର କରୁଛନ୍ତି, କାରରେ ବୁଲୁଛନ୍ତି । ହେଲେ ବୁଢା ବାପା ଏଠି ଭାତ ମୁଠାକ ପାଇଁ ସକାଳୁ ସଂଜଯାଏ ଚା' ଦୋକାନ କରୁଛି, ସେଇ ପୁଅ ମାନଙ୍କୁ ଆଜି ଲାଜ ଲାଗୁନି । ଆଉ ଏ ନିର୍ଲଜ୍ଜ ସମାଜ ଏସବୁ ଦେଖି ସେମାନଙ୍କୁ କିଛି ବି ପଦେ କହି ପାରୁନି, ତୁମେ ସେଇ ସମାଜକୁ ଡରି ନିଜ ଝିଅ ସାଥିରେ ରହି ପାରିବନି, ଧିକ୍ ଏପରି ସମାଜକୁ ।

ବୃନ୍ଦାବନ ଝିଅକୁ ପାଖକୁ ଆଉଜାଇ ନେଇ ଥିଲେ, ତାର ମଥାରେ ଚୁମାଟିଏ ଦେଇ କହିଲେ, ମାଆରେ ସମାଜ ସବୁଦିନ ଏମିତି, ତାର କିଛି ଦୋଷ ନାହିଁ । ଏଇ ସମାଜ ପୁଅର ମାୟାରେ, ଝିଅମାନଙ୍କୁ ସବୁ ବେଳେ ହତାଦର କରି ଆସିଛି । ସମାଜର ଯଦି ଆଖି ଥାଆନ୍ତା, ସେ ଆଜି ତୋତେ ଦେଖି ପାରନ୍ତା, କିନ୍ତୁ ସମାଜର ନା' ଆଖି ଥାଏ ନା' କାନ ? ଖାଲି ପାଟିଟାଏ ଥାଏ କହିବାକୁ । ଛାଡ ସେ କଥା, ଦେଖ ମୋର ହାତ ଗୋଡ ଏବେ ଚାଲୁଛି, ଦି' ପ୍ରାଣୀଙ୍କ ପାଇଁ ଯେତିକି ଦରକାର ପ୍ରଭୁ ସେତକ ଦେଉଛନ୍ତି । ଯେତେବେଳେ ହାତ ଗୋଡ ଅଚଳ ହୋଇଯିବ, ସେତେ ବେଳେ ଆଉ କୁଆଡେ ଯିବୁ ? ତୋରି ପାଖକୁ ଆସିବୁରେ ମାଆ । ତୁ ବାପା ମାଆଙ୍କ ବିଷୟରେ ଏତିକି ଭାବୁଛୁ, ସେଥିପାଇଁ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି, ଗର୍ବରେ ମୋ ମୁଣ୍ଡ ଉଚ୍ଚା ହୋଇଯାଉଛି । ତୋ ପରି ଝିଅ ଜନ୍ମକରି ଆମେ ଦି ଜଣ ନିଜକୁ ଭାଗ୍ୟବାନ ମନେ କରୁଛୁ । ପ୍ରଭୁଙ୍କୁ ଡାକୁଛି, ସେ ସମସ୍ତଙ୍କୁ ତୋରି ପରି ଝିଅଟିଏ ଦିଅନ୍ତୁ । ଏତିକି କହୁ କହୁ ବୃନ୍ଦାବନର ଆଖି ଜକେଇ ଆସିଥିଲା । କୋହ ଚାପି ଦେଉଥିଲା ତାଙ୍କର ଗଳା ।

ବଡ ଭାବ ବିହ୍ୱଳ ହୋଇ ଯାଇଥିଲେ ସୁଧାକର ବାବୁ । ବିଚରା ବୃନ୍ଦାବନ ସନ୍ତାନର ମାୟାରେ ଏମିତି ଛନ୍ଦି ହୋଇଗଲା ଯେ ଜୀବନର ସବୁ ପୁଞ୍ଜି ସେମାନଙ୍କ ପଛରେ ଖର୍ଚ୍ଚ କରିଦେଲା । ନିଜ ଜୀବନର ପ୍ରତିଟି ମୁହୂର୍ତ୍ତକୁ, ନିଜର ପ୍ରତିଟି ସ୍ୱେଦ କଣିକାକୁ ସମର୍ପଣ କରିଦେଲା ନିଜର ପିଲାଙ୍କ ଭବିଷ୍ୟତ ଗଢିବାକୁ । ନିଜ ଭବିଷ୍ୟତ ପାଇଁ କାଣିଚାଏ ବି

ISSN NO.
2582-208X

ସଞ୍ଚୟ କରି ପାରିଲାନି । ନିଜର ରକ୍ତକୁ ଦି 'ପହର ଧୂ ଧୂ ଖରାରେ, ହାଡଭଙ୍ଗା ଶୀତରେ ଏମିତି ଜାଳିଦେଲା ପିଲା ମାନଙ୍କର ଜୀବନକୁ ଆଲୋକିତ କରିବାକୁ, ହେଲେ ନିଜର ବାର୍ଦ୍ଧକ୍ୟ ଅନ୍ଧକାରମୟ କରିଗଲା । ସେ କେତେ ଭୂଲ ଥିଲା ସତରେ ?

ସେ ଭାବୁଥିଲା ଏଇ ପିଲାଏ ତାର ଭବିଷ୍ୟତ, ପିଲାଏ ତାର ଅସଲ ପୁଞ୍ଜି, ଜୀବନର ସକଳ ସମ୍ପଦ, ହେଲେ ଆଜି ? ସିଏ ନିଜେ କଙ୍ଗାଳ ନିସ୍ୱ ରହି ଗଲା ! ପେଟ ପାଇଁ ଦୁଇ ବକତର ଦାନା ଦି' ମୁଠା ଜୋଗାଡ କରିବାକୁ, ଆଜି ବି ଏଇ ବୟସରେ ଏମିତି ରାସ୍ତା କଡରେ, ଖୋଲା ଆକାଶ ତଳେ, ଶୀତ କାକର ବର୍ଷାରେ ଭିଜି ଭିଜି, କାଠର ଟେବୁଲଟା ଉପରେ କିରାସିନ ଷ୍ଟୋଭରେ ପମ୍ପ ଭରୁଛି, ଚାହା ଫୁଟେଇବା ପାଇଁ, ଦି' ପଇସା ଯୋଗାଡ କରିବାକୁ ଗୃହଲକ୍ଷ୍ମୀ ତାଙ୍କର କେତେ ଜାତି ଗ୍ରାହକଙ୍କର ଅଇଁଠା ଗ୍ଲାସ ଧୋଉଛି ।

ସତରେ ଏଇ ମାୟା କେତେ ମଝଭୂତ ! ଏ ଭ୍ରମ କେତେ ତୀବ୍ର ! ଏଇ ଭ୍ରମ ଆଗରେ ଚିରନ୍ତନ ସତ୍ୟ ସତେ କେତେ ଫିକା ପଡିଯାଏ ! ମଣିଷ ଜଳ ଜଳ କରି ଦେଖୁଥିଲେ ବି ଜାଣି ପାରେନା ଯାହା ଦେଖୁଛି, ଯାହା ଶୁଣୁଛି, ଯାହା ଅନୁଭବ କରୁଛି ସେସବୁ ମିଥ୍ୟା, ସେସବୁ ଦୃଷ୍ଟି ଭ୍ରମ । ସୁଧାକର ବାବୁ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କରୁଥିଲେ, ହେଲେ ବାରମ୍ବାର ବୃନ୍ଦାବନର ଚେହେରା ତାଙ୍କ ଆଖି ଆଗରେ ଦିଶି ଯାଉଥିଲା । ତାର ସେଇ ଲୋଚା ପଡି ଯାଇଥିବା ମଳିନ ମୁହଁଟା, କୋଟର ଭିତରେ ପଶି ଯାଇଥିବା ଦୁଇଟି ନୀରିହ ଆଖି ଦୁଇଟି ସତେ ଯେପରି କହୁଛି ପ୍ରଭୁଙ୍କର ଏ କିପରି ଲୀଳା ? ମାୟା ସୃଷ୍ଟି କଲେ, ବହୁତ ଭଲ କଲେ ! ମାୟା ନଥିଲେ ବିଚରା ଏଇ ସନ୍ତାନ ମାନେ ଅନାଥ ହୋଇ ଯାଇ ଥାଆନ୍ତେ । କିନ୍ତୁ ଏ ମାୟା କେବଳ ବାପ ମାଆଙ୍କ ପାଇଁ କାହିଁକି ଲାଗୁ ହୁଏ ? ସନ୍ତାନ ମାନଙ୍କ ମନରେ ବାପା ମାଆ ପ୍ରତି ଏ ମାୟା କାହିଁକି ଲାଗି ପାରନା ? ଏଇ ମାୟାଟା ପ୍ରଭୁଙ୍କ ଲୀଳା, ନା' ମନୁଷ୍ୟର ଇଚ୍ଛାକୃତ ? ମାୟା କଣ ମଣିଷର ଅଧୀନ ? ମଣିଷ ଯେଉଁଠି ଚାହିଁବ ମାୟା ଲଗାଇ ପାରିବ, ଯେଉଁଠି ନଚାହିଁବ ସେଇଠି ଲାଗିବ ନାହିଁ ! ଫିଜିକ୍ସର ଅଧ୍ୟାପକ ହୋଇ ମଧ୍ୟ ଏଇ ବିଚିତ୍ର ସୁତ୍ରର ମୂଳରେ ପହଞ୍ଚି ପାରୁ ନଥିଲେ

ISSN NO.
2582-208X

ସୁଧାକର । ବୋଧହୁଏ ଜୀବନଟା ଏମିତି ଏତେ ସହଜ ଗଣିତ ନୁହେଁ । ଏଇଠି କିଛି ନିର୍ଦ୍ଦିଷ୍ଟ ଫର୍ମୁଲା କାମ ଦିଏନା ।

ସୁଧାକରଙ୍କ ମୁଣ୍ଡ ଭିତରେ ସେଇ ପଦଟିଏ ଗୀତ ବାରମ୍ବାର ବାଜିବାକୁ ଲାଗିଲା, 'ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜ ମୂଢ ମତେ' । ସେଇ ବସିବା ଜାଗାରୁ ଉଠି ଠିଆ ହୋଇ ପଡିଲେ ସେ । ସକାଳ ଗାଧୁଆ ପରେ ପିନ୍ଧିଥିବା ଢିଲା ପାଇଜାମା କୁର୍ତ୍ତାରେ ମନ ତାଙ୍କର ଜଗନ୍ନାଥଙ୍କ ଚକା ନୟନରେ ଯେପରି ମଗ୍ନ ହୋଇ ଯାଉଥିଲା । କବାଟ ପାଖରେ ଠିଆ ହୋଇ କହିଦେଲେ, ଆରେ ଶୁଣୁଛ, ମୁଁ ବାହାରକୁ ଯାଉଛି, ଫେରିବାରେ ଡେରି ହେବ କହି ବାହାରିଗଲେ । ଗ୍ୟାରେଜରୁ କାର ବାହାର କରି ଚାଲିଲେ ପୁରୀ । ଡୋରି ଲାଗିଛି କାଳିଆର । କାଳିଆ ସତେ ପୁରା ଜୋର ଲଗାଇ ଟାଣୁଛି ସୁଧାକରଙ୍କୁ ।

ହୋସ୍ ନାହିଁ ସେ କେମିତି ଭାବେ ପୁରୀ ପହଞ୍ଚି ଗଲେ । ପାର୍କିଂରେ କାରଟାକୁ ଛାଡି, ମନ୍ଦିର ଆଡକୁ ମୁହଁ କରି ଉର୍ଦ୍ଧ ବାହୁ ହୋଇ କହି ଉଠିଲେ, ହେ କାଳିଆ ସାଆନ୍ତେ, ଶେଷରେ ଏ ଅକିଞ୍ଚନକୁ ଟାଣି ଆଣିଲୁନା' ତୋ ପାଖକୁ ! ବହୁତ କଥା ଅଛି ତୋତେ କହିବାକୁ, ଅନେକ ପ୍ରଶ୍ନ ରହି ଯାଇଛି ଏଇ ମନରେ, ଜବାବ ଦେବୁନା' ମୋତେ ? ସେମିତି ଦୁଇ ହାତ ଉପରକୁ ଉଠାଇ ଅଧା ଖୋଲା, ଅଧା ବୁଜା ଆଖିରେ ଏକ ମୁହାଁ ହୋଇ ଚାଲିଛନ୍ତି, ବଡଦେଉଳ ଆଡକୁ । ସେ ଏକ ତନ୍ମୟର ଭାବ, ଏକ ପ୍ରକାରର ପାଗଳାମି କହିଲେ ଅତ୍ୟୁକ୍ତି ହେବନି । ବିଜ୍ଞାନର ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଭକ୍ତି ରସରେ ଏପରି ବୁଡି ଯାଇଛି ଯେ ତାର ହୋସ୍ ନାହିଁ, ସେ କଣ ଦେଖୁଛି, କଣ ଭାବୁଛି, କେଉଁ ଆଡକୁ ଯାଉଛି, କିଛି ଜ୍ଞାନ ନାହିଁ । ବୋଧହୁଏ ଚୈତନ୍ୟ ଦେବ ବି ଏମିତି ନାମାମୃତ ଭିତରେ ଭାବ ବିହ୍ୱଳ ହେଇ ଯାଇଥିଲେ । ଦିବାନୀ ମୀରା ବୋଧହୁଏ କୃଷ୍ଣ ପ୍ରେମରେ ଏମିତି ରଚି ବସି ଯାଇଥିଲେ । ସେ ଅବସ୍ଥାଟା କଣ, କେବଳ ସିଏ ହିଁ ଜାଣେ, ଯିଏ ସେ ଅମୃତ ପାନ କରିଛି । ଯିଏ ସେଇ ତନ୍ମୟତା ଭିତରେ ହଜିଯାଇ ପାରିଛି । ସେମିତି ଅବଚେତନ ଅବସ୍ଥାରେ ସୁଧାକର ବାବୁ ବଡ ମନ୍ଦିର ଭିତରେ ପହଞ୍ଚି ଗଲେ ।

ISSN NO.
2582-208X

ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବୋହି ଯାଉଥାଏ, ବାଷ୍ପରୁଦ୍ଧ କଣ୍ଠ, କିଛି ବୁଝିହେଉନି ସେ କଣ କଣ କହି ଯାଉଛନ୍ତି, ସେ ଯେପରି ପାଗଳାମିର ଚରମରେ ପହଞ୍ଚି ଯାଇଛନ୍ତି । ଏଇ ପାଗଳାମିକୁ ବୋଧହୁଏ ଭକ୍ତି ଭାବର ଅନ୍ତିମ ଚରଣ କୁହାଯାଏ । ଖାଲି ଏତିକି ଶୁଭୁଥାଏ, ତୁ ଡାକିଲୁ ମୋତେ, ତୁ ନେଇ ଆସିଲୁ ମୋତେ, ଶେଷରେ ତୋଅରି ପାଖକୁ ଟାଣି ଆଣିଲୁନା' ମୋତେ ତୋ ପାଖକୁ । ମୋତେ ଆଉ ଯିବାକୁ କହିବୁନି ରେ କାଳିଆ ସାଆନ୍ତ, ମୋତେ ତୋରି ପାଦତଳେ ଦାସଟିଏ କରି ରଖି ନେଏ । ମୋତେ ତୋରି ପାଦତଳେ ଟିକେ ଜାଗା ଦେଇ ଦେ ରେ କାଳିଆ । ଗରୁଡ ଖମ୍ବ ଉପରକୁ ଆଉଜି ପଡି ସେଇଠି ବସିଗଲେ । ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ, ଗଦ୍ ଗଦ୍ ବାଷ୍ପରୁଦ୍ଧ କଣ୍ଠ, ଏକ ଦୈନ୍ୟ, ନିସ୍ୱତାର ଭାବ, ତାଙ୍କର ଧ୍ୟାନ ନାହିଁ ମନ୍ଦିରରେ ଆଉ କେହି ଅଛି ନା ନାହିଁ । ତାଙ୍କୁ ଚତୁର୍ଦ୍ଦିଗ କେବଳ ଜଗନ୍ନାଥମୟ ଲାଗୁଥାଏ, ଯେଉଁ ଆଡକୁ ଚାହିଁଲେ କେବଳ ସେଇ ଚକା ଚକା ଆଖି, ସେଇ ରଙ୍ଗା ଅଧରର ମଧୁର ହସ ଦିଶି ଯାଉଥାଏ । କାନରେ କେବଳ ବାଜୁଥାଏ ମୁରଲୀର ମଧୁର ଝଙ୍କାର, ସେହି ମୋହନ ବଂଶୀ, କଦମ୍ବ ମୂଳରେ ତ୍ରିଭଙ୍ଗୀ ଠାଣୀରେ ସେଇ ବାଙ୍କ ବିହାରୀ, ରାଧା ମନୋହାରୀ ରୂପ, ସେହି ମଧୁର ମୁରଲୀର ସୁର । ସେଇ ସୁର ରାଧାରାଣୀଙ୍କୁ ବାତୁଳୀ ସମ କରି ଦେଇଥିଲା, ମୀରାଙ୍କୁ ଦିବାନୀ କରି ଦେଇଥିଲା, ଆଉ ସେଇ ପ୍ରେମରେ ସୁଧାକର ଆଜି ସତେ ଉନ୍ମତ୍ତ ପାଗଳ ପ୍ରାୟ ।

କେମିତି ସେ ପ୍ରଭୁ, କେମିତି ସେ ଭାବ, ନିଜେ ଅଙ୍ଗେ ନ ନିଭେଇଲେ ବୁଝି ହୁଏନା ସେ ଅନୁଭବଟା କଣ । ଅଶ୍ରୁ ସଜଳ ନୟନରେ ସୁଧାକର ଜଗନ୍ନାଥଙ୍କ ପାଖରେ ବିନତି କଲେ, ହେ ପ୍ରଭୁ, ହେ ଜଗତର ନାଥ, ହେ କରୁଣାର ସାଗର, ମୋତେ ଏ ଭବ ସଂସାରର ମାୟାରୁ ମୁକ୍ତ କରିଦିଅ ପ୍ରଭୁ ! ମୁଁ ଆଜି ତୁମ ଶରଣରେ ଆସିଛି, ତୁମ ପଦାରବିନ୍ଦରେ ମୋତେ ଜାଗା ଟିକିଏ ଦିଅ ପ୍ରଭୁ ! ସେଇ ତନ୍ମୟତାର ଆବେଶରେ ସୁଧାକର ଦେଖିଲେ ଜଗନ୍ନାଥେ ତାଙ୍କ ପାଖକୁ ଆସିଲେ, ବସି ପଡିଲେ ସୁଧାକରଙ୍କ ସାମ୍ନାରେ, ସେଇ ବଡ ବଡ

ISSN NO.
2582-208X

ଚକା ଆଖି, ସେଇ ରଙ୍ଗା ଅଧରରେ ସେମିତି ସ୍ମିତ ହସ । ସୁଧାକରଙ୍କ କାନ୍ଧରେ ହାତ ପକାଇ ପାଖକୁ ଆଉଜାଇ ନେଲେ । ଆଖିରୁ ଲୁହ ପୋଛିଦେଲେ ।

ଟିକିଏ ହସି କହିଲେ, ଆରେ, ମାୟାରୁ ମୁକ୍ତି ଦେଇ ପାରୁ ଥିଲେ, ମୁଁ ନିଜେ ପ୍ରଥମେ ମୋ ନିଜକୁ ଏ ମାୟା ଜଞ୍ଜାଳରୁ ମୁକ୍ତ କରି ଦିଅନ୍ତିନି ? ମୁଁ ନିଜେ ତ ଏ ମାୟା ଜଞ୍ଜାଳରେ ଫସି ଶେଷରେ ଦାରୁଭୁତ ମୁରାରି ହୋଇ ଏଇଠି ବସିଛି । ଭକ୍ତେ ମୋତେ ନିଦା ବିଷ୍ଣୁ କହୁଛନ୍ତି । ତୁ କଣ ଜାଣିନୁ ବଡଭାଇ ବଳରାମଙ୍କୁ ? ତାଙ୍କ କଥା ମାନି ଲକ୍ଷ୍ମୀ ଠାକୁରାଣୀଙ୍କୁ କଣ ପଦେ ଟାଣକରି କହିଦେଲି ଯେ ମହାମାୟା ଘର ଛାଡି ଚାଲି ଯାଇଥିଲେ । ଚାଲି ଗଲେ ତ ଚାଲି ଗଲେ, ହେଲେ, ଗଲା ବେଳେ ଏଇ ଶ୍ରୀମନ୍ଦିରର ଶୀରି ବି ନେଇଗଲେ ନିଜ ସାଥିରେ, ଆଉ ଆମକୁ କାଙ୍ଗାଳ କରି ବାର ଦୁଆର ତେର ପିଣ୍ଡା ବୁଲେଇ ଦେଲେ । ଶେଷରେ ନାକ କାନ ମୋଡେଇ ସେଇ ଚଣ୍ଡାଳୁଣୀ ଘରେ ଅର୍ଣ୍ଣ ଭୋଜନ କରାଇଲା ପରେ ଯାଇ ତାଙ୍କର କ୍ରୋଧ ଶାନ୍ତ ହେଲା । ଇଏ ସଂସାରର ମାୟା ନୁହେଁ ତ ଆଉ କଣ ? ମୁଁ ଭକ୍ତଙ୍କ ମାୟାରେ ଏମିତି ବାନ୍ଧି ହୋଇ ଯାଇଛି ଯେ, ଯିଏ ଯାହା କହିଲେ ଶୁଣୁଛି । କିଏ ମୋତେ କଳା ଠାକୁର କହୁଛି ତ କିଏ ମୋର ବଡ ବଡ ଚକା ଆଖିକୁ ଆକ୍ଷେପ କରୁଛି । କିଏ ମୋତେ କାଲା କହୁଛି, କିଏ ମୋତେ ଚକ୍ଷୁଶ୍ରବା କହୁଛି, କିଏ କହୁଛି ମୁଁ ଖଣ୍ଡିଆ ଦିଅଁ ବର୍ଷକୁ ଥରେ ରଥ ଯାତ୍ରାରେ ବୁଲି ବାହାରୁଛି ଯେ ଭକ୍ତ ମୋ ଅଣ୍ଟାରେ ଦଉଡି ବାନ୍ଧି, ଝୁଲେଇ ଝୁଲେଇ ଟାଣି ଟାଣି ନେଇ ଯାଉଛନ୍ତି । କିଏ ମୋ ଦୟଣା ମାଳ ଛିଣ୍ଡେଇ ନେଉଣି ତ କିଏ ମୋ ଟାହିଆ ଛିଣ୍ଡେଇ ନେଉଛି । ମାଉସୀ ମାଆର ପୋଡ ପିଠା ଖାଇବାର ଲୋଭ ଛାଡି ପାରୁନି । ବର୍ଷରେ ଥରେ ବୁଲି ଆସୁଛି ତାଙ୍କ ମନ୍ଦିର ଆଡୁ । ଏସବୁ ମାୟା ନୁହେଁ ତ ଆଉ କଣ ?

କହିଲୁ ଦେଖି କିଏ କାହାକୁ ଧରିଛି ? ମାୟା ମୋତେ ନା ମୁଁ ମାୟାକୁ ? ମୁଁ ତ ଏ ଯାଏ ଜାଣି ପାରୁନି ! ତୁମେ ପ୍ରଥମେ ଏକଥା ବୁଝିବାକୁ ଚେଷ୍ଟା କର, କିଏ କାହାକୁ ଧରିଛି ! ଯଦି ତୁମେ ମାୟାକୁ ଧରିଥାଅ, ତେବେ ନିଜେ ମାୟାକୁ ଛାଡିଦିଅ କିମ୍ବା ତାକୁ ଛାଡି ଯିବାକୁ

ISSN NO.
2582-208X

କହିଦିଅ । ଏଥିରେ ମୁଁ ବା କଣ କରି ପାରିବି ? ଯଦି ମାୟା ତୁମକୁ ଧରିଥାଏ ତେବେ ମାୟାକୁ କୁହ, ସେ ତୁମକୁ ଛାଡି ଦେବ ।

ମାୟା କିଛି ନୁହେଁ, ସେଇଟା ମନର ଏକ ଭ୍ରମ । ଘର, ପରିବାର, ବାପା ମାଆ, ଭାଇ ଭଉଣୀ, ପୁଅ ଝିଅ ଏସବୁକୁ ତୁ ମାୟା କହୁଛୁ ନା ? ଏମାନଙ୍କ ବିନା ବଞ୍ଚି ପାରିବୁ ? ମାୟା ତ ଠିକ ଅଛି, କିନ୍ତୁ ତୋର ଅତିମାୟା, ତୋର ଲୋଭର କାରଣ ହିଁ ତୋତେ ଦୁଃଖି କରୁଛି । ସନ୍ତାନ ମାୟାରେ ତୁମେ ସ୍ୱମାୟା ଭୁଲି ଯାଉଛ । ପ୍ରଥମେ ନିଜ ପ୍ରତି ମାୟା ରଖ। ଯିଏ ନିଜକୁ ଭଲପାଇ ନ ପାରୁଛି, ସେ ଅନ୍ୟକୁ କିପରି ଭଲପାଇ ପାରିବ ? ଯିଏ ନିଜକୁ ସମ୍ମାନ ଦେଇ ଶିଖିନି, ସେ ଅନ୍ୟକୁ କିପରି ସମ୍ମାନ ଦେବ ?

ନିଜକୁ ପ୍ରେମ କରିବା କିଛି ଅପରାଧ ନୁହେଁ । ନିଜର ଭବିଷ୍ୟତ କଥା ନଭାବି ଅନ୍ୟର ଭବିଷ୍ୟତ ପାଇଁ ସବୁ ଢାଳିଦେଲେ, କାଙ୍ଗାଳ ହେବ ହିଁ ହେବ । ମୁଁ ସ୍ୱାର୍ଥପର ହେବା କିମ୍ବା ଆତ୍ମ କୈନ୍ଦ୍ରିକ ହେବା କଥା କହୁନି । କିନ୍ତୁ ନିଜେ ବଞ୍ଚିଲେ ସିନା ଆଉ କାହାକୁ ବଞ୍ଚେଇ ପାରିବ ! ସେଥି ପାଇଁ ଆତ୍ମରକ୍ଷା, ନିଜ ଭବିଷ୍ୟତର ସୁରକ୍ଷା ବିଷୟରେ ଚିନ୍ତା କରିବା, ଭବିଷ୍ୟତ ପାଇଁ କିଛି ଯୋଜନା କରିବା ତୁମର ପ୍ରଥମେ କାର୍ଯ୍ୟ । ତା ଛଡା ମଣିଷ ମନରେ ଆଜି ସନ୍ତୁଷ୍ଟି କାହିଁ ? ଯେତେ ପାଇଲେ ବି କମ୍ ଲାଗୁଛି । ଆହୁରି ଲୋଡା, ଆହୁରି ଅଧିକ ଲୋଡା, ସେଇ କାମନାର ଅପୁର୍ତ୍ତୀ ତୋର ଅଶାନ୍ତିର କାରଣ, ସେଇ ଅଶାନ୍ତି ମଣିଷକୁ ଦୁଃଖ ଦିଏ ଏବଂ ଏହି ଅସହିଷ୍ଣୁତା ଭାବ, ଏହି ଅପ୍ରାପ୍ତିର ଦୁଃଖ, ଶେଷରେ ମାୟା ଜଞ୍ଜାଳ ପରି ଲାଗେ ।

ଅଳ୍ପ ଧନରେ ମଣିଷର ମନ ଭରୁନାହିଁ, ଯେତେ ପାଇଲେ ବି, ଆହୁରି ଅଧିକ ପାଇବାର ଲାଳସା । ଧନର ମାୟାରେ ମଣିଷ ନିଜେ ନିଜକୁ ବାନ୍ଧି ଦେଇଛି । ମଣିଷ ନିଜେ ମାୟାରେ ଉବୁ ଟୁବୁ ହେଉଛି । ଧନ ମଣିଷକୁ ଚାହେଁନା, କିନ୍ତୁ ମଣିଷ ଧନକୁ ଚାହେଁ । ଧନ ମଣିଷର ମାୟାରେ ନୁହେଁ, ବରଂ ମଣିଷ ଧନର ମାୟାରେ ଫସି ଯାଉଛି । ମଣିଷ ପତି ବା ପତ୍ନୀର କାମନା କରୁଛି, ପତି ଅବା ପତ୍ନୀ ମିଳିଗଲା ପରେ ପତି/ପତ୍ନୀ ସେମାନଙ୍କର

ISSN NO.
2582-208X

ପରସ୍ପର ପ୍ରତି ଆଶକ୍ତି ସେମାନଙ୍କୁ ପରସ୍ପରର ମାୟାରେ ବାନ୍ଧି ଦେଉଛି । ମଣିଷ ସନ୍ତାନର କାମନା କରୁଛି, ସନ୍ତାନ ଲାଭ କଲା ପରେ, ସନ୍ତାନ ପ୍ରତି ତାର ସ୍ନେହ, ପ୍ରେମ, ମଣିଷକୁ ସନ୍ତାନର ମାୟା ଆଡକୁ ଟାଣି ନେଉଛି । ମାଛ ଯଦି ନିଜ ଇଚ୍ଛାରେ କେଉଟର ଜାଲରେ ନିଜେ ନିଜେ ଛନ୍ଦି ହେବାକୁ ଆସିବ, ବିଚରା କେଉଟ କାହିଁକି ମନା କରିବ ମାଛକୁ ? ବରଂ କେଉଟ ତ ଖୁସି ହେବ । ଭାବିକି ଦେଖ୍, କିଏ କାହାକୁ ଧରିଛି ? ମାୟା ତୁମକୁ ନା' ତୁମେ ମାୟାକୁ ?

ଆ ବଳଦ ମୋତେ ମାର, କହି ମାୟାକୁ ଡାକି ଆଣିଲ, ଶେଷରେ ମୋତେ କହୁଛ ମାୟାକୁ ଯିବାକୁ କୁହ । ତୁମେ ନିଜେ ତ ମାୟାର ଜନକ, ଏବଂ ତାରି ଅଠା କାଠିରେ ନିଜେ ପାଦ ପକାଇ ଦେଲ, ସେଇ ଅଠା କାଠିରୁ ମୁକୁଳିବା ପାଇଁ ଏବେ ମୋତେ ସହାୟତା ମାଗୁଛ ? ବଡ ବିଚିତ୍ର କଥା । ମାୟାକୁ ନିଜ ହାତ ମୁଠାରେ ନିଜେ ଜାବୁଡି ଧରିଛ । ମୁଁ କେମିତି ମାୟାକୁ ତୁମ ହାତ ମୁଠାରୁ ଛଡାଇ ଆଣିବି ? ନିଜେ ଟିକେ ଚେଷ୍ଟାକର, ମୁଠା ଟିକେ ଢିଲା ଛାଡିଦିଅ, ମାୟା ଆପେ ଆପେ ତଳେ ଖସି ପଡିବ ।

ଆଚ୍ଛା କହିଲୁ, ମନେକର ତୋତେ ମୁଁ ମାୟାରୁ ମୁକ୍ତି ଦେଇଦେବି, ହେଲେ ତୁ ମାୟାକୁ ତ୍ୟାଗ କରି ପାରିବୁ ତ ? ମାୟା ଚାଖଣ୍ଡେ ଦଉଡି ନୁହେଁ, ବରଂ ସେଇଟା ଗୋଟିଏ ବିରାଟ ଜାଲ, ତୁ ତାକୁ ତୋର ଚାରି ପଟେ ନିଜେ ଗୁଡେଇ ଧରି ରଖିଛୁ । ଶିତ ଦିନରେ ଚାଦର ପରି ନୁହେଁ, ବରଂ ମାୟାକୁ ତୁ ତୋର ଦେହର ଚମଡା ପରି ନିଜକୁ ମାୟାରେ ଢାଙ୍କି ରଖିଛୁ ତୋର ଚାରି ପାଖରେ । ମାୟା ତୋ ନିଜ ଠାରୁ ଆରମ୍ଭ, ତୋର ନିଜ ଦେହ ପ୍ରତି ମାୟା, ନିଜ ଦେହକୁ ପରିଷ୍କାର ରଖିବା, ସଜେଇକି ରଖିବା, ସୁନ୍ଦର ଦିଶିବା, ସବୁ କଷ୍ଟରୁ ବଞ୍ଚେଇକି ରଖିବା ଏ ସବୁ ତ ତୋର ନିଜ ଶରୀର ପ୍ରତି ମାୟା ନା' ? ତ୍ୟାଗ କରି ପାରିବୁ ନିଜ ଶରୀରର ମାୟା ? ନିଜ ଶରୀରକୁ ଅନାଥ ପରି ଛାଡିଦେଇ ପାରିବୁ ? କହି ପାରିବୁ, ମୁଁ ଏକ ଆତ୍ମା, ମୁଁ ଏଇ ଶରୀରର ଅଧୀନ ନୁହେଁ କିମ୍ବା ଏ ଶରୀର ମୋର ବାଧକ ନୁହେଁ ! ନିଜ ଶରୀର ପ୍ରତି ଉଦାସୀନ ରହି ପାରିବୁ ?? ଶରୀରକୁ ଯେତେ ବେଳେ କଷ୍ଟ ହେବ, ନିର୍ମାୟା ନିରୁତ୍ତର, ନିର୍ମୋହୀ, ନିରାସକ୍ତ ରହି ପାରିବୁ ନିଜ ଶରୀର ପ୍ରତି ? ଶରୀର

ISSN NO.
2582-208X

ଯେତେ ବେଳେ କଷ୍ଟ ଯନ୍ତ୍ରଣାରେ ଅତିଷ୍ଠ ହୋଇପଡିବ, ଉଦାସୀନ ରହିପାରିବୁ ତୋର ନିଜ ଶରୀରର ପୀଡା ପ୍ରତି ?? ନାହିଁ ନା' !

ମାୟା ଅଛି ବୋଲି ତ ତୁ କାହାର ପୁଅ, କାହାର ଭାଇ, କାହାର ସ୍ୱାମୀ, କାହାର ବାପା । ଯେଉଁ ଦିନ ମାୟାରୁ ମୁକ୍ତି ମିଳିଯିବ ସେତେ ବେଳ ନା' ତୁ କାହାର ରହିବୁ, ନା' ଆଉ କେହି ତୋର ହୋଇ ରହିବ । କାହା ପାଇଁ କିଛି କରିଲା ବେଳେ, କାହାକୁ କିଛି ଦେଲା ବେଳକୁ କିମ୍ବା କାହା ଠାରୁ କିଛି ଆଶା କରି, କିଛି ନପାଇବା ବେଳେ ତୋତେ ମାୟାଟା ବାଧୁଛି, ମାୟାଟା ଜଞ୍ଜାଳ ଲାଗୁଛି । କିନ୍ତୁ ଭାବିଲୁ, ମାୟାରୁ ମୁକ୍ତି ପରେ, ଯେତେ ବେଳେ କେହି ତୁମକୁ ପଚାରିବେନି, ଖାଇଛ କି ନାହିଁ, ଦେହ କେମିତି ଅଛି ଅଥବା ତୁମ ଯନ୍ତ୍ରଣାରେ କେହି ତୁମ ସାଥିରେ ନଥିବେ, ସହି ପାରିବୁ ସେ କଷ୍ଟ ? ତୁମ ପ୍ରତି ସେମାନଙ୍କର ପ୍ରେମ କେବଳ ସେମାନଙ୍କର ନିଜର ମାୟା ଆସକ୍ତି ଯୋଗୁ, ସେମାନଙ୍କ ପ୍ରତି ତୁମ ମାୟା କଟିଗଲା ପରେ ସେମାନଙ୍କର ତୁମ ପ୍ରତି ମାୟା ମଧ୍ୟ କଟିଯିବ ।

ସବୁ ମାୟା କଟିଗଲା ପରେ ପୁଣି କାହା ସହିତ ମାୟା ଯୋଡିବ ? ଭଗବାନଙ୍କ ସାଥିରେ ? ଯାହାକୁ କେବେ ଦେଖିନ, ଶୁଣିନ, ଭଲ ଭାବେ ଜାଣିନ ତାଙ୍କ ସାଙ୍ଗେ ମାୟା ଲଗାଇବା କଥା ଭାବୁଛ । ଯାହାକୁ ଦେଖୁଛ, ଶୁଣୁଛ ତା ମାୟାରୁ ମୁକ୍ତି ଚାହୁଁଛ ? ବସ୍ 'ଜୀବନରେ ପ୍ରାପ୍ତିର ଆଶା' ହିଁ ତୁମକୁ କଷ୍ଟ ଦେଉଛି, ମାୟା କଷ୍ଟ ଦିଏନା । ପ୍ରଭୁ ମାୟା ବି ତ ମାୟା । ମାୟାରୁ ପୁଣି ମୁକ୍ତି କାହିଁ ? ଜୀବ ମାଛଟିଏ ପରି ମାୟାର ଅଗାଧ ଜଳରେ ଜୀବନ ଧାରଣ କରି ରହିଛି, କେବେ ସଂସାରର ମାୟା, କେବେ ପ୍ରଭୁ ମାୟାରେ ବୁଡି ରହିଛି । ଯେଉଁ ଦିନ ମାୟାରୁ ମୁକ୍ତି ମିଳିଯିବ, ସେଇ ଦିନ ଜୀବନରୁ ମଧ୍ୟ ମୁକ୍ତି ମିଳିଯିବ, ଜଳ ବିନା ମୀନ ସଦୃଶ । ଏବେ କୁହ, ମାୟାରୁ ମୁକ୍ତି ଚାହୁଁଛ ?

ସବୁ ଶୁଣି ସାରିଲା ପରେ ସୁଧାକରବାବୁ ନିର୍ବାକ୍ ହୋଇ ଯାଇଥିଲେ, ତାଙ୍କ କଣ୍ଠରୁ କେବଳ ଏତିକି ବାହାରିଲା, ହେ ମାୟାଧର, କେବଳ ତୁ ହିଁ ଜାଣୁ ତୋ ମାୟା ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଅକ୍ଷୟ ତୃତୀୟା



ଡ. ସଦା ବିହାରୀ ସାହୁ

ଅକ୍ଷୟ ତୃତୀୟା ଆସିଛି ଆଜି
ଘୋଷଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସାଜି
ଅଖିମୁଠି ଅନୁକୂଳ ଚାଷ ଆରମ୍ଭ କରି
ଆନଂଦେ ବସିଛି କୃଷକ ସବୁ ପାସୋରି
ଚଂଦନ ଜାତ୍ରାର ଶୁଭ ଆରମ୍ଭ
ଏ ତିଥି ଭଗବାନ ପର୍ଶୁରାମଂକ ଅର୍ବିଭାବ
ଆଜି ଦିନରେ, ଭେଟିଲେ ସୁଦମା ବନ୍ଧୁ କୃଷ୍ଣ ସାଥିରେ
କୃଷ୍ଣ ବଢାଇଲେ ଅକ୍ଷୟ ପାତ୍ର ଯୁଧିଷ୍ଠିରଂକ ହାତରେ
ଅସୀମିତ ଭୋଜନ ପାଇଲେ ଏହି ପାତ୍ର ରେ
ମହର୍ଷି ବ୍ୟାସଦେବ ରଚିଲେ ମହାଭାରତ ଏହି ତିଥିରେ
ଗଂଗା ମାତାଂକ ହେଲା ଧରା ପୃଷ୍ଠରେ ଅବତରଣ
ତ୍ରେତାୟା ଯୁଗ ହେଲା ଆରମ୍ଭ ଜାଣ
ଶୁଭ କାର୍ଯ୍ୟର ଶୁଭ ମହୁର୍ତ୍ତ ତିଥି ଏଇ
ଶ୍ରୀକୃଷ୍ଣ ରଖିଲେ ଇଜ୍ଜତ ଦୌପ୍ରଦୀଂକୁ ଅକ୍ଷୟ ବସ୍ତ୍ର ଦେଇ
ଆମ ସଂସ୍କୃତି, ଆମ ପର୍ବ ପର୍ବାଣୀ ଆମ ଗୌରବ ଭଉଣୀ ଭାଇ
ଖୁସିରେ ପାଳିବା ସମସ୍ତେ ଏକାଠି ହୋଇ

ମୁମ୍ବାଇ

ISSN NO.
2582-208X

# ତିନି ରଥର ସାରମର୍ମ



ଅମରନାଥ ବାରିକ

## ନନ୍ଦିଘୋଷ

ଜଗତ ସାଆନ୍ତ କାଳିଆ ସୁନାର
ଅଟେ ନନ୍ଦିଘୋଷ ରଥ
ତା'ର ଧ୍ୱଜ ନାମ ତ୍ରୈଲୋକ୍ୟ ମୋହିନୀ
ନିଜେ ନିଜ ସ୍ରଷ୍ଟା ନାଥ ।

ଚୌରାଳିଶ ଫୁଟ ଦୁଇ ଇଞ୍ଚି ହୋଇ
ରଥ ଯେ ନିର୍ମାଣ ହୁଏ
ଚକ ଷୋଳଗୋଟି ସଗଡ଼ ପରିକା
ଚାରିପଟେ ଲାଗିଥାଏ ।

ଆଠଶହ ବତୀଶ କାଠ ଗଣି ଗଣି
ଗଢ଼ା ହୁଏ ଦିନ ରାତି
ଦୂରଦର୍ଶନ ରେ ପ୍ରସାରଣ ହୁଏ
ଓଡିଶା କଳା ସଂସ୍କୃତି ।

ରକ୍ଷକ ତାହାର ଗରୁଡ଼ ଅଟଇ
ସାରଥୀ ତାର ମାତଳୀ
ଯାଉଥାଏ ଯେବେ ବଡ଼ ଦାଣ୍ଡେ ଝୁଲି
ବାଜେ ଘଣ୍ଟ ହୁଳହୁଳି

ରଥ ଦଉଡି ର ନାମ ଶଙ୍ଖ ଚୁଡ
ଭକତ ଜୀବନ ଧନ
ନାଲି ହଳଦିଆ ରଥ ରଙ୍ଗ ତାର
ଯଶୋଦାକୁଳ ନନ୍ଦନ ।

ଚାରିଗୋଟି ଘୋଡା ଧଳା ରଙ୍ଗ ଭରା
ଆଗରେ ତା ହଲୁଥାଏ
ଲକ୍ଷ୍ମୀ ଠାକୁରାଣୀ ଭାଳନ୍ତି ଯାଅ ନା
ଗଉଡ଼ ପୁଅ କହ୍ନାଇ ।

ISSN NO.
2582-208X

## ତାଳଧ୍ୱଜ

ତାଳଧ୍ୱଜ ରଥ ବଳଭଦ୍ରଙ୍କର
ଦେଖିବାକୁ କି ସୁନ୍ଦର
ବଡ଼ ଭାଇ ସେଠି ବିଜେ କରିଥାନ୍ତି
ଗଳାରେ ଗଜରା ହାର ।

ଗହଳି ଲାଗିଛି ବଡ଼ ଦାଣ୍ଡ ସାରା
ବାସୁଦେବ ଯେ ରକ୍ଷକ
ଟାଣନ୍ତି ଭକତ ଆନନ୍ଦ ମନରେ
ସାରଥୀ ଅଟେ ଦାରୁକ ।

ତେଇଆଳିଶ ଫୁଟ ତିନି ଇଞ୍ଚ୍ ର
ଉଚ୍ଚତା ଅଟେ ଏ ରଥ
ଘୁଉଁ ଘୁଉଁ କରି ଯାଉଥିବା ବେଳେ
କମ୍ପେ ନୀଳାଚଳ ପଥ ।

ତାଳଧ୍ୱଜ ପରେ ଲାଗିଥାଏ ଯେଉଁ
ବାନା ଟିର ନାମ ଉନ୍ନାନି
ଗଢ଼ିଛି ବିନ୍ଧାଣି ରଙ୍ଗ ମନ ଜାଣି
ନାଲିଆ ସବୁଜ ବନାନି ।

କରି ଗୋଲାକାର ଲଗାଇ ଅରଖ
ଚକ ଲାଗିଥାଏ ଚଉଦଟି
କାନ୍ତ କୋମନୀୟ ନିରୀହ ସରଳ
କଳାରଙ୍ଗ ଘୋଡା ଚାରୋଟି ।

ଥାନ୍ତି ପଣ୍ଡା ପୁଅ ଡାହୁକ ଘଣ୍ଟିଆ
ରଥର ଦଉଡି ବାସୁକି
ସାତଶହ ତ୍ରେଷଠି ଖଣ୍ଡ ର କାଠ
ସମ୍ପୂର୍ଣ୍ଣ ଦିଅଇ ଖଞ୍ଜିକି ।

ଯୋରିଷ ବିଞ୍ଚିଲେ ତଳେ ପଡିବ ନି
ସାରଥୀ ଅଟଇ ଦାରୁକ
ଘଞ୍ଚ ମୟ ବେଢ଼ି ଥାନ୍ତି ଚତୁପାର୍ଶ୍ୱେ
ଢଗ ଢ଼ମାଳିଆ ଗାୟକ ।

## ଦର୍ପଦଳନ

ଦର୍ପଦଳନ ଟି ଅତି ମନୋରମ
ଭଉଣୀ ସୁଭଦ୍ରାଙ୍କ ର
ଗେଲ୍ଲୀ ସୁନାମୁହିଁ ହଳଦୀ ମାଖିଛି
ହସ ନାଲି ଓଠେ ତା'ର ।

ISSN NO.
2582-208X

ଆଖି ଯାଏ ଲାଖି ଦେଖିଲେ ଏହାକୁ
ରଥ ରଙ୍ଗ କଳା ନାଲି
ଝଲସି ଉଠନ୍ତି ସମ୍ମୁଖ ରେ ରହି
ଘୋଡା ବି ଚାରୋଟି ନାଲି ।

କରନ୍ତି ଚାଳନା ହେଲେ ଆନମନା
ଦେବ ଅର୍ଜୁନ ସାରଥୀ
ସୁଭଦ୍ରା ମାଆର ଯାତ ଦେଖିବାକୁ
ଚାଲ ବେଗୀ ଯିବା ସାଥି ।

ଶୁଭ ହୁଏ ଥରେ ଛୁଇଁଲେ ତାହାକୁ
ସ୍ୱର୍ଣ ଚୁଡ ର ଦଉଡି
ବଇଆଳିଶ ଫୁଟ ତିନି ଇଞ୍ଚି ର
ଚାଲ ନେବା ତାକୁ ଭିଡି ।

ଅଖ ଲାଗିଥିବା ବାର ଗୋଟି ଚକ
ଜୟ ମା ଦୁର୍ଗା ରକ୍ଷକ
ଆ ଲୋ ସଙ୍ଗିନୀ ସାଙ୍ଗ ହୋଇ ଯିବା
ଦେଖିବା ପାଇଁ କ୍ଷଣିକ ।

ପାଞ୍ଚଶହ ତେୟାନବେ ଖଣ୍ଡ କାଠ
ଅଗ୍ରେ ନାଦମ୍ବିକା ଧ୍ୱଂଜ
ମନ୍ଦିରକୁ ଛାଡି ଆସିବେ ବାହାରି
ରଥ ହୁଏ ସଜ ବାଜ ।

କୟାଁ, ମଙ୍ଗଳପୁର, ଦଶରଥପୁର,
ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଶ୍ରୀରଙ୍ଗା ଚରଣ ତଳେ



ଡ଼କ୍ଟର ଦଶରଥ ପ୍ରଧାନ

ଶ୍ରୀରଙ୍ଗା ଚରଣତଳେ
ଶରଧା ଭକ୍ତି ଢାଳେ
ବେନି ନୟନ ଜଳେ
ନମେ ସଞ୍ଜ ସକାଳେ !!

ଦୀନ ବନ୍ଧୁ ଦଇତାରୀ
ଅଛୁ ସକଳ ଘଟେ ପୁରି
ଏ ବିଶ୍ୱ ରଚନା ତୋହରି
ପ୍ରାଣୀଙ୍କୁ କରୁଅଛୁ ପାରି !!

ଏ ଭବ ସାଗରୁ ହରି
ବାରେ କରତୁ ପାରି
ତୋ ବିନା କେହି ନାହିଁ
ତୁ ଏକା ଭବ ନାଉରୀ !!

ତୋହରି ଅନୁକମ୍ପା ବଳେ
ଏ ସଂସାର ଗଢି ଚାଲେ

ISSN NO.
2582-208X

ଅନନ୍ତ ବ୍ରହ୍ମାଣ୍ଡ ଗୋସାଇଁ
ମହାବାହୁ ଭାବଗ୍ରାହୀ !!

ତୁ ଜଗତ ମାତା ପିତା
ଅସୀମ ସୃଷ୍ଟିର କରତା
କରିଛୁ ପ୍ରକୃତି କି ମଧୁର
କି ଅଦ୍ଭୂତ କି ମନୋହର !!

କି ଆନନ୍ଦମୟ ଏ ବିଶ୍ୱ ସର୍ଜନା
ବର୍ଣ୍ଣିବାକୁ ମୋର ଭାଷା ପାଏନା
ତୁ ଏକା ସଂସାର ପରିଚାଳକ
ବିଶ୍ୱ ନିୟନ୍ତା ବ୍ରହ୍ମାଣ୍ଡ ନାୟକ ।।

ଗ୍ରାମ-ହାତନାବେଡା
ଜିଲ୍ଲା ଷଢ଼େଇକଳା ଖରସୁଆଁ ଝାଡ଼ଖଣ୍ଡ ରାଜ୍ୟ
ମୋ ନ ୯୬୭୧୮୭୩୮୫୯

ISSN NO.
2582-208X

ବେଦାନ୍ତି

# ଝଡ ରାତି



ଶାନ୍ତୁଲତା ମିଶ୍ର

ଗଲା ରାତିରେ ବହୁ ଜୋରରେ ଝଡ ବର୍ଷା ପବନ ହୋଇଥିଲା । "ଲଳିତା"ର ମନ ବହୁତ ଖୁସି । ଆଜି ମହେନ୍ଦ୍ର ବାବୁଙ୍କ ଆମ୍ବ ତୋଟାରେ ଗୁଡାଏ ଆ ମ୍ବ ଝଡିଥିବ । ପାଚିଲା ଆମ୍ବକୁ ସେମାନେ ମା ଝିଅ ଖୁବ ଖାଇବେ । କଞ୍ଚା ଆମ୍ବରେ ଚଟଣୀ କରିବେ ଆଚାର ଆମ୍ବୁଲ କରି ଖାଇବେ । ଆଜି ମଜା ଆସି ଯିବ । ମହେନ୍ଦ୍ର ବାବୁଙ୍କ ପରିବାର ସହରରେ ରୁହନ୍ତି । ତେଣୁ ବାହାର ଲୋକ ମାନଙ୍କର ଅବାଧ ପ୍ରବେଶ ତାଙ୍କ ତୋଟାରେ । ବିଶେଷତଃ ସେ ମା ଝିଅଙ୍କ ପାଇଁ ଏକ ବରଦାନ । ଲଳିତା ବର୍ଷକର ହୋଇଥିଲା ସେ ତା ବାପାଙ୍କୁ ହରେଇଥିଲା । ସେବେଠୁ ମା ଝିଅ ଏକାକି । ଦୁଃଖେ ସୁଖେ ଜୀବନ ବିତେଇ ଚାଲିଛନ୍ତି । ତାକୁ ଏବେ ବାର ବର୍ଷ । ତାର ଏ ବାର ବର୍ଷର ଜୀବନ କାଳରେ ଯୁଗର ଅନୁଭୁତି ।

ପାହାନ୍ତିଆରୁ ଉଠି ମା ଝିଅ ଚାରି ଟା ବ୍ୟାଗ ଧରି ବଗିଚା ଆଡେ ମୁହାଁଇଲେ । ତାଙ୍କ ଘର ପଛପଟ ଦି ଟା ଧାନ ବିଲ ଟପିଗଲେ ଆମ୍ବ ବଗିଚା ଟା ପଡିବ । ପ୍ରଥମ ବିଲ ଟା ଟପି ସାରିଲା ପରେ ଏକ କଅଁଳା ଶିଶୁର କାନ୍ଦ ସ୍ୱର ଶୁଭିଲା । ସେମାନେ ଅଟକି ଗଲେ କେହି କୁଆଡେ ନାହାଁନ୍ତି ଏତେ ସକାଳୁ ଏ ଶିଶୁର କାନ୍ଦ କୋଉଠୁ ଆସୁଛି । ଦୁହେଁ ଡରିଗଲେ ପ୍ରଥମେ । ଭୁତ ପ୍ରେତର କାମ ନୁହେଁ ତ । କିନ୍ତୁ ଲଳିତାର ବୋଉ "ସୀତା' କହିଲା ନା ଏହା ସତ ମଣିଷ ଛୁଆର କାନ୍ଦ ପରି ଶୁଭୁଛି । ସେ କାନେଇ କାନେଇ କାନ୍ଦ ଶୁଭୁଥିବା ଆଡକୁ ଅଗ୍ରଗତି କଲା ।

ISSN NO.
2582-208X

ତା ଅନୁମାନକୁ ସତ ପ୍ରମାଣ କରି ଏକ ଶିଶୁ କମଳ ଭିତରେ ଗୁଡେଇ ହୋଇ ହିଡ ଉପରେ ଶୋଇଛି । କାନ୍ଦି କାନ୍ଦି ଶିଶୁଟି ହାଲିଆ ହୋଇ ପଡି ଚୁପ ହୋଇ ଯାଉଥାଏ । ପୁଣି ଶକ୍ତି ପାଇଲେ କାନ୍ଦୁ ଥାଏ । ସୀତା କାଳ ବିଳମ୍ବ ନକରି ଛୁଆକୁ କୋଳରେ ଧରି ଘର ମୁହାଁ ଧାଇଁଲା । ଲଳିତାର ରାଗ ବଢିଗଲା । ସେ କେତେ ଖୁସିରେ ଆସିଥିଲା ଆମ୍ବ ଗୋଟେଇକି ନେବ ବୋଲି କିନ୍ତୁ ଏ କଣ ହେଲା । ସୀତା ବାଟ ସାରା ଛୁଆର ମା' କୁ ଗାଳି ଦେଇ ଦେଇ ଆସି ଘରେ ପହଞ୍ଚି ଗଲା । ଆଗ ଯାଇ ସାବି ମା' ଘରୁ କିଛି ଟାଙ୍କା ଦେଇ ଗିଲାସେ ଖିର ନେଇ ଆସିଲା । ସାବି ମା' ଏକା ରହେ ତାର ଚାରିଟା ଗାଇ । କ୍ଷୀର ବିକି ସେ ଚଳେ । ତାଙ୍କର ପଡୋଶୀ ।

ସୀତା ପିଲାଟିକୁ ଖିର ପିଆଇ ଦେଲା ଚାମଚରେ । ପିଲା ଟି ଟିକେ ପିଉଥାଏ ପୁଣି ଶୋଇ ଯାଉଥାଏ । ପୁଣି ଘଣ୍ଟାକରେ ଉଠି ପଡୁଥାଏ । ପୁଣି ତାକୁ କ୍ଷୀର ଟିକେ ପିଆଇଦେଲେ ପୁଣି ଶୋଇ ପଡୁଥାଏ । ସେଦିନ ସୀତା ଆଉ ତା ବାସନ ମଜା ଲୁଗା ସଫା ଘର ସଫାକୁ ଯାଇ ପାରିଲାନି । ଲଳିତାକୁ ପଠେଇଦେଲା ରାଗରେ ଗର ଗର ହୋଇ ବାଧ୍ୟ ହୋଇ ଲଳିତା କାମକୁ ଗଲା । ସେ ଅନେକ ଥର ବୋଉ ସାଙ୍ଗରେ ଆସି ତାକୁ କାମରେ ସାହାଯ୍ୟ କରିଛି ସତ । ଆଜି ପ୍ରଥମ ଥର ତାକୁ ଏକା ସବୁ କରିବାକୁ ପଡିଲା । ଖାଲି ସେ ଦିନକ ନୁହେଁ ପୁରା ସପ୍ତାହକ ଯାକ ବୋଉ ସେ ଛୁଆର ଯତ୍ନ ନେବାରେ ଲାଗିଲା ଲଳିତାକୁ କାମରେ ଲଗେଇଦେଇ ।

ସପ୍ତାହକ ପରେ ଦିନେ ସୀତା ଗଲା କାମକୁ ତ ଦିନେ ଲଳିତା । ପାଳି କରିକି ଗଲେ । ଜଣେ ଘରେ ରହି ଛୁଆର ଦେଖା ରଖା କାମ କଲେ । ଏହି ପରି ଦୁଇ ମାସ ବିତିଗଲା। କାହିଁକି କେଜାଣି ପିଲା ଟି ଉପରେ ସେମାନଙ୍କ ସ୍ନେହ ମମତା ଦିନକୁ ଦିନ ବଢି ଚାଲୁଥାଏ। ପିଲା ଟି ଟିକେ ସୁସ୍ଥ ସବଳ ହୋଇଗଲା ପରେ ତାକୁ ଶାଢିରେ ଗୁଡେଇ ପିଠିରେ ଲାଉ କରି ସୀତା ଲଳିତାକୁ ସାଥିରେ ନେଇ କାମକୁ ଗଲା । ଲୋକ ମାନେ ତାର ଏ ମହାନ କାମ ଦେଖି କିଛି କିଛି ସାହାଯ୍ୟ ବି କଲେ । ଝିଅ ଟେ ସତ ହେଲେ ମଣିଷ ଛୁଆ ତାକୁ କଣ

ISSN NO.
2582-208X

ଏମିତି ହତାଦର କରି ଫୋପାଡି ଦିଆ ଯାଏ । କିଏସେ ସେ ମା । କଣ ତାର ଅସୁବିଧା ଥିଲା । କେଉଁ ଦୁଃଖରେ ସେ ଏ ପଦକ୍ଷେପ ନେଇଥିଲା । ଯାହା ବି ହେଉ ଏବେ ତ ସୀତା ତାକୁ ନିଜର ଝିଅ ଭାବେ ଗ୍ରହଣ କରି ନେଇଛି । ତା ନାଁ ଦେଇଛି "କବିତା' ।

ସେଦିନ "ମାଧବ' ଆସି କହୁଥିଲା ଜଣେ ସ୍ତ୍ରୀ ଲୋକର ଶବକୁ ଆର ଗାଁର ଲୋକେ ନଇରୁ ଉଧାର କରିଥିଲେ । କିନ୍ତୁ ସେ କିଏସେ ଜାଣିବା ସହଜ ନଥିଲା । ସେ ଶବକୁ ମଶାଣୀକୁ ନେଇ ତାର ଶେଷ କାର୍ଯ୍ୟ ସଂପର୍ଣ୍ଣ କରିଥିଲେ ଗାଁ ଲୋକେ । ଏବେ ସୀତା ଭାବୁଛି ହୁଏତ ଏଇ କବିତାର ମା ହୋଇଥିବ ବୋଧେ । ସେବେଠୁ ସେ ଆଉ କବିତାର ମା'କୁ ଗାଳିଗୁଲଜ କରେନି । କିଛି ଅସହ୍ୟ ଅସୁବିଧାରେ ପଡି ସେ ଏପରି କରି ପାରିଥାଏ । ଅନ୍ୟକୁ ଦୁଃଖ ଦେଇ ଖୁସି ହେଉଥିବା ଲୋକଙ୍କ ସଂଖ୍ୟା କିଛି କମ ନାହିଁ ଏ ସଂସାରରେ ।

ଏବେ କବିତାକୁ ଛଅ ବର୍ଷ ଲଳିତାକୁ ଅଠର ବର୍ଷ । ଲଳିତାର ବାହାଘର ହଠାତ୍ ଠିକ୍ ହୋଇଗଲା ଆର ଗାଁ ର ଭଗୀରଥ ସହିତ । ଜଣେ ତାଙ୍କ ଗାଁର ଲୋକ ଏ ପ୍ରସ୍ତାବ ଆଣି ଦେଇଥିଲେ । କିନ୍ତୁ ତିନି ଚାରିମାସ ସମୟ ମାଗିଲା ସୀତା । ତାକୁ ସବୁ ଯୋଗାଡ କରିବାକୁ କିଛି ମାସ ତ ଲାଗିଯିବ । ଧୁମଧାମରେ ବାହାଘର ନହେଲେ ବି କିଛିତ କରିବାକୁ ପଡିବ । ଏମିତି ଖାଲି ହାତଟାରେ କେମିତି ଝିଅକୁ ବିଦା କରିଦେବ ।

କିନ୍ତୁ ହଠାତ ଦିନେ ସୀତା କାମରୁ ଆସି ଅସୁସ୍ଥ ହୋଇ ପଡିଲା । ସେ ବାହାଘର ପାଇଁ ଆଉ ତିନି ଜଣଙ୍କ ଘରେ ଅଧିକ କାମ କରିବା ଆରମ୍ଭ କରି ଦେଇଥିଲା । କିନ୍ତୁ ସୀତା ଆଉ ସେ ଅସୁସ୍ଥତାରୁ ଉଠି ପାରିଲାନି । ଏତେ କାମ ତା ଦେହରେ ଗଲାନି । ସେ ସବୁଦିନ ପାଇଁ ଆଖି ବୁଜିଦେଲା । ଲଳିତା ପାଇଁ ସବୁ ଦିଗ ଅନ୍ଧାର ହୋଇଗଲା । କବିତା ବ୍ୟତୀତ ତାର ଆଉ ଏ ସଂସାରରେ ନିଜର ବୋଲି କହିବାକୁ କେହି ନଥାନ୍ତି । କବିତା କିଛି ନବୁଝି ଆସି ଲଳିତା ଆଖିରୁ ଲୁହ ପୋଛି ଦଉଥାଏ । ତାକୁ ଗେଲ କରିଦଉଥାଏ । ତା ମୁହଁକୁ ଦେଖିଲା ମାତ୍ରେ ଲଳିତାର ଲୁହ ଆହୁରି ଝରି ଯାଉଥାଏ । ବୋଉ ଗଲାବେଳେ ବାରବାର କହିକି

ISSN NO.
2582-208X

ଗଲା କବି ତାର ପୁରା ଯତ୍ନ ଓ ଦାୟିତ୍ୱ ଏବେ ତାର । ତାକୁ ଯେମିତି ଅସହାୟ ଅବସ୍ଥାରେ ଏକାକୀ ନଛାଡିବାକୁ ।

ଦିନ ଗଡିଗଲା ସିନା ଦୁଃଖ ସରିଲାନି । ଭଗିରଥ ଲଳିତାକୁ ବିବାହ କରିବାକୁ ଏବେବି ରାଜି ଥିଲା କିନ୍ତୁ କବିତାର ଦାୟିତ୍ୱ ନବାକୁ ଇଛା କଲାନି । ସେ ଲଳିତା ଆଗରେ ଗୋଟିଏ ସର୍ତ୍ତ ରଖିଦେଲା ତାକୁ ଜଣକୁ ଛାଡିବାକୁ ପଡିବ ଭଗିରଥକୁ ବା କବିତାକୁ । ଲଳିତାର କିନ୍ତୁ ଏ ଦୁଇଜଣ ଯାକ ଦରକାର । କିଛି ସମୟ ନେଲା ଭାବିବାକୁ । ଶେଷରେ ଭଗିରଥକୁ ଛାଡିବା ପାଇଁ ପ୍ରସ୍ତୁତ ହୋଇଗଲା । ଭଗିରଥକୁ ଅନେକ ଝିଅ ମିଳିଯିବେ ବାହା ହେବାକୁ । କିନ୍ତୁ କବିତାର ତା ବ୍ୟତୀତ ଆଉ କେହି ନାହାଁନ୍ତି ଏ ସଂସାରରେ । ସେ ତାକୁ ଏତେ ଅସହାୟ ଭାବେ ଛାଡି ଦେଇ ପାରିବନି । ବୋଉର କଥାବି ତାର ପୁରା ମନେ ଅଛି ।

ଲଳିତାର ଜୀବନରେ ସୁଖ ବେଶୀ ଦିନ କେବେବି ରହିନି ଆଜି ଯଦି ନରହିଲା ଦୁଃଖ କାହିଁକି କରିବ । ସେ ଏଥିରେ ଅଭ୍ୟସ୍ତ । ଏ ପର ଘରେ ବାସନ ମଜା ଛାଡି ସେ ଅନ୍ୟ କିଛି କାମ କରିବ ବୋଲି ଭାବିନେଲା । ଏଥିରେ ପରିଶ୍ରମ ବେଶୀ ଟଙ୍କା କମ୍ । ତାକୁ ଏବେ ଦୁଇଟି ପେଟ ପୋଷିବାକୁ ପଡିବ । ନିଜେ ସେ ଏକା ଥିଲେ କଥା ଅଲଗା ଥିଲା ।

ଭାଗ୍ୟ ବସତ ସେଦିନ ସେ ରାସ୍ତାରେ ଆସୁ ଆସୁ ଗାଁ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସାଥିରେ ଦେଖା ହୋଇଗଲା । ସେ ସ୍କୁଲରେ ରୋଷେଇ କରି ଛୁଆ ମାନଙ୍କୁ ଖାଇବାକୁ ଦବା କାମ ତାକୁ ଦେଲେ ଓ କବିତାକୁ ସେ ସ୍କୁଲରେ ପାଠ ପଢେଇବାକୁ ବି ଉପଦେଶ ଦେଲେ । ଜୀବନ ଟିକେ ସହଜ ହୋଇଗଲା । ସବୁଠୁ ଖୁସି ଲାଗିଲା କବିତାର ପାଠ ପଢାକଥା ଶୁଣି। ପାଠ କଣ ତାକୁ ଜଣା ନାହିଁ ସତ କିନ୍ତୁ ସେ ଶୁଣିଚି ପାଠ ପଢିଲେ ମଣିଷ ଯାହା ଇଛା ତାହା କରି ପାରେ ବୋଲି । ବହୁତ ଟଙ୍କା ବି ଆଣି ପାରିବ । ଅନ୍ୟ ଘରେ ବାସନ ମାଜି ପେଟ ପୋଷିବାକୁ ପଡିବନି ।

ISSN NO.
2582-208X

କବିତା ଏବେ ଛୋଟ ସ୍କୁଲ ସାରି ବଡ ସ୍କୁଲକୁ ଗଲା । ପୁଣି ଚାରି ବର୍ଷ ପରେ ଆହୁରି ବଡ ସ୍କୁଲକୁ ଗଲା । ଆଉ ଚାରି ବର୍ଷ ପରେ ଆହୁରି ବଡ ସ୍କୁଲକୁ ଗଲା । ଏବେର କବିତା ଆଉ କାଲିର କବିତା ଭିତରେ ଆକାଶ ପାତାଳର ପ୍ରଭେଦ ଆସିଗଲାଣି । ଲଳିତା ତାକୁ ନିରେଖି ନିରେଖି ସବୁଦିନ ଦେଖୁଥାଏ । ବହୁତ ଖୁସି ଲାଗୁଥାଏ ପୁଣି ଆଶ୍ଚର୍ଯ୍ୟ ବି ଲାଗୁଥାଏ । ପାଠରେ ଏମିତି କଣ ଥାଏ । ମଣିଷକୁ ଏତେ ପରିବର୍ତ୍ତନ କରିଦିଏ । କବିତାର କଥାବର୍ତ୍ତା ଚାଲିଚଳନ ସବୁଥରେ ଏକ ଭିର୍ଣ୍ଣତା ।

ଏବେ କବିତା କହୁଛି ତାକୁ ଏକ ନୂଆ ଚାକିରୀ ମିଳିଛି । ପାଠ ପଢେଇବ ଛୁଆମାନଙ୍କୁ । ଆଶ୍ଚର୍ଯ୍ୟର୍ରେ ଲଳିତା ଖାଲି କବିତାକୁ ଦେଖି ଚାଲୁଥାଏ କିନ୍ତୁ କିଛି କହିବାକୁ ଭାଷା ପାଉ ନଥାଏ । କବିତା କହିଲା – "ଏମିତି ଚାହିଁଚୁ କଣ ମୋ ମୁହଁକୁ, ଖାଲି ଛୁଆ ମାନଙ୍କୁ ପାଠ ପଢେଇବିନି ତତେ ବି ପଢେଇବି । ଆଜି ଠୁ ତୋର ସବୁ ବାହାର କାମ ବନ୍ଦ । ଏ ଯାଏ ତୁ କାମ କଲୁ ମୁଁ ପାଠ ପଢିଲି । ଏଥରକ ମୁଁ କାମ କରିବି ତୁ ପାଠ ପଢିବୁ ।

"ମୁଁ ! ନା ନା ମୁଁ ସେ ପାଠ ପଢିବିନି । ମତେ ଡର ଲାଗିବ । ମୁଁ କାମ କରିବି । ମୋର କାମ ଭଲ ତ ମୁଁ ଭଲ । ମତେ ସେ ପାଠରୁ କଣ ମିଳିବ ।' କିନ୍ତୁ କବିତା ତା କଥା କିଛି ଶୁଣି ନଥିଲା ଲଳିତାର ହାତ ଧରି ଅ ଆ ଠୁ ଆରମ୍ଭ କରି ବହି ପଢା ରାମାୟଣ ମହଭାରତ ସବୁ ପଢେଇବା ଶିଖେଇ ଦେଇଥିଲା । ସମୟ ଅଧିକ ଲାଗିଥିଲା ସତ କିନ୍ତୁ କବିତାର ଅଦମ୍ୟ ଚେଷ୍ଟାରେ ସବୁ ସଫଳ ହୋଇ ପାରିଥିଲା ।

ଲଳିତା ଯେତେବେଳେ ଏସବୁ ପଢି ଶିଖିଲା କି ଖୁସି ସେ । ପ୍ରଥମେ ତ ବହୁତ ଡରୁଥିଲା ସେ ଏସବୁ କରି ପାରିବନି ବୋଲି । ଏବେ କିନ୍ତୁ କିଛି କାମ ନଥିଲା ବେଳେ ବସିକି ବହି ସବୁ ପଢେ । ବହିରେ ସତେ କେତେ କଥା ଲେଖା ହୋଇଛି । ପାଠ ଜୀବନର ଦୃଷ୍ଟିଭଙ୍ଗୀ ଓ ବଞ୍ଚିବାର ଶୈଳୀ ସବୁ କିଛିକୁ ବଦଳେଇ ଦିଏ । ସେ ଏତେ ବର୍ଷ ହେଲା ଜୀବନକୁ ଏମିତି ଏମିତି ବିତେଇ ଚାଲିଥିଲା ।

ରଚେଷ୍ଟର,ମିନେସୋଟା, ଆମେରିକା

ISSN NO.
2582-208X

# ପ୍ରେମ ରେ ଆକ୍ରୋଷ



ଛବି ରାଣୀ ପତି

କାହିଁକି ଆସି ତୁ ପ୍ରତିବାଦୀ ହେଲୁ
ଯଦି ଥିଲା ମନେ ଖେଦ
ଆଖି ଲୁହ ଭରି ପ୍ରେମ ଭିକ୍ଷା କରି
କରିଲୁ ଅନ୍ତର ଭେଦ ।

ଯଉବନ ଥାଇ ଜରାବ୍ୟାଧି ନେଇ
ପ୍ରତିଟି ମୁହୂର୍ତ୍ତ ମରେ
ତୋ ପ୍ରେମ ବରଣେ ଜିଅନ୍ତା ମରଣ
ଅଧିକ କି ହୋଇ ପାରେ ।

ସାଗର ଜଳିଲା ଆକାଶ ଛିଡ଼ିଲା
ପ୍ରେମ ଟପିଗଲା ହଦ
ଆଖି ଲୁହ ଭରି ପ୍ରେମ ଭିକ୍ଷା କରି
କରିଲୁ ଅନ୍ତର ଭେଦ ।

ISSN NO.
2582-208X

ମଳୟ ସାଜି ତୁ ନିଆଁ ବରଷିଲୁ
ଦେହ ମୋ ଅଙ୍ଗାର ହେଲା
ତୋ ହସ କାନ୍ଦର ଛଳନାରେ ପଡ଼ି
ଅକାଳେ ଜୀବନ ଗଲା ।

ପିତଳ ହୋଇ ତୁ ସୁନା ପରି ଆସି
ଭରିଦେଲୁ ଅପବାଦ
କାହିଁକି ଆସି ତୁ ପ୍ରତିବାଦୀ ହେଲୁ
ଯଦି ଥିଲା ମନେ ଖେଦ ।

ମଧ୍ୟ ଶାସନ,ବିରିଡ଼ି,ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ନୀରବ ଓଠର ଭାଷା



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଜନ୍ମରୁ ମୃତ୍ୟୁ ଯାଏ
ତାକୁ ଶିଖା ଯାଏ
ତା କାନ ପାଖରେ ଗୁରୁମନ୍ତ୍ର ଭଳି
ବାର୍ ବାର୍ ପଢାଯାଏ,
ନୀରବ ରହ, ସେଇଥିରେ ତୋର ମଙ୍ଗଳ,
ଦୁଇ କୁଳର ମଙ୍ଗଳ, ବାପା ଅଜା
ଚାରି ପୁରୁଷର ମଙ୍ଗଳ, ସମାଜର ମଙ୍ଗଳ,
ପିଲା କବିଲା ନାତି ନାତୁଣୀ ସ୍ୱାମୀ ଶଶୁର
ସର୍ବ ମଙ୍ଗଳ ସର୍ବ ମଙ୍ଗଳ।

ଯଦି ଖୋଲିବ ନୀରବ ଓଠ
କହିବ ଅଫିଟା ହୃଦ ସିନ୍ଦୁକରେ
ସାଇତା କିଛି ଅକୁହା କଥା
ଅଦିନିଆ ଝଡ଼ ବହିବ
ବେଦନା ବତୁରା ସଂସାରର ଛାତ ଉଡ଼ିଯିବ,
ବେସାହାରା ହୋଇଯିବେ ସେମାନେ
ଆଉ ସେ ମଧ୍ୟ।

ISSN NO.
2582-208X

ଯଦି  ବଖାଣିବ ଅଙ୍ଗେ ନିଭାଇଥିବା
କୋହ ଭରା ବେରଙ୍ଗ କାହାଣୀ ସବୁ,
ଯାହା ପାଣି ଭଳି ବହି ଯାଇଛି ତା ଜୀବନ
ନଦୀର ସୁଅରେ, ଥରି ଉଠିବ ମାଟିର ଛାତି
ଝଣ  ଝଣ ଶବ୍ଦ କରି ଭାଙ୍ଗିଯିବ ସମ୍ପର୍କର ଗହଣା ସବୁ,
ଯାହାକୁ ପିନ୍ଧିଛି ଗୋଡ଼ଠୁ ମୁଣ୍ଡ ଯାଏ,
ବିଶ୍ୱାସର ଭରସାର ମୃଦୁ  ବାଆ କୁଆଡେ ଉଭେଇଯିବ,
ମାଡ଼ି ଆସିବ ଅସରନ୍ତି ଅନ୍ଧାର
ଆଉ ସେଇ ଅନ୍ଧାର ଭିତରେ ମିଳେଇଯିବ
ତାର ସୁନାର ସଂସାର।

ଖାସ୍ ସେଇଥିପାଇଁ ତା ନୀରବ ଓଠର ଭାଷାକୁ
ପଢ଼ିନିଏ ତାର ସରଳିଆ ନୀରିହ ଆଖି ଦୁଇଟି
ଆଉ ଝରାଇ ଦିଏ ଅମାନିଆ ଲୁହର ଝରଣା
ସେଇ ଲୁହ ଧୋଇନିଏ କେତେ ଚିହ୍ନ କେତେ ଦାଗ
କେତେ  କ୍ଷତ  କେତେ ଯେ ବ୍ୟର୍ଥତା
କେତେ  ଅସହାୟପଣ ପୁଣି କେତେ କ୍ଳାନ୍ତି
କେତେ ଅବସୋସ।

ବେଳେ ବେଳେ ଏମିତି ବି ହୁଏ
ଶବ୍ଦ ମାନଙ୍କର ଭିଡ ଜମେ ତା ଓଠ ଫାଙ୍କରେ,
ସେମାନେ ଇଚ୍ଛା କରନ୍ତି ପ୍ରତିବାଦର ସ୍ୱର ତୋଳିବାକୁ
ବାପାଲୋ ଧନଲୋ କହି ବୁଝାଏ  ସେମାନଙ୍କୁ

ISSN NO.
2582-208X

ସେମାନେ ବୁଝନ୍ତି ଆଉ ଫେରି ଯାଆନ୍ତି
ଯେଝା ବାଟରେ ।

କିଛି ପ୍ରାପ୍ତିର ଆଶା ଆଉ ନାହିଁ
ଜୀବନ ଉତ୍ସର୍ଗ କରି ସାରିଛି କେବେଠୁ
ତେବେ ଆଉ କାହିଁକି ଅଭିଯୋଗ
କାହିଁକି ଆପତ୍ତି
କିଏ ବୁଝିଛି ନା ବୁଝିବ ତା ନୀରବ
ଓଠର ଭାଷା ।

କେନ୍ଦ୍ରାପଡା

ISSN NO.
2582-208X

# ଶେଷଦିନ



ଜୟଶ୍ରୀ ପଟ୍ଟନାୟକ

ଆଜି ତାର ଶେଷଦିନ
ସମସ୍ତଙ୍କୁ ଦେଖିବାର
ଚଢ଼େଇ ମାନଙ୍କୁ କୋଳେଇ ଧରିବାର
କିଚିରି ମିଚିରି ଶବ୍ଦ ଶୁଣିବାର
କୋଇଲିର ଲଳିତ ରାଗ ଶୁଣିବାର ।

କାଲିଠାରୁ ତା ଛାଇ ରେ ବସିବେନି ପିଲାମାନେ
ହମ୍ବାରଡି ଛାଡିବେନି ପଘା ବନ୍ଧା ଗାଈମାନେ
ହସିବେନି ପତ୍ର ଫୁଲ ଆଉ ଫଳ ଭାରରେ
ନଇଁବନାହିଁ ମଥା
ପଞ୍ଚୁଆତି ବସିବନି ଗାଁ ମୁଖିଆ ର
ନ୍ୟାୟ ନିଶାପ ହେବନାହିଁ ଅପରାଧୀ ର ।

କାଠୁରିଆ ଦେଇ ଯାଇଛି ଖବର
ଯେତେ ଖୁସି ମନରେ ଅଛି
ସବୁ ଭୋଗ କରିନେବୁ ରାତିକ ଭିତରେ

ISSN NO.
2582-208X

ଏସନ ବରଷା ତୋର ଭୋଗି ହେବନାହିଁ
ବନ୍ଧା ହେବନି ରଜ ଦୋଳି ତୋ ଶାଖାରେ
କେହି ଗାଇବେନି ନାନାବାୟା ଗୀତ ତୋ ଶାଖାରେ
ପିଢ଼ି ପରେ ପିଢ଼ି ପତ୍ର, ଫୁଲ, କାଠ, ଔଷଧ ଦେବା ପରେ
ତୋ ପାଇଁ ଦରଦୀ ହୃଦୟ ଟିଏ ନାହିଁ ଲୁହ ଝାରିବାକୁ
ତୋତେ ସୁରକ୍ଷା ଦେବାର ମନ ବି ନାହିଁ
ବିଶାଳ କାୟ ହର୍ମ୍ୟଶାଳା ଗଢ଼ା ହେବାର
ଯୋଜନା ପରେ, ତୋ ଅସ୍ତିତ୍ୱ ହଜିଯିବ
କାଠୁରିଆ କି ଗଛ କଟା ଯନ୍ତ୍ରରେ
ଶେଷପ୍ରାଣର ଆର୍ତ୍ତନାଦ ବି ଶୁଭିବନି
ଯନ୍ତ୍ରପାତି ର କର୍କଶ ଶବ୍ଦରେ
ମୁହଁ ମାଡି ମାଟି କାମୁଡି ପଡ଼ିଥିଲେ ବି ଭୁଇଁରେ
କେହି ତୋତେ ଲୋଡିବେ ନାହିଁ
ଛାଇ, ଫଳ, ଫୁଲ, କାଠ କି ଅମ୍ଳଜାନ ସନ୍ଧାନରେ
ହଜିଯିବ ବିସ୍ମୃତିରେ ତୋ ଶ୍ୟାମଳ ଚେହେରା
ସମୟକୁ ପଚାରିଲେ ତୋ ଠିକଣାର ଅସ୍ତିତ୍ୱ
ସେ ଖାଲି ମାରୁଥିବ ଲମ୍ବା ଦୀର୍ଘଶ୍ୱାସ ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ଜୁଲାଇ-୨୦୨୪
www.vedantimagazine.com
ISSN NO.
2582-208X
ବେଦାନ୍ତି

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍ଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସିନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ

ISSN NO.
2582-208X

ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ। ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର

ISSN NO.
2582-208X

ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ୍ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀ ମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ। ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

-୦-

ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ବର୍ଷା



ଦଣ୍ଡାସି ପ୍ରଧାନ

ବର୍ଷା !
ତୁମ ସୁନ୍ଦର ଅମିୟଧାରା ଆସ୍ୱାଦକୁ
ଝୁରିଝୁରି ଚାଲିଛି, ମୁଁ ମାଟି !
କିନ୍ତୁ ଆଜି ତୁମେ ଝରା ଝୁଲଣାରେ ଭାସିଭାସି -
ଭାସିଯାଅ -ଭିନ୍ନଏକ ଅଲୋଡା ଇଲାକାକୁ,
ବିଭ୍ରାନ୍ତ ମନସ୍କରେ ।
କାହିଁ ତୁମ ସେହି କାରୁକରଣିର ଯାଦୁକର ପରସ ?
ଅଦ୍ଭୁତ ଶିହରଣର ଅପୂର୍ବ ସମାହାର ? ।01

ବର୍ଷା ! ତୁମେ ଏବେ ଖୁବ୍ ପୀଡିତାନା;
ଖାଲି ବିଭ୍ରାଟ ପ୍ରବଞ୍ଚନା ନାୟିକା ଭାବରେ !
ନା ଏବେ ତୁମେ ମାଟିର ? ନା ସ୍ୱର୍ଗର ?
ତୁମ ମାଟିରବା ଦୋଷ କ'ଣ ?
ଏହି ଅସନ୍ତୋଳନର ଅସନ୍ତୁଷ୍ଟିରେ ।
ଆଜି ଏଠି ଅନୁପମ ମୂଳ ପ୍ରକୃତି -
ଜୀବନବାଦ -ବନ୍ଧକ ପଡ଼ିଛି,
ଭଙ୍ଗୁର ଜଡବାଦ ସମୀପରେ ।

ISSN NO.
2582-208X

ବିଜ୍ଞାନ ପରିସର କ'ଣ ଜ୍ୱଳନ୍ତ ବିକିରଣରେହିଁ ସୀମିତ ?
ଆଜି ବିଶ୍ୱବିକାଶ ନାମରେ ଅଗ୍ନି ଉଦ୍ଗାରୁଛି ଜଳେସ୍ଥଳେ
ଆଭ୍ୟନ୍ତରରୁ ଅନ୍ତରୀକ୍ଷ ଯାଏଁ।
କେବଳ ବିସ୍ଫୋରଣହିଁ ବିସ୍ଫୋରଣ ।
ସସାଗର ବ୍ରହ୍ମାଣ୍ଡକୁ
ବିବର୍ତ୍ତିତ ଉତପ୍ତ ରାକ୍ଷାସ ଗ୍ରାସିଛି,
ଭୂମିରୁ ଭୂମାଯାଏଁ।02 ।

ଏଠି ଗ୍ରୀଷ୍ମ-ବର୍ଷା- ଶୀତ, ସର୍ବେ ଏକାକାର ।
ବିପର୍ଯ୍ୟସ୍ତ ଧ୍ୱଂସର ବିଭୀଷିକା
ମୁଖବିସ୍ତାରି ଗିଳି ଚାଲିଛି ;
ଅଙ୍କୁରଦ୍ଗମ_ଏନ୍ଥୁଡ଼ିଶାଳରୁ ଅନ୍ତରୀକ୍ଷଯାଏଁ।
ସୃଜନ ଯଜ୍ଞଶାଳାରୁ ଜଗମୋହନ ଯାଏଁ।
ଆଦ୍ୟ ଆଷାଢ଼ରେ କେକୀ
ଆଉ ଶୁଣାଏ ନାହିଁ ,
ନେ.... ହୋ ! ନେ....ହୋ !
ସ୍ୱରରାଗିଣୀ; ବର୍ଷାର ଆହ୍ୱାନ ଗୀତିକା।
କୃଷ୍ଣ କଳାହାଣ୍ଡିଆ ମେଘ ନାହିଁକି,
ସରୁ କାଲୁଆ ହେମାଳ ମୃଦୁ ପବନ ନାହିଁ।
ମେଘ ଗର୍ଜନରେ
ଦୁଲଦୁଲ୍ଲେଉ ନାହିଁ ପୁରୁବାକାଶ ।
ନାପାନ-ମୀନ ?/ ନାବନ- ଉପବନ ?
ଅତି ଦୁର୍ଲଭ ଜୀବସତ୍ତା ଲୁପ୍ତପ୍ରାୟ।।03 ।
ବର୍ଷା ଆଜି ବାରଙ୍ଗନା ବିଡ଼ମ୍ବନାର।

ISSN NO.
2582-208X

ଅନିଚ୍ଛାକୃତ ଉତ୍ତାପରେ ସେ ମୃତପ୍ରାୟ ।
ଅତି ଓ ଇତିର ଅଜଗର ଗିଳି ସାରିଲାଣି,
ସବୁଜ ବଳୟରେ ଚାଷ ଓ ଚାଷୀଙ୍କୁ ।
ବନସ୍ପତିକୁ । ଆୟୁର୍ବେଦକୁ ।
ସେ ଆଜି ଅସମୟରେ ଅପନ୍ତରାରେ ବିପ୍ଳୁତ
ରଚିବାରେ ଧୂର୍ତ୍ତ ବିପନ୍ନ ମନସ୍କା ।
କେବଳ ଏପଟରୁ ସେପଟକୁ ବୃଥା ସଞ୍ଚାଳନ ।
ବିନାବିନ୍ଦୁରେ-ଅବାହୀନା ବିନ୍ଦୁରେ !
ଖାଲି ଆଶା ଓ ନିରାଶ ମାୟାରେ ବିମନା ।
ସଂକଟାପନ୍ନ ବିଭୀଷିକାର ଅବାଞ୍ଛିତ -
ବିରୋଧାଭାସର ଖଳନାୟିକା,
ଧୋଇ ଆଉ ଧାସରେ ।04 ।

ଗୋରୁଗାଈ ପଲରେ
ହୋ- ହମ୍ବା-ହମ୍ବାଳି ବୋଲ,
କିନୀଡଫେରା ବିହଙ୍ଗର
ମନ ଫୁଲାଣିଆ-ରାବ,
ସବୁଜିମାର ଗ୍ରାମୀଣ ପରିବେଶ_
ସବୁ ହଜିଯାଇଛି, କଂକ୍ରିଟ ନଭଶ୍ଚୁମ୍ବି-
ପ୍ରାସାଦ ପର୍ବତମାଳାରେ;
ସୁବର୍ଣ୍ଣ ସବୁଜ ଆଚ୍ଛାଦିତ ସୁଜଳା ସୁଫଳା-
ସୁବିସ୍ତୃତ ଖେତ କ୍ଷେତ୍ରାଞ୍ଚଳ ବିବର୍ଣ୍ଣ ପାଂଶୁଳ-
କଳ କାରଖାନାର ଧୂଳିଧୂମାଳ ଧୂଆଁରେ ।
ବାରୁଦ ବାସ୍ନାରେ ହଜିଛି -

ISSN NO.
2582-208X

'ମାଟି ଓ ମେଘ' ର ମହାମିଳନ ।
ହଜିଯାଇଛି ଅପୂର୍ବ ଶୋଭାର ମନମୁଗ୍ଧକର ଶିହରଣ ।
ଶ୍ରାବଣୀଧାରା, ବର୍ଷାରେ ବର୍ଷାର ।05 ।

ମୃଦୁ ବର୍ଷାଭିଜାର ଅନୁଭୂତି/
ପିଲାଙ୍କ ଓଳିତଳର ପାଣିଖେଳ/
ଅବା କାଗଜଡଙ୍ଗା ଭସାଣି ମଉଜ;
ଆଜି ସ୍ମୃତିର ସ୍ମୃତିରେ, ଝାପସା ଝାପସା ଚିତ୍ରପଟ,
ମାଟିପାଇଁ ।
ବର୍ଷାର ମୁଲାୟମ ପରଶ ହେଉ,
କି ମାଟିଗନ୍ଧର ମହକ -
ଅବା ବେଙ୍ଗବେଙ୍ଗୁଲୀର ଗୁରୁଗମ୍ଭୀର ସ୍ୱର
ସବୁ ଭାସି ଯାଇଛି, ମରୁଡିରେ-
ବାତ୍ୟାରେ ! ବନ୍ୟାରେ ! ବାତାବର୍ତ୍ତର-
ଧ୍ୱସ୍ତ ବିଧ୍ୱସ୍ତରେ ! ବିବିଧ ବୈଷମ୍ୟରେ ।06 ।

ବର୍ଷା ପ୍ରିୟଦର୍ଶିନୀ ଆଜି ତିଳେବି ପୁଲକିତା ନୁହେଁ,
ନାହିଁ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ମନଭରି ସ୍ଫୁର୍ତ୍ତି, ଋତୁଚର୍ଯା ପାଳନରେ ।
ସେବି ଜାଣିପାରୁନାହିଁ,
ତା'ର ଆପଣାର ମାଟି ମଣିଷଟି -
ଆଜି ଆନମନ କାହାପାଇଁ ?
ସବୁଜିମାର ପବିତ୍ର ବେଦୀରେ,
ବର୍ଷାକୁ ସିନ୍ଦୂର ନାଇବାରେ;
ମାଟି ମଣିଷ ଆଜିସମ୍ପୂର୍ଣ୍ଣ

ISSN NO.
2582-208X

ଅସମର୍ଥ କାହିଁକି ?
ବର୍ଷାଯେ ସର୍ବଐଶ୍ୱର୍ଯ୍ୟର ନିରୂପମ
ବୈଭବ ହେତୁ ଜାଣିମ ଧ୍ୟ,
ସେ ଆମନ୍ତ୍ରଣେରତ ଧ୍ୱଂସର ତାଣ୍ଡବେ,
ଅହରହ ।07 ।

ହେ ମଣିଷ !
ବିକାଶ ରୂପାନ୍ତରିତ ହେଉ ବନୀକରଣରେ-
ଶକ୍ତି ସଞ୍ଚିତହେଉ ନବୀକରଣରେ-
ସବୁଜିମା ଆଚ୍ଛାଦିତ ସୁଶୀତଳ ବିପ୍ଳବ ସଙ୍କଳ୍ପରେ-
ଏବେବି ବର୍ଷାକୁ ଆଦରିନିଅ ।
ପ୍ରତିବଦ୍ଧତା ପ୍ରତିଶ୍ରୁତିଦେଇ
ଜଗତେ ଜୀବନ ପାଇଁ ,
ହସି ହସାଇବାର ମନ୍ତ୍ରନେଇ ।
ସନ୍ତୋଳିତ ପରିବେଶ ବିଜ୍ଞାନକୁ ଆଦରି
ସରଳ ଉଦାର ସୃଷ୍ଟିର ସୁରକ୍ଷା ନିମିତ୍ତ ।08 ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ।୮୭୭୦୧୯୪୯୭୭।
ବାଦପୁର, ଉ.ସା.ସେ ସଂସଦ, ପାତ୍ରପୁର, ଗଞ୍ଜାମ

ISSN NO.
2582-208X

# ସାବିତ୍ରୀ ବ୍ରତ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ବିବାହିତା ଝିଅ ସାବିତ୍ରୀ ବରତ
କରନ୍ତି ଅତି ଯତନେ
ଭୋଗ ଥାଳି ଧରି ଗାଆଁ ମଣ୍ଡପକୁ
ଯାଇଥାନ୍ତି ଅପରାହ୍ନେ ।

ସତ୍ୟବାନଙ୍କର କଥାକୁ ଶୁଣନ୍ତି
ଗାଆଁ ପୁରୋହିତ ଠାରୁ
ବିବାହିତା ନାରୀ ସେହି କଥା ଶୁଣି
ହୋଇଥାନ୍ତି ମନେ ଗରୁ ।

ସାବିତ୍ରୀ ଯମଙ୍କୁ ମାଗିଥିଲେ ବର
ମୋ କୋଳେ ପୁତ୍ର ସନ୍ତାନ
ପ୍ରତିଦିନ ହସୁଥିବ ଯମରାଜ
ମୋ ମାଗୁଣି ତୁମେ ଘେନ ।

ISSN NO.
2582-208X

ତଥାସ୍ତୁ କହନ୍ତେ ଯମ ମହାରାଜ
ସାବିତ୍ରୀ ହସିଲେ ଘୋର
ପତି ବିନା ମୁହିଁ କିପରି ସନ୍ତାନ
ପାଇବି ସେ କଥା କର।

ଆଖି ମଳି ମଳି ସତ୍ୟବାନ ସାଇଁ
ଉଠିଲେ ତୃଣ ଜାଗାରୁ
ପାଖୁଁ ଦେଖିକରି ଯମ ରାଜନଙ୍କୁ
କରିଲେ ନିଜର ଗୁରୁ।

ସେହି ଦିନ ଠାରୁ ସାବିତ୍ରୀ ବରତ
କରିଲେ ଘରର ନାରୀ
ଯମ ଦେବତାଙ୍କୁ ମୁଣ୍ଡିଆ ମାରନ୍ତି
ପୁରୋହିତ ପାଦ ଧରି।

ଆମ୍ବ,ପଣସକୁ ଥାଳିରେ ସଜାଇ
ଯାଇଥାନ୍ତି ନାରୀଗଣ
ମୁଣ୍ଡରେ ଓଢଣା ଦେଇ କରି ଗଲେ
ମିଳିବ ବୋଲି ତ'ପୁଣ୍ୟ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୫ )

ଚତୁର୍ମାସ୍ୟା ପୃଥିବୀ ପୃଷ୍ଠରେ ଅବତରଣ କରିବାର ପୂର୍ବ ସୂଚନା ଦେଇ ସାରିଥାଏ। ଭୂମାତା ରଜସ୍ୱଳା ହେଲାପରେ ଅନ୍ନ ଉତ୍ପନ୍ନ କରି ପ୍ରଜାଜନଙ୍କୁ ପାଳିବା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥାଏ। ମୁଁ ବସିଥାଏ ଦାଣ୍ଡପିଣ୍ଡାରେ ମଝିଖୁଣ୍ଟକୁ ଆଉଜି । କୋଳ ଉପରେ ଗାନ୍ଧିଜୀଙ୍କ ଆତ୍ମଜୀବନୀ, ମହାଦେବ ଦେଶାଇଙ୍କ ଦ୍ୱାରା ଇଂରାଜୀରେ ଅନୁବାଦିତ "ମାଇ ଏକ୍ସପେରିମେଂଟ ୱିଥ ଟ୍ରୁଥ" ଧରି। ଏଇ ବହିଟା ମୋତେ ସୌମ୍ୟଭାଇ ଉପହାର ଦେଇଥିଲେ। ପରୀକ୍ଷା ସରିଲେ ପଢିବା ପାଇଁ କହିଥିଲେ ।

ମୋର ମନ ଲାଗୁ ନଥାଏ । ମନ ଭିତରଟା ଖେଞ୍ଚି ଫୋଡ଼ି ହେଉଥାଏ। ଜିଲ୍ଲା ସ୍କୁଲ୍ ତ ଏଇ ପାଖରେ ଥିଲା। ଡାକେ ବାଟରେ। କଟକ ତ କାହିଁ କେତେଦୂର ହେଲାଣି । ଆଉ କି ଘନଘନ ଆସି ହେବ ନା କିଏ ଦେଖା କରତେ ଯାଇ ପାରିବ। ପୁରା ଏକୁଟିଆ ସବୁ ସମ୍ଭାଳିବାକୁ ପଡ଼ିବ । ଗଣିଆ ଭାଇ ସିନା ଖାଲି ଏଡମିସନ୍ କରେଇ ଦେଇ ଆସିବେ। ଜଣା ନାହିଁ କଟକ କେମିତି ଜାଗା । ମୁଁ ଖାଲି ପଢିଥିଲି ବହିରେ,

"କଟକ ସହର, ଧବଳ ଟଗର ।"

ISSN NO.
2582-208X

ଆଉ ଅନିନାନୀଙ୍କ ଠାରୁ ବାଚାଳ ଗପ ଟିଏ ଶୁଣିଥିଲୁ ନିତାନ୍ତ ଛୁଆବେଳେ । ଯେତେବେଳେ କାହା ଅଣ୍ଟାରେ ଖାଲି ପେଣ୍ଟଟାଏ ଥାଏ, ପଞ୍ଜରାହାଡ଼ ଗଣି ହେଇ ଯାଉଥାଏ, ତ କାହାର ତଳ ସୁଦ୍ଧୁ ଲଙ୍ଗଳା ଉପରେ ବିନା ବୋତାମ ଶାର୍ଟ ଟାଏ ତ ଆଉ କାହାର କାହାର ଉଧୁ ନଙ୍ଗଳା ଦେହ ଅଣ୍ଟାରେ ଯାହା କଳାସୁତାରେ ତେଉଁରିଆ ମେଞ୍ଚେ। ଆମେ ସବୁ ସାଙ୍ଗମାନେ ଗପଟି ଶୁଣି ହସି ହସି ଗଡ଼ି ଯାଇଥିଲୁ । ଗପଟି ଏମିତି –

ମାଆଟିଏ ପୁଅଟିଏ ରହୁଥାନ୍ତି କଟକରେ । ପୁଅ ନୁଆ ନୁଆ ବର୍ଣ୍ଣବୋଧ ପଢୁଥାଏ। ଅକ୍ଷର ଚିହ୍ନୁଥାଏ।

ଅଖ, ରଖ

ଅଳସ, କଳସ

ଭଜମନ, ଧନଜନ

ପଣସ ରସ, ବଡ଼ ସରସ।

ବାପା ଚାକିରୀ କରୁଥାନ୍ତି କଲିକତା ନଗରୀରେ। ମାସ ଆସି ଅଧା ହେଲାଣି, ଟଙ୍କା ମନିଅର୍ଡର କରି ନାହାନ୍ତି ବାପା । ଘରେ ଖାଇବାକୁ ଖୁଦ ମଳୁଖ ସବୁ ସରିଲାଣି। ହାଣ୍ଡି କୁଣ୍ଡେଇ ଦରାଣ୍ଡିଲେ ବି କିଛି ନାହିଁ। ଚିଠିଟିଏ ବେରିଙ୍ଗ ପଠେଇଲେ ହବ। ମାଆର ପାଠଶାଠ କିଛି ନାହିଁ । ଅ-ଅକ୍ଷର ବିବର୍ଜିତ, ସୁଦ୍ଧୁ ମୂର୍ଖ। ଚିଠି ଲେଖିବ କିଏ? ପୁଅ ତ ଆକାର ଯାଏ ଯାଇନାହିଁ।

ହେଲେ ପୁଅ ସିନା ଟିକିଟାଏ, ବୁଦ୍ଧି ବଡ଼ ସରସ। କହିଲା, ମାଆ କହ, କଣ ଲେଖିବି ଚିଠିରେ?

ISSN NO.
2582-208X

ମାଆ କହିଲା, ବାବୁରେ, ଦେଖୁଛୁତ ଏଠାରେ କେତେ ମହରଗ ହେଲାଣି । ଟଙ୍କା ପଠାଇଲେ ଯାଇ, ନହେଲେ ଆମେ ଭୋକ ଉପାସରେ ମରିବା ସିନା । ଏକଥା ସଜେଇକି ଲେଖି ଦେ ।

ପୁଅ ସଜେଇକି ଲେଖିଲା, କଟକ ସହର ବଡ଼ ମହରଗ ଟଙ୍କ ପଠବ ତ ପଠବ ନହଲ ତ ମରବ ।

ବନାନ୍ ନାହିଁ, କମା ପୂର୍ଣ୍ଣଚ୍ଛେଦ ବି ଜଣାନାହିଁ । କିଏ ବୁଝିବ ? ହେଲେ, ଆପଣ ମାନେ ବୁଝିଲେ ତ ?

କିନ୍ତୁ ଚିଠି ଗଲା । ବାପ ବୁଝିଲା । ଟଙ୍କା ମଧ୍ୟ ଆସିଲା । ପରିବାରଟି ବଞ୍ଚିଗଲା ।

ବହୁତ ଦିନ ପରେ ବୁଦ୍ଧି ପାକଳ ହେଲାରୁ ନାନୀଙ୍କୁ ମୁଁ ପଚାରିଥିଲି, ନାନୀ ସେ ଚିଠିରେ ଠିକଣା ଲେଖିଲା କିଏ ? ନାନୀ ହସିଥିଲେ ।

ଏତିକି ଯାହା ଜ୍ଞାନ କଟକ ଚଳଣି ବିଷୟରେ । ବାକି, ବାରବାଟୀ ଦୂର୍ଗ, ମହାନଦୀ, କାଠଯୋଡ଼ି, ବାଦାମବାଡ଼ି ସବୁ ଅଦେଖା ବହି ପାଠ, କଳାଧଳା ଫଟୋ, ମାନଚିତ୍ରରେ ଗୋଟାଏ ଗୋଟାଏ ଅଙ୍କାବଙ୍କା ନେଳିଆ ଗାର । କୋଉ ଗୁଗୁଲ ନା ୟୁ ଟ୍ୟୁବ୍ ଥିଲା ?

ଗଣିଆ ଭାଇ କହୁଥିଲେ, - ଜାଣିଛୁ ନା, ଶୁଦ୍ଧ ଓଡ଼ିଆ କଥିତ୍ ଭାଷା ସେଟ୍ କାର୍ । ଏଇ ବହିର ଭାଷା ମିତିନ୍ (ରକମ୍) ।

ମୋତେ ବଡ଼ ଭୟ ଲାଗୁଥାଏ । ଏଇ ଟାଟା ନଗରରେ ପଢ଼ିଲେ ହେବ ନାହିଁ ? କେତେ ପିଲା ତ ପୁଣି ପଢୁଥିବେ ଏଠି । ପ୍ରମଥ ଓ ସୂର୍ଯ୍ୟ ମଧ୍ୟ ସେଇଠି ଏଡମିସନ୍ ନେବେ ।

ISSN NO.
2582-208X

ହଁ, ଦିନେ ମୋତେ ଅବାକ୍ କରିଦେଇ, ସୌମ୍ୟଭାଇ, ସୂର୍ଯ୍ୟ ଓ ପ୍ରମଥ ଆମ ଧଡା ଦୁଆରେ ଠିଆ ହେଇଥିଲେ। ଆମ ଭାଲୁ କୁକୁର ଅତର୍ଛା ଭୁକିବାରୁ ମୁଁ ବାହାରକୁ ଆସିଲି । ଏମାନଙ୍କୁ ଦେଖି ସୁଖଦ ଆଶ୍ଚର୍ଯ୍ୟରେ ଭେଲକା ହେଇ ଚାହିଁ ରହିଥିଲି ।

- ଏରେ, ଏମତି କେତେବେଳ ଯାଇଁ ଦେଖୁଥିବୁ ? ଭୂତ ପିଚାଶ୍ ନାଇଁ ଆମେ । ହେଲା। ଭିତରକୁ ତ ଡାକ୍ ।

ସୂର୍ଯ୍ୟ ତାର ପୁରୁଣା ଅଭ୍ୟାସ ମତେ ଗୋଟିଏ ଯୋର୍ ଶରଧା ଘୁସି ମାରିଥିଲା ମୋର ପେଟରେ।

- ତୁଇ ତ ନାଇଁ ଡାକଲୁ ଏତେ ବଢିଆଁ ରେଜାଲ୍ଟ କରିକରି ଭି । ଆମ୍ଭେ ହେଲେ ଯାଚିକରି ଯାଉଁ ଭାବନୁ । ଯାଚି କୁଣିଆ।

ପ୍ରମଥ କହୁଥିଲା, - ଆଉ କି ତେବେ କଟକ ରେଭେନ୍ସା ଯାଉଛୁ ?

ସୌମ୍ୟଭାଇ ପଚାରୁଥିଲେ।

- ହୟ, ସମସ୍ତେ ତ କହୁଛନ୍।

- ଯା ଯା, ଭାଇ । ସେଇଠେ ନି ତୋର ପ୍ରତିଭା ଆଗକୁ ବଢ଼ବ। ଉଡ଼ିଆ ମାନଙ୍କର ସାଙ୍ଗ୍ ରେ ଜୁଡ଼ି ହେଇକିରି ରହିବୁ। ଏଠେ ବିହାରୀ ମାନଙ୍କର୍ ସାଙ୍ଗ୍ ରେ ରହିଲେ ନା ଦିନେ ସମ୍ଭିଏଁ ବିହାରୀ ବନି ଯିବେ। ଦେଖବୁ ତୁଇ ।

ସୌମ୍ୟଭାଇ ସମ୍ପୂର୍ଣ୍ଣ ଠିକ୍ କହିଥିଲେ। ଆମେ ସାନ ଥିଲା ବେଳେ ଆମର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର (ହେଉ ପଛେ ବଙ୍କାଟେଢା) ପ୍ରଚଳନ ଓ ପ୍ରଭାବ ଅଧିକ ଥିଲା । ଦାଣ୍ଡରେ

ISSN NO.
2582-208X

ବାଟରେ, ବଜାରରେ, ଦୋକାନରେ, କି ବିହାରୀ କି ମାରୁଆଡ଼ି ସମସ୍ତେ ଓଡ଼ିଆ କହୁଥିଲେ। ତାଙ୍କର ପରିବାର ଭିତରେ ମଧ୍ୟ ଓଡ଼ିଆ ପଶି ଯାଇଥିଲା ସିନ୍ଧି କାଟି। ରଜ ପର୍ବ, ଡଙ୍ଗାଭସା ପୁନେଇ, କୁଆଁର ପୁନେଇ, ଭାଦୁ, ମଗୁଶୀର ଗୁରୁବାର ସବୁ ଓଡ଼ିଆ ପର୍ବ ସେମାନେ ପାଳୁଥିଲେ। ବର୍ତ୍ତମାନ ଠିକ୍ ଓଲଟା। ଆମ ଓଡ଼ିଆ ଘର ମାନଙ୍କରେ ହିନ୍ଦୀ ଭାଷାର ଓ ବିହାରୀ ଚଳଣି ଆରମ୍ଭ ହେଇ ସାରିଲାଣି। ବିଚ୍ଛିନ୍ନାଞ୍ଚଳ ତ ବିଚ୍ଛିନ୍ନାଞ୍ଚଳ, ଓଡ଼ିଶାରେ ମଧ୍ୟ ଓଡ଼ିଆ ଆଜି ଅବହେଳିତ।

ହଁ, ଏମାନେ ସବୁ ଭେଟିବାକୁ ଆସିଥିଲେ ମୋତେ। ବହୁତ ଖୁସି ଲାଗିଥିଲା ମୋତେ। ସତେ ଯେମିତି ମୋର ହୋଷ୍ଟେଲ୍ ଜୀବନ ଲେଉଟି ଆସିଥିଲା।

ଦିନସାରା ମୁଁ ସେମାନଙ୍କୁ ମୋ ଗାଁ ବୁଲେଇଲି। ପ୍ରଥମେ ବାପାଙ୍କ କହିବା ଅନୁଯାୟୀ ମୋର ଇଷ୍ଟଦେବ, ବିବେକା ମାଷ୍ଟର ସହିତ ଭେଟ କରେଇବାକୁ ନେଇଗଲି ତାଙ୍କ ଘରକୁ । ବିବେକା ମାଷ୍ଟରଙ୍କର କୋଠରୀରେ ଜମା ଥାକ ଥାକ ବହି ଦେଖି ସୌମ୍ୟଭାଇ ଖୁସି ହେଇଗଲେ। ସେଇଠାରେ ହିଁ ସେ ବିବେକାନନ୍ଦ ଲାଇବ୍ରେରୀ କରିବାର ପୂର୍ବାଗ୍ରହ ଦେଖେଇଥିଲେ। ପୁସ୍ତକ ସମ୍ବନ୍ଧରେ ବିଶଦ ଭାବରେ ଚର୍ଚ୍ଚା କଲେ ଦୁଇ ପୁସ୍ତକପ୍ରେମୀ। ଜଣେ ବହି ପଢ଼ି ଜ୍ଞାନ ବିତରଣକାରୀ ଆଉ ଜଣେ ତୁଚ୍ଛା ପୁସ୍ତକ ପାଠକ ଓ ପୁସ୍ତକ ବିତରଣକାରୀ ।

ତାଙ୍କ ଘରେ ଅଳ୍ପ ସମୟ ବସି ମୁଁ ତାଙ୍କୁ ଦେଖେଇବାକୁ ନେଇଗଲି ଆମର ନଈ, ଆମର ଶିବ ମନ୍ଦିର, ଆମର ସାଉନ୍ତାଣୀ ବନ୍ଧ, ତା ପାଖରେ ଥିବା ଜୀର୍ଣ୍ଣ ଶୀର୍ଣ୍ଣ ମନ୍ଦିର। ଆମର ବିଲ। ଶିବ ମନ୍ଦିରରେ ଅବନୀ ମାମୁଁ ବସିଥିଲେ। ଆମେ ମନ୍ଦିରର ଦିଗନ୍ତ ପ୍ରସାରୀ ଶାନ୍ତିପୂର୍ଣ୍ଣ ଗର୍ଭଗୃହ ଭିତରେ ବସି ରହିଲୁ ଆଖି ବୁଜି। ବେଲପତ୍ର ଓ ଦୁଦୁରା ଫୁଲର ମହକରେ ଆଚ୍ଛନ୍ନ ହେଇ ଯାଉଥିଲା ଦେହ ମନ। ଅବନୀ ମାମୁଁ ସେହିପରି ଆମ ହାତରେ

ISSN NO.
2582-208X

ପାଞ୍ଚପଇସୀ, ଦଶପଇସୀ ଥୋଇ ଦେଲେ। ମୁଣ୍ଡରେ ତାଙ୍କର କୁହୁକ ସ୍ପର୍ଶ ଓ ତାଙ୍କ ଓଠରେ ସେହି ରହସ୍ୟମୟୀ ହସ ଧାରେ ।

- ସମସ୍ତେ ନିଜର୍ ନିଜର୍ ଲକ୍ଷ୍ୟ ଜାଗାରେ ପହଞ୍ଚ । ଅଭୀଷ୍ଟ ସିଦ୍ଧ କର ।

ବିଲ ଆଡୁ ଘମାଘୋଟ ମେଘ ଉଠେଇ ଥାଏ । ଥଣ୍ଡାଳିଆ ପବନ ରହି ରହି ବୋହୁଥାଏ। ତଥାପି ଆମେ ଚାରି ସାଙ୍ଗ ଚାଲିଲୁ ଆମ ବିଲକୁ। ଛୋଟିଆ କିନ୍ତୁ ବଡ଼ ସୁନ୍ଦର ଓ ନିବୁଜ ଆମ ବିଲ। ବିଲ ଚାରିପଟେ ବାସଙ୍ଗ ଓ ବେଗନା ବାଦାଡ଼ । ମଝିରେ ବାପା ବୁଦାଏ କିଆ ସଫା ନକରି ଚିହ୍ନ ସ୍ୱରୂପ ଛାଡ଼ି ଥାଆନ୍ତି। କଣ୍ଟାଳିଆ କେନା କେନା କିଆ ଗଛ ମଝିରୁ ଧଳା ଧଳା ବଡ଼ ଜୁଆରି (ମକା) ପରି କିଆ ଫୁଲ ଡୁଣ୍ଡୁକୁ ଥାଏ (ମୁହଁ ଦେଖାଉଥାଏ)। ତାର ମିଠାଳିଆ ବାସନାରେ ମହକୁଥାଏ ଜାଗାଟା ।

ବାପା ରୁଆ ବିହିଡା କାମ ଆରମ୍ଭ କରି ଦେଇଥାନ୍ତି। ଆକାଶରେ ମେଘ ଥିବାରୁ ବହୁତ ଭଲ ଲାଗୁଥାଏ। ମୋ ସାଙ୍ଗମାନେ ବାପାଙ୍କ ପାଦ ଛୁଇଁ ଜୁହାର୍ ହୁଅନ୍ତି। ବାପା ସେମିତି ନିଜର ଶୀରାଳ ହାତ ଥୁଅନ୍ତି ତାଙ୍କ ମୁଣ୍ଡ ଉପରେ। ଠିକ୍ ବିଲ ମଝିରେ ଏକ ଉଚ୍ଚ ପଥର ଥାଏ। ତାକୁ ଲାଗି ଗୋଟିଏ ଝଙ୍କାଳିଆ ନିମଗଛ ଓ ଆମ୍ବଗଛ। ଆମ୍ବ ଦରପାଚିଲା ଭରିଆ ହେଇଥାଏ। ଏଇ ଆମ୍ବ ଟିକେ ଡେରିରେ ପାଚେ । କଞ୍ଚା ସୁଆଦି ଆମ୍ବ। ବାପା ଓ ଆମେ ସେହି କଳା ପଥର ଉପରେ ବସୁ।

ସୌମ୍ୟଭାଇ ଭାନୁମତୀର ପେଡ଼ିରୁ କାଢ଼ିଲା ପରି କାଢ଼ନ୍ତି କ୍ୟାମେରାଟିଏ। କେନନ୍ କ୍ୟାମେରା। ଲେନ୍ସକୁ ବୁଲେଇ ଏଡଜଷ୍ଟ କରି ଫଟୋ ଉଠାଯାଏ। ଏଇଥର ଗ୍ରୀଷ୍ମ ଛୁଟିରେ ତାଙ୍କର ନିଜ ମାମୁଁ କଲିକତାରୁ ଆଣି ଦେଇଥିଲେ ଏଟାକୁ ।

ISSN NO.
2582-208X

ଆମେ ଏହା ପୂର୍ବରୁ ଏମିତି ଏକାନ୍ତ ନିଜର କ୍ୟାମେରା ଦେଖି ନଥିଲୁ । ପାସପୋର୍ଟ ଫଟୋ ଉଠଉଥିଲୁ ଷ୍ଟୁଡିଓରେ। କ୍ୟାମେରା ସୌମ୍ୟଭାଇଙ୍କ ପାଖରେ ଅଛି ବୋଲି ପ୍ରମଥ ଘରିଙ୍କୁ ମଧ୍ୟ ଜଣା ନଥିଲା। ସେମାନେ ବି ଆଶ୍ଚର୍ଯ୍ୟ ହେଲେ। ନିମନମୁହାଁ, ସର୍ବସଖିଆ ବୋଲି ମିଠା ଗାଳି ଦେଲେ।

ବାପାଙ୍କ ଫଟୋ ଉଠେଇବାକୁ କହିଲେ ସୌମ୍ୟଭାଇ। ବାପା ଅରାଜି ହେଉଥିଲେ ସେ ଫୁଙ୍ଗୁଳା ଦେହରେ ଅଛନ୍ତି ବୋଲି। ମୁଁ ଧାଇଁଗଲି ଘରକୁ । ଏଇ ଡେଙ୍ଗେଇ ବାଟ ତ । ତାଙ୍କର ଧଳା ଧୋତି କୁରୁତା ନେଇ ଆସିଲି । ବାପାଙ୍କର ଫଟୋଟେ ଉଠେଇଲେ ଭାଇ। ପଥର ଉପରେ ଗୋଡ଼ ଉପରେ ଗୋଡ଼ ଥୋଇ, ମୋର କୃଷକ ବାପା । କରିତ୍ କର୍ମା, ସ୍ୱୟଂ ସମ୍ପୂର୍ଣ୍ଣ, ନିଜେ ନିଜର ପରିଚୟ ଗଢ଼ିଥିବା ମୋର ବାପା ।

ଘରକୁ ଗଲୁ । ମାଆ ଚୁନାମାଛ ପତ୍ରପୋଡ଼ା କରିଥିଲା। ତା ସହିତ ବଡ଼ିସିଝା ଓ ପୋସ୍ତ ପୋଡ଼ା। ପୋସ୍ତପୋଡ଼ା ମୋର ବହୁତ ପ୍ରିୟ। ମୋର କାହିଁକି ପୋସ୍ତଟା ସମସ୍ତ ବିଚ୍ଛିନ୍ନାଞ୍ଚଳୀଙ୍କ ପ୍ରିୟ। କଞ୍ଚା ସରଗି ପତ୍ର ଦୋନାରେ ବଟା ପୋସ୍ତ, ଗୋଟା ରସୁଣ, କଞ୍ଚାଲଙ୍କା ଲୁଣ ଓ କଞ୍ଚା ସୋରିଷ ତେଲ ଗୋଳାଇ କାଠଚୁଲୀ ପାଉଁଶରେ ପୋତି ଦିଆଯାଏ। ତାର ଏକ ନିଆରା ସ୍ୱାଦ ଓ ଭୋକ ବଢେଇବା ବାସ୍ନା ।

ନାଲି ବଗଡ଼ା ଚାଉଳର ଚେଙ୍କା (ଖଟା) ପଖାଳ ସହିତ ବାଉଁଶ କରଡ଼ି ଆଚାର ଓ ମାଆ ବନେଇଥିବା ତୁଣ। ଭଲକରି ନାଦିଦେଲୁ ଆମେ। ମୁଁ ତାଙ୍କୁ ରାତିଟା ଅଟକେଇ ଦେଲି। ମନ ମାନୁ ନଥିଲା।

ରାତିରେ ଟିକେ ଗୁମାଳିଆ ପାଗ ଥିବାରୁ ଆମେ ଦାଣ୍ଡ ଅଗଣାରେ ଦଉଡ଼ିଆ ଖଟ ପକେଇ ଶୋଇଲୁ। ମାଆ ଆଉ ଖଟ ମାଗି ଆଣିଥିଲା ବାଡ଼ିପଟ ଜେଠା ଘରୁ।

ISSN NO.
2582-208X

ଦିନବେଳେ ଏତେ ମେଘ ଘୋଟିଥିଲା କିନ୍ତୁ ରାତିରେ ଆକାଶ ସଫା ଓ ନିର୍ମଳ ଦେଖା ଯାଉଥିଲା। ଚତୁର୍ଦ୍ଦଶୀ ଜହ୍ନଟା ମଳିଛିଆ ଦେଖା ଯାଉଥିଲା । ଲକ୍ଷ ଲକ୍ଷ ତାରା ତାକୁ ଖତେଇ ହେଉଥିଲେ ନିଜର ଉଜ୍ଜ୍ୱଳ ରଶ୍ମି ବିଛାଡ଼ି। ରାତିକର ଅତିଥି ଦିନ ଆସିଲେ ଯେ ସୂର୍ଯ୍ୟଙ୍କ ତେଜରେ କୁଆଡ଼େ ଲୁଚିବେ ସେକଥା ମନେ ପଡୁ ନଥିଲା। ବାପା ମଧ୍ୟ ଶୋଇଥିଲେ । ଯୋଡ଼ାଯୋଡ଼ି କରି ଖଟ ପକାଇ ଆମେ ଢେର୍ ରାତି ପର୍ଯ୍ୟନ୍ତ ଗପିଥିଲୁ । ଆଗାମୀ ଜୀବନର ନକ୍ସା ଓ ବିଗତ ଜୀବନର ସ୍ମୃତି ଭିତରେ ଏପଟ ସେପଟ ହେଉଥିଲୁ।

- ବହୁତ ବିଳମ୍ ହେଲାନି, ଶୁଇ ପଡ଼ ଏଥର।

ବାପାଙ୍କ ଶାନ୍ତ ସ୍ୱର ଶୋଇବାର ଇଚ୍ଛା ନଥିଲେ ବି ଶୋଇବାକୁ ବାଧ୍ୟ କରୁଥିଲା। ମାଆ ଓ ଖୁଡ଼ୀ ବାଡ଼ି ଆଡ଼େ ଶୋଇଥିଲେ।

ରାତି ଚାଲୁଥିଲା । ତାରା ମାନେ ମଧ୍ୟ ଚାଲୁଥିଲେ । ଜହ୍ନ ଆହୁରି ନିଷ୍ପ୍ରଭ ହେଉଥିଲା। ଝିଙ୍କାରୀ, ଝିଙ୍କ୍ ଝିଙ୍କ୍ କରୁଥିଲା । ରାତ୍ରୀଚର ପେଚା ହୁଟ୍ ହୁଟ୍ କରି ଆକ୍ରମଣ କରୁଥିଲା କୌଣସି ପକ୍ଷିର ବସା ଉପରେ। ଅଚିହ୍ନା ଅଜଣା ଚଢେଇ ଶାବକକୁ ଉଦରସ୍ଥ କରୁଥିବା ବେଳେ ତାର ବାପା ମାଆର ବିକଳ ଆର୍ତ୍ତ ଚିତ୍କାର ଦୋହଲେଇ ଦେଉଥିଲା ମୋର ଛାତି। ସମସ୍ତେ ଶୋଇ ପଡ଼ିଥିଲେ। ମୋ ଆଖିରେ ନିଦ ନଥିଲା ।

ଆଉ ଗୋଟିଏ ଚିନ୍ତା ମୋତେ ବେହାଲ୍ କରୁଥିଲା । ପଇସା । ଏତେ ପଇସା କେଉଁଠୁ ଆସିବ। ଖାଲି ତ ଏଡମିସନ୍ ନେଇ ନେଲେ ହେବନାହିଁ । ବହିପତ୍ର, ଖାଦ୍ୟ ପାନୀୟ, ହୋଷ୍ଟେଲ୍ ସବୁ ଅଛି ।

"ସରଳ ଭାବରେ ଜୀବନକୁ ନେଲେ ଜୀବନ ସରଳ ହୁଏ । ଜୀବନଟା ଜଟିଳ ନୁହେଁ ବାପା।"

ISSN NO.
2582-208X

ମୂଳମନ୍ତ୍ରର ଅଦୃଶ୍ୟ ଶକ୍ତି କେତେବେଳେ ଯେ ମୋତେ ନିଦ୍ରାରାଜ୍ୟକୁ ଠେଲି ଦେଇଥିଲା ଜାଣି ପାରି ନଥିଲି ।

ଉଠ୍ ପୁଟୁର୍ ......

ଉଠ୍ ପୁଟୁର୍.......

କବ୍ଣା ଡାକୁଥିଲା । ଆମେ ସମସ୍ତେ ଉଠି ପଡ଼ିଥିଲୁ ଅଭ୍ୟାସ ମୁତାବକ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମ୍ପର୍କର ସ୍ୱରବର୍ଣ୍ଣ



ମାନସ ରଞ୍ଜନ ନାୟକ

ଆତ୍ମୀୟତା ଟିକକ ବାରିହୋଇପଡେ ଶୁଷ୍କ ସୌଜନ୍ୟତାର ଦିଗପହଣ୍ଡିରେ
ସମ୍ବନ୍ଧ ଛାଇରେ ପ୍ରତିପାଳିତ ସ୍ୱାର୍ଥୀ ନିର୍ମୂଳୀର ସୁଷୁପ୍ତ ସବୁଜ ସ୍ୱପ୍ନରେ
ପ୍ରାପ୍ତି ପୁଲକର ଫୁଲପକା ଚାନ୍ଦୁଆରେ କଣ ସମ୍ପର୍କର ଅଭିଷେକ ହୁଏ ?
ଭାବପ୍ରବଣତାର ଆବେଗାପ୍ଲୁତ ଆହ୍ୱାନରେ ସମ୍ପର୍କର ପଞ୍ଚଜନ୍ୟ ଶୁଭେ ।

ବାହାବାହା'ର ମେଘମହ୍ଲାରରେ ବେସୁରା ଶୁଭେ ନିରୁତା ସମ୍ପର୍କର ଝଙ୍କାର
ଆପଣାପଣରେ ଆର୍ଦ୍ର ଆହାଃଟିଏ ବି ଉଦ୍ ଗାରି ଆଣେ ମମତ୍ୱର ନିର୍ଝର
ଦେବାନେବାର ମଲାଟ ମଡେଇ ଜୀବନ ବର୍ଣ୍ଣବୋଧ କି ପଢିହୁଏ ଫି ରାତି ?
ସ୍ନେହ ଆବିଳତାର ବଟକରାକୁ ନିଅଣ୍ଟ ଅଳିକ ଆୟୁଷର ତେଜରାତି ।

କଡଲେଉଟାଏ ଜୀବନ, ଆପେକ୍ଷିକ ହୁଏ ସମ୍ପର୍କରେ ନିର୍ମଳ ମୂଲ୍ୟବୋଧ
ଲାଭ କ୍ଷତିର ତରାଜୁରେ ତଉଲାହୁଏ କିଛି ସ୍ୱକୀୟ ଅବା ଅଭିନୟର ଭାବବୋଧ
ବିଶ୍ୱାସର ବାରୁଣୀ ଦୁର୍ଗ, ଅର୍ଥ ଅତଡାରେ ବାଲିବନ୍ଧ ପରି ଧସିଯାଏ
ରକ୍ତ ସମ୍ପର୍କର ନିଉଛୁଣା ସ୍ୱାଭିମାନ, କାମ ନିଆଁରେ ନିମିଷେ ଜଳିଯାଏ ।

ISSN NO.
2582-208X

ସମ୍ପର୍କର ସ୍ୱୀକୃତ ପରିସୀମା ଡେଇଁ ଏବେ ସମ୍ବନ୍ଧ ମାନଙ୍କ ଭାରି ଭିଡ
ଆତ୍ମୀୟଙ୍କ ଉପେକ୍ଷାରେ ଏଯାଏଁ ଅଜ୍ଞାତଙ୍କ ଅନାହୁତ ଆଦର ଜାମାଜୋଡ
ନିରୁତା ବେପାର ପାଲଟେ ସମ୍ପର୍କ ପରି ସ୍ୱର୍ଗୀୟ ଭାବବୋଧର ମହାମନ୍ତ୍ର
ନିମିଷେ ଆତ୍ମୀୟରୁ ଆତତାୟୀ ସାଜେ, ଆୟୁଧ ହୁଏ ପ୍ରବଞ୍ଚନା ଓ ଚକ୍ରାନ୍ତ ।

ଜୀବନ ବର୍ଣ୍ଣାଳୀରେ ସମ୍ପର୍କର ଫଗୁ ଏବେ ଖୁବ୍ ଫିକା ଫିକା, ଅସ୍ପଷ୍ଟ ଅବିର
ଦାୟିତ୍ୱ କର୍ତ୍ତବ୍ୟର ପାଠତକ ସ୍ୱାଧୀନ ସ୍ୱାବଲମ୍ବୀ ନାଁରେ ଖସଡା ବାହାର
ଏକାକିତ୍ୱରେ ହିଁ ମାଡିବସେ ସମ୍ପର୍କର ମଧୁ ସ୍ୱପ୍ନ,ସଂଭୋଗ ସମ୍ମୋହନ ପରି
ସମ୍ପର୍କର ସ୍ୱତଃ ସଂଚରଣ ସିଥିଳ,ମାର୍ମିକ ଗତିଶୀଳତା କିଆଁ ଯାଉଛି ସରି ?

ସ୍ୱେଚ୍ଛାଚାରିତା ର ଶିଉଳି ତଳେ ସମ୍ପର୍କର ସ୍ୱଗତୋକ୍ତି କି ନିଃଶବ୍ଦ ସ୍ପନ୍ଦନ ହୀନ ?
କୋଳାହଳମୟ ଜୀବନ ପ୍ରାଙ୍ଗଣେ ସମ୍ପର୍କର ତୀର କିବା ଲହରୀ ବିହୀନ ?
ମାୟା ମୋହ ଭରା ସଂସାରରେ ଏକା ସମ୍ପର୍କଟିଏ ହିଁ ପୁଣ୍ୟ ଅମୃତ ମଣୋହି
ଗ୍ରାହସ୍ଥ୍ୟ ଆଚରି, ସମ୍ପର୍କ ପାସୋରି ଏ ଭବ ସାଗରୁ ମୋକ୍ଷ ଲଭିବୁ କି ତୁହି ?

ମଞ୍ଜୁରୀ ରେଡ୍, ଭଦ୍ରକ-୭୫୬୧୨୧
ଦୂରଭାଷ- ୯୮୯୦୮୫୧୪୨୭

ISSN NO.
2582-208X

ବେଦାନ୍ତୀ

# ଉପହାର



ମନ୍ଦାକିନୀ ପାଢ଼ୀ

ପୃଥିବୀରେ  ସବୁକିଛି ରହିଥିଲା
ଆଶା ଆକାଂକ୍ଷା ବିଶ୍ୱାସ
ଜୀବନ ଜୀଇଁବା ପ୍ରେରଣା ନଥିଲା
ଏବେ ସବୁ  ତୁମମୟ ।।
ତୁମ ଆଗମନର ବାର୍ତ୍ତା  ମୋ ପାଇଁ
ଏବେ ଦାମି ଉପହାର
ନିଥର ଜୀବନେ ଆଲିଙ୍ଗନ କରେ
ସୂତା ଖିଅ ଆଦରର  ।।
ସେହି ଉପହାର ବେସୁରା ରାଗିଣୀ
ତୋଳି ଦିଏ ସଙ୍ଗୀତର
ତୁମ ବିନା ସବୁକିଛି ମୂଲ୍ୟହୀନ
ମୁଁ  ହୁଏ ଜୀଅନ୍ତା କବର  ।।
ତୁମପାଇଁ ପ୍ରତିଟି ସତ୍ତାକୁ ଧରେ
ହୋଇ ଆଜି ସ୍ୱୟଂସିଦ୍ଧା
ପ୍ରତ୍ୟେକ ବିନ୍ଦୁ ବିସର୍ଗରେ ତୁମେ ହିଁ
ପ୍ରତୀକ୍ଷାର ମୋ ଆକାଂକ୍ଷା ।।

ISSN NO.
2582-208X

ତୁମରି ସାନ୍ନିଧ୍ୟରେ ଆଖିଲୁହ ମୋ
ଧୋଇ ଦିଏ ତୁମ ପାଦ
ତୁମେ ମୋର ପ୍ରତୀକ୍ଷାର ଅନ୍ତଟିଏ
ନିତିଦିନ ଭାଗବତ ।।
ଜୀବନ ନାଆଁ ଚଳପ୍ରଚଳ ମୋର
ଚଞ୍ଚଳ ନୁହେଁ ସେ ସ୍ଥିର
ତୁମମୟ ପୃଥିବୀରେ ମୁଁ ବିନ୍ଦୁ ଟେ
ତୁମେ ଦାମି ଉପହାର ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X

# ସ୍ନାନ



ସୁଜିତ୍ କୁମାର ମିଶ୍ର

ସ୍ନାନ କାଳିଆ ତୋ  ବାହାନା ମାତର
ଭାବେ ସ୍ନାନ ମଣ୍ଡପରେ,
ଭକ୍ତ ଦରଶନ  ତୋ ଲାଗି ଚନ୍ଦନ
ଛୁଇଁଦେଲେ ମନହରେ ।

ଯେଉଁ ସିନ୍ଧୁ ଜଳ  ତୋର କୃପା ଫଳ
ନିତି ପୟରକୁ ଧୁଏ,
ଶହେ ଆଠ ଗରା  ଜଳେ ସ୍ନାନ କଲେ
କିମ୍ପା ଜ୍ୱର ତୋତେ ହୁଏ ?

ତୋ ମାୟା  ଯେ ତୋତେ  ମହାପ୍ରଭୁ ଜଣା
ଅକିଞ୍ଚନ କାହୁଁ ଜ୍ଞାନ,
ଯିଏ ଏ ସଂସାର  ରକ୍ଷକ ସରବେ
ତାକୁଲୋଡା ବୈଦ୍ୟଜନ ।

ISSN NO.
2582-208X

କରୋନା ରାକ୍ଷସ   ଭଣ୍ଡୁର କରିଲା
  ସିନା ଭକ୍ତ ସମାବେଶ,
ଭକତି ରଥକୁ   ପାରିଲାକି ସିଏ
  ହୃଦୟରୁ କରି ଧ୍ୱଂସ ।

ତୋ ସ୍ନାନ ଜଳରେ  ଏ ବେନି ନୟନ
  ନିରାଜନା ଘନଘନ,
ପାପ ଦୃଷ୍ଟି ମୋର   ସରି ସରି ଯାଏ
  ପୁଣ୍ୟ ରଙ୍ଗେ ପ୍ରତିକ୍ଷଣ ।

ବରଷକେ ଥରେ   ଦିବ୍ୟ ସ୍ନାନ ଗଲି
  ଦେଖି ଗଜାନନ ବେଶ,
ଗଜ ପରି ବଳ  ଭରି ଦିଅ ପ୍ରଭୁ
  ମାୟାକୁ କରେ ମୁଁ ବଶ ।

ତବ ସ୍ନାନ ଦେଖି  ସ୍ନାନ ହେଉ ମନ
  ଧୋଇଯାଉ ମୂଢପଣ,
ଶ୍ରୀଚରଣେ ବାରେ  ଏତିକି ମିନତୀ
  ଶରଧାରେ ପ୍ରତିକ୍ଷଣ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୬୭୪୨

ISSN NO.
2582-208X

# କମଳ ଫୁଲର କାହାଣୀ



ସୁଧାଂଶୁ ଶେଖର ଦ୍ୱିବେଦୀ

କମଳ ଫୁଲ ବିଷୟରେ ଅନେକ ବିଶ୍ୱାସ, ପୌରାଣିକ ମାନ୍ୟତା ଏବଂ କିମ୍ବଦନ୍ତୀ ପ୍ରଚଳିତ। କେହି କେହି ଏହାକୁ ପ୍ରେମିକ ଫୁଲ ବୋଲି କହିଥାନ୍ତି ଆଉ କେହି ସ୍ୱର୍ଗର ଦେବତା ଭାବି ବିଶ୍ୱାସ କରନ୍ତି। କିମ୍ବଦନ୍ତୀ ଅନୁସାରେ କମଳ ଫୁଲ ଏକ ଅଭିଶପ୍ତ ପ୍ରେମିକ।

ବହୁ ସମୟ ପୂର୍ବରୁ ଜଣେ ଯୁବକ ଗୋଟିଏ ଗାଁରେ ରହୁଥାଏ। ତା' ମାତା ପିତା ମୃତ୍ୟୁବରଣ କରି ସାରିଥାନ୍ତି। ଜଣେ ବଡ଼ଭାଇ ବ୍ୟତୀତଯୁବକ ନିକଟରେ ସ୍ୱଳ୍ପ ଚାଷଜମି ଥାଏ। ଭାଇ ସହିତ ମିଶି ଜମିରେ ଚାଷ କରି ଯାହା ମିଳେ ସେଇଥିରେ ଦିନ ବିତେ। ଯୁବକ ଓ ତା' ବଡ଼ ଭାଇ କ୍ଷେତରେ ବହୁତ ପରିଶ୍ରମ କରନ୍ତି। ତଥାପି ବର୍ଷ ଶେଷରେ ଚଳିବା ଲାଗି ବଡ଼ ଅସୁବିଧା ହୁଏ। କିଛି ଉପାୟ ନପାଇ ଦୁହେଁ ମୂଲିଆ ଭାବେ ଜମିଦାର କ୍ଷେତରେ କାମ କରନ୍ତି।

ଥରେ ଯୁବକ ଗାଁରେ ଜମିଦାରଙ୍କ କ୍ଷେତରେ ପାଣି ମଡାଉଥାଏ। ଜମିଦାରଙ୍କ କ୍ଷେତ ନିକଟରେ ପ୍ରଶସ୍ତ ପଡିଆଟିଏ ଥାଏ। ମେଳା ମହୋତ୍ସବରେ ଗାଁ ଲୋକମାନେ ସେଇଠି ଏକତ୍ରିତ ହୁଅନ୍ତି। କେବେକେବେ ସେ ପଡ଼ିଆରେ ଯାଯାବର ଲୋକମାନେ ଶିବିର ପକେଇ ରୁହନ୍ତି। କିଛିଦିନ ପରେ ସେମାନେ ଅନ୍ୟ କୋଉ ଗାଁକୁ ପଳାଇ ଯାଆନ୍ତି। ଜମିଦାରଙ୍କ କ୍ଷେତ ନିକଟରେ ଏକ ବଡ଼ ନନ୍ଦ କୂଅ ଥାଏ। ଯୁବକ

ISSN NO.
2582-208X

କୂଅରୁ ପାଣି କାଢ଼ି ନିକଟସ୍ଥ ନାଳିରେ ଢାଳିଦିଏ। ନାଳି କ୍ଷେତ ଯାଏ ପଡିଥାଏ। ତେଣୁ ସହଜରେ ପାଣି ବହିଯାଇ କ୍ଷେତରେ ପହଞ୍ଚିଯାଏ। ହଠାତ୍ ସେ ଅନୁଭବ କଲା ତା' ପଛରେ କେହି ଜଣେ ଛିଡା ହୋଇଛି। ପଛକୁ ଫେରି ଦେଖେତ ଜଣେ ଝିଅ କାଖରେ କଳସୀ ଧରି ପାଣି ନେବାକୁ ଅପେକ୍ଷା କରିଛି।

ଯୁବକ ଝିଅକୁ ଦେଖିବାକ୍ଷଣି ସବୁକିଛି ଭୁଲିଗଲା। କିଛି ସମୟ ତନ୍ମୟରେ ଚାହିଁରହିଲା। ଅନ୍ୟ ମନସ୍କ ଅବସ୍ଥାରେ ତା' ହାତରୁ ଦଉଡି ଖସିଗଲା। କୂଅରୁ ପାଣି ବାହାର କରୁଥିବା ବାଲ୍ଟି ସିଧା ଯାଇ ଗଭୀର ପାଣିରେ ବୁଡିଗଲା।ଯାଯାବର ଝିଅ ଯୁବକର ପରିସ୍ଥିତି ଦେଖି ତୁରନ୍ତ ନିଜ ଶିବିରକୁ ଧାଇଁଲା। ସଙ୍ଗେ ସଙ୍ଗେ ଗୋଟେ କୂଅକଣ୍ଟା ଓ ଲମ୍ବା ଦଉଡିଟିଏ ଧରି ଫେରିଆସିଲା।

ଯୁବକ ନିଜକୁ ନିୟନ୍ତ୍ରଣ କରି ଯାଯାବର ଝିଅ ଆଣିଥିବା କୂଅକଣ୍ଟା କୁ ଦଉଡିରେ ବାନ୍ଧି କୂଅରେ ପକାଇଲା। କିଛି ସମୟ ବାଲ୍ଟିକୁ ଅଣ୍ଡାଳିବା ପରେ କୂଅକଣ୍ଟା ଦ୍ୱାରା ବାଲ୍ଟିକୁ ବାହାର କଲା। ପୁଣି କୂଅ ରୁ ପାଣି ବାହାର କରି ଯାଯାବର ଝିଅର କଳସୀ ଭରିଦେଲା। ଯାଯାବର ଝିଅ ବି ଯୁବକ ଆଖିର ଭାଷାକୁ ବୁଝିସାରିଥାଏ। ଜମିଦାର କ୍ଷେତରେ ପାଣି ମଡ଼ାଇସାରି ଯୁବକ ସନ୍ଧ୍ୟାରେ ଘରକୁ ଫେରି ଆସିଲା।

ଯାଯାବର ଝିଅକୁ ଭାବି ଭାବି ରାତିସାରା ତାକୁ ନିଦ ହେଲାନାହିଁ। ତା'ପରଦିନ ମଧ୍ୟ ଯୁବକ ଜମିଦାରଙ୍କ କ୍ଷେତରେ ପାଣି ମଡ଼ାଇବାକୁ କୂଅ ନିକଟରେ ପହଞ୍ଚିଲା। ଯାଯାବର ଝିଅ ବି କୂଅ ନିକଟରେ ଯୁବକକୁ ଅପେକ୍ଷା କରିଥାଏ। ଦୁହେଁ ଦୁହିଙ୍କୁ ଦେଖିଲେ। ଆଖିରେ ଆଖିରେ ବହୁତ କିଛି ବାର୍ତ୍ତାଳାପ ହେଲା। ଯୁବକର ମନ କଥା ଜାଣିବା ପୂର୍ବରୁ ଝିଅଟି ତାକୁ ଶିବିରକୁ ଆଣି ବାପା ସହତ ସାକ୍ଷାତ କରାଇଲା। ଝିଅର ପିତା ଭାରି ବହୁତ ଲୋଭୀ ଥାଏ। ସେ ଯେତେବେଳେ ଜାଣିଲା ଯୁବକ ଜଣେ ଗରିବ ଚାଷୀ ନିଜ ଝିଅକୁ ତା ସହିତ ବିବାହ ଦେବାକୁ ମନା କରିଦେଲା। କିନ୍ତୁ ତା' ସ୍ତ୍ରୀ ବହୁତ ବୁଝେଇବା ପରେ ସର୍ତ୍ତ ଅନୁସାରେ

ISSN NO.
2582-208X

ବିବାହ ଦେବାକୁ ରାଜି ହେଲା। ସର୍ତ୍ତ ଏହା ଥାଏ ଯେ ୫ ମାସ ଭିତରେ ଯୁବକ ୫୦୦ଟି ରୂପା ମୁଦ୍ରା ଆଣି ଯାଯାବରକୁ ଦେଲେ ସେ ତା ଝିଅ ସହିତ ବିବାହ କରେଇବ।

ଯୁବକ ଯାଯାବର ସର୍ତ୍ତକୁ ମାନିନେଲା। ତାକୁ ପୂର୍ଣ୍ଣ ବିଶ୍ୱାସ ଥାଏ ପରିଶ୍ରମ କରି ୫୦୦ ରୂପା ମୁଦ୍ରା ସଂଗ୍ରହ କରିନେବ। ଯାଯାବର ଲୋକମାନେ ସେ ଗାଁରେ ତିନିଦିନ ରହିବା ପରେ ଅନ୍ୟ ସ୍ଥାନକୁ ଯିବା ଲାଗି ପ୍ରସ୍ତୁତ ହେଲେ। ଯୁବକ ଖବର ପାଇ ଗୋଟେ ଗଛ ଉହାଡରେ ଯାଯାବର ଝିଅକୁ ଦେଖୁଥାଏ। ଝିଅଟି ମଧ୍ୟ ଯୁବକକୁ କଣେଇ କଣେଇ ଦେଖି ଆଗକୁ ଆଗଉଥାଏ। ଦୁହେଁ ଜଣେ ଜଣକୁ ଭଲ ପାଇବାର ଅପୂର୍ବ ଉତ୍ତେଜନା ଅନୁଭବ କରୁଥାନ୍ତି। ଯାଯାବର ଦଳ ସେ ଗାଁରୁ ଚାଲିଗଲେ। ଯୁବକ ବି ନିଜ ଘରକୁ ଫେରି ଆସିଲା। ମୁଣ୍ଡରେ ତା'ର ଚିନ୍ତା ଘାରିଥାଏ ଯେମିତିହେଉ ୫ ମାସ ଭିତରେ ୫୦୦ ରୂପା ମୁଦ୍ରା ସଂଗ୍ରହ କରିବାକୁ ହେବ। ତାପରଦିନ ସେ ଜମିଦାରଙ୍କ ପାଖେ ପହଞ୍ଚି ନିଜ ସମସ୍ୟା ବିଷୟରେ ଅବଗତ କରାଇଲା। ଜମିଦାର ତା କାହାଣୀ ଶୁଣି ପ୍ରତିମାସ ୧୦୦ଟି ରୂପା ମୁଦ୍ରା ଦେବେ ବୋଲି ରାଜି ହେଲେ।

ଯୁବକ ଜମିଦାରଙ୍କର ସବୁ ସର୍ତ୍ତରେ ରାଜିହୋଇ ଦିନରାତି କାମରେ ଲାଗିରହିଲା। କ୍ରମଶଃ ଗୋଟେ ମାସ ବିତିଗଲା। ଯୁବକ ରୂପା ମୁଦ୍ରା ଦେବାପାଇଁ ଜମିଦାରଙ୍କୁ ଅନୁରୋଧ କଲା। ହେଲେ ଜମିଦାର ସେଭଳି କିଛି କଥା ହୋଇ ନାହାନ୍ତି ବୋଲି କହି ଯୁବକକୁ ଫାଙ୍କି ଦେବାକୁ ଚେଷ୍ଟା କରୁଥାନ୍ତି। ଯୁବକ ଜମିଦାରର ଛଳ କପଟକୁ ସହ୍ୟ କରି ନପାରି କ୍ରୋଧିତ ଅବସ୍ଥାରେ ତାଙ୍କୁ ଉଠେଇ ଗୋଟେ ପଥର ଉପରେ କଚାଡି ଦେଲା। ଯାହାଫଳରେ ସେଇଠି ତାଙ୍କର ମୃତ୍ୟୁ ହେଲା। ଜମିଦାରର ପୁଅ ଓ ଚାକରମାନେ ଏହା ଦେଖି ଯୁବକକୁ ଧରିବାକୁ ଗୋଡେଇଲେ। ଯୁବକ ଆଗେ ଆଗେ ଦୌଡୁଥାଏ ଜମିଦାର ଚାକରମାନେ ପଛେ ପଛେ ଦୌଡୁଥାନ୍ତି। ଶେଷରେ ସେ ଆସି ବଙ୍ଗଳା ଦେଶରେ ପହଞ୍ଚିଗଲା। ଚାକରମାନେ ତାକୁ ଧରି ନପାରି ଗାଁକୁ ଫେରିଗଲେ।

ISSN NO.
2582-208X

ବଙ୍ଗଳାଦେଶ ଯୁବକପାଇଁ ଏକ ନୂଆ ସ୍ଥାନ। ସେ ମନେ ମନେ ଭାବି ଥାଏ ଏଠାରେ କାମ କରି ୫୦୦ ରୂପା ମୁଦ୍ରା ସଂଗ୍ରହ କରିନେବ। ହେଲେ ତିନିଦିନ ଯାଏ କାମ ଖୋଜିବା ସତ୍ତ୍ୱେ କିଛି ବି ମିଳୁ ନଥାଏ । ଚତୁର୍ଥ ଦିନ ଗୋଟେ ବଗିଚାରେ ବସିଥାଏ ଜଣେ ସୁନ୍ଦରୀ ଯୁବତୀ ଆସି ତା' ପାଖରେ ଠିଆହେଲା। ଯୁବକକୁ ଅନୁଭବ ହେଲା ସେ ତାକୁ ସହାୟତା କରିବାକୁ ଆସିଛି। ନିଜର ସବୁ କଥା ତା' ପାଖେ ଜଣାଇଲା। ସୁନ୍ଦରୀ ଯୁବତୀ ଯୁବକର କାହାଣୀ ଶୁଣି ସବୁପ୍ରକାର ସହାୟତା କରିବ ବୋଲି ବିଶ୍ୱାସ ଦେଇ ନିଜ ମହଲକୁ ନେଇ ଆସିଲା। ସ୍ୱାଦିଷ୍ଟ ଭୋଜନ ଖାଇବାକୁ ଦେଲା। ବିଶ୍ରାମ କରିବାକୁ ଆରାମଦାୟକ ପଲଙ୍କ ଯୋଗାଇ ଦେଲା।

ଯୁବକ ନିଘୋଡ଼ ନିଦରେ ଶୋଇଗଲା । କେତେ ବେଳଯାଏ ଶୋଇଛି ତାକୁ କିଛି ଜଣା ନଥାଏ। ଆଖି ଖୋଲି ଦେଖେ ତ ଅଧା ରାତି। ଜହ୍ନର ସ୍ୱଳ୍ପ ପ୍ରକାଶ ଝରକା ରାସ୍ତାରେ ଭିତରକୁ ଆସୁଥାଏ। ଯୁବକ ଉଠି ଠିଆହେଲା। ଏପଟ ସେପଟ ଚାହିଁଲା। ସୁନ୍ଦରୀ ଯୁବତୀର କିଛି ପତ୍ତା ଅନ୍ତା ନଥାଏ। ତା' ମନରେ ସନ୍ଦେହ ହେଲା। ହଠାତ୍ ଏକ ଆକର୍ଷଣୀୟ ଗୀତ ସେ ଶୁଣିଲା। ଯୁବକ ନିଜକୁ ନିୟନ୍ତ୍ରଣ କରି ନପାରି ଗୀତ ଶୁଭୁଥିବା ଦିଗକୁ ଆଗେଇଲା। କିଛିଦୂର ଯିବାପରେ ଦେଖିଲା ଷୋହଳ ଶୃଙ୍ଗାରରେ ସଜେଇ ହୋଇଥିବା ସୁନ୍ଦରୀ ଯୁବତୀ ଆଇନା ସମ୍ମୁଖରେ ନିଜ ସୁନ୍ଦରତାକୁ ପରଖୁଥାଏ। ଆଇନାର ପ୍ରତି ବିମ୍ବରେ ଯୁବକ ଆସୁଥିବା ଦେଖି ସୁନ୍ଦରୀ ତାକୁ ଆଲିଙ୍ଗନରେ ଭଡ଼ିଧରି ପଲଙ୍କରେ ଶୋଇଦେଲା। ୫୦୦ଟି ରୂପା ମୁଦ୍ରା ବିନିମୟରେ ପ୍ରତି ରାତି ନିଜ ସହିତ ଶୋଇବା ପାଇଁ ଯୁବକକୁ ବାଧ୍ୟ କରାଇଲା।

ଯୁବକର ହୃଦୟରେ ଯାଯାବର ଝିଅ ବସା ବାନ୍ଧିଥାଏ। ସେ ଅନ୍ୟ କାହା ସହିତ ନିଜ ଭଲପାଇବାକୁ ବାଣ୍ଟିବାକୁ ଚାହୁଁନଥାଏ। କିନ୍ତୁ ଯାଯାବର ଝିଅକୁ ପାଇବା ପାଇଁ ତା' ବାପାର ସର୍ତ୍ତ ପୂରଣ କରିବାକୁ ପଡିବ ।ଉପାୟଶୂନ୍ୟ ହୋଇ ସୁନ୍ଦରୀ ଝିଅ ସହିତ ଶୋଇବାର ପ୍ରସ୍ତାବକୁ ସ୍ୱୀକାର କଲା। ଧୀରେ ଧୀରେ ଚାରିମାସ ବିତିଗଲା। ଯୁବତୀ ପ୍ରତି ରାତିରେ ଛଳନା କରି ତା'ପରଦିନ ୫୦୦ ରୂପା ମୁଦ୍ରା ଦେବ ବୋଲି କହେ। ହେଲେ ଯୁବକ ସୁନ୍ଦରୀ

ISSN NO.
2582-208X

ଯୁବତୀର ଛଳନାରେ ବଶୀଭୂତ ନ ହୋଇ ତା' ସହିତ ଶୋଇବ ନାହିଁ ବୋଲି ମନା କରି ଦେଲା। ସୁନ୍ଦରୀ ତାକୁ ବହୁ ପ୍ରକାର ବୁଝେଇବାକୁ ଚେଷ୍ଟା କଲା। ସେ ଯେତେବେଳେ ଜାଣିଲା ଯୁବକ ଆଉ ତା'ର କୌଣସି କଥା ମାନିବ ନାହିଁ ନିଜର ଅସଲ ରୂପ ଯାଦୁକାରୀ ଭାବେ ପ୍ରକଟ ହୋଇ ଯୁବକ କୁ ଗୋଟେ ଫୁଲରେ ପରିବର୍ତ୍ତିତ କରି ବଗିଚାରେ ଥିବା ପୋଖରୀ ମଧ୍ୟକୁ ଫିଙ୍ଗିଦେଲା।

ସେପଟେ ଯାଯାବର ଝିଅ ୫ ମାସ ଅପେକ୍ଷା କରିବା ପରେ ଯୁବକ ନ ଫେରିବାରୁ ଖୋଜିବାକୁ ବାହାରିଲା। ବହୁଦିନ ପର୍ଯ୍ୟନ୍ତ ଖୋଜି ଖୋଜି ଶେଷରେ ସେ ବି ଦିନେ ଯାଦୁକାରୀ ଝିଅର ମହଲ ନିକଟ ରେ ପହଞ୍ଚିଲା। ଯାଯାବର ଝିଅକୁ ଅତି ନିକଟରେ ପାଇ ଯାଦୁକାରୀ ଝିଅ ତାକୁ ମହଲ ଭିତରକୁ ନେଇଗଲା। ନିଜ ପ୍ରେମିକକୁ ଖୋଜି ପାଉନାହିଁ ବୋଲି ଯାଯାବର ଝିଅ ଜଣାଇବାରୁ ଯାଦୁକାରୀ ଝିଅ କହିଲା- ମୁଁ ତୋ ପ୍ରେମିକକୁ ଖୋଜିଦେବି। ତୁ ଏଇଠି ମୋ ପାଖରେ ରହ।

ନିଜ ପ୍ରେମିକ ସହିତ ଦେଖା ହେବ ଜାଣି ଯାଯାବର ଝିଅ ଖୁସିରେ ଅଧିର ହୋଇପଡୁଥାଏ। ଯାଦୁକାରୀ ଝିଅ ଦିନସାରା ମଜାଳିଆ କଥା କହି ଯାଯାବର ଝିଅକୁ ନିଜ ଅକ୍ତିଆର କରିନେଲା। ଦିନେ ସୁଯୋଗ ଉଣ୍ଡି କହିଲା- ତୁ ଯେଉଁ ଯୁବକକୁ ଭଲ ପାଉଛୁ ମୁଁ ବି ତାକୁ ଖୁବ ଭଲ ପାଉଛି। ତେଣୁ ଆମ ଦୁହିଁଙ୍କ ମଧ୍ୟରେ ଯୁବକର ଭଲପାଇବା ସମାନ ଭାବେ ବଣ୍ଟା ହେବା ଉଚିତ। ଯାଦୁକାରୀ ଝିଅର ଏଭଳି ମନ୍ତବ୍ୟ ଯାଯାବର ଝିଅ କେବେ ଆଶା କରି ନଥିଲା। ଯାହାକୁ ପାଇବା ପାଇଁ ଘରଦ୍ୱାର ପରିଜନଙ୍କୁ ଛାଡି ଧାଇଁ ଆସିଛି ତାକୁ କେମିତି ବାଣ୍ଟିପାରିବ ?

ନିଜ ମନୋକାମନା ପୂର୍ଣ୍ଣ ନହେବାରୁ ଯାଦୁକାରୀ ଝିଅ ଯାଯାବର ଝିଅକୁ ଗୋଟେ ପୋକରେ ପରଣତ କରି ଝରକା ବାଟେ ବଗିଚାକୁ ଫିଙ୍ଗିଦେଲା। ହଠାତ୍ ଯୁବକର ଡାକରା ତାକୁ ଶୁଭିଲା। ତା ପାଖକୁ ଯିବାପାଇଁ ବାରମ୍ବାର ଡାକୁଥାଏ। ଡାକରା ଆସୁଥିବା ଦିଗକୁ ପୋକ ହୋଇଯାଇଥିବା ଯାଯାବର ଝିଅ ଧୀରେ ଧୀରେ ଆଗେଇଲା। ପୋଖରୀରେ ଭାସୁଥିବା ଏକ

ISSN NO.
2582-208X

ଫୁଲ ମଧ୍ୟରୁ ଯୁବକର ଡାକରା ଶୁଭୁଥାଏ। କିଛିକ୍ଷଣ ମଧ୍ୟରେ ସେ ଫୁଲ ନିକଟରେ ପହଞ୍ଚି ତା' ଭିତରେ ସମାହିତ ହୋଇଗଲା। ତତକ୍ଷଣାତ୍ ଫୁଲର ପାଖୁଡା ସବୁଦିଗରୁ ବନ୍ଦ ହୋଇ ପାଣିରେ ବୁଡିଗଲା।

ଏ ଭଳି ଏକ କାଳ୍ପନିକ କାହାଣୀ ଦ୍ୱାରା କମଳ ଫୁଲର ଉତ୍ପତ୍ତି ହୋଇଛି। କିନ୍ତୁ ଏହା ବାସ୍ତବତା ନୁହେଁ। କମଳ ଫୁଲ ଧରିତ୍ରୀର ଅନୁପମ ଅବଦାନ। ଯାହା ଓଡିଶା,କର୍ଣ୍ଣାଟକ, ଜାମ୍ମୁ-କାଶ୍ମୀର, ହରିଆଣାର ରାଷ୍ଟ୍ରୀୟ ଫୁଲ ରୂପେ ମାନ୍ୟତା ପାଇଛି।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଏମିତି ଏକ ଯାତ୍ରା......



କୃଷ୍ଣା ମିଶ୍ର

ସହରର ପ୍ରବୃତ୍ତ ସନ୍ଧ୍ୟା,
ଅନେକ କିଛି କୁ ପଛରେ ପକେଇ ଦଉଡୁଥିଲେ କାର୍, ବସ୍, ବାଇକ୍.....
ବୋଧହୁଏ ଗୋଟିଏ,
ଅନ୍ୟ ଟିକୁ ଅତିକ୍ରମ କରି,
ପ୍ରଥମ ପୁରସ୍କାର ପ୍ରାପ୍ତ କରିବ!!!
ପଛରେ ପଡୁଥିଲେ ଅଗଣିତ ସାଇକେଲ,
ଆଉ ପଥଚଲା ସାଧାରଣ.........

କିଛି ସମୟ ର ବର୍ଷା....
ପୁଣି ଏକ ଷ୍ଟେସନ!
କାନଫଟା କୋଳାହଳ....
ଜଣେ ଜଣଙ୍କୁ ଏମିତି ଭେଟୁଥିଲେ,
ଯେମିତି ଯୁଗ ଯୁଗାନ୍ତରୁ ପରିଚିତ!
ଠିକଣା, ମୋବାଇଲ ନମ୍ବର ର ଆଦାନ ପ୍ରଦାନ.....

ISSN NO.
2582-208X

ରାତ୍ରି ର କିଟ୍ କିଟ୍ ଅନ୍ଧକାର ଚିରି ଚାଲିଥିଲା,
ନିଶାକ୍ତ  ଧମାଲ ଆଉ ତାସ୍ ଖେଳରେ ଅଶାଳୀନ ବାର୍ତ୍ତାଳାପ....

ଅଳସ ଭାଙ୍ଗି ଉଠି ବସିଥିବା ଶୈଶବ,
ଛନ ଛନ ଗଜୁରୁଥିବା ହସିତ ଅଭିପ୍ସା,
ସପ୍ତରଙ୍ଗ ଭରା ମନ,
ସବୁ, ଚା'ର ଧୂଆଁ ରେ ଉଭେଇ ଯାଉଥିଲା।

ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ମାତ୍ରେ, ସଭିଏଁ ତର ତର!!!
ନିଜ ନିଜ ବୋକଚାପତ୍ର  ଧରି ଧାଉଁଥିଲେ..
ନା ଥିଲା ଅଭିବାଦନ, ନା ଦୁଆ ସଲାମ୍!
କାଲୁଆ ନିଃଶ୍ୱାସ, ଘନ କୁହୁଡି ଆଉ ଉଷ୍ଣତା ହୀନ ସୂର୍ଯ୍ୟ ହିଁ କେବଳ
ମୋ ଘର ଯାଏଁ, ମୋ ସାଥୀ ରେ ଥିଲା............

ଅଧ୍ୟାପିକା, ଓ ପି ଜିନ୍ଦଲ ବିଦ୍ୟାଳୟ,
ରାୟଗଡ଼, ଛତିଶଗଡ
ମୋ ନ- ୯୩୦୧୦୧୨୩୩୩

ISSN NO.
2582-208X

# ପଦ୍ମା ନଦୀର ମାଝି



ନୀଳମଣି ଗୁନ୍ଦ

ମାଛି ଅନ୍ଧାରରୁ ମୁହଁସଞ୍ଜ ଯାଏ
ତା'ର ସାଥୀ କାତ ଓ ଆହୁଲା
କେବେ ଚକ୍ ଚକ୍ ପାଣିକୁ ତ
କେବେ ନୂଆବୋହୂର ଆଖିରେ
ଚାହେଁ ଭାସମାନ ମେଘକୁ
ଥାଏ ଘର୍ମ ନ ଥାଏ କ୍ଳାନ୍ତି
ଥାଏ ଶାନ୍ତି ନ ଥାଏ ଭୀତି
ଭେଟୁଥାଏ ଖରା କେବେ ଛାଇ
ଏସବୁ ଦେହଘଷା  ତା' ପାଇଁ।

କିଏ ନଦୀର ନାଆଁ ପଦ୍ମା ଦେଲା
କିଏ ତା'ର ଇଲିଶିକୁ ପରିଚିତ କଲା
କେତେ ଘାଟ,ମଠ
କେତେ ପୀଠ, ତୁଠ
ନଖଦର୍ପଣ ପରି ସବୁ ତ ତା ମୁହଁରେ
ଅନର୍ଗଳ ଗପେ ରବି ଠାକୁରଙ୍କ
ଡଙ୍ଗାଘରର କଥା

ISSN NO.
2582-208X

ଯାହା ସବୁ  ପଛରେ ଛାଡ଼ି ଆସିଥିବା
ଦିନ ପରି  ଖୁବ୍ ସୁନ୍ଦର।

କଥା ଦେଉଛି
କେବେ ବାଂଲାଦେଶ ଗଲେ
ଭେଟି ମନଭରି କଥା ହେବି
କହ ତୁ ରାଜି ନା ଅରାଜି
ହେ, ପଦ୍ମା ନଦୀର ମାଝି।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ହେପାଜତକାରୀ



ଡ. ଜ୍ଞାନେଶ୍ୱର ମିଶ୍ର

ହଇ ହୋ! ଶୁଣିପାରୁଛତ
ଯାହା ହେପାଜତରେ ମୋତେ ଛାଡି ଦେଇଗଲ
ଶୁଣି ଖୁସି ହେବ ଯେ ଦୁଃଖ ଲାଗୁନି ରହି ତା ସହିତ
ତୁମକୁ ତ କାଳୀଘାଟ ନେଇଥିଲା
ଚାରିଜଣଙ୍କ ସହ କୋକେଇ କାନ୍ଧରେ
ମୋତେ ଏବେ ଘୁରାଉଛି ଏଣେ ତେଣେ
ତା ଚାରି ଚକିଆ ଯାନରେ
ଲାଗୁଛି ସତେ ଯେପରି ଶ୍ରବଣ କୁମାର
ଏ ସହରରେ ଅନ୍ଧ ବାପାକୁ ବୋହୁଛି ଅତି ଯତନରେ
ପିତୃ ସତ୍ୟ ପାଳି ରାମ ଚଉଦ ବର୍ଷ ବିତାଇଲେ ବନବାସରେ
ମୋତେ ପୋଷିବା ପାଇଁ ଏ ବିଦେଶରେ
ଚଉଦ ଘଣ୍ଟା ବିତାଉଛି ଆଧୁନିକ ଯନ୍ତ୍ର
କମ୍ପ୍ୟୁଟର ସାମନାରେ
ଗାଁ ଲୋକ ଅଫିସର ମ୍ୟାନେଜର ଅବା ଡାଇରେକ୍ଟର
ସମସ୍ତେ ଖୁସି ତା କାର୍ଯ୍ୟ କଳାପରେ
ପୁରୁଣା ଯୁଗରେ ଆରୁଣି ଗୁରୁ ଆଜ୍ଞା ମାନି
ପାଣି ଅଟକାଇବା ପାଇଁ ଶୋଇ ପଡିଥିଲା

ISSN NO.
2582-208X

କ୍ଷେତର ହିଡରେ
ମୋ ଦେହ ଖରାପ ହେଲେ ରାତିସାରା ଉଜାଗର
ଅବା ଶୋଇପଡେ ଡାକ୍ତର ଖାନା ବାରଣ୍ଡାରେ
ମୁଁ ତାକୁ ଶିଖାଇଥିଲି ଗଦା ଗଦା ବହିର ଅକ୍ଷର
ତୁମେ ତାକୁ ବନାଇଥିଲ ଆଧୁନିକ ରାମଚନ୍ଦ୍ର
ଆରୁଣି ଓ ଶ୍ରବଣ କୁମାର
ତୁମେ ତାକୁ ଶିଖାଇଲ ଶୁଦ୍ଧ ଆଚରଣ
ବ୍ୟବହାର ଓ ସଂସ୍କାର
ତା ହେପାଜତରେ ମୋତେ ଛାଡି କରିଅଛ ଭଲ
ତୁମ ବିଚାର ସବୁକାଳେ ଥିଲା ତ ନିର୍ଭୁଲ
ଯଦିଓ ତୁମ ବିନା ସଂମ୍ପୂର୍ଣ୍ଣ ଆନନ୍ଦ ନାହିଁ ମୋ ମନରେ
ଶୁଣି ପାରୁଥିଲେ ଶୁଣି ଖୁସିହେବ ମୁଁ ନାହିଁ ଦୁଃଖରେ ॥

ବେଙ୍ଗାଲୁରୁ, ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ସାରଳାଙ୍କ ଚଣ୍ଡୀ ପୁରାଣରେ ତତ୍କାଳୀନ ସମାଜ ଜୀବନର ଚିତ୍ର



ଡକ୍ଟର ଲିଙ୍ଗରାଜ ମେହେର

କବି ବା ସାହିତ୍ୟିକମାନେ ହେଉଛନ୍ତି ସମାଜର ଜଣେ ଜଣେ ଜାଗ୍ରତ ପ୍ରହରୀ । ଜଣେ ସଚେତନ ସାହିତ୍ୟ ସ୍ରଷ୍ଟା ଭାବରେ ସେମାନେ ସମାଜକୁ ଦେଖନ୍ତି ଓ ସମାଜର ରୀତି, ନୀତି, ଆଚାର-ବିଚାର ଆଦି ସଂପର୍କରେ ସେମାନେ ସମାଜକୁ ନିଜର କୃତି ମାଧ୍ୟମରେ ଦେଖାଇ ସାମାଜିକ ସଚେତନତା ସୃଷ୍ଟି କରନ୍ତି । ଏଣୁ ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ । ସ୍ରଷ୍ଟାଙ୍କର କଳ୍ପନା ଜଗତରେ ନିଜର ଜ୍ଞାତ ବା ଅଜ୍ଞାତସାରରେ ପ୍ରବେଶ କରିଥାଏ ସାମାଜିକ ଚେତନା । ସେହିପରି ଓଡ଼ିଶା ମାଟିର ମହାକବି ତଥା ଆଦିକବି ସାରଳା ଦାସ ଥିଲେ ଜଣେ ସତ୍ୟଦ୍ରଷ୍ଟା କବି । ସମାଜକୁ ଅବକ୍ଷୟ ଓ ଅଧଃପତନ ବିମୁକ୍ତ କରିବା ଦିଗରେ ତାଙ୍କର ସାହିତ୍ୟ କୃତି ମାଧ୍ୟମରେ ଚେଷ୍ଟା କରିଥିଲେ । ତାଙ୍କ ସମୟରେ ସମାଜ ଜୀବନରେ ସଙ୍କଟ ଓ ସମ୍ଭାବନା ସବୁକୁ ସେ ସାହିତ୍ୟରେ ରୂପ ଦେଇପାରିଥିଲେ । ଏହି ଦୃଷ୍ଟିରୁ ତାଙ୍କ କୃତ ଚଣ୍ଡୀପୁରାଣ ହେଉଛି ଏକ ସଫଳ ସୃଷ୍ଟି ।

ଦୀର୍ଘକାଳର ରାଜନୈତିକ ଅସ୍ଥିରତା ପରେ ପଞ୍ଚଦଶ ଶତକରେ ଓଡ଼ିଶାର ସାମାଜିକ ଜୀବନ ଏକପ୍ରକାର ସ୍ଥିରତା ଲାଭ କରିପାରିଥିଲା । ସାରଳାଙ୍କ ସମକାଳରେ ମୁସଲମାନମାନଙ୍କର ପ୍ରବଳ ପ୍ରାଦୁର୍ଭାବ ଦେଖାଦେଇଥିଲା । ହିନ୍ଦୁମାନଙ୍କ ଭିତରେ ଅନେକ ଅନ୍ତର୍ବିବାଦ ଲାଗି ରହିଥିଲା । ହିନ୍ଦୁମାନଙ୍କ ପ୍ରତି ଅସହିଷ୍ଣୁ ହୋଇ ମୁସଲମାନମାନେ ଅତିମାତ୍ରାରେ ହୋଇପଡିଥିଲେ ଅତ୍ୟାଚାରପ୍ରବଣ । ସେମାନଙ୍କ ସୈନ୍ୟବାହିନୀ ହିନ୍ଦୁ ନାରୀମାନଙ୍କୁ ଉପଭୋଗ କରିବାରେ ତିଳେମାତ୍ର ପଶ୍ଚାତପଦ ହେଉ ନ ଥିଲେ । ହିନ୍ଦୁମାନଙ୍କ ମଧ୍ୟରେ ମଧ୍ୟ ଏକତା ପ୍ରତିଷ୍ଠିତ ନଥିଲା । ସମାଜରେ ରକ୍ଷଣଶୀଳ ବ୍ରାହ୍ମଣ

ISSN NO.
2582-208X

ବର୍ଗଙ୍କ ଔଦ୍ଧତ୍ୟ ଥିଲା ଚରମ । ଶୁଦ୍ର ଆଦି ଜାତିର ଲୋକମାନେ ଶାସ୍ତ୍ର ଚର୍ଚ୍ଚା ଆଦି କରିବା କ୍ଷେତ୍ରରେ ଅଧିକାର ପ୍ରାପ୍ତ ହେଉନଥିଲେ । ଜାତି, ଧର୍ମ, ସଂପ୍ରଦାୟ ମଧ୍ୟରେ ଘୋର ବିଭେଦ ଲାଗିରହିଥିଲା । ସ୍ପୃଶ୍ୟ-ଅସ୍ପୃଶ୍ୟର ଭେଦାଭେଦ ସମାଜ ଜୀବନରେ ଅତି ତୀବ୍ର ଆକାର ଧାରଣ କରିଥିଲା । ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଦେବୀଭକ୍ତ ସାରଳା ଦାସ ଆରମ୍ଭ କରିଥିଲେ ତାଙ୍କର ଚଣ୍ଡୀପୁରାଣ କାବ୍ୟ । ତେଣୁ ଏହି ଚଣ୍ଡୀପୁରାଣରେ ସେହିସମୟର ସୁତୀବ୍ର ଆବେଦନ ପରିଲକ୍ଷିତ ହୋଇଥାଏ ।

ସାରଳାଙ୍କ ସମକାଳରେ ସମାଜରେ ଅସ୍ପୃଶ୍ୟତା ଥିଲା ଏକ ସାମାଜିକ ବିଧିବନ୍ଧନ । ସାରଳା ଦାସ ଏହା ବିରୋଧରେ ଲେଖନୀ ଚାଳନା କରିଥିଲେ । ଚଣ୍ଡୀପୁରାଣରେ କବି ସାରଳା ଦାସ ବିଶେଷ କରି କେତେକ ପ୍ରସଙ୍ଗରେ ପ୍ରଦାନ କଲେ ଏଇ ସ୍ପୃଶ୍ୟ-ଅସ୍ପୃଶ୍ୟ ଭେଦଭାବକୁ ଦୂର କରିବାର ଯଥାର୍ଥ ଚିତ୍ର । କବି ଚଣ୍ଡୀପୁରାଣରେ ଅରୁନ୍ଧତୀ ବିବାହ ପ୍ରସଙ୍ଗର ଅବତାରଣା କରିଛନ୍ତି । ମାର୍କଣ୍ଡେୟ ପୁରାଣ ଅନୁଯାୟୀ ମେଧାତିଥି ଋଷିଙ୍କ କନ୍ୟା ଅରୁନ୍ଧତୀ ଯଜ୍ଞନଳରୁ ଜାତହୋଇ ବଶିଷ୍ଠଙ୍କୁ ପତି ରୂପେ ପ୍ରାପ୍ତ ହେବାକୁ ଯତ୍ନ କରିଥିଲେ । ବଶିଷ୍ଠ ଋଷି ମଧ୍ୟ ଅରୁନ୍ଧତୀଙ୍କୁ ପାଇବା ପାଇଁ ତପସ୍ୟା କରିଥିଲେ । ଉଭୟଙ୍କର ବିବାହ ହୋଇଥିଲା ସମ୍ପନ୍ନ । ମାତ୍ର ସାରଳା ଦାସ ଚଣ୍ଡୀପୁରାଣରେ ଅମ୍ବିକା ଚଣ୍ଡାଳର କନ୍ୟା ଭାବରେ ଅରୁନ୍ଧତୀଙ୍କୁ ଉପସ୍ଥାପିତ କରିଛନ୍ତି । ଅମ୍ବିକା ଚଣ୍ଡାଳ ଥିଲା ଅନେକ ସମ୍ପଦର ଅଧିକାରୀ । ନଘୋଷ ରାଜାଙ୍କ ରାଜ୍ୟରେ ଭୟଙ୍କର ଦୁର୍ଭିକ୍ଷରୁ ଯେତେବେଳେ ଲୋକମାନେ ଖାଦ୍ୟ ବିନା ଆର୍ତ୍ତ ହାହାକାର କରୁଥିଲେ, ସେତେବେଳେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ନାରଦ ଅମ୍ବିକା ଚାଣ୍ଡାଳ ଘରେ ଧାନଥିବାର ସନ୍ଧାନ କଲେ । ଅମ୍ବିକା ଚଣ୍ଡାଳର ସର୍ତ୍ତ ଥିଲା, ଯିଏ ତାର କନ୍ୟାକୁ ବିବାହ କରିବ, ତାକୁ ସେ ସମସ୍ତ ସମ୍ପଦ ଓ ଧାନ୍ୟ ଯୌତୁକ ଭାବରେ ଦେବ । ନଘୋଷ ରାଜାଙ୍କୁ ଅମ୍ବିକା ଚାଣ୍ଡାଳ ସ୍ପଷ୍ଟ ଭାବରେ ଏହିକଥା ଜଣାଇ ଦେଇଥିଲା । ଜଗତର ମଙ୍ଗଳ ପାଇଁ ଶେଷରେ ଅମ୍ବିକାର କନ୍ୟା ଅରୁନ୍ଧତୀଙ୍କୁ ବିବାହ କରିବାରୁ ଧାନ୍ୟପ୍ରାପ୍ତ ହେଲେ ଓ ଦୁର୍ଭିକ୍ଷ ପୀଡିତ ରାଜ୍ୟବାସୀ ଜୀବନ ପାଇଲେ ।

ଆଲୋଚ୍ୟ ଉପାଖ୍ୟାନଟିରେ ସାରଳା ଦାସ ଏକ ଚମତ୍କାର ପ୍ରସଙ୍ଗର ଅବତାରଣା କରିଛନ୍ତି। ଏ କ୍ଷେତ୍ରରେ ବଶିଷ୍ଠ ବ୍ରହ୍ମଜ୍ଞ ହେଲେ ମଧ୍ୟ ଚାଣ୍ଡାଳ କନ୍ୟା ଅରୁନ୍ଧତୀକୁ ବିବାହ କରିଛନ୍ତି । ଏଠାରେ ମୂଳକଥା ହେଉଛି ବୃହତ୍ତର ସ୍ୱାର୍ଥ । ରାଜ୍ୟବାସୀଙ୍କ ମୁଖରେ ଆହାର ଦେବା ଏକ ସଙ୍କଟ । ତେଣୁ ରାଜ୍ୟର ସଙ୍କଟ କାଳରେ ଜାତିଭେଦ ବଡନୁହେଁ, ବରଂ ଏହାକୁ ଭୁଲିଯାଇ

ISSN NO.
2582-208X

ସମୂହ ସ୍ୱାର୍ଥ ରକ୍ଷା ହେଉଛି ବଡ । ବଶିଷ୍ଠ ତେଣୁ ଏଠାରେ ଏକ ମହାନ ଆଦର୍ଶ ରୂପେ ଦେଖାଦେଲେ । ତତ୍କାଳୀନ ସମାଜରେ ଜାତିଭେଦ ପ୍ରଥା ଚରମ ସୀମାରେ ଥିବା ସତ୍ତ୍ୱେ କବି ସାରଳା ଦାସ ଚଣ୍ଡାଳ କନ୍ୟା ଅରୁନ୍ଧତୀକୁ ନେଇ ବଶିଷ୍ଠଙ୍କୁ ବିବାହ କରାଇବା ଘଟଣା ସମାଜରେ ନିଶ୍ଚିତ ଏକ ବଳିଷ୍ଠ ପଦକ୍ଷେପ । ବ୍ରାହ୍ମଣ ବଂଶ ରକ୍ଷାପାଇଁ ଚଣ୍ଡାଳ କନ୍ୟାକୁ ଗ୍ରହଣ କରିପାରିବ ଏହାଥିଲା ତାଙ୍କ ତତ୍ତ୍ୱ କଥା । କ୍ଷୁଧାର୍ତ୍ତକୁ ଅନ୍ନଦାନ, ବାସ୍ତରୀ ମାଣ ସୁବର୍ଣ୍ଣ ଦାନ ସହିତ ସମାନ ବୋଲି କବି କହିଛନ୍ତି । ଏପରି ଅବସ୍ଥାରେ ବ୍ରାହ୍ମଣର ଚଣ୍ଡାଳ କନ୍ୟାକୁ ବିବାହ ହେଉଛି ଏକ ଆଚାର । କେତେକ ପରମ୍ପରାକୁ ଏଡାଇ ଦେଇ ଏହାକୁ ଆଚାରରେ ପରିଣତ କରିବା ପରି ଅସହଜ କାର୍ଯ୍ୟ ବୋଧହୁଏ ଅନ୍ୟତ୍ର ଦେଖାଯାଏ ନାହିଁ ।

ସେହିସମୟର ସମାଜ ଜୀବନରେ ମୁସଲମାନମାନଙ୍କର ଅତ୍ୟାଚାର ଓ ପ୍ରଭାବ ଥିଲା ଅତି ଉତ୍କଟ । ସେମାନେ ହିନ୍ଦୁ ରମଣୀମାନଙ୍କୁ ଲୋଲୁପ ଦୃଷ୍ଟିରେ ଦେଖୁଥିଲେ ଓ ସେମାନଙ୍କୁ ଗଣ ଧର୍ଷଣ ମଧ୍ୟ କରୁଥିଲେ । ସେହି ମୁସଲମାନୀ ଶାସକମାନଙ୍କର ଅତ୍ୟାଚାର ଓ ଶାସନ ଶୋଷଣର ଚିତ୍ରକୁ ଚଣ୍ଡୀପୁରାଣରେ କବି ଅତି ଚମତ୍କାର ଭାବରେ ଉପସ୍ଥାପନା କରିଛନ୍ତି । ଚଣ୍ଡୀପୁରାଣରେ କବି ମୁସଲମାନ ପ୍ରଶାସକମାନଙ୍କର ଜୀବନ୍ତ ପ୍ରତିରୂପ ଭାବରେ ଗଠନ କରିଛନ୍ତି ମହିଷାସୁର ଚରିତ୍ରକୁ । ମହିଷାସୁର ହେଉଛି ଅତିମାତ୍ରାରେ ପରାକ୍ରମୀ, ଶକ୍ତିଶାଳୀ ଏବଂ ଅତ୍ୟାଚାରୀ । ନାରୀମାନଙ୍କ ପ୍ରତି ତାର ରହିଛି ଲୋଲୁପ ଦୃଷ୍ଟି, ତାର ସୈନ୍ୟବାହିନୀ ଏବଂ ତାର ପ୍ରମୁଖ ରାକ୍ଷସ ଯଥା ଚଣ୍ଡ-ମୁଣ୍ଡ, ଶୁମ୍ଭ-ନିଶୁମ୍ଭ, ରକ୍ତବୀର୍ଯ୍ୟ, ବିଡାଳାକ୍ଷ, ଚାମର-ବେମାଳ ପ୍ରଭୃତିଙ୍କଠାରେ ମଧ୍ୟ ଦେଖାଦେଇଛି ଅନୁରୂପ ଭାବରେ କାମପ୍ରବଣତା । ସେମାନେ ପ୍ରତି ମୁହୂର୍ତ୍ତରେ ନାରୀ ଉପଭୋଗର ଅଭିଳାଷ ପୋଷଣ କରିଛନ୍ତି । ଦେବୀ ଦୁର୍ଗାଙ୍କୁ ନିଜର ପତ୍ନୀ ଭାବରେ ରଖିବାକୁ ଚଣ୍ଡମୁଣ୍ଡ ଆଦିଙ୍କ ମଧ୍ୟରେ ଦେଖା ହୋଇଥିଲା ପ୍ରବଳ ପ୍ରତିଯୋଗିତା ।

ମୁସଲମାନ ଶାସକମାନେ ସମାଜକୁ ସୁରକ୍ଷା ଦେବା ପରିବର୍ତ୍ତେ ବରଂ ସମାଜର ଅରକ୍ଷମାନଙ୍କର ବିନାଶ ଘଟାଉଥିଲେ । ସୁରକ୍ଷା ଥିଲା କେବଳ ଏକ ପ୍ରହସନ । ସୁରକ୍ଷା ନାଆଁରେ ନାରୀମାନଙ୍କୁ ଶାସକ ଓ ତାଙ୍କର ଅନୁଗତମାନେ ଉପଭୋଗ କରୁଥିଲେ । ଦୁର୍ଗାଙ୍କ ପ୍ରତି ଆକୃଷ୍ଟ ଚଣ୍ଡମୁଣ୍ଡଙ୍କ ମାଧ୍ୟମରେ କବି ତତ୍କାଳୀନ ଶାସନ ଶୋଷଣର ଚିତ୍ର ଦେଇଛନ୍ତି । ଦୁର୍ଗାଙ୍କୁ ବଳାତ୍କାର କରିବା ପାଇଁ ଆଗ୍ରହୀ ଚଣ୍ଡମୁଣ୍ଡଙ୍କୁ ଦୁର୍ଗା ଜଣାଇଛନ୍ତି-

ISSN NO.
2582-208X

"ଦୁର୍ଗା ବୋଇଲେ ମୁଁ ସ୍ତିରୀ ରତ୍ନ ଧର୍ମିଣି, ତୁମ୍ଭେ ବୀରବର କ୍ଷତ୍ରିୟ ଚୂଡ଼ାମଣି ।
ପ୍ରମୋଦ୍ର ଯେବେ ଲଘିଂବାକୁ ମହୀ, କାହାର ଆଗରେ ଆଉ କହିବାକୁ ଯାଇ ।
ରାଜା ହୋଇ ଯେବେ କରିବା ଅବିଧି, ପରଜା ମାତ୍ରକ ତହିଁ କିସ କରିବ ବିଧି ।
ପୁରୁଷମାନେ ଯେବେ ଲଘିଂବେ ସ୍ତିରୀକି, ଏତେ କଥାକୁ ହୋ ଧର୍ମ ହିଁ ସାକ୍ଷୀ ।"

ଦୁର୍ଗାଙ୍କୁ ଜଣେ ହିନ୍ଦୁ ନାରୀ ରୂପେ କବି ଏ କ୍ଷେତ୍ରରେ ଉପସ୍ଥାପନ କରିଛନ୍ତି । ତାଙ୍କର ଏ ବଚନ ଭିତରେ ପ୍ରକାଶ ପାଇଛି ହିନ୍ଦୁ ନାରୀର ଏକପତି ବ୍ରତ ଓ ଧର୍ମାଚାର । ସେହିପରି ରାକ୍ଷସମାନଙ୍କର ଧର୍ମାଧର୍ମ ଶୂନ୍ୟତାର କଥା କବି ଏଠାରେ ପ୍ରକାଶ କରିଛନ୍ତି । ରାକ୍ଷସମାନେ ଧର୍ମାଧର୍ମ ଜାଣନ୍ତି ନାହିଁ ଓ ଋଷି, ବିପ୍ର ତଥା ତପୋଧନଙ୍କୁ ସେମାନେ ଆହାର କରନ୍ତି । ଦୁର୍ଗାଙ୍କ ଉକ୍ତିରେ ଚଣ୍ଡମୁଣ୍ଡ ଯଥାର୍ଥରେ ପ୍ରତ୍ୟୁତ୍ତର ଦେଇ କହିଛନ୍ତି-

"କୋପେଣ ଦାନବ ହେ ଅଧର କଲାପୁଷ୍ଟ, ଆମ୍ଭେ କେହ୍ନେ ଜାଣିନା ତୋହର ଧର୍ମବାଟ ।
ଋଷି ମାନୁଷୀ ତପୋଧନ କରୁ ଭକ୍ଷ, ମରିରା ପାନକରି ଆମ୍ଭେ ଧର୍ମକରୁ ବାଛ ।"

ନାରୀ ଅପହରଣ ଥିଲା ସେହି ସମୟର ସମାଜରେ ଶାସକବର୍ଗର ଅଧିକାରଭୁକ୍ତ । ତେଣୁ କବି ଏସବୁ ଚିତ୍ର ଚଣ୍ଡୀପୁରାଣରେ ପ୍ରଦାନ କରିଅଛନ୍ତି । ସେ ସମୟରେ ମୁସଲମାନ ରାଜ କର୍ମଚାରୀମାନେ ସାରା ଦେଶରେ ବୁଲିବୁଲି ନବାବଙ୍କ ପାଇଁ ସୁନ୍ଦରୀ ନାରୀମାନଙ୍କୁ ସନ୍ଧାନ କରୁଥିଲେ ଓ ସ୍ଥଳବିଶେଷରେ ନିଜେ ମଧ୍ୟ ସୁନ୍ଦରୀ ରମଣୀମାନଙ୍କୁ ପତ୍ନୀ ରୂପେ ରଖିବାକୁ ଚେଷ୍ଟା କରୁଥିଲେ । ସାରଳା ଦାସ ଏହାର ପ୍ରତିରୂପ ଭାବରେ ମହିଷାସୁର ଓ ତାର ସହଯୋଗୀ ରାକ୍ଷସମାନଙ୍କୁ ଗ୍ରହଣ କରିଛନ୍ତି । ମହିଷାସୁରର ଦୁଇ ସେନାପତି ଚଣ୍ଡମୁଣ୍ଡ ରୂପବତୀ ଚଣ୍ଡୀଙ୍କ ରୂପରେ ବିମୁଗ୍ଧ ହୋଇ ଦୁହେଁ ତାଙ୍କୁ ପତ୍ନୀ ରୂପେ ପାଇବାକୁ ଆଗ୍ରହ ପୋଷଣ କରିଥିଲେ । ତେଣୁ ଦୁର୍ଗାଙ୍କୁ ଦୁହେଁ କହିଥିଲେ-

"କେମଣ ବିମୁଖେ ତୁ ଗୃହବାସ କଲୁ ତେଜ୍ୟା, ଅଛିକି ସନମତ ହୋଇବୁ ଆମ୍ଭର ଭାରିଯା ।
ଅନେକ ଧନରତ୍ନ ଅଳଙ୍କାର ଦେବୁ, ପ୍ରାଣୁ ଅଧିକା କରି ପ୍ରତିପାଳିବୁ ।
ସ୍ୱାମୀପଣ ଛାଡି ତୋର ହୋଇବୁ ଭୃତ୍ୟ, ବିନୟ ଭାବକରି ତୋତେ ରଖିବୁ ଶିରାଗତ ।"

ISSN NO.
2582-208X

ମାତ୍ର ଦେବୀ ଦୁର୍ଗା ପ୍ରବଳ ପରାକ୍ରମୀ ମହିଷାସୁରର ପତ୍ନୀ ହେବାର ଇଚ୍ଛା କରିଥିବାର କଥା ପ୍ରକାଶ କରିବାପରେ ତାଙ୍କର ଅଧସ୍ତନ କର୍ମଚାରୀ ହୋଇଥିବାରୁ ଦୁହେଁ ଭୟ ପାଇଛନ୍ତି । ଏହାପରେ ଦୁହେଁ ଦେବୀ ଦୁର୍ଗାଙ୍କ ପାଖରେ କ୍ଷମାଭିକ୍ଷା କଲେ ।

କବି ସାରଳା ଦାସ ଏହି ପୁରାଣରେ  ପ୍ରବଳ ପ୍ରତାପୀ ମହିଷାସୁରର ଶାସନ ଶୋଷଣର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି, ତାହା ତତ୍କାଳୀନ ମୁସଲମାନ ଶାସକମାନଙ୍କର ହିନ୍ଦୁ ବିଦ୍ୱେଷୀ ନୀତିର ସାର୍ଥକ ଦୃଷ୍ଟାନ୍ତ । ମୁସଲମାନମାନେ ଥିଲେ ଧର୍ମ ଦୃଷ୍ଟିରୁ ଅନୁଦାର । ସେମାନେ ହିନ୍ଦୁମାନଙ୍କୁ ଧର୍ମାନ୍ତର ଗ୍ରହଣ କରାଉଥିଲେ । ଏଥିପାଇଁ ସେମାନେ ହିନ୍ଦୁ ଦେବଦେବୀ ଓ ମନ୍ଦିର ଆଦିକୁ ଅତି ନିର୍ମମ ଭାବରେ ଧ୍ୱଂସ ମଧ୍ୟ କରୁଥିଲେ । ମହିଷାସୁରର ଦିଗବିଜୟରେ ଯେଉଁ ଚିତ୍ର କବି ପ୍ରଦାନ କରିଛନ୍ତି, ତନ୍ମଧ୍ୟରେ ପ୍ରତିଫଳିତ ହୋଇଛି ତତ୍କାଳୀନ ବିଦ୍ୱେଷୀ ନବାବମାନଙ୍କ ଆକ୍ରମଣର ଚିତ୍ର ।

ଏହି ଭୟଙ୍କର ଅଭିଯାନରେ ସାଧାରଣ ନାଗରିକମାନଙ୍କର ଜୀବନ ଅତିମାତ୍ରାରେ ହୋଇଛି ବିପର୍ଯ୍ୟସ୍ତ । ସେମାନେ ହୋଇଉଠିଛନ୍ତି ଅତିମାତ୍ରାରେ ଭୟବିଜଡିତ । ଏଥିରେ ନିରୀହ ଓ ଶକ୍ତି ସାମର୍ଥ ଶୂନ୍ୟ ହିନ୍ଦୁମାନେ କୌଣସି ପ୍ରତିକାର କରିପାରି ନାହାନ୍ତି । କବି ଏହାର ଏକ ସାର୍ଥକ ଚିତ୍ର କାଳ-ବିମୋଚନର ଯୁଦ୍ଧ ବର୍ଣ୍ଣନା ମାଧ୍ୟମରେ ପ୍ରକାଶ କରି ଲେଖିଛନ୍ତି-

"ମୁହଂ ବକ୍ର କାହାର ଅଧଖଣ୍ଡ କାଏ, କାହାର ହସ୍ତ କମ୍ପଇ କାହାର ଭଗ୍ନ ବେନିଯାଏ ।
ପେଟ ଗୋଡ଼ କାହାର ପିଠି ହୋଇଲା କୁଜା, କେହୁ ଅଷ୍ଟବକ୍ର ହୋଇଲେ ଅପୂଜା ।"

କବି ଚଣ୍ଡୀପୁରାଣରେ ତତ୍କାଳୀନ ସମାଜର ଶାସନ, ଶୋଷଣ, ଅତ୍ୟାଚାର ଓ ଅନାଚାର ଆଦିର ଚିତ୍ର ଯେଉଁଭଳି ଭାବରେ ପ୍ରଦାନ କରିଛନ୍ତି, ସେହିପରି ଭାବରେ ସମାଜର ନିମ୍ନବର୍ଗର ଚିତ୍ର ମଧ୍ୟ ଏଠାରେ କବି ପ୍ରଦାନ କରିଛନ୍ତି । ସମାଜର ଉତ୍କଟ ଜାତିପ୍ରଥା କ୍ରମରେ ଚଣ୍ଡାଳମାନେ ନିମ୍ନବର୍ଗର ଓ ଅତି ଅବହେଳିତ ଥିଲେ । ସେହିପରି ଭାବରେ ସମାଜରେ ନାରୀମାନେ ମଧ୍ୟ ଥିଲେ ଘୋର ଅବହେଳାର ପାତ୍ରୀ । କବି ନାରୀମାନଙ୍କର ସ୍ଥିତିକୁ ଆଲୋଚ୍ୟ ପୁରାଣରେ ଅନେକ ସ୍ଥଳରେ ପ୍ରକାଶ କରିଛନ୍ତି । ଦେବୀ ଚରିତ୍ର ରୂପେ ନାରୀମାନେ ଥିଲେ ସବୁରି ସମ୍ମାନର ପାତ୍ରୀ । ମାତ୍ର ସାଧାରଣ ନାରୀମାନଙ୍କୁ ପାମରୀ, ଦୁରାଂତରୀ, ମୋଢ଼ୀ, ନାଗରୀ ଆଦି ଭାବରେ ସମାଜ  ନିମ୍ନ ଚକ୍ଷୁରେ ଦେଖୁଥିଲା । କିନ୍ତୁ କବି ସାରଳା ଦାସ ଏହି ଚରିତ୍ରମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ନାରୀ ଅବହେଳିତା

ISSN NO.
2582-208X

ନୁହେଁ ଏହା ସେ ଦେଖାଇଛନ୍ତି । ନାରୀଜାତିକୁ ଘୃଣା ଚକ୍ଷୁରେ ଦେଖୁଥିବା ଲୋକମାନଙ୍କୁ ସତର୍କ କରାଇ କବି କହିଛନ୍ତି-

"ନାରାୟଣ ବୋଇଲେ ଶୁଣ ହେ ଦେବ ଅରି,
ଆମ୍ଭେରେ ସ୍ତିରୀ ଉତ୍ତମି ନୋହୁରେ ପାମେରୀ ।"

କବି ସାରଳା ଦାସ ସମାଜ ଜୀବନରେ ନୀତି ଓ ଆଦର୍ଶବାଦର ଚିତ୍ରରୂପ ପ୍ରଦାନ କରିଛନ୍ତି । ସେ ଦର୍ଶାଇଛନ୍ତି ଜୀବନବୋଧ ଓ ନୀତିବୋଧର କଥା । ସମାଜ ଜୀବନରେ ଅନ୍ୟାୟ, ଅତ୍ୟାଚାର ଓ ଅନାଚାର ଇତ୍ୟାଦି ଚାଲୁ ରହିଥିଲେ ମଧ୍ୟ ସତ୍ୟ, ନ୍ୟାୟ, ଧର୍ମ, ତ୍ୟାଗ, ତିତିକ୍ଷା, ଦୟା, କ୍ଷମା ପ୍ରଭୃତି ମହନୀୟ ଗୁଣ ରହିଥିଲା । ସମାଜର କିଛି ଲୋକ ସତ୍‌ମାର୍ଗରେ ପରିଚାଳିତ ହେଉଥିଲେ । ତେଣୁ କବି ଏମାନଙ୍କର ନୀତି ଓ ଆଦର୍ଶକୁ ଚଣ୍ଡୀପୁରାଣରେ ବ୍ୟକ୍ତ କରିଛନ୍ତି ।

ସମାଜର ପ୍ରଥା ଓ ପରମ୍ପରାକୁ  କବି କେତେକ ଆଖ୍ୟାନ ଉପଖ୍ୟାନ ମାଧ୍ୟମରେ ପ୍ରକାଶ କରିଅଛନ୍ତି । ସେ ଏଥିରେ ଦର୍ଶାଇଛନ୍ତି ତତ୍କାଳୀନ ସମାଜର ବିବାହ ନୀତି ଓ ବୈବାହିକ ପରମ୍ପରା । ଚନ୍ଦ୍ରାବତୀ ସ୍ୱୟମ୍ବରର ବର୍ଣ୍ଣନା ଭିତରେ ପ୍ରମୂର୍ତ୍ତ ହୋଇଛି ତତ୍କାଳୀନ ସମାଜର ଉଚ୍ଚ ବର୍ଗର ସାଂସ୍କୃତିକ ଅଭିରୁଚି । ବିବାହର ପ୍ରଥା ଓ ରୀତିନୀତି, ସ୍ୱୟମ୍ବର ଇତ୍ୟାଦିର ଚିତ୍ର ଏଥିରେ ସେ ସୁନ୍ଦର ଭାବରେ ପ୍ରକାଶ କରିଅଛନ୍ତି ।

ତତ୍କାଳୀନ ସମାଜର ଧାର୍ମିକ ଚେତନା ଓ ତୀବ୍ର ଆଦର୍ଶବାଦୀ ଭାବଧାରାକୁ କବି ଚଣ୍ଡୀପୁରାଣରେ ପ୍ରକାଶ କରିଛନ୍ତି । ପର ସ୍ତ୍ରୀ ହରଣକୁ ହିନ୍ଦୁମାନେ ପାପ ବୋଲି ବିବେଚନା କରୁଥିଲେ । ପୁନଶ୍ଚ ନୀତିମୟ ମାର୍ଗରେ ସେମାନେ ପରିଚାଳିତ ହେଉଥିଲେ । ଦେବଦେବୀଙ୍କ ଉପରେ ଜନତାର ରହିଥିଲା ଅଖଣ୍ଡ ବିଶ୍ୱାସ । ଏବଂ ସେହି ବିଶ୍ୱାସ ବୋଧକୁ ନେଇ ସର୍ବସଂହା ଧରିତ୍ରୀ, ଦେବୀଙ୍କ ନିକଟରେ ଅତ୍ୟାଚାରରୁ ମୁକ୍ତିପାଇବା ପାଇଁ ଅକୁଳ ନିବେଦନ କରିଥିଲା । ଅତ୍ୟାଚାରିତ ଦେବଗଣ ମଧ୍ୟ ନିଜର ଦୂରବସ୍ଥା ଦର୍ଶାଇ ବିଷ୍ଣୁଙ୍କ ନିକଟରେ ଆକୁଳ ନିବେଦନ କରିଥିଲେ । ସମାଜର ଅଧର୍ମ ଓ ଅତ୍ୟାଚାରକୁ ଦୂରେଇ ଦେବାପାଇଁ ଦେବତାମାନଙ୍କ ମିଳିତ ଉଦ୍ୟମ, ଭଗବାନ ବିଷ୍ଣୁଙ୍କ ନାରୀ ରୂପ ଗ୍ରହଣ ଓ ମହିଷାସୁରର ନିଧନ ଆଦି ଜନ-ମାନସର ଧାର୍ମିକ ପ୍ରତ୍ୟୟର ସୂଚନା ପ୍ରଦାନ

ISSN NO.
2582-208X

କରିଥାଏ। ଏହିପରି ରୂପେ ବିବେଚନା କରି ଦେଖିଲେ ଜଣାଯାଏ ସାରଳା ଦାସ ତାଙ୍କର ଚଣ୍ଡୀପୁରାଣରେ ଉଚ୍ଚ ସାମାଜିକ ଚିନ୍ତା ଓ ଚେତନାର ସମନ୍ୱୟ ଘଟାଇପାରିଛନ୍ତି ।

ସହାୟକ ଗ୍ରନ୍ଥସୂଚୀ-

୧- ଚଣ୍ଡୀ ପୁରାଣ- ସଂପାଦନା-ଡକ୍ଟର କୃଷ୍ଣଚରଣ ସାହୁ, ପ୍ରକାଶକ-ବୁକ୍ସ ଏଣ୍ଡ ବୁକ୍ସ, ବିନୋଦବିହାରୀ, କଟକ. ପ୍ରକାଶ କାଳ-୧୯୮୪ ।

୨- ସାରଳା ସାହିତ୍ୟ- ଡକ୍ଟର ବଂଶୀଧର ମହାନ୍ତ, ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ. ପ୍ରକାଶ କାଳ-୧୯୭୩ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ,
ବାଣୀନିକେତନ, ରେ଼ତ, ଜିଲ୍ଲା-ବଲାଙ୍ଗିର ।
Email- lingaraj.meher82@gmail.com

ISSN NO.
2582-208X

# କ'ଣ ଲେଖିବୁ ତୋ ପ୍ରୋଫାଇଲ୍ ରେ



ବିଶ୍ୱନାଥ କର

ତୁ ପଚାରୁଥିଲୁ ନା
କ'ଣ ଲେଖିବୁ ତୋ ପ୍ରୋଫାଇଲ୍ ରେ
କରୁଣା ରେ ଆର୍ଦ୍ର କିଛି ଶବ୍ଦ
ମାନବିକତା ର କିଛି ଝାପ୍ସା ଅନୁବାଦ
କିଛି ନୁଖୁରା ମଣିଷଙ୍କ କଥା ।
କିଛି ମିଛ କିଛି ସତ ର ଝୋଟି ଚିତ୍ର
କିଛି ରଙ୍ଗଛଡା ମନର କାହାଣୀ ।

 କ'ଣ ଲେଖିବୁ ତୁ
ମାଆ ର ମମତା ର କଥା
ପ୍ରଣୟ ଉଦ୍ୟାନ ର ପ୍ରଜାପତି ର ବ୍ୟଥା ।

ତୁ ପଚାରିଥିଲୁ ନା
ଲେଖିବାକୁ ତୋ ପ୍ରୋଫାଇଲ୍ ରେ
ପାପ ପୂଣ୍ୟ ର ସ୍ଥିତି ସ୍ଥାପକ ରେଖା
ତ୍ରସ୍ତ ହରିଣ ର ନିରୀହ ଚାହାଁଣୀ
ତୋ ଟିପାଖାତା ର ଅବର୍ଣ୍ଣନୀୟ
ମନ୍ତ୍ରମୁଗ୍ଧ ସାଇତା ବିଶ୍ୱାସ  ମୁଠାକ ।

ISSN NO.
2582-208X

ତୁ ତ ବହୁତ ଥକ୍କିଲା ଲାଗୁଛୁ ଏବେ
ଜୀବନ ର ଏକ ଭିନ୍ନ ମୋଡରେ
ଭଲ ପାଇବାର ସଙ୍ଗୀତ ଭିତରେ
ଭରି ଦେଉଛୁ ଅମାନିଆଁ ଝଡର ତାଣ୍ଡବ
ଘୋଷି ଚାଲୁଛୁ
ପ୍ରତାରଣା ର କରୁଣ ସଂଳାପ
ବର୍ଷିବ ବର୍ଷିବ ହେଉଛି
ତୋ ଆକାଶ ର ମେଘ ଖଣ୍ଡମାନ ।

ତଥାପି ତୋର ନିଘା ନାହିଁ
ବରଫ ପାହାଡ ଆଡେ
ଶୋଷ ମେଣ୍ଟୁ ନାହିଁ ଜହ୍ନ ଆଲୁଅ ରେ
ତୋ ଝୁଲାମୁଣି ରେ ଲୁଚିଥିବା
ତୋ ଅର୍ଜିତ ଅବା ଅନର୍ଜିତ ପାପ
ସାଲୁ ବାଲୁ ହେଉଛନ୍ତି
ତୋ ଅସମାହିତ ପ୍ରଶ୍ନ ରେ ।

ଏବେ ତୁ ମରୁଛୁ ସେଇ ଗୋଟିଏ ଚିନ୍ତାରେ
ଘାରି ହେଉଛୁ
କ'ଣ ଲେଖିବୁ ତୁ ତୋ ପ୍ରୋଫାଇଲ୍ ରେ
ତୋ ମିଛ ବାକ୍ୟାଳାପ
ସରଳତା ର ମିଛ ମନ୍ତ୍ର ରେ
ଜୁଡୁବୁଡୁ ତୋ ଅନ୍ଧାରୀ କାହାଣୀ
ପାପ ପୂଣ୍ୟ ର ଛକି ର ତୋ ଅବ୍ୟକ୍ତ କାମନା ।

ISSN NO.
2582-208X

ଅସଲି ଫଟୋଟେ ସାଥେ
ତୋ ନକଲି ଯୋଗ୍ୟତା
ତୁ ଲେଖି ପାରିବୁକି
ତୋ ଛାତି ଭିତରେ ଆତ୍ମଗୋପନ କରିଥିବା
ସେଇ ବିଭସ୍ଥ ଦୁନିଆଁ
ମିଛ ଆଲୋକ ର ଅନ୍ଧାରୀ ଯନ୍ତ୍ରଣା
ତୋ ମନ ଭିତରେ ଆସ୍ଥାନ ଜମେଇଥିବା
ମିଛ ଅହଂକାର
ବିଲୁଆ ର ଧୂର୍ତ୍ତ ଚତୁରତା ।

ଲେଖି ଦେ'
କିଛି ମିଛ
ତାହା ମିଛ
ତୋ ନକଲି ଯୋଗ୍ୟତା
ନକଲି ମାନବିକତା ର କଥା
ନକଲି ତୋ ଆଦର୍ଶ
ଆଉ ନକଲି ମୋ ପ୍ରେମମୟତା
ନକଲି ତୋ ସରଳତା
ନକଲି ତୋ ସରଳତାର ମିଛ ସାଙ୍ଗିତିକତା ।

ସାଇ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ - ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ମୋ ପିଲା ଦିନ



କଳ୍ପନା ମିଶ୍ର

ପିଲାଦିନ ମୋର ଫେରନ୍ତାକି ଏବେ
ସଢ଼େଇ ଖେଳ ମୁଁ ଖେଳୁ ଥାଆନ୍ତି
ସ୍କୁଲ ବେଳ ହେଲେ ବସ୍ତାନୀ ଧରିକି
ଗାଁ ଦାଣ୍ଡରେ ମୁଁ ଚାଲି ଯାଆନ୍ତି ।

ଛୁଟି ଦିନ ରେ ମୁଁ ଗଙ୍ଗା ମା 'ବାଡିରୁ
କଇଥ କମଳା ଚୋରି କରନ୍ତି
ମାଳି ନାନୀ ସାଥେ ବୁଢ଼ୀମା ବାଡିରୁ
କାକୁଡି ତୋଳିକି ଖାଇ ଦିଅନ୍ତି ।

ପୋଖରୀ ପାଣିରେ ସିଙ୍ଗଡ଼ା ତୋଳନ୍ତି
ଏ କୂଳ ସେ କୂଳ ପହଁରୁଥାନ୍ତି
ପାହାଡ଼ କୁ ଯାଇ ଗୁଞ୍ଜୁର ଧରନ୍ତି
ବଇଞ୍ଚ କୋଳି ମୁ ତୋଳି ଖାଆନ୍ତି ।

ISSN NO.
2582-208X

ସୁଷମା ସହିତ ଆମ୍ବ ତୋଟା ରେ ମୁଁ
ଜମାଣିଆ ନାଟ କରୁ ଥାଆନ୍ତି
ମୋହିନୀ, ଟିକିଲି, ଅଞ୍ଜୁ, ସାଥେ ମିଶି
କଇଁଆ ଚକଟା କୋଳି ଖାଆନ୍ତି ।

ଦଶରଥ ଅଜା ପାଣି ଛିଟିକାଇ
ହନୁ ମୁତିଦେଲା କହୁଥାଆନ୍ତେ
ଜଟିଆ ବୁଢ଼ାପା ଜାନକୀ ବୁଢ଼ୀମା
କଳ୍ପନା ଯଶୋବିବୀ ଡାକିଦିଅନ୍ତେ ।

ମା'ର ଆକଟ ବାପାଙ୍କର ଛାଟ
ଆଉ ଥରେ ମତେ ମିଳି ଯାଆନ୍ତା
ବାବୁଲା, କାବୁଲା, ବିନ୍ଦୁ, ମିନୁ, ଶାନ୍ତା
ମେଳରେ ମୋହର ଦିନ ଯାଆନ୍ତା ।

କାହିଁଗଲା ମୋର ପିଲାଦିନ ଖେଳ
ଖୋଜି ଖୋଜି ଏବେ ପାଇ ଯାଆନ୍ତି
ଜଡାଇ ଧରନ୍ତି ମନ ହୃଦୟ ରେ
ଆଉ ସବୁ କଥା ଭୁଲି ଯାଆନ୍ତି ।

ହରିପୁର, ସୁକନ୍ଦା, ଯାଜପୁର-୭୫୫୦୧୮
ମୋବାଇଲ୍: 8847849093

ISSN NO.
2582-208X

# ଧାରେଧାରେ, ତୀରେତୀରେ



ସଂଜୀବ କୁମାର ଦାଶ

ପୂର୍ଣ୍ଣିମା ଚମକ ପରେ, ଅନ୍ଧାର ଆକ୍ରାନ୍ତ କ୍ଷୟିଷ୍ଣୁ ସେ,
ତଥାପି ଗତିଶୀଳ, କିଏ ଡାକେ ମଲାଜହ୍ନ,
ସମୟର ଓଲଟପାଲଟ ରୀତିରେ
ଉଦବେଳନୀ ଜୋଛନାରାତିକୁ ପ୍ରତୀକ୍ଷା,
ସେଥିପାଇଁ ବୋଧେ ଜକେଇ ଆସେ,
ଆତ୍ମବିସ୍ମୃତିର ଚେନାଏ ହସ,
ଚତୁର୍ଥୀର ଓଠ ଧାରେଧାରେ, ଧୀରେଧୀରେ...

ସଦାକି ଥାଏ !! ପୂର୍ଣ୍ଣଗର୍ଭାର ଉଦ୍ଦାମ ପ୍ରବାହ,
କ୍ଷୀଣଧାର ନେଇବି ବହିଯାଏ ତନ୍ୱୀ ନଈ,
ଲକ୍ଷ୍ୟ, ଅଲକ୍ଷ୍ୟରେ ମିଶିବାକୁ ଇପ୍ସିତ ସାଗର,
ଆଉ ମାଟିମଟାଳର ଅବବାହିକା,
ଫାଟ, ବିଲୟ, ବିକ୍ଷିପ୍ତତାକୁ ବେଫିକର,
ଅହର୍ନିଶ ଜଗିଛି ନିରଳସ,
ଶ୍ରାବଣ ତୋଡରେ ମିଳେଇ ମଖାଇଛି ରଙ୍ଗ,
କେମିତି ଏ ପ୍ରବଣତା କେଜାଣି,

ISSN NO.
2582-208X

ପିଛିଲା ସୁଅକୁ କି ଆହ୍ଲାଦେ,
କେଉଁଯୁଗୁ ନିର୍ନିମେଷ ଅନେଇଉଛି,
ତୀରେତୀରେ, କୂଳେକୂଳେ....

କହନ୍ତି, ପ୍ରସାରୁଛି ବ୍ରହ୍ମାଣ୍ଡ, ବ୍ୟାପୁଛି କାଳ,
ସାଥେସାଥେ ମନ ଚେତନାର ବିଭକ୍ତି,
ବିନ୍ଦୁବିନ୍ଦୁର ଆଧାରରୁ ତ ମହାସିନ୍ଧୁ,
ଖରା ସାଙ୍ଗେ ଛାୟା, କାୟା ପାଶେ ମାୟା,
ପ୍ରେମ ଫଲଗୁ ତଟେ ଯୋଡ଼େ ବିରହ ବେଦନା,
ଶାନ୍ତ ମରୁ ଅବା ସମୁଦ୍ରରେ ଅତର୍କିତ ଝଞ୍ଜା,
ମୁଖରିତ ବେଳାଭୂଇଁରେ ମଶାଣି ନୀରବତା,
ଏମିତି ଗୁଡ଼େଇହୁଏ କଥା ସହ ବ୍ୟଥା ଅଜଗର
ୟା ଛଡ଼ା ଅନେକ ପ୍ରତ୍ୟକ୍ଷ ଅପ୍ରତ୍ୟକ୍ଷ ଅସ୍ତିତ୍ୱର କଳ୍ପନା ଜଳ୍ପନା,
ଗୁଳୁଚି ଲତାଟି ପରି ଆତ୍ମପ୍ରତ୍ୟୟରେ ଲଟାଏ ସଂସାର ବିଶାଳ ବୃକ୍ଷକୁ ଆମୂଳଚୂଳ,
ପତ୍ରେପତ୍ରେ, ଡାଳେଡାଳେ....

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ 9437739577

ISSN NO.
2582-208X

# ଓଡ଼ିଆ ପତ୍ର ସାହିତ୍ୟରେ "ଚିଠି" ପତ୍ରିକାର ଭୂମିକା



ରିତୁପର୍ଣ୍ଣା ପତି

"ଚିଠି" ବା "ପତ୍ର" ଶବ୍ଦଟି ଦେଖିବାକୁ ଗଲେ ଦୁଇଟି ମାତ୍ର ଅକ୍ଷରରେ ତା'ର କଳେବର ସୀମିତ । କିନ୍ତୁ ମିଳନର ମହମନ୍ତ୍ର ହେଉଛି ଏହି ଚିଠି । ଏହା ଏକ ଆବେଗ । ଅବେଗବିଷ୍ଟ ମନ ନେଇ କାଗଜ କଲମରେ ଇପ୍ସୀତ ଭାବକୁ ପରିପ୍ରକାଶ କରିଥାଏ ମାନବ। ମାନବର ଆତ୍ମକେନ୍ଦ୍ରରୁ ଏହି ଭାବ ସ୍ୱତଃ ଝରିଆସେ ଚିଠି ମାଧ୍ୟମରେ ତା'ର ପ୍ରିୟ ଉଦ୍ଦେଶ୍ୟରେ । କେବେକେବେ ବିରହର ସମୁଦ୍ରରେ ଭାସି ମଣିଷଟି ଦୁଇପଦ ଚିଠି ଲେଖେ ତ କେତେବେଳେ ପ୍ରଣୟ ଅନୁରାଗି ହୋଇ। ଏହା କେତେବେଳେ ରୋମାଞ୍ଚକର ତ କେତେବେଳେ ଭୀତିପ୍ରଦ । କାଳକ୍ରମେ ଏହି "ଚିଠି" ବା "ପତ୍ର" କେତେବେଳେ ଖବର ପ୍ରସାରର ମାଧ୍ୟମ ହୋଇଛି ତ କେତେବେଳେ ପ୍ରେମର ଓ ଅନ୍ୟକେତେବେଳେ ସାହିତ୍ୟ ଚର୍ଚ୍ଚାର । ଏହି "ଚିଠି" ବା "ପତ୍ର"ସମୟ ଚକ୍ରରେ ଗତି କରି ପରିଚୟ ପାଇଛି "ସମ୍ବାଦପତ୍ର" ବା "ପତ୍ରପତ୍ରିକା" ଭାବରେ । ବିଶ୍ୱର ସର୍ବଶ୍ରେଷ୍ଠ ଲୋକପ୍ରିୟ ଗଣମାଧ୍ୟମ ହେଉଛି "ସମ୍ବାଦପତ୍ର" ବା "ପତ୍ରପତ୍ରିକା"। ଏହି ପତ୍ରପତ୍ରିକାରେ କେତେବେଳେ ଜନମତ ପ୍ରକାଶ ପାଉଛି ତ କେତେବେଳେ ବିଭିନ୍ନ ସାହିତ୍ୟ ଚର୍ଚ୍ଚା ସହିତ ପାଠକମାନଙ୍କର ବିଭିନ୍ନ ପ୍ରକାର ମତ। ତେଣୁ ସାହିତ୍ୟର ନାନା ବିଭାଗ ମଧ୍ୟରେ ପତ୍ରସାହିତ୍ୟ କୌଣସି ଗୁଣରେ କମ୍ ନୁହେଁ । ଏହି ପତ୍ର ସାହିତ୍ୟ ଆଜିର ନୁହେଁ ଏହା ବହୁ ପ୍ରାଚୀନ । ଓଡ଼ିଆ ସାହିତ୍ୟର ଆଦି ପର୍ବରେ କବି ଓ ଲେଖକମାନଙ୍କ ମଧ୍ୟରେ ପତ୍ର ଆଦାନ ପ୍ରଦାନ ହେଉଥିଲା । ଏହି

ISSN NO.
2582-208X

ପତ୍ର ବା ଚିଠି ଥିଲା ଜାତୀୟ ଅସ୍ମିତାରେ ଭାସ୍ୱର। ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଏହା ଅଭିପ୍ରେତ । ଏହା ଐତିହାସିକ ମୂଲ୍ୟବୋଧ ଓ ଜାତୀୟ ମୈତ୍ରିବୋଧ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ । ପତ୍ର ସାହିତ୍ୟ ମଧ୍ୟରେ ଅଧ୍ୟାପକ ବିଶ୍ୱରଂଜନଙ୍କ ଚିଠି ପତ୍ରିକା ହେଉଛି ଅନନ୍ୟ ।

ଭଲପାଇବାର ଏକ ରମ୍ୟ ମଧୁର ସଙ୍କଳନ ହେଉଛି ଚିଠି। ଯାହା ନାରୀ ପୁରୁଷ ନିର୍ବିଶେଷରେ ସମସ୍ତଙ୍କୁ ଏକ ମାନବିକ ଭାବାବିନ୍ଦୁରେ ମିଳାଇ ଦିଏ । ଏହା ହିଁ ହେଉଛି ମଣିଷ ମନର ସବୁଠୁ ଅନ୍ତରଙ୍ଗ ଆଶ୍ରୟ । ମଣିଷ ଯେତେବେଳେ ନୂଆ, ପୁରୁଣା ଚିଠିମାନଙ୍କୁ ଖୋଲିବସେ ସେତେବେଳେ ତା ଜୀବନ ଓ ଜଗତର ବହୁ ଚମତ୍କାର ଉପଲବ୍ଧ ଓ ଅନ୍ତରଙ୍ଗ ଅନୁଭୂତିର ଦୁଆର ଆପେ ଆପେ ମେଲା ହୋଇଯାଏ । ବିଶ୍ୱସାହିତ୍ୟର ଅମୂଲ୍ୟ ବିଭବ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି କବି, କଳାକାର, ସାହିତ୍ୟିକ, ରାଜନୀତିଜ୍ଞ, ସମାଜସେବୀ, ଜନନାୟକମାନଙ୍କର ହାତଲେଖା ଚିଠିମାନ ଏହି ସମସ୍ତ ଚିଠିଗୁଡ଼ିକୁ ନେଇ ଅଧ୍ୟାପକ ବିଶ୍ୱରଂଜନଙ୍କ "ଚିଠି" ପତ୍ରିକାର ପରିକଳ୍ପନା ।

ଅଧ୍ୟାପକ ବିଶ୍ୱରଂଜନ ସର୍ବଦା ସାହିତ୍ୟକୁ ନେଇ ନୂଆ କିଛି କରିବାର ଅଭିପ୍ସାରେ ବିଭୋର। ବିଂଶ ଶତାବ୍ଦୀର ସତୁରୀ ଦଶକରେ ଓଡ଼ିଆ ସାହିତ୍ୟରେ ମିନି ଆନ୍ଦୋଳନ ଚାଲିଥାଏ । ସେହି ସମୟରେ ୧୯୭୧ ମସିହାରେ ବିଶ୍ୱରଂଜନଙ୍କ ମନ ଓ ପ୍ରାଣରୁ ମୁକ୍ତି ପାଇଥିଲା "ଚିଠି" ପତ୍ରିକା । ଏହି ପତ୍ରିକାଟି ପ୍ରଥମେ ଉନ୍ମୋଚନ ହେଲା ଯୁବକ ସମ୍ମିଳନୀରେ। ପ୍ରଥମେ ଏହା ଲଫାପା ଆକାରରେ ବର୍ଷକୁ ଚାରିଥର ପ୍ରକାଶ ପାଉଥାଏ । ଏହାକୁ ସବୁଦିନେ ସାଇତି ରଖିବା ସମ୍ଭବ ନ ହେବାରୁ ବହି ରୂପ ଦିଆଗଲା । ୧୯୮୨ ମସିହା ପର୍ଯ୍ୟନ୍ତ ଏହାର ପ୍ରକାଶ ଅନିୟମିତ ଭାବେ ଚାଲିଲା । ତା'ପରେ ତାଙ୍କର ସମୟ ଅଭାବରୁ ଏହାର ପ୍ରକାଶ ବନ୍ଦ ହୋଇଗଲା । ପୁନଶ୍ଚ ୨୦୦୯ ମସିହାରୁ ଅଧ୍ୟାପକ ବିଶ୍ୱରଂଜନ ପ୍ରତିଷ୍ଠାତା ସମ୍ପାଦକ ହିସାବରେ ରହିଲେ ଏବଂ ପୁଅ ନେତାଜୀ ଅଭିନନ୍ଦନ ସମ୍ପାଦକ ହିସାବରେ ରହି ପତ୍ରିକାକୁ ଏଯାବତ୍ ପ୍ରକାଶ କରୁଛନ୍ତି । ନୂଆ ସ୍ୱାଦ, ନୂଆ ସ୍ୱପ୍ନ,

ISSN NO.
2582-208X

ଏବଂ ନୂଆ ସଙ୍କଳ୍ପରେ ସୁମଧୁର ପ୍ରତିଶ୍ରୁତି ବହନ କରି ଜନ୍ମନେଇଛି ଏହି "ଚିଠି" । ସାହିତ୍ୟ, ସମାଜ, ସମ୍ପର୍କ, ପ୍ରେମ, ପ୍ରତାରଣା ଆଦିକୁ ନେଇ ଯେଉଁ "ଚିଠି" ଗୁଡ଼ିକୁ ଓଡ଼ିଆଙ୍କ ଲେଖନୀରୁ ଝରିଆସିଛି ତାହାକୁ କୋଳେଇ ଧରିଛନ୍ତି ଚିଠି ରଙ୍କ ଅଧ୍ୟାପକ ବିଶ୍ୱରଂଜନ । ଏହି ଚିଠିରେ ପ୍ରକାଶ ପାଇଛି ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ଦାସ, ପ୍ରତିଭା ରାୟ, ବୀଣାପାଣି ମହାନ୍ତି, ଜଗନ୍ନାଥ ପ୍ରସାଦ ଦାସ,ମନୋଜ ଦାସ ଆଦି ମହାନ ସାହିତ୍ୟ ସ୍ରଷ୍ଟା ମାନଙ୍କ ଚିଠି। ଯେଉଁଠି ପ୍ରକାଶ ପାଇଛି ସାହିତ୍ୟିକ ମନର ଅସୀମ ଭାବ, ଅନୁଭୂତି, ଅଭିଜ୍ଞତା । ଏଥିରେ ପ୍ରକାଶ ପାଇଛି ସୁରେନ୍ଦ୍ର ମହାନ୍ତିଙ୍କ ଚିଠି ସୀତାକାନ୍ତ ମହାପାତ୍ରଙ୍କୁ, ଜ୍ଞାନୀ ଦେବାଶିଷ ମିଶ୍ରଙ୍କ "ପତ୍ରପ୍ରବନ୍ଧ", ପ୍ରବୀଣା ମହାନ୍ତିଙ୍କ "ଚିଠି" ଗଳ୍ପ, ସଂଘମିତ୍ରା ଭଞ୍ଜଙ୍କ "ଅବସୋସର ଚିଠି", ଅଶୋକ ମହାନ୍ତିଙ୍କ "ଚିଠି କବିତା", ପ୍ରତିଭା ରାୟ ଓ ଅଗସ୍ତି କାନୁନଗୋଙ୍କ ମଧ୍ୟରେ ବିନିମୟ ହୋଇଥିବା ଚିଠି, ଚିଠି ପତ୍ରିକାର ପ୍ରେମପତ୍ର ସ୍ୱତନ୍ତ୍ରରେ ବିଭିନ୍ନ ପ୍ରେମପତ୍ର, ପ୍ରେମକୁ ନେଇ ନାନା ଲୋକଙ୍କର ନାନା ମତ ପ୍ରକାଶ ପାଇଛି ।

ବିଶ୍ୱରଂଜନ କୁହନ୍ତି - "ସମ୍ପର୍କର ଶୁଭାରମ୍ଭ ସାକ୍ଷାତରେ ନୁହେଁ, ଶବ୍ଦରେ,ଓ୍ତରଙ୍ଗାୟିତ ଭାବର ବିନିମୟରେ - ଚିଠିପତ୍ରର ସୁନୀଳ ଅକ୍ଷରରେ ।" ଗହନ ଅନ୍ତରର ଭାବ ବହନ କରେ ଚିଠି। ସେହିପରି ଏହି ପତ୍ରିକାରେ ରହିଛି ଜୀବନ, ପ୍ରେମ,ଓ୍ୟନ୍ତ୍ରଣା, ସ୍ମୃତି, ସାନ୍ତ୍ୱନା, ଆଶା, ନିରାଶା, ବିଶ୍ୱାସକୁ ନେଇ ରଚିତ ହୋଇଥିବା ଚିଠି ମାନ। ଏହି ଚିଠି ଗୁଡ଼ିକୁ ପାଠ କଲେ ସମକାଳକୁ ଜାଣି ହୁଏ। କିଛି ପ୍ରେରଣା ମଧ୍ୟ ପାଇହୁଏ । ଜୀବନକୁ ସେଇ ମାର୍ଗରେ ଟିକେ ବଙ୍କେଇ ନେବା ପାଇଁ । ଓଡ଼ିଆ ଉପନ୍ୟାସର ଲୋକପ୍ରିୟ ସ୍ରଷ୍ଟା କାହ୍ନୁଚରଣ ମଧ୍ୟ ଅଧ୍ୟାପକ ବିଶ୍ୱରଂଜନଙ୍କ ପାଖକୁ ଚିଠିଟିଏ ଲେଖି ସେଥିରେ ତାଙ୍କର ଲେଖକୀୟ ଜୀବନର ଅନୁଭୂତିକୁ ଉଲ୍ଲେଖ କରିଛନ୍ତି। ତାଙ୍କ ଭିତରେ ପିଲାଦିନରୁ ଲେଖପାଇଁ ଯେଉଁ ଅନ୍ତଃପ୍ରେରଣା ସୃଷ୍ଟି ହୋଇ ଆସିଥିଲା, ତାହା ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ରହିଛି । ସେ କହନ୍ତି, "ଏହି ଲେଖା ହିଁ ମୋର ଜୀବନ" । ତାଙ୍କ ଚିଠି ସୂଚାଇଦିଏ ଜଣେ ପରିପୂର୍ଣ୍ଣ ଲେଖକଙ୍କର ଅମାପ ସ୍ନେହ, ମମତା ଓ ମାନବିକତା ସମ୍ପର୍କରେ। ସୁରେନ୍ଦ୍ର ନାଥ ଦ୍ୱିବେଦୀ ଜଣେ ରାଜନେତା,

ISSN NO.
2582-208X

ସ୍ୱାଧୀନତା ସଂଗ୍ରାମୀ ଓ ଶେଷ ଜୀବନରେ ଗଭର୍ଣ୍ଣର ହୋଇଛନ୍ତି । ତାଙ୍କ ଚିଠିରେ କଂଗ୍ରେସ ଭିତରେ ଥିବା ଅସନ୍ତୋଷର ସୂଚନା ମିଳେ। ଏହି ପତ୍ରିକାରେ ଗୋପୀନାଥ ମହାନ୍ତିଙ୍କର ତାଙ୍କ ପ୍ରୀୟତମାଙ୍କ ପାଖକୁ ଲେଖିଥିବା ଚିଠି ପ୍ରକାଶ ପାଇଛି ଯେଉଁଥିରେ ଗୋପୀନାଥଙ୍କ ଦୁଇ ପ୍ରକାର ଜୀବନକୁ ସୂଚାଇଦିଏ; ଗୋଟିଏ ସାଧାରଣ ମଣିଷ; ଆଉ ଗୋଟିଏ ଜଣେ କବି ଓ ଲେଖକ । ଚିତ୍ତରଞ୍ଜନ ଦାସଙ୍କ ଚିଠିରୁ ଜଣାପଡେ ଯେ ଆମ ସାହିତ୍ୟରେ ସାହିତ୍ୟିକ ସାହିତ୍ୟକୁ ଆଦରେ ନାହିଁ; ତେଣୁ ଆମ ସାହିତ୍ୟ ହୋଇଯାଇଛି ନିର୍ଜୀବ। ସେ ଅତି ନିର୍ମମ ଭାବେ ଲେଖକ,ଅଧ୍ୟାପକ, ରାଜନେତାଙ୍କୁ ସମାଲୋଚନା କରିଛନ୍ତି। ଆମ ସାହିତ୍ୟରେ ଦେଖାଯାଉଥିବା କ୍ଷୁଦ୍ରତାକୁ ସେ ଆକ୍ରମଣ କରିଛନ୍ତି। ସେ ଅନୁଭବ କରିଛନ୍ତି ଆମ ସାହିତ୍ୟରେ, ଜୀବନରେ, ସଂସ୍କୃତିରେ, ଆଡମ୍ବର ଗୁଡାକ ଅଧିକ ହେଲାଣି, ପ୍ରୀତିଗୁଡାକୁ ଅପ୍ରୀତିଗୁଡ଼ାକ ଗିଳିପକେଇଲେଣୀ। ତେଣୁ ସେ ବିଶ୍ୱରଂଜନ ବାବୁଙ୍କୁ ଅନୁରୋଧ ଜଣାଇଛନ୍ତି -"ଆପଣ ଚିଠି ଲେଖାଇ ଆମ ଭିତରୁ ଏହି ଡରଗୁଡାକୁ ଭାଙ୍ଗିଦିଅନ୍ତୁ। ଆପଣ ଚିଠି ଲେଖାଇ ଆମ ମେରୁଦଣ୍ଡ ଗୁଡିକୁ ସିଧା ହେବାରେ ସାହାଯ୍ୟ କରନ୍ତୁ"। ଏହିପରି ମଧ୍ୟ ଚନ୍ଦ୍ରଶେଖର ରଥ ଲେଖିଛନ୍ତି ଚିଠି। ସେ କହନ୍ତି, "ଚିଠି ଏକ ସଂଳାପ । ଲେଖିଲାବେଳେ ଅପରବ୍ୟକ୍ତି ଅନୁପସ୍ଥିତ ଥିଲେ ମଧ୍ୟ ତା' ସହିତ ଆଉ ଗୋଟିଏ ଭୂମିରେ ଯୋଗାଯୋଗ ହେଉଥାଏ" । ଏହି ଚିଠି ପତ୍ରିକାର ପ୍ରତ୍ୟେକ ସଂଖ୍ୟାରେ ବିଭିନ୍ନ ଲେଖକ/ଲେଖିକାଙ୍କ ଚିଠି ପ୍ରକାଶ ପାଉଛି।ଏହି ଚିଠି ଗୁଡିକରେ ସେମାନଙ୍କର ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ହେଲେ ତାଙ୍କ ଜୀବନର ଦର୍ଶନ, ଦହନ ଓ ସେମାନଙ୍କ ଅସୁମାରି ଗୋପନ କଥା ଓ ବ୍ୟଥା ସମ୍ପର୍କରେ ସୂଚନା ଦିଏ। ଏହି ଚିଠି ଗୁଡ଼ିକ ଆଧୁନିକ ମଣିଷର jibana– ଜିଜ୍ଞାସା, ସଙ୍କଟ, ସ୍ୱବିରୋଧ, ପ୍ରେମ, କାରୁଣ୍ୟ, ସ୍ମୃତି ଓ ସାନ୍ତ୍ୱନାରେ ରୁଦ୍ଧିମନ୍ତ।

ଅଧ୍ୟାପକ ବିଶ୍ୱରଂଜନଙ୍କ "ଚିଠି" ପତ୍ରିକାର ଅନୁରୋଧ ଓ ଆହ୍ୱାନ ହେଉଛି - ଚାଲନ୍ତୁ, ଆମେ ପୁଣିଥରେ ପରସ୍ପର ପାଖକୁ ଚିଠିଲେଖା ଆରମ୍ଭ କରିବା। ସବୁ ବିବାଦ ବିଦ୍ୱେଷକୁ ଭୁଲି "ଚିଠି" ଦ୍ୱାରା ସଂଯୁକ୍ତ ହୋଇ ବହୁ ଆଲୋଚନା, ସମାଲୋଚନା ଏବଂ ବିଚାର ବିମର୍ଶ

ISSN NO.
2582-208X

କରିବା। ଏ ଦିଗରେ ସର୍ବଦା ନିଷ୍ଠାପର ଭୂମିକା ତୁଲାଇବା ପାଇଁ "ଚିଠି" ପତ୍ରିକା ପ୍ରସ୍ତୁତ ରହିଛି ।

୧୯୭୦ ମସିହାରୁ ଅଧ୍ୟାପକ ବିଶ୍ୱରଂଜନ ଚିଠି ପତ୍ରିକାଟି ଆରମ୍ଭ ହୋଇ ବିଭିନ୍ନ ସମୟରେ ତାହା ଲେଖକ ଲେଖିକାମାନଙ୍କ ଚିଠିକୁ ନେଇ ଋଦ୍ଧିମନ୍ତ। ଓଡ଼ିଆ ପତ୍ର ସାହିତ୍ୟରେ ତା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ପ୍ରକାଶ ପାଇଥିବା ଚିଠି ଗୁଡ଼ିକୁ ଆମେ ଦୀର୍ଘ ପଚାଶ ବର୍ଷର ସମାଜକୁ ପାଠକ ପାଠିକାଙ୍କ ଆଗରେ ପରଷି ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। "ଚିଠି" ହେଉଛି ଦିବ୍ୟ ମାନବିକ ସମ୍ପର୍କର ସେତୁ । ଲେଖକ - ଲେଖିକା, ଲେଖକ - ପାଠକମାନଙ୍କୁ ଏକ ଭାବ ବିନ୍ଦୁକୁ ଆଣିବାର ଏକ ସହୃଦୟ ପ୍ରକ୍ରିୟା। ତାହା ପ୍ରମାଣ କରିଦେଇଛି ଅଧ୍ୟାପକ ବିଶ୍ୱରଂଜନଙ୍କ ଚିଠି ପତ୍ରିକା ।

ସାମଗୁଡ଼ିଆ , କେନ୍ଦ୍ରାପଡ଼ା
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,ଭୁବନେଶ୍ୱର

ISSN NO.
2582-208X

# ତୁମ ପଣତ କାନି



ନିରୁପମା ପଟେଲ

ସ୍ନେହ ସରାଗର ଏଇ ଯେ ସମ୍ପର୍କ
ଭାବ ବନ୍ଧନ ର ଡୋରି
ଶୂନ୍ୟ ହସ୍ତେ ଦିନେ ଆସିଥିଲି ମୁହିଁ
ତୁମ ମମତାରେ ନେଲ ଆବୋରି ।

ଅନ୍ଧାରକୁ ଯେବେ ଡରି ଯାଉଥିଲି
ହୃଦୟରେ ଚାପି ରଖିଲ
ଅମୃତ ଢାଳିଣ ସୁଧାରସେ ତୁମେ
ମୋ ଜୀବନ କୁ କଲ ସୁଫଳ ।

କାନ୍ଦିବା ଆଗରୁ ତୁମ ମୁହଁ ଦେଖି
ଦୁଃଖକୁ ଯାଏଁ ମୁଁ ଭୁଲି
ତୁମ ପଣତ କାନିରେ ଲୁହ ପୋଛିଦିଅ
ମୋ ସ୍ମୃତିରେ ରଖିଛି ସମ୍ଭାଳି
ମାଁ ମୋ ସ୍ମୃତିରେ ରଖିଛି ସମ୍ଭାଳି ।

ବଲାଙ୍ଗୀର

ISSN NO.
2582-208X

# ପ୍ରତିଦିନ



ଡ଼. ପଲିମର ଦାଶ

ଏତେ ବର୍ଷ ବିତିଗଲା
ମନ କଣ ଭୁଲେ
ନା, ସମୟ ସିନା କହେ
ମନ ଜାଣେ ଭବିଷ୍ୟତ
ଜାଣେ ଆଗନ୍ତୁକ
ପୁଣି ସତ୍ୟର କଳାବାଦଲ
ଯାହା ନେଇଆସେ ବାତ୍ୟା
ହଁ,
ଭରିପାରେନା
ସହିପାରେନା
ଦେଖିପାରେନା
ଖାଲି ଚାହିଁ ରହେ ଅତୀତକୁ
ମନରେ କଷ୍ଟକୁ ଚାପି
ଭବିଷ୍ୟତକୁ କରେ ଆଲିଙ୍ଗନ
ଜୀବନ ହୁଏ ଶୂନ୍ୟ
କହି ହୁଅନା କେବେ ହେବ
ତା ଜୀବନର ବସନ୍ତ

ISSN NO.
2582-208X

ନା ହେବ ପ୍ରଳୟ
ହୋଇବି ପାରେ ଶରତ
ଆଶାର କେତୋଟି କଢ଼ିକୁ ନେଇ
ସେ ବଞ୍ଚେ
ଫୁଟିବା ଆସାକୁ ନେଇ
ଆଜି ପରେ କାଲି ଆସେ
ଆସିଚାଲେ ଦିନ ପରେ ଦିନ
ପ୍ରତିଦିନ ପ୍ରତିଦିନ...

ଝାରସୁଗୁଡ଼ା

ISSN NO.
2582-208X

# ବିଚାର



ସୁଜ୍ଞାନ ବାଘ

କାହାର ଯଦି ତୁମେ କ୍ଷତି ଚାହିଁବ
ନିଜେ'ହିଁ କ୍ଷତିରେ ପଡ଼ିବ
ଗର୍ବ ଅଂହଙ୍କାରକୁ ବଜାୟ ରଖିଲେ
ସବୁ ସର୍ବ ନାଶ ହୋଇବ ।।
ମଣିଷ ଜୀବନ ଦୁର୍ଲ୍ଲଭ ଜୀବନ
ଭଗବାନ ଦେଇଛନ୍ତି ଗଢି
ସବୁ ଜୀବଙ୍କ ଠାରୁ ଜ୍ଞାନରେ ଉର୍ଦ୍ଧ୍ୱ
ହେଲେ ବିଚାର ଯାଏ ବିଗିଡି ।।
ବିଚାରକୁ ଯିଏ ଆୟତରେ ରଖେ
ସେ ହୁଏ ଦୁନିଆଁରେ ଶ୍ରେଷ୍ଠ
ପର ଛନ୍ଦ ମନ୍ଦ କ୍ଷଣିକ ବିଜୟ
ପଛରେ ପାଏ ଅନେକ କଷ୍ଟ ।।
ନିଜ ପ୍ରତି ଯିଏ ଯାହା ଆଜ୍ଞା ଭାବୁ
ତାହାରି ଫଳ ସେ ପାଇବ
ବିଚାରକୁ ଯଦି ସଠିକ୍ ରଖିବା
ଶତ୍ରୁବି ଅନୁତାପ କରିବ ।।

ବୌଦ୍ଧ

ISSN NO.
2582-208X

# ଶ୍ରୀଜଗନ୍ନାଥ



ଡ଼ଃ. ପ୍ରଦୀପ କୁମାର ପଣ୍ଡା

ଜଗତର ନାଥ ଶ୍ରୀଜଗନ୍ନାଥ । ସେ କେବଳ ଓଡ଼ିଶାର ନୁହଁନ୍ତି, ସେ ସାରା ଜଗତକୁ ପ୍ରତିପାଳନ କରୁଥିବା ଦେବତା । ଜଗତ କହିଲେ ବିଶ୍ୱ ବ୍ରହ୍ମାଣ୍ଡ ଏବଂ ନାଥ କହିଲେ ସ୍ୱାମୀ ବା ଅଧିଶ୍ୱର । ଅର୍ଥାତ୍ ଜଗନ୍ନାଥ କହିଲେ ବିଶ୍ୱ ବ୍ରହ୍ମାଣ୍ଡର ଅଧିଶ୍ୱର ବା ପାଳନକର୍ତ୍ତା । ଲୋକମୁଖରେ କଥିତ ଅଛି, "ଶ୍ରୀକ୍ଷେତ୍ରରେ ଜାତି ନାହିଁ କି କଲିକତାରେ ରାତି ନାହିଁ।" ଶ୍ରୀ ଜଗନ୍ନାଥ ହେଉଛନ୍ତି ସାର୍ବଜନୀନ ସର୍ବଧର୍ମର ଆରାଧ୍ୟ ଦେବତା। ଜଗନ୍ନାଥ ତତ୍ୱ ଓ ଧର୍ମ ସବୁ ଧର୍ମଠାରୁ ଭିନ୍ନ ତଥା ସ୍ୱତନ୍ତ୍ର । ତାଙ୍କ ନାମର ପ୍ରଥମ ଅକ୍ଷର 'ଜ' ରେ ଜନ ଲୋକ, ଦ୍ୱିତୀୟ ଅକ୍ଷର 'ଗ' ରେ ଗଗନ ଲୋକ, ତୃତୀୟ ଅକ୍ଷର 'ନା' ରେ ନାଗଲୋକ ଏବଂ ଚତୁର୍ଥ ଅକ୍ଷର 'ଥ' ରେ ଉପରୋକ୍ତ ତିନିଲୋକକୁ ଯିଏ ପରିପାଳନ କରନ୍ତି ସେ ହେଉଛନ୍ତି ଜଗତର ନାଥ ଜଗନ୍ନାଥ । ତେଣୁ ଜଗନ୍ନାଥଙ୍କ ପୂର୍ବରୁ ପରଂବ୍ରହ୍ମ ଉଚ୍ଚାରିତ ହୁଏ । ବ୍ରହ୍ମର କୌଣସି ଆକାର ନାହିଁ, ପ୍ରକାର କି ପରିସୀମା ବା ବଳୟ ବି ନାହିଁ । ଅନନ୍ତ ଆକାଶ ନୀଳ ବର୍ଣ୍ଣ, ବିଶାଳ ସାଗର ଜଳରାଶି ନୀଳରଙ୍ଗରେ ପରିବ୍ୟାପ୍ତ । ସେ ବ୍ରହ୍ମ ମଧ୍ୟ ନୀଳ ବର୍ଣ୍ଣରେ ଉଦ୍ଭାସିତ । ନୀଳ ମହୋଦଧି କୂଳେ, ନୀଳ ପର୍ବତର ନୀଳ କନ୍ଦରରେ, ନୀଳ ଆକାଶ ଆଉ ନୀଳଚକ୍ର ତଳେ ନୀଳାଦ୍ରି ମଣ୍ଡପରେ, ନୀଳ ରତ୍ନସିଂହାସନରେ ବିରାଜିତ ନୀଳ ବ୍ରହ୍ମ ହେଉଛନ୍ତି ଶ୍ରୀଜଗନ୍ନାଥ । ଆମ ସୀମିତ ବୁଦ୍ଧିରେ ମାନବୀୟ ଦୃଷ୍ଟିକୋଣରୁ ସୀମିତ ସଂଜ୍ଞାର ଆକାର ଯୁକ୍ତ ପରିଧିରେ ଥିବା ସଂକୀର୍ଣ୍ଣ ଚିତ୍ରକୁ ଆମ ଚିନ୍ତନରେ ପରମେଶ୍ୱରଙ୍କର ସଂଜ୍ଞାକୁ ଯେଉଁ ପରିପୂର୍ଣ୍ଣ ବୋଲି ଚିନ୍ତା କରୁ ତାହା ଉଚିତ୍ ନୁହେଁ କି ଠିକ

ISSN NO.
2582-208X

ବି ନୁହେଁ । ଆମ ଦ୍ୱାରା କଥିତ ସମସ୍ତ ଧର୍ମ ଓ ସଂଜ୍ଞା ଛୋଟ ଛୋଟ ନଦୀ ହେଲେ ଭଗବାନଙ୍କ ତିଆରି ଧର୍ମ ଅନନ୍ତ ସିନ୍ଧୁ ସମାନ ଅଟେ । ଆମମାନଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଧର୍ମ ପରମେଶ୍ୱରଙ୍କର ଧର୍ମ ମଧ୍ୟରେ ଅନ୍ତର୍ଗର୍ଭା ଯେପରି ସମସ୍ତ ନଦୀ ପ୍ରବାହିତ ହୋଇ ସିନ୍ଧୁ ଗର୍ଭରେ ବିଲୀନ ହୋଇଯାଆନ୍ତି । ଏହି ତତ୍ତ୍ୱକୁ ବହନ କରେ ଆମ ଜଗନ୍ନାଥ ସଂସ୍କୃତି।

ସର୍ବଜନ ପୂଜ୍ୟ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ କାହିଁ କେତେ ଦୂରଦୂରାନ୍ତରୁ ଅନେକ ସାଧୁସନ୍ଥ, ଯୋଗୀ, ଋଷି, ତପସ୍ୱୀ, ଭକ୍ତ ଏହି ପାବନ ଶ୍ରୀକ୍ଷେତ୍ରକୁ ଆସି ନିଜ ନିଜ ସ୍ୱଆରାଧିତ ଆରାଧ୍ୟଙ୍କୁ ଶ୍ରୀବିଗ୍ରହ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଦର୍ଶନ କରିଥିବାର ପ୍ରତ୍ୟକ୍ଷ ପ୍ରମାଣ ରହିଛି । ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଭକ୍ତ ଗଣପତି ଭଟ୍ଟ ଗଣପତି ଭଗବାନଙ୍କୁ, ଆଦି ଶଙ୍କରାଚାର୍ଯ୍ୟ ନିଜ ଆରାଧ୍ୟ ଶଙ୍କରଙ୍କୁ, ଚୈତନ୍ୟ ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ, ରାମାନୁଜ ନିଜ ରାମଙ୍କୁ, ଶାକ୍ତ ମାନେ ଶକ୍ତିଙ୍କୁ, ଗୁରୁନାନକ ନିଜ ଗୁରୁଙ୍କୁ, ବ୍ରହ୍ମ ଉପାସକମାନେ ବ୍ରହ୍ମଙ୍କୁ, ଶୂନ୍ୟ ଉପାସକମାନେ ଶୂନ୍ୟ ବ୍ରହ୍ମ, ଏବଂ ଜ୍ୟୋତିଷାଚାର୍ଯ୍ୟ ନବଗ୍ରହଙ୍କୁ ଦର୍ଶନ କରିଛନ୍ତି । ତେଣୁ ଶ୍ରୀଜଗନ୍ନାଥ ସର୍ବ ଧର୍ମ ଉପାସ୍ୟ ହୋଇଥିବାରୁ ସେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କୁ କୁହାଯାଇଛି: –

"ଯୋ ଦାରୁବ୍ରହ୍ମ ମୂର୍ତ୍ତି ପ୍ରଣବତନୁଧରଃ
ସର୍ବ ବେଦାନ୍ତ ସାରଃ ଭକ୍ତାନାଂ କଳ୍ପ ବୃକ୍ଷୋ ।
ଭବଜଳ ତରଣି ସର୍ବଃ ତତ୍ତ୍ୱାନୁତତ୍ତ୍ୱମ୍
ସିଦ୍ଧାନାଂ ଯୋଗମୂର୍ତ୍ତିଃ ହରିହର ନୁମିତଃ
ଶ୍ରୀପତି ବୈଷ୍ଣବାନାମ୍
ଶୈବାନାମ୍ ଭୈରବୋୟମ୍
ସତତ ସୁବିଦିତଃ ଶାକ୍ତ ତନ୍ତ୍ରେ ଚ ଶକ୍ତିଃ ।
ବୌଦ୍ଧାନାମ୍ ବୁଦ୍ଧମୂର୍ତ୍ତିଃ
ଋଷଭ ମୁନିବରୋ ଜୈନ ସିଦ୍ଧାନ୍ତ ସାରେ

ISSN NO.
2582-208X

ସୋଽୟଂ ନୀଳାଦ୍ରିନାଥଃ ଭବଭୟ ହରଣଃ
ମାଧବ ପାତୁ ନିତ୍ୟମ୍ ।"

ସେ ଜଗନ୍ନାଥଙ୍କ ରୀତିନୀତିରେ ରାଜକୀୟ ପରିପାଟୀ ଥିଲେ ବି ରନ୍ଧନ କାର୍ଯ୍ୟରେ ମାଟିପାତ୍ର ସବୁ ବ୍ୟବହାର କରାଯାଏ । ମୃତ୍ତିକା ପାତ୍ରରେ ରନ୍ଧନ କରାଯାଇଥିବା ଖାଦ୍ୟ ଧାତୁ ନିର୍ମିତ ପାତ୍ରରେ ରନ୍ଧା ଯାଇଥିବା ଖାଦ୍ୟ ଠାରୁ ଅଧିକ ସୁସ୍ୱାଦୁ । ତେଣୁ ଅଦ୍ୟାବଧି ଶ୍ରୀମନ୍ଦିରରେ ମାଟି ପାତ୍ରରେ ରନ୍ଧନ ଦ୍ରବ୍ୟ ପ୍ରସ୍ତୁତ କରାଯାଇ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ କୁ ନିର୍ବିକାର ଭାବରେ ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକତ୍ର ବସି ଭୋଜନ କରିପାରନ୍ତି । ଶ୍ରୀମହାପ୍ରସାଦ ଅତ୍ୟନ୍ତ ପବିତ୍ର ଓ ଗୁଣ ସମ୍ପନ୍ନ । ବିଭିନ୍ନ ପୁରାଣ ଶାସ୍ତ୍ରରେ ଏହାର ଭୂୟସୀ ପ୍ରଶଂସା କରାଯାଇଛି । କଥିତ ଅଛି ଯେତେ ପାପ କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ଏବଂ ଶ୍ରୀମହାପ୍ରସାଦ ସେବନ ମାତ୍ରକେ ସମସ୍ତ ପାପ ତାପ ନଷ୍ଟ ହୋଇଯାଇଥାଏ । ଏହି ରୋଷ ଶାଳାରେ ସ୍ୱୟଂ ମହାଲକ୍ଷ୍ମୀ ଅନ୍ନ ରନ୍ଧନ କରନ୍ତି ଏବଂ ଜଗତର ନାଥ ଜଗନ୍ନାଥ ଭୋଜନ କରନ୍ତି । ତେଣୁ ଏହା କେବଳ ପ୍ରସାଦ ମାତ୍ର ନୁହେଁ, ଏହା ମହାପ୍ରସାଦ । ପଦ୍ମପୁରାଣରେ ଉଲ୍ଲେଖ ରହିଅଛି : -

"ତନ୍ତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂ ଭୋକ୍ତ ଜନାର୍ଦ୍ଦନଃ
ତସ୍ମାତ୍ତଦନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭମ୍ "।

ଶ୍ରୀମହାପ୍ରସାଦ ପରି ସ୍ୱାଦଯୁକ୍ତ ରୁଚିକର ତଥା ପୁଷ୍ଟିକର ଖାଦ୍ୟ ବିଶ୍ୱରେ ବିରଳ । ଏହାର ପ୍ରସ୍ତୁତ ପ୍ରଣାଳୀ ମଧ୍ୟ ବିଜ୍ଞାନ ସମ୍ମତ । ଏଥିନିମନ୍ତେ ରୋଷ ଶାଳାର ନିୟମାବଳୀ ଶୁଦ୍ଧତା, ନର୍ମଳତା ସର୍ବୋପରି ବିଭାଗିକରଣ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ନିର୍ଦ୍ଦିଷ୍ଟ ସେବକ ମାନଙ୍କର ନିଷ୍ଠା ଓ ପାରମ୍ପାରିକତା ବଜାୟ ରହିଥିବାରୁ ଏହା ସମ୍ଭବ ହୋଇପାରିଛି । ଶ୍ରୀମହାପ୍ରସାଦର ଅଶେଷ ଗୁଣ ସମ୍ପନ୍ନ ହେତୁ ଏହା ସର୍ବଜନ ଗ୍ରାହ୍ୟ ଓ ପୂଜ୍ୟ ହୋଇପାରିଛି । ପୁରାଣରେ ଉଲ୍ଲେଖ ଅଛି :-

"ଶ୍ୱାନସ୍ୟ ମୁଖ ଭ୍ରଷ୍ଟ ମମାନ୍ନଂ ଯଦିଯାୟତେ
ବ୍ରହ୍ମାଦ୍ୟୈରପି ତଦ୍ଭକ୍ଷମ୍ ଭାଗ୍ୟ ତେ ଯଦି ଲଭ୍ୟତେ "

ISSN NO.
2582-208X

ତାଙ୍କ ପାଖରେ ଜାତି ଭେଦ ନାହିଁ, ଉଚ୍ଚ ନିଚ୍ଚ ବାଛ ବିଚାର ନାହିଁ, ସେଥିପାଇଁ ଦାସିଆ ବାଉରୀ ହାତରୁ ଶ୍ରୀଫଳ ଗ୍ରହଣ କରନ୍ତି, ଭକ୍ତ ଶାଳବେଗ ପାଇଁ ନନ୍ଦିଘୋଷକୁ ଅଟକାଇ ରଖନ୍ତି, ଭକ୍ତ ବଳରାମ ପାଇଁ ନନ୍ଦିଘୋଷକୁ ଛାଡି ବାଲି ରଥରେ ବିଜେ କରନ୍ତି, ବନ୍ଧୁ ମହାନ୍ତିଙ୍କୁ ଅର୍ଦ୍ଧ ରାତ୍ର ସମୟରେ ବିନିଦ୍ର ହୋଇ ସୁବର୍ଣ୍ଣ ଥାଳିରେ ମହାପ୍ରସାଦ ଯାଚିଦିଅନ୍ତି। ଜାତି, ଧର୍ମ, ନିର୍ବିଶେଷରେ ସମସ୍ତଙ୍କ ସହିତ ଏକାକାର ହୋଇଯାଆନ୍ତି ଘୋଷ ଯାତ୍ରା ସମୟରେ ବଡ଼ଦାଣ୍ଡରେ । ସେ ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥଙ୍କ ମହାବାହୁ ତଳେ ସମସ୍ତେ ସମାନ । ଏଇଠି କେବଳ ଏକତ୍ୱର ମନୋଭାବ । ଜଗନ୍ନାଥଙ୍କୁ କୁଣ୍ଢେଇ ପକାଇବାରେ, ସ୍ପର୍ଶ କରିବାରେ, ଦୋଷ ନାହିଁ । ନନ୍ଦିଘୋଷ ରଥ ଦଉଡ଼ି ଟାଣିବାରେ ବାଛବିଚାର ନାହିଁ । ଏହି ଘୋଷ ଯାତ୍ରା ଶରଧାବାଲିରେ ଭକ୍ତ ଭଗବାନ ଏକାକାର । ଏଇଠି ଝରିପଡୁଥାଏ ସ୍ନେହଶ୍ରଦ୍ଧାର ଅମନ୍ଦ ମନ୍ଦାକିନୀ ଧାରା । ଏହାହିଁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ଭାତୃତ୍ୱ ଓ ବିଶ୍ୱ ମୈତ୍ରୀର ଶ୍ରେଷ୍ଠ ନିଦର୍ଶନ ।

ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱର ଶ୍ରେଷ୍ଠ ସଂସ୍କୃତି ଯେଉଁଠି ସମସ୍ତ ବାଦବିବାଦ ଠାରୁ ଉର୍ଦ୍ଧ୍ୱରେ ରହି ସମଗ୍ର ମାନବ ଜାତିକୁ ଏକତା ସୁତ୍ରରେ ବାନ୍ଧିବା ପାଇଁ ପ୍ରଯତ୍ନ କରିଛି । ଏହା ସହିତ ପଦପଦବୀ ଠାରୁ କର୍ମକୁ ଉଚ୍ଚ ସ୍ଥାନ ଦେବାକୁ ଯାଇ ଲକ୍ଷେ ରାଜାଙ୍କ ମଉଡମଣୀ ଗଜପତିଙ୍କ ଦ୍ୱାରା ଘୋଷ ଯାତ୍ରା ସମୟରେ ଛେରାପହଁରା କରାଯାଉଛି । ପରିଶେଷରେ ଏତିକି କୁହାଯାଇପାରେ ଅଧାଗଢ଼ା ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରକାତ୍ମକ ବିଗ୍ରହ। ସେ ହେଉଛନ୍ତି ପୂର୍ଣ୍ଣ ବ୍ରହ୍ମ । ଶ୍ରୀମନ୍ଦିରରେ ପାଳିତ ହେଉଥିବା ପ୍ରତ୍ୟେକ ବିଧିବିଧାନ ମଧ୍ୟରେ କିଛି ନା କିଛି ପ୍ରତିକାତ୍ମକ ସୂଚନା ରହିଛି । ତେଣୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ, ପରମବ୍ରହ୍ମ, ନିର୍ଗୁଣ, ନିରାକାର ଅଟନ୍ତି । ଶ୍ରୀଜଗନ୍ନାଥ ସବୁ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ଅନ୍ଧାରରୁ ଆଲୋକ ଆଡ଼କୁ, ମୃତ୍ୟୁରୁ ଅମୃତ ଆଡ଼କୁ, ଶୂନ୍ୟତାରୁ ପୂର୍ଣ୍ଣତା ଆଡ଼କୁ, ଟାଣି ନେଇ ସମ୍ପୂର୍ଣ୍ଣ ଜଗତକୁ ଦିଗଦର୍ଶନ ଦେଉଥିବା ବିଶ୍ୱ ବନ୍ଦନୀୟ ଠାକୁର ଏଥିରେ ଲେଶ ମାତ୍ର ସନ୍ଦେହର ଅବକାଶ ନାହିଁ ।

ଅଧ୍ୟାପକ, ମାହାଙ୍ଗା, କଟକ
Mobile No-9937441998

ISSN NO.
2582-208X

# ଗୁଞ୍ଜେ କୀର୍ତ୍ତି ତ୍ୟାଗ ବଳିଦାନ

ରାଗ:- ରାମକେରୀ



ଅଜିତ କୁମାର ରାଉତ

କୀର୍ତ୍ତି ଓ ଗୌରବ ଗୁଞ୍ଜନ
କରୁଅଛି ଗର୍ବିତ,
ନିଷ୍ଠା ପରାକାଷ୍ଠା ଚନ୍ଦନ
ବାସ୍ନା ସାରା ଜଗତ !!

ଅନସୂୟା ସୀତା ସାବିତ୍ରୀ
ରାଣୀ ଯେ ଦମୟନ୍ତୀ
ଅହଲ୍ୟା ଦ୍ରୌପଦୀ ମହିଳା
ସ୍ମୃତି ରଖି ଅଛନ୍ତି !!

ସମାଜେ ମହତ୍ତ୍ୱ ନାରୀଙ୍କ
ଗୁଞ୍ଜୁଛି ନିରନ୍ତର,
ଅମୃତ ଏ କାଳ ରାଷ୍ଟ୍ରର
ଶକ୍ତି ଦିଶେ ତାଙ୍କର !!

ISSN NO.
2582-208X

ଆଦିବାସୀ କୁଳେ ଜନମ
ନାରୀ ଦ୍ରୌପଦୀ ପରି
ରାଷ୍ଟ୍ରପତି ଭାବେ ଆସୀନ
କର୍ମ ମନ୍ତ୍ରକୁ ଧରି !!

ଗାଆଁ ମଫସଲେ ଜନମ
ଲେଖିଲା ଇତିହାସ
ମହିଳା ସମାଜ ଗର୍ବିତ
ଦେଖି ତାର ସାହସ !!

ଦିଶନ୍ତି ଆଗୁଆ ନାରୀରେ
ସବୁ କ୍ଷେତ୍ର ରାଷ୍ଟ୍ରର
ସୁରକ୍ଷା କରନ୍ତି ଦେଶର
ବହି ବୀରତ୍ୱ ଧାର !!

ଖେଳ କ୍ଷେତ୍ରେ ଦେଖ ନରୀରେ
ଆଣୁ ଛନ୍ତି ସମ୍ମାନ
କେନ୍ଦ୍ର ଅର୍ଥମନ୍ତ୍ରୀ ମହିଳା
ନାମ ତାଙ୍କ ଗୁଞ୍ଜନ !!

ଅର୍ଥନୀତି ହସ୍ତେ ମହିଳା
ବିଶ୍ୱେ ପଞ୍ଚମ ସ୍ଥାନ
କରିବ ତୃତୀୟ ସ୍ଥାନରେ
ଅସୁ ଅଛିରେ ଦିନ !!

ISSN NO.
2582-208X

ଯୁବା ଓ ଯୁବତୀ ବଳରେ
ହୁଏ ସମ୍ଭବ ଏହା
ମହିଳା ଶକ୍ତି ଯେ ଅପାର
ନେତ୍ରେ ଦିଶୁଛି ତାହା !!

ଇତିହାସ ପୃଷ୍ଟେ ମଣ୍ଡନ
ନାରୀ ଶକ୍ତି ସ୍ୱରୂପା
ଯୁଗେ ଯୁଗେ ଯାର ମହତ୍ୱ
ଆଣେ ମନରେ ଆଶା !!

ଜନନୀ ଭଗିନୀ ଓ ଜାୟା
ନାରୀର ବହୁ ରୂପ
ଝିଅ ରୂପେ ତାର ଆଦର
ନାହିଁ ତା ପରି ମାପ !!

ସୁଗୁଣ ସମ୍ପନ୍ନ ନାରୀରେ
ସତ୍ୟ ଧର୍ମ ଭୂଷିତା
ଟୋପାଏ ସିନ୍ଦୂର ବନ୍ଧନ
କରେ ତାକୁ ଉଚ୍ଚତା !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୭୨୦୫୩୪୩୫୬୯

ISSN NO.
2582-208X

# ବାକି ଖାତା



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

କିଛି ବାକି ରହିଗଲା
ଜୀବନ ଖାତାରେ
ଯୌବନ ଖାତାରେ
ତେଲ ଲୁଣର ସଂସାରରେ//

କିଛି ଲୋକ
ମୋତେ କୋଳେଇଲେ
କିଛି ଲୋକ
ମୋ ପିଠି ଥାପୁଡ଼େଇ
କଳଙ୍କର କାହାଣୀ ଲେଖିଲେ
ଆତ୍ମୀୟତାର ଅକ୍ଷରରେ//

ସରଳ ଓ ସହଜ ଲାଗୁଥିବା ଧାଡ଼ି
ଅସ୍ତ୍ର ର ଧାର ପରି ଅନୁଭବ ହେଲା //

ISSN NO.
2582-208X

ସବୁ ମାୟା ଓ ମୋହ
ମହମ ପରି
ତରଳି ଚାଲିଲା
ଝୁଣ୍ଟି ପଡ଼ିବା ଆଗରୁ
କିଛି କ୍ଷଣ ଅଟକି ଗଲି
ସଫା ଦିଶୁଥିବା ସଂପର୍କ ଗୁଡିକ
କୁହୁଡିଆ //

ସଭିଏଁ କହନ୍ତି ସଫେଦ ହିଁ ସୌଭାଗ୍ୟ
କିନ୍ତୁ ସେଦିନ
ସେ ଅଦିନିଆ କୁହୁଡି
ମୋ ସୁଖର ପଦ୍ମ ବନରୁ
ସୌନ୍ଦର୍ଯ୍ୟ କୁ ଚୋରାଇନେଲା //

ତୁମେ ଭାବୁଛକି
ଅତୀତ ଅଟକାଇ ଦେଲା
ହଁ
କିଛିକ୍ଷଣ
ଦିନ ତମାମ ନୁହେଁ //

ମୋ ଲୁହର ସ୍ପର୍ଶରେ
ତୁମ ରୁମାଲ ହିଁ ଭାଗ୍ୟବାନ
ମୁଁ ନୁହେଁ

ISSN NO.
2582-208X

ସେ ରୁମାଲର ଛୋଟିଆ ଦାଗ
ରାଣ ଦେଇ କହିଯାଇଥିଲା ସେଦିନ//

କିଛି ବାକି ରହୁ
ପୂର୍ବ ଜନ୍ମ ଓ
ପରଜନ୍ମର
ମୋହରେ //

କିଛି ପାଦ ପାରିଲା ପଣର ମୋହରେ
ଭାସିଯାଇ
ନୂଆ ନୂଆ ସଂପର୍କକୁ ଅପେକ୍ଷା କରୁ
ଅବା ଗଢିଦେଉ //

ସାହାସପୁର,ତୁରଙ୍ଗ, ଚଣ୍ଡିଖୋଲ, ଯାଜପୁର
ଦୂରଭାଷ-୬୩୭୧୯୩୭୮୮୪

ISSN NO.
2582-208X

# ମନ ଆକାଶ



ବିଜୟ କୁମାର ସାହୁ

ମନ ମୋର ଯଦି ହୁଏ ଆକାଶ
ବିବେକ ମୋ ଅଟଇ କଲମ
ହୃଦୟ ସାହିରେ ଲେଖୁଅଛି ମୁଁ
ତୁମ୍ଭ ନାମ ପ୍ରିୟା ତୁମ୍ଭ ନାମ ॥ ୧
ତୁମ ଶୀତଳ ପଣତ ତଳେ
ଲୋଟି ନେବି ମୋ ଉଷ୍ମ ପ୍ରବଣତାକୁ
ହୁଏତ, ଗୋ ପ୍ରିୟା ତୁମ ନରମ
ହାତର ସ୍ପର୍ଶରେ ଏବଂ ତୁମ ଚୁପି ଚୁପି
କଥାରେ ନିର୍ବାପିତ କରିବି
ମୋ ଅକୁହା ବେଦନାକୁ ॥ ୨
ତୁମେ ମୋ ପ୍ରେମିକା ତୁମେ ମୋ ନାୟିକା
ଅଭୁଲା ସ୍ମୃତିର ପାଠାଗାର
ତୁମେ ଅଛ ବୋଲି ମନ ଆକାଶରେ
ଲେଖୁଅଛି ମୁଁ ପ୍ରେମ ଗୀତ ... ୩

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୭୨୩

ISSN NO.
2582-208X

# ଓଡ଼ିଆ ସମାଲୋଚନା ସାହିତ୍ୟରେ ଗାଳ୍ପିକ ଚନ୍ଦ୍ରଶେଖର ରଥ



ସୁନତା ବାରିକ

ଦିଗଦର୍ଶକ
ଡ଼. ହରିହର ପ୍ରଧାନ
ଓଡ଼ିଆ ବିଭାଗ କୋଲହଣ ବିଶ୍ୱ ବିଦ୍ୟାଳୟ

ଚଳିତ ଅର୍ଦ୍ଧ ଶତାବ୍ଦୀ ଓଡ଼ିଆ ସାହିତ୍ୟର ଇତିହାସରେ ଚନ୍ଦ୍ରଶେଖର ରଥ ହେଉଛନ୍ତି ଏକ ପ୍ରତିଷ୍ଠିତ ସାରସ୍ୱତ ପୁରୁଷ । କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଲଳିତ ନିବନ୍ଧ ରଚନାରେ ସେ ହେଉଛନ୍ତି ଜଣେ କ୍ଷାତନାମା ସାହିତ୍ୟକ । କେବଳ ସାହିତ୍ୟକ ନୁହେଁ ସଂସ୍କୃତି, ଇତିହାସ, ଧର୍ମଶାସ୍ତ୍ର, ବେଦ ଉପନିଷଦ, ଗୀତା ଆଲୋଚନା, ରାମକୃଷ୍ଣ, ବିବେକାନନ୍ଦ, ଶ୍ରୀ ଅରବିନ୍ଦଙ୍କ ଚିନ୍ତାଧାରା ବୟାନ କରିବାରେ ଜଣେ ଯଶସ୍ୱୀ ସ୍ରଷ୍ଟା ମଧ୍ୟ ଅଟନ୍ତି । ଏତଦ୍ ବ୍ୟତୀତ ସେ ହେଉଛନ୍ତି ଓଡ଼ିଶାର ସର୍ବମାନ୍ୟ ବାଗ୍ମୀ, ପଣ୍ଡିତ ତଥା ମୂଲ୍ୟବୋଧରେ ବିଶ୍ୱାସ ରଖୁଥିବା ସ୍ରଷ୍ଟା । ୧୯୫୨ ମସିହାରେ ଇଂରାଜୀ ସାହିତ୍ୟ ଅଧ୍ୟାପନା ପ୍ରାରମ୍ଭ ସମୟରେ ଦୀର୍ଘ ଦଶବର୍ଷ ସେ ଇଂରାଜୀରେ ବହୁ ସାହିତ୍ୟ ଲେଖିଛନ୍ତି। କିନ୍ତୁ ତାଙ୍କ ଭିତରେ ଥିବା ସ୍ରଷ୍ଟା ପୁରୁଷଟି ସନ୍ତୁଷ୍ଟ ହୋଇପାରିଲା ନାହିଁ । ଫଳସ୍ୱରୂପ ୧୯୬୦ ବେଳକୁ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିବା ଆରମ୍ଭ କରିଥିଲେ । ଜଣେ ସମାଜ ସଚେତନ ଶିଳ୍ପୀ ଭାବରେ ଜାତୀୟ ଜୀବନର ଦୁଃସ୍ଥିତି, ସ୍ୱାଧୀନତା ପରବର୍ତ୍ତୀ ସମାଜର ସ୍ୱାର୍ଥ ଓ ମଣିଷର ସ୍ଥିତି ଜନିତ ବ୍ୟାକୁଳତା ଆଦିକୁ ସେ ନିରୀକ୍ଷଣ କରିଛନ୍ତି । ସେ ବହୁ ବିଳମ୍ବରେ ଆସିଥିଲେ ମଧ୍ୟ ଶୈଳୀର ଚମତ୍କାରିତା ପାଇଁ ପାଠକ ମହଲରେ ସମ୍ମାନର ଅଧିକାରୀ ହୋଇପାରିଛନ୍ତି ।

ISSN NO.
2582-208X

ଚନ୍ଦ୍ରଶେଖର ରଥଙ୍କ ଗଳ୍ପର କଥାବସ୍ତୁ, ଘଟଣା ବିନ୍ୟାସ, ଚରିତ୍ର ଚିତ୍ରଣ ଏବଂ ଭାଷା ଶୈଳୀ ଯେ କୌଣସି ପାଠକୀୟ ଓ ସମାଲୋଚକୀୟ ମାନଦଣ୍ଡରେ ଅନନ୍ୟ । ତାଙ୍କ ଗଳ୍ପ ସାମ୍ରାଜ୍ୟରେ କଥାବସ୍ତୁର ଏକ ବିବିଧତା ଲକ୍ଷ୍ୟ କରିହୁଏ । ମଣିଷ ଭିତରେ ଛପି ରହିଥିବା ଦେବତ୍ୱର ସନ୍ଧାନ, ମଣିଷର ଗଭୀର ବେଦନା, ଜୀବନର ନାନା ଚିତ୍ର, ନିୟତିର ଆଶ୍ଚର୍ଯ୍ୟ ବିଧାନ, ମଣିଷର ଅସହାୟବୋଧ ଅହଂକାର ଓ ଆତ୍ମସମର୍ପଣ ପ୍ରବୃତି ତାଙ୍କ କଥାବସ୍ତୁର ପ୍ରାଣକେନ୍ଦ୍ର ଭାବରେ ଦୃଷ୍ଟିକୁ ଆସନ୍ତି । ତାଙ୍କ ସାହିତ୍ୟରେ କରିଛନ୍ତି ଜୀବନର ବିଶ୍ଳେଷଣ । ତାଙ୍କ ଗଳ୍ପ ଗୁଡିକରେ ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀ ବିଶେଷ ଭାବରେ ପରିଦୃଷ୍ଟ ହୋଇଥାଏ। ମଣିଷ ଜୀବନର ପ୍ରତିଟି ପୃଷ୍ଠାରେ ଲେଖିହୋଇଯାଇଥିବା ମଣିଷ ମନର ଭାଷାକୁ ନେଇ ଶ୍ରୀ ରଥ ଲେଖନୀ ଚଳାଇଥିବାରୁ ତାଙ୍କର କ୍ଷୁଦ୍ରଗଳ୍ପ ସମଧିକ ପରିମାଣରେ ଜୀବନଧର୍ମୀ ଅଟେ । ଅଲୌକିକତା, ଅଧ୍ୟାତ୍ମିକତା, ବିଚ୍ଛିନ୍ନତାବୋଧ, ଯୌନଚେତନା, ସ୍ଥିତିବାଦ, ମନସ୍ତତ୍ୱ ଇତ୍ୟାଦି ଦିଗକୁ ନେଇ ଚନ୍ଦ୍ରଶେଖର ରଥ ତାଙ୍କ ଗଳ୍ପଗୁଡିକରେ ସମାଲୋଚକୀୟ ଦୃଷ୍ଟିଭଙ୍ଗିର ଅବତାରଣା କରିଛନ୍ତି ।

ଶ୍ରୀ ରଥଙ୍କ ଗଳ୍ପର ଏକ ଲୋଭନୀୟ ବିଭାବ ହେଉଛି ଅଲୌକିକତା । ଅତିପ୍ରାକୃତବାଦର ଏକ ଉପାଦାନ ହେଉଛି ଅଲୌକିକତା । ଏମା ସାଧାରଣ ଚେତନରେ ଯାହା ଘଟୁଛି ତାହା ଲୌକିକ, ମାତ୍ର ଯାହା ଇହଲୋକର ଚିରାଚରିତ କଥା ନୁହେଁ ତାହା ଅଲୌକିକ । ବାସ୍ତବ ଜୀବନରେ ଅଲୌକିକତା ଯେମିତି ରୋମାଞ୍ଚକର, କାହାଣୀର ସଫଳ ଭାବେ ଅଲୌକିକତାର ଅବତାରଣୀ କରିପାରିଲେ ପାଠକକୁ ସେପରି ରେମାଞ୍ଚିତ କରିପାରେ । ସାହିତ୍ୟରେ ଚନ୍ଦ୍ରଶେଖର ରଥଙ୍କ ଭଳି ଅଲୌକିକତାକୁ ଅନନ୍ୟ ଓ ପ୍ରଭାବଶାଳୀ ଭାବରେ ଅନ୍ୟ କେହି ପ୍ରୟୋଗ କରି ନାହାନ୍ତି । ଚନ୍ଦ୍ରଶେଖର ରଥଙ୍କ 'କ୍ରମଶଃ ଗଭୀର ନଈ' ଗଳ୍ପ ସଂକଳନରେ ଗ୍ରଥିତ ୨୧ ଟି ଗଳ୍ପଗୁଡିକ ମଧ୍ୟରୁ ଦୁଇଟି ଗଳ୍ପରେ ଅଲୌକିକତାର ଅବତାରଣା ଥିବା ଜଣାଯାଇଥାଏ । ସେଥିରୁ ଗୋଟିଏ ହେଉଛି 'ସତ ନା ମିଛ ? ମିଛ ନା, ନା ସତ' । ସଂକ୍ଷିପ୍ତ ଭାବରେ କାହାଣୀର ଅଲୌକିକତାର ମୁଁ ଅବତାରଣା କରୁଅଛି । ରାତି ଅଧରେ ଘୋର ଜଙ୍ଗଲ ମଧ୍ୟରେ ଗାଡି ଖରାପ ହୋଇଯାଇଛି । ଗାଡିରେ ଥାନ୍ତି ମାଆ, ପୁଅ, ବୋହୂ ଓ ଡ୍ରାଇଭର । ସେତେବେଳେ ସେଇ ଅନ୍ଧାରରେ ଦୁଇଜଣ ବ୍ୟକ୍ତି ଉଭା ହୁଅନ୍ତି ଗଣେ ମୁସଲମାନ ବୁଢା ଓ ତାର ଯୁବକ ପୁଅ । ପୁଅ ଗାଡି ସଜାଡି ବସିଥାଏ ଏବଂ ବୁଢା ନିକଟସ୍ଥ ନିଜ ଘରକୁ ଡାକି ନିଏ । ସେଠି ବୁଢାର ସ୍ତ୍ରୀ, ଦୁଇ ବୋହୂ ଓ ଝିଅ ଖୁଆଇ ପିଆଇ ଏମାନଙ୍କର ବହୁତ ଚର୍ଚ୍ଚା କରନ୍ତି । ତାପରେ ମୁସଲମାନ ବୁଢା ଓ ତାଙ୍କ

ISSN NO.
2582-208X

ପରିବାରଠୁ ବିଦାୟ ନେଇ ଏମାନେ ଚାଲିଯାନ୍ତି । କିନ୍ତୁ ପରେ ଜଣା ପଡିଲା ଯେ ସେ ଜଙ୍ଗଲର ସେଇ ସ୍ଥାନରେ କୌଣସି ଗାଁ ଗଣ୍ଡା ନାହିଁ । ଗଳ୍ପ ନାୟକ ଜଣେ ଅଧ୍ୟାପକ । ବଦଳି ହୋଇ ଗୋଟେ ପାହାଡ ଜଙ୍ଗଲ ଘେରା ଗଡ଼ଜାତି ସହରରେ ପହଞ୍ଚିଛି ଓ ସେହି ରାଜବାଟିରେ ରହିଛି । ଅତୀତରେ ତାର ଛାତ୍ର ଥିବା ସେଠାକାର ତରୁଣ ଓ ଭୟାଳୁ ଅତିରିକ୍ତ ତହସିଲଦାର ଆସି ଜୁଟିଛି ଓ କିଛି କଥାବାର୍ତ୍ତା ହୋଇ ଫେରିଯାଇଛି । ରାତିରେ ରାଜବାଟୀର ଜଗୁଆଳି ଗୋପାଳ ଦ୍ୱାରା ସ୍ୱାଦୁ ଦିବ୍ୟ ଭୋଜନରେ ଆପ୍ୟାୟିତ ହୋଇ ଶୋଇଗଲା ପରେ ବହୁକାଳ ପୂର୍ବେ ରାଜଦମ୍ପତିଙ୍କ ଅତରର ମହକ ଏବଂ ସେହି ଅନ୍ଧାରରେ ଏକ ରମାଣୀର ଉପସ୍ଥିତି ବାରି ନାୟକର ନିଦ ଭାଂଗିଯାଇଛି । ରାତିରେ ରାଜବାଟିରେ ଘଟିଯାଇଛି ଅନେକ ଅଲୌକିକ ଘଟଣା । ଶେଷରେ ସକାଳୁ ଦେଖିଲା ବେଳକୁ ପୂର୍ବ ରାତିର ଗୋପାଳ ନାମକ ଚରିତ୍ର ପ୍ରକୃତରେ କେତେ ବର୍ଷ ତଳର ଦିବ୍ୟଙ୍ଗତ ଜଗୁଆଳି ବୋଲି ଜାଣିପାରିଛି ଗଳ୍ପ ନାୟକ ।

ଉପରୋକ୍ତ ଦୁଇ ଗଳ୍ପ ଅଲୌକିକତାର ଅବତାରଣା ଥିଲେ ମଧ୍ୟ ପରିବେଶଣରେ ରହିଛି ତୀବ୍ର ଓ ଶାଣିତ ଭଙ୍ଗୀ । କାହାଣୀ, ଘଟଣା, ଚରିତ୍ର, ଭାଷା, କଥନ, ଶୈଳୀ ଓ ବ୍ୟଞ୍ଜନାରେ ରହିଛି ଅନେକ କଳାତ୍ମକ ଔଜ୍ଜ୍ୱଲ୍ୟ । ଅଲୌକିକତାରେ ଆଧାରିତ ଆଉ ଗୋଟିଏ ଗଳ୍ପ ହେଲା 'ବୃକ୍ଷ ଜାତକ' । ବୃଦ୍ଧ ଗନ୍ଧର୍ବ ଗୋଚ୍ଛେଇତର ତ୍ୟାଗର କଥା 'ବୃକ୍ଷ ଜାତକ' ଗଳ୍ପର କଥାବସ୍ତୁ । ଜଣେ ମହାପୁରୁଷର ସମ୍ପର୍କରେ ଜୀବନସାରା କହି କହି ବୁଢାକୁ ସେଇଟା ସତ ପରି ଲାଗିଲା । ଗାଁ ରେ ଥିବା ଏକ ବିରଳ ଆମ୍ବଗଛ ସେଇ ମହାପୁରୁଷଙ୍କ ଦ୍ୱାରା ରୋପିତ । ସେଥିରେ ବଡ଼ ବଡ଼ ଆମ୍ବ ହୁଏ କିନ୍ତୁ କେହି ଖାଆନ୍ତି ନାହିଁ । ସାବିତ୍ରୀ ଅମାବାସ୍ୟାରେ ଆଖପାଖ ୨୫ ଟି ଗାଁକୁ ଆମ୍ବ ପଠାଯାଏ । ଯାହା ବଳିଯାଏ ବାଙ୍କଚୂଡ ମାଧବଙ୍କୁ ଭୋଗ ଲାଗେ । ସେହି ଗଛର ଆମ୍ବ ଟାକୁଆର ଅନ୍ୟ ଏକ ଗଛ କରିବା ପାଇଁ ସମସ୍ତଙ୍କ ଇଚ୍ଛା । କିନ୍ତୁ କେହି ସଫଳ ହୋଇପାରନ୍ତି ନାହିଁ । ତେଣୁ ସମସ୍ତେ ଆସ୍ତେ ଆସ୍ତେ ବିଶ୍ୱାସ କରିଛନ୍ତି ଯେ ଆମ୍ବ ଗଛ ଏବଂ ତଥାକଥିତ ମହାପୁରୁଷଙ୍କ ଅଲୌକିକତାକୁ । ଶେଷରେ ନିଜେ ବୁଢା ହିଁ ଚାଲିଯାଇଛି ସବୁଠାରେ ବଡ଼ ଆମ୍ବର ଟାକୁଆକୁ ବଗିଚାରେ ପୋତିଦେଇ ଶାବଳଟିକୁ ସେହି ସ୍ଥାନରେ ଦେଇ । ସେ ଯେ କୁଆଡେ ଯାଇଛି କାହାକୁ ଜଣା ନାହିଁ ।

ISSN NO.
2582-208X

ଚନ୍ଦ୍ରଶେଖର ରଥଙ୍କ କେତେକ ଗଳ୍ପରେ ବିଚ୍ଛିନ୍ନତାବୋଧର ପ୍ରାଞ୍ଜଳ ରୂପ ଦେଖିବାକୁ ମିଳିଥାଏ । ଗାଳ୍ପିକଙ୍କର 'ଚିହ୍ନଟ' ଗଳ୍ପରେ ବିଚ୍ଛିନ୍ନତା ପୀଡ଼ିତ ମଣିଷ ଜୀବନରେ ସଂଗତିର ଅଭାବ ରହିଛି ଏଥିରେ । ଫଳରେ ସେ ନିଜକୁ ଅତୀତଠାରୁ ଓ ପରମ୍ପରା ବିଚ୍ଛିନ୍ନତା ବୋଲି ଭାବୁଛି । ଶ୍ରୀଯୁକ୍ତ ରଥଙ୍କ ଅନ୍ୟ ଗଳ୍ପ 'ଉଭୟ ପକ୍ଷ' ହେଉଛି ବିଚ୍ଛିନ୍ନତାବୋଧର ଏକ ପ୍ରାଞ୍ଜଳ ରୂପ । ଏ ଗଳ୍ପରେ ଉଚ୍ଚଶିକ୍ଷିତ ରୋଜଗାରକ୍ଷମ ପୁଅ ମନରେ ପିତା ମାତାଙ୍କର ଚିରନ୍ତନ ସ୍ନେହ ସୋହାଗ ପ୍ରତି ଯେଉଁ ଅବିଶ୍ୱାସର ଚିତ୍ର ଉପସ୍ଥାପିତ ହୋଇଅଛି ତାହା ଏକ ମୂଲ୍ୟବୋଧର ସଙ୍କଟ ଓ ତହିଁରୁ ବାହାରୁଥିବା ଆଧୁନିକ ବ୍ୟକ୍ତି ଜୀବନର ବିଚ୍ଛିନ୍ନତବୋଧର ଏକ ପ୍ରାଞ୍ଜଳ ଚିତ୍ରକୁ ବର୍ଣନା କରାଯାଇଅଛି । ପିତା ମତାଙ୍କ ସ୍ନେହ ତୁଳନାରେ ନିଜର ଅର୍ଥ ରୋଜଗାରକୁ ବଡ଼ ମାନେକରୁଥିବା ଓ ସେଥିପାଇଁ ଅସଙ୍ଗତିର ଶିକାର ହୋଇଥିବା ଗଳ୍ପ ନାୟକ ଗିରୀଶ ଏକ ବିଶିଷ୍ଟ ବାସ୍ତବ ପ୍ରତିନିଧି ସାଜିଛି । ନିଜ ନିକିତିରେ ନିଜେ ତଉଲୁଥିବା ମଣିଷ ମାନଙ୍କର ଉତଭଟ ସ୍ଥିତିକୁ ଚନ୍ଦ୍ରଶେଖର ବହୁ ଗଳ୍ପରେ ଉଖାରି ଦିଅନ୍ତି।

ଯୌନଚେତନା ହେଉଛି ମଣିଷର ଆଦିମ ପ୍ରବୃତ୍ତି । ଆଜିର ମନୁଷ୍ୟ ଯେତେ ରକ୍ଷଣଶୀଳ, ସଭ୍ୟ, ଶିକ୍ଷିତ ହେଲେ ମଧ୍ୟ ଯୌନତାକୁ ପରିହାର କରିପାରିନି । ଚନ୍ଦ୍ରଶେଖର ରଥଙ୍କ କେତେକ ଗଳ୍ପରେ ଯୌନଚେତନାର ଚିତ୍ର ଦେଖା ଦେଇଛି । ମଣିଷ ମାତ୍ରକେ କ୍ଷମତା ଓ ଐଶ୍ୱର୍ଯ୍ୟ ଭୋଗ କରିବାର ଲାଳସା ରହିଛି । 'ଭୋଗଦଖଲ' ଏହି ଭାବନକୁ ଯାଉଥିବା ଗଳ୍ପଟିଏ । ତଥାକଥିତ ରାଜକୀୟ ଅଚକନ ପିନ୍ଧି ସେହି ଦରବାରି ଅବଦକାଇଦାକୁ ଅବୋରିବାକୁ ସମସ୍ତଙ୍କ ମୋହ । ବହୁଦିନୁ ପରିତ୍ୟକ୍ତ ଉଆସକୁ ଦିନେ ଜଣେ ଛୋଟ ନୁଆ ମାଲିକ ଆସିଛନ୍ତି । ସେ ଯେତେବେଳେ ରାଣୀ ମହଲକୁ ପ୍ରବେଶ କରିଛନ୍ତି ସେଠିର ଚଉଷଠି ନଗ୍ନ ଚିତ୍ର ଦେଖି ମାଲିକଙ୍କ ଓଠ ଚାପି ହୋଇଯାଇଛି । ଚନ୍ଦ୍ରଶେଖର ରଥ ତାଙ୍କ ଗଳ୍ପଗୁଡ଼ିକରେ ଯୌନଚେତନାର ସ୍ୱରୂପକୁ ସୁନ୍ଦର ଭାବରେ ଅବଲୋକନ କରିଛନ୍ତି ।

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥଙ୍କ ଗଳ୍ପ ସାହିତ୍ୟରେ ସ୍ଥିତିବାଦୀ ଚିନ୍ତାଧାରା ଏକ ବଳିଷ୍ଠ ବିଭାଗ ରୂପେ ପ୍ରତିଭାତ ହୁଏ । 'ବାନପ୍ରସ୍ଥ' ଗାଳ୍ପିକ ସ୍ଥିତିବାଦୀ ଚିନ୍ତାଧାରାର ବର୍ଣ୍ଣନା କରିଛନ୍ତି । ଯେଉଁ ପିତା ନିଜର ଜୀବନକୁ ଅବହେଳିତ କରି ପୁଅ, ବୋହୂ, ନାତି, ନାତୁଣୀମାନଙ୍କ ପାଇଁ ସମସ୍ତ ଦ୍ରବ୍ୟ ଆବଶ୍ୟକ ଅନୁସାରେ ଖଞ୍ଜିଛନ୍ତି, ସେଠାରେ ପୁତ୍ରମାନଙ୍କ ବ୍ୟବହାର ଏହିପରି ଯଥା-'ସେ କାନ୍ଧରେ ବନ୍ଧୁକ ଉଠାଇ ଆଣିଥିଲା । ବାପକୁ ଯୋଉଠି ପାଇବ

ISSN NO.
2582-208X

ସେଇଠି ଲାଛି ଦେବ ବୋଲି 'ଶଳା ବୁଢାକୁ ଏଇନା ଖତମ କରିବି'। ମାନସ୍ତାତ୍ତ୍ୱିକ ବିଶ୍ଳେଷଣ ଆଜିର ଗଳ୍ପରେ ଏକ ପ୍ରଧାନ ଅଙ୍ଗ ରୂପେ ବିବେଚିତ ହୁଏ । 'ପୁତ୍ରଲାଭ ଗଳ୍ପରେ ପୀତାମ୍ବର ଦାସଙ୍କ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରାଯାଇଛି । 'ଯଦି ସେ ଈଶ୍ୱର ନୁହେଁ' ଗଳ୍ପରେ ଗଳ୍ପନାୟକ ମାନଧାତା ମହାପାତ୍ରଙ୍କ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିଛନ୍ତି । 'ପାତକ' ଗଳ୍ପରେ ରେହିଣୀ ବନଫୁଲର ମନସ୍ତତ୍ତ୍ୱକୁ ଗାଳ୍ପିକ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । 'କ୍ରମଶଃ ଗଭୀର ନଈ' ଗଳ୍ପରେ ଗାଳ୍ପିକ ଅଲୌକିକତା ସହ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିଛନ୍ତି ଗାଳ୍ପିକ। ଚିତ୍ରକଳ୍ପ ବା ରୂପକଳ୍ପ ଏବଂ ପ୍ରତୀକ ଚନ୍ଦ୍ରଶେଖର ରଥଙ୍କ ଗଳ୍ପଗୁଡିକରେ ମଧ୍ୟ ଦେଖିବାକୁ ମିଳିଥାଏ । 'ସମ୍ପଦ' ଗଳ୍ପରେ 'ପଶ୍ଚିମରୁ ଖରା ପଡିବା' ପ୍ରତୀକାତ୍ମକ ଶବ୍ଦ ମାଧ୍ୟମରେ ଗାଳ୍ପିକ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ଦ୍ୱାରା ଆଧୁନିକ ସହରୀ ସଭ୍ୟତା କିପରି ଅନ୍ତଃଶୂନ୍ୟ ହୋଇପଡିଛି ତାକୁ ବର୍ଣ୍ଣନା କରିଛନ୍ତି ଶ୍ରୀଯୁକ୍ତ ରଥ ।

ଏ ସମସ୍ତ ପରିପ୍ରେକ୍ଷିରେ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥଙ୍କ ଗଳ୍ପମାନ ରଚିତ ହୋଇ ମଣିଷ ପାଇଁ ଓ ସମାଜ ପାଇଁ ଏକ ବିଶ୍ୱାସର ବାର୍ତ୍ତା ପ୍ରଦାନ କରାଯାଇପାରିଛି । ଏ ସମସ୍ତ ଦୃଷ୍ଟିକୋଣରୁ ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କ ଗଳ୍ପ ଗୁଡିକରେ ସମାଲୋଚକୀୟ ଦୃଷ୍ଟିଭଙ୍ଗୀ ଅତି ସୁନ୍ଦର ଭାବରେ ପ୍ରତିକିତ ହୋଇପାରିଛି ।

## ସହାୟକ ଗ୍ରନ୍ଥସୂଚୀ

୧-ଚନ୍ଦ୍ରଶେଖର ରଥଙ୍କ, ଗଳ୍ପ ସମାହାର ପ୍ରଥମ ଭାଗ [ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲି, ଭୁବନେଶ୍ୱର, ପ୍ରଥମ ସଂସ୍କରଣ ୨୦୧୪]

୨-ଚନ୍ଦ୍ରଶେଖର ରଥଙ୍କ ଗଳ୍ପ ସମାହାର ଦ୍ୱିତୀୟ ଭାଗ [ପଶ୍ଚିମା ପବ୍ଲିକେଶନ,ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ ୨୦୧୪

୩ -ଅଭିନନ୍ଦନୀକା, ପଥପ୍ରାନ୍ତେ ପଞ୍ଚସ୍ତରୀ, ୨୦୦୩ [ଚନ୍ଦ୍ରଶେଖର ରଥଙ୍କ ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ।

ରିସର୍ଚ୍ଚ ସ୍କଲାର
ଓଡ଼ିଆ ବିଭାଗ କୋଲହଣ ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# ନିଃଶବ୍ଦ କାମନା



ଅଲେଖ ମେହେର

ସନ୍ତର୍ପଣେ ସିନା ସିଦ୍ଧ ହୁଏ କାର୍ଯ୍ୟ
ଡାକବାଜି ହେଲେ ନାଶ,
କଳରବ କରି ଖଗ ପ୍ରାଣ ହୁଏ
ଶିକାରୀ ତୀରରେ ଶେଷ ।
ଅଟବୀ ଗହନେ କଣ୍ଠିରବ ଯେବେ
ବିକଟେ ଛାଡେ ଗର୍ଜନ,
ପଶୁଦଳ କିବା ମୋଦଭରେ ସେଠି
କରି ପାରନ୍ତି ଭୋଜନ ।
ଅଶନୀ ଶବଦେ ପ୍ରାଣୀ ହୋଇ ଭୀତ
ବାସରେ ଲୁଚନ୍ତି ସିନା,
ନିଃଶବ୍ଦ ସିତାଂଶୁ ଜ୍ୟୋସ୍ନା ବିତରଇ
ନୀଶି ଝୁରେ ତାର ବିନା ।
ମନ କର୍ମ ଜାଣି ପ୍ରାପ୍ତ ସିନା ଫଳ
ଉନ୍ମାଦେ ଜୀବନ ତ୍ରାସ,
ଶିଳାକୁ କାଟଇ ଧିର ପାଣି ହେଲେ
ତରତରେ ପଡେ ପାଶ ।

ISSN NO.
2582-208X


ତଟିନୀର ନାଦ  ଚିତ୍ତୁ ରହେ ଖେଦ
ସାଜି ଜୀବନ ଦେବତା,
ଉଦଧି ରୋଷରେ ଛାଡେ ଯେବେ ରାବ
ଭଙ୍ଗକରେ ନୀରବତା ।
ନୀରବ ସାଧନା ସଦା କୃତକାର୍ଯ୍ୟ
ହୁଅଇ ଚିନ୍ତନ ବଳେ,
ରିକ୍ତ ଗରା କରେ  ଶବଦର ଗୋଳ
ଦେଖେଇ ଜନଙ୍କୁ ଛଳେ ।
ଅନ୍ତର କାମନା  ହୃଦୟ ମନ୍ଦିରେ
ରଖି ଜତନେ ସାଇତି,
ଅରଣ୍ୟ ପ୍ରଦେଶେ  ମଉନ ସାଧକ
ଆଚରନ୍ତି ଶୁଦ୍ଧ  ନୀତି ।
ପେଶଳ ବଚନ  ଜିଣଇ ହୃଦୟ
ଯହିଁ ଅସ୍ତ୍ର ମାନେ  ହାର,
କାକପୁଷ୍ଟ ଛାଡି  କାକସ୍ୱରେ ଭାସି
ଅର୍ଜ ନା ରିପୁ ଅଗାର ।
ସ୍ମିତ ହାସଟିଏ   ପଞ୍ଚସାୟକର
କାମ ଯେବେ ପାରେ କରି,
କିପାଇଁ ତାସ୍ୱଲ୍ୟେ ଆଚରିବା  ଶତ୍ରୁ
ବୃଜିନ କର୍ମ ଆଚରି ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ଅନିର୍ବାଣ ଦୀପଶିଖା



କୁଞ୍ଜବିହାରୀ ରାଉତ

ଆତ୍ମା ଏକ ଅନିର୍ବାଣ ଦୀପଶିଖା
ମୃତ୍ୟୁ ଏକ ପ୍ରହେଳିକା
ଜନ୍ମ ହୁଏତ ଜୀବନର ଆରମ୍ଭ
ମୃତ୍ୟୁ କିନ୍ତୁ ଏହାର ପରିସମାପ୍ତି ନୁହେଁ
ଶରୀର ଅନ୍ତର୍ହିତ ହୋଇପାରେ
ମାତ୍ର ଆତ୍ମପ୍ରକାଶର ଦୀପଶିଖା ନିର୍ବାପିତ ହୋଇପାରେନା
ମୃତ୍ୟୁରେ ମଣିଷର ନବକଳେବର ହୁଏ
ବରଂ ସତତ ନିତ୍ୟ ନୂତନତା କୁ ଅଭିବାଦନ କରେ
ତେବେ ମୃତ୍ୟୁ କାହିଁ ?
ମୁଁ ଅଛି, ଯାଉଛି ଏବଂ ପୁନଃ ପ୍ରତ୍ୟାବର୍ତ୍ତନ କରୁଛି
ଅବ୍ୟକ୍ତ ରୁ ବ୍ୟକ୍ତ, ବ୍ୟକ୍ତ ରୁ ଅବ୍ୟକ୍ତ
ପୂର୍ଣ୍ଣତା ରୁ ପୂର୍ଣ୍ଣ କୁ ନେଲେ
ଘଟେ କି ପୂର୍ଣ୍ଣତା ର ପରିସମାପ୍ତି ?
ବାସ୍ତବରେ ମୃତ୍ୟୁହୀନ ଏ ଜୀବନ
ଚେତନାର ବିନାଶ ନାହିଁ
ତେବେ ଯିଏ ଆତ୍ମାରେ ବାସକରେ

ISSN NO.
2582-208X

ସେ ହିଁ ଅମର,
ଆତ୍ମାର ଉପଲବ୍ଧି ହିଁ ଅମରତ୍ୱର ଉପଲବ୍ଧି
ଆତ୍ମା ଅମର, ନା' ଏହାର ମୃତ୍ୟୁ ଅଛି ନା ଜନ୍ମ ଅଛି
ଏହା ନିତ୍ୟ ସାଶ୍ୱତ ସନାତନ
ଏହା ସୂକ୍ଷ୍ମ ରୁ ସୂକ୍ଷ୍ମତମ, ମହାନରୁ ମହାନତମ
ଶରୀର ଅନିତ୍ୱ, ଜୀବନ ସତ୍ୟ
ତେବେ ଆସ ବନ୍ଧୁ,
ପ୍ରତିଟି ଜୀବନରେ ଭରିଦେବା
ଇଶ୍ୱରୀୟ ପ୍ରେମ ଓ କରୁଣା
ମୃତ୍ୟୁ କୁ ସ୍ୱାଗତ କରିବା
କାରଣ ଜୀବନ ଘଟାନ୍ତର ମାତ୍ର
ଆତ୍ମା ଭଳି ଏକ ଅନିର୍ବାଣ ଦୀପଶିଖା କୁ ଜଳାଇ ରଖିବା .....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# "ବାପା"



ସୁଲତା ସାହୁ

ବାପା!

ମୋ ଜୀବନାକାଶ ରେ ତୁମେ ଥିଲ ଏଭଳି ଏକ ସୂର୍ଯ୍ୟ

ଯାହା ବିନା ସକାଳ ର କଳ୍ପନା କରିହେବ ନାହିଁ

ଯାହାର ନାଲି ଆଖି ଦେଖି ଭୟରେ ଥରିଉଠେ ଦେହ

ସ୍ନେହର ଭଣ୍ଡାର ମୋ ପାଇଁ କେବେ ଊଣା ହୋଇନାହିଁ

ଯାହାର ପଦେ ସ୍ନେହ ବୋଳା କଥାରେ ଭରିଯାଏ ମନ

ମା ବୋଲି ତୁମ ବିନା ମତେ ଡ଼ାକେନାହିଁ କେହି

ଯାହାର ଗାଳି ବିନା ମିଳେନାହିଁ କେବେ ସଫଳତା

ତ୍ୟାଗ ବଳିଦାନ ର ଯେ ତୁମେ ଚଳନ୍ତି ଦେବତା

ତୁମ ଆକଟ ଶାସନ ବଳିଷ୍ଠ ନେତୃତ୍ୱ

ଗଢ଼ିଛି ଆମକୁ କରି ଏକ ଉତ୍ତମ ମଣିଷ

ବାପା..!

ତୁମେ ସତରେ ଏତେ ମହାନ୍ କିପରି...?

ଯିଏ ନିଜ ସନ୍ତାନ ଙ୍କ ପାଇଁ ସହିପାରେ ସବୁକିଛି କଷ୍ଟ

ଯନ୍ତ୍ରଣା ସବୁକୁ କରିପାରେ ହସି ହସି ବରଣ

ଲୁହ ରେ ପ୍ଲାବିତ ବନ୍ୟା କୁ ମଧ୍ୟ

ISSN NO.
2582-208X

ଯେ ଛାତି ପତାଇ ପଥର ଭଳି ସହ୍ୟ କରିଯାଏ
ବୁକୁ ତଳେ ଚାପିଦିଏ ଅସୁମାରୀ ଦୁଃଖ ଓ ଯାତନା
ଶେଷରେ ମୃତ୍ୟୁ କୁ ମଧ୍ୟ ଆଲିଂଗନ କରିନେଇ..
ହୋଇଯାଏ ଚିର ଅମର
ଆଉ ଦୁନିଆଁ କୁ ଶିଖାଇ ଦେଇ ଯାଏ ଯେ
ନିଃସ୍ୱାର୍ଥପର ପ୍ରେମ କେବଳ ତୁମେ କରିପାର
ଆଉ କରିପାରେ ବୋଉ
ତୁମ ପ୍ରେମ ବିନା ଏ ଦୁନିଆଁ ର
ଯେତେ ସମ୍ପର୍କ ଆଉ ଯେତେ ସବୁ ପ୍ରେମ
ସେ ସବୁ ଛଳନା ମିଶା ଓ ପ୍ରତାରଣା ପୂର୍ଣ୍ଣ

ବାପା!
ତୁମେ ଥିଲ ଆମ ପାଇଁ ଝଙ୍କା ବରଗଛ ସମ
ଯାହାର ଛତ୍ର ଛାୟା ତଳେ କରୁଥିଲୁ ଆମେ
ନିର୍ଭୟରେ ବିଚରଣ, କୋମଳ ପୁଷ୍ପ ଫଳ ସବୁ
ଢାଳିଦିଅ ଆମ ପାଇଁ....
ନିଜ ପାଇଁ କଣ୍ଟାକୁ ତୁମେ ନିଅ ଆପଣେଇ
ତୁମେ ଯେ ଦେଇଅଛ ଆମକୁ ସମାଜରେ ପରିଚୟ
ସେହି ପରିଚୟ ପାଇ ମୁଁ ହେବି ସବୁଠି ବିଜୟ

ବାପା !
ତୁମ ପରି ନମ୍ର ଭଦ୍ର ସହିଷ୍ଣୁ ମଣିଷ
ପରୋପକାରୀ ଦୟା କ୍ଷମା ଉଦାର ପୁରୁଷ
ସୌମିତ୍ର ଲକ୍ଷ୍ମଣ ପରି ତୁମ ସ୍ୱରୂପ ଚରିତ୍ର

ISSN NO.
2582-208X

ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ସଦା ଯିଏ ଜାଗ୍ରତ ସତତ
ଲହୁଣୀ ଠାରୁ ବି କୋମଳ ତୁମରି ହୃଦୟ
ମାତ୍ର ଲୁହା ଭଳି ଶକ୍ତ ହୁଏ ଦେଖିଲେ ଅନ୍ୟାୟ
ତୁମେ ନୁହଁ ନେତା ମନ୍ତ୍ରୀ ହାକିମ ପୁଲିସ
ତଥାପି ତୁମ ନାମ ହୁଏ ଗଞ୍ଜାମ ବିଦିତ
ଦୂରେ ଥାଇ ଆଶିଷ ଯେ ଦେଉଥାଅ ଢାଳି
ବଳିଦାନ ତୁମ କେବେ ନ ପଡୁ ମଉଳି
ସାର୍ଥକ ହେଉ ତୁମର ଅଧୁରା ସ୍ୱପନ
କରୁଥାଅ ଆଶୀର୍ବାଦ ଘେନ ମୋ ପ୍ରଣାମ ॥

ଅତିଥି ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# ଅନୁତାପ



କୁଞ୍ଜ ବିହାରୀ ସାହୁ

ଗୋଟିଏ ଛତା ତଳେ ଆଉ କେତେ ସମୟ ରହିବା ଯେ । ବାହାରେ ତୁହାକୁ ତୁହା ବର୍ଷାର ଗଜଲ ଶୁଭୁଛି । ବେଳେବେଳେ ଘଡ଼ଘଡ଼ିର ଆର୍ତ୍ତ ସ୍ୱର କାନକୁ ତାବଦା କରିଦେଉଛି । ପାଦ ତଳେ ପାଣି ସୁଅ ଓଦା କରିଦେଲାଣି କେତେବେଳୁ । ଚାଲନା ଏ କେଉଁ ପାଖାପାଖି ଝୁମ୍ପୁଡ଼ି ଘର ଭିତରକୁ ପଳେଇଯିବା । ଭଙ୍ଗା କାନ୍ଥ କି ଛପର ହେଉ ପଛକେ, ଟିକେ ଆଶ୍ରା ପାଇଯିବା ।

ଏକା ନିଃଶ୍ୱାସରେ କହିପକେଇଲା ରଞ୍ଜୁ ତାକୁ ଢିରାଦେଇ ଠିଆହୋଇଥିବା ସଞ୍ଜୟକୁ ।

ସଞ୍ଜୟ ହଁ କହିଲା । ଓଦା ଓଦା ଆଖିରେ ଛତା ତଳୁ ମୁହଁ କାଢିଲା । ଚାହିଁଲା ଏଣେତେଣେ। କିଏ ଦିଶୁନାହାଁନ୍ତି ବାହାରେ । ଆଖପାଖରେ ସେଭଳି ଘରଟେ ବି ନଜରରେ ଆସୁନି ।

ହଉ ଆଉ ଟିକେ ରହିଯିବା ରଞ୍ଜୁ, କାଳେ ମେଘର ଗତି ଥମିପାରେ। ଆଶ୍ୱାସନା ସହକାରେ କହିପକେଇଲା ସଞ୍ଜୟ ।

ମେଘ କ୍ଲାନ୍ତ ହେଇଗଲାଣି ତା ଛାତିରୁ ବର୍ଷା ଟୋପା ଝରେଇ ଝରେଇ । ବୋଧହୁଏ ହାଲିଆ ମାରିଦେଲା ଆପଣାଛାଏଁ ।

ISSN NO.
2582-208X

ଆଶ୍ୱସ୍ତି ଅନୁଭବ କଲେ ରଞ୍ଜୁ ଓ ସଞ୍ଜୟ । ଛତା ତଳୁ ମୁହଁ କାଢିଲେ । ଏବେ ଥମିଯାଇଛି ଆଷାଢୁଆ ମେଘର କ୍ଷୀପ୍ର ଗତି । ଅବଶ୍ୟ ପାଦ ତଳର ମାଟିରେ ଓଦାପଣ ଜାରିରହିଛି । ଦମ୍ଭିଲା ପରି ମନେହେଉଛି । ରଞ୍ଜୁ କହିଦେଲା – ଟିକେ ଆଗକୁ ଚାହଁ, ଦେଖ ଦେଖ ଗୋଟିଏ ଭଙ୍ଗା ଘରଟିଏ । ମିଞ୍ଜି ମିଞ୍ଜି ଜଳୁଛି ଦୀପଟିଏ । କେହି ଜଣେ ଅଛି ବୋଧହୁଏ ସେଇଠି ।ଚାଲନା। ସଞ୍ଜୟ ।

ଜଷ୍ଟ ଦୁଇ ମିନିଟ୍ ନିରବିଗଲା ସଞ୍ଜୟ । ଶ୍ୱାପଦ ଶଙ୍କୁଳ ସ୍ଥାନ । ଅସାବଧାନତାରେ ଅଘଟଣ ଘଟିଯାଇପାରେ । ଦୁହେଁ ତ ଓଦା ସରସର । ଆଖିପତାରୁ ବି ନିଗିଡ଼ି ପଡୁଛି ପାଣି । ଚାଲିବାରେ ଅକ୍ଷମ ଅକ୍ଷମ ଭାବ ବିବ୍ରତ କରୁଛି ମନକୁ ।

ହଁ ଯିବା ରଞ୍ଜୁ, ଗୋଟାପଣେ ଭିଜିଯାଇଥିବା ଦେହଟିକୁ ଯାଇପାରିବା ତ । ଠିକ୍ ଠାକ୍ ଲାଗୁଛି ତ । ହଁ ଏଇଠି କିଏ ନାହାଁନ୍ତି ମୁହଁ ଟେକି ଦୁଇପଦ କହିବାକୁ । କାରଣ ମଣିଷ ହିଁ ମଣିଷର ଶତ୍ରୁ ।

ରଞ୍ଜୁ ଉତ୍ତରଦେଲା ନିର୍ଭୀକତାରେ । ନା....ଚାଲ ବେଗି ବେଗି ପଳେଇଯିବା ଦେଖାଯାଉଥିବା ଭଙ୍ଗା କୁଡ଼ିଆ ଘରକୁ । ରଞ୍ଜୁ ଓ ସଞ୍ଜୟ ହାତ ଧରାଧରି ହୋଇ ଭଙ୍ଗା କୁଡ଼ିଆ ଆଡେ ମୁହାଁଇଲେ ।

ଚିରା କପଡାର ସ୍କ୍ରିନ୍ ଝୁଲୁଛି ଦୁଆରବନ୍ଧରେ । ଭିତରେ କିନ୍ତୁ ଲୋକଟିଏ ଏପଟସେପଟ ହେଲାଭଳି ଜାଗାଟିଏ । ବାସନକୁସନ ଅସ୍ତବ୍ୟସ୍ତ ମୁଦ୍ରାରେ ପଡିରହିଛି । ଏ କଅଣ ବୁଢୀଟିଏ ଚୁପଚାପ ବସିଛି ! ଆଲୁଳାୟିତ ପକ୍ୱକେଶ । ଲୋଳାୟିତ ଦେହର ଚମ ଶିରା । ଓଠରେ କିନ୍ତୁ ମୁଚୁକୁନ୍ଦ ହସଟିଏ ପଙ୍କରେ ପଦ୍ମପରି ଶୋଭାପାଉଛି । କେଉଁ ପ୍ରକାରେ ଦୁହେଁ ପ୍ରଶ୍ନଟିଏ ଉଚ୍ଚାରିତ କରିବେ ଜାଣିପାରିଲେନି ରଞ୍ଜୁ ଓ ସଞ୍ଜୟ ।

ପଚାରିଲେ – ମାଉସୀ ତୁମେ ଏଠି ଏକୁଟିଆ ଏ ଭଙ୍ଗା ଘରେ ? ତୁମର କଅଣ କେହି ନାହାଁନ୍ତି ନା ଅବେଳରେ ଛାଡ଼ି ପଳେଇଯାଇଛନ୍ତି ?

ISSN NO.
2582-208X

ଏ ପରିଣତ ବୟସରେ ବି ବୁଢ଼ୀ ମାଉସୀ ସାହସୀ ଜଣାପଡୁଥିଲା । ମୁଠାଏ ପଖାଳ ଖାଇଥିଲା ବୋଧହୁଏ ଶୁଙ୍ଖୁଡ଼ି ପଡ଼ିଛି ଚୁଲିପାଖରେ । ଏତେ ବର୍ଷା ହେଲା ପରେ ବି ଘରେ ଭିତରଟା ବିଶେଷ ଓଦା ହେଲାପରି ଜଣାପଡୁନଥିଲା । ନିରେଖି ଚାହିଁଲେ କୋଉଠି କଦବା ଅସରପା କି ଝିଟିପିଟି ଗୋଟେ ଦିଇଟା ଚାଲୁଥିଲା । ସେମାନେ ଏ ବୁଢ଼ୀକୁ ସହଯୋଗ କରୁଥିଲେ ମିଞ୍ଜି ମିଞ୍ଜି ଆଲୁଅରେ ।

ବୁଢ଼ୀ କହିଲା - ତୁମେ ଦି ଜଣ ଏଇଠି ରହିବ କି । ଯଦି ଚାହୁଁଚ ରହିଯା...ଭଙ୍ଗା ଖଟ ଉପରେ ଶୋଇଯା..

ହଁ....ନାହିଁ ଭିତରେ ରଞ୍ଜୁ ଓ ସଞ୍ଜୟ କିଛି ସମୟ ବିତାଇଲେ ଭଙ୍ଗା ଖଟ ଉପରେ । ବୁଢ଼ୀଟି ତଳେ ବସିବାକୁ ଇଛା କରୁଥିଲା ଆତିଥ୍ୟର ପ୍ରଗଳଭତାରେ । କିନ୍ତୁ ଦୁଇ ଅତିଥି ମନାକଲେ ଆପଣାର ପଣିଆରେ । ବୁଢ଼ୀ ବାଧ୍ୟହେଲା ଗୋଟିଏ ପାର୍ଶ୍ୱରେ ବସିବାକୁ ଓ ବସିଗଲା ।

ରଞ୍ଜୁ ଛେପ ଢୁକି ପଚାରିଲା - ମାଉସୀ, ଏ ବୟସରେ ଏକୁଟିଆ ଏଇଠି ରହୁଛ ? ତୁମର ପିଲାଛୁଆ କୋଉଠି ଅଛନ୍ତି, କଅଣ କରୁଛନ୍ତି । ଏ ବେଳରେ ସେମାନେ ଛାଡ଼ିଚାଲିଯିବା ଠିକ୍ ନୁହଁ ।

ଆଲୋ ନାତୁଣୀ, ତୋତେ ଏ ସଂସାର ବିଷୟରେ କେମିତି ବୁଝେଇବି । ମଣିଷ ଜନ୍ମ ହେଲେ ସାଇପଡିଶା ବନ୍ଧୁବାନ୍ଧବ ଯେତିକି ଖୁସୀ ହୁଅନ୍ତି, ବୁଢା-ବୁଢ଼ୀ ହେଇଗଲେ କିଏ ପଚାରନ୍ତିନି । ନାକ ଟେକିଦିଅନ୍ତି ଆଉ ନ ଦେଖିଲା ପରି ଆଡ଼େଇ ଯାଆନ୍ତି । ତୁମ ଦୁହିଁଙ୍କର ତ କଅଁଳ ବୟସ । ବାହା ହେଇନ ବୋଧେ, ଲୁଚି ଛପି ଘରୁ ପଳେଇଆସିଛ । ନୋହିଲେ ଆଷାଢୁଆ ମେଘ ପବନରେ କାହିଁକି ଏମିତି ବୁଲୁଥାନ୍ତ । ବାପା ମା ଘରେ ଅନିଶା କରିଥିବେ, ମୋ ପୁଅ ଝିଅ କୁଆଡ଼େ ଗଲେ ବୋଲି ??

ISSN NO.
2582-208X

ସଞ୍ଜୟ ନିଜକୁ ନିଜେ ପାପୀ ମନେକଲା । ରଞ୍ଜୁର ଦେହରୁ ବର୍ଷାଦିନେ ବି ଝାଳ ବାହାରିଗଲା । ଏ ବୁଢୀ ମାଉସୀ ଆମ ବିଷୟରେ ଜାଣିଲା କେମିତି ?

ଖନି ପାଟିରେ ରଞ୍ଜୁ କହିଲା – ହଁ ତୁମେ ଯାହା ଭାବୁଛ ଠିକ୍ । ସଞ୍ଜୟ ଅଛୁଆଁ ଜାତିର ପୁଅ। ମୁଁ ଚଷାଘର ଝିଅ । ଗାଁରେ ଖେଳାବୁଲାରେ ଚିହ୍ନାଚିହ୍ନି ବଢିଗଲା । ସଞ୍ଜୟ ଭଲପୁଅଟିଏ । ପାଠଶାଠରେ ଆଗୁଆ । ବ୍ୟବହାର ବି ସମସ୍ତଙ୍କ ମନ କିଣିଲାପରି । ମୋତେ ତ ବହୁତ ଭଲ ଲାଗୁଛି ସଞ୍ଜୟଙ୍କର ଆଚାର ବ୍ୟବହାର, ମଣିଷପଣିଆ । ସେ ମୋତେ ଥରୁଟେ ନ ଦେଖିଲେ କି ମୋ ସହ ପଦୁଟେ କଥା ନ ହେଲେ ଘଡ଼ିଏ ରହିପାରନ୍ତିନି। ମୁଁ ସବୁବେଳେ ତାଙ୍କୁ ଖୋଜେ । ମୁଁ ଯାହା ପିନ୍ଧିଲେ ବି ସେ ମୋ ଡ୍ରେସକୁ ଚାହିଁରହିଥାନ୍ତି ।

ବୁଢୀ ମାଉସୀ  ରଞ୍ଜୁ କଥାରେ ବ୍ରେକ୍ ଦେଇ କହିଲା – ତୋ ଡ୍ରେସକୁ ନା ତୋ ଫୁଲକା ଫୁଲକା ଦେହକୁ ଚାହୁଁଥାନ୍ତି ସଞ୍ଜୟ !

ଟିକେ ଶଙ୍କିଗଲା ରଞ୍ଜୁ କାରଣ ମନେପଡ଼ିଗଲା ଅନେକ ଥର ଦେହକୁ ଘଷିହେଇଛନ୍ତି ସଞ୍ଜୟ । ସେ ବାରଣ କରିନି କେବେ ।

ତୁ ଅଟକିଗଲୁ ଯେ....ମୁଁ ଭୁଲ୍ କହିଲି କି ? ବୁଢୀ ମାଉସୀର ଏଭଳି ପ୍ରଶ୍ନରେ ବାଧ୍ୟହେଲା ରଞ୍ଜୁ ହଁ କହିବାକୁ । ସଞ୍ଜୟ ମନେ ମନେ ହସୁଥିଲା ନିଜେ ଘଟେଇଥିବା ଘଟଣାକୁ ଭାବିଭାବି ।

ବୁଢୀ ମାଉସୀ ନିଜ ଜୀବନ କାହାଣୀ ବଖାଣିଲାବେଳକୁ କାନ୍ଦିପକେଇଲା । ଭେଣ୍ଡା ଭେଣ୍ଡା ପୁଅ ଦୁଇଟା ଏମିତି ବର୍ଷାରେ ଭିଜି ଭିଜି କୁଆଡ଼େ ଗଲେ ଯେ ଫେରିଲେନି ଏ ଯାଏଁ । ପାଖ ସାହିର ଝିଅ ଦୁଇଟା କିମିଆ କଲେ କି ଗୁଣି କରିଦେଲେ ଜାଣେନି । ସେ ସାହିର ଲୋକେ ବହୁତ ବଦମାସୀ ଆଉ ଅନ୍ୟକୁ ହଇରାଣ ହରକତ କରିବାକୁ ଲାଗିପଡନ୍ତି । ସେଦିନଠୁ ଏ ଭଙ୍ଗା ଘରେ ବସିଛି, ଖାଉଛି, ଶୋଉଛି । ମୁଁ ମା ....ପୁଅର ମଙ୍ଗଳ ଚାହେଁ, ସେମାନେ

ISSN NO.
2582-208X

ଯେଉଁଠି ଅଛନ୍ତି ଭଲରେ ରହିଥାନ୍ତୁ ମୁଁ ସଂସାରକୁ ଚିହ୍ନିଛି । ଏ ସଂସାର ଦୁଃଖମୟ । ବୟସ ଥିଲାବେଳେ ସଭିଏ ନିଜର ହୁଅନ୍ତି। ସଂସାରକୁ ଠିକ୍ ଭାବରେ ଗୌତମ ବୁଝିଥିଲେ ବୋଲି ରାତିଅଧରେ ଘର ଛାଡ଼ି ପଳେଇଥିଲେ । ମୁଁ ଏଇଠି ଭଲରେ ଅଛି, ଠାକୁର ଗରିବ ଦୁଃଖୀର ସାହା ଭରସା ।

ତୁମେ ଦୁହେଁ ଏବେ ଯିବ କୁଆଡ଼େ । ଆକାଶ ଫର୍ଚ୍ଚା ଦିଶିଲାଣି ।

ଅନବରତ ଲୁହ ଗଡ଼େଇଲେ ରଞ୍ଜୁ ଓ ସଞ୍ଜୟ । ସେ ଦୁହେଁ ପରୋକ୍ଷରେ କେଡ଼େ ବଡ଼ ଭୁଲ କରିଚାଲିଛନ୍ତି । ପ୍ରେମର ଅନ୍ଧଗଳିରେ ବୁଲୁଛନ୍ତି । ବାପା-ମା ଙ୍କର ଅତୁଟ ବିଶ୍ୱାସକୁ ଚୁରମାର କରୁଛନ୍ତି । ଆଖିରେ ଧୂଳିଦେଇ କେତେ ଦିନ ଏପରି ଲୁଚୁଥିବେ ପ୍ରେମକୁ ପାଥେୟ କରି !

ହଁ ମାଉସୀ ତୁମେ ଆମକୁ ଯେଉଁ ପ୍ରକାରେ ସାହାଯ୍ୟ ସହଯୋଗ କଲେ, ସଂସାର ଭିତରେ ଭଲ ମଣିଷ ହେବାର ବାଟ ଦେଖେଇଦେଲେ, ଭୁଲିପାରିବୁନି । ଏବେ ଆମ ଘରକୁ ଫେରିଯିବୁ । ବାପା ମା ଙ୍କ ଗୋଡ଼ ତଳେ ମୁଣ୍ଡିଆ ମାରି କ୍ଷମା ମାଗିନେବୁ । ଅନୁତାପରେ ସବୁ ଭୁଲ କ୍ଷମା ହୋଇଯାଏ । ଏ ସଂସାର ଭିତରେ ବାପା-ମା ଙ୍କ ଆଶୀର୍ବାଦ ହିଁ ସବୁଠୁ ମୂଲ୍ୟବାନ ।

ବୁଢୀ ମାଉସୀ ଦୁଇଜଣଙ୍କୁ ଶୁଭକାମନା ଜଣେଇଲା ।

ରଞ୍ଜୁ ଓ ସଞ୍ଜୟ ଭୁଲ ବାଟରେ ଯାଇ ଭୁଲ୍ ନିଷ୍ପତ୍ତିକୁ ଗ୍ରହଣ ନ କରି ବାପା-ମା ଙ୍କ ଆଶୀର୍ବାଦକୁ ଶ୍ରେଷ୍ଠ ଉପହାର ବୋଲି ଭାବିଲେ। ଆପଣା ଘରକୁ ଫେରିଗଲେ ଛତାଟିକୁ ଧରି ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଜରାଶ୍ରମରେ ପ୍ରଥମ ରାତି



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ମନେ ତ ନଥିଲା ବାର୍ଦ୍ଧକ୍ୟର ପାହାଚ
ଖସିଆସିଛି ସମୟ ସ୍ରୋତରେ,
ବୟସ ମୋର ଓହଳି ଗଲାଣି
ନୀରବତାର ନିବୁଜ କୋଠରୀରେ।।

ସକାଳ ପାହିଲେ ଆରମ୍ଭ ହେବ ନୂତନ ଯାତ୍ରା ----
ଅସଜଡ଼ା ଶରୀର ଆଉ ଅବଶୋଷ ନେଇ----
ଖୋଜିନେବି ଅନ୍ୟଏକ ଠାବ "ଜରାଶ୍ରମ"।।

ହସି ପକାଉଛି ଜୀବନ ସଙ୍ଗିନୀ କାନ୍ଥରେ ଥାଇ,
କହୁଛି ଜଞ୍ଜାଳ ସବୁ ସରିଲା
ନିର୍ଜନ ଦ୍ୱୀପରେ ରହିବା ଅପେକ୍ଷା
ସାଙ୍ଗ ସାଥି ମେଳେ ରୁହ।।
ଦଇବ ଦଉଡ଼ି ମଣିଷ ଗାଇ
ଯୁଆଡ଼େ ଟାଣିଲେ ସିଆଡେ ଯାଇ

ISSN NO.
2582-208X

ଅଣ୍ଟାସଳଖି ମୁଁ ଧରି ପକାଇଲି ବଙ୍କୁଲି ବାଡ଼ି ---
ଶେଷ ଥର ପାଇଁ ଆଖି ଘୁରାଇଲି।।
ଆଖି ପୋଛି ଯେବେ ବାହାରି ଆସେ
ଦେଖେ ମୁଁ କେତେ ନୂଆ ବନ୍ଧୁ,
ଏବେ ତ ପ୍ରଥମ ରାତିଟା କଟିବ
ଜରାଶ୍ରମେ ଜାଣେନା କେତେଦିନ!!!

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ମୋ ପ୍ରିୟା



ପ୍ରସନ୍ନ କୁମାର ମେହେର

ଆକାଶର ଜହ୍ନକୁ ଆଣି
କରିବି ତୋତେ ମୋ ରାଣୀ
ତୁ ମୋର ସପନ ସୁନ୍ଦରୀ
ତୁ ତ ମୋ ସରଗ ପରୀ ।
ପ୍ରିୟା ରେ ପ୍ରିୟାରେ……….. ପ୍ରିୟା

ଉପବନୁ ମଲ୍ଲୀକୁ ଆଣି
ପିନ୍ଧେଇ ଗଜରା ବେଣୀ
ରଜନୀଗନ୍ଧାକୁ ସଜେଇ
ମନେଇ ବାସର ରଜନୀ ।।
ପ୍ରିୟାରେ ପ୍ରିୟାରେ……….. ପ୍ରିୟା

ସୂରୁଯ ଠୁଁ ଦେବି ଲୋ ଆଣି
ନାଲି ବିନ୍ଦି ମଥାମଣି
କପାଳେ ନାଇଁଲେ ଅପ୍ସରୀ
ସାଜି ଜୀବନ ସଙ୍ଗିନୀ ।।

ISSN NO.
2582-208X

ପ୍ରିୟାରେ ପ୍ରିୟାରେ ........ପ୍ରିୟା
କୋଇଲି ଠୁଁ ଦେବି ଲୋ ଆଣି
କଜଳ କଳା ନୟନୀ
ସାଜିବୁ ତୁ ମୋ ପାଟରାଣୀ
ଭୁଲାଇ କହି କାହାଣୀ ।।
ପ୍ରିୟାରେ ପ୍ରିୟାରେ ..........ପ୍ରିୟା

ଗୋଲାପ ଫୁଲଠାରୁ ଆଣି
ଗୋଲାପୀ ଚିବୁକ ଠାଣି
ଗୋଲାପୀ ଗୋଲାପୀ ଚାହାଣି
ମଖମଲି ହସ ବାଣୀ
ପ୍ରିୟାରେ ପ୍ରିୟାରେ ......... ପ୍ରିୟା

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଜୁଲାଇ-୨୦୨୪
www.vedantimagazine.com

ISSN NO.
2582-208X

# ମୁଁ ମାଟିପିଣ୍ଡ



ବିନୋଦିନୀ ଦାଶ

ନିଜକୁ କିଏ କି ପଚାରିଅଛେ କି
ମୁଁ କିଏ କେଉଁଠୁ ଆସିଛି
ଧର୍ମ କର୍ମ ମୋର କଅଣ ଅଟଇ
କାହିଁକି ଚେତନ ସାଜିଛି ?

ମାଟିପିଣ୍ଡଟିରେ ଭରି ବୁଦ୍ଧିଜ୍ଞାନ
ଯିଏ ଆଣିଛନ୍ତି ଜଗତ
ଉଦ୍ଦେଶ୍ୟ ତାଙ୍କର କଅଣ ଅଟଇ
ଭାବିବା ନୁହେଁ କି ଉଚିତ ?

ଆତ୍ମା ପରମାତ୍ମା ଘଟରେ ମିଳନ
କେଉଁ କାରଣରୁ ହୁଅଇ
ଏ ଗୁଢ଼ ତତ୍ତ୍ୱର ଅନୁଶୀଳନରେ
ସିନା କର୍ମପଥ ମିଳଇ ।

ସେ କଥା ନ ଚିନ୍ତି ବୃଥା ଅହଂକାରେ
ମାଟିପିଣ୍ଡକୁ ମୁଖ୍ୟ ମଣି
ଗୋଟାଇ ଚାଲିଛେ ଯେତେ ଭୋଗ୍ୟବସ୍ତୁ
ଭାବି ତାକୁ ଜୀବନ ମଣି ।

ISSN NO.
2582-208X

ପଞ୍ଚଭୂତେ ଗଢ଼ା ପାର୍ଥିବ ଶରୀର
ଦିନେ ମିଶିଯିବ ସେଥିରେ
ମୁଁ ମୋର ବୋଲି କିଆଁ ଘାଣ୍ଟିହେବା
ଦିନରାତି ତା'ର ସାଥିରେ ।

ନାନା ରଙ୍ଗ ବୋଳି ସଜାଇ କି ଲାଭ
ତାହାର ବାହ୍ୟ ଆଭରଣ
ପ୍ରୀତି ମମତାର ଜଳରେ ହୃଦୟ
ଭିଜାଇଲେ ସିନା କାରଣ ।

କର୍ମ ହିଁ ଜୀବନ କର୍ମ ଭଗବାନ
କରମ ଭରଇ ପାଉଣା
ସେଥେ ଥିଲେ ଧ୍ୟାନ ସାର୍ଥକ ଜୀବନ
ଜାଣି ବି ହୁଅନ୍ତି ଅଜଣା ।

ସମୟ ସ୍ରୋତର ଧକ୍କା ସହିସହି
ଶେଷରେ ମିଳାଏ ମାଟିରେ
ବିଭୁ ନାମ ସିନା ବୋଲିଲେ ମୁଖରେ
ଆଶିଷ ଝରିବ ମଥାରେ ।

ସିଏ ସ୍ରଷ୍ଟା ସୃଷ୍ଟି ତାଙ୍କ ବିନା ଏଠି
ଚିରସ୍ଥାୟୀ ଆଉ କଅଣ
ସେ କଥା ସୁମରି କର୍ମ ଅନୁସରି
ରହିଥିବି ବିଭୁ ଶରଣ ।

ଏତିକି ଜ୍ଞାନର ଯିଏ ଅଧୀଶ୍ୱର
ବାନ୍ଧେ ନାହିଁ ଭବ ବନ୍ଧନ
ଖୋଲିଯାଏ ଆପେ ମୁକତିର ପଥ
ସହାୟକ ନନ୍ଦନନ୍ଦନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# କର୍ମଫଳ



ଭାରତୀ ମୁଦୁଲି

କୁଶଭଦ୍ରାର ବାଙ୍କ କେତେ ଗାଁ କାଟି ଚନ୍ଦ୍ରଭାଗା ସମୁଦ୍ର ମୁହାଁହୋଇ ବହି ଯାଇଚି । ସେଇ ନଦୀର ପାଖରେ ଗୋଟେ ଗାଆଁ ଅଛି। ନାଁ ତାର ଟାଇଗରବରାହି। ନଈ ବନ୍ଧରେ ଗଉଡ଼ଟିଏ ବସିଛି ଗଛ ଛାଇ ଦେଖି । ତା ମୁହଁରୁ ଶୁଣିଥିବା ଗୋଟେ କଥା ବର୍ଣ୍ଣନା କରିବାକୁ ଯାଉଅଛି ।

କୋଡିଏ ଘର ଘେନି ଗାଆଁଟିଏ । ସେଇଠି ସୀତାର ଘର । ସୀତାର ସ୍ୱାମୀ ବଳିଆ। ବଳିଆର ଗୋଟେ ପୁଅ। ନାଁ ତାର ରମେଶ । ରମେଶ ବିବାହିତ ଓ ସବିତା ତାର ସ୍ତ୍ରୀ । ବିଲ ବାଡି ଓ ଚାଷ କରି ପରିବାର ପୋଷନ୍ତି। ରମେଶର ଚାରି ଭଉଣୀ । କେତେ କଷ୍ଟେ ମଷ୍ଟେ ସେମାନଙ୍କୁ ବାହା ଦେଇଛି । ହାଡ଼ି ହଉଛି ବଡ, ବଡ ମଝିଆଣୀ ପମି, ସାନ ମଝିଆଣୀ ହୁଲେଇ ଆଉ ସବା ସାନ ଗୁଲେଇ । ସବିତା ଆଉ ରମେଶର ପ୍ରଥମ କନ୍ୟାସନ୍ତାନ ହେଲା ପରେ ଦ୍ୱିତୀୟ ଥର ସବିତା ମଧ୍ୟ କନ୍ୟା ସନ୍ତାନକୁ ଜନ୍ମ ଦେଲା । ଏମିତି ପୁଅ ଆଶାରେ ପାଞ୍ଚୋଟି ଝିଅ ହେଲା। ତା ପରେ ମଧ୍ୟ ମନ ମାନିଲାନି ଯେ ଷଷ୍ଠ ଥର ଗର୍ଭ ଧାରଣ କଲା ସବିତା । ହେଲେ ପୁଣି ଝିଅଟିଏ ହେଲା । ସମସ୍ତେ ମନ ଦୁଃଖରେ କାନ୍ଦିଲେ । କିନ୍ତୁ ତାଙ୍କର ଭାବିବାର ଥିଲା ଯେ ତାଙ୍କ ପାଇଁ ପୁଣି ସେତିକି କମେଇକି ରଖିଲେ ସିନା ବାହା ଦବ । ଆମେ ଦୁଇ ଆମର ଦୁଇ କଥା ଜାଣି ସୁଧା ଦମ୍ପତି କାହିଁକି

ISSN NO.
2582-208X

ଭୁଲ୍ କଲେ । ଉତ୍କଣ୍ଠାର ପରିଣାମ ସବୁ ଝିଅ ହେଲା । ଏଥିରେ ତ ଝିଅମାନଙ୍କର କିଛି ଭୁଲ ନାହିଁ। ଭୁଲ ରମେଶ ଆଉ ସବିତାର । ବୋଧେ ତାଙ୍କୁ ଏସବୁ ମଜା ଲାଗୁଥିଲା । ହେଲେ କଷ୍ଟ ତ ବାହାର ଲୋକ କରିବେନି । ନିଜକୁ କରିବାକୁ ହେବ । ଏତେ ଜଣ ପ୍ରାଣୀଙ୍କର ଖାଇବା ଆଉ ପିନ୍ଧିବା ପାଇଁ ଜଣେ ମଣିଷ କେତେ ଆଉ ଖଟିବ । ହେଲେ କିଏ ବା ଆଉ କଣ କରି ପାରିବ। ବୁଲେଇର ଗୋଟେ ଝିଅ ହେଲା, ତା ପରେ ତାର ସ୍ଵାମୀ ଚାଲିଗଲା । ସେ ଏବେ ବିଧବା । କିନ୍ତୁ ତାର ଶାଶୂ ଘରେ ରୁହେ । ହେଲେ ସବା ସାନ ତାର ଶାଶୂ ଘରେ ଝଗଡ଼ା କରି ସ୍ଵାମୀ ସ୍ତ୍ରୀ ଦୁଇ ଜଣ ଆସି ରମେଶ ପାଖେ ଅଛନ୍ତି । ହାଡ଼ି ଟା ପାଗଳି ଭଳି । ଭଲକି ଶୁଭେନି ତାକୁ। ତା ସ୍ଵାମୀ ଥରେ ଭୋଜି ଖାଇବାକୁ ଯାଇଥିଲା । ସେଇଠି କୋଉ ଭୂତ ତା ସହ ଲଗିକି ଏତେ ଖାଇଲା ଯେ, ଆଉ ଖାଇବା ପାଖରୁ ଉଠିଲାନି। ତା ପରେ ଝାଡାବାନ୍ତିରେ ମୃତ୍ୟୁ ହେଲା ତାର । ବଡ଼ ଝିଅକୁ ରମେଶ ବାହା ଦେଇଚି। ତାର ବି ଗୋଟେ ଝିଅ । ଖାଲି ଝିଅ ହିଁ ଝିଅ । ସବିତା ଆଉ ରମେଶ ଭାବନ୍ତି କଣ ଆମ ଭାଗ୍ୟରେ ଆଉ ଆମ ଝିଅମାନଙ୍କ ଭାଗ୍ୟରେ ପୁଅ ନାହିଁ । ଏମିତି ଦୁଃଖରେ ଜୀବନ କାଟନ୍ତି ।

ଦ୍ଵିତୀୟ ଝିଅର ମଧ୍ୟ ବାହାଘର ସରିଯାଇଚି । ସେ ଏବେ ଗର୍ଭବତୀ । ଅପେକ୍ଷାରେ ଅଛନ୍ତି ପୁଅ ହେବ କି ଝିଅ । ଗାଆଁ ଲୋକ ବି ଭଗବାନଙ୍କୁ ଡାକନ୍ତି କି ଗୋଟେ ପୁଅଟେ ଦିଅ ଭଗବାନ । ଡାକ୍ତର ମଧ୍ୟ ଏକ ତାରିଖ ଦେଇଚି । ମାତ୍ର ସେଇ ଦିନରେ କିଛି ନ ହେବାରୁ ତାକୁ ନେଇ ଯାଇଛନ୍ତି କ୍ୟାପିଟାଲ ମେଡିକାଲ । ଅପରେସନ ହୋଇ ଏକ ପୁତ୍ର ସନ୍ତାନ ହେଲା । ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳିଗଲା। ଅଜା ରମେଶ ତାର ଏକୋଇଶିଆ ପୂଜା କଲା ଆଉ ମିଠା ମଧ୍ୟ ବାଣ୍ଟିଲା । ଗାଆଁ ଲୋକ ମଧ୍ୟ ବହୁତ ଖୁସି । ସମସ୍ତେ କହିଲେ ଏବେ ଗୋଟେ ଗ୍ରହ ଛାଡ଼ିଲା ବୋଧେ । ସମସ୍ତେ ଆଶୀର୍ବାଦ ଦେଲେ। ଆଉ ନାଁ ଦେଲେ ତାର ଶୁଭମ୍ ।

ISSN NO.
2582-208X

ଶୁଭମ୍ ବଡ଼ ହେଇ ପାଠ ପଢିଲା ଆଉ ପଇସା ରୋଜଗାର କଲା ବ୍ୟାପାର କରି । ଢେର ପଇସା ହେଲା । ଘର ଦ୍ୱାର କରି ଏବେ କାହିଁରେ କଣ । ତାର ବରାବରି ଆଉ ଗାଆଁରେ କେହି ନାହାନ୍ତି । ଶୁଭ ସନ୍ତାନ ବୋଲି ସମସ୍ତେ ତାକୁ ଭଲ ବି ପାଆନ୍ତି । ଏବେ ଶୁଭମ୍ ତାର ଅଜା ଘର ମଧ୍ୟ ଚଳାଉଛି । କିଛି ଆଉ ଅଭାବ ନାହିଁ ।


ରମେଶ ଯେମିତି ଯାହା କରି ସବୁ ଝିଅଙ୍କୁ ବାହା ଦେଲା । ହେଲେ ମନରେ ତାର ଗୋଟେ ସ୍ୱପ୍ନ ଥିଲା ଏଇ ସବୁ କିଏ ଭୋଗିବ। ତାର ତ କୁଳରକ୍ଷା କରିବାକୁ କେହି ନାହିଁ । କେଜାଣି କାହିଁକି ଶୁଭମ୍ ମନରେ ମଧ୍ୟ ଏଇ ଧାରଣ ଉଙ୍କି ମାରୁଥିଲା। । ସେ ସବୁ କଥା ଭାବି ଚିନ୍ତି ଶେଷରେ ତାର ବାପା ମାଆକୁ ନେଇକି ଆସି ଅଜା ଘରେ ସବୁ ଦିନ ପାଇଁ ରହିଲା ଆଉ କୁଳରକ୍ଷା କଲା । ଗାଆଁ ଲୋକେ ଏସବୁ ଦେଖି ଭାବିଲେ ସତରେ ଭଗବାନ୍ ସାହା ହେଇଛନ୍ତି । ସତରେ ଶୁଭମ୍ ପାଇଁ ହିଁ ରମେଶର ଦୁଃଖ ଗଲା । ସମସ୍ତେ ବାଃ ବାଃ କଲେ।

ସେବେଠୁ ଏଇ ସବୁ ଦେଖି ଭୁଲ୍ ରେ ଗାଆଁ ଲୋକେ ଗୋଟେ କିମ୍ବା ଦୁଇଟି ଝିଅ ହେବା ପରେ ଆଉ ସନ୍ତାନ ପାଇଁ ଇଚ୍ଛା ପ୍ରକାଶ କରୁନଥିଲେ । କିନ୍ତୁ ଶେଷରେ ଗୋଟେ ଯଥା ଗଉଡ଼ କହିଥିଲା ବୋଧେ ରମେଶ ପୂର୍ବଜନ୍ମରେ କିଛିପାପ କରିଥିଲା, ସେଥିପାଇଁ ଏସବୁ ଭୋଗିଲା । ହଁ ସେଇ ପାପ ହେଉଛି ସେ ପୂର୍ବ ଜନ୍ମରେ ଛଅ ଜଣ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲା । ଏଇଟା ଦିନେ ଖରାବେଳେ ସେ ଗଉଡ଼ ଟୁଙ୍ଗି ଘରେ ବସିଥିବା ବେଳେ ରମେଶ ଖରାବେଳେ ଦିନରେ ସ୍ୱପ୍ନ ଦେଖିଲା ଆଉ ବିଳିବିଳେଇ କହିଯାଉଥିଲା ଏଇ ଦୁଷ୍କର୍ମ ସଂପର୍କରେ । ସତରେ ଭଗବାନ୍ କର୍ମ ଅନୁସାରେ ଫଳ ଦିଅନ୍ତି । କୁକର୍ମର ଫଳ ପର ଜନ୍ମରେ ସେ ଏହିପରି ଦେଇଛନ୍ତି । ତେଣୁ ସର୍ବଦା ଭଲ କର୍ମ କରିବାକୁ ଚେଷ୍ଟା କରିବା ଉଚିତ୍ ।

ଗବେଷିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# କାଳିଆ ମୋ ଗଳା ମାଳିଆ



ସତ୍ୟନାରାୟଣ ପ୍ରସାଦ ନାୟକ

ତୁମ ଲୀଳା ପ୍ରଭୁ ଅନନ୍ତ ଅସୀମ
ନାହିଁ ତାର ପଟାନ୍ତର
ସୀମିତ ଶକ୍ତି ଏ ମଣିଷ ପାଖରେ
କାଳେ କାଳେ ଅଗୋଚର ।

ଚତୁର୍ଦ୍ଧା ମୂରତି ହେ ଜଗତ ପତି
ଉଭା ତୁମେ ନୀଳାଚଳେ
ଗଗନ ପବନ ହୁଏ ନିନାଦିତ
ତୁମରି ମହିମା ବଳେ ।

ତୁମରି ଶ୍ରୀକ୍ଷେତ୍ର ତୁମ ଶ୍ରୀମନ୍ଦିର
ଶୋଭା ପାଏ କାଳେ କାଳେ
କୋଟି ଜନତାଙ୍କ ଲୋଟି ଯାଏ ମଥା
ତୁମରି ଚରଣ ତଳେ ।

ISSN NO.
2582-208X

ଭାବର ଠାକୁର ହେ କଳା ଠାକୁର
ତୁମେ ସତ୍ୟ ସନାତନ
ରତ୍ନ ସିଂହାସନେ ବସିଛ ମଉନେ
ନିତି ଦିଅ ଦରଶନ ।

ଭକ୍ତ ଭଗବାନ ଅପୂର୍ବ ମିଳନ
ଇଏତ ତୁମରି ଲୀଳା
ଶ୍ରୀମନ୍ଦିରେ ବସି ମନକୁ ମୋହୁଛ
ଦାରୁବ୍ରହ୍ମ ଚକାଡୋଳା ।

ମାତା ଯଶୋଦାଙ୍କ ତୁମେ କଳାକାହ୍ନୁ
କୌଶଲ୍ୟାଙ୍କ ଗେଲ୍ହା ରାମ
ଇନ୍ଦ୍ରଦ୍ୟୁମ୍ନଙ୍କର କାଳିଆ ସାଆନ୍ତ
ତୁମକୁ କୋଟି ପ୍ରଣାମ ॥

ଓଁ ଜୟ ଶ୍ରୀ ଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର
Mob.-9437764014

ଜୁଲାଇ-୨୦୨୪
www.vedantimagazine.com
ISSN NO.
2582-208X

# ସେ ମଧ୍ୟ ନାରୀ



ପ୍ରିୟଦର୍ଶିନୀ ଓଝା

ନାରୀ !
ହେଲେ ତାର ସ୍ଥାନ କେଉଁଠି..?

ସମାଜ ଆଗେ ଯେ ଚିର ଅବହେଳିତା।
ବାସ୍ତବରେ ତ ନାରୀ ଚିରନ୍ତନ ଧର୍ଯ୍ୟଶୀଳା,
କ୍ଷମାଶୀଳା ପୁଣି ସେ ନିଜର ପ୍ରଭୁ ଆଗେ ସମର୍ପିତା।
କଣ ଏହା ହିଁ ନାରୀର ବ୍ୟକ୍ତିସତ୍ତା।

ପୁଣି ସେ ପାଞ୍ଚାଳୀ ଏବଂ ସୀତା ପରି ଲାଞ୍ଛିତା।
ଜ୍ଞାନୀ ମାନଙ୍କ ସଭାରେ ସମାଜ ତାକୁ ବିବସ୍ତ୍ର କରାଏ,
ଏବଂ ଅନ୍ୟ ଜଣକୁ ଅଗ୍ନିରେ ଜାଳି ସତୀ ବୋଲାଏ।

ଦୁହେଁ ସମର୍ପଣର ଶୀର୍ଷରେ ଥିବା ବ୍ୟକ୍ତିସତ୍ତା,
ମାତ୍ର ଜ୍ଞାନୀ ସମାଜ ଆଗେ ଦୁହେଁ ଅବଳା ଆଉ ଦୁର୍ବଳା।
କାହିଁ ଦେଖେନି ସେ କୃଷ୍ଣାର ସେହି ଅଗ୍ନିସ୍ନାନ,
ଖାଲି ବୋଲାଏ ପାଞ୍ଚାଳୀ ଯେ ଅନେକ ପୁରୁଷେ ନିମଗ୍ନ।
କାହିଁ ଦେଖେନି ସେ ଜନକୀର ସେଇ ତ୍ୟାଗ ଆଉ ସମର୍ପଣ,

ISSN NO.
2582-208X

ଖାଲି କୁହେ ସହିବାକୁ ବାଧ୍ୟ ସେ ଅଗ୍ନିର ଦହନ।
ଜଣେ ଧର୍ମର ପ୍ରତିଷ୍ଠା ପାଇଁ ପରିବାରକୁ ଜଳାଞ୍ଜଳି ଦିଏ,
ଆରକ ଲାଞ୍ଛନା ସହି ନପାରି ମାଟିକୁ ଫଟିଯା ବୋଲି କୁହେ।
ବାସ୍ତବରେ ଏହାହିଁ କଣ ନାରୀର ବ୍ୟକ୍ତିସତ୍ତା..?

କଣ ଫୁଲ ପରି ଫୁଟି  ଝଡିଯିବାଟା ହିଁ ବାସ୍ତବତା..?
ନା ନିଜ ପାଇଁ ବିଦ୍ରୋହୀ ହୋଇ ଉଠିବା ହିଁ ନାରୀର ବୁଦ୍ଧିମତ୍ତା।

ମାଟି ମାଆ ଗର୍ଭରେ ନିଜକୁ ନିକ୍ଷେପ କରିବାଟା ବୁଦ୍ଧିମତା,
ନା ବଞ୍ଚିବା ପାଇଁ ସମାଜ ସହ ସଙ୍ଘର୍ଷ କରିବାଟା ହିଁ ବାସ୍ତବତା।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ

ISSN NO.
2582-208X

# ଜ୍ୟୋତିର୍ଲିଙ୍ଗ ଦର୍ଶନ - ମହାକାଳେଶ୍ୱର



ରଘୁନାଥ ତ୍ରିପାଠୀ

ମହାକାଳେଶ୍ୱର ଦର୍ଶନ ଉଦ୍ଦେଶ୍ୟରେ ଆମେ ୦୪/୦୫/୨୦୨୩ ତାରିଖରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ହାଇଦ୍ରାବାଦରୁ ବାହାରି ରାତ୍ର ପ୍ରାୟ ଏଗାରଟାରେ ଇନ୍ଦୋର ଠାରେ ପହଞ୍ଚିଲୁ । ବିମାନବନ୍ଦର ଠାରୁ ପ୍ରାୟ ଦଶ କି.ମି. ଦୂରରେ ଅବସ୍ଥିତ ସନ୍ତୁର ହୋଟେଲରେ ଅବସ୍ଥାନ କଲୁ । ଡ୍ରାଇଭର ସହ କଥାବାର୍ତ୍ତା ଅନୁଯାୟୀ ପରଦିନ ସକାଳ ନଅଟା ସମୟରେ ମହାକାଳେଶ୍ୱର ଅଭିମୁଖେ ପ୍ରସ୍ଥାନ କଲୁ । ମଧ୍ୟପ୍ରଦେଶର ଉଜ୍ଜୟିନୀ ଜିଲ୍ଲାରେ ଅବସ୍ଥିତ ଏହି ପ୍ରସିଦ୍ଧ ଶୈବ ପୀଠ ଇନ୍ଦୋର ଠାରୁ ୫୧ କି.ମି. ଦୂର । ଇନ୍ଦୋର ସହର ଅତି ପରିଷ୍କାର ପରିଚ୍ଛନ୍ନ ବୋଲି ଆମେ ଆଗରୁ ଜାଣିଥିଲୁ । କାରଣ ଏହାର ପୂର୍ବ ବର୍ଷ ସାରା ଭାରତରେ ପରିଚ୍ଛନ୍ନତମ ସହର ପୁରସ୍କୃତ ହୋଇଥାଏ । ଏକଥା ରାସ୍ତାକଡ ପ୍ରାଚିର ମାନଙ୍କରେ ବିଜ୍ଞାପନରେ ମଧ୍ୟ ଅତି ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଥାଏ । ଯେତେ ଆଗକୁ ଯାଉଥାଉ ପ୍ରକୃତରେ ଏହା ସତ୍ୟ ବୋଲି ବଦ୍ଧମୂଳ ଧାରଣା ଆମ ମନରେ ସୃଷ୍ଟି ହେଉଥାଏ । ଅତି ସୁନ୍ଦର ସହରଟିକୁ ଦେଖି ଦେଖି ପ୍ରାୟ ଦେଢ ଘଣ୍ଟା ପରେ ଉଜ୍ଜୟିନୀ ସହରରେ ପହଞ୍ଚିଗଲୁ ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବେ ପରିଗଣିତ ଏହି ଶୈବ ପୀଠ ଦର୍ଶନ କରିବାପାଇଁ ଆମ ମନରେ ଅନେକ ଉତ୍କଣ୍ଠା ଥାଏ । ଏହାର ମୁଖ୍ୟ ଦ୍ୱାରରେ ଗାଡିରୁ

ISSN NO.
2582-208X

ଓହ୍ଲାଇବାକୁ ପଡିଲା କାରଣ ଆଉ ଆଗକୁ ଅର୍ଥାତ ନିଜ ଗାଡିରେ ଭିତରକୁ ପ୍ରବେଶ ଅନୁମତି ନାହିଁ । ଭିତରେ କେତୋଟି ଛୋଟ ଗାଡି ଯାତ୍ରୀମାନଙ୍କୁ ଏବା ଆଣିବା କରୁଥାଏ । କିଛି ଲୋକ ସେଥିରେ ଯିବାର ଦେଖୁଲୁ, ମାତ୍ର ଅଧିକାଂଶ ଲୋକ ପଦବ୍ରଜରେ ଯାଉଥିବା ଲକ୍ଷ୍ୟ କଲୁ । ଆରମ୍ଭରୁ ଅର୍ଥାତ ମୁଖ୍ୟଦ୍ୱାର ନିକଟାରେ ଗୋଟିଏ ବିରାଟକାୟ କୃତ୍ରିମ ହ୍ରଦ ଆମ ଆଖିରେ ପଡିଲା । ତା ମଧ୍ୟରେ ଭଗବାନ ଶିବଙ୍କର ଅତିସୁନ୍ଦର କେତୋଟି ରଙ୍ଗୀନ ପ୍ରତିମୂର୍ତ୍ତି ଦୃଷ୍ଟିଗୋଚର ହେଲା । ଆହୁରି ଆଗକୁ ଯାଇ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସେହି ମୂର୍ତ୍ତିମାନଙ୍କୁ ଦେଖିଦେଖି ଖୁବ କମ ସମୟ ମଧ୍ୟରେ ମନ୍ଦିର ପ୍ରବେଶ ଦ୍ୱାରରେ ପହଞ୍ଚିଲୁ କାରଣ ଏହାର ଦୂରତ୍ୱ ଏକ କିଲୋମିଟର ମଧ୍ୟରେ । ନିଃଶୁଳ୍କ ଜୋତା ଷ୍ଟାଣ୍ଡରେ ଜୋତା ରଖି ଦର୍ଶନ ପାଇଁ ଧାଡିରେ ଚାଲିବାକୁ ଆରମ୍ଭ କଲୁ କାରଣ ଭକ୍ତଙ୍କ ପ୍ରବଳ ଭିଡ ହେତୁ ଠିଆହୋଇ ରହିବାର ପ୍ରଶ୍ନ ଉଠୁନଥାଏ । ସାଢେ ଏଗାରଟାରେ ଧାଡିରେ ଠିଆହେଲେ ସୁଦ୍ଧା ବାରଟା ସମୟରେ ଦର୍ଶନ ମିଳିଗଲା ।

ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ସେଠାରେ ପ୍ରବଳ ଭିଡ ହୁଏ ବୋଲି ଜାଣି ଆମେ ଅନ୍ୟଦିନରେ ଯାଇଥିଲୁ । ତେଣୁ ସେହି ଦିନମାନଙ୍କରେ କେତେ ଅଧିକ ଭିଡ ହେଉଥିବ ତାହା ଆମେ ଅନୁମାନ କରିନେଲୁ । ଦର୍ଶନ ପାଇଁ ନିର୍ମିତ ବ୍ୟାରିକେଡ ପାର୍ଶ୍ୱରେ ଟିଭି ଗୁଡିଏ ଲାଗିଥାଏ ଏବଂ ସେଥିରେ ଭକ୍ତମାନେ ସମସ୍ତ ପୂଜା ବିଧି ଦେଖିବାକୁ ସମର୍ଥ ହେଉଥାନ୍ତି । ଜୟ ମହାକାଳ ଧ୍ୱନିରେ ଗଗନ ମଣ୍ଡଳ ପ୍ରକମ୍ପିତ ହେଉଥାଏ । ବାଟରେ ଭକ୍ତମାନେ ଫୁଲ ଓ ହୋଗ ଠାକୁରଙ୍କ ଉଦ୍ଦେଶ୍ୟରେ ପୂଜକ ମାନଙ୍କୁ ବଢାଇ ଦେଉଥାନ୍ତି ଏବଂ ପୂଜା ସାରି ଫେରାଇ ଦେଉଥାନ୍ତି ।

ମୋଟ ଅଧଘଣ୍ଟା ସମୟ ମଧ୍ୟରେ ମହାକାଳଙ୍କର ଦର୍ଶନ ମିଳିଗଲା ତାହା ପୁଣି ଅତି ଶୃଙ୍ଖଳା ମଧ୍ୟରେ । ବ୍ୟାରିକେଡ ର ମଝିରେ ମଝିରେ ଭକ୍ତ ଓ ବୟସ୍କ ଲୋକ ବିଶ୍ରାମ ନେବା ପାଇଁ ବହୁ ସଂଖ୍ୟକ ଚୌକିର ବ୍ୟବସ୍ଥା ରହିଛି । ଭିଡ କିମ୍ବା ଠେଲାପେଲାର ଅବକାଶ ନଥାଏ । ତା ପରେ ବେଢାରେ ପ୍ରବେଶ କରି ଠାକୁରଙ୍କ ମୂର୍ତ୍ତି କପାଳରେ ଖୋଦେଇ କଲୁ ।

ISSN NO.
2582-208X

ପ୍ରଥମେ କପାଳରେ ହଳଦୀ ବୋଳିଦେଇ ତା ଉପରେ ନାଲି ରଙ୍ଗର ବିଭୁତି ରେ ରଖିଥିବା ଲେଖାରେ ଚିତ୍ରିତ କରିଥାନ୍ତି । ଦୁଇ ପଟରେ ଓଁ ଲେଖାଥାଏ ମଝିରେ ହିନ୍ଦୀରେ ମହାକାଳ ଏବଂ ଉପରକୁ ତ୍ରିଶୁଳ ଚିହ୍ନ ଥାଏ । ସେଥିପାଇଁ ମୁଣ୍ଡପିଛା ଦଶ ଟଙ୍କା ଦେବାକୁ ପଡିଲା । ବେଢାରେ ଥିବା ବିଭିନ୍ନ ଠାକୁରଙ୍କ ମନ୍ଦିର ଦର୍ଶନ କରି ଭୋଗ ସଂଗ୍ରହ କଲୁ । ଭୋଗ ପ୍ୟାକେଟର ମୂଲ୍ୟ ଅଶୀ ଟଙ୍କା ଯେଉଁଥିରେ ଖାଣ୍ଟି ଗୁଆଘିଅରେ ତିଆରି ଚାରୋଟି ଲଡୁ ଥାଏ ଯାହା ଅତ୍ୟନ୍ତ ସୁସ୍ୱାଦୁ । ସମସ୍ତ କାର୍ଯ୍ୟ ଅତି ଶୃଙ୍ଖଳା ମଧ୍ୟରେ ସମାହିତ ହୋଇଗଲା । ମନ୍ଦିରରୁ ବାହାରି ଆସି ଷ୍ଟାଣ୍ଡରୁ ଜୋତା ସଂଗ୍ରହ କରି ମନ୍ଦିର ସମ୍ମୁଖରେ ଥିବା ହ୍ରଦ କୂଳରେ ଥିବା ଚଉକିରେ ବିଶ୍ରାମ ନେଲୁ । କାରଣ ସେତେବେଳେ ଭୀଷଣ ଖରା ଓ ତାତି ଅନୁଭୂତ ହେଉଥାଏ । ହ୍ରଦକୂଳର ସୁନ୍ଦର ସୁନ୍ଦର ଫଟୋ ଉଠାଇ ବାହାରକୁ ଆସିଲୁ । ହଠାତ୍ ଖରା ଚାଲିଯାଇ ଛାଇ ଆସିଯିବାରୁ ଆରାମ ଲାଗିଲା ଏବଂ ସେ ସ୍ଥାନ ଛାଡି ଆସିବାକୁ ମନ ହେଉ ନଥାଏ ।

ଶେଷରେ ମୁଖ୍ୟ ଦ୍ୱାର ବାହାରକୁ ଆସିଗଲୁ । ମନ୍ଦିରଟି ସିପ୍ରା ନଦୀ କୂଳରେ ଅବସ୍ଥିତ ଏବଂ ଖରାଦିନ ହେତୁ ଏହାର ସ୍ରୋତ ବନ୍ଦ ହୋଇଯାଇଥାଏ । ତେଣୁ ବେଶି ଡେରି ନକରି ଗାଡି ଧରି ସିଧା ଚାଲିଲୁ କାଳଭୈରବ ମନ୍ଦିର । କାରଣ କୁହାଯାଏ ଯେ କାଳ ଭୈରବଙ୍କୁ ଦର୍ଶନ ନକରି ଚାଲିଗଲେ ମହାକାଳ ଦର୍ଶନ ବୃଥା ହୋଇଯାଏ । ସେଠାରେ ମଧ୍ୟ ଅସମ୍ଭବ ଭିଡ । ଧାଡିରେ ଚାଲି ସିଡିରେ ଉଠି ଉଠି ବହୁତ ଡେରିରେ ଦର୍ଶନ ପାଇଲୁ । ଗାଡି ମଧ୍ୟ ପାଖକୁ ଯିବାକୁ ଅନୁମତି ନଥିବାରୁ ଚାଲି ଚାଲି ଯିବାକୁ ପଡିଲା । ସେ ମନ୍ଦିରରେ ମଧ୍ୟ ଦେଖିଲୁ ଏକ ବିଚିତ୍ର ଦୃଶ୍ୟ । ନଡିଆ ଭୋଗ ସହିତ ବିଭିନ୍ନ ପ୍ରକାରର ମଦ ଭୋଗ ଲଗାଯାଏ । ଗୋଟିଏ ଯଜ୍ଞ ମଣ୍ଡପରେ ନଡିଆ ପୋଡା ଯାଉଥାଏ ଏବଂ ସେଥିରେ ବିଭିନ୍ନ ପ୍ରକାରର ମଦ ଢଳା ଯାଉଥାଏ ।

ଶେଷରେ କାଳ ଭୈରବଙ୍କୁ ଦର୍ଶନ ସାରି ମୁଣ୍ଡିଆ ମାରି ବିଦାୟ ନେଲୁ । ବାଟରେ ସିପ୍ରା ନଦୀ କୂଳରେ କିଛି ଫଟୋ ଉଠାଇ ଫେରିବା ବାଟରେ କିଛି ପାନୀୟ ଅବକାଶ ପରେ

ISSN NO.
2582-208X

ମଙ୍ଗଳ ଦେବ (ମଙ୍ଗଳ ଗ୍ରହ) ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କଲୁ । ମଙ୍ଗଳ ଗ୍ରହ ମୂର୍ତ୍ତି ଅବିକଳ ଶିବ ଲିଙ୍ଗ ପରି ଏବଂ ସେଠାରେ ଅନବରତ ଜଳାଭିଷେକ କରା ଯାଉଥାଏ । ଦର୍ଶନ ସାରି ଶୀଘ୍ର ବାହାରକୁ ଆସିଲୁ । ଫେରିବା ବାଟରେ ନୂଆ କରି ବହୁତ ଆପାର୍ଟମେଣ୍ଟ ଓ ଢାବା ଗଢି ଉଠିଥିବା ଲକ୍ଷ୍ୟ କଲୁ । ସେତେବେଳକୁ ପ୍ରାୟ ଅପରାହ୍ନ ଚାରିଟା ବାଜି ଯାଇଥାଏ । ହୋଟେଲରେ ଖାଇବା ସାରି ଇନ୍ଦୋରକୁ ଫେରି ଆସିଲୁ ।

ବାଲିସାହି, ମଧୁପାଟଣା,
କଟକ/8763343263

ଜୁଲାଇ-୨୦୨୪
www.vedantimagazine.com
ISSN NO. 2582-208X

# ମୃତ୍ୟୁ ଚିରନ୍ତନ ସତ୍ୟ ....!!



ବନିତା ମହାରଣା

ମିଛେ କହିଥାଉ ମୋହର ମୋହର
ଶରୀର ବି ନୁହେଁ ତୋର,
ସମୟ ଆସିଲେ ତାକୁ ବି ଛାଡ଼ିବୁ
ଭେଟିବୁ ଯମର ଦ୍ୱାର,
ପାଶେଥିବ କର୍ମଡୋର,
ଆତ୍ମୀୟ କହିବେ ସମୟ ତ ନାହିଁ
ବେଗେ ଶବଦାହ କର ||
ଅର୍ଜିଥିବା ସବୁ ମିଛ ସମ୍ପର୍କକୁ
ଭୁଲିଯିବେ ସବୁଦିନ,
ପରିବାର ଜନ କାନ୍ଦି କହୁଥିବେ
ଆୟୁଷ ହେଲା କି କମ,
ବୁଝୁନାହିଁ ଆମ ମନ,
ଚିରନ୍ତନ ସତ୍ୟ ମୃତ୍ୟୁକୁ କୋଳେଇ
ଛାଡ଼ିଗଲୁ ଇହଧାମ ||

ମୋହମାୟା ଏଇ ଦୁନିଆ ଭିତରେ
ଆପଣାର କେହିନାହିଁ,
ଶବଦାହ ପରେ ସଞ୍ଚିତ ସମ୍ପତ୍ତି
ଭାଗକୁ ଥିବେରେ ଚାହିଁ,
ଭଲକର୍ମ କର ତୁହି,
ଜୀବଥିଲା ଯାଏଁ ତୁଣ୍ଡେ ହରିନାମ
ସବୁଦିନ ଥାଉରହି ||

କଳଙ୍ଗା, କନ୍ଧମାଳ

ISSN NO.
2582-208X

# ଦଶାବତାର
# ଚଉତିଶା



କୈଳାସ ମେହେର

କମ୍ବୁ କଟକ ବିହାରୀ ଜୟ ବିଶ୍ୱପତି
କମଳା ସେବନ୍ତି ଯାର ପଦ ଦିନରାତି ।।୧

ଖର ଦୂଷଣ ନାଶନ ପ୍ରଭୁ ଚାପଧାରୀ
ଖଳ ଜନ ବିନାଶନ ବୈକୁଣ୍ଠବିହାରୀ ।।୨

ଗର୍ବ ଖଣ୍ଡନ କାରଣେ ଚକ୍ର ସୁଦର୍ଶନ
ଗଦା ଆୟୁଧରେ ପୁଣି ପାତକ ଦହନ ।।୩

ଘଟେଶ୍ୱର କଣ୍ଠେ ମମ ବସ କୃପାକରି
ଘଡିକେ ରଚିବି ତବ ମହିମା ବିସ୍ତାରି ।।୪

ଉତ୍ଫୁଲ୍ଲେ ଶୁଣ ଭକ୍ତେ କଥା ଦଶାବତାର
ଉସତ ହୁଅରେ ମକରନ୍ଦ ଚାଖି ତାର ।।୫

ଚଉଦ ଭୁବନ ହରି ଭକତ ଜୀବନ
ଚାରି ଯୁଗରେ ଧରନ୍ତି ଅବତାର ମାନ ।।୬

ଛଟପଟ ସାଧୁସନ୍ଥ ନିସ୍ତାର ନିମନ୍ତେ
ଛଅ ଐଶ୍ବର୍ଯ୍ୟରେ ଦେହ ଧରନ୍ତି ଜଗତେ ।।୭

ISSN NO.
2582-208X

ଜଗତରେ ଯେବେ ଯେବେ ବଢେ ପାପଭାର
ଜନ ସୁଖ ହିତେ କରେ ପାପୀଙ୍କୁ ସଂହାର ।।୮

ଝଟମଟ ଚାରିବେଦ ହରେ ଶଙ୍ଖାସୁର
ଝଟତି ଗିଳିଦେଇ ଫେରେ ନିଜପୁର ।।୯

ନାରାୟଣ ମସ୍ତ୍ୟ ଅବତାରେ ବିଦାରିଲେ
ନେଇ ବେଦ କୁଶକେତୁ କରେ ସମର୍ପିଲେ ।।୧୦

ଟହକ କୂର୍ମାବତାର ମନ୍ଥନେ ସାଗର
ଟାଣ ପୃଷ୍ଠଦେଶେ ବୋହି ପର୍ବତ ମନ୍ଦର ।।୧୧

ଠାକୁରାଣୀ ଦେବୀ ଲକ୍ଷ୍ମୀ ମନ୍ଥନୁ ଉଦିତ
ଠଣ ସୁନ୍ଦର ବିଭାରୁ ନାମ ଲକ୍ଷ୍ମୀକାନ୍ତ ।।୧୨

ଡୁବାଇଲା ହିରଣାକ୍ଷ ଧରା ରସାତଳେ
ଡେଇଁଲେ ବରାହାବତାର ପ୍ରଳୟ ଜଳେ ।।୧୩

ଢୁକି ଦୁଇ ରଦେ ଟେକି ମେଦିନୀ ଧଇଲ
ଢାଳା ନାଶି ନାସାଶୃଙ୍ଗେ ଭୂଷି ବଧକଲ ।।୧୪

ଅଣରୂପ ନାରାୟଣ ନୃସିଂହାବତାରେ
ଅଣକ ହିରଣ୍ୟ ପେଟ ଚିରିଲ ନଖରେ ।।୧୫

ତୋର ଆଶ୍ରେ ଭକ୍ତ ପ୍ରହଲ୍ଲାଦ ଅଜ୍ରାମ୍ବର
ତପନ କିରଣ ପ୍ରାୟେ ଭକତି ତାହାର ।।୧୬

ଥାନ ତ୍ରିପାଦ ଦାନ ଛଳେ ରୂପେ ବାମନ
ଥାପି ପାଦ ବଳି ଶିରେ ଚାପିଲ ବହନ ।।୧୭

ISSN NO.
2582-208X

ଦୈତ୍ୟ ନଗର ପାତାଳେ ହୋଇଲା ରାଜନ
ଦର୍ଶନ କରଇ ଦ୍ୱାରେ ନିତ୍ୟ ନାରାୟଣ ।।୧୮

ଧରଣୀ ଉଦ୍ଧତ ଦୁଷ୍ଟ କ୍ଷତ୍ରିୟ ନୃପତି
ଧରାକୁ ମଣିଲେ ଶରା ତିଳେନାହିଁ ଭୀତି ।।୧୯

ନିବାରି ପାତକି ହରି ରୂପେ ପର୍ଶୁରାମ
ନିସ୍ତରି ଲଭିଣ ମହୀ କରୁଛି ପ୍ରଣାମ ।।୨୦

ପିତୃସତ୍ୟ ପାଳନାର୍ଥେ କୌଶଲ୍ୟା ନନ୍ଦନ
ପତ୍ନୀ ଭାଇ ସଙ୍ଗେ ବନେ କଲେକ ଗମନ ।।୨୧

ଫାନ୍ଦବଳେ ଜଗନ୍ମାତ ହରେ ଦଶାନନ
ଫାଟିଲା ସେଦିନୁ ଶିରୀଲଙ୍କା କାଞ୍ଚନ ।।୨୨

ବନ୍ଧବାନ୍ଧି ସିନ୍ଧୁଜଳେ ଜାନକୀ ରମଣ
ବ୍ରହ୍ମାସ୍ତ୍ର ପେଷିଣ ନାଶ କଲେକ ରାବଣ ।।୨୩

ଭୁବନ ମରତ ମାତ କଂସ ଉପଦ୍ରବ
ଭଣିଲେ ଶୋକାତୁରେ ଶୁଣହେ ମାଧବ ।।୨୪

ମନ୍ଦରଧର ବୋଲେ ଅଳ୍ପ ଦିନ ଅନ୍ତେ
ମହୀଭାରା ଉଶ୍ୱାସିବି ଜନମି ଜଗତେ ।।୨୫

ଯଦୁକୁଳେ ନାରାୟଣ ହୋଇଲେ ସମ୍ଭୂତ
ଯମୁନା ଜଳେ ସର୍ପ କଲେ ପରାଜିତ ।। ୨୬

ISSN NO.
2582-208X

ରାସ ବିନୋଦିଆ କୃଷ୍ଣ ଗୋପିକା ଜୀବନ
ରାଧାନାମେ ବଂଶୀବାଉ କଦମ୍ବ ମୂଳେଣ ।।୨୭

ଲବଣୀ ବୟସେ ଟେକି ଗୋବର୍ଦ୍ଧନ ଗିରି
ଲାଜଗଲା ସୁନାଶୀର ତେଜିଲା ବଇରୀ ।।୨୮

ବଦନ ମୁରଲୀ ପ୍ରାଣ ଦୁର୍ମିଳା ନନ୍ଦନ
ବଧି ଅବତାର ଲୀଳା କରିଲ ପୂରଣ ।।୨୯

ଶ୍ରୀକ୍ଷେତ୍ରେ ବଉଦ୍ଧ ରୂପେ ବିଜେ ଜଗନ୍ନାଥ
ଶାନ୍ତି ଦୟା କ୍ଷମା ମୂର୍ତ୍ତି ଅନାଥର ନାଥ ।।୩୦

ଷୋଳକଳା ଘେନି ପ୍ରଭୁ କରୁଅଛ ଲୀଳା
ଷଡ଼ରିପୁ ଛେଦି ପ୍ରଭୁ ପାରିକର ଭେଳା ।।୩୧

ସୀମା କଳିଯୁଗ ଶେଷେ କଳ୍କୀ ଅବତାର
ସାଧୁଜନ ରଖି ପାପୀ କରିବେ ସଂହାର ।।୩୨

ହଇଲା ସମ୍ପୂର୍ଣ୍ଣ ଦଶାବତାର ଚରିତ
ହରି କଥା ଶ୍ରବଣରେ ପାତକ ଦୂରିତ ।।୩୩

କ୍ଷୀରସିନ୍ଧୁଜା ଈଶ୍ୱର ନଘେନ ମୋ ଦୋଷ
କ୍ଷମାପଣ ଭିକ୍ଷା କରେ ଏଦାସ କୈଳାସ ।।୩୪

ଓଡ଼ିଆ ଅଧ୍ୟାପକ
ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଉଲୁଣ୍ଡା, ସୋନପୁର

ISSN NO.
2582-208X

# (କ୍ଷୁଦ୍ରଗଳ୍ପ)
# ନିଶା



ଅରୁଣ କୁମାର ମହାପାତ୍ର

କଲେଜ ଜୀବନ ଆରମ୍ଭ ସମୟରୁ ସ୍ୱାତୀର ମନ ଭିତରେ ଏକ ନିଆରା ଇଚ୍ଛା ବସା ବାନ୍ଧିଥିଲା। ତାହା ହେଲା ଭ୍ରମଣ। ଭାବେ ଖାଲି ବୁଲୁଥାନ୍ତି। ପ୍ରକୃତିକୁ କୋଳେଇ ନେଇ କିଛି ସ୍ମୃତି ସାଇତି ରଖନ୍ତି ଆଉ କିଛି ତ ଏମିତି ଖସି ଯିବେ ହାତ ମୁଠାରୁ। ଭିନ୍ନ ଭିନ୍ନ ସମୟରେ କଲେଜ ସାଙ୍ଗମାନଙ୍କ ସହ ପାଖାପାଖି ଅଞ୍ଚଳରେ ବୁଲିବାକୁ ଯାଇଛି। ମିଳିଥିବା କୌଣସି ସୁଯୋଗକୁ ବୋଧେ ହାତଛଡ଼ା କରିନି। ସେ ପ୍ରକୃତି ହେଉ କି ମନ୍ଦିର ଅବା ହେଉ ଦୀର୍ଘ ଲମ୍ବା ଯାତ୍ରା। ପାହାଡ଼ ପର୍ବତ ବି ଚଢ଼ିଛି। ତଥାପି ଆହୁରି ବୁଲିବାକୁ ଇଚ୍ଛା। ତାର ଏହି ଇଚ୍ଛା ସତେ ଅବା ନିଶା ପାଲଟି ଯାଇଥିଲା। ସମୟାନୁକ୍ରମେ ଏକ ନିର୍ଦ୍ଧିଷ୍ଟ ବୟସରେ ଯେତେବେଳେ ବିବାହ ପ୍ରସ୍ତାବ ଆସିଲା ଏହା ଏକ ମୁଖ୍ୟ ସର୍ତ୍ତ ହୋଇ ଯାଇଥିଲା। ତାର ଜୀବନସାଥି ଭ୍ରମଣ ପ୍ରିୟ ହେଇଥିବା ଆବଶ୍ୟକ ମନେ କରୁଥିଲା ସେ। ବୋଧେ ନୀୟତିର ନିର୍ଦ୍ଦେଶ ସେୟା ହିଁ ଥିଲା। ବର ପ୍ରସ୍ତାବରେ ଆସିଥିବା ସମୀରର କର୍ମକ୍ଷେତ୍ର ଥିଲା ସାରା ଭାରତ। ଖୁବ୍ ସୀମିତ ସମୟରେ ବାରମ୍ବାର ସ୍ଥାନାନ୍ତରଣ ତଥା ମାସରେ ବହୁତ ସମୟ ଭିନ୍ନ ଭିନ୍ନ ସ୍ଥାନକୁ କାମ ପାଇଁ ଯିବାକୁ ପଡ଼େ। ସ୍ୱାତୀ ଖୁବ୍ ଖୁସି ହୋଇ ଯାଇଥିଲା। ସୁନ୍ଦର ଚେହେରା ସହ ଚାକିରିଆ ବର ତଥା ବୁଲିବା ପାଇଁ ପ୍ରଶସ୍ତ ସୁଯୋଗ। ସହଜରେ ରାଜି ହୋଇ ଯାଇଥିଲା ସ୍ୱାତୀ। ବାହାଘର ପରେ ବିଭିନ୍ନ ଜାଗାକୁ ଯିବା ସୁଯୋଗ ପାଇଛି। କେତେବେଳେ ହୋଟେଲ ଆଉ କେତେବେଳେ ସରକାରୀ ଅତିଥି ଭବନରେ ରାତି କଟିଛି। ଅନେକ ଜାଗାର ପରମ୍ପରା ସହ ଖାଦ୍ୟପେୟ ତଥା ପୋଷାକର ଆନନ୍ଦ ନେଇଛି। ଦିନର

ISSN NO.
2582-208X

ଆଲୋକ ତଥା ରାତିର ଅନ୍ଧାରର ନିଆରା ଆନନ୍ଦ ଅନୁଭବ କରି ସାରିଛି। ଆଜି କିନ୍ତୁ ଏହି ଅନୁଭବ ଥିଲା ନିଆରା ଆଉ ସ୍ୱତନ୍ତ୍ର। ତିନି ଦିନପାଇଁ ଅଫିସ୍ କାମରେ ଆସିଥିବା ସମୀର ସହ ଆସି ସ୍ୱାତୀ ରହିଥିଲା ସହରରୁ ଟିକେ ଦୂର ପୁରୁଣା ଏକ ସରକାରୀ ଡାକ ବଙ୍ଗଳାରେ। ସନ୍ଧ୍ୟା ସମୟରେ ଚପରାଶି ଆସି ଖାଇବା ବ୍ୟବସ୍ଥା କରି ଦେଇ ଯାଇଥିଲା। ଖାଇପିଇ ଦୁହେଁ ଶୋଇ ଯାଇଥିଲେ। ରାତିରେ ହଠାତ୍ ଏକ ପରିଚିତ ଲାଗୁଥିବା ସ୍ୱରରେ ତାର ନିଦ ଭାଙ୍ଗିଗଲା। ଭାବିଲା ଏହା ଏକ ଅବଚେତନ ମନର ଅବାନ୍ତର କଳ୍ପନା। ଏହା ଏକ ସ୍ୱପ୍ନ। ନିଦ ଭାଙ୍ଗି ଯାଇଯିବାରୁ ବାଥରୁମ୍ କୁ ଯାଇଥିଲା ସେ। ହଠାତ୍ ନଜର ପଡିଗଲା କାନ୍ଥରେ ଟଙ୍ଗାଥିବା ଦର୍ପଣ ଉପରେ।

ବାଥରୁମର ଦର୍ପଣରେ ନିଜ ଚେହେରା ଦେଖି ସେ ଚମକି ପଡ଼ିଲା।  ଦର୍ପଣରେ ଲଟକିଥିବା ଲାଲ ବିନ୍ଦିଟି ଠିକ ତା ମଝି କପାଳରେ ଲାଗୁଛି ଯେମିତି। ମୁହଁ ତୁଳନାରେ ବିନ୍ଦିଟା ଖୁବ୍ ବଡ଼ ଲାଗୁଥିଲା। ଏ କଣ ? ଏକ ଭିନ୍ନ ପ୍ରତିଛବି ! ଦର୍ପଣରେ ଦିଶୁଥିବା ଚେହେରାଟି ଖୁବ୍ ଚିହ୍ନା ଚିହ୍ନା ଲାଗୁଥିଲା। ଦଉଡ଼ି ଆସିଲା ଶୋଇବା ଜାଗାକୁ। ସେଇ ଚେହେରା ଆଉ ସ୍ୱପ୍ନ ଭଳି ଲାଗୁଥିବା ସ୍ୱର ଖୁବ୍ ବିଚଳିତ କଲା ତାକୁ। ମୁଣ୍ଡ ଘୁରେଇ ଯାଉଥିଲା ତାର। ହଁ ମନେ ପଡ଼ିଲା। ଏକ ସୁନ୍ଦର ଆଉ ସଦ୍ୟ ବିବାହିତା ନାରୀର ଚେହେରା।

ନିଜକୁ ଖୁବ୍ ଦୋଷୀ ମନେ କରୁଥିଲା ସେ। ବାହାଘର ପରେ କଲିକତାରୁ ଆସି ତାର ସରକାରୀ ଘର ପାଖରେ ରହୁଥିବା କୋମଲ କଥା ମନେ ପଡିଗଲା। ମୃତ୍ୟୁର ଆଶଙ୍କା କରି ତା ପାଖରେ ନିଜ ପ୍ରତି ଅତ୍ୟାଚାରର କରୁଣ କାହାଣୀ ବର୍ଣ୍ଣନା କରି ଥିଲେ ବି ସେ ସତେ ଯେମିତି ନୀରବ ରହିଥିଲା। ପରଦିନ କେବଳ ଅତ୍ୟାଚାରର ମୁକସାକ୍ଷୀ ହୋଇ ଶବ ଯାତ୍ରାରେ  ଦର୍ଶକ ସାଜିଥିଲା।

ତା ଦେହ ହାତ ଥରୁଥିଲା। ବାତାନୁକୁଳିତ ଛୋଟ କୋଠରୀରେ ବି ତା ଦେହଟା ଝାଳରେ ଭିଜି ଯାଇଥିଲା।

ISSN NO.
2582-208X

ତାର ସାହସ ହେଉ ନ ଥିଲା କି ସବୁ କିଛି ଖୋଲି କହି ଦେବ। କାରଣ ଆଜି ବି ସେ ମକଦ୍ଦମା ଚାଲୁ ରହିଛି। କାନୁନ୍ କିଛି ବି କରିପାରେ। ସକାଳୁ ତା ଚେହେରାରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରି ପାରିଥିଲା ସମୀର। କିନ୍ତୁ କିଛି ନାହିଁର ବାହାନାରେ ଏଡେଇ ଦେଇଥିଲା ସ୍ୱାତୀ। ନିଜର ସ୍ୱାସ୍ଥ୍ୟ ଅବସ୍ଥାର ବାହାନା କରି ପରଦିନ ଫେରି ଆସିଥିଲା ସ୍ୱାତୀ।

କିଛି ଦିନ ବିତିଗଲା କିନ୍ତୁ ନିଶା ପାଲଟି ଯାଇଥିବା ଭ୍ରମଣ ପାଇଁ ସ୍ୱାତୀ ପାଖରେ ଆଉ ଆଗ୍ରହ ପ୍ରକାଶ ପାଇ ନଥିଲା । ଏକ ଅହେତୁକ ଭୟ ତାକୁ ଘେରି ରହିଥିଲା। କିନ୍ତୁ ସେ ବୁଝି ପାରୁ ନ ଥିଲା ଯାହା ଏଠି ପାଖରେ ଥିବା ତାର ସରକାରୀ ବାସଗୃହରେ ତାକୁ ଦେଖା ଯାଏ ନାହିଁ ସେଠି ଦୂରରେ ସେ ଚେହେରା ତାକୁ ଦେଖା ଦେଇଛି। ସେ ବୃତ୍ତାକାର ବିରାଟ ନାଲି ବିନ୍ଦି କେମିତି ତାକୁ ଭୟଭୀତ କରି ଦେଇଛି।

ଏତେ ଦିନ ପରେ କିଛି ଭିନ୍ନତା ପରିଲକ୍ଷିତ କରିଥିଲା ସମୀର। ନିଜ ପ୍ରଶ୍ନର ଆଶାନୁରୂପ ଉତ୍ତର ପାଉ ନଥିଲେ ବି ସ୍ୱାତୀର ଭ୍ରମଣ ନିଶାରେ ପ୍ରାୟତଃ ବିରାମ ଲାଗି ଯାଇଥିଲା।

E 23
ଗୌତମୀ ନଗର, ଅଶ୍ୱପୁରମ
ତେଲେଙ୍ଗାନା

ISSN NO.
2582-208X

# ମା

ସ୍ୱାଗତିକା ନାଏକ

ଗରଭ ଯନ୍ତ୍ରଣା ନ ମାସ ସହି
ରକ୍ତ ମାଂସର ଶରୀର ଦେଇ
ଦୁନିଆ କୁ ଆଣିଲୁ ତୁହି ।
ସବୁଠୁ ଆପଣା ହୃଦୟସ୍ପର୍ଶୀ ଶବ୍ଦ
ମା ମୋର ତୁହି ।
ବହୁ ଯତନେ ରତନେ ପାଳିଛୁ
ମା ମୋର ତୁହି
ମୋ ସୁଖ ଲାଗି କେତେ ଯେ
ଦୁଃଖ କଷ୍ଟ ସହିଛୁ ମା ତୁହି
ତୋ ଲୁହ ଲହୁ ଢାଳି କରିଛୁ ମା
ଛୋଟରୁ ବଡ
ଭଲ ଶିକ୍ଷା ଦେଇ କହିଚୁ
ଭଲ ମଣିହଟିଏ ଦୁନିଆରେ
ହେବୁ ତୁହି
ତୋର ଜନ୍ମ ମା ସପର୍ବିତ
ମୋର ନାମରେ
ମୋ ସବୁ ଜନ୍ମ ସମର୍ପିତ ମା
ତୋରି ସେବାରେ
କେବଳ ଗୋଟିଏ ଦିନ ପାଳନ କରନା ମା
ନାମରେ

ISSN NO.
2582-208X

ମା କୁ ଦିଅ ସେନେହ ସମ୍ମାନ
ବଞ୍ଚି ଥିବା ସମୟରେ
ମା ର କଲେ ସେବା ଯତ୍ନ
ତାର ବାର୍ଦ୍ଧକ୍ୟ ଅବସ୍ଥାରେ
ସାର୍ଥକ ହେବ ଆମ
ମାତୃ ଦିବସ ପାଳନରେ
ହେ ବିଚାରକେ ଅନୁରୋଧ ମୋର
ସବୁଦିନ ହେଉ ମାତୃ ଦିବସ
ଏହି ପୃଥିବୀରେ ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଆଗ ପରି ରଜ ମଉଜ ଜମୁନି



ଜୟନ୍ତ କୁମାର ମଲ୍ଲିକ୍

ଆଗ ପରି ରଜ ମଉଜ ଜମୁନି
ବାସୁ ନାହିଁ ପିଠା ପଣା-
ଓଡ଼ିଆ ଘରର ପୂରୁବ ସଂସ୍କୃତି
ହୋଇଅଛି ବାଟବଣା,
ଫିକା ଫିକା ଲାଗେ ରଜ ସଜବାଜ
ମନରେ ସରାଗ ନାହିଁ -
କୁମାରୀ ମାନଙ୍କ ମନରେ ଆଗ୍ରହ
ଆଗ ପରି ଆଉ କାହିଁ ?
ବୁଲା ବୁଲି ପୁରା କମି ଯାଇଅଛି
ଦୋଳି ଖେଳ କାଆଁ ଭାଆଁ -
ଆପଣା ପଣରେ ଆଗପରି ଆଉ
ଉଚ୍ଛୁଳି ପଡୁନି ଗାଆଁ,
ସହରୀ ସଭ୍ୟତା ଗାଆଁରେ ପଶିଛି
ଶୁଭୁନି ତ ରଜଗୀତ -
ତରୁଣୀ ମାନେ ତ ମୋବାଇଲ୍ ଧରି
ଖୋଜନ୍ତି ମନର ମିତ,

ବାଗୁଡ଼ି ଖେଳର ନାଗରା ଶବଦ
କେଉଁଠାରେ ଶୁଭୁ ନାହିଁ -
ସ୍ନେହ ଶ୍ରଦ୍ଧା ମିଶା ରଜପାନ ମଧ୍ୟ
ମିଳୁ ନାହିଁ ଚାହିଁ ଚାହିଁ,
ପୁରୁଖା ଲୋକଙ୍କୁ ଗଭୀର ଆଘାତ
ଦିଏତ ଏବେକା ରଜ -
ଗାଆଁରୁ ସହର ଆତଙ୍କ ଖେଳାଏ
ବନସ୍ତରୁ ଆସି ଗଜ ।

ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:~୯୪୩୭୮୬୫୭୨୭

ISSN NO.
2582-208X

# ବାର୍ଦ୍ଧକ୍ୟ



ସସ୍ମିତା ଭୋଇ

ମୁଁ ଆସେ ଧିରେଧିରେ ତୁମ ପାଖକୁ
ଛଡାଇ ନେବାକୁ ତୁମ ହସ ଖୁସିକୁ
ଯେଉଁ ନିବାସ ମୁଁ ଗଢିଥାଏ ନିଜ ରକ୍ତରେ
ସେ ନିବାସ ପଡିଥାଏ ଏକ ପ୍ରାନ୍ତରେ
ବିସ୍ମୟର ସମୟ ହେଉଛି ବାର୍ଦ୍ଧକ୍ୟ ସମୟ
ଲୋଡେ ଖାଲି ଅନ୍ୟର ସାହାଯ୍ୟ
ମନେ ପଡିଯାଏ ସବୁ ପୂର୍ବର କାର୍ଯ୍ୟକଳାପ
ସେ ସମୟର ହେଉଛି ବାର୍ଦ୍ଧକ୍ୟ ସମୟ
ଏ ସମୟେ କେହି ପଦେ ନକୁହେ ସ୍ନେହଭରା ବାଣୀ
ମୁଁ ହୋଇଯାଏ ଅଲୋଡା ସଭିଙ୍କ ପାଇଁ
ମୁଁ କରେ ନାହିଁ ମାନ ଅଭିମାନ
ଯିଏ ଯାହା ଦିଏ ସୁଖେ ମୁଁ କରଇ ଭୁଞ୍ଜନ
ଏ ସମୟ ହେଉଛି ବାର୍ଦ୍ଧକ୍ୟ ସମୟ
କିଏ କଣ କେବେ ଚାହିଁଥାଏ ବାର୍ଦ୍ଧକ୍ୟ ?
ସମୟ ଚକରେ ଘୂର୍ଣ୍ଣିଝଡ ପରି ଆସିଥାଏ ଏ ମହାସଙ୍କଟ
ମୁଁ ଲୋଡେ ଖାଲି ଟିକେ ସ୍ନେହ ପ୍ରେମ

ISSN NO.
2582-208X

ମୋତେ କେହି କେବେ ଦିଅନ୍ତିନି ଆଶ୍ରୟ
ଯେଉଁ ମୁଖ ଦର୍ଶନେ ଦିନେ ହେଉଥିଲା ସଭିଙ୍କ ସକାଳ
ଏବେ କେହି ଲୋଡୁନାହିଁ ସେ ଘୃଣ୍ୟ ଆନନ
ଶୁଭେ ନାହିଁ ଆଜି ସେ ମଧୁର ସ୍ୱର
ଖାଲି କର୍କଶ ବାଣୀ ମରିଯାଏ ମନ
ଏ ହେଉଛି ବାର୍ଦ୍ଧକ୍ୟ ର ପିଡା
ଶରୀର ପୀଡା ଠୁ ବେଶୀ ମନର ଯନ୍ତ୍ରଣା
ଲୋଡେ ଖାଲି ମୃତ୍ୟୁର ଅଗଣା
ଆସ ଆସ ମୋ ପାଖକୁ ନେଇଯାଅ ମୋତେ
ଚାହେଁ ନାହିଁ ରହିବାକୁ ଏ ଧରା ପୃଷ୍ଠରେ
ଏ ଯନ୍ତ୍ରଣା ଠାରୁ ମୃତ୍ୟୁ ଶ୍ରେୟସ୍କର
ଏ ସମୟ ହେଉଛି ବାର୍ଦ୍ଧକ୍ୟ ସମୟ....

କଟକ, ବ୍ରାହ୍ମଣଝରିଲୋ
ଭ୍ରାମ୍ୟଭାଷ – ୭୯୭୮୩୭୦୮୬୪

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## କଷଟୀ ପଥର

(୧)

ଛଟ୍ କରି ନିଦଟା ଭାଙ୍ଗିଗଲା ମଧୁସୂଦନର । ସଂଧ୍ୟା ବେଳଠାରୁ ବର୍ଷା କଚୁଛି । କମିବାର ନାଁ ଧରୁନି, ବରଂ ବଢ଼ି ବଢ଼ି ଚାଲିଛି । ବର୍ଷାପ୍ଲୁତ ଧରଣୀ, ମେଘ ଢ଼ଙ୍କା ଆକାଶ । ଭସା ବାଦଲ ସନ୍ଧିରୁ ସେ ଦେଖି ପାରୁଥିଲା ଦୁଇଟି ଉଜ୍ଜ୍ୱଳ ତାରକା । ମେଘଛାଇ ଆଲୁଅର ଲୁଚକାଳି ମହାକାଶ ମଧ୍ୟରେ । ଜ୍ୟୋତ୍ସ୍ନା, ଚନ୍ଦ୍ରିକା ଆହ୍ୱାନରେ ତୁମେ ଦୁହେଁ ଚାଲିଗଲ ତାରାର ସେଇ ସହରକୁ । ସନ୍ଧ୍ୟା ଆଳତି ବେଳାର ସେଇ ଶଙ୍ଖ ନାଦ ମତେ ଶୁଣା ଯାଉନି, ଧୂପ ଦୀପର ବାସ୍ନା ଓ ଆଲୋକ ମୋ ପାଇଁ ଜାଗରଣ ସୃଷ୍ଟି କରୁନି । ଗୋଟାଏ ବୃନ୍ତଚ୍ୟୁତ ଫୁଲଟିଏ ଭଳି ଭୂମି ଛେଦ ଟାଣି ଦେବାର ଥିଲା ଯଦି କାହିଁକି ସେ ନାଦାନ ଶିଶୁଟିର ମୁଣ୍ଡ ଉପରେ ହାତ ରଖି ତାକୁ ସୁରକ୍ଷିତ କରୁଥିଲ!

ପୁଣି ପ୍ରକୃତିସ୍ଥ ହେଲା ମଧୁସୂଦନ । କାନ୍ଥ ଘଡ଼ିକୁ ଚାହିଁଲା, ଚାରିଟା ବାଜି ତିରିଶ ମିନିଟ । ଚା' କପେ ପିଇବାକୁ ଇଚ୍ଛା ହେଉଛି । ପିଲାଦିନରୁ ଏ ଅଭ୍ୟାସଟି କେମିତି ତାକୁ ଜାବୁଡ଼ି ଧରିଛି । ଏ ଅଭ୍ୟାସଟି ତା'ର ବାପା, ଜେଜେଙ୍କ ଠାରୁ ଆସିଛି କିମ୍ବା ଅନ୍ୟ କାହା ଠାରୁ ! ମା' ରୀତିମତ ସକାଳେ କପେ ଚା ଦେବା ହେତୁ ସେ ଚିନ୍ତା କରିପାରୁ ନଥିଲା । ସ୍କୁଲରେ ପାଠ ପଢୁଥିବା ସମୟରେ ତ ମା' ତାକୁ ଚା' ଦେଉ ନ ଥିଲା । ସବୁର ଆରମ୍ଭ ସେଇ କଲେଜ ପଢ଼ିବା ଦିନଠୁ । କଲେଜ ପାଠ ସମୟରେ ଚା'ର ଆରମ୍ଭ । ପୁଣି ପରେ ପରେ ମାଳତୀକୁ ଘରକୁ ଆଣିବାର ବ୍ୟବସ୍ଥା । ମଧୁସୂଦନର ଇଚ୍ଛା ହେଲା ବାପା, ଜେଜେଙ୍କୁ

ISSN NO.
2582-208X

ପଚାରିବ ଦୁଇଟି ଯାକ ବଦ୍ ଅଭ୍ୟାସ ଶିଖାଇ ଦେଇ ତୁମେ ଦୁହେଁ ସୁରୁଖୁରିରେ ଚାଲିଗଲ । ଯେଉଁ କଅଁଳା ପିଲାଟିକୁ ଭୂଇଁ ସ୍ପର୍ଶ କରିବାକୁ ଦେଉ ନ ଥିଲ ତା'ର ଦୂରାବସ୍ଥା ଦେଖି ପାରୁଛ କେମିତି ? ଯୋଉ ମା' ତା'କୁ ସକାଳେ ଧୂଆଁ ଉଠା ଚା' କପେ ଦେଉଥିଲା ସିଏ ବି ତ ତା'ଠୁ ଦୂରରେ ରହି ମାଳତୀ ଲଟା ଭିତରେ ବନ୍ଦୀ ।

ବର୍ଷ ବର୍ଷ ଧରି ସହାୟତା କରୁଥିବା ନେଞ୍ଜାକୁ ମଧ୍ୟ ଦୁଆର ବନ୍ଧ ନ ମାଡ଼ିବା ପାଇଁ କଟକଣା ଜାରି ହୋଇଛି । ଏଥିପାଇଁ କୋଉ କୋର୍ଟ, କଚେରୀ କିମ୍ବା କେଉଁ ନ୍ୟାୟାଧିଶଙ୍କର ରାଜିନାମା ନୁହେଁ ନିଜ ଜନ୍ମଦାତ୍ରୀ ଆଉ ଅର୍ଦ୍ଧାଙ୍ଗିନୀର ରାଜିନାମା । ଇଚ୍ଛା ହେଲା ନିଜେ ଉଠିଯାଇ କପେ ଚା' କରି ଆଣିବକି ଆଉ । ଏମିତି ନୁହେଁ କି ଗରମ ଚା' କପ୍‌ଟାଏ ତିଆରି କରିବା ବହୁ କଷ୍ଟ ସାପେକ୍ଷ । ମାତ୍ର ତା'ର ବିବେକ ବାଧା ଦେଉଥିଲା । ସବୁ କଥାରେ ପ୍ରତ୍ୟେକ କାମରେ ସେ କାହିଁକି ମେଣ୍ଟାମେଣ୍ଟି କରିବ ! କେବଳ ସନ୍ଧି କରିବା ପାଇଁ କ'ଣ ତା'ର ଜନ୍ମ । ହାତ ବଢ଼ାଇ ସିଗାରେଟ୍‌ଟିଏ ଡବାରୁ ଟାଣି ଆଣି ନିଆଁ ଧରାଇଲା । ବଡ଼ ଗୋଟାଏ ଘଡ଼ଘଡ଼ି ଶବ୍ଦରେ ଅନ୍ୟ ମନସ୍କ ହୋଇ ଧରିଥିବା ସିଗାରେଟ୍ ଖଣ୍ଡକ ବିଛଣା ଉପରେ ଖସି ପଡ଼ିଲା । ତରତରରେ ଉଠାଇ ପକାଇଲା ମଧୁସୂଦନ, ମନେ ହେଲା ରୁମ୍‌ର କୌଣସି ଏକ କୋଣରୁ ଏକ ଶୂନ୍ୟବାଣୀ ଆସୁଛି । "ସିଗାରେଟ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ମଧୁ ।" ଧେତ୍... ମଳି ମକଚି ଆଷ୍ଟ୍ରେ ଭିତରେ ଜଳନ୍ତା ସିଗାରେଟ୍‌ଟିକୁ ମାଡ଼ି ଦେଲା ମଧୁସୂଦନ ।

ବାହାର ଘଣ୍ଟି ଶବ୍ଦରେ ସଂବିତ ଫେରି ପାଇଲା । ରାମ କକା ଦୁଆର ଖୋଲି ଘର ଭିତରେ ପଶିଲା । ଏଇ ରାମ କକା । ବୟସ ଷାଠିଏ ଛୁଇଁବ । ହେଲେ ତା'ର ଗୋଟେ ବି ଦିନ ସମୟରେ ଏପଟ ସେପଟ ହୁଏନା । ଛଅଟା ବାଜିବାର ଦଶ ମିନିଟ୍ ପୂର୍ବରୁ ଆସି ଠିକ୍ ଛଅଟା ସମୟରେ ମଧୁସୂଦନ ପାଖରେ କପେ ଧୂଆଁ ଉଠା ଚାହା ରଖେ । ରାମ କକାର ସମୟ ଜ୍ଞାନ କର୍ମ ତତ୍ପରତାରେ ବିଭୋରିତ ହୋଇ ଉଠେ ମଧୁସୂଦନ । ପୁଣି ନିଜକୁ ସଂଯତ କରେ । ନାଁ ଏଇଟା ରାମ କକାର ତତ୍ପରତା ନୁହେଁ ... ମଧୁସୂଦନର ବଡ଼ ଚାକିରୀର ପ୍ରଭାବ । କାଲି ଚାକିରୀ ଛାଡ଼ିଲେ କେହି ତା ମୁହଁରେ ପାଣି ମୁନ୍ଦାଏ ଦେବାକୁ ରହିବେନି । ଯେଉଁମାନେ ନିଜର, ପରିସ୍ଥିତି ସେମାନଙ୍କୁ ତା' ଠାରୁ ଦୂରେଇ ଦେଇଛି । ତା'

ISSN NO.
2582-208X

କିଶୋର ଜୀବନର ମୁହୂର୍ତ୍ତକର ଉତ୍ତେଜନା ପରିବାରର ସଂସ୍କୃତି ଉଲଙ୍ଘନ କରିଥିଲା । ସେଇ ମୁହୂର୍ତ୍ତଟି ତ ତା' ଜୀବନରେ ଅଧୋପତନ ଆଣିଛି । ପ୍ରାଣତୁଲ୍ୟା ପତ୍ନୀ, ନିଜ ରକ୍ତଗତ ପୁତ୍ର ଆଜି ତା'ଠାରୁ ଦୂରେଇ ଯାଇଛନ୍ତି । ହେଲେ ତାହା ସହଜରେ ଗ୍ରହଣ କରି ପାରୁନି ମଧୁସୂଦନ । ସ୍ଥିର କଲା, ଅଠର ବର୍ଷ ତଳର ସେଇ ଭୁଲ୍‌ଟିକୁ ପ୍ରକାଶ କରି ସେ ନିଶ୍ଚିନ୍ତ ହୋଇଯିବ । ହଁ, ନିଶ୍ଚିତ ଭାବେ ସେ ଭୁଲ୍ କରିଥିଲା । ମାତ୍ର ଇଚ୍ଛା କରିଥିଲେ ସେ ତାହା ଉହ୍ୟ ରଖି ଜୀବନ ଉପଭୋଗ କରିପାରିଥାନ୍ତା । ଯାହାଦ୍ୱାରା ତା'ର ସ୍ଥାନ ବହୁ ଉଚ୍ଚରେ ଏବଂ ମାଳତୀର ସ୍ଥାନ ଖୁବ୍ ନିମ୍ନକୁ ଚାଲି ଯାଇଥାନ୍ତା । ରକ୍ଷଣଶୀଳ ସମାଜ କ'ଣ ତା'କୁ ବଂଚିବାକୁ ଦେଇଥାନ୍ତା । କେବଳ ସେତିକି ନୁହେଁ, ମାଳତୀ ଜାଣେ "ପାପୀ' ହେଉଛି ସମସ୍ତ ନାଟର ଗୋବର୍ଦ୍ଧନ । ହୁଏ ତ ତା'ର ସେଇ ପାପ ପାଇଁ ଈଶ୍ୱର ତାକୁ ମୃତ୍ୟୁଦଣ୍ଡ ଦେଇଥିଲେ ।

ସାଆବ୍, ଚା' ଥଣ୍ଡା ହେଇଗଲାଣି । ଆଉ କପେ କରି ଆଣିବି ! ପ୍ରଶ୍ନୀଳ ଦୃଷ୍ଟିରେ ମଧୁସୂଦନ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଚାହିଁ ରହିଥିଲା ରାମକକା ।

"ହୁଁ ଟାଏ ମାରି ଚପଲ ଦୁଇଟାକୁ ପାଦରେ ଗଳାଇ ବାଥରୁମ୍ ଆଡ଼କୁ ମୁହାଁଇଲା ମଧୁସୂଦନ। ଗରମ ଚା' କପ୍‌ର ଉଷ୍ମତା ଉପଭୋଗ କରୁଥିବା ସମୟରେ ସେଦିନର ସମ୍ବାଦପତ୍ର ଉପରେ ଦୃଷ୍ଟି ନିବିଦ୍ଧ କରିଥିଲା ସେ । ମନଲୋଭା ସମ୍ବାଦଟିଏ । ବାର୍ଦ୍ଧକ୍ୟର ଅଭିଶପ୍ତ ଜୀବନକୁ ଆପଣେଇ ନେଇ ଥିବା ନିଃସ୍ୱ ବୃଦ୍ଧ ଜଣଙ୍କୁ ନିଜ ପୁତ୍ର ପ୍ରାପ୍ତ । ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ବିଗତ ହୋଇଯାଇଥିଲେ ମଧ୍ୟ କୌଣସି ଏକ ଦୂରୁହ ପରିସ୍ଥିତିରେ ବୃଦ୍ଧଙ୍କୁ ଜୀବଦାନ ଦେଇଥିଲା ଅପରିଚିତ ଯୁବକଟିଏ । ଯୁବକ ଜଣକ ଯେ ବୃଦ୍ଧଙ୍କର ନିଜ ରକ୍ତ ଏହା ପ୍ରମାଣିତ ହେବା ପରେ ପୁତ୍ରଟି ବହୁ ଆନନ୍ଦରେ ନିରାଶ୍ରୟ ବୃଦ୍ଧଙ୍କୁ କୋଳେଇ ନେଇଛି ।

ସାଆବ୍, କେହି ଜଣେ ଦୁଃଖିନୀ ମାଇକିଣା ଆପଣଙ୍କୁ ସାକ୍ଷାତ କରିବାକୁ ଚାହୁଁଛି । ଭୋଉତୁ କରି କହିଲି, ଅଫିସରେ ଦେଖା କରିବ, ସାଆବ ଘରେ କାହାକୁ ଭେଟନ୍ତିନି । ହେଲେ ମାଇପିଟା କାନ୍ଦି କାନ୍ଦି ଗଡ଼ି ଯାଉଛି । ଆଜିକୁ ଦି ବର୍ଷ ହେଲାଣି, କୌଣସି ନାରୀକୁ ଏ ଦୁଆର ମନା । ସାରା ଇଲାକାରେ ଏ କଥା ଜାଣନ୍ତି । ତେବେ ଆଜିର ମହିଳା !!! ନିଶ୍ଚୟ

ISSN NO.
2582-208X

କିଛି ଗୁରୁତର ସମସ୍ୟା ! କାନ୍ଦୁରା ଗଳା ସହ ଖୁବ୍ ଜୋର୍‌ରେ ଶୁଣାଯାଉଛି, "ଗୁଟେ ବୋତଲ ରକତ ମୋ ପୁଅକୁ ଦେଇ ବଂଚାଅ ଦାଦାବାବୁ । ନଇଲେ ମୋ ପୁଅଟା ଆଗ ଦୁଇଟାଙ୍କ ପାଖୁକୁ ଚାଲିଯିବ ! ଦାଦାବାବୁ! କଣ୍ଠସ୍ୱର ବହୁ ପରିଚିତ ।

ଚେୟାରରୁ ଉଠି ବାହାରକୁ ଗଲା ମଧୁସୂଦନ । ନେଞ୍ଜା !!! କ'ଣ ହେଲା ନେଞ୍ଜା ? ମୋ ଅମର ଆଉ ଅମର ହୋଇ ରଇବନି ଦାଦାବାବୁ, ଅଧା ମର ହୋଇ ପଡ଼ିଛି । ଡାକ୍ତର ବାବୁ କଇଚନ୍ତି ରକତ ନ ମିଳିଲେ ଚାରି ଛଅ ଘଣ୍ଟା ଭିତେରେ ସେ ମର ହେଇଯିବ । ଡାକତର ବାବୁଙ୍କ ପାଖେରେ ବହୁ ନେହୁରା ହେଲି । ମୋଠୁ ଯେତେ ରକତ ନେଇ ମୋ ଧନର ଜୀବନ ବଂଚାଅ । କୋଉଚନ୍ତି ମୋ ରକତ କାଳେ ମିଶୁନି । ଇଏ କିମିତି କଥା । ମା'ର ରକତ ପୁଅ ରକତରେ ମିଶୁନି । ସିଏ ତ ସେଇ ରକତରୁ ଆଇଥେଲା । ତା' ବାପ ବଞ୍ଚି ଥାଆନ୍ତା ହେଲେ । ମୋ ପୁଅର ଜୀବନ ତମ ହାତରେ ଦାଦା ବାବୁ । ତୁମେ ଏତେ ବଡ଼ ବାବୁ । କୋଉଠୁ ହେଲେ ରକତ ଶିଶିଟେ ନିଷ୍ଚେ ଆଣି ପାରିବ ।

ଅମର କୋଉଠି ଅଛି ନେଞ୍ଜା !

ବଡ଼ ଡାକତରଖାନାରେ ।

ତୁ ଯା, ମୁଁ ସେଠି ପହଞ୍ଚୁଛି ।

ମତେ ଭକୁଆ ବନେଇବନି ବାବୁ । ମୋ ପୁଅର ଜୀବନ ମରଣ କଥା ।

ନେଞ୍ଜା ଚାଲିଯିବା ପରେ ଜଲ୍‌ଦି କରି ଲମ୍ବା କୁର୍ତ୍ତାଟି ଦେହରେ ଗଳେଇ ପକେଇ ଗ୍ୟାରେଜରୁ ଗାଡ଼ି ବାହାର କଲା ମଧୁସୂଦନ ।

"ଚଷମା ସାଆବ', ହାତରେ ଚଷମା ଖୋଳଟା ଧରି ଦଉଡ଼ି ଦଉଡ଼ି ଗାଡ଼ି ପାଖକୁ ଆସିଲା ରାମକକା । ରାମକକା ହାତରୁ ଚଷମାଟା ନେଇ ଗେଟ୍ ବାହାରକୁ ଚାଲିଗଲା ମଧୁସୂଦନ । ମାନସିକ ଚାପରେ ଉତ୍ତ୍ୟକ୍ତ ହୋଇ ଗାଡ଼ି ଚଲାଉ ଚଲାଉ କେତେ ବେଳେ ଯେ ନୂଆ ବଜାର

ISSN NO.
2582-208X

ଡେଇଁ ଯାଇ ସାରିଲାଣି ତା' ଚେତନାରେ ନଥିଲା । ଭଦ୍ରକ କଲେଜର ପୁରୁଣା ରାସ୍ତାଟି ଦେଖି ନିଜର ଭୁଲ୍ ବୁଝି ପାରି ଗାଡ଼ି ମୋଡ଼ିଲା । ଡାକ୍ତର ବାବୁ କିଛି ଆପାତକାଳୀନ ରୋଗୀର ପରୀକ୍ଷା କରି ଗେଟ୍ ବାହାରକୁ ଯାଉଥିଲେ । ବ୍ଲକ ବିଡ଼ିଓଙ୍କୁ ଅସମୟରେ ଦେଖି ତାଙ୍କର ପାଦ ଅଟକିଲା । ଅମର କେମିତି ଅଛି ଡାକ୍ତର ବାବୁ !

ଖୁବ୍ ସଂକଟାପର୍ଣ୍ଣ ଅବସ୍ଥା । ଏ.ବି ନେଗେଟିଭ ବ୍ଲଡ଼ ମିଳୁନି ।

ତା' ବାପା ମା'ଙ୍କଠାରୁ ନେଉ ନାହାନ୍ତି ।

ଦୁଃଖର ବିଷୟ, ପିଲାଟି ପିତୃହୀନ, ମା'ର ବ୍ଲଡ଼ ମ୍ୟାଚ୍ କରୁନି ।

ମୋର ବୋଧେ ଏ ବି ନେଗେଟିଭ ବ୍ଲଡ ଡକ୍ଟର । ପରୀକ୍ଷା କରି ଦେଖନ୍ତୁ ତ ଥରେ ।

ରକ୍ତ ପରୀକ୍ଷା ପୁଣି ଦେବା ନେବାରେ ବହୁ ସମୟ ବିତିଗଲା । ଅମରର ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ । ଡାକ୍ତର ବାବୁ ମଧୁସୂଦନକୁ ଅନୁରୋଧ କରୁଥିଲେ, "ଦୁର୍ଘଟଣାରେ ବହୁ ରକ୍ତ ସ୍ରାବ ହୋଇଯାଇଛି । ଆଉ ଗୋଟାଏ ବୋତଲ ରକ୍ତ ଆବଶ୍ୟକ । ଆପଣ ତ ଅଫିସ୍ ଜରିଆରେ ବହୁ ଜଣଙ୍କୁ ଜାଣିଥିବେ । ତା ଛଡ଼ା ଆପଣଙ୍କ କଥାକୁ ସେମାନେ ଆଦେଶ ବୋଲି ନେଇ ପାରନ୍ତି । ଆଉ ଗୋଟାଏ ରକ୍ତର ବ୍ୟବସ୍ଥା ହୋଇଗଲେ, ପିଲାଟା ବଂଚି ଯାଆନ୍ତା ।

ସେଥିପାଇଁ ସମୟ ନଷ୍ଟ ନ କରି ମୋଠାରୁ ଯେତେ ବୋତଲ ରକ୍ତ ଅମର ପାଇଁ ପ୍ରୟୋଜନ ନେଇ ଯାଆନ୍ତୁ ।

ନାଁ ଆଜ୍ଞା, ଜଣକଠାରୁ କେବଳ ଗୋଟିଏ ବୋତଲ ରକ୍ତ ନେବା ପାଇଁ ବିଜ୍ଞାନ ଅନୁମତି ଦିଏ । ହଁ, କେତେଦିନ ପରେ ଆପଣ ଆଉ ଥରେ ଦେଇ ପାରନ୍ତି । ମାତ୍ର ବର୍ତ୍ତମାନ ପାଇଁ ନୁହେଁ ।

ISSN NO.
2582-208X

ତେବେ ତା ମା'ଠାରୁ ।

ମୁଁ ଦୁଃଖିତ ଆଜ୍ଞା । ବହୁ ଆଶ୍ଚର୍ଯ୍ୟର କଥା ମାତ୍ର ତା' ମା'ର ରକ୍ତ ତା' ସଂଗେ ମିଳୁନି ।

ଏହା କେମିତି ସମ୍ଭବ !

ସେ ସମ୍ଭବ, ଅସମ୍ଭବ ସବୁ ବ୍ୟକ୍ତିଗତ କଥା ଆଜ୍ଞା । ହୁଏତ ଅମର ତା' ମା'ର ପୋଷ୍ୟପୁତ୍ର ହୋଇ ପାରିଥାଏ । କିମ୍ବା ସେମିତି କିଛି । ବର୍ତ୍ତମାନର ଘଡ଼ିସନ୍ଧି ସମୟରେ ଆମେ ଅମରକୁ ବଂଚାଇବା ପାଇଁ ଉପଯୁକ୍ତ ରକ୍ତ ସନ୍ଧାନ କରିବା ଉଚିତ୍ ।

ଡାକ୍ତର ବାବୁଙ୍କ କଥାର ସତ୍ୟତା ଉପରେ ବିଚାର କରି ଚିନ୍ତାରେ ପଡ଼ିଗଲା ମଧୁସୂଦନ । ହଠାତ୍ ଏବି ନେଗେଟିଭ ବ୍ଲଡ଼ ଗ୍ରୁପ ମଣିଷଟିକୁ ସେ କେଉଁଠୁ ଏବଂ କେମିତି ଆବିଷ୍କାର କରିବ । ମାଳତୀ ପାଖରେ ଥିଲେ ହୁଏତ କିଛି ସମାଧାନର ଖିଅ ଯୋଗାଡ଼ କରାଯାଇ ପାରନ୍ତା । ଡାକ୍ତର ବାବୁଙ୍କ ସ୍ୱରରେ ସଂବିତ ଫେରି ପାଇଲା ମଧୁସୂଦନ ।

ବ୍ୟସ୍ତ ହୁଅନ୍ତୁ ନି ଆଜ୍ଞା । ଆଠ ଦଶ ଘଣ୍ଟା ଭିତରେ ମିଳିଗଲେ ମଧ୍ୟ ଚଳିବ । ଡାକ୍ତର ବାବୁଙ୍କ ସାନ୍ତ୍ୱନା ମୂଳକ କଥା ଶୁଣି କିଛିଟା ଆରାମ ଅନୁଭବ କଲା ମଧୁସୂଦନ । ହାତଘଡ଼ି ଉପରେ ଆଖି ପକାଇଲା । ଦଶଟା ବାଜିବ । ତା'କୁ ସମୟରେ ଅଫିସ୍ ପହଞ୍ଚିବାକୁ ହେବ। କ୍ୱାଟର୍ସରେ ପହଞ୍ଚି ଶୀଘ୍ର ଶୀଘ୍ର ବାଥ୍‌ରୁମ୍ ଆଡ଼କୁ ଯାଉଥିବା ବେଳକୁ ରାମ କକା ହାତରେ ଖଣ୍ଡେ ଚିଠି ଧରି କହିଲା, କେହି ଜଣେ ମାଡାମ୍ ଆସିଥିଲେ ସାବ୍ । ଏ ଚିଠି ଖଣ୍ଡିକ ଆପଣଙ୍କ ହାତରେ ଦବାକୁ କଇଯାଇଚନ୍ତି ।

ମ୍ୟାଡାମ୍ ! ପୁଣି କୋଉ ମାଡାମ୍ ଆସିଲେ । ଚିଠି ଦେଇ ଯାଇଛନ୍ତି । କୋଉ କଥା ପାଇଁ ଚିଠି !! ପୁଣି କାହାର କିଛି ଗଭୀର ଅସୁବିଧା! ଠିକ୍ ଅଛି, ନିଜ ମାତୃ ସଦୃଶା ଦେବୀଙ୍କ ପାଇଁ ତ କିଛି କରି ପାରୁନି । ତାଙ୍କର ସ୍ମରଣ କରି ଯଦି ଅନ୍ୟ ମା', ଭଉଣୀ ମାନଙ୍କର କିଛିଟା ଉପକାର କରି ପାରିବ । ରାମ କକା ହାତରୁ ଲଫାପାଟା ନେଇ ହାତରେ ଧରିଲା ।

ISSN NO.
2582-208X

ଖୁବ୍ ପରିଚିତ ଅକ୍ଷର । ଏଇ ଦୁଇ ତିନିଟା ବର୍ଷ ଭିତରେ କ'ଣ ନିଜର ମଣିଷଟିକୁ ଭୁଲି ହୁଏ !!! ଏତେ ମୋଟା ଚିଠିଟାଏ । ଅଫିସ୍ ଯାଇ ପଢ଼ିବ ।

ଅଫିସ କାମରେ ବ୍ୟସ୍ତ ରହି ଚିଠି ଖଣ୍ଡିକୁ ଖୋଲିବାର ସମୟ ପାଇ ନଥିଲା ମଧୁସୂଦନ । ଲଞ୍ଚ ଛୁଟିରେ ଗାଡ଼ିରେ ବସି ଖୋଲିଲା ।

ପୂଜନୀୟେଷୁ,

ଚିଠି ଲେଖିବା ପାଇଁ ଆଉ କିଛି ବାକୀ ନାହିଁ । ତଥାପି ପିଲାଟି ଦିନରୁ ବଡ଼ଙ୍କ ଆଜ୍ଞାର ଉପେକ୍ଷା କରିବା ଅପରାଧ ମନେ କରି ଲେଖୁଛି । ମା'ଙ୍କର ମତେ ଆଦେଶ । ଶେଷଥର ପାଇଁ ଚିଠି ଖଣ୍ଡିଏ ଲେଖି ମୋ ମନ କଥା ତୁମ ଆଗରେ ବ୍ୟକ୍ତ କରେ । ମାତ୍ର ତୁମେ ଜାଣ, ମୁଁ ଜାଣେ, ଆମ ଭିତରେ ଯେଉଁ ମନୋମାଳିନ୍ୟର ପାଚେରୀ ଗଢ଼ି ଉଠିଛି ତା'ର ଅନ୍ତଃ ନାହିଁ। ମୋ ପ୍ରଶ୍ନକୁ ତମେ ସବୁବେଳେ ଏଡ଼େଇ ଯାଉଛ । ମୋ ପ୍ରଶ୍ନ ତ ସେମିତି ଅବାନ୍ତର ନୁହେଁ । ନିଜେ ପିତା ହେବାର ସୌଭାଗ୍ୟ ଅର୍ଜନ କରିବା ପାଇଁ ଚିନ୍ତା ନ କରି ତୁମେ ଅପରର ପୁଅକୁ ଆପଣେଇବାର ପ୍ରୟାସ କରିଛ । ମୁଁ ମାନୁଛି ନେଞ୍ଜାଦିଦିକୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ । ମାତ୍ର ନିଜ ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ନୁହେଁ । ନିଜ ପରିବାରକୁ ଧ୍ୱଂସ କରି ନୁହେଁ । ମୋ ପ୍ରଶ୍ନଟିର ଯଥାର୍ଥ ଉତ୍ତର ଦେଇଥିଲେ ବାଲୁ ଭାଇନା ତମୁକୁ କୋର୍ଟକୁ ଘୋଷାଡ଼ି ନ ଥାନ୍ତା ନାଁ ଆମକୁ ତିନି ବର୍ଷ ଅଲଗା ରହି କଥା ଏ ଯାବତ ଯାଇଥାଆନ୍ତା । ତୁମେ କେତେ ଖାଦ୍ୟ ପ୍ରିୟ ମା' ଜାଣନ୍ତି ଆଉ ମୁଁ ମଧ୍ୟ । ତୁମ କ୍ୱାଟର୍ସକୁ କୌଣସି ମହିଳା ନ ଆସିବା ପାଇଁ କାନୁନ୍ ଯେଉଁ ଅର୍ଡ଼ର ପାସ୍ କରିଥିଲା ତାହା ବାଲୁ ଭାଇନାର ଏକ ମନଗଢ଼ା ଇସୁକୁ ନେଇ । ଅମର ପ୍ରତି ତମର ଏତେଟା ଦରଦ ପ୍ରମାଣ କରୁଥିଲା ନେଞ୍ଜାଦିଦି ସହ ତମର କୁସଂପର୍କ । ମୁଁ ସେଥିରେ ସମ୍ପୂର୍ଣ୍ଣ ଏକମତ ନ ଥିଲେ ମଧ୍ୟ କ'ଣ କରିପାରିଥାନ୍ତି !

ନିଆଁ ନ ଥିଲେ ଧୂଆଁ କୋଉଠୁ ଆସିବ । କାନୁନ୍ ତ ମୋ ହାତରେ ନାହିଁ । ତା ଛଡ଼ା ମୁଁ କାନୁନ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ଅପାଠୋଇରୁ ପାଠୁଆ ହେବାର ଦାନ ତ ତୁମର । ହେଲେ କାନୁନ୍ ତ ପଢ଼ାଇନ । ମୁଁ ବା କ'ଣ ବୁଝିଥାନ୍ତି । ମା'ର ମମତାକୁ ମଧ୍ୟ ତମେ

ISSN NO.
2582-208X

ଖାତିର କଲନି । ମାତ୍ର ତୁମେ ଜାଣ ସମାଜ ମୁହଁ ବନ୍ଦ କରିବା ପାଇଁ ସେ ମୋର ସାହା ହେଲେ ମାତ୍ର ମନଟା ତାଙ୍କର ତମରି ପାଖେ ।

ଆଜି ସକାଳୁ ସକାଳୁ ବସି ଲୁହ ଗଡ଼ାଉ ଥିଲେ । ମଧୁକୁ ସକାଳ ଗରମ ଚା' କପ୍‌ଟାଏ ନ ମିଳିଲେ ତା'ର ଦିନଟା ବିଗିଡ଼ି ଯାଏ । କେମିତି କରୁଥିବ । ତମେ ଭାବୁଛ ମୁଁ କ'ଣ ସେ କଥା ଜାଣିନି । ହେଲେ ମୋର କୋଉ ଭୁଲଟାକୁ ଗଣ୍ଠି କରି ତମେ ମତେ ସଜ୍ଜା ଦେଉଛ । ମୁଁ କହିବିନି ଯେ ତମେ କୋଉ କଣ୍ଟକିତ ଜୀବନ ପଥରେ ଯିବା ପାଇଁ ମତେ ଉପେକ୍ଷା କରିଛ । ସମାଜର କୁତ୍ସିତ ପଥରେ ମୁଁ ପାଦ ରଖି ଠୋକର ଖାଇଥିଲି । ମାତ୍ର ତୁମେ ସେଥିପାଇଁ ଭୁଲ୍‌ରେ ମଧ୍ୟ ପଦୁଟିଏ କହି ନଥିଲ । ହୁଏତ ମୁଁ ଅପମାନ ବୋଧ କରିବି । ସେଥିପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କଥା ଲୁଚି ରହିଲେ ତ ବିବାଦର ସୃଷ୍ଟି ହୋଇଥାଏ । ପିତା, ମାତା, ପରିବାର, ସ୍ତ୍ରୀ, ବଂଶ ପ୍ରତିଷ୍ଠା ତୁଚ୍ଛ କରି ତମେ ଯେଉଁ ଦୟା ମନୋବୃତ୍ତି ଆପଣେଇଛ ତାହା ଦ୍ୱାରା ସତରେ କ'ଣ ତମେ ଖୁସି ହୋଇପାରିଛ ? ଆମେ କ'ଣ କେବେ ଦିନେ ଏମିତିଆ ଗୋଟେ ଜୀବନର ସ୍ୱପ୍ନ ଦେଖିଥିଲେ ? ଏଥିସହ ବାଲୁ ଭାଇନା ଦେଇଥିବା "ଛାଡ଼ପତ୍ର' କାଗଜଟି ପଠାଇଲି । ତମ ସ୍ୱାକ୍ଷର ବିନା ତ କିଛି ସମ୍ଭବ ହେଇ ପାରିବନି । ମୁଁ ଜାଣେ ଗୋଟାଏରୁ ଦୁଇଟା ତମେ ନିଶ୍ଚୟ ଘରେ ଥିବ । ତମର ପୁଣି ଲଞ୍ଚ ଟାଇମ୍‌ରେ ବ୍ୟତିକ୍ରମ ହେବ ! ମୁଁ ଦୁଇଟା ପୂର୍ବରୁ ଆସି ତମଠୁ ପେପରଟି ନେଇଯିବି।

ଚିଠିଟା ପଢ଼ି ଗୋଟାଏ ଦୀର୍ଘ ଶ୍ୱାସ ଟାଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା ମଧୁସୂଦନ। ସତରେ ଈଶ୍ୱର ବଡ଼ ଲୋକ । ସବୁରି ମନକଥା ବୁଝିଥାନ୍ତି । ସେଇ ମହାପ୍ରଭୁ ତ ଶତ ଯୋଜନରେ ଥାଇ ମଧ୍ୟ ଗଜର ମିନତି ଶୁଣି ପାରିଥିଲେ । କୁରୁସଭା ତଳୁ ଦ୍ରୋପଦୀଙ୍କର ଜଣାଣ ତାଙ୍କର କର୍ଣ୍ଣଭେଦ କରିଥିଲା । ଗହନ ଜଙ୍ଗଲରୁ ମୃଗୁଣୀର କଷଣ ତ ପୁଣି ତାଙ୍କରି ଦୃଷ୍ଟି ପଥକୁ ଆସିଥିଲା । ଆଉ ଭକ୍ତ ପ୍ରହଲ୍ଲାଦ! ଯାହା ହେଉ ଅମର ପାଇଁ ଆଉ ଗୋଟାଏ ବୋତଲ ରକ୍ତ ଅନାୟାସରେ ସଂଗ୍ରହ ହୋଇପାରିବ । ଆଉ ଜୀବନ ମୃତ୍ୟୁ ସହ ଯୁଝୁଥିବା ଅମର ପୁଣି ପୂର୍ବ ଅମର ହୋଇ ଉଠି ବସିବ ।

ISSN NO.
2582-208X

ଲଞ୍ଚ ଟାଇମ୍‌ରେ କ'ଣ ଖାଇଲା ତାହା ମଧୁସୂଦନକୁ ଜଣା ନ ଥିଲା । ରାମ କକାର ପ୍ରଶ୍ନରେ ଧକ୍‌କା ଖାଇଲା । ଲୁଣ କମ୍ ବେଶୀ ହୋଇଯାଇଚି କି ସାଆବ? ଆଉ କ'ଣ ଟିକିଏ ବନେଇ ଦେବି ?

ନାଁ କକା ଖୁବ୍ ଭଲ ହେଇଚି । ତୁମେ ଖାଇ ନିଅ । ପାଣି ଗ୍ଲାସଟା ଢ଼କ ଢ଼କ କରି ପିଇଦେଇ ଯାଇ ବୈଠକ ରୁମ୍‌ରେ ବସି ବାରଂବାର ଘଡ଼ି ଦେଖୁଥିଲା । ବାହାର ଘଣ୍ଟି ଶବ୍ଦରେ ରାମ କକା ଆସିବା ପୂର୍ବରୁ ତରତର ହୋଇ ବାହାରକୁ ଆସି ମାଳତୀକୁ ଗାଡ଼ିରେ ବସିବାର ନିର୍ଦ୍ଦେଶ ଦେଲା । ପେପରଟା ସାଇନ୍ ମାରି ଦେଇଛତ! ୟେ ପୁଣି କୁଆଡ଼େ ନେଇ ଯାଉଛ ?

ଡାକ୍ତରଖାନା ।

ଡାକ୍ତରଖାନା !!! କୋର୍ଟ କଚେରୀ ପର୍ଯ୍ୟାୟରେ ଯବନିକା ଟାଣି ଏବେ କ'ଣ ହସ୍ପିଟାଲ ପଛରେ ଦଉଡ଼ିବା ଆରମ୍ଭ କରି ଦେଲଣି ? ଆଶ୍ଚର୍ଯ୍ୟ ହୋଇ ମଧୁସୂଦନର ମୁହଁକୁ ଚାହିଁ ରହିଲା ମାଳତୀ ।

ଶତପ୍ରତିଶତ ସଠିକ୍ ନ ହୋଇଥିଲେ ମଧ୍ୟ ବର୍ତ୍ତମାନ ପାଇଁ ଜଣକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବାର ପ୍ରୟାସ ।

କ'ଣ କହିବାକୁ ଚାହୁଁଛ ?

ରକ୍ତଦାନ !!!

ମାତ୍ର ଡାକ୍ତର ମୋ ପାଇଁ ମତ ଦେଇଛନ୍ତି ମୁଁ ୟୁନିଭରସାଲ ରିସିଭର ନିଜ ପିଲାଙ୍କ ବ୍ୟତୀତ ଅନ୍ୟ କାହାକୁ ରକ୍ତ ଦେଇ ପାରିବିନି । ଈଶ୍ୱର ରୋଗୀଟିକୁ ଶତ ପରମାୟୁ ଦିଅନ୍ତୁ । ଏତିକି କାମନା କରିବା ବିନା ମୁଁ କିଂକର୍ତ୍ତବ୍ୟ ବିମୂଢ଼ା ।

ISSN NO.
2582-208X

ଚେଷ୍ଟା କରିବାରେ କିଛି କ୍ଷତି ଅଛି କି ? ହୁଏତ ସେମାନେ ଅଧିକ କିଛି ପରୀକ୍ଷା କରି ଦେଖି ପାରନ୍ତି ।

ସବୁ ଜାଣି ଶୁଣି ସମୟ ନଷ୍ଟ ।

ସେଇ ସମୟ ହିଁ ବହୁ ଶିକ୍ଷା ଦେଇଥାଏ ।

ମାଳତୀକୁ ଖଟରେ ଶୁଆଇ ନର୍ସ ଗୋଟେ ସିରିଞ୍ଜରେ ରକ୍ତ ଟାଣି ନେଲା । ତାପରେ ପୁଣି ଅନ୍ୟ ଏକ କ୍ୟାବିନରେ କିଛି ପରୀକ୍ଷା ପାଇଁ ଅନ୍ୟ ନର୍ସ ଜଣେ ଡାକ୍ତରାଣୀଙ୍କ ପାଖକୁ ନେଇଗଲା । କିଛି ପରୀକ୍ଷା କରି ଡାକ୍ତରାଣୀ ଜଣକ କହିଲେ ଆପଣଙ୍କର କେତୋଟି ପିଲା ?

ନାଁ ପିଲା ଜନ୍ମ ହୋଇନାହାନ୍ତି । ପ୍ରଥମ ଗର୍ଭ ନଷ୍ଟ ହୋଇ ଯାଇଥିଲା ।

ସେମିତି ମନେ ହୁଏନା, ପିଲାଦାନୀ ରାସ୍ତା କହୁଛି ପିଲା ନିଶ୍ଚୟ ଜନ୍ମ ହେଇଛି । ତା ଛଡ଼ା ଅନ୍ୟ ଟିକିଏ ଅସୁବିଧା ମଧ୍ୟ ଜଣା ଯାଉଛି ଠିକ୍ ଅଛି । ସେ ସବୁ ବିଷୟରେ ପରେ କଥାବାର୍ତ୍ତା । ବର୍ତ୍ତମାନ ଆପଣ ଯାହାର ଜୀବନ ମରଣ ସମସ୍ୟା ପାଇଁ ଆସିଛନ୍ତି ତାହା କରାଯାଉ । ପ୍ରାୟରିଟି କମ୍ସ ଫାଷ୍ଟ ।

ମଧୁସୂଦନ ବସିଥିବା କ୍ୟାବିନ୍‌କୁ ଫେରି ଆସିଲା ମାଳତୀ । ମୁଣ୍ଡରେ ହଜାରେ ଚିନ୍ତା ମାଳତୀକୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ଡାକ୍ତରାଣୀ କହୁଥିଲେ ପିଲା ଜନ୍ମ ହେବାର ଲକ୍ଷଣ ରହିଛି । ତେବେ ପିଲାଟି ଗଲା କୁଆଡ଼େ ? ମଧୁସୂଦନ ତା'କୁ କହିଥିଲେ ପିଲାଦାନୀରେ କିଛି ଅସୁବିଧା ପାଇଁ ଗର୍ଭ ଶିଶୁଟି ନଷ୍ଟ ହୋଇଯାଇଛି । ଏଇମିତି କିଛି ଗୁରୁତର ସମସ୍ୟାକୁ ତାକୁ ଜଣାଇଲେ ସେ ଦୁଃଖ କରିବ ବୋଲି ମଧୁସୂଦନ ଚୁପ୍ ହୋଇ ଯାଇ ନାହାନ୍ତି ତ । ଅଳ୍ପ ସମୟ ପରେ ଡାକ୍ତର ବାବୁ ରୁମ ଭିତରକୁ ପଶି ଆସି କହିଲେ, ଅଭିନନ୍ଦନ ଦେବା ସଂଗେ ସଂଗେ ମୁଁ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ହରିଚନ୍ଦନ ବାବୁ। ଗୋଟାଏ ମୃତ ବ୍ୟକ୍ତିକୁ ଆପଣ ଜୀବଦାନ ଦେଇଦେଲେ । ଯମ ମୁହଁରୁ ପିଲାଟିକୁ ଟାଣି

ISSN NO.
2582-208X

ଆଣି ତା ମା' କୋଡ଼ରେ ଦେଇଦେଲେ । ଆପଣ ଦୁହିଁଙ୍କର ନାମ ଆମ ଡାକ୍ତରଖାନାର ରକ୍ତକୋଷରେ ମହତ୍ଦାନୀ ତାଲିକାରେ ଅନ୍ତଃର୍ଭୁକ୍ତ କରାଗଲା ।

ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁ ରହିଲା ମାଳତୀ । ମୋ ରକ୍ତ ରୋଗୀ ରକ୍ତ ସଂଗେ ସତରେ ମ୍ୟାଚ୍ କରିଛି ଡାକ୍ତର ବାବୁ ?

ବିଜ୍ଞାନ ପ୍ରମାଣ କରିଛି ଏଥିପାଇଁ କିଛି ଦ୍ୱିଧା ନାହିଁ ।

ନାଁ, ମୁଁ କହୁଥିଲି କେତେ ବର୍ଷ ପୂର୍ବରୁ ଆମ କଲେଜର ଜଣେ ଶିକ୍ଷକଙ୍କ ପାଇଁ ରକ୍ତ ଆବଶ୍ୟକ ପଡ଼ିଥିଲା । ବହୁ ଛାତ୍ର ଛାତ୍ରୀ ଏକାଠି ହୋଇଥିଲେ । ମାତ୍ର ଆମମାନଙ୍କର ରକ୍ତ ପରୀକ୍ଷା କରି ବହୁ ଜଣଙ୍କୁ ନାକଚ କରି ଦେଇଥିଲେ । ମୋ ପାଇଁ କହିଥିଲେ ମୁଁ କେବଳ ୟୁନିଭରସାଲ ରିସିଭର । ଶତ ପ୍ରତିଶତ ସଠିକ୍ ।

କଥା ସେଇଠି ବନ୍ଦ ରହିଲା । ବ୍ଲଡ଼ ଦେବା ପାଇଁ ନର୍ସ ମାଳତୀକୁ ରୋଗୀ ପାଖକୁ ନେଇ ଯାଇ ଅନ୍ୟ ଏକ ଶଯ୍ୟାରେ ଶୁଆଇ ଦେଲା । ରକ୍ତଦାନ ପରେ କିଛି ସମୟ ବିଶ୍ରାମ ନେଇ ସାରି ମଧୁସୂଦନ ଓ ମାଳତୀ ଫେରି ଆସିଥିଲେ । ରାସ୍ତା ସାରା ଦୁହେଁ ନିରବ । ପୂର୍ବରୁ ସାଆବ ଆସିବା ଖବର ପାଇ ରାମ କକା ବହୁତ କିଛି ଜଳଖିଆ ଯୋଗାଡ଼ କରି ରଖିଥିଲା । ଖାଇବା ପୂର୍ବରୁ ମଧୁସୂଦନ କହିଲା କକା ତେନ୍ତୁଳି ଆଚାର ଅଛି କି ? ରାମକକାର ଶୁଖିଲା ମୁହଁରୁ ପଢ଼ି ନେଲା ମଧୁସୂଦନ । ଆଚ୍ଛା ଠିକ୍ ଅଛି ମଞ୍ଜି ବଡ଼ି ଦିଟା ଭାଜିଆଣ । ସତରେ ତୁମେ ମନେ ରଖିଛ ମୋର ଏ ସବୁ ପସନ୍ଦ । ହୁଏତ କର୍ତ୍ତବ୍ୟ ।

ଚାହା ପର୍ବ ସମାପ୍ତି ବାଦ୍ ମାଳତୀ ଚାଲି ଯାଇଥିଲା । ଦୁଇ ବୋତଲ ରକ୍ତ ଚଢ଼ିଲା ପରେ ଅମର ସଂପର୍ଣ୍ଣ ଭାବେ ସୁସ୍ଥ ହୋଇଯାଇଥିଲା । ଅମରକୁ ଛୁଟି ଦେବା ପାଇଁ ନେଞ୍ଜା ଡାକ୍ତର ବାବୁଙ୍କୁ ଅନୁରୋଧ କରିଥିଲା । ଆଉ ଚବିଶ ଘଣ୍ଟା ତାକୁ ଡାକ୍ତରଖାନାରେ ରହିବାକୁ ହେବ କହି ଡାକ୍ତର ବାବୁ ବାହାରି ଯାଇଥିଲେ ।

ISSN NO.
2582-208X

ତହିଁ ଆରଦିନ ମଧ୍ୟାହ୍ନ ୧୨ଟା ସମୟ । ନେଞ୍ଜା ସହ ନର୍ସ ଡାକ୍ତର ବାବୁଙ୍କ ଚାମ୍ବରରେ ପଶିଲା । ବସ ଭଉଣୀ । ତୁମେ ମଧ୍ୟ ଭଉଣୀଙ୍କ ପାଖେ ବସ ନର୍ସ । ଆଚ୍ଛା ଭଉଣୀ, ମୋର ତୁମକୁ କେଇଟା ବ୍ୟକ୍ତିଗତ ପ୍ରଶ୍ନ ପଚାରିବାର ଅଛି । କିଛି ମନେ କରିବନି । କାରଣ ଆମେ ଡାକ୍ତରମାନେ ବିଜ୍ଞାନରେ ବିଶ୍ୱାସ କରୁ । ତୁମ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ତେଣୁ ଏ ପ୍ରଶ୍ନଟି ମୋର ନୁହେଁ ବିଜ୍ଞାନ ମୁହଁରେ ଏ ପ୍ରଶ୍ନ । ଯଦି ବାପର ରକ୍ତ ପିଲାଟିର ରକ୍ତ ସଂଗେ ମିଶି ନ ଥାଏ ତେବେ ସମାଜ ପରିସ୍ଥିତିକୁ ନୀଚ ରୂପେ ଗ୍ରହଣ କରିଥାଏ । ମାତ୍ର ତୁମ କ୍ଷେତ୍ରରେ ମା' ସଂଗେ ମିଶିନି । ଅମର ତୁମର ନିଜ ପୁଅ ତ ଭଉଣୀ ?

ମୋ ଜାଣିବାରେ ତ ସେଇଆ ଡାକତର ବାବୁ । ପୁରୀ ହାବଡ଼ା ରେଳ ଗାଡ଼ିରେ ଘରବାଲା ସଂଗେ ଦୁଇ ଛୁଆଙ୍କୁ ଧରି ଆସୁଥିଲି । ସେତେବେଳକୁ ମୁଁ ପେଟରେ ଥିଲି । ଭଦ୍ରକ ଟେସନ ଆସିବା ଆଗୁରୁ ଗାଡ଼ି ରେଳ ଲାଇନରେ ଦୋହୋଲି ଗଲା । ବଡ଼ ଦୁର୍ଘଟଣା । କେତେ କେତେ ଯାତିରି ଜୀବ ଛାଡ଼ିଲେ । କେତେଙ୍କର ହାଡ଼ ଗୋଡ଼ ଭାଙ୍ଗିଲା । ମୋ ସଂସାର ଉଜୁଡ଼ି ଗଲା । ମୁଁ ବଂଚି ମଧୁ ଥେଲି ସିନା ପେଟରେ ଗୋଟେ ବଡ଼ ଝଟକା ନାଗିଥେଲା । ଦରଜରେ ଆଉଟୁ ପାଉଟୁ ହୋଉଥେଲି । ଦାଦାବାବୁ ମତେ ଏଇ ଡାକତରଖାନାରେ ଭର୍ତ୍ତି କରେଇଥିଲେ ।

ଆଉ କେହି ତୁମ ସାଙ୍ଗେ ଥିଲେ ।

ମୋର ଆଉ ଏଠେଁ କିଏ ନିଜର ହେଇ ଅଛେ ଯେ, ନାଁ ମୁଁ କାହାକୁ ଜାଣେ ! ସେଇ ଦାଦା ବାବୁଙ୍କ ଘରେ ତ ମୁଣ୍ଡ ଗୁଂଜିଥେଲୁ । ଦାଦା ବାବୁ ମୋ ଘରବାଲାଙ୍କୁ ତାଙ୍କ କଲେଜରେ ଗୋଟେ ଚାକିରୀ କରେଇ ଦେଇଥିଲେ । ବାସ୍, ସେଇତ ଆମର ଭଗବାନ । ଭଗବାନଙ୍କର କ'ଣ କୋଉ ସୋରୂପ ଅଛେ । କା'କା' ରୂପରେ ତ ଦେଖା ଦେଇଥାଆନ୍ତି । ତାପରେ ବି ଅଠର ବରଷ ହେଇଗଲାଣି । ମତେ ମୋ ପୁଅକୁ କେବେ ବି ହେଳା କରନ୍ତିନି। ସେଇ ଦାଦା ବାବୁ ତା'କୁ ପାଠ ପଢ଼ୋଉଛନ୍ତି । କ'ଣ ଡାକତରି ପାଠରେ ପଶେଇଚନ୍ତି ।

ISSN NO.
2582-208X

ଆଚ୍ଛା ଆଚ୍ଛା ଠିକ୍ ଅଛି । ସେ ଦାଦା ବାବୁ ଜଣକ କିଏ ? ଯିଏ ତୁମମାନଙ୍କର ଏତେ ଯତ୍ନ କରୁଛନ୍ତି । ଆଶ୍ଚର୍ଯ୍ୟ ଭଙ୍ଗୀରେ ନେଞ୍ଜା ମୁହଁକୁ ଚାହିଁ ରହିଲେ ଡାକ୍ତର ବାବୁ ।

ସେଇ ଦାଦା ବାବୁମ । ଯିଏ ଆଜି ରକତ ଦେଇ ମୋ ପୁଅକୁ ଦୁତିଅ ଜନମ ଦେଲେ ।

ହରିଚନ୍ଦନ ବାବୁ ?

ହେଇଥେବେ ହରିଚନ୍ଦନ । ଆମେ ତାଙ୍କୁ ମଧୁ ବୋଲି ଜାଣୁ । ମଧୁସୂଦନ । ସତରେ ସେ ମଧୁ । ଆଉ ସବୁ ତାଙ୍କୁ ପଚାରୁନ୍ତୁ । ସିଏ ଆପୁଣୁଙ୍କୁ ବୁଝେଇ ଦେବେ । ମୁଁ ତ ମୁରୁଖଟେ। ଯେତିକି ବୁଝିଛି ଯେତିକି ଜାଣିଛି କଇଲି ।

ଠିକ୍ ଅଛି ଭଉଣୀ । ତୁମେ ଏବେ ପୁଅ ପାଖକୁ ଯା । ଦିନେ ଦି ଦିନରେ ଛୁଟି କରିଦେବା।

ନେଞ୍ଜାକୁ ବିଦା କରି ଦେଇ କିରାଣୀ ବାବୁଙ୍କୁ ଡକାଇଲେ ଡାକ୍ତର ବାବୁ । ମତେ ଡାକୁଥିଲେ ସାର୍!

ହଁ ।

କ'ଣ କିଛି କାମ ଥେଲା ?

ଫାଇଲ୍ ରୁମ୍ ଚାବି କାହା ପାଖରେ ଅଛି ?

ରଥ ବାବୁଙ୍କ ପାଖେରେ । ହେଲେ ସେ ଆଜି ଛୁଟିରେ ଅଛନ୍ତି ।

କଲ ବୁକ୍‌ରେ ଅର୍ଜେଣ୍ଟ କଲ ଲେଖି ତାଙ୍କୁ ଏଇ ବର୍ତ୍ତମାନ ଡକାଅ । ପୁଣି ମନକୁ ମନ କହିଲେ "ଡାକ୍ତରୀ ବିଦ୍ୟା, ଫେଲ୍ କେମିତି ମାରିବ । କେତେ ଗବେଷଣା ପରେ ଯାହା ସ୍ଥିର ହୋଇଛି ତାହା ଭୁଲ ହୋଇ ପାରେନା" ।

ISSN NO.
2582-208X

ଆଉ କ'ଣ କହିଲେ ସାର୍ ।

ନାଁ, ତାଙ୍କୁ ଜଲ୍‌ଦି ଡ଼କାଅ ।

ମତେ ଡକେଇଲେ ସାର୍ ।

ହଁ, ମତେ କହିଲ ଆମ ରେକର୍ଡ ରୁମ୍‌ରୁ କେତେ ବର୍ଷର ଫାଇଲ ମିଳି ପାରିବ ?

ଓପିଡ଼ି ଫାଇଲ ଦି ତିନି ବର୍ଷର । ଆଡ଼ମିଶନ ଫାଇଲ୍ ଆରମ୍ଭରୁ ଏ ଯାକେ କିଛି ବି ପୋଡ଼ା ଯାଇନି ।

ତୁମେ ଏଠାରେ କେତେ ବର୍ଷ ହେଲା କାମ କରୁଛ ?

କୋଡ଼ିଏ ବର୍ଷ ଆଜ୍ଞା ।

ଅଠର ବର୍ଷ ପୂର୍ବରୁ ଏଠାରେ ଗୋଟାଏ ଟ୍ରେନ୍ ଆକ୍‌ସିଡେଣ୍ଟ ହୋଇଥିଲା । ତା' ବିଷୟରେ କିଛି ମନେ ଅଛି ?

ସେଇ ନାଇଁ ନଥିବା ରେଳ ଦୁର୍ଘଟଣା ସାର୍ । ତାହା କ'ଣ କେହି ଦେଖିଥିବା ଲୋକ ଭୁଲିପାରେ ! କି ଦୟନୀୟ ଅବସ୍ଥା ସାର୍ । ଶହ ଶହ ଲୋକ ପ୍ରାଣ ହାରିଲେ । କେତେ ଯେ ଆହତ । ସମସ୍ତଙ୍କୁ ତ ଆମ ଡାକ୍ତରଖାନାକୁ ଅଣାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ କେତେକଙ୍କୁ ବାଲେଶ୍ୱର ଏବଂ ସାଂଘାତିକ କେଶ୍‌ମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା ।

ମୋର ସେଇ ସମୟର ଫାଇଲ୍‌ଗୁଡ଼ିକ ଦରକାର ।

ISSN NO.
2582-208X

ବହୁତ ଫାଇଲ୍ ସାର୍ । ସରକାରୀ ଅଫିସ୍ । ସବୁ କ'ଣ ଠିକ୍ ଠାକ୍‌ରେ ରଖାଯାଇଥିବ ! ଖୋଜିବାକୁ ଆଠ ଦଶଦିନ ଲାଗିଯିବ ।

ସରକାରୀ, ବେସରକାରୀ ମୁଁ କିଛି ବୁଝୁନି । ଏଇଟା ଡାକ୍ତରଖାନା । ସବୁ ପାଇଁ ଆଶୁ ବ୍ୟବସ୍ଥା ଆବଶ୍ୟକ । ମୁହୂର୍ତ୍ତକରେ କା'ର ପ୍ରାଣବାୟୁ ଉଡ଼ିଯାଇଥାଏ । ଆଠ ଦଶ ଦିନରେ ତ ତା'ର କ୍ରିୟା କର୍ମ ବି ଶେଷ ହୋଇଯିବ । ଦିନ ତିନିଟା ପୂର୍ବରୁ ସ୍ତ୍ରୀ ରୋଗ ଜନିତ, ବିଶେଷ କରି ପ୍ରସବ, ଫାଇଲ୍‌ଗୁଡ଼ା ମୋ ଟେବୁଲ ଉପରେ ରଖାଅ ।

ଭିତରେ ଭିତରେ ଗେରେ ଗେରେ ହୋଇ ରଥବାବୁ ଜଣେ କର୍ମଚାରୀଙ୍କୁ କାମରେ ଲଗାଇଲେ। କୋଡ଼ିଏ ବର୍ଷରେ କେତେ ଡାକ୍ତର ବାବୁଙ୍କୁ ଦେଖିଲିଣି । ଇଏ ଦିଲ୍ଲୀ ବଡ଼ ଡାକ୍ତରଖାନାରୁ କ'ଣ ଗୋଟେ ବଡ଼ ପାଠପଢ଼ି ଆସିଛନ୍ତି ଯେ ସବୁ କଥାରେ ଗବେଷଣା । ହଁ ବା ଯୁବା ରକ୍ତ । କେତେଦିନ ଗରମ ତ ରହିବ । ଦିଘଣ୍ଟା ପରେ ଗୁଡ଼ାଏ ଫାଇଲ ଡାକ୍ତରବାବୁଙ୍କ ସାମ୍ନାରେ ରଖୁ ରଖୁ କହିଲେ, ସ୍ତ୍ରୀ ରୋଗ ସଂଶ୍ଳିଷ୍ଟ ମାତ୍ର ଏଇ ୩୪ଟି ଫାଇଲ୍ ଅଛି ସାର୍ ।

କିଛି ଛାଡ଼ିନ ତ ?

ନାଁ ସାର୍, ଭଲ କରି ମୁଁ ନିଜେ ଦେଖିଛି । ବାର ତାରିଖରେ ଦୁର୍ଘଟଣା । ତେଣୁ ବେଶୀ ଦୁର୍ଘଟଣା ଜନିତ ।

"ଠିକ୍ ଅଛି । କ୍ରମାନୁସାରେ ମୋ ହାତକୁ ଗୋଟିଏ ଗୋଟିଏ ଫାଇଲ୍ ଦିଅ" କହି ଖୁବ୍ ସତର୍କତା ସହ ଫାଇଲ୍‌ଗୁଡ଼ିକର ସଂପୂର୍ଣ୍ଣ ବିବରଣୀ ପଢ଼ି ନେଉଥିଲେ ଡାକ୍ତର ବାବୁ ।

ଶ୍ରୀମତୀ ନେଞ୍ଜା । ବୟସ ୩୪ । ପତିଙ୍କ ନାମ ଶ୍ରୀ ଅସଲାମ । ଠିକଣା - ଘର ନଂ ୩୪, କଲେଜ ରୋଡ଼, ଭଦ୍ରକ ଆଉଥରେ ତାରିଖଟା ଭଲ କରି ଦେଖି ନେଲେ । ହଁ, ଏ ଅମର ଫାଇଲ୍‌ରେ ତ ମାତା, ପିତାଙ୍କ ନାମ ନେଞ୍ଜା ଏବଂ ଅସଲାମ୍ ଲେଖାଅଛି । ପ୍ରସବ ବିବରଣୀ ଥର ଥର କରି ପାଠ କଲେ । ଗର୍ଭ ୩୪ ସପ୍ତାହ । ମୃତ ଶିଶୁ କନ୍ୟା ଜନ୍ମ ।

ISSN NO.
2582-208X

ମୃତ୍ୟୁର କାରଣ ରେଳ ଦୁର୍ଘଟଣା ଜନିତ ହୋଇପାରେ । କାରଣ ପେଟ ଭିତରେ ଶିଶୁଟିର ମୃତ୍ୟୁ ହୋଇଛି । ଡାକ୍ତର ବାବୁଙ୍କ ମନର ସନ୍ତୁଳନ ଦ୍ୱିଗୁଣିତ ହେଲା । ଅନ୍ୟ ଜଣେ କର୍ମଚାରୀଙ୍କୁ ସେଇ ଦିନର ପ୍ରସବ କେଶ୍‌ମାନଙ୍କର ତାଲିକା କରିବାପାଇଁ ଆଦେଶ ଦେଲେ ।

ଫେବୃୟାରୀ ବାର ତାରିଖରେ ମାତ୍ର ଆଉ ଗୋଟିଏ କେଶ୍ ଅଛି ସାର୍ ।

ଭଲ କରି ଦେଖ ।

ସାର୍ ...

ପ୍ରସୂତିଙ୍କର ନାମ ଶ୍ରୀମତୀ ମାଳତୀ ଦେବୀ, ବୟସ -୧୪, ପତିଙ୍କ ନାମ ଶ୍ରୀ ମଧୁସୂଦନ ହରିଚନ୍ଦନ । ଠିକଣା – ଘର ନଂ ୩୪, କଲେଜ ରୋଡ଼, ଭଦ୍ରକ । ଗର୍ଭ – ୩୨ ସପ୍ତାହ । ଅଚାନକ ପେଟରେ ପୀଡ଼ା । ସୁସ୍ଥ ଶିଶୁପୁତ୍ର ଜନ୍ମ । ସେଇ ପ୍ରସୂତିଙ୍କର ଆଉ ଗୋଟିଏ ଫାଇଲ ସାର୍ । ପୁଣି ଗୋଟିଏ ପିଲା ଜନ୍ମ!

କ'ଣ ଯେ କହି ଚାଲିଛ!! ମନ ଦେଇ ଦେଖ । ବିରକ୍ତି ସହ କହିଲେ ଡାକ୍ତରବାବୁ ।

ଠିକ୍ ଠିକ୍ ଦେଖିଛି ସାର୍ । ଆଉ ଥରେ ମହିଳା ଜଣକ ଭର୍ତ୍ତି ହୋଇଥିଲେ ।

ହଉ, ଦିଅ ଫାଇଲ୍‌ଟା ମୋ ହାତକୁ । ପିଲା ଜନ୍ମର ଚାରିଘଣ୍ଟା ପରେ ଅତ୍ୟନ୍ତ ରକ୍ତସ୍ରାବ । ହୁଏତ ଫୁଲ ପଡ଼ିବାରେ ଅସୁବିଧା ହୋଇଥିଲା ଯାହା ପାଇଁ ଶାରିରୀକ ବଳ ପ୍ରୟୋଗ କରାଯାଇଥିଲା । ସବୁ ଠିକ୍ ଥିଲା । ପୁଣି ଚାରିଘଣ୍ଟା ପରେ ପିଲାଦାନୀରୁ ରକ୍ତସ୍ରାବ ବୃଦ୍ଧି ପାଇଥିଲା । ବନ୍ଦ କରିବା ପାଇଁ ବହୁ ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା । ଯେ କୌଣସି ମତେ ନାଡ଼ି କାଟି ପିଲାକୁ ମା'ଠାରୁ ଅଲଗା କରାଗଲା । ରକ୍ତସ୍ରାବ ବନ୍ଦ ନ ହେଲେ ମା' ବଂଚିବା ସନ୍ଦେହଜନକ । ଶେଷରେ ପିଲାଦାନୀରେ ସର୍ଜରୀ କରିବାର ନିର୍ଣ୍ଣୟ ନିଆଯାଇଥିଲା । ସେଥିପାଇଁ ପତିଙ୍କର ବିଶେଷ ଅନୁମତି ନିଆଯାଇଥିଲା ମଧ୍ୟ ।

ISSN NO.
2582-208X

ଖୁବ୍ ଉତ୍ତେଜିତ ହୋଇ ଚିତ୍କାର କରି ଉଠିଲେ ଡାକ୍ତରବାବୁ । "ଆଜିର ପ୍ରଥମ ରକ୍ତଦାନୀର ସ୍ୱାକ୍ଷର କାଗଜଟି ଜଲ୍ଦି ମୋ ପାଖୁ ଆଣ ନର୍ସ ।'

ଡାକ୍ତରବାବୁଙ୍କ ଏତାଦୃଶ ବ୍ୟବହାରରେ ସେଠାରେ ଛିଡ଼ା ହୋଇଥିବା କର୍ମଚାରୀ ଏବଂ ଆଉ କେତେଜଣ କର୍ମଚାରୀ ତଟସ୍ଥ ହୋଇ ଯାଇଥିଲେ । ଗୋଟିଏ ହାତରେ ମାଳତୀର ପ୍ରସବ ଫାଇଲ୍ ଅନ୍ୟ ହାତରେ ରକ୍ତଦାନୀର କାଗଜ ଉପର ସ୍ୱାକ୍ଷରକୁ ଏକାଠି ରଖି ନିଜକୁ ନିଜେ କହିଲେ, ହଁ, ଶତ ପ୍ରତିଶତ ମିଳୁଛି ।

ରଥବାବୁଙ୍କ ସହ କେତେଜଣ କର୍ମଚାରୀ ସ୍ୱାକ୍ଷର ଉପରକୁ ଝୁଙ୍କି ପଡ଼ିଲେ । ଦେଖ ତ ରଥ ବାବୁ, ତୁମେ ବି ଦେଖ ନର୍ସ, ଏ ସ୍ୱାକ୍ଷର ଗୋଟିଏ ମଣିଷର ନୁହେଁ ?

ସମବେତ କଣ୍ଠରେ ଶୁଣାଗଲା, ଏଥରେ ଟିକିଏ ବି ସନ୍ଦେହ ନାହିଁ ସାର୍ ।

ଟିକିଏ ଆଶ୍ୱସ୍ତି ଅନୁଭବ କରି ନେଞ୍ଜା ଆଉ ମାଳତୀର ଫାଇଲ୍ ଦୁଇଟିକୁ ଉଠାଇ ନିଜ ବ୍ରିଫ୍ କେଶ୍‌ରେ ରଖି ଅନ୍ୟଗୁଡ଼ିକୁ ଉଠାଇ ନେଇ ଟେବୁଲ୍ ଖାଲି କରିବାର ନିର୍ଦ୍ଦେଶ ରଥ ବାବୁଙ୍କୁ ଦେଲେ ଡାକ୍ତର ବ୍ରଜବନ୍ଧୁ ରଥ । ଟିକିଏ ଗୁମ୍ ରହି ପୁଣି କହିଲେ ହଁ ନର୍ସ, ରକ୍ତକୋଷ ଦାନୀ ତାଲିକାରେ ଆଜିର ଦାନୀ ଦୁଇଜଣଙ୍କର ନାମ ସ୍ପେଶିଆଲ ଲିଷ୍ଟରେ ଅନ୍ତର୍ଭୁକ୍ତ କର ।

ଶ୍ରୀ ମଧୁସୂଦନ ହରିଚନ୍ଦନ
ଶ୍ରୀମତୀ ମାଳତୀ ଦେବୀ

ଭବିଷ୍ୟତରେ ବହୁ କାମରେ ଆସିବ ।

ହଁ ସାର୍ କହି ନର୍ସ ଜଣକ ବାହାରି ଗଲା । ଆଗ ପଛକୁ ଚିନ୍ତା କରି ପାରୁ ନ ଥିଲେ ଡାକ୍ତର ବାବୁ । ଟିକିଏ ଦୂରରେ ଥିବା ଦୂରାଭାଷ ଯନ୍ତ୍ରଟିକୁ ନିଜ ହାତ ପାଖକୁ ଆଣିଲେ । ଅନ୍ୟ ପଟରୁ ଶୁଣାଗଲା, ଆପଣ ବହୁ ଚିନ୍ତିତ ମନେ ହୁଅନ୍ତି ଡାକ୍ତର ବାବୁ । ଅମର ଠିକ୍ ଠାକ୍ ତ ?

ISSN NO.
2582-208X

ହଁ, ସଂପୂର୍ଣ୍ଣ ସୁସ୍ଥ । ଆଜି ସେ ତା' ଘରକୁ ଯିବ ।

ଗୁଡ୍, ସେମାନଙ୍କର କିଛି ଅର୍ଥର ପ୍ରୟୋଜନ ଥିଲେ ପଚାରି ଦେଇ ଦେବେ । ମୁଁ ଅଫିସରୁ ଫେରିବା ସମୟରେ ଆପଣଙ୍କର ଋଣ ପରିଶୋଧ କରି ଆସିବି ।

କିଛି ମନେ ନ କରନ୍ତି ଯଦି ଗୋଟାଏ ମତ ଦେଇ ପାରେ ହରିଚନ୍ଦନ ବାବୁ ।

ଯାହା ଇଚ୍ଛା କହି ପାରନ୍ତି । ଡାକ୍ତରମାନେ ତ ଈଶ୍ୱରଙ୍କର ଦ୍ୱିତୀୟ ରୂପ । ନିର୍ଦ୍ଦ୍ୱନ୍ଦ୍ୱରେ ପ୍ରକାଶ କରିପାରନ୍ତି ।

ଆଉ ସେଇ ଈଶ୍ୱରମାନଙ୍କ ସାମ୍ନାରେ ସମସ୍ତ ବିବରଣୀ ସ୍ପଷ୍ଟ ରୂପେ ଦେବା ଉଚିତ୍ ବୋଲି ମଧ୍ୟ ନିଶ୍ଚୟ ଜାଣିଥିବେ । ଆପଣଙ୍କ ହାବ ଭାବରୁ ତ ଆପଣ ଏତେ ଜଟିଳ ମନେ ହୁଅନ୍ତି ନି । ତେବେ କେଉଁ ପରିସ୍ଥିତି ଆପଣଙ୍କୁ ଏମତି ମୋଡ଼ ନେବାକୁ ବାଧ୍ୟ କରିଛି ।

ସତରେ ମୁଁ ଦୁଃଖିତ ଡାକ୍ତର ବାବୁ । ଯଦି ନିଜ ଅଜ୍ଞତାରୁ ଅଥବା ଅଜାଣତରେ ମୁଁ ଆପଣଙ୍କ ବୃତ୍ତିର ନୀତି ନିୟମର ଅପମାନ କରିଛି ସେଥିପାଇଁ ମୁଁ ଦୁଃଖିତ ।

ଆପଣଙ୍କୁ ମୁଁ ଦୁଃଖୀ କରିବାକୁ ଚାହୁଁନି । ବରଂ କହିବି ଯଦି କିଛି ମୁଁ ଆପଣଙ୍କ ହିତରେ କରିପାରେ !!!

ବୁଝି ପାରିଲିନି ଡକ୍ଟର ।

ଖୁବ୍ ସରଳ । ଅମର ଆପଣଙ୍କର ନିଜ ସନ୍ତାନ ।

ଡକ୍ଟର... ଖୁବ୍ ଉତ୍ତେଜିତ ଭାବେ କହିଲା ମଧୁସୂଦନ ।

ISSN NO.
2582-208X

କୁଲ୍ ଡାଉନ୍ ମି. ହରିଚନ୍ଦନ, ଟିକିଏ ଅତୀତକୁ ମନେ ପକାଇବାର ପ୍ରୟାସ କରନ୍ତୁ । ଯଦି ଆପଣ ସମସ୍ତ ବିବରଣୀ ମୋ ନିକଟରେ ସ୍ୱଷ୍ଟ ରୂପେ ବ୍ୟକ୍ତ କରନ୍ତି ହୁଏ ତ ମୁଁ ଆପଣଙ୍କର କିଛିଟା ସହାୟତା କରିପାରନ୍ତି ।

ମଧୁସୂଦନକୁ ନିରବ ରହିବାର ଲକ୍ଷ୍ୟ କରି ପୁଣି କହିବା ଆରମ୍ଭ କଲେ, "ଆପଣଙ୍କୁ ଦୋଷୀ କିମ୍ବା ଲଜ୍ଜିତ କରିବା ମୋର ଲକ୍ଷ୍ୟ ନୁହେଁ ମି: ହରିଚନ୍ଦନ । ମାତ୍ର ମୋର ବୃତ୍ତିଟା ସେମିତି । ଯେଉଁ ବୃତ୍ତିର ସହାୟତାରେ ପ୍ରାଣୀର ଜୀବନରେ ବହୁ କିଛି ପରିବର୍ତ୍ତନ କରାଯାଇ ପାରିଥାଏ ।

ଏଇତ ଆପଣ ଅଳ୍ପ ସମୟ ପୂର୍ବରୁ କହୁଥିଲେ ଡାକ୍ତରମାନେ ଈଶ୍ୱରଙ୍କର ଦ୍ୱିତୀୟ ରୂପ । ନାଁ, ସେମାନେ ଈଶ୍ୱର ନୁହନ୍ତି । ମାତ୍ର ସମାଜ ହିତରେ ଜୀବନ ଉତ୍ସର୍ଗ କରିବା ପାଇଁ ସେମାନେ ଶପଥ ଗ୍ରହଣ କରିଥାଆନ୍ତି ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଶବ୍ଦ ତୁମେ



ବାସନ୍ତୀ ଲତା ଜେନା

ଶବ୍ଦ ତୁମେ ମାୟା ପ୍ରହେଳିକା ଛବି
ତୋଳି ଦିଅ ବୀଣାର ଝଙ୍କାର
କେବେ ତୁମେ ମଧୁର ମୂର୍ଚ୍ଛନାର ଗୀତି
ପ୍ରୀତି ରାଗିଣୀର ମିଠା ସ୍ୱର । 1।

ଶବ୍ଦ ତୁମେ ଉଦାସୀ ମନର କଥା
ଅନ୍ତରର ଗୁପ୍ତ ନୀରବତା
ସ୍ୱପ୍ନରେ ତୁମେ ମୋର ଅପରାଜିତା
କହେ ତୁମକୁ ମନର ବାର୍ତ୍ତା । 2।

ଶବ୍ଦ ତୁମେ କେବେ ପ୍ରୀତିର ରାଗିଣୀ
ଫଗୁଣର ଫଗୁ ଦିଅ ବୁଣି
ରଙ୍ଗର ପସରା ନେଇ ଆସ ତୁମେ
ଆଙ୍କି ଦିଅ ସପ୍ତ ରଙ୍ଗ ପୁଣି । 3।

ଶବ୍ଦ ତୁମେ ପରିବର୍ତ୍ତନର ଇତିହାସ
ଭବିଷ୍ୟତର ସୁନେଲି ସ୍ୱପ୍ନ

ISSN NO.
2582-208X

ଇନ୍ଦ୍ରଧନୁ ସପ୍ତ ରଙ୍ଗେ ଭରି ଦିଅ
ସବୁ ମନ ହୋଇ ଯାଏ ପୂର୍ଣ୍ଣ । 4।

ଶବ୍ଦ ତୁମେ କେବେ ଗ୍ରୀଷ୍ମ ରୌଦ୍ର ତାପ
ସବୁଜିମା କର ମରୁଭୂମି
କେବେ ତୁମେ ଶ୍ରାବଣ ମେଘ ମଲ୍ଲା ର
ଧରଣୀକୁ କର ପୂର୍ଣ୍ଣ ଭୂମି । 5।

ଶବ୍ଦ ତୁମେ କେବେ ଚିର ସ୍ରୋତା ନଦୀ
ବହି ଯାଅ ଝର ଝର ହୋଇ
ସାଗରରେ ମିଶି ହୁଅ ଏକାକାର
ଢେଉ ହୋଇ ଆସ ବେଳା ଭୂଇଁ । 6।

ଶବ୍ଦ ତୁମେ କେବେ ପ୍ରସ୍ଫୁଟିତ ଫୁଲ
ଭରି ଦିଅ ବାସ୍ନାର ମହକ
ରଜନୀ ଗନ୍ଧା ଗଙ୍ଗଶିଉଳି ମଲ୍ଲୀ
ଶାନ୍ତି ପ୍ରେମର ବାହକ । 7।

ଶବ୍ଦ ତୁମେ କେବେ ବିରହୀ ପ୍ରାଣର
ଅମାବାସ୍ୟା ରାତ୍ରି କଳା ଜହ୍ନ
ଦୁଃଖ ଯନ୍ତ୍ରଣାର ଉତପ୍ତ ଅଶ୍ରୁରେ
ବିନ୍ଦୁ ବିନ୍ଦୁ ଶୋକାତୁରା ପ୍ରାଣ । 8।

ଶବ୍ଦ ତୁମେ କେବେ ନବ ଦମ୍ପତିଙ୍କ
ପରାଣର ଆନନ୍ଦ ଉଲ୍ଲାସ

ISSN NO.
2582-208X

ଭରି ଦିଅ ଖୁସିର ଝରଣା ସ୍ୱର
ଗୁରୁଜନେ ଦିଅନ୍ତି ଆଶିଷ ।୨।

ଶବ୍ଦ ତୁମେ କବିର କଳ୍ପନା ଶବ୍ଦ
ବାସ୍ତବ ଅବାସ୍ତବ ସୁନ୍ଦର
ଐତିହାସିକ ପୌରାଣିକ ଶାଶ୍ୱତ
ତୁମ ସାଥେ ବନ୍ଧନ ପ୍ରେମର । 10।

ଶବ୍ଦ ତୁମେ ଶବ୍ଦ କୋଷର ଭଣ୍ଡାର
ତୁମେ କ୍ରିୟା ତୁମେ ସର୍ବନାମ
ତୁମେ ହିଁ ବିଶେଷ୍ୟ ତୁମେ ବିଶେଷଣ
ତୁମ ପାଇଁ ଯେ ସମସ୍ତ କର୍ମ । 11।

ଶବ୍ଦ ତୁମେ କେବେ ବିଭିନ୍ନ ଢଙ୍ଗରେ
ବିଭିନ୍ନ ଅର୍ଥର ରୂପ ଦିଅ
କେବେ ଗପ କାହାଣୀ ରୂଢ଼ି ପ୍ରବନ୍ଧେ
ନିଜ ଶବ୍ଦ ସବୁରିଙ୍କ ପ୍ରିୟ । 12।

ଶବ୍ଦ ତୁମେ ସ୍ୱପ୍ନ କର ସୌରଭିତ
ତୁମେ ଧର୍ମର ପୁର୍ଣ୍ଣ୍ୟ ପସରା।
ତୁମେ ନିଜେ ବିଷମ ଶଂକଟ ମୟ
ଅଧର୍ମର ନାହିଁତ କିନାରା । 13।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଚୈତ୍ର ମାସ ମଙ୍ଗଳବାର



ଡ. ଅଭିମନ୍ୟୁ କାନୁନଗୋ

ଜୟ ଜଗତ ଜନନୀ ଜୟ ମା ମଙ୍ଗଳା ।
ଅଭୟା ତୁ ହରପ୍ରିୟା ଜୟ ମା ହିଙ୍ଗୁଳା ।।
ଉଦ୍ଧରୀ ଧରୁ ମା ତୁହି ବୁଡିବାର ଭେଳା ।
କାତ୍ୟାୟନୀ ଗଉରୀ ତୁ ଭକତ ବତ୍ସଲା।।
ଦଶ ମହାବିଦ୍ୟା ମଧ୍ୟେ ତୁହି ଅନାର୍ଗଳା ।।
ଜପନ୍ତି ସାଧବତୋତେ ନକରିଣ ହେଳା ।
ଭବାନୀ ଭବ ମୋଚନୀ କମଳା ବିମଳା ।
ନାରାୟଣୀ ଶିବା ଧାତ୍ରୀ ତୁହି ମା ଶାରଳା ।।
ସିଂହ ବାହିନୀ ମାତ ଗୋ ସନ୍ତାନ ବତ୍ସଲା ।
ବୁଦ୍ଧି ଜ୍ଞାନ ଦାତ୍ରି ଅଟୁ ତୁ ସର୍ବ ମଙ୍ଗଳା।।
ଆପଦ ନାଶିନି ଉମା ମେନକାର ବଳା ।
ମଙ୍ଗଳା ବକ୍ଷେ ତୋ ଶୋହେ ମନ୍ଦା ରର ମାଳା ।।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# କାହିଁକି ?



ଅମୃତନାରାୟଣ ଶତପଥୀ

କାହିଁକି ମନୁଷ୍ୟ ସନ୍ତୁଷ୍ଟ ନାହିଁ ସ୍ୱଳ୍ପରେ  ପୁଣିବନ୍ଧୁ ?
କାହିଁକି ପୁଣି ଲୋଭମୋହ ଫାଶେ ମୂଢ ପ୍ରାୟ ନିଜକୁ ବାନ୍ଧୁ ? (୧)
କାହିଁକି ସ୍ୱାର୍ଥପର ହୋଇ ଦାୟିତ୍ୱ ନିଜର ଖସାଇଦିଏ କାନ୍ଧୁ ?
କାହିଁକି ଏପରି ଦୁର୍ଗତି ସଂସାରର ହେଉଅଛି ଜଗବନ୍ଧୁ ?(୨)
କାହିଁକି ଏବେ ଧର୍ମକର୍ମ ଏବେ ମୁଣ୍ଡବିହୀନ କବନ୍ଧ ?
କାହିଁକି ଆସୁରିକ ପ୍ରକୃତି ପୁଣି ଲଙ୍ଘିଥାଏ ବାଡବନ୍ଧ ?(୩)
କାହିଁକି ସତ୍ କର୍ମ ପୁଣି ମହତ୍ ଗୁଣ ଶିରଚ୍ଛେଦ ହୁଏ ସ୍କନ୍ଧ ?
କାହିଁକି ମନୁଷ୍ୟ ଚକ୍ଷୁଷ୍ମାନ ହୋଇ ସଜାଏ ନିଜକୁ ଅନ୍ଧ ?(୪)
ଏହି 'କାହିଁକି'ର ଉତ୍ତର ଖୋଜିବା ପ୍ରଶ୍ନ ବାଣରେ ବିବେକ ରୁଦ୍ଧ,
ତେବେ ଯାଇ ମୁକ୍ତି ମାର୍ଗ ପ୍ରଶସ୍ତ ହେବ ପରମାତ୍ମା ଆତ୍ମା ସମ୍ବନ୍ଧ । (୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଆମେ ଭାରତୀୟ



ସରସ୍ୱତୀ ମିଶ୍ର

ଆମେ ଭାରତୀୟ ଆମେ ଭାରତୀୟ
ଗଙ୍ଗା କାବେରୀ ଗଳାହାର ଯାର
ସିନ୍ଧୁଧୁଏ ପଦ ଦ୍ୱୟ
ଆମେ ଭାରତୀୟ ଆମେ ଭାରତୀୟ
ଆଗକୁ ଆଗକୁ ଯିବାରେ ମାଡି
ଦେଖିବାନି କେବେ ପଛକୁ ମୋଡି
ଆମେ ଜିଣିବା ଆମେ ଜିଣିବା
ହାର ନୁହେଁ ଆମ ଭାଗ୍ୟ.
ଆମେ ଭାରତୀୟ ଆମେ ଭାରତୀୟ.
ନୀର୍ଭୀକତା ଅଛି ଆମ ରକ୍ତରେ
ଧୈର୍ଯ୍ୟ ଅଛି ପୁଣି ମସ୍ତିଷ୍କ ଘରେ
ଆମ ପରିସାହସୀ କେ ବିଶ୍ୱବାସୀ
ଦୃଢ ସଂକଳ୍ପ ଅଛିକାର ବା ଧେୟ.
ଆମେ ଭାରତୀୟ ଆମେ ଭାରତୀୟ
ଅହିଂସା ଆମରି ଜୀବନ ମନ୍ତ୍ର

ISSN NO.
2582-208X

ତ୍ୟାଗ ଗୁଣରେ ତ ମହିମାମୟ
ଶାନ୍ତି, ପ୍ରୀତୀ, ମୈତ୍ରୀ ଆମରି ଭୂଷଣ
ସର୍ବ ଧର୍ମ ଆମ ପ୍ରୀୟ
ଆମେ ଭାରତୀୟ ଆମେ ଭାରତୀୟ
ଆମ ନେତା ପରା ବାପୁ ସୁଭାଷ
ଦେଶପାଇଁ ତ୍ୟାଗିଲେ ନିଜର ସୁଖ
ବଲ୍ଲଭ ଭାଇ ତ ଲୌହର ମାନବ
ଅଟଳ ଅଚଳ ଆମେ ତାଙ୍କ ଦାୟାଦ.
ଆମେ ଭାରତୀୟ ଆମେ ଭାରତୀୟ
ପଛଘୁଞ୍ଚା ନାହିଁ ଆମ ଜାତକେ
କରିବୁ ନୋହିଲେ ମରିବୁ ସତେ
କର୍ମ ଅଟେ ଆମ ଜୀବନର ମାନ
ଶ୍ରମ ଆମରି ପାଥେୟ.
ଆମେ ଭାରତୀୟ ଆମେ ଭାରତୀୟ
ଥରେ ହାରିଗଲେ ପୁଣି ଉଠିବୁ
ଲହୁଦେଇ ନିଜ ଭାଗ୍ୟ ଗଢ଼ିବୁ
ଜିତିବୁ ଜିତିବୁ ନିଶ୍ଚୟ ଜିତିବୁ
ଦେଖାଇ ଦେବୁ ଏ ସମଗ୍ର ବିଶ୍ୱ.
ଆମେ ଭାରତୀୟ ଆମେ ଭାରତୀୟ ॥

ମାର୍ଫତ୍-ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର
ରାଧାକୃଷ୍ଣ ନିବାସ
ଆନନ୍ଦ ନଗର, ବଲାଙ୍ଗିର-767002
ଫୋନ ନଂ8895558976

ISSN NO.
2582-208X

# କଳାପାଣିର କଷଣ ଶିବିର
# ଭାଇପର୍ ଓ ରୋସ୍

ପ୍ରିୟବ୍ରତ ପାତ୍ର

ରୋସ୍ ଓ ଭାଇପର୍ ରେ ବୁଲିଲା ବେଳେ ଏକ ଅଦୃଶ୍ୟ ଅତୀନ୍ଦ୍ରିୟ ଶକ୍ତି ଦ୍ୱାରା ଯେ କେହି ସମ୍ମୋହିତ ହେବା ସ୍ୱାଭାବିକ । ସମୟର ଉଜାଣି ଢେଉରେ ପଛକୁ ଫେରିଗଲେ ଅନେକ ପାଦଚିହ୍ନ ସହ ଭେଟ ହୋଇଯାଏ, ଯାହାକି କାଳର କ୍ଷମତାକୁ ଅତିକ୍ରମ କରି ଏବେ ବି ସ୍ପଷ୍ଟ ରହିଛି । ୧୮୫୭ ମସିହାରେ ସାରା ଦେଶରେ ସିପାହୀ ବିଦ୍ରୋହର ନିଆଁ । ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ଏକ ନୂଆ ଯୋଜନା ଇଂରେଜଙ୍କ ମୁଣ୍ଡରେ ପଶିଲା । ସେଇଠୁ ଆରମ୍ଭ ହେଲା କଳାପାଣିର କୋକୁଆ ଭୟ । ୧୮୫୮ ରେ ୨୦୦ ଜଣ ନିର୍ବାସିତ ବନ୍ଦୀଙ୍କୁ ଧରି J P Walker ବାହାରି ପଡିଲେ ଜଙ୍ଗଲ ସଫେଇ ଓ ରାଜଧାନୀ ନିର୍ମାଣ କାର୍ଯ୍ୟରେ । ବନ୍ଦୀଙ୍କୁ ଗଛ କାଟିବା, ଲଟାବୁଦା, ସଫା କାମରେ ଆଗକୁ ଛାଡି ଦିଆଗଲା । ଆଦିମ ଜନଜାତିଙ୍କ ବିଷାକ୍ତ ଶରାଘାତରେ ସେମାନେ ମରୁଥିଲେ ଏବଂ ପଛରେ ଅପେକ୍ଷାକୃତ ବୃକ୍ଷହୀନ ସମତଳ ଜାଗାରେ ରହି ଇଂରେଜମାନେ ବନ୍ଧୁକ ଦ୍ୱାରା ଜନଜାତିଙ୍କ ଶିକାର କରୁଥିଲେ । ରୋସ୍ ରେ କିଛି କଏଦୀଙ୍କ କୋଠରୀ କେତୋଟି ହେପାପରେ ରାସ୍ତା ତିଆରି ଓ ପ୍ରାସାଦ ନିର୍ମାଣ କାମ ଚାଲିଲା । ଏପଟେ ଭାଇପର୍ ଦ୍ୱୀପରେ ମଧ୍ୟ କାମ ଆରମ୍ଭ ହେଲା - ଉଦ୍ଦେଶ୍ୟ ଥିଲା ସମଗ୍ର ଭାଇପର୍ ଦ୍ୱୀପକୁ ଏକ ସମୁଦ୍ର ଘେରା ମୁକ୍ତ ପ୍ରାଙ୍ଗଣର ଜେଲ୍ ରେ ପରିଣତ କରିବା । ଏକ ରେକର୍ଡ କହେ ୧୮୫୮ ର ପ୍ରଥମ ତିନିମାସରେ ଆସିଥିବା ୭୭୩ କଏଦୀଙ୍କ ଭିତରୁ ୬୧ ଜଣ ହସପିଟାଲ୍ ରେ ମଲେ, ୧୪୦ ଜଣ ଜଙ୍ଗଲକୁ ଖସି ପଳେଇବା ଯୋଗୁଁ ଶିକାରେ ହୋଇ ମଲେ, ୮୭ ଜଣ ଫାସି ପାଇଥିଲେ । ୧୫ ବର୍ଷ ପରେ ୮୦୦୦ ପୁରୁଷ, ୯୦୦ ମହିଳା ଓ ୫୭୮ ଜଣ ପିଲାଙ୍କୁ ନେଇ କଏଦୀମାନଙ୍କ କାନ୍ଥବାଡହୀନ ସମୁଦ୍ର ଘେରା ଜେଲ୍ ଭାଇପର୍ ଚଳଚଞ୍ଚଳ ଥିଲା । ୧୮୭୦ ମସିହା ବେଳକୁ ରୋସ୍ ରେ ସବୁକିଛି ପ୍ରସ୍ତୁତ

ISSN NO.
2582-208X

ହୋଇ ସାରିଥିଲା ଏବଂ ସୁଦୂର ପ୍ରାଚ୍ୟରେ ଇଂରେଜମାନଙ୍କ ପାଇଁ ଏକ ମନଲାଖି ମିନି ଇଂଲଣ୍ଡ ପ୍ରସ୍ତୁତ ହୋଇ ସାରିଥିଲା । ସୁପରିନଟେଣ୍ଡେଣ୍ଟ ହାଉସ୍, ଗୋଦାମ, ହସପିଟାଲ, ବେକେରୀ ପାଓ୍ୱାର ପ୍ଲାଣ୍ଟ, ଚର୍ଚ୍ଚ କ୍ଲବ୍, ବ୍ୟାଲେ ନାଚ ପାଇଁ ପ୍ରକୋଷ୍ଠ, ପୋଷ୍ଟ ଅଫିସ୍, ଉଷୁମ ପାଣି ପାଇଁ ଷ୍ଟିମ୍ ବଏଲର୍, ବରଫ ତିଆରି କାରଖାନା, ମିନିରାଲ୍ ଜଳ ପ୍ରସ୍ତୁତି କାରଖାନା, ରାସ୍ତାଘାଟ, ସନ୍ତରଣାଗାର, ଲାଇବ୍ରେରୀ, ସ୍କୁଲ ଆଦି ସବୁକିଛି ପ୍ରସ୍ତୁତ ହୋଇସାରିଲାଣି । ଏପଟେ ଭାଇପର୍ ରେ ଦଶ ପନ୍ଦର ଜଣ ବନ୍ଦୀଙ୍କୁ ଗୋଟିଏ ଚେନ୍ ରେ ବନ୍ଧାଯାଇ "ବନ୍ଧୁଆ କଏଦୀ" ଦଳ ସୃଷ୍ଟି ହୋଇଥିଲା । ସେମାନେ ସଫେଇ ସହ ନଡିଆରୁ କତା କାଢିବା ଓ ନଡିଆରୁ ତେଲ କାଢିବା କାମରେ ତଥା ରୋସ୍ ଅଧିବାସୀଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରସ୍ତୁତିରେ ଲାଗି ରହୁଥିଲେ । ପ୍ରବଳ ବର୍ଷାରେ ବନ୍ଧୁଆ କଏଦୀମାନେ ତିନ୍ତିତିନ୍ତି କାମ କରୁଥିଲେ, ଶୋଉଥିଲେ, ଅତ୍ୟଧିକ ଖରାରେ ପିଇବାକୁ ନ ପାଇ ଚେନ୍ ଲଗା ଅବସ୍ଥାରେ ଟାଳି ପଡୁଥିଲେ । ଦିବାରାତ୍ର ଖରାବର୍ଷାରେ ଖୋଲା ଆକାଶତଳେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଥିଲେ । ତା ଉପରେ ପୁଣି ସାମାନ୍ୟ ଭୁଲ ବା ବିଶ୍ରାମ ପାଇଁ ଭୟଙ୍କର ଦଣ୍ଡ । ଅତିଷ୍ଠ ହୋଇ କିଛି ସମୁଦ୍ରକୁ ଲମ୍ଫ ଦେଇ ଦୂରରୁ ଦେଖାଯାଉଥିବା ମୂଳଦ୍ୱୀପକୁ ପଳାଇବାକୁ ଚାହୁଁଥିଲେ । ସମୁଦ୍ରରେ କିଛିଙ୍କୁ ସାର୍କୁଚ ଓ କୁମ୍ଭୀର ଖାଇଗଲେ, ଖସି ଯାଇଥିବା ଲୋକଙ୍କୁ ଜଙ୍ଗଲୀମାନେ ଜିଅନ୍ତା ଖାଇଗଲେ । ଅତ୍ୟାଚାରିତ ଅତିଷ୍ଠ ନୁରୁନଜନ୍ ସିଂହ ପ୍ରଥମ ଉଲ୍ଲିଖିତ ବ୍ୟକ୍ତି ଯିଏ କି ଆତ୍ମହତ୍ୟା କରିଥିଲେ । ୧୮୬୧ ରୁ ୧୮୬୯ ପର୍ଯ୍ୟନ୍ତ ରୋସ୍ ବର୍ମାର ମୁଖ୍ୟ କାର୍ଯ୍ୟାଳୟ ଅଧୀନକୁ ଚାଲି ଯାଇଥିଲେ । ନିୟମ ଅନୁସାରେ କଳାପାଣି ସଜାରେ ଆସୁଥିବା ସମସ୍ତେ କଏଦୀ ଭାଇପର୍ ରେ ମରଣାନ୍ତକ ଭାବେ ଏକ ବର୍ଷ ଖଟିବା ପରେ, ନିୟମ ଉଲ୍ଲଙ୍ଘନ କଲେ ବିଭିନ୍ନ ଦଣ୍ଡବିଧିକୁ ନିଜେ ହୃଦୟଙ୍ଗମ କଲାପରେ ଯାଇ ମୂଳଦ୍ୱୀପକୁ ବନ୍ଦୀ ରୂପେ ଛଡା ଯାଉଥିଲା ।

୧୮୭୯ ରେ ପୁରୀର ମହାରାଜା ବୀର କିଶୋର ସିଂହଦେଓ ଏହି ଭାଇପର ରେ ବନ୍ଦୀ ଥିଲେ । ୨୫ ବର୍ଷ ତଳେ ସିପାହୀମାନଙ୍କୁ ଗୋପନରେ ବିଦ୍ରୋହ ପାଇଁ ଷଡଯନ୍ତ୍ର କରିବା ଅଭିଯୋଗରେ ସେ ଥିଲେ ଦଣ୍ଡିତ । ନାମକୁ ମାତ୍ର ମହାରାଜାଙ୍କର ପୁରୀରେ ନା ଥିଲା ରାଜ୍ୟ

ISSN NO.
2582-208X

ନା ଥିଲା ରାଜଦଣ୍ଡ ଓ ସୈନ୍ୟଦଳ। ଭଜନ ଓ ଭୋଜନ ଛଡା ବର୍ଷକୁ ଥରେ ସୁନାଖଡିକାରେ ଛେରା ପହରା କରୁଥିବା ସୁକୁମାର ରାଜା ତଥାପି ଓଡିଆଙ୍କ ହୃଦୟରେ ଚଳନ୍ତି ଜଗନ୍ନାଥ ହୋଇ ରହିଥିଲେ। "ଗଜପତି" ଭଳି ବାରି ଉପାଧିରେ ନିଜେ ନଇଁ ପଡୁଥିବା ରାଜା ଭାଇପର ରେ ଏକ ମାସ ଭିତରେ ପ୍ରାଣତ୍ୟାଗ କରିଥିଲେ। ହଟେ ସିଂ ନାମକ ଜଣେ ପଶ୍ଚିମ ଓଡିଶାର ପାଇକ ଦଳପତି ଏକମାତ୍ର ଓଡିଆ ସିପାହୀ ଯିଏକି କଳାପାଣି ଦଣ୍ଡାରେ ଏଠାରେ ରହିଥିଲେ।

୧୯୦୮ ରେ ପୋର୍ଟବ୍ଲେୟାର ଜେଲ୍ ଓ ଅନ୍ୟାନ୍ୟ ଜେଲ ତିଆରି ହେବା ପରେ ଧିରେ ଧିରେ ଭାଇପର୍ ର ଆବଶ୍ୟକତା କମିଯାଇଥିଲେ। ସେଠାରେ ଥିବା ବିଭିନ୍ନ ଘର, ଜାଗା, ବଂଲୋ ସବୁ ବେସରକାରୀ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ବିକ୍ରି କରି ଦିଆଗଲା। କିଂତୁ ରୋସ୍ ର ରାଜତ୍ୱ ପୁର୍ବବତ୍ ଥିଲେ। ଦ୍ୱୀତୀୟ ବିଶ୍ୱଯୁଦ୍ଧରେ ଜାପାନ ସେନା ଦଖଲ କରିନେଲା ପରେ ତୋପ ଓ ଡିନାମାଇଟ୍ ରେ ସବୁକିଛି ଧ୍ୱଂସ କରିଦେଲେ। ଯୁଦ୍ଧ ପରେ ଇଂରେଜମାନେ ପୁଣି ରୋସ୍ ଅଧିକାର କରିନେଲେ, କିନ୍ତୁ ରାଜଧାନୀ ଧୂଳିସାତ୍ ହୋଇଥିଲା। ଯାହା ଥିଲେ ଏକ ମୃଦୁ ଭୂମିକମ୍ପ ସେସବୁକୁ ଧରାଶାୟୀ କଲା। ଫଳରେ ଇଂରେଜମାନେ ପୋର୍ଟବ୍ଲେୟାରକୁ ରାଜଧାନୀ ଉଠେଇ ନେଲେ। ଏହା ହିଁ ଥିଲା ରୋଷ ଓ ରାସ ର ରାଜଧାନୀର ଇତିହାସ ଓ ରାଜତ୍ୱ। ତା ପରଠୁ ସବୁକିଛି ଶୁନ୍ ଶାନ୍।

ସମଗ୍ର ଆଣ୍ଡାମାନ ର ଇତିହାସରେ ଏକମାତ୍ର ହତ୍ୟା ହୋଇଥିବା ଇଂରେଜ ହେଲେ ବଡଲାଟ୍ ମେୟୋ ସାହେବ। ଏହି ହତ୍ୟା କରିବାର ବିରଳ ଦୁଃସାହସ କରିଥିବା ଶେର ଅଲ୍ଲି, ରୋସ୍ ନଗରୀରେ ମହିଳାମାନଙ୍କ ଶୟନକକ୍ଷ ପର୍ଯ୍ୟନ୍ତ ପ୍ରବେଶ ଅଧିକାର ପାଇଥିବା ତଥା ଉଭୟ ଇଂରେଜ ପ୍ରଭୁ ଓ ଭାରତୀୟ ବନ୍ଦୀଙ୍କ ଅତି ପ୍ରିୟ ଭାରତୀୟ ବ୍ୟକ୍ତି ଆବର୍ଦ୍ଦିନ ମହାଶୟଙ୍କ କଥା ନକହିଲେ ରୋସ୍ ର ଇତିହାସ ଅଧାରେ ରହିଯିବ। କିନ୍ତୁ ସେସବୁ ଆଉ କେବେ।

ISSN NO.
2582-208X

ବର୍ଷାମୁଖର ଋତୁର କୌଣସି ଏକ ନିର୍ମଳ ଅପରାହ୍ନରେ ଏ ଲେଖକ ଏକ ଭାରୀ ହୃଦୟ ନେଇ ଦ୍ୱୀପ ଛାଡିଲା ବେଳକୁ ଦ୍ୱୀପର ନିଃସଙ୍ଗ ଦମ୍ପତ୍ତି ଏକ ପଥର ଶିଖର ଉପରେ ବସିଥିଲେ । ସେମାନଙ୍କ ଆଫ୍ରିକୀୟ ଚେହେରା ସାଙ୍ଗକୁ ଉତ୍କଟ କଳାରଙ୍ଗ, ଅସଜଡା କୁଞ୍ଚିତ କେଶ ଓ ସେମାନଙ୍କର ପାଖରେ ବସିଥିବା ଲାଞ୍ଜକଟା କୁକୁର ଟି ମୋତେ କେଉଁଠି ଦେଖିଲା ଦେଖିଲା ଭଳି ଲାଉଥିଲା । ପିଲାଦିନେ ପଢୁଥିବା ଜହ୍ନମାମୁଁ ରେ ପ୍ରେତପ୍ରେତିନୀଙ୍କ ସାମ୍ରାଜ୍ୟର ରୂପ ଅବିକଳ ଏପରି ହିଁ ଥିଲା । ଜେଟିରେ ଜାହାଜ ଚଢିଲା ବେଳକୁ ପ୍ରଭୁଭକ୍ତ କୁକୁରଟି ସାମ୍ରାଜ୍ୟର ପ୍ରତିନିଧି ଭାବେ ଆମ ପାଖରେ ଠିଆ ହୋଇଥିଲା । ଲାଞ୍ଜ ହଲାଇବା ସମ୍ଭବ ନଥିବାରୁ ପ୍ରତିନିଧି ଖୁସି ଥିଲେ କି ଉତକ୍ଷିପ୍ତ ଥିଲେ ଜାଣିବା ସମ୍ଭବ ନଥିଲା । ଶେଷରେ ସ୍ମୃତି ଓ ଇତିହାସକୁ ନେଇ ଦ୍ୱୀପକୁ ବିଦାୟ ଦେଲୁ ।

ସମାପ୍ତ

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଗୋଟେ ପାଦ ଆଗକୁ



ବର୍ଷାରାଣୀ ମହାମଲ୍ଲୀକ

ସେ ପଟେ କେହି ଫୁସୁରୁ ଫାସୁର ହେବାର ଶୁଭା ଯାଉଥିଲା।
ଶୁଣିଛ ନା ଜହ୍ନ ଧରିବା ଏତେ ସହଜ ନୁହଁ
ଅମୁକର ପୁଅ ହାତ ବଢ଼େଇଲା ବୋଲି
ତା ବାପର ମେରୁଦଣ୍ଡ ହାଡ଼ ଭାଙ୍ଗିଗଲା ପରା
ଆରେ, ଯିଏ ନାଇଁ ସିଏ ବଢ଼େଇ ଦେବ ନୁହଁ?
ଅଟକି ଯାଏ ନା କେତେ କେତେ ପାଦ
କେତେ ଠାରେ ଅଟକାଇ ଦିଆଯାଏ ବି
ଆଉ କେତେକ ଡରି ଡରି ବଢ଼ାନ୍ତି ଅଥବା ବଢ଼ନ୍ତି ବେଖାତିର୍ କରି ବି ।
ଭାଗ୍ୟ କଣ ସଭିଙ୍କ ଉପରେ ଅଟ୍ଟହାସ୍ୟ କରିପାରେ ??

ବଢ଼ିବା ଟା ମୂଳ କଥା
ବାସ୍ ଗୋଟେ ପାଦ ଆଗକୁ,
ଏଇ ମନ୍ତ୍ର ତ ବଢ଼ାଏ କେତେ ଆଗକୁ
ଯଦିଓ ପଥ ଅସରନ୍ତି, ଶୀର୍ଷକୁ ପହଞ୍ଚାଇବ ତ ନିଶ୍ଚୟ।
ମୁହଁ ବନ୍ଦ କରି ବଢିବାକୁ ହେବ

ISSN NO.
2582-208X

ଆଖି ତଳ କରି କିଛି ନ ଶୁଣିଲା ପରି ହେବାକୁ ହେବ
ପଛରୁ ଡାକି ନେଇ କେତେକ ପ୍ରଲୋଭନ ଦେଖାଇ
ହୁଏତ କିଣିବାକୁ ଚେଷ୍ଟା କରିପାରନ୍ତି
ସତର୍କ ସଜାଗ ରହି ମଜବୁତ୍ ହେବାକୁ ପଡ଼ିବ ।
ଛାଡ଼, ଏବେ ଚୁପ୍ ରୁହ
ଧୈର୍ଯ୍ୟ ରଖ କହିବାର ସବୁ ସୁଯୋଗ ଆସିବ
ବାସ୍ ଆଉ ଗୋଟେ ପାଦ ଆଗକୁ ।

ଜିଲ୍ଲା :ବରଗଡ଼
୮୨୬୦୬୫୯୩୩୨

ISSN NO.
2582-208X


# ଆଜିକାର ଭଲ ମଣିଷ



ଜୟ କୁମାର ମିଶ୍ର

ଆଜିକାର ଭଲ, ସଂଜ୍ଞା ଜ୍ଞାନ ମୂଲ
ବଦଳି ଯାଇଛି ଦେଖ,
ଦେଉଥିଲେ ଭଲ, ନହେଲେ ଖରାପ
ଚାହିଁବେନି କେହି ମୁଖ ॥
ସୁବିଧା ବାଦିଏଁ, ସୁବିଧାରେ ରୁହେ
ଆପଣାର ସ୍ୱାର୍ଥପାଇଁ,
କହି ଚାଟୁ କଥା, ମିଥ୍ୟାର ବାରତା
ସୁବିଧା ଉଣ୍ଡନ୍ତି କେହି ॥
ମନ ଲାଖି ଦେବ, ଭଲ ହୋଇଥିବ
ଗାଇବେ ଜନତା ଗୁଣ,
ନଖରୁ, ନାସିକା, ପ୍ରଶଂସାଟି ଯୋଖା
କହୁଥିବେ ପୁଣପୁଣ ॥
କିଏ ସେ କହିବ, ଭଲେଇ ହୋଇବ
ଚରିତ୍ର ପ୍ରମାଣ ଦେବ,
ସାତ ପୁରୁଷର, ଉତ୍ତମ ବେଭାର
କଳ୍ପନାରେ ପରଷିବ ॥

ISSN NO.
2582-208X

ଅବରଣେ କେହି, ମଧ୍ୟପାତ୍ର ହୋଇ
ବୁଝୁଥିବ ହାଲଚାଲ,
ଦେଖି ଦୁଃଖ ସୁଖ, ଝରାଇ ଲୋତକ
ମିଛଟାରେ କଲବଲ ॥
ଶୁଭ ଅଶୁଭରେ, ସାହାଯ୍ୟଟି କରେ
ଡାକୁଡାକୁ, ଉପସ୍ଥିତ,
ସେବା, ଓ ସାହାଯ୍ୟ, ବଚନ ଧଇର୍ଯ୍ୟ
ଆସି ଦେଉଥିବ ନିତ୍ୟ ॥
କର୍ଣ୍ଣ, ହରିଶ୍ଚନ୍ଦ୍ର, ଧର୍ମରାଜ, ଇନ୍ଦ୍ର
ବଳି ସହ କରି ତୁଳନା,
କହିବେ ଦେବତା, ସରି ପିତା, ମାତା
କରିବେ କେତେ ଛଳନା ॥
ବିପଦର ବନ୍ଧୁ, ହେବ କୃପା ସିନ୍ଧୁ
ଉତ୍ତମ ଜନରେ ଗଣା,
ପାଶେ ପାଶେ ରହି, ସ୍ତବ ସ୍ତୁତି ଗାଇ
କାନପତ୍ତା କରି କଣା ॥
ଗୁଡ଼ ଦେଖି ଜନ୍ଦା, କରୁଥିବେ ଧନ୍ଦା
ହୋଇ ପାଖତଡ଼ ସଦା,
ଗୁଡ଼କୁ ସରାଗ, ଖପରା ବିରାଗ
ତୁଚ୍ଛା ଖପରାକୁ ନିନ୍ଦା ॥
ନେବାର ତରିକା, କେତେ ଯେ ଅଲେଖା
ଜାଣି ପାରିବନି ଜମା,
ନଦେଲେ ତ ଗାଳି, ଅଭିଶାପ ଢାଳି
ମାଡ଼ିବେନି ଘର ସୀମା ॥

ISSN NO.
2582-208X

ସବୁତ ଅସାର, ନାହିଁ ଶିଷ୍ଟାଚାର
ବୋଲିବେ, ପିଶାଚ କେହି,
କହିବେ କୃପଣ, ବେଭାର ଦୁର୍ଗୁଣ
ମଣିଷ ଚିହ୍ନଇ ନାହିଁ ॥
ଧନକୁ ଅରଜି, ଗାରିମାରେ ମଜ୍ଜି
ଇନ୍ଦ୍ର, ଚନ୍ଦ୍ର ମାନେ ନାହିଁ,
ଦୁଇ ଆଖି ତାର, ମଥାଟି ଉପର
ମାନେନି ଦେବତା, ସାଇଁ ॥
ବୁଲି ଗାଆଁ ଗାଆଁ, ସହର ନଗର
ଅପପ୍ରଚାରର ସ୍ୱର
କିଏ ସେ କାନ୍ଦିବ, ବାହୁନି ହୋଇବ
ନରଖି ଟିକିଏ ଡର ॥
ଅସାମାଜିକରେ, ଗଣତି ସତ୍ତ୍ୱେରେ
ସକଳ ତପସ୍ୟା କ୍ଷୁର୍ଣ୍ଣ,
ଶୁଖୁଆ ପୋଡାରେ, ସବୁ କଥା ସରେ
ହୋଇବ ଟି ହୀନିମାନ ॥
ଅଲୋଡ଼ା ଅଖୋଜା, ବଇରୀରେ ସଜ୍ଜା
ମେଳି ହୋଇ ଅସନ୍ତୋଷ,
ଏକ ଘରକିଆ, ହୋଇବଟି ରାହା
କୁଟ ଚକ୍ରାନ୍ତରେ ନାଶ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ମୋ ମାଟି ମୋ ଗାଁ



ଦେବେନ୍ଦ୍ର ମିଶ୍ର

ଏ ପବିତ୍ର ମାଟି  ହେବ ଜି ସାଉଁଟି
ନଈ କୂଳେ ମୋର ଗାଁ
ସବୁଜ ବନାନୀ  ମଧୁର ତା ପାଣି
ରଖିବି ଦିନେ ତା ନାଁ ।
ଅବିଶ୍ରାନ୍ତ ସ୍ୱର  ପବିତ୍ର ତା ଝର
ଶୋଭା ପାଏ ଆମ୍ବ ତୋଟା
ଜୀବନ ସଙ୍ଗୀତ  କେତେ ଜାନି ଯାତ
କେତେ ଯେ ଅଭୁଲା କଥା ।
ମୋ ଗାଁ ର ପାଣି  ମୋ ଗାଁ ପବନ
ଏଇ ମୋ ଶରୀର ଗଢା
ଗାଁ ଚାଟ ଶାଳୀ  ଜୀବନ ସଙ୍ଖାଳି
ପୁଣ୍ୟ ଭୂମି ପୁଣ୍ୟ ବେଢ଼ ।
ଏ ପୁଣ୍ୟ ମାଟିରେ ଥାପି ଥିଲି ପାଦ
ଷଠି ଘର କହେ କଥା
ମାଟିର ସଂସାର  ମାଟି କଲେ ବର
ନାଇଁ ଯାଏ ଆଜି ମଥା ।

ISSN NO.
2582-208X

ଏ ମାଟିର ଶିଶୁ  ବିଶ୍ୱ ବିଜୟୀ
ଇତିହାସେ ରହେ ନାଆଁ
ଭୁଲି ପାରିବିନି  ଚିର କାଳ ମୁହିଁ
ସେଇ ଜନ୍ମ ଦାତ୍ରୀ ମାଁ ।
ଏ ମାଟିକୁ ଛୁଇଁ  କରିବା ଶପଥ
ବୈରି କୁ ଦେବା ହଟାଇ
ବସୁଧା ମାଁ ର  ସନ୍ତାନ ସନ୍ତତି
ସଭିଏଁ ଭଗିନୀ ଭାଇ ।
ଏ ପବିତ୍ର ଭୂମି  ପୁଣ୍ୟ ମାତୃ ଭୂମି
ଜନମି ରଖିଲେ ନାଆଁ
ମହାପୁରୁଷଙ୍କ  ପଥର ପଥିକ
ଆଜି ଝୁରୁଛି ମୋ ମାଟି ଗାଁ ।

ବୌଦ୍ଧ(ବୁଟୁ ପାଲି)

ISSN NO.
2582-208X



# ଲୋକ ସଂସ୍କୃତିର ଅଗ୍ରଦୂତ, ମାଗୁଣି ଚରଣ କୁଅଁର!



ଅସିତ ମହାନ୍ତ

ମନୁଷ୍ୟ ଯେତେ ଆଧୁନିକତାର ଦ୍ୱାରା ଦେଶରେ ପହଁଚୁନା କାହିଁକି, ତାର ବିଗତ ଦିନକୁ ସେ କେବେ ଭୁଲି ପରିବା ନାହିଁ, କାରଣ ଆଜିର ଆଧୁନିକତା ପୁରାତନର ନିଅଁ ଉପରେ ବିକଶିତ ହୋଇ ଛିଡା ହୋଇଛି। ସେହି ପରି କଳା ଏକ ଏପରି ଅମୂଲ୍ୟ ଜିନିଷ, ଯାହାର ବିକାଶ ପାରିପାର୍ଶ୍ୱିକ ଅବସ୍ଥା ଆଧାରରେ ଧୀରେ ଧୀରେ ବିକଶିତ ହୋଇଛି ଏବଂ ମନୁଷ୍ୟ ମଧ୍ୟ ଏହା ମାଧ୍ୟମରେ ସେସବୁକୁ ଗ୍ରହଣ କରିଛି । ତେଣୁ ବିଧା ଯାହା କିଛି ହୋଇଥାଉ ନା କାହିଁକି ତାର ପୂର୍ବ ରୂପଟିକୁ ଭୁଲି ଗଲେ ଚାଲିବ ନାହିଁ । ଏହି ସନ୍ଦର୍ଭରେ ପ୍ରଖ୍ୟାତ କାଠି କଣ୍ଢେଇ କଳାକାର ମାଗୁଣି ଚରଣ କୁଅଁରଙ୍କ କଳାକୁ ଦେଖିବାକୁ ହେବ, ଯିଏ ସମ୍ପୂର୍ଣ୍ଣ ଜୀବନକୁ ଏହି କଳାଟିକୁ ବଞ୍ଚାଇ ରଖିବା ପାଇଁ ଜୀବନ ପର୍ଯ୍ୟନ୍ତ ଚେଷ୍ଟା କରିଯାଇଥିଲେ।

ଜଣାଶୁଣା କଥା କଣ୍ଢେଇ କଳାକାର ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ମାଗୁଣି ଚରଣ କୁଅଁରଙ୍କ ଗତ ଶନିବାର ଦିନ ଓଡିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତାଙ୍କ ବାସଭବନରେ ଦେହାନ୍ତ ହୋଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ୨୦୨୩ ମସିହାରେ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ଓଡ଼ିଶାର ପାରମ୍ପାରିକ ବାଡି କଣ୍ଢେଇ ନୃତ୍ୟର ପ୍ରଚାର ତଥା ପ୍ରସାର କରିବାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ଗୋଟିଏ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ୨୦୨୩ ମସିହାରେ ଓଡିଶାର ଚାରି ଜଣ

ISSN NO.
2582-208X

ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ମାଗୁଣି ଚରଣ କୁଅଁର । ସେ ୭୦ ବର୍ଷ ପର୍ଯ୍ୟନ୍ତ କଥା କଣ୍ଢେଇ ପ୍ରଦର୍ଶନ କରିଥିଲେ । ଯେତେବେଳେ ସେ ଏହି କଳାରେ ତାଲିମ ଆରମ୍ଭ କରିଥିଲେ ସେତେବେଳେ ମାଗୁଣୀଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା । ମକରଧ୍ୱଜ ବେହେରା ତାଙ୍କର ଗୁରୁ ଥିଲେ। ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ସେ ଏକ ସାଂସ୍କୃତିକ ଗୋଷ୍ଠୀ "ଉତ୍କଳ ବିଶ୍ୱକର୍ମା କରକୁଞ୍ଜ" ପ୍ରତିଷ୍ଠା କରିଥିଲେ। ସେ ମୁମ୍ବାଇ, ଗୁଆହାଟି, ଦିଲ୍ଲୀ, କୋଲକାତା, ସିକ୍କିମ, ମେଘାଳୟ, କୁଚ ବିହାର, ଭୋପାଳ, ବାଙ୍ଗାଲୋର ଏବଂ ଅଗରତାଲାରେ କଥା କଣ୍ଢେଇ ତିଆରି କରିଥିଲେ। ମାଗୁଣି କାଠ କଣ୍ଢେଇ ଚରିତ୍ର ପାଇଁ ସଂଳାପ ମଧ୍ୟ ଲେଖିଥିଲେ । ତାଙ୍କର ପରିଚୟ କେବଳ କାଠ କଣ୍ଢେଇରେ ସୀମିତ ନଥିଲା । ସେ ଏକ ମାଟି ଶିଳ୍ପୀ, ଚିତ୍ରକାର, କାଠ ଖୋଦନକାରୀ ଏବଂ ସଂଳାପ ଲେଖକ ଭାବରେ ମଧ୍ୟ ଜଣାଶୁଣା ଥିଲେ । ୧୯୩୭ ମସିହାରେ ଓଡ଼ିଶାର କେନ୍ଦୁଝର ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମାଗୁଣି ଚରଣ କୁଅଁର ପାରମ୍ପାରିକ କଥା କଣ୍ଢେଇ ପରିବାରର ଅଟନ୍ତି। ସେ ତାଙ୍କ ପିତା ଶ୍ରୀ ବୈଷ୍ଣବ ଚରଣ କୁଅଁରଙ୍କ ଦ୍ୱାରା ବାଡି କଣ୍ଢେଇ ନିୟୋଜିତ କରି କଣ୍ଢେଇ ନାଚ କଳାର ଆରମ୍ଭ କରିଥିଲେ। ସେ ପାରମ୍ପାରିକ ମୂର୍ତ୍ତି ଶିଳ୍ପୀ ଶ୍ରୀ ଭଗବାନ୍ ଜେନାଙ୍କଠାରୁ ମାଟି, ପଥର ଏବଂ କାଠରେ ମୂର୍ତ୍ତି ଶିଖିଥିଲେ। ଅନେକ ପାରମ୍ପାରିକ କାଠ କଣ୍ଢେଇ କଳକାରମାନଙ୍କ ପରି ସେ ମଧ୍ୟ ନିଜ ନିଜର କଣ୍ଢେଇ ମାନଙ୍କର ସୃଷ୍ଟିକର୍ତ୍ତା, ପୋଷାକର ଡିଜାଇନର୍ ଏବଂ ପ୍ରଦର୍ଶିତ ନାଟକଗୁଡ଼ିକର ବର୍ଣ୍ଣନାକାରୀ ମଧ୍ୟ ନିଜେ କରୁଥିଲେ । ତାଙ୍କର କଳା ପ୍ରଚାର ପାଇଁ ଶ୍ରୀ କୁଅଁର ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଶିବିର ଏବଂ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ଏହି କାର୍ଯ୍ୟକୁ ଭାରତ ତଥା ବିଦେଶର ବିଭିନ୍ନ ଏଜେନ୍ସି ଦ୍ୱାରା ଦଲିଲ କରାଯାଇଛି। ଅନ୍ୟାନ୍ୟ ସମ୍ମାନ ମଧ୍ୟରେ ଶ୍ରୀ କୁଅଁର ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ପୁରସ୍କାର ଗ୍ରହଣ କରିଥିଲେ। କାଠ କଣ୍ଢେଇ ହେଉଛି କଳା ଏବଂ କାହାଣୀର ଏକ ରୂପ, ଯାହା ଦର୍ଶକଙ୍କୁ କାହାଣୀ, ଧାରଣା, ଏବଂ ଭାବନା ପହଞ୍ଚାଇବା ପାଇଁ କାଠ ନିର୍ମିତ କଣ୍ଢେଇ ମାନଙ୍କୁ ନିୟୋଜିତ କରିଥାଏ । କାଠ କଣ୍ଢେଇ କଳାର ଉଦ୍ଦେଶ୍ୟ ବହୁମୁଖୀ । ଏହା

ISSN NO.
2582-208X

ମନୋରଞ୍ଜନ, ଶିକ୍ଷା, ସାଂସ୍କୃତିକ ସଂରକ୍ଷଣ ଏବଂ ସାମାଜିକ ମନ୍ତବ୍ୟର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ । କଣ୍ଢେଇ ମାନଙ୍କର ଗତିବିଧି ଏବଂ ଅଭିବ୍ୟକ୍ତି ମାଧ୍ୟମରେ, କଣ୍ଢେଇ ମାନେ ଜଟିଳ ଥିମ୍ ଏବଂ ବାର୍ତ୍ତା ଯୋଗାଯୋଗ କରନ୍ତି । କାଠ କଣ୍ଢେଇ କାହାଣୀ, ପୁରାଣ, ପରମ୍ପରା, ଏବଂ ସମସାମୟିକ ପ୍ରସଙ୍ଗଗୁଡିକ ପ୍ରକାଶ କରିବାର ଅମୋଘ କ୍ଷମତା ରହିଛି , ପ୍ରାୟତଃ ଏକ ସୃଜନଶୀଳ ଏବଂ ଆକର୍ଷଣୀୟ ଢଙ୍ଗରେ । ଯାହାକୁ ସାଧାରଣତଃ ଗ୍ରାମୀଣ କ୍ଷେତ୍ରର ଦର୍ଶକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥାଏ । କାଠ କଣ୍ଢେଇ ବ୍ୟବହାର କରି, କଣ୍ଢେଇ କଳାକାରମାନେ ପ୍ରସଙ୍ଗଗୁଡିକ ଅନୁସନ୍ଧାନ କରିପାରିବେ ଯାହା ଚ୍ୟାଲେଞ୍ଜ କିମ୍ବା ସମ୍ବେଦନଶୀଳ ହୋଇପାରେ ଯାହା ଦର୍ଶକଙ୍କ ଧ୍ୟାନକୁ ଆକର୍ଷିତ କରିଥାଏ ଏବଂ ବୁଝିବାରେ ସହଜ କରିଥାଏ । ସାମଗ୍ରିକ ଭାବରେ, କଣ୍ଢେଇ କଳା ଦର୍ଶକମାନଙ୍କ ମଧ୍ୟରେ ଯୋଗାଯୋଗ, ମନୋରଞ୍ଜନ ଏବଂ ଭାବନା ସୃଷ୍ଟି କରିବାର ଏକ ଅନନ୍ୟ ଏବଂ କଳ୍ପନାକାରୀ ଉପାୟ ପାଇଁ ଅନୁମତି ଦିଏ । ବିଭିନ୍ନ କାରଣରୁ କାଠ କଣ୍ଢେଇ କଳା ମନୋରଞ୍ଜନ ଏବଂ କାହାଣୀର ଏକ ଲୋକପ୍ରିୟ ରୂପ ଅଟେ ।

ପ୍ରାଚୀନ କାଳରେ, କଣ୍ଢେଇ ନାଚ ଦର୍ଶକମାନଙ୍କୁ କାହାଣୀ, ପୁରାଣ ଏବଂ ନୈତିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଜୀବନ୍ତ ଏବଂ ଆକର୍ଷଣୀୟ ଉପାୟ ପ୍ରଦାନ କରିଥିଲା, ଯେଉଁଥିରେ ଅଶିକ୍ଷିତ ବ୍ୟକ୍ତିମାନେ ପଢିପାରୁନଥିଲେ । ଧାର୍ମିକ ରୀତିନୀତି ପ୍ରଣୟନ କରିବା, ପ୍ରେକ୍ଷାଳୟରେ ଅଭିନୟ କରିବା ଏବଂ ପର୍ବ ଓ ମେଳାରେ ଭିଡ଼ ଜମାଇବା ପାଇଁ କାଠ କଣ୍ଢେଇ ମାନେ ବ୍ୟବହୃତ ହେଉଥିଲେ । ସେମାନେ ଅଲୌକିକ ପ୍ରାଣୀ, ମଣିଷ ଏବଂ ଚମତ୍କାର ଜୀବକୁ ପ୍ରତିନିଧିତ୍ୱ କରିପାରନ୍ତି, ପ୍ରଦର୍ଶନରେ ଏକ ଯାଦୁକରୀ ଉପାଦାନ ଯୋଗ କରି । ଅତିରିକ୍ତ ଭାବରେ, କାଠ କଣ୍ଢେଇ ଲାଇଭ୍ ଅଭିନେତାମାନଙ୍କ ଅପେକ୍ଷା ଅଧିକ ପୋର୍ଟେବଲ୍ ଏବଂ ଷ୍ଟେଜ୍ କରିବା ସହଜ ଥିଲା, ଯାହା ସେମାନଙ୍କୁ ବିଭିନ୍ନ ସେଟିଂରେ ଏବଂ ବିଭିନ୍ନ ଦର୍ଶକଙ୍କ ପାଇଁ ଉପଲବ୍ଧ କରାଇଥାଏ । ପପୁଟ୍ ମଧ୍ୟ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଅନୁମତି ଦେଲା, କାଠ କଣ୍ଢେଇ ଅସାଧାରଣ ଉପାୟରେ ଚରିତ୍ରଗୁଡିକୁ ନିୟନ୍ତ୍ରଣ କରିବାରେ

ISSN NO.
2582-208X

ସକ୍ଷମ କରେ, ଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ କଳ୍ପନାକାରୀ ଅନୁଭୂତି ସୃଷ୍ଟି କରେ ।

କଣ୍ଢେଇ ନାଚ ଭାରତର ସବୁଠାରୁ ଜୀବନ୍ତ ଏବଂ ଦୀର୍ଘସ୍ଥାୟୀ ନାଟ୍ୟ ରୂପରେ ଅନ୍ୟତମ । ମନୁଷ୍ୟର ଇଚ୍ଛା ଏବଂ ଆତ୍ମା ଦ୍ୱାରା ଜୀବନ ଦିଆଯାଇଥିବା ଯେକୌଣସି ଜୀବକୁ ଏକ କଣ୍ଢେଇ ପରିଭାଷିତ କରାଯାଇପାରେ ଏବଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟଟି କଣ୍ଢେଇ ନାଚ ଭାବରେ ଜଣାଶୁଣା । ଏହିପରି, ସେଠାରେ ଯୁଗ୍ମ ସ୍ତରର କାର୍ଯ୍ୟଦକ୍ଷତା ଅଛି ଯେଉଁଠାରେ କଣ୍ଢେଇଟି ପ୍ରଥମେ ଭୂମିକା ନିର୍ବାହ କରିବାକୁ ସଂକଳ୍ପବଦ୍ଧ ଏବଂ ଆଭ୍ୟନ୍ତରୀଣ କରିଥାଏ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ "ଅଜ୍ଞାତ" କଣ୍ଢେଇ ମାନଙ୍କ ଉପରେ ସ୍ଥାନାନ୍ତର କରିଥାଏ । ଏହିପରି, ଦର୍ଶକମାନେ ଏକ ଦ୍ୱୟୀତ୍ୱ ଉପସ୍ଥିତିର ସମ୍ମୁଖୀନ ହୁଅନ୍ତି - "ସର୍ବ ଭୁତ କାଠ କଣ୍ଢେଇ / ମାଷ୍ଟର ଅଭିନେତା "ଆନିମେଟେଡ୍" କଣ୍ଢେଇ ମାନଙ୍କ ସହିତ ସ୍ଥାନ ବାଣ୍ଟିଥାଏ ଯାହା କଣ୍ଢେଇ ନାଚ କଳାକାରଙ୍କ ହାତରେ ଖେଳେ । କଳାକାରର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, କଣ୍ଢେଇ ଗୁଡିକୁ ଏକ ଭିନ୍ନ ଚରିତ୍ରରେ ପରିଣତ କରିବା ଦିଗରେ କେବଳ "ଚିତ୍ର" ହେବା । ଏଥିପାଇଁ କଳାକାର ବିଭିନ୍ନ କୌଶଳ ଏବଂ ଚରିତ୍ରର ଚାହିଦା ଅନୁଯାୟୀ ବିଭିନ୍ନ ପ୍ରକାରର କଣ୍ଢେଇ ଫର୍ମ ପ୍ରୟୋଗ କରେ । ଭାରତର କାଠ କଣ୍ଢେଇ କଳାକାରମାନେ ସେମାନଙ୍କର ସାମଗ୍ରୀକୁ ନିଜ ପରମ୍ପରାରୁ ବାହାର କରନ୍ତି ଏବଂ କଣ୍ଢେଇ ମାନଙ୍କର ରୂପ ଏବଂ କାର୍ଯ୍ୟକାରିତାକୁ ପରିବର୍ତ୍ତନ କରିବା ପାଇଁ ସେମାନଙ୍କର ସୃଜନଶୀଳତାକୁ ମଧ୍ୟ ପ୍ରୟୋଗ କରନ୍ତି । କଣ୍ଢେଇ ଗୁଡିକୁ ମଞ୍ଚରେ ଜୀବନ୍ତ କରିବା ପାଇଁ ସୃଜନଶୀଳତା ଅତ୍ୟନ୍ତ ଆବଶ୍ୟକ । ଅବଶ୍ୟ, କଣ୍ଢେଇ ବହନ କରୁଥିବା ଏବଂ ବ୍ୟବହାର କରୁଥିବା ପରମ୍ପରା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ଭାରତରେ ପ୍ରଦର୍ଶିତ ହେଉଥିବା କାହାଣୀଗୁଡିକ ହିରୋ ଏବଂ କିମ୍ବଦନ୍ତୀ ଏବଂ ରାମାୟଣ ଏବଂ ମହାଭାରତ ପରି ଉପନ୍ୟାସର ପୁନଃ ଉଦ୍ଭାବନ ଠାରୁ ଆରମ୍ଭ କରି ମାଗୁଣି କୁଅଁର ତାଙ୍କ ଜୀବନ କାଳରେ ସମାନ କାମ କରିଥିଲେ । ଅନ୍ୟ ଅର୍ଥରେ, ସେ ଏକ ମହାନ ଲୋକ ସଂସ୍କୃତିକୁ ଜୀବନ୍ତ ରଖିଥିଲେ ।

ISSN NO.
2582-208X

ତାଙ୍କର ଏହି ମହାନ କାର୍ଯ୍ୟ ଭାରତୀୟ କଳା ସଂସ୍କୃତିରେ ସବୁଦିନ ପାଇଁ ରେକର୍ଡ ହୋଇ ରହିବ । ଏହା ଏକ ଗର୍ବର ବିଷୟ ଯେ ଓଡିଶାର ଏହି ବ୍ୟକ୍ତିତ୍ୱ ଏକ ମହାନ କଳାକୁ ଜୀବନ୍ତ ରଖିବାରେ ଉଚ୍ଚକୋଟୀ ର କାର୍ଯ୍ୟ ନିର୍ବାହ କରିଯାଇଛନ୍ତି । ଓଡ଼ିଶାର ପୁରାତନ ସଂସ୍କୃତିକୁ କଣ୍ଢେଇ ନାଚ ମାଧ୍ୟମରେ ଜନ ମାନସରେ ଜୀବନ୍ତ କରିବାର ଯେଉଁ ପ୍ରଚେଷ୍ଟା ସେ କରିଯାଇଛନ୍ତି, ତାହା ଓଡିଶା ତଥା ଭାରତର ଜନତାଙ୍କ ହୃଦୟରେ ସର୍ବଦା ରହିବ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୧୨

ISSN NO.
2582-208X

# ସଂପର୍କ



ଯଜ୍ଞଦତ୍ତ ସାମନ୍ତରାୟ

ଏବେ
ସଂପର୍କ ଯୋଡିବାକୁ
ଆଉ ଭଲ ଲାଗୁନି
ଏମିତିକି
ଡର ବି ଲାଗୁଛି ।
ହଁ,
କିଛି ସ୍ୱାର୍ଥୀ
ସ୍ୱାର୍ଥ ହାସଲ ପରେ
ସ୍ୱୀୟ ସ୍ମାର୍ଟ ପଣରେ
ସଂପର୍କର ମୂଲ୍ୟକୁ
କଦର୍ଥ କରି
ଆକ୍ଷେପ, ଆଘାତ
ଦେବାକୁ ପଛାନ୍ତି ନାହିଁ ।
ସଂପର୍କ
ସେଇମାନଙ୍କ ସହିତ
ଯୋଡିବା ଉଚିତ
ଯେଉଁମାନେ ତାର
ଠିକ୍ ମୂଲ୍ୟ ବୁଝନ୍ତି ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୯୨

ISSN NO.
2582-208X

# କୃଷକ ଆମ ବନ୍ଧୁ



ଅଭୟ କୁଣ୍ଡ

ସେ ମାଟିର ମଣିଷ ମାଟିରେ ଯାଏ ମିଶି
ମାଟିକୁ ସିଏ ଚନ୍ଦନ ଭାବି
କ୍ଷେତରେ ଯାଏ ମଜ୍ଜି ।
ହଳ ଲଙ୍ଗଳ କାଙ୍କ କୋଦାଳ
ଏସବୁ ତାର ସାଥି,
ନ ଡରେ ବର୍ଷା ଶୀତ କାକର
ଡରେନା କେବେ ତାତି ।

ବନ୍ୟା ବାତ୍ୟା ମରୁଡି ମଧ୍ୟେ
କଷୁଥାଏ ସେ ଜୀବନ ଅଙ୍କ
ପେଶାରେ ନିଶାରେ ବୃତ୍ତିରେ ସଦା
ସେ ବୋଲାଏ ମୁଁ କୃଷକ ।

ନିଜ ରକତ ପାଣି କରି ସେ
କ୍ଷେତରେ ଖଟୁଥାଏ,
ନିଜ ଝାଳକୁ ତୁଣ୍ଡରେ ମାରି
ସଦା ସେ ହସୁଥାଏ ।

ISSN NO.
2582-208X

ଛିଣ୍ଡା ଧୋତିଟେ ଛିଣ୍ଡା ଗାମୁଛା
ବନ୍ଧୁ ତାହାର ସାଜେ,
ଗାମୁଛାକୁ ସେ ମୁଣ୍ଡରେ ଭିଡି
କ୍ଷେତ କାମରେ ମଜ୍ଜେ ।

ନିଜେ କାନ୍ଦେ ସେ ଅନ୍ୟ ଦୁଃଖରେ
ଅନ୍ୟକୁ ଦିଏ ହସ,
ମାଟିର ବକ୍ଷ ଚିରି ଫଳାଏ ସିଏ
ନାନାଦି ନାନା ଶସ୍ୟ ।

ଧନ ତାହାର ନ ଥାଏ ହେଲେ
ମନ ତାହାର ବଡ,
ଦୁନିଆକୁ ସେ ଯୋଗାଇ ଖାଦ୍ୟ
ଦୁନିଆଁରେ ସେ ବଡ ।

ଅଭାବ ତାର ସମସ୍ୟା ହେଲେ
ଖୋଲେନା କେବେ ତୁଣ୍ଡ,
ଶ୍ରମ କରି ସେ ଜୀବନ ଦିଏ
ସାଜି ସେ ମେରୁଦଣ୍ଡ ।

ସେ ଅର୍ଣ୍ଣଦାତା ସେ ଜୀବନଦାତା
ସେ ପରା ଆମ ବନ୍ଧୁ,
ଦିଅରେ ତାକୁ ସାହସ ଶକ୍ତି
ଅପାର ସ୍ନେହର ସିନ୍ଧୁ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ଅନୁଗୋଳ

ISSN NO.
2582-208X

# ରଜ ଦୋଳି



ଆକୁଳାନନ୍ଦ ପୃଷ୍ଟି

ଆମ ମାଟି ପାଣି    ପବନକୁ ନେଇ
ଆମ ସଂସ୍କୃତି ସମୃଦ୍ଧ
ସେହି ସଂସ୍କୃତିର    ଉଜ୍ଜ୍ୱଳ ଦୃଷ୍ଟାନ୍ତ
ରଜ ପର୍ବ ଆମ ଗର୍ବ ।

ଆଦ୍ୟ ଆଷାଢ଼ରେ    ବରଷକୁ ଥରେ
ଓଡ଼ିଆ ପାଳନ୍ତି ରଜ
ପୋଡ଼ ପିଠା ଖାଇ    ଖୁସିରେ ଗାଆନ୍ତି
ବନସ୍ତେ ଡାକିଲା ଗଜ ।

ବୃକ୍ଷ ଲତା ଶୂନ୍ୟ    ହେଲାଣି ଅରଣ୍ୟ
ଚାରିଆଡେ କୋଠାବାଡ଼ି
ଖାଦ୍ୟ ପାଇଁ ଗଜ    କ୍ଷେତ ଉଜାଡନ୍ତି
ହାତୀ ବଂଶ ଯିବ ବୁଡି ।

ବାଡି ବଗିଚାରେ    ପାଚୁଥିଲା ଆମ୍ବ
ପଣସ ସପୁରୀ ଜାମୁ
ଖଜୁରୀ କଦଳୀ    ପିଠା ମିଠା ଧରି
ଆସୁଥିଲେ ଅଜା ମାମୁଁ ।

ISSN NO.
2582-208X

ଜନ ବସତିରେ     ବୃକ୍ଷ ସବୁ ଥିଲା
ଲାଗୁଥିଲା ରଜ ଦୋଳି
ଦୋଳି ଖେଳୁଥିଲେ     ଗୀତ ଗାଉଥିଲେ
ପୁଅ ଝିଅ ସବୁ ମିଳି     ।

ଗଛ ଦେଲେ କାଟି     କାଠ ନେଲେ ଲୁଟି
ବନେ ଲଗାଇଲେ ନିଆଁ
ଦିନ ଅବା ରାତି     ଡହ ଡହ ତାତି
ବହୁଛି ତତଲା ବାଆ     ।

ଗାଁ ରୁ ସହର     କଂକ୍ରିଟ ଜଙ୍ଗଲ
ଛାତରେ ଲାଗୁଛି ଦୋଳି
ପୋଡ଼ ପିଠା ସ୍ଥାନ     କେକ୍ ନେଲାଣି
ଖାଇବା ଠୁ ବେଶି
ମୁହଁରେ ହୁଅନ୍ତି ବୋଳି     ।

ପରିବେଶ ଯଦି     ପ୍ରତିକୂଳ ହେବ
କିପରି ଜମିବ ରଜ
ବୃକ୍ଷଲତା ହୀନ     ଗାଁ ସହରକୁ
କାହିଁକି ଆସିବେ ଗଜ     ?

ସବୁଜ ବଳୟ     ରୋକିବ ପ୍ରଳୟ
ଜଙ୍ଗଲ ନ ହେଉ ନଷ୍ଟ
ଦୋଳିରେ ଝୁଲିବା     ସରାଗେ ଗାଇବା
ରଜ ଦୋଳି କଟ କଟ     ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X

# ଝଡ଼, ବିଜୁଳି ଓ ଘଡ଼ଘଡ଼ି କବଳରେ ଶନି



ଡକ୍ଟର କମଳାକାନ୍ତ ଜେନା

ଆମେ ପୃଥିବୀ ଗ୍ରହରେ ରହୁ । ଏଠାରେ ବର୍ଷା ଦିନେ ବିଜୁଳି ଘଡଘଡି ମାରିବା ସାଧାରଣ କଥା । ପୃଥିବୀର ସବୁଠି ଏକାବେଳେ ବର୍ଷାଋତୁ ହୁଏ ନାହିଁ। ଯଉଁ ଅଂଚଳରେ ବର୍ଷାଋତୁ ଆରମ୍ଭ ହୁଏ, ସେଠାରେ ବିଜୁଳି ଘଡଘଡି ଆରମ୍ଭ ହୁଏ । ପୃଥିବୀରେ ପ୍ରତି ସେକେଣ୍ଡରେ ପ୍ରାୟ ୮୦ ରୁ ୧୦୦ ଥର ବିଜୁଳି ମାରିଥାଏ ପୃଥିବୀ ଗ୍ରହର ବାୟୁମଣ୍ଡଳ ପାଇଁ ଏହା ସମ୍ଭବ। ପୃଥିବୀର ବାୟୁମଣ୍ଡଳ ନଥିଲେ ବାଦଲ ନଥାନ୍ତା କିମ୍ବା ବିଜୁଳି-ଘଡଘଡି ହୁଅନ୍ତା ନାହିଁ। ଆମ ସୌରଜଗତରେ ସୂର୍ଯ୍ୟ ଚାରିପଟେ ପୃଥିବୀକୁ ଛାଡି ଆହୁରି ସାତଟା ଗ୍ରହ ବୁଲୁଛନ୍ତି ସବୁ ଗ୍ରହରେ ଅଳ୍ପ-ବହୁତ ବାୟୁମଣ୍ଡଳ ରହିଛି ବୃହସ୍ପତି ସବୁଠାରୁ ବଡ ଗ୍ରହ ତା' ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି ଶନିଗ୍ରହ । ଏହା ଆମକୁ ଈଷତ୍ ହଳଦିଆ ରଙ୍ଗର ଉଜ୍ଜ୍ୱଳ ତାରା ରୂପରେ ଦେଖାଯାଏ । ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଶନିଗ୍ରହର କେତେକ ବଳୟକୁ ମଧ୍ୟ ଦେଖିହେବ। ପୃଥିବୀ ହେଉଛି କଠିନ ପଥୁରିଆ ଗ୍ରହ, କିନ୍ତୁ ଶନିଗ୍ରହ ଘନବାଷ୍ପର ଏକ ପେଣ୍ଡୁ । ଏଥିରେ ଉଦଜାନ ଓ ହିଲିୟମ୍ ବାଷ୍ପ ରହିଛି ଶନିଗ୍ରହର ଘନ ବାୟୁମଣ୍ଡଳ ରହିଛି ବାୟୁମଣ୍ଡଳର ତାପମାତ୍ରା କମ୍ । ତେଣୁ ବାଷ୍ପଗୁଡିକ ବାଦଲ ଓ କୁହୁଡି ରୂପରେ ରହିଛି। ଶନିଗ୍ରହ ନିଜର ଅକ୍ଷ ଚାରିପଟେ ନଟୁ ପରି ବୁଲୁଛି ଶନିଗ୍ରହ ସହିତ ଏହାର ବାୟୁମଣ୍ଡଳ ବି ବୁଲୁଛି ବାୟୁମଣ୍ଡଳରେ ଝଡ ପରି ଏହାର ବାଦଲ ବୁଲୁଛି, ଯାହାର ବେଗ ଘଂଟା ପ୍ରତି ୧,୭୦୦ କିଲୋମିଟର ହେବ ତେଣୁ ତାକୁ ଆମେ ସକ୍ରିୟ-ବାୟୁମଣ୍ଡଳ

ISSN NO.
2582-208X

ବୋଲି କହୁ । ସେହି ବାୟୁମଣ୍ଡଳରେ ଭୟଙ୍କର ବିଜୁଳି ଓ ପ୍ରଚଣ୍ଡ ଘଡଘଡି ସୃଷ୍ଟି ହୁଏ । ଶନିଗ୍ରହରେ ହେଉଥିବା ବିଜୁଳି ତୁଳନାରେ ଆମ ପୃଥିବୀର ବିଜୁଳି କିଛି ନୁହେଁ ଆମ ବାୟୁମଣ୍ଡଳରେ ବିଜୁଳି ଓ ଘଡଘଡି ସହିତ ଝଡ ସୃଷ୍ଟି ହେଲେ ମାତ୍ର ୧୦-୧୫ ମିନିଟ୍ ପରେ ଝଡ ଥମିଯାଏ କିନ୍ତୁ ଶନିଗ୍ରହର ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ବିଜୁଳି ଓ ଘଡଘଡିର ଝଡ ଦିନ ଦିନ ମାସ ମାସ ଧରି ଚାଲିଥାଏ । ପୃଥିବୀରେ ସବୁଠାରୁଭୟଙ୍କର ବିଜୁଳି ତୁଳନାରେ ଶନିଗ୍ରହର କେତେକ ବିଜୁଳି ୧୦,୦୦୦ ଗୁଣ ଅଧିକ ଭୟଙ୍କର ଓ ଅଧିକ ଉଜ୍ଜ୍ୱଳ ଶନିଗ୍ରହର ଝଡ ମଧ୍ୟ ଆମର ଝଡ ତୁଳନାରେ ଅନେକ ଶକ୍ତିଶାଳୀ ଓ ଭୟଙ୍କର । ସେଠାରେ ଗୋଟିଏ ଗୋଟିଏ ଝଡର ଲମ୍ବ ୩୦୦୦ କିଲୋମିଟର ହେବ । ଶନିଗ୍ରହର ଭୟଙ୍କର ବିଜୁଳି, ଘଡଘଡି ଓ ଝଡ଼ ବିଷୟରେ ଖବର "କାସିନି" ମହାକାଶଯାନ ଦେଇଥିଲା । ଏହି ମହାକାଶଯାନକୁ ୧୯୯୭ ମସିହା ଅକ୍ଟୋବର ୧୫ ତାରିଖରେ ପଠାଯାଇଥିଲା ଶନିଗ୍ରହର ବାୟୁମଣ୍ଡଳ, ବଳୟ ଓ ଉପଗ୍ରହ ବିଷୟରେ ଗବେଷଣା କରିବା ପାଇଁ । ଏହା ୨୦୦୪ ମସିହା ଜୁନ ୩୦ ତାରିଖ ରାତିରେ ସେଠାରେ ପହଂଚି ଶନିଗ୍ରହକୁ ପରିକ୍ରମା କରିବା ଆରମ୍ଭ କରିଥିଲା । ୨୦୧୧ ମସିହା ମାର୍ଚ୍ଚ ୬ ତାରିଖରେ କାସିନି ଉଠାଇଥିବା ଫଟୋରେ ନୂଆ କଥା ଦେଖିବାକୁ ମିଳିଥିଲା । କାସିନିଠାରୁ ମିଳିଥିବା ଫଟୋଗୁଡିକର ଅନୁଶୀଳନ କରୁ କରୁ ୨୦୧୨ ମସିହା ଜୁଲାଇ ମାସରେ ଏହି ବିଷୟରେ ଜଣାପଡିଲା ସେହି ଫଟୋରେ ବାଦଲ ଉପରେ ନୀଳରଙ୍ଗର ବିଜୁଳି ଦେଖିବାକୁ ମିଳିଥିଲା । ଶନିଗ୍ରହରେ ସୃଷ୍ଟି ହୋଇଥିବା ଭୟଙ୍କର ବିଜୁଳିର ତାହା ଥିଲା ପ୍ରଥମ ଫଟୋ ।

"କାସିନି" ମହାକାଶଯାନ ଦିନ ବେଳେ ବିଜୁଳିର ଫଟୋଗୁଡିକୁ ଉଠେଇଥିଲା । ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ବିଜୁଳିର ଫଟୋ ଉଠାଇବା ସହଜ ନୁହେଁ । ତେଣୁ ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ବାଦଲ ଉପରେଯଉଁ ବିଜୁଳିଧାରାର ଫଟୋ ଉଠିପାରୁଛି, ତାହା ସାଧାରଣ ବିଜୁଳି ନୁହେଁ ସୂର୍ଯ୍ୟର କିରଣଠାରୁ ସେହି ବିଜୁଳି ଆହୁରି ଉଜ୍ଜ୍ୱଳ । ଆମ ବାଦଲରେ ସୃଷ୍ଟି ହେଉଥିବା ଅତି ମାରାତ୍ମକ ବିଜୁଳିଠାରୁ ବି ଶନିଗ୍ରହର ସେହି ବିଜୁଳି ଆହୁରି ଭୟଙ୍କର । ବାଦଲ ଉପରେ ସେହି ଗୋଲାକାର ବିଜୁଳିର ବ୍ୟାସାର୍ଦ୍ଧ ଥିଲା ପ୍ରାୟ ୨୦୦ କିଲୋମିଟର ।

ISSN NO.
2582-208X

ଯାହାକି ବାଲେଶ୍ୱର-ଭୁବନେଶ୍ୱର ଦୂରତା ସହିତ ସମାନ ଏତେ ବଡ଼ ବିଜୁଳିର ଶକ୍ତି ମଧ୍ୟ ଖୁବ୍ ଅଧିକ ଥିଲା । ଯେମିତି ଉଚ୍ଚତାକୁ 'ମିଟର' ବା 'ଫୁଟ' ଏକକରେ ମପାଯାଏ, ସେମିତି ଶକ୍ତିକୁ 'ଜୁଲ୍' ଏକକରେ ମପାଯାଏ । ସେହି ବିଜୁଳି ସମୟରେ ୩୦୦ କୋଟି ଜୁଲ ଶକ୍ତି ନିର୍ଗତ ହୋଇଥିଲା ଏତିକି ଶକ୍ତିରେ ୧୦ ଓାଟ୍ କ୍ଷମତାର ୩୦ କୋଟି ଏଲ୍.ଇ.ଡି. ବଲ୍ବ ଜଳିପାରିବ । ବାଦଲର ତଳ ଅଂଚଳରୁ ସେହି ଭୟଙ୍କର ବିଜୁଳିର ଧାରା ଆରମ୍ଭ ହୋଇଥିଲା । ଯେତେବେଳେ ଅନେକ ବିଜୁଳିଝଡ ଏକାବେଳେ ଶନିଗ୍ରହକୁ ପରିକ୍ରମା କରନ୍ତି, ସେତେବେଳେ ଏକାଧିକ ବିଜୁଳିର ଧାରା ଏକାବେଳେ ଦେଖାଯାଏ ସେହି ସମୟରେ ଶନିଗ୍ରହର ବାୟୁମଣ୍ଡଳ କେତେ ଭୟଙ୍କର ହେଉନଥିବ ?

ଆମ ସୌରଜଗତରେ ଯେତେ ଗ୍ରହ ଉପଗ୍ରହ ଅଛନ୍ତି, ଆମେ ରହିବା ପାଇଁ ସବୁଠାରୁ ଭଲ ଜାଗା ହେଉଛି ପୃଥିବୀ । ଆମେ କିନ୍ତୁ ପୃଥିବୀକୁ ଭଲ ନପାଇ ଅନ୍ୟ ଗ୍ରହ ଉପଗ୍ରହକୁ ବେଶୀ ଭଲ ପାଉଛୁ । ଅନ୍ୟ ଗ୍ରହରେ ରହିବା ପାଇଁ ମନ କରିଛୁ । ଆମେ କିନ୍ତୁ ଅନ୍ୟ ଗ୍ରହକୁ ନଯାଇ ଏଇ ପୃଥିବୀରେ ରହିବା ଉଚିତ । ପୃଥିବୀର ବାୟୁ-ପାଣି-ମାଟି-ଆକାଶକୁ (ବା-ପା-ମା-ଆ) ପ୍ରଦୂଷିତ ନକରି ସୁସ୍ଥ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ । ସମସ୍ତେ ପୃଥିବୀକୁ ଭଲ ପାଇଲେ ଆମ ପୃଥିବୀ ସ୍ୱର୍ଗଠାରୁ ବି ସୁନ୍ଦର ଦିଶିବ ।

. . .

ଓ.ଇ.ଏସ୍.-୧, ବିଜ୍ଞାନ ବିଶେଷଜ୍ଞ
(ଓଡ଼ିଶା ବିଜ୍ଞାନ ଏକାଡେମୀ), ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ,
ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ,
ଭଦ୍ରକ/ଫୋନ୍-୯୪୩୯୫୦୧୬୫୧

ISSN NO.
2582-208X

# ମାଆ



ରାଜକିଶୋର ସ୍ୱାଇଁ

ଦୀପର ସଳିତା ହୋଇ ଯେ ଜଳି ଦିଏ ଆଲୋକ
ସ୍ନେହ ଶ୍ରଦ୍ଧା ପ୍ରେମ ଦେଇ ଯେ ପ୍ରାଣେ ଭରେ ପୁଲକ
ଆପଦେ ବିପଦେ ଜୀବନେ ଯିଏ ହୁଅଇ ସାହା
ଛୋଟରୁ ଯେ ବଡ କରଇ ତାର ନାଆଁଟି ମାଆ ।୧ ।

ଭଳି ଭଳି ଚିଜ ଖୁଆଏ ନିଜେ ଅଳପ ଖାଇ
ଭୋକ ଉପାସ ଯେ ଭୁଲଇ ନିଜ ସନ୍ତାନ ପାଇଁ
ସବୁବେଳେ ଯିଏ କୁହଇ ମୁଁ ତା ସୁଖ ପସରା
ମୋ ଆଖିରେ ଦିନେ ଦେଖିବ ସିଏ ଦୁନିଆଁ ପରା ।୨ ।

ନାନା ବାୟା ଗୀତ ଗାଇ ଯେ ନିଦେ ଶୁଆଇ ଦିଏ
ରୋଗରେ ପଡିଲେ ପାଖରେ ବସି ଆଉଁସୁଥାଏ
ହାତ ଧରି ଯିଏ ଶୁଖାଏ ଚାଲିବାକୁ ସଂସାରେ
ସୁଝିପାରିବ କେ ତା ଋଣ କୁହ ଏ ଜନମରେ ।୩ ।

ISSN NO.
2582-208X

ଆସୁ ଯେତେ ଦୁଃଖ ବେଦନା ଏକା ବୁଝଇ ମାଆ
ଅତି ନିଜର ତୁ ଜନନୀ ଅପାଶୋରା ତୋ ନାଆଁ
ତୋ ଆଶୀର୍ବାଦରୁ ମିଳଇ ସବୁ ସୁଖ ସମ୍ପଦ
ଅବହେଳା କଲେ ତୋ ପ୍ରତି ମାଡି ଆସେ ବିପଦ ।୪।

ସେଥିପାଇଁ ତୋତେ ମିଳିଛି ଜଗତେ ଶ୍ରେଷ୍ଠ ସ୍ଥାନ
ଦୁନିଆଁକୁ ନିୟତିର ତୁ ଅମୂଲ୍ୟ ବରଦାନ
ତୋର ସେବା କରି ନିଜକୁ ମୁହିଁ ମଣିବି ଧନ୍ୟ
ତୋ ପାଦ ଧୂଳିକୁ କରିବି ଲଲାଟରେ ଚନ୍ଦନ ।୫।

ତ୍ୟାଗ ମମତାର ଢାଳୁଛୁ ପିୟୁଷ ଅବିରତ
ସରଗଠୁଁ ବଡ ଜନନୀ ତୋ ପାଦେ ପ୍ରଣିପାତ
ତୋ ଆଶିଷ ସଦା ଝରୁ ମୋ ଜୀବନ ଚଲାପଥେ
ଦୋଷାଦୋଷ କ୍ଷମା କରି ଦେ ଦୟା ବହି ତୋ ଚିତ୍ତ ।୬।

ତୋ ସ୍ଥାନକୁ କେହି ପୂରଣ କରି ପାରିବେ ନାହିଁ
ମାଆ ନାହିଁ ଯାର ଜଗତେ ନାହିଁ ତୋ ସାହା କେହି
ଏ ସବୁ କଥାକୁ ହେଜ ହେ ମୋର ଭାଇ ଭଉଣୀ
ପୃଥିବୀ ଠୁଁ ସହନଶୀଳ ଦୟାମୟୀ ଜନନୀ ।୭।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଆସିଛି ବରଷା



ଜନ୍ମଜୟ ନାୟକ

ଜଳ ବିହୁନେ ନିଦାଘରେ,
ସଭିଏଁ ଥିଲେ ସନ୍ତାପରେ ।

ବୈଶାଖ ତାପ ଗଲା ରୁଷି,
ବରଷା ଯାଉଛି ବରଷି ।

ଗ୍ରୀଷମ ନେଇଛି ମେଲାଣି,
ଖୁସିରେ ହସୁଛି ଧରଣୀ ।

ଆକାଶୁ ଝରେ ବାରିଧାରା,
ପ୍ରକୃତି ସବୁଜିମା ଭରା ।

ଜଳ ଲଭିଣ ସର୍ବପ୍ରାଣୀ,
ବରଷା ପାଶେ ହେଲେ ଋଣୀ ।

ISSN NO.
2582-208X

କୃଷକ ଭିଜି ବରଷାରେ,
ଖୁସିରେ ଚାଷକାମ କରେ।

ଶିଶୁଙ୍କ ଖୁସିର ଆସର,
ଭସାନ୍ତି ନାଆ କାଗଜର।

ବରଷା ପାଣି ଝରୁଥାଇ,
ଖୁସିରେ ମୟୂରୀ ନାଚଇ।

ବେଙ୍ଗୁଲୀ ସାରୁବୁଦା ମୂଳେ,
ରହି ରହିଣ ରଡି କରେ।

ବିଜୁଳି ସାଥେ ଘଡଘଡି,
ଜଳ ବହୁଳେ ନଇବଢି।

ବରଷା ତ ମଙ୍ଗଳମୟ,
ତା' ବିନୁ ସୃଷ୍ଟିର ବିଲୟ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ମଦୁଆଙ୍କ ଖଟିରେ ରାଜନୀତି (ବ୍ୟଙ୍ଗ)



ଚତରଞ୍ଜନ ବେହେରା

ଏବେ ଦେଖ ଚାରିଆଡେ ଚାଲିଛି
ରାଜନୀତି ର ଚର୍ଚ୍ଚା......
କେଉଁ ରାଜନୈତିକ ଦଳ ଜନତାଙ୍କ ପାଇଁ
କେତେ କରିଛି ଖର୍ଚ୍ଚା....!!
ମଦୁଆ ମାନେ ବି କମ୍ ନୁହନ୍ତି
ଭାଟିରେ ଚର୍ଚ୍ଚା କରୁଥିଲେ.....
ଚର୍ଚ୍ଚା କରିବା ସମୟରେ ସେମାନେ
ଢୋକେ ଢୋକେ ମାରୁଥିଲେ.....!!
ପ୍ରଥମ ମଦୁଆ କହୁଥିଲା ସମସ୍ତଙ୍କୁ
ମୋ କଥା ଶୁଣ ଭାଇ.....
ଭୋଟ ଦେବା ପାଇଁ ଯାଇଥିଲି ହେଲେ
ଚିହ୍ନ, ଚିହ୍ନି ପାରିଲି ନାହିଁ......!!
ଏଇ କଥା ଶୁଣି ଦ୍ୱିତୀୟ ମଦୁଆ
ଜୋର୍ ରେ କହିଲା ଭାଇ......
ପୋଲିଂ ଅଫିସର ଉପରେ ମୁଁ
ବାନ୍ତି କରିଦେଲି ଜେ

ISSN NO.
2582-208X

ଭିତରକୁ ଛାଡ଼ିଲା ନାହିଁ.....!!
ତୃତୀୟ ମଦୁଆ ଗିଲାସକୁ ଟେକି
ସମସ୍ତଙ୍କୁ କହିଲା ପାଟିରେ......
ଭୋଟ ଦେବା ପାଇଁ ଗଲା ବେଳେ ମୁହିଁ
ଲୁଙ୍ଗି ନଥିଲା ମୋ ଅଣ୍ଟାରେ.....!!
ପୋଲିସ ବାବୁ ଛାଡ଼ିଲେନି....
ସେଇଥିପାଇଁ ଏଇ ଥରକ ବି
ଭୋଟ ଦେଇ ପାରିଲି ନାହିଁ.....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ଓଡିଶୀ ସଙ୍ଗୀତର ଆବେଦନ ଓ ସେଥିରେ କବିଚନ୍ଦ୍ରଙ୍କ ଅବଦାନ!



ସାହିଲ କୁମାର ନାୟକ

ଚନ୍ଦ୍ର କବିତାର ଉତ୍ସ, କାଳୀଚରଣ ସେହପରି କବିତାର ଆଧାର । ପୁଣି ତାଙ୍କ ସ୍ୱଭାବ ଚନ୍ଦ୍ରାଲୋକ ପରି ଶୀତଳ, ମନୋରମ-ଶାନ୍ତ ଓ ଉଲ୍ଲସ ପ୍ରଦାୟକ । ତାଙ୍କର ଅଗଣିତ ବନ୍ଧୁ, ଅସଂଖ୍ୟ ଶିଷ୍ୟ, ସବୁଠାରୁ ଅଧିକ ଗୁଣଗ୍ରାହୀ ଭକ୍ତ ଓ ଅନୁଗତ ଏ ଦେଶର ସହର ପୁରପଲ୍ଲୀ ସର୍ବତ୍ର ବିଛୁରିତ ହୋଇ ରହିଅଛନ୍ତି । ଜନ ମାନସକୁ ନିଜ ପ୍ରତି ଆକୃଷ୍ଟ କରିବାରେ ସେ ଅପ୍ରତିଦ୍ୱନ୍ଦୀ, ଏହା କହିଲେ କଦାପି ଅସଙ୍ଗତ ହେବ ନାହଁ ।

ଓଡ଼ିଶୀ ସଂଗୀତ ନ ଗାଇଲେ ଓଡ଼ିଶୀ ନୃତ୍ୟର ପାଦ ଉଠିବ ନାହିଁ । କେବଳ ଏତିକ ନୁହେଁ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ୧୬୮୦ ମସିହାରେ ଦୁଇ ଭାଗ ହେଲା, ହେଲେ ଓଡ଼ିଶୀ ସଙ୍ଗୀତ ଷଷ୍ଠ ସପ୍ତମ ଶତାବ୍ଦୀରୁ ଚଳି ଆସୁଥିବା ସଙ୍ଗୀତ । ଏହାର ପ୍ରମାଣ ଦେବେ, ଜୟଦେବଙ୍କ ରଚିତ "ଗୀତଗୋବନ୍ଦ" ଓ ଅନ୍ୟାନ୍ୟ ସଙ୍ଗୀତାଚାର୍ଯ୍ୟ ଙ୍କ କୃତି ଗୁଡିକ ମଧ୍ୟରୁ "ଗୀତ ପ୍ରକାଶ", "ନାଟ୍ୟ ମନୋରମା", "ନାଟ୍ୟ ଶାସ୍ତ୍ର", "ସଙ୍ଗୀତ ସରଣୀ" ଇତ୍ୟାଦି । ଏଗୁଡିକ ୧୧ଶ ଶତାବ୍ଦୀରୁ ୧୭ଶ ଶବ୍ଦାବ୍ଦୀ ମଧ୍ୟରେ ଓଡ଼ିଆ ପୁଅମାନଙ୍କ ଲେଖନୀରୁ ନିଶୃତ। ଏହି ଗ୍ରନ୍ଥଗୁଡ଼ିକୁ ପଢ଼ିଲେ ବିଚାର କରିବେ ଓଡ଼ିଶୀ ସଂଗୀତ ଓ ନୃତ୍ୟ ଉଭୟ ନିଷ୍ଚିତ ଭାବେ ଶାସ୍ତ୍ରୀୟ ।

ହେଲେ ସେତେବେଳେ କବିଚନ୍ଦ୍ର, ଓଡ଼ିଶୀ ନୃତ୍ୟର ଜୀବନ ଓଡ଼ିଶୀ ସଙ୍ଗୀତ ବୋଲି ଭଲଭାବରେ ଜାଣିଥିଲେ ମଧ୍ୟ, ଓଡ଼ିଶୀ ସଙ୍ଗୀତ ପାଇଁ ଆପତ୍ତି ନ କରି ଫେରି ଆସିଥିଲେ।

ISSN NO.
2582-208X

ତାର କାରଣ—"ଘର ଢ଼ିଙ୍କି କୁମ୍ଭୀର" ଭଳି, କିଛି ନାମ କୁହା ଓଡିଆ ପୁଅ ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ସ୍ୱୀକୃତ୍ତ ନ ଦେବା ପାଇଁ ନାନା କନ୍ଦଳ ସୃଷ୍ଟି କରିଥିଲେ। ଶେଷରେ ସେମାନେ ପରାଜୟ ସ୍ୱୀକାର କଲେ । ବିଜୟୀ ହେଲେ କବଚନ୍ଦ୍ର । ପୃଥିବୀରେ ଶେଷ୍ଠ ନୃତ୍ୟ ରୂପେ ଆଜି ଗଣାଯାଉଛି ଓଡ଼ିଶୀ ନୃତ୍ୟ, ସେଥିପାଇଁ ଓଡ଼ିଆ ତଥା ଓଡ଼ିଶାର ସମ୍ମାନ ବଢ଼ିଲା ।

କବିଚନ୍ଦ୍ର ଙ୍କ ଦ୍ୱାରା ରଚିତ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସମ୍ବନ୍ଧିତ ଅନେକ ପୁସ୍ତକ ରହିଛି, ସେଗୁଡିକ ଅଧ୍ୟୟନ କଲେ ଆମେ କବିଚନ୍ଦ୍ର ଙ୍କର ଓଡିଶୀ ନୃତ୍ୟ ତଥା ସଙ୍ଗୀତ ପ୍ରତି ଥିବା ଅବଦାନ କୁ ଜାଣିପାରିବା I ସେଗୁଡ଼ିକ ମଧ୍ୟରୁ ନିମ୍ନ ରେ କେତୋଟି ପୁସ୍ତକର ଆଲୋଚନା କରାଗଲା:

୧) କବିଚନ୍ଦ୍ର କାଳୀଚରଣ ତାଙ୍କ ଗ୍ରନ୍ଥ "ଆମର ସଙ୍ଗୀତ ଧାରା" ପୁସ୍ତକର ମୁଖବନ୍ଧ ରେ ଲେଖିଛନ୍ତି:- "୧୯୫୮ ମସିହାରେ ଦିଲ୍ଲୀ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏକ ସର୍ବଭାରତୀୟ ନୃତ୍ୟ ସଙ୍ଗୀତ ପଣ୍ଡିତମାନଙ୍କ ସଭା ରେ ମୁଁ ଓଡ଼ିଶୀ ନୃତ୍ୟ ସମ୍ବନ୍ଧରେ ଏକ ପ୍ରବନ୍ଧ ପାଠ କରି ଓ ନୃତ୍ୟ ପ୍ରଦର୍ଶନ କରାଇ ପ୍ରଶଂସିତ ହେବା ପରେ ଭାରତ ସରକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ରୂପେ ସମ୍ମାନିତ ହେଲା ୧୯୫୯ ମସିହାରେ । ଏଥିଲାଗି ବହୁ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଛି ମୋତେ । ଏହା ପରେ ପରେ ଓଡ଼ିଶୀ ସଙ୍ଗୀତ ଧାରା ସମ୍ବନ୍ଧେ ଏକ ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକ ଲେଖିବାକୁ ମନ ବଳିଲା । ଓଡ଼ିଶାର ଅଗଣିତ ସଙ୍ଗୀତ ଶାସ୍ତ୍ରୀମାନଙ୍କର ବହୁ ପୁରାତନ ଗ୍ରନ୍ଥ ପୋଥି ଆକାରରେ ଥିବାର ଜାଣି ସେଗୁଡ଼ିକ ସଂଗ୍ରହ କରି ବସିଲି । ଏଥି ନିମିତ୍ତ ମୋତେ ଅକ୍ଳାନ୍ତ ଶ୍ରମ ସାଧନା ଓ ଅର୍ଥବ୍ୟୟ କରିବାକୁ ପଡିଲା । ପୋଥି ଗୁଡ଼ିକରୁ ଓଡ଼ିଶୀ ସଙ୍ଗୀତର ତଥ୍ୟାତ୍ମକ (Theory) ପ୍ରମାଣମାନ ସଂଗ୍ରହ କରି "ଆମର ସଙ୍ଗୀତ ଧାରା" ସ୍ତମ୍ଭରେ ଏକ ନାତିଦୀର୍ଘ ଆଲୋଚନା ପୁସ୍ତକଟି ଲେଖିବାକୁ ସାହସ କରିଛି ।"

ISSN NO.
2582-208X

୨) "ଗୀତ ମଞ୍ଜରୀ" ଆଦ୍ୟଗୁଚ୍ଛ - ଭଜନ ଜଣାଣ- ନାମରେ ୧୯୫୩ ମସିହାରେ ରେ ୭୫ ଟି ସଙ୍ଗୀତ ପ୍ରକାଶିତ!

୩) "କବିଚନ୍ଦ୍ର ଗୀତାବଳୀ" ନାମରେ ଭାଗ ୧.୨.୩.୪ କ୍ରମରେ କବିଚନ୍ଦ୍ର ଙ୍କ ଅନେକ ସଙ୍ଗୀତପ୍ରକାଶିତ ହୋଇଛି।

କ) "କବିଚନ୍ଦ୍ର ଗୀତାବଳୀ"-୧ମ ଖଣ୍ଡ-୧୯୬୩ - ଓଡ଼ିଶୀ ବିଭାଗ - ୨୫୦ ଟି ଗୀତ

ଖ) "କବିଚନ୍ଦ୍ର ଗୀତାବଳୀ" - ୨ୟ ଖଣ୍ଡ-୧୯୬୩- ଲଘୁସଙ୍ଗୀତ ବିଭାଗ - ୨୫୦ ଟି ଗୀତ

ଗ) "କବିଚନ୍ଦ୍ର ଗୀତାବଳୀ"- ୩ୟ ଖଣ୍ଡ- ୧୯୬୫- ଭଜନ ଜଣାଣ ବିଭାଗ- ୨୮୦ ଟି ଗୀତ

ଘ) "କବିଚନ୍ଦ୍ର ଗୀତାବଳୀ" -୪ର୍ଥ ଖଣ୍ଡ -୧୯୬୭- ପଲ୍ଲୀଗୀତ ବିଭାଗ - ୨୨୫ ଟି ଗୀତ

ଙ) "କବିଚନ୍ଦ୍ର ଗୀତାବଳୀ" -୫ମ ଖଣ୍ଡ - କୀର୍ତ୍ତନ ଓ ଛାନ୍ଦ ବିଭାଗ-

ଏଥିରେ ଥିବା ପ୍ରତିଟି ସଙ୍ଗୀତ ଭିନ୍ନ ଭିନ୍ନ ରାଗ ରାଗିଣୀ ଓ ଛନ୍ଦ ରେ ଶୋଭିତ, କବିଚନ୍ଦ୍ର ରାଗରାଗିଣୀ କୁ ଅଧିକ ମହତ୍ତ୍ୱ ଦେଉଥିଲେ ତେଣୁ ତାଙ୍କର ପ୍ରତ୍ୟେକ ସଙ୍ଗୀତ ତାଳ ଓ ରାଗ ରାଗିଣୀଯୁକ୍ତ। ତାଙ୍କ ରଚିତ ପ୍ରତ୍ୟକ ଗୀତ ର ପ୍ରାରମ୍ଭ ରେ ସେ ତାଳ ଓ ରାଗର ସଙ୍କେତ ପ୍ରଦାନ କରିଛନ୍ତି।

ମୁଖ୍ୟତଃ ତାଙ୍କ ଓଡ଼ିଶୀ ସଙ୍ଗୀତ ଗୁଡ଼ିକ - ଆନନ୍ଦ ଭୈରବୀ, ତୋଡ଼ି, ତୋଡ଼ି ପରଜ, ସଙ୍କରାଭରଣ, ମୁଖାରୀ, ତ୍ରିପୁଟା, କାନାଡା, କାମୋଦୀ, ଆଦି ରାଗରେ ରଚିତ। ତଥା :- ଆଠତାଳୀ, ଏକ ତାଳୀ, ପଡ଼ି, ଝୁଲା, ଆଦିତାଳ, ତ୍ରିପୁଟା, ଖେମଟା, ପଞ୍ଚମ ସଓ୍ୱାରି ଆଦି ତାଳ ରେ ସୁସଜ୍ଜିତ।

ISSN NO.
2582-208X

୪) ଅନ୍ୟ ଏକ ପୁସ୍ତକ "ଓଡ଼ିଶୀ ସଂଗୀତର ରୂପରେଖ" -୧୯୫୭ ରେ "ଉତ୍କଳ ନୃତ୍ୟ ସଙ୍ଗୀତ ନାଟ୍ୟକଳା ପରିଷଦ" ଆନୁକୁଲ୍ୟରେ ପ୍ରକାଶିତ। ଏହାର ମୁଖବନ୍ଧ ରେ କବିଚନ୍ଦ୍ର ଲେଖିଛନ୍ତି :- ଏଇ 'ଓଡ଼ିଶୀ ସଙ୍ଗୀତର ରୂପ-ରେଖ' ଲେଖାଟି ପାଇଁ ବହୁ ପ୍ରାମାଣିକ ଗ୍ରନ୍ଥର ସାହାଯ୍ୟ ମୁଁ ନେଇଛି । ମଧୁପୁର ପଟ୍ଟାୟତ ସ୍ୱର୍ଗତଃ କଳଦେବ ଚନ୍ଦ୍ର ଧୀର ଥିଲେ ଆଜୀବନ ସଙ୍ଗୀତ ସେବକ । ତାଙ୍କର ଗୁଡ଼ଏ ଟିପାଖାତା ମୋ ଆଖିରେ ପଡିଛି । ମୋର ଗୁରୁ ଭଲ ସଙ୍ଗୀତ ସାଧକ ଶ୍ରୀ ଶ୍ୟାମସୁନ୍ଦର ଧୀର ପଟ୍ଟାୟତଙ୍କ ସଂଗୃହିତ ଲେଖାଗୁଡ଼ିକ ଦେଖିବାର ସୁଯୋଗ ମୋତେ ଦେଇଛନ୍ତି, ତା ଛଡ଼ା ବହୁମତେ ମୁଁ ତାଙ୍କ ଠାରୁ ସାହାଯ୍ୟ ପାଇଛି। ମୁଁ ତାଙ୍କ ନିକଟରେ କୃତଜ୍ଞ ରହିଲି ।"

ପୁଣି ଏହି ଗ୍ରନ୍ଥ ରେ ଲେଖିଲେ, - "ଭାରତର ବିଭିନ୍ନ ଅଞ୍ଚଳରେ ଲୋକରୁଚି ଅନୁସାରେ ପ୍ରବୃତ୍ତି ମଧ୍ୟ ଅଲଗା ଅଲଗା । ଏହାକୁ ଘେନି ମହାମୁନି ଭରତ "ଚତୁଷ୍ଟୟ ପ୍ରବୃତ୍ତୟ" ନର୍ଦ୍ଦେଶ କରିଯାଇ ଅଛନ୍ତି, ତାଙ୍କ ନାଟ୍ୟଶାସ୍ତ୍ରରେ ଲେଖିଛନ୍ତି -

"ଚତୁର୍ବିଧା ପ୍ରବୃତିଶ୍ଚ ପ୍ରୋକ୍ତା ନାଟ୍ୟ ପ୍ରୟୋଗତଃ ।
ଆବନ୍ତୀ ଦାକ୍ଷିଣାତ୍ୟ ଚ ପାଞ୍ଚାଳୀ ଚୌଡ୍ର ମାଗଧୀ ॥"

ଓଡିଶାର ନାଆଁ ଓଡ୍ର ନାମରୁ ଉତ୍ପନ୍ନ । ସେହି ଦେଶରେ ଯେଉଁ ସଙ୍ଗୀତର ଧାରା ପ୍ରବର୍ତ୍ତି ଆସୁଛି, ତାହାର ନାଁ "ଓଡ଼ିଶୀ" । ଯେପରି ଓଡ଼ିଶୀ ରାନ୍ଧଣା, ଓଡିଶୀ ଗହଣା ବା ଓଡିଶୀ ଠାଣି ଇତ୍ୟାଦି । ଆମେ ଦାକ୍ଷିଣାତ୍ୟ ବିଭାଗ ମଧ୍ୟରେ ପଡ଼ିଲୁ ନାହିଁ, ଭରତଙ୍କ ମତରେ ବିନ୍ଧ୍ୟ ତଳକୁ ସମୁଦ୍ର ପର୍ଯ୍ୟନ୍ତ ଦେଶ ହିଁ ଦାକ୍ଷିଣାତ୍ୟ । ଏ ରୀତିରେ ଆମର ପ୍ରବୃତ୍ତିର ସ୍ୱାତନ୍ତ୍ର୍ୟ ରହିଲା ।"

××××××××

"ଷୋଡ଼ଶ ଶତାବ୍ଦୀ ସୁଦ୍ଧା ସାରା ଭାରତରେ ବିଭକ୍ତ ସଙ୍ଗୀତ- ଧାରାର (ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକ) ପ୍ରଚଳନ ନଥିଲା । ଏଥିପୂର୍ବରୁ ଓଡ଼ିଆ ତାର ନିଜସ୍ୱ ସଙ୍ଗୀତ ରାବ ବିକାଶ

ISSN NO.
2582-208X

ଲାଗି ନିଜ ରୁଚିରେ ଗାଉଥିବାର ସନ୍ଦେହ ନାହିଁ । ଏହା ହି ତାର ଓଡିଶୀ ସଙ୍ଗୀତ ! ନୁହେଁ କି ?”

××××

“ଏହିପରି ବିବିଧ ଅକାଟ୍ୟ ପ୍ରମାଣ ଦୃଷ୍ଟେ ଓଡ଼ିଶୀ ସଙ୍ଗୀତକୁ ଅନ୍ୟ କୌଣସି ପଦ୍ଧତିର ଅନୁକୃତି ବୋଲି କହିବା ଆଦୌ ସମୀଚୀନ ବା ସୁନ୍ଦର ନୁହେଁ । ବର୍ତ୍ତମାନର ଆଲୋଚନାରେ ଯେଉଁ ମତର ଉପସ୍ଥାପନା ନିମିତ୍ତ ଯୁକ୍ତି ଓ ପ୍ରମାଣ ପ୍ରଦର୍ଶିତ ହେଲା, ତାହା କୌଣସି ମତେ ପ୍ରାଦେଶିକ ଭାବଗ୍ରସ୍ତ ନୁହେଁ, ବରଂ ସଭ୍ୟ ଓ ବାସ୍ତବତା ଉପରେ ପ୍ରତିଷ୍ଠିତ।

ଓଡ଼ିଶୀ ସଙ୍ଗୀତର ଉତ୍ପତ୍ତି ଆଧୁନିକ ନାମିତ ହିନ୍ଦୁସ୍ତାନୀ ବା କର୍ଣ୍ଣାଟକି ସଙ୍ଗୀତ ପଦ୍ଧତିରୁ ଘଟି ନାହିଁ। ଏହା ମୂଳ ଭାରତୀୟ ସଙ୍ଗୀତ ପଦ୍ଧତିର ଚିରାନୁଗାମୀ ଏବଂ ଐତିହାସିକ ଦୃଷ୍ଟିକୋଣରୁ ବିଚାରିଲେ ଏହାପୂର୍ବୋକ୍ତ ଉଭୟ ସଂଗୀତଧାରା ଅପେକ୍ଷା ପ୍ରାଚୀନ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟସମ୍ପର୍ଣ୍ଣ ମଧ୍ୟ, ପୁନଶ୍ଚ ଏହା ବିଶୁଦ୍ଧ ଏବଂ ଶାସ୍ତ୍ରସିଦ୍ଧ ।”

୫) “ଓଡ଼ିଶୀ କୀର୍ତ୍ତନ ଶତକ” – ଏଥିରେ ୧୦୦ ଓଡ଼ିଶୀ କୀର୍ତ୍ତନ ସଙ୍ଗୀତ ରହିଛି।

୬) “Odissi Dance” ଉତ୍କଳ ନୃତ୍ୟ ସଙ୍ଗୀତ ନାଟ୍ୟକଳା ପରିଷଦ ଦ୍ୱାରା ପ୍ରକାଶିତ ଓ କବିଚନ୍ଦ୍ରଙ୍କ ଦ୍ୱାରା ଲିଖିତ ୨୨ ପୃଷ୍ଠା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ସମ୍ପର୍କିତ ଏକ ଇଂରାଜୀ ନିବନ୍ଧ।

୭) ନାଟ୍ୟାଚାର୍ଯ୍ୟ ଙ୍କ ଅନ୍ୟ ଏକ ପୁସ୍ତକ ହେଉଛି- “ଓଡ଼ିଶୀ ମେଳ-ରାଗ-ଲକ୍ଷଣ ଓ ଗୀତ”- ୧୯୬୩- ପ୍ରକାଶକ-ବାଣୀ କଲ୍ୟାଣ, ଏଥିରେ ଓଡିଶୀ ସଙ୍ଗୀତର ରାଗ ଲକ୍ଷଣ ଓ ଗୀତ ସମ୍ବନ୍ଧୀୟ ତଥ୍ୟ ପ୍ରକାଶିତ ।

୮) “Odissi music analysed”- ୨୮ ପୃଷ୍ଠା ବିଶିଷ୍ଟ ଇଂରାଜୀ ନିବନ୍ଧ

ISSN NO.
2582-208X

୯) "ଓଡ଼ିଶୀ ନୃତ୍ୟ" - ପ୍ରକାଶକ - ନ୍ୟାସନାଲ ମିଉଜିକ୍ ଆସୋସିଏସନ୍, କଟକ - ଏହାର ମୁଖବନ୍ଧ ରେ କବିଚନ୍ଦ୍ର କୁହନ୍ତି :- " ଓଡ଼ିଶୀ ନୃତ୍ୟର ପ୍ରଚଳନ ବହୁ ପୁରାକାଳରୁ ଅଛି ବୋଲି କହିବା ବାହୁଲ୍ୟ ମାତ୍ର ।ପ୍ରାଚୀନ ପାଣ୍ଡୁଲିପି ଗୁଡ଼ିକ ସହିତ କୀର୍ତ୍ତିମାଳିନୀ ଉତ୍କଳର ବହୁ ମନ୍ଦିର ଗାତ୍ରରେ ବିଗତ ୧୫୦୦ ବର୍ଷ ମଧ୍ୟରେ ଖୋଦିତ ନାନାବିଧ ନୃତ୍ୟରତ ମୂର୍ତ୍ତି ଗୁଡ଼ିକ ଏହାର ମୂଳ କିନ୍ତୁ ଜ୍ୱଳନ୍ତ ପ୍ରତୀକ । ଅଦ୍ୟାବଧି ପ୍ରଚଳିତ ମାହାର ନୃତ୍ୟ ଓ ଉତ୍ତର ଓଡ଼ିଶାର ଗୋଟିପୁଅ ନାଚ ବିଗତ କାଳର ଉନ୍ନତ ଓଡ଼ଶୀ ନୃତ୍ୟର ଧୂସର ଛାୟା ମାତ୍ର ।"

୧୦) କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ କେବଳ ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧୀୟ ଅନ୍ୟ ଏକ ପୁସ୍ତକ ହେଉଛି "ଓଡ଼ିଶୀ ସଙ୍ଗୀତ ପ୍ରକାଶ"

୧୧) "Gita gobinda in odissi dance" - ଏହା ଇଂରାଜୀ ଭାଷାରେ ଲିଖିତ ।

୧୨) "A glimpse into orissan music" - ଏହା ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଙ୍କ ଦ୍ୱାରା ପ୍ରକାଶିତ ୧୩ ପୃଷ୍ଠା ବିଶିଷ୍ଟ ଇଂରାଜୀ ନିବନ୍ଧ।

୧୩) "ସଙ୍ଗୀତ ସାର" - ଏହା ୧୯୨୬ ରେ orissa printing works, puri ଦ୍ୱାରା ପ୍ରକାଶିତ।

୧୪) "ନାଟ୍ୟ ମନୋରମା" - ଜଣେ ବଶିଷ୍ଟ ଉତ୍କଳୀୟ ପଣ୍ଡିତ ଶ୍ରୀ ରଘୁନାଥ ରଥଙ୍କ ବିରଚିତ ଏକ ଉପାଦେୟ ସଂସ୍କୃତ ଗ୍ରନ୍ଥ। ଗ୍ରନ୍ଥର କେବଳ ମୂଳ ସଂସ୍କୃତ ପାଠ ଦେବନାଗରୀ ଲିପିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଥିଲେ । ତେଣୁ ଓଡିଆ ଭାଷୀ ନୃତ୍ୟ-ସଂଗୀତ ପ୍ରେମୀଙ୍କ ଦ୍ୱାର ତାହା ଯଥାରୀତି ଅନୁସୃତ ହେବାରେ ଅସୁବିଧା ଉପୁଜିଲା । ତେଣୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏହି ଗ୍ରନ୍ଥର ଓଡ଼ିଆ ଅନୁବାଦ କରିଛନ୍ତି। ଏହା ୧୯୭୬ ରେ ପ୍ରକାଶିତ।

୧୫) "ସଙ୍ଗୀତର ସ୍ୱର" - କାଳୀଚରଣ ପଟ୍ଟନାୟକ- ପ୍ରକାଶକ - ଓଡ଼ିଶା ସାହିତ୍ୟ ଏକାଡେମୀ

ISSN NO.
2582-208X

୧୬) "ରାଗଚିତ୍ର"- ୧୯୬୬- ସମ୍ପାଦକ - କାଳୀଚରଣ ପଟ୍ଟନାୟକ- ଏହା "ଓଡ଼ିଶୀ କଳା ପ୍ରକାଶ" ଦ୍ୱାରା ଇଂରାଜୀ, ଓଡିଆ ଓ ହିନ୍ଦୀ, ୩ଟି ଭାଷାରେ ପ୍ରକାଶିତ। ଏହାର ମୁଖବନ୍ଧ ରେ ସେ ଲେଖିଛନ୍ତି – ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରମାଣ ସମ୍ବନ୍ଧେ ଓଡିଶାର ନାନା ସ୍ଥାନ ରୁ ପୁରୁଣା ପୋଥି ଖୋଜୁ ଖୋଜୁ ଏ "ରାଗଚିତ୍ର" ପୋଥିଟିର ସନ୍ଧାନ ମିଳିଲା । ଦିଅଁପୂଜା ଘର ଖଟୁଲିରେ ଆଉ ଆଉ କେତେ ଖଣ୍ଡ ପୋଥି ସହିତ ଚନ୍ଦନ ଚର୍ଚ୍ଚିତ କରି ଏ ପୋଥିର ପୂଜା କରୁଥଲେ ଅଶିବର୍ଷିଆ ଜଣେ ବୁଢ଼ୀ । ଘର ତାଙ୍କର ଦକ୍ଷିଣ ଓଡିଶାର ଶାର ଧରା କୋଟ ଜମିଦାରୀ ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ । ପୋଥି କହିଲେ ସାଧାରଣତଃ ଏ ଜାତି ବୁଝେ- ତାହା ଏକ ପବିତ୍ର ପୁରାଣ ଶାସ୍ତ୍ର ଏବଂ ପୋଥିଗାଦିରେ ତାର ସ୍ଥାନ—ଏଇ ରୀତିରେ ଏଇ ରାଗ ଧ୍ୟାନ ମୂର୍ତ୍ତୀ ଅଙ୍କିତ ପୋଥିଟି ମଧ୍ୟ ପୂଜା ପାଉଥିଲା । ଧର୍ମପୁଅ ହୋଇ ମୁଁ ବୁଢ଼ୀଙ୍କ ବିଶ୍ୱାସ ପାତ୍ର ହେଲି। ଏହି ପରି ଛଅ ସାତ ଦିନ ବିତିଗଲା ଦିନେ ଦିଅଁ ଘର ପୋଥି ଦେଖିବାର ସୁଯୋଗ ପାଇ ଖୋଜୁ ଖୋଜୁ ଏ ଖଣ୍ଡି ମିଳିଲା, ରଙ୍କ କୋଟି ନିଧି ପାଇଲା ପରି ଲାଗିଲା ମୋତେ।

୧୭) ଅନ୍ୟ ଏକ ଓଡ଼ିଶୀ ସଙ୍ଗୀତ ପୁସ୍ତକ – "ସୁରଲେଖା" – ଏଥିରେ ୨୫ଟି ଓଡିଶୀ ସଙ୍ଗୀତ, ୯ଟି ଗୀତ, ୮ଟି ଜଣାଣ ଓ ୪ଟି ପଲ୍ଲୀସ୍ୱର ସ୍ଥାନ ପାଇଛି । ଏହି ଗୀତ ଗୁଡ଼ିକ ଗାଇବା ପାଇଁ ସ୍ୱର ସଙ୍କେତ ଦର୍ଶାଯାଇଛି।

୧୮) "ସପ୍ତସ୍ୱରୀ"- କାଳୀଚରଣ ପଟ୍ଟନାୟକ - ୧୯୬୪ ରେ - କଟକ ଟ୍ରେଡିଂ କମ୍ପାନୀ ଦ୍ୱାରା ପ୍ରକାଶିତ

୧୯) "ସଙ୍ଗୀତ ଓ ହାରମୋନୀୟମ୍ ଶିକ୍ଷା" - କାଳୀଚରଣ ପଟ୍ଟନାୟକ -୧୯୫୦, ୧୭୧ପୃଷ୍ଠା- ଓଡ଼ିଶା ଜଗନ୍ନାଥ କମ୍ପାନୀ,କ ଟକ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ୨୦୦୮ ସୁଦ୍ଧା ୮ ଟି ସଂସ୍କରଣ ପ୍ରକାଶିତ ହୋଇଛି ।

ଏତତ୍ ବ୍ୟତୀତ ପୁରୀ ରୁ ପ୍ରକାଶିତ "ସଙ୍ଗୀତ ପ୍ରଭା" ପତ୍ରିକାରେ ୧୯୨୭ ରେ ତାଙ୍କର ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧୀୟ ଅନେକ ପ୍ରବନ୍ଧ ସ୍ଥାନିତ।

ISSN NO.
2582-208X

ବିତିଲା ତ ଯାମିନୀ - ମଉଳିଲା କାମିନୀ,
ଗିରି ଶିଖେ ଅନାଁରେ, ଶଶୀ ମାଗେ ମେଲଣି ॥ ୦ ।।
ମଳିନ ପ୍ରଦୀପ ଶିଖା - ନୟନ କଜ୍ଜଳ ରେଖା,
ନୀର ଝରେ ସଖୀ ରେ - ଧାର ସାର ହେଲାଣି ।୧।
କହିବୁରେ ସମୁଝାଇ - ମୋହନ ବଂଶୀ ବଜାଇ,
ନିଶିଦିନ ସଜନୀ ! ରାଧା ଝୁରି ମଲାଣି ।୨।
ଚାହିଁ ଚାହିଁ ପଥ ନିତି - କେତେ ସହି ସହି ଛାତି,
ଦାଗଦାର ଶ୍ୟାମ ହେ - କଣ୍ଟ ବଳି ଗଲାଣି।୩।

ଓଡ଼ିଶାର ପୁର ପଲ୍ଲୀରେ ପରିଚିତ କବିଚନ୍ଦ୍ର ଙ୍କ ଏଇ ଲୋକପ୍ରିୟ ଓଡିଶୀ ସଙ୍ଗୀତ କୁ କିଏ ବା ନ ଜାଣେ। ଏହି ପରି ପାଖା ପାଖି ୧୦୦୦ରୁ ଊର୍ଦ୍ଧ ସଙ୍ଗୀତ ର ରଚୟିତା ହେଉଛନ୍ତି କବି କାଳୀଚରଣ ।

କବିଚନ୍ଦ୍ର ହେଉଛନ୍ତି ଏକାଧାରରେ ଜଣେ ପ୍ରବୀଣ ସଙ୍ଗୀତଜ୍ଞ, ନୃତ୍ୟବିତ୍, ନାଟ୍ୟକାର, ଅଭିନେତା,ଅଭିନୟ ନର୍ଦ୍ଦେଶକ, ମଞ୍ଚଶିଳ୍ପର ନବନବ ସ୍ରଷ୍ଟା; ପୁଣି କବି, ସାହିତ୍ୟିକ, ଗବେଷକ, ସମାଲୋଚକ ଓ ବ୍ୟଙ୍ଗକାର । କଳା-ସଂସ୍କୃତିର ଆଜନ୍ମ ଅନନ୍ତ ପୂଜାରୀ । ଏହି ଦକ୍ଷ ସଂଗଠକଙ୍କ କର୍ମକୃତି ସର୍ବତ୍ର, ଓ ସମସ୍ତଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରି ପାରିଛି ।

ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ପରମ୍ପରାର ଶ୍ରୀବୃଦ୍ଧି ପାଇଁ କାଳୀ ଚରଣଙ୍କ ନିଷ୍ଠା, ସାଧନା ଅତୁଳନୀୟ । ଓଡ଼ିଶାର ନିଜସ୍ୱ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟକୁ ଭାରତ କାହିଁକି ବିଶ୍ୱଦରବାର ରେ ଯଥାଯୋଗ୍ୟ ଆସନ ଦେବା ଲାଗି ତାଙ୍କର ଯେ ଆଜୀବନ ପ୍ରଚେଷ୍ଟା, ତାହା ଏ ଜାତି କଦାପି ଭୁଲପାରିବ ନାହିଁ । ତାଙ୍କର ସାଧନା ଫଳରେ ହିଁ ଓଡ଼ିଶୀ ନୃତ୍ୟ ଆଜି ବିଶ୍ୱରେ ଆଦୃତ ତଥା ସମ୍ମାନିତ । ଓଡ଼ଶୀ ସଙ୍ଗୀତକୁ ବିଶ୍ୱ ପ୍ରସାରିତ କରିବାକୁ ତାଙ୍କ ସାଧନା ଅନନ୍ୟ । ଏ ଦିଗରେ ତାଙ୍କର ନିଷ୍ଠା ଏତେ ବଳିଷ୍ଠ ଥିଲା ଯେ, ଶାରୀରିକ ଅକ୍ଷମତା, ବାର୍ଦ୍ଧକ୍ୟର ନିଷ୍ଠୁରତା ତାଙ୍କ ପାଖରେ ପରାଭବ ସ୍ୱୀକାର କରିଥିଲା ।

ISSN NO.
2582-208X

ସହାୟକ ଗ୍ରନ୍ଥ ସୂଚୀ

୧. "ରାଗଚିତ୍ର"- ୧୯୬୬- କାଳୀଚରଣ ପଟ୍ଟନାୟକ – ପ୍ରକାଶକ - ଓଡିଶୀ କଳା ପ୍ରକାଶ

୨. "ନାଟ୍ୟ ମନୋରମା"- ୧୯୬୭- କାଳୀଚରଣ ପଟ୍ଟନାୟକ- ପ୍ରକାଶକ- ଓଡ଼ିଶା ସାହିତ୍ୟ ଏକାଡ଼େମୀ

୩. "ଓଡିଶୀ ସଙ୍ଗୀତର ରୂପରେଖ" – କାଳୀଚରଣ ପଟ୍ଟନାୟକ- ପ୍ରକାଶକ- ଉତ୍କଳ ନୃତ୍ୟ ସଙ୍ଗୀତ ନାଟ୍ୟକଳା ପରିଷଦ

୪. "ଓଡିଶୀ ନୃତ୍ୟ" – କାଳୀଚରଣ ପଟ୍ଟନାୟକ- ପ୍ରକାଶକ- ନେସନଲ ମିଉଜିକ କମ୍ପାନୀ, କଟକ

୫. "ଆମର ସଙ୍ଗୀତ ଧାରା" -କାଳୀଚରଣ ପଟ୍ଟନାୟକ

୬. "କବିଚନ୍ଦ୍ର ଗୀତାବଳୀ" – କାଳୀଚରଣ ପଟ୍ଟନାୟକ- ପ୍ରକାଶକ- ଇଉନାଇଟେଡ ବୁକ ହାଉସ, କଟକ

ଅତିଥି ଅଧ୍ୟାପକ (ଓଡିଆ ଭାଷା ଓ ସାହିତ୍ୟ ବିଭାଗ)
ଢେଙ୍କାନାଳ, ଓଡ଼ିଶା (୮୮୯୫୩୪୯୪୫୭)

ISSN NO.
2582-208X

# ଶୁଭଦିନ ଆଶାରେ



ପ୍ରତିଭା ଦାସ

ନିସଂଗତାର ଚାରିକାନ୍ଥରେ
ଆରକ୍ତ ଜୀବନ,
କେମିତି କହିବି ସମୟ ମୋ ସାଥେ
ଖେଳିଛି କେଉଁ ଖେଳ !

ବହୁ ଦିନ ପୂର୍ବରେ ମୋ ନିଜକୁ ବିସର୍ଜନ ଦେଇଛି
ଖାଲି ଛକିମାରି ବଞ୍ଚିରହିବାର ବାହାନାରେ
ଅର୍ଦ୍ଧ ଗଳିତ ମନ ଆକାଶରେ ଖୋଜୁଛି ମୋ ଠିକଣା
ମରିବା ଲୋକର ବି ଠିକଣା ଟିଏ ଥାଏ ବୋଲି !

ଛାତି ତଳେ ଲୁଚି ରହିଥିବା ଅବ୍ୟକ୍ତ ଜନ୍ତ୍ରଣା ସବୁକୁ ଉପଶମ କରିବା ପାଇଁ,
ବେଳେ ବେଳେ ଚାଲି ଯାଏ
ନଈ ଟିଏ ହୋଇ  ନଈ ସେପାରିକୁ  ଜହ୍ନ ପାଇଁ,
ହେଲେ ଜହ୍ନ ବଦଳରେ ରାତିର
ଅନ୍ଧକାର ନେଇ ଆସେ !

ISSN NO.
2582-208X

ସମୟ ହାତରେ କଣ୍ଢେଇ ସାଜି
ପୁଣି ଫେରି ଆସେ ନିଜ ଠିକଣାକୁ,
ରାତି ପାହୁ କି ନପାହୁ ମୋ ପାଇଁ
ଆଉ କିଛି ଦିନ ଥାଉ ଏ ଜୀବନ
ଶୁଭ ଦିନ ପାଇଁ ।।

ବିଶ୍ୱନାଥ ଘୁରିଆଲି
ଆସାମ

ISSN NO.
2582-208X

# ସିଏ ବୋଧେ ପ୍ରେମିକା



ନରଞ୍ଜନ ସାହୁ

ଯାହାର ସମସ୍ତ ପ୍ରକାର ଦୋଷକୁ
ନିର୍ବିବାଦରେ କ୍ଷମା କରାଯାଇପାରେ
ସିଏ ବୋଧେ ପ୍ରେମିକା ।

ଆତ୍ମୀୟସ୍ୱଜନଙ୍କ ଠାରୁ
ବନ୍ଧୁବାନ୍ଧବଙ୍କ ପର୍ଯ୍ୟନ୍ତ
ସାମାନ୍ୟ ଟିକିଏ ତ୍ରୁଟିବିଚ୍ୟୁତି ପାଇଁ
ପ୍ରଳୟ ସୃଷ୍ଟି ହୋଇପାରେ
ଅଥଚ, ପ୍ରେମିକା ପାଇଁ
ମସ୍ତବଡ଼ ଅପରାଧକୁ ବି
ହସିହସି କ୍ଷମା କରାଯାଇପାରେ ।

କାରଣ, ପ୍ରେମିକ ପାଇଁ
ପ୍ରେମିକା ହିଁ ସବୁଠାରୁ ଦାମୀକା
ପ୍ରେମିକା ପାଇଁ ପ୍ରେମିକ ହିଁ
ପ୍ରେମ ଜଗତରେ ଭାରି ନାମୀକା ।

ISSN NO.
2582-208X

ଏମିତି କେଉଁ ପ୍ରେମିକଟେ ଅଛି ଯେ
ଯିଏ ପ୍ରେମିକାକୁ ଭୁଲି ଯାଇଛି
ଯିଏ ପ୍ରେମିକା ଠାରୁ
ମୁହଁ ବୁଲାଇ ନେଇଛି
ବରଂ, ଅନ୍ତରର କେଉଁ ଏକ
ନିଭୃତ କୋଣରେ ପ୍ରେମିକାକୁ
ସବୁଦିନ ପାଇଁ ସାଇତି ରଖି
ଗୋପନ ଅଭିସାର ରଚୁଛି ।

କାରଣ, ପ୍ରେମିକା ହିଁ
ତା ପାଇଁ ପ୍ରେମ ମନ୍ଦିରର ଦେବୀ
ତା ପାଇଁ ସେ ସାଜିପାରେ ବିଦଗ୍ଧ କବି
ତା ପ୍ରେମକୁ ବଞ୍ଚାଇ ରଖିବାରେ
ସିଏ ଭାରି କାମିକା
ପ୍ରେମ ନାଟକରେ ପରା
ତାହାର ମୁଖ୍ୟ ନାୟକ ଭୂମିକା ।

ପ୍ରେମିକା ଅଭିମାନ କରିଲେ
ପ୍ରେମିକ ଛାତିରେ ଫୁଟେ ବୋମା
ପ୍ରେମିକା ନିରବ ରହିଲେ
ପ୍ରେମିକର ଅବସ୍ଥା କୋମା
ଆଉ ପ୍ରେମିକା କାନ୍ଦିଦେଲେ
ଦୋଷ ହୋଇଯାଏ କ୍ଷମା

ISSN NO.
2582-208X

ଦୋଷ କ୍ଷମା କରିବାରେ
ଡେରି ହୁଏନି ଜମା
ପ୍ରେମିକ ବାଟ ଚାଲୁଥାଏ
ପ୍ରେମରେ ଉବୁଟୁବୁ ହୋଇ ଝୁମିଝୁମିକା
ମନେମନେ ପ୍ରେମିକା ଓଠକୁ ଚୁମିଚୁମିକା ।

ସେଇଥିପାଇଁ ତ
ଯାହାର ସବୁ ଦୋଷକୁ ନିର୍ବିବାଦରେ
କ୍ଷମା କରାଯାଇପାରେ
ସିଏ ବୋଧେ ପ୍ରେମିକା ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ପାଖେ ଥାଇ ନ ଦିଅ ଧରା



ବିରଞ୍ଚି ନାରାୟଣ ମିଶ୍ର

ସବୁ ଆହ୍ଲାଦ ଅଭିମାନ କ୍ରୋଧ ତୁମକୁ ସମର୍ପି ଦେଲି
ଅବଶିଷ୍ଟ ଆୟୁଷ ବି ନିଅ
ପ୍ରତିନିୟତ ଏ ହୃଦୟ କେତେ ରକ୍ତାକ୍ତ ହୁଏ ତୁମେ କଣ କାହୁଁ ବୁଝିବ ପ୍ରିୟ ମୋର
ପାଖରେ ଥିଲେ ଦେଖାଇ ପାରିଥାନ୍ତି
କେମିତି ଦିଶେ ପ୍ରତାରଣା ବିଦ୍ଧ ହୃଦୟ ଆନୁଗତ୍ୟ ଘୃଣା
ମୋର ଲୋଡ଼ାନାହିଁ ଅମରାବତୀ କି ରତ୍ନସିଂହାସନ
ପାଦତଳେ ଚାଖଣ୍ଡେ ମାଟି ଆଉ ଆଉଜି ପଡ଼ିବାର ଆସରାଟେ ତାଙ୍କ ପାଇଁ ଆଉ ଚିରକାଳ ।
ପାଖେ ପାଖେ ଥାଅ ଧରାତ ନଦିଅ
କେଉଁ ଅପରାଧ ମୋର
ନାଁ ଧରି ଡାକ ବଇଁଶୀରେ
ଚାହିଁଲେ ମୋତେ ନଦିଶ
ଏତେ ଦହଗଂଜ କାହିଁକି କରୁଚ
ଦେହ ମନ ପ୍ରାଣ ସଂଅପି ଦେଇଛି  ମୋର ଅବା କେଉଁ ଦୋଷ ।
ଏ ଦେହ ଦେଉଳ ପୁରୁଣା ହେଲାଣି
ଖସିଲାଣି ପଲସ୍ତରା
ଆସ ପ୍ରାଣପ୍ରିୟ ଉଚ୍ଛୁର ନକର
ଗ୍ରାସିବା ଆଗରୁ ଜରା ।

ଭୁବନେଶ୍ୱର
9439011063

ISSN NO.
2582-208X

# ଭିଟାମାଟି



ଅବିନାଶ ସାହୁ

ସୁମିନାନୀ ବିଭାହୋଇ ଆସିବାର ଦୁଇ ବର୍ଷ ଭିତରେ ତା' ସିନ୍ଥିରୁ ସିନ୍ଦୂର ଲିଭିଥିଲା। ସେତେବେଳକୁ ସେ ଅନ୍ତଃସତ୍ତ୍ୱା ଥିଲା। ଦିନ କେଇଟା ପରେ ତା' କୋଳରେ ଜନ୍ମ ନେଲା ପୁଅଟିଏ। ପୁଅ ନାଁ ଶରଧାରେ ଦେଇଥିଲା ନନ୍ଦୁ। ନଅ ବର୍ଷ ବୟସରେ ନନ୍ଦୁ ଖଡ଼ି ଧରିଥିଲା। ସୁମିନାନୀ ବହୁ ଦୁଃଖ କଷ୍ଟ କରି ପୁଅକୁ ପାଠ ପଢ଼େଇଲା ସତ କିନ୍ତୁ ନନ୍ଦୁର ମନ ପାଠରେ ଜମା ଲାଗିଲାନି। ନନ୍ଦୁର ମା' ସୁମି ଟାଣି ଓଟାରି ନନ୍ଦୁକୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଆଣିଲା। ଦିନେ ଶ୍ରେଣୀରେ ଶିକ୍ଷକଙ୍କ ଠାରୁ ନିର୍ଧୁମ୍ ଛେଚା ଖାଇ ବିଦ୍ୟାଳୟରୁ ଦୌଡ଼ି ଚାଲିଗଲା। ଦିନ ଦ୍ୱିପ୍ରହରେ ନନ୍ଦୁ କେଉଁଆଡ଼େ ଚାଲିଗଲା ଯେ ଗଲା ତାକୁ ଖୋଜି ଖୋଜି ସବୁ ନିରାଶ ହେଲେ ସିନା ତା'ର କୌଣସି ଖୋଜ୍ ଖବର ପାଇଲେ ନାହିଁ।

ଜାଣିଲ ବ୍ରଜଦାଦା ଆଜି ନଈ କୂଳଆଡ଼େ ଗୋରୁଙ୍କ ପାଇଁ ଘାସ ଆଣିବାକୁ ଯାଇଥିଲି, ଦେଖିଲା ବେଳକୁ କେତେଜଣ ବଡ଼ବାବୁ ଆସି ନଈକୂଳ ଜମିବାଡ଼ି ସବୁ ବୁଲି ମାପଚୁପ କରୁଛନ୍ତି; ପଚାରିବାରୁ କହିଲେ ସରକାର କୁଆଡ଼େ ଆମ ଏଇ ନଦୀରେ ବନ୍ଧ ବାନ୍ଧିବେ। ସେଇ ବନ୍ଧରୁ କେନାଲ ହୋଇ ପାଣି ସବୁ କ୍ଷେତବାଡ଼ିକୁ ମାଡ଼ିବ ଆଉ ମରୁଡ଼ି ହେବ ନାହିଁ। ପୁଣି ଏଇ ବନ୍ଧପାଣିରୁ ବିଜୁଳି ତିଆରି ହେବ ଆଉ ଆମ ଘରେ ରାତିରେ ଆଲୁଅ ଜଳିବ। ଖାଲି ସେତିକି ନୁହେଁ ତଳି-ଅଞ୍ଚଳରେ ଆଉ ବନ୍ୟା ମଧ୍ୟ ହେବନାହିଁ। ହଇରେ ଧୀର,

ISSN NO.
2582-208X

ଏତେ ବଡ଼ ନଦୀରେ କିଏ ବନ୍ଧ ବାନ୍ଧିଛି ନା ବାନ୍ଧିବ ! ବରଷା ଦିନେ ନଇରେ ବଢ଼ିପାଣି ଆସିଲେ ସବୁ ଭସେଇ ନେବ ଏଇଠି ବନ୍ଧ ନା ଆଉ କିଛି ହେବ ହାଃ ହାଃ ହାଃ....

ନାଇଁ ଯେ ଦାଦା ସରକାରଙ୍କ କଥା, ଯଦି ବନ୍ଧ ବନ୍ଧା ଯିବ ତେବେ କ'ଣ ହେବ ? ବନ୍ଧର ପଛୁଆ ପାଣିରେ ଆମ ଗାଁ ତ ବୁଡ଼ିଯିବ ଚାଷଜମି ସବୁ ମଧ୍ୟ ଡୁବିଯିବ। ଓହୋ ଧୀର ତୁ ତୁଚ୍ଛାଟାରେ ଚିନ୍ତା କରୁଛୁ ସେମିତି କିଛି ହେବନି। କୋଉ ବାପ ଅଜା ସାତପୁରୁଷ ଅମଳରୁ ଆମର ଏଇ ଗାଁ ଗଡ଼ଶଙ୍କର କେତେ ନଇବଢ଼ି ଦେଖିଛି ସେମିତି କିଛି ବିଶେଷ କ୍ଷତି ହେଇନି ଆଉ ଏଇ ବନ୍ଧ ହେଲେ ବି ପାଣି ଆମ ଗାଁ ଯାଏଁ ଆସିବା ଅସମ୍ଭବ। ହେଉ ବ୍ରଜଦାଦା ତୁମ କଥା ରହୁ ସେମିତି କିଛି ନ ହେଉ ତଥାପି ମୋ ମନଟା କେମିତି ଗୋଳେଇଘାଣ୍ଟି ହେଉଛି। ଶୁଣ୍ ଧୀର ତୁ ଅଧିକା ଭାବୁଛୁ ବନ୍ଧକାମ ଆଗ ଆରମ୍ଭ ହେଉ ତେଣିକି ଦେଖାଯିବ।

ବୈଶାଖ ମାସ, ନଦୀ ପୂରା ଶୁଖିଲା ପଡ଼ିଛି। ହଠାତ୍ ଦିନେ ବନ୍ଧକାମ ପାଇଁ ତତ୍ପରତା ପ୍ରକାଶପାଇଲା। ଆଖ ପାଖ ଗାଁରୁ ପ୍ରାୟ ୬୦୦ ରୁ ୭୦୦ ଲୋକ କୋଡ଼ି, ଶାବଳ, ଗାଣ୍ଟୁଆ ଧରି ବନ୍ଧକାମରେ ଲାଗିପଡ଼ିଲେ। ଦେଖୁ ଦେଖୁ ବନ୍ଧ ଆଣ୍ଠୁଏ ଉଚ୍ଚରୁ ମଣିଷେ ଉଚ୍ଚ ହେଲାଣି। ଦିନ ରାତି କାମ ଚାଲିଛି ଶ୍ରମିକଙ୍କୁ ବସିବାକୁ ତର ନାହିଁ। ମଜୁରୀ ମିଳୁଛି ଉଭୟ ମହିଳା ଓ ପୁରୁଷଙ୍କୁ ଦିନକୁ ୫୦୦ ଟଙ୍କା ଲେଖାଏଁ। ଅଧିକ ମଜୁରୀ ପାଇ ସବୁ ଶ୍ରମିକ ବେଶ୍ ଖୁସ୍ । ବନ୍ଧ କାମରେ ସୁମିନାନୀ ଏବଂ ଧୀର ଦୁହେଁ ଲାଗିଛନ୍ତି। ଶୁଣିଲୁଣି ସୁମିନାନୀ ଏଇ ବନ୍ଧ ଯୋଗୁଁ କୁଆଡ଼େ ଆମ ଗାଁ ପାଣିରେ ବୁଡ଼ିଯିବ ସେଇଥିପାଇଁ ପରା ସରକାର ଆମକୁ ଜମିବାଡ଼ି ବଦଳରେ ଦୁଇଗୁଣା ଟଙ୍କା ଦେବେ ବୋଲି କହିଛନ୍ତି। ହଇରେ ଧୀର ଜମିବାଡ଼ି ଥିଲେ ସିନା କ'ଣ ଦିଟା ଚାଷ କରି ପେଟକୁ ଦାନା ଯୋଗାଡ଼ି ହେବ ଆଉ ଏ ଦୁଇଗୁଣା ଛାଡ଼ିକି ଦଶଗୁଣା ଟଙ୍କା ଦେଲେ କ'ଣ ପେଟ ପୁରିବ ? ଏତିକି କହୁ କହୁ ହଠାତ୍ ସୁମିନାନୀ ନିୟନ୍ତ୍ରଣ ହରାଇ ସିଧା ବନ୍ଧ ଉପରୁ ଗଡ଼ି ଗଡ଼ି ଯାଇ ପଡ଼ିଲା ବନ୍ଧତଳେ। ପଥରରେ ମୁଣ୍ଡ ବାଜି ଫାଟିଯିବାରୁ ପ୍ରବଳ ରକ୍ତସ୍ରାବ ହେଲା। ସୁମିନାନୀ ସେହିଠାରେ ହିଁ ପାଣି ପାଣି କହି ଦୁନିଆ ଛାଡ଼ିଲା।

ISSN NO.
2582-208X

ଏଣେ ବନ୍ଧକାମ ଧୀରେ ଧୀରେ ଶେଷ ହୋଇ ଆସୁଛି । ବନ୍ଧ ତଳେ ଠିଆ ହେଲେ ବନ୍ଧର ଉପରକୁ ଆଖି ପାଉନାହିଁ ଦୂରରୁ ଦେଖିଲେ ବିରାଟ ବଡ଼ ମାଟିର ପାହାଡ଼ ଭଳି ବନ୍ଧଟି ଦୃଶ୍ୟମାନ ହେଉଛି। ଏ ସନ ଧାରା ଶ୍ରାବଣରେ ଜଣାପଡ଼ିବ ବନ୍ଧରେ କେତେ ପାଣି ରହୁଛି ଆଉ ବଢ଼ିପାଣିରେ ବନ୍ଧ ରହୁଛି ନା ଭାଙ୍ଗୁଛି ଏ ସବୁ ବସି ଭାବିବା ବେଳେ ଧୀର ଦୌଡ଼ି ଆସିଲା। ଧୀରକୁ ଦେଖି ବ୍ରଜଦାଦା ପଚାରିଲେ କିରେ ଏମିତି ଧାଇଁଛୁ କୁଆଡ଼େ ? ଶୁଣିଲଣି ବ୍ରଜଦାଦା ସୁମିନାନୀ ଆଉ ନାହିଁ; ବନ୍ଧ ଉପରେ ମାଟି ପକାଇଲା ବେଳେ ସୁମିନାନୀ.... କ'ଣ କହିଲୁ ଧୀର ! ସୁମିନାନୀ ଚାଲିଗଲା। ହଁ ତାର ଭାଗ୍ୟ ଯୋଗକୁ ନନ୍ଦୁଟା ସେଦିନୁ କୁଆଡ଼େ ଗଲା ଯେ ମାଆ ମୁହଁ ମଧ୍ୟ ଚାହିଁଲାନି ଏଣେ ସୁମିନାନୀ ପୁଅକୁ ଅପେକ୍ଷା କରି କରି ଚାଲିଗଲା ସିନା ତା' ପୁଅ ନନ୍ଦୁ ମାଆ ମୁହଁରେ ନିଆଁଟିକେ ଦେଇପାରିଲାନି ।

ସରକାରଙ୍କ କଥା ମାନି ଆଖ ପାଖ ୨୪ଖଣ୍ଡ ଗାଁର ଲୋକେ ନିଜ ନିଜର ଟଙ୍କା ନେଇ ଭିଟାମାଟି ଛାଡ଼ିଲେ ନିଜେ ନିଜର ସୁବିଧା ଦେଖି ଯିଏ ଯୁଆଡ଼େ ଚାଲିଗଲେ। ଧୀର ମଧ୍ୟ ଅନ୍ୟତ୍ର ମୁଣ୍ଡ ଗୁଞ୍ଜିବାକୁ ବାହାରି ପଡ଼ିଲା। ଧୀରକୁ ଦେଖି ବ୍ରଜଦାଦା ପଚାରିଲେ କିରେ ଧୀର କୁଆଡ଼େ ବାହାରିଛୁ ? ଧୀର କହିଲା ଗାଁ ଛାଡ଼ି ଯିବାକୁ ମନ ହେଉନି ଦାଦା ଏଇ ଗାଁ ମନ୍ଦିର, କ୍ଷେତବାଡ଼ି, ଭିଟାମାଟି ସବୁ ମନେପଡୁଛି ତଥାପି ଜୀବନ ଅଛି ଯେତେବେଳେ ଯେଉଁଠି ହେଲେ ବଞ୍ଚି ରହିବାକୁ ପଡ଼ିବ, ବେଳ ଥାଉଁ ଥାଉଁ ସତର୍କ ହୋଇଯିବା ଭଲ ନହେଲେ ଆର ମାସରେ ବର୍ଷା ହେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ। ଏତକ କହିଦେଇ ନିଜ ଛୁଆ ପିଲାଙ୍କୁ ସଙ୍ଗରେ ଧରି ଧୀର ଅନ୍ୟତ୍ର ଚାଲିଗଲା। ଧୀର କଥା ଶୁଣି ବିଚରା ବ୍ରଜଦାଦା ଚୁପ୍ କିନା ଦେଉଳ ବେଢ଼ାରେ ବସିପଡ଼ିଲେ। ତାଙ୍କରି ଆଗରେ ଗାଁଟି ଜନଶୂନ୍ୟ ହେବାକୁ ଲାଗିଲା। ଦିନ ଦୁଇଟା ମଧ୍ୟରେ ତାଙ୍କର ଏ ଗାଁ ଆଜି ଖାଁ ଖାଁ। ଦାଣ୍ଡରେ ଆଉ ପିଲାଙ୍କ କୋଳାହଳ ନାହିଁ କି ଲୋକଙ୍କ ଚଳପ୍ରଚଳ ନାହିଁ। ଏତେ ବଡ଼ ଗାଁ ଦିନେ ମେଳା ମହୋତ୍ସବ ଆନନ୍ଦ ଉଲ୍ଲାସରେ ପୁରି ଉଠୁଥିଲା ହେଲେ ଆଜି ଚାରିଆଡ଼େ ଶୂନଶାନ୍। ଏତିକି ବେଳେ କେହି ଜଣେ ବ୍ରଜଦାଦାଙ୍କୁ କହିଲା - ହଇରେ ବ୍ରଜ, ସମସ୍ତେ ଏ ଗାଁ ଛାଡ଼ି ଚାଲିଗଲେ ତୁ ଯିବୁନାହିଁ କି ? ନା ନା ମୁଁ ଯିବିନାହିଁ, ସମସ୍ତେ ଚାଲିଯାଆନ୍ତୁ କହି ଚିତ୍କାର

ISSN NO.
2582-208X

କରି ଉଠିଲେ ବ୍ରଜଦାଦା। ବ୍ରଜଦାଦା ବଡ଼ ପାଟି କରି କହିଲେ ମୋର କିଏ ଅଛି ଯେ କାହାକୁ ନେଇ ଗାଁ ଛାଡ଼ିବି ? ମୁଁ ଏଇଠି ଜନମିଛି ମୁଁ ଏଇଠି ମରିବି, ଯିଏ ଯେଉଁଆଡ଼େ ଯିବାକଥା ଯାଆନ୍ତୁ ମୁଁ ଏ ଭିଟାମାଟି ଗାଁ ଦେଉଳ ଛାଡ଼ି ପାରିବିନି। ବାସ୍ତବରେ ବ୍ରଜଦାଦାଙ୍କ ପାଖରେ କେହି ନଥିଲେ ନିର୍ଜନତା ହିଁ ବ୍ରଜ ଦାଦାଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଥିଲା। ଯାହାର ଉତ୍ତର ଦେବାବେଳେ ସେ ହତୋତ୍ସାହିତ ହୋଇପଡ଼ିଥିଲେ ।

ଆଷାଢ଼ ମାସ ଶେଷ ସରିକି ବନ୍ଧରେ ପାଣି ଜମା ହେବାକୁ ଲାଗିଲା, ଧୀରେ ଧୀରେ ପାଣି ଗାଁ ମୁହାଁ ହୋଇ ଚାଷଜମି ସବୁ ବୁଡ଼ାଇଦେଲା। ତଥାପି ବ୍ରଜଦାଦା ଗାଁ ଛାଡ଼ି ନାହିଁ, ଏକା ଗାଁରେ ରହୁଛନ୍ତି । ସାତପୁରୀ ଅମାବାସ୍ୟା ଦିନ ବ୍ରଜଦାଦା ଦେଉଳ ବେଢ଼ାରେ ଶୋଇଥାନ୍ତି। ଏତିକିବେଳେ ଆକାଶରେ କଳାମେଘ ଘୋଟି ଆସି ତୁହାକୁ ତୁହା ବର୍ଷା ହେଲା ଯେ ଛାଡ଼ିବାର ନାଁ ଧରିଲା ନାହିଁ। ଗାଁ ଶେଷ ମୁଣ୍ଡରୁ ପାଣି ଗାଁ ମଧ୍ୟରେ ପଶିବାକୁ ଆରମ୍ଭ କକଲା। ଚାହୁଁ ଚାହୁଁ ପାଣି ବଢ଼ି କେଇ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଗାଁଟିକୁ ଗ୍ରାସ କରିବାରୁ ବ୍ରଜଦାଦା ସେହି ସ୍ଥାନରେ ସଲୀଳ ସମାଧି ନେଲେ। ପାଣି ବଢ଼ି ବନ୍ଧ ପରିପୂର୍ଣ୍ଣ ହେଲା ୨୪ଖଣ୍ଡ ଗାଁ ଲୋକଙ୍କ ଜମିବାଡ଼ି ଘରଦ୍ୱାର ସବୁଦିନ ପାଇଁ ବିଲୀନ ହେଲା ମାତ୍ର ବ୍ରଜଦାଦା ଶୋଇଥିବା ଦେଉଳର ଶୀର୍ଷରେ ଥିବା ଦଧିନଉତିକୁ ବୁଡ଼ାଇ ପାରିଲା ନାହିଁ।

ଗାଁ ବିଲୀନ ହେବା ସହ ବନ୍ଧ ତିଆରିକୁ ଆଠ ବର୍ଷ ପୁରିଲାଣି। ସୁମିନାନୀ ଏବଂ ବ୍ରଜଦାଦା ଯିବାର ସେଇ ଆଠ ବର୍ଷ ହେଲାଣି। ଦିନେ ଗାଁ ଛାଡ଼ି ଚାଲିଆସିଥିବା ନନ୍ଦୁ ବନାରସରେ ଭଲ ରୋଜଗାର କରିଛି ସେଠାରେ ସେ ବିବାହ କରିଛି। ନନ୍ଦୁର ମଧ୍ୟ ପୁଅଟିଏ ହୋଇଛି। ଦିନେ ନନ୍ଦୁର ସ୍ତ୍ରୀ ପୁଅକୁ ଖାଦ୍ୟ ଖୁଆଇ ଦେବାବେଳେ ହଠାତ୍ ନନ୍ଦୁର ପିଲାଦିନ କଥାମନେ ପଡ଼ିଛି। ଦିନେ ତାର ମାଆ ସୁମି ନନ୍ଦୁକୁ ଏମିତି କୋଳରେ ବସାଇ ଅତି ସରାଗରେ ଖୁଆଇ ଦେଉଥିଲା। ମା' କଥା ଭାବି ନନ୍ଦୁ ତା'ର ମାଆକୁ ଗାଁରୁ ଆଣି ବନାରସର ନିଜଘରେ ଖୁସିରେ ରଖିବ ଆଉ ନିଜେ ଖୁସିରେ ରହିବ ବୋଲି ବନାରସରୁ ରେଳ ଯୋଗେ ନନ୍ଦୁ ଗାଁ ଅଭିମୁଖେ ବାହାରିଛି। ଦୁଇଦିନ ରେଳରେ ବସିଲେ ଯାଇ ଗାଁ ପାଖ ଷ୍ଟେସନରେପହଞ୍ଚିବ ସେଠୁ ପୁଣି ଚାଲିକରି ଚାରିକୋଶ ବାଟ ଗଲେ ନନ୍ଦୁର ଗାଁ ଗଡ଼ଶଙ୍କର। ରେଳ ଯୋଗେ ନନ୍ଦୁ

ISSN NO.
2582-208X

ଆସି ଓହ୍ଲାଇଲା ଗାଁ ପାଖ ଷ୍ଟେସନରେ, ସେତେବେଳକୁ ଆକାଶରେ କୁଆଁତାରାଟି ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଥାଏ। ନନ୍ଦୁ ସକାଳ ହେବାଯାଏଁ ଅପେକ୍ଷା ନ କରି ଏକମୁହାଁ ହୋଇ ନଈ କୂଳେ କୂଳେ ଗାଁ ଆଡ଼େ ଲମ୍ବି ଯାଇଥିବା ମାଟିରାସ୍ତାରେ ପାଦ ଆଗକୁ ପକାଇ ଚାଲିଛି। ସିନ୍ଦୁରଫାଟିବା ଅଳ୍ପ ସମୟ ପୂର୍ବରୁ ଗାଁ ମୋଟେ ଦୁଇ କୋଶ ଥାଇ ଦୂରରୁ ଏକ ବିରାଟ ମାଟିର ପାହାଡ଼ ନନ୍ଦୁକୁ ଦୃଶ୍ୟମାନ ହେଲା। ନନ୍ଦୁ ଚକିତ ହୋଇଗଲା, ପୂର୍ବରୁ ତ ଗାଁ ରାସ୍ତାରେ ଏମିତି କିଛି ନଥିଲା। ଆଜି ଏ ପୁଣି କ'ଣ ? ବିଶାଳ ମାଟିର ପାହାଡ଼ ! ୟାକୁ କିଏ କେବେ ଏଠାରେ ଗଢ଼ିଲା ? ଏହା ଭାବି ନନ୍ଦୁ ଯାଇ ପହଞ୍ଚିଲା ସେଇ ମାଟିବନ୍ଧର ଠିକ୍ ତଳେ ଯେଉଁଠାରେ ତା'ର ମା' ସୁମି ସଂସାର ଛାଡ଼ିଥିଲା। ସେଠାରୁ ନନ୍ଦୁର ଗାଁକୁ ଯିବାପାଇଁ କୌଣସି ବାଟ ନଥିଲା। ନନ୍ଦୁ କୌଣସି ରାସ୍ତା ନ ପାଇ ସିଧା ଉଠିଲା ବନ୍ଧ ଉପରକୁ। ବନ୍ଧଉପରେ ପହଞ୍ଚି ନନ୍ଦୁ ସୁଦୀର୍ଘ ବିଶାଳ ଜଳରାଶିକୁ ଦେଖି ହତବାକ୍ ହୋଇଗଲା। ବହୁଦୂରରେ ସୂର୍ଯ୍ୟଙ୍କ ସୁନେଲି କିରଣ ପଡ଼ି ଜଳଭଣ୍ଡାରର ଠିକ୍ ମଝିରେ ଦେଉଳ ଚୂଡ଼ାରେ ଥିବା ନାଲିଆ ପତାକାଟି ଫର ଫର ହୋଇ ଉଡ଼ୁଥିବାବେଳେ ନନ୍ଦୁ ଆଖିରୁ ଧାର ଧାର ହୋଇ ଲୁହ ଝରି ପଡ଼ିଲା ସେଇ ନଦୀବନ୍ଧ ଉପରେ ଯେଉଁଠାରେ ଶେଷଥର ପାଇଁ ସୁମିର ପାଦଚିହ୍ନ ପଡ଼ିଥିଲା......

ବାହାଡ଼ାଝୋଲ୍, ନୟାଗଡ଼
ଯୋଗାଯୋଗ – ୯୩୪୮୪୦୫୮୪୦

ISSN NO.
2582-208X

# ହେ ମୋ ନରବତା



ସନ୍ଧ୍ୟାରାଣୀ ମଲ୍ଲିକ

ହେ ମୋ ନିରବତା
ତୁ ନୁହେଁ ମୂକ ବାରବାଟିର ପ୍ରାଚୀନ ଦୁର୍ଗ
ମହାନଦୀ ଅବା କାଠଯୋଡ଼ିର କୁଳୁ କୁଳୁ ଜଳ
ତୁ ଅଟୁ ବିଶ୍ୱାସର
ରାସ୍ତା କଡ ଝାପସା ଆଲୋକ
ତୁ ପୁଣି ଟିକେ ଅନ୍ୟମନସ୍କ
ଟିକେ ଜିଦଖୋର୍
ଅବୁଝା ଲୋତକ
ଅମାନିଆ ସ୍ୱପ୍ନ
ଆଞ୍ଜୁଳାଏ ସ୍ମିତହାସ୍ୟ ...

ପି.ଜି.ଓଡ଼ିଆ, ପ୍ରଥମ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN NO.
2582-208X

# ବାପା ପ୍ରତି ରଖ ନିଘା



ଦୀନବନ୍ଧୁ ପୋଇ

ମୁଖ ପୁସ୍ତିକାରେ ଫଟୋଟିଏ ଛାଡ଼ି ଦେଖାଅନି ବାପା ପ୍ରେମ
ତୁଛାରେ ଏମିତି ଛାଡିଦେଇ ଫଟୋ ଭାବ କି ରଖିବ ନାମ ।
ଖବର କାଗଜ ପୃଷ୍ଠା ଆଡେଇଲେ ବାପପୁଅ କଳିଗୋଳ
ବାପାଙ୍କୁ ହାଣିଛି ପୁଅ ତାର ନିଜେ ଗଣ୍ଡିମୁଣ୍ଡ ଦୁଇଫାଳ ।
ପାଳି ଖାଇବାକୁ ଏପୁଅ ସେ ପୁଅ ଘରହୁଏ ବାପା ନିତି
ପୁଅ ପାଳି ବାପା ଦିବସ, ତୁଛାରେ ଦେଖାଉଛି ନିଜ କୀର୍ତ୍ତି ।
ଆୟନାହିଁ ଯଦି ବାପାଙ୍କର କିଛି ହତାଦର କରେ ବୋହୁ
କହୁଥାଏ ବୋହୁ ନମରି କେମିତି ! କାହିଁ ଏଠି ବଞ୍ଚି ରହୁ ।
ଖାଇବା ବିହୁନେ ବାପାର ଆଖିରୁ ବୋହୁଥାଏ ଲୁହ ଲହୁ
ଜୀବନ୍ତ ଠାକୁର ସିଏ ବୋଲି ଆମେ ଏଠି ସେଠି ଖାଲି କହୁ ।
କିଏ ନେଇ ଛାଡ଼େ ଜରାଶ୍ରମେ ପୁଣି କିଏ ବି ରଖେ ଗୁହାଳେ
ଏମିତି ଜୀବନ କଟାଇ ଚାଲନ୍ତି ଆହାର ପାଇଁ ବିକଳେ ।
ତୁଛା ପ୍ରଶଂସାକୁ ବାପାଙ୍କ ଫଟୋରେ ପ୍ରଚାର ନକର କେହି
ତାଙ୍କ ସ୍ୱାସ୍ଥ୍ୟ ପ୍ରତି ରଖ ନିଘା ଟିକେ ଆଶିଷ ପାଇବ ସେହି ।
ବାପା ଡାକି ଦେଇ ତାଙ୍କ ପାଖେ ରହି ଦୂର କରତାଙ୍କ ଦୁଃଖ
ତାଙ୍କ ପାଇଁ ସିନା ବଡ଼ ହୋଇ ଆମେ ପାଉଛେ ଅନେକ ସୁଖ ।

ଗୋରଡାପାଳ, କରମୂଳ,
ଢେଙ୍କାନାଳ,ଦୂରଭାଷ- ୯୯୩୮୦୨୪୧୨

ISSN NO.
2582-208X

# ହେ ରଙ୍ଗାଜୀବ ଆଉ ଥରେନିଅ ଜନମ



ଜୟନ୍ତୀ ଦେବୀ

ଭାଷାର ସୌଧ ତୁମର ଅତି ଚମତ୍କାର
ଶବଦ ତାରକା ପନ୍ତି କିବା ଗଗନର ।
ଦର୍ଶନ ଧର୍ମ ଭାବନା ମାନଙ୍କୁ ଘେନିଣ
ଚୈତନ୍ୟ ସେବତୀ ଦେବୀଙ୍କ କୋଳ ମଣ୍ଡିଣ ।।
ଅଠରସ ବାସଠି ମସିହା ଅଗଷ୍ଟରେ
ନଅ ତାରିଖ ଦିବସ ବରପାଲି ଠାରେ
ପିତାମହ ସଦାଶିବ ମେହେର ଧାର୍ମିକ
ନିତ୍ୟ ଦର୍ଶନ କରନ୍ତି ଜଗନ୍ନାଥ ମୁଖ ।
ରସ ରତ୍ନାକର ତୁମର ଆଦ୍ୟ ରଚନା
ଇନ୍ଦୁମତି କାବ୍ୟ ତବ ସୁନ୍ଦର ଭାବନା
ପ୍ରଣୟ ବଲ୍ଲରୀ କୀଚକ ବଧ ଆଲେଖ୍ୟ ।
ମହିମା ଓ ତପସ୍ୱିନୀ କାବ୍ୟ ଅଧି ଲେଖ୍ୟ ।।
କବିତା କଲ୍ଲୋଳ ତବ ବାଣୀ ବରଦାନ ।
ଅନେକ ଗ୍ରନ୍ଥ ରଚିଣ ହୋଇଲ ମହାନ
ଧନ୍ୟ ହେ ପ୍ରକୃତି କବି ତୁମ୍ଭେ ଏ ସଂସାର ।
ତବ ପଦ ଯୁଗଳ ରେ ମୋର ନମସ୍କାର ।।

ମହୁ, ଆଳ,କେନ୍ଦ୍ରାପଡ଼ା।ପିନ୍ ୭୫୪୨୩୧

ISSN NO.
2582-208X



# ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ଜଗନ୍ନାଥ ଚେତନା



ଡ. ନୀଳମାଧବ ଛନ୍ଦ

ନୀଳାଦ୍ରି ଭୂଷଣ ହରିଚନ୍ଦନ ପ୍ରଥମତଃ ଜଣେ କବି ଭାବରେ ନିଜକୁ ପରିଚିତ କରିଥିଲେ । ଉତ୍ତର ସତୁରୀ ଓଡିଆ ସାହିତ୍ୟର କବିତା ବିଭାଗରେ ନିଜକୁ ସ୍ଥାନିତ କରି ଗୋଟିଏ ସମ୍ବେଦନଶୀଳ ହୃଦୟର ବାର୍ତ୍ତାବହ ହୋଇ ହୃଦୟକୁ ଛୁଇଁ ପାରିଛନ୍ତି। ୧୯୭୨ ମସିହାରେ 'ପାହାଚ' କବିତା ସଙ୍କଳନ ତାଙ୍କର ପ୍ରଥମ କୃତିତ୍ୱପୂର୍ଣ୍ଣ ସଙ୍କଳନ ପ୍ରକାଶିତ ହୋଇଥିଲା। ଏହି ପାହାଚ ସଂକଳନ ହିଁ ତାଙ୍କୁ ପାହାଚ ପରେ ପାହାଚ ଅତିକ୍ରାନ୍ତ କରାଇ କ୍ରମଶଃ ଓଡିଆ ସାହିତ୍ୟ ଜଗତରେ ଆଜି ଭିନ୍ନ ଭିନ୍ନ ଶୈଳୀରେ ଅନେକ ପାହାଚ ଅତିକ୍ରମ କରାଇପାରିଛି ଯାହା ଆମକୁ ସ୍ୱୀକାର କରିବାକୁ ହେବ।

ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ନିଜକୁ ସାମିଲ କରି ସ୍ୱାଧୀନତା ପ୍ରାପ୍ତିର ୩୦ ବର୍ଷ ପରେ ଡଃ. ହରିଚନ୍ଦନଙ୍କ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ଅର୍ଥାତ୍ ୧୯୮୧ ବେଳକୁ। ନାଟକ ଲେଖିବା ପୂର୍ବରୁ 'ଝଙ୍କାର', 'ଆସନ୍ତାକାଲି' ପରି ପ୍ରତିଷ୍ଠିତ ପତ୍ରିକାରେ ପରିଚିତ ହୋଇ ସାରି ଧିରେ ଧିରେ ବିଭିନ୍ନ ନାଟ୍ୟକାରଙ୍କ ନାଟକ ସବୁ ଦେଖିବା ଆରମ୍ଭ କଲେ। ବିଶ୍ୱଭାରତୀରେ ଥିବା ସମୟରେ ଅନେକ ବଙ୍ଗଳା ନାଟ୍ୟକାରଙ୍କ ନାଟକ ପଢିବା ଓ ନାଟକ ବିଷୟରେ ସମୀକ୍ଷା ଲେଖିବା ଭିତରେ ନାଟକ ଲେଖିବାକୁ ମନ ବଳାଇଲେ । ପେଶାରେ ଜଣେ ଅଧ୍ୟାପକ ଥିଲେ ମଧ୍ୟ ନିଶାରେ ଜଣେ ସାହିତ୍ୟ ସାଧକ । ଓଡିଆ ସାହିତ୍ୟ ପ୍ରତି ତାଙ୍କର ଗଭୀର ଆସକ୍ତ ରହିଅଛି । ଓଡିଆ ଭାଷା ଓ ସାହିତ୍ୟକୁ ମନ ପ୍ରାଣ ଦେଇ

ISSN NO.
2582-208X

ଭଲପାଉଥିବା ମଣିଷ ଭାବରେ ଓଡିଶାର ସଂସ୍କୃତି, ପରମ୍ପରା ତାଙ୍କ ନାଟକାଦିରେ ମଧ୍ୟ ସ୍ଥାନିତ କରିଛନ୍ତି । ସମାଜରେ ଦେଖା ଯାଉଥିବା ରୀତିନୀତିକୁ ଅତି ମନୋରମ ଢଙ୍ଗରେ ସଜେଇ ଧରିଛନ୍ତି ତାଙ୍କ ନାଟକମାନଙ୍କରେ । ସାହିତ୍ୟର ବଳିଷ୍ଠ ବିଭାଗ ନାଟକ ଯାହାକି ଦୃଶ୍ୟକାବ୍ୟ ଅଟେ ତେଣୁ ଏହାରି ମାଧ୍ୟମରେ ଓଡିଆ ଜନଜୀବନକୁ, ଚାଲିଚଳଣିକୁ ବିଶ୍ୱାସବୋଧକୁ ଦୃଢ ସମର୍ଥନଦେଇ ସର୍ବ ସମ୍ମୁଖରେ ଆଣିଛନ୍ତି ଆମ ଭାଷା ସାହିତ୍ୟ ଓ ସଂସ୍କୃତିକୁ । ତାଙ୍କର ଉକ୍ତ ପ୍ରୟାସ ସଫଳ ଭାବରେ ପ୍ରତିଫଳିତ ହୋଇଛି ତାଙ୍କର ପ୍ରତିଟି ସାହିତ୍ୟ କୃତି ମାନଙ୍କରେ ।

ଆମେ ସମସ୍ତେ ଭଲ ଭାବରେ ଜାଣୁ ଯେ ଜଗତରେ ଯଦି କେଉଁଠି ବିଧି ବ୍ୟବସ୍ଥା, ସମ୍ମାନ, ସଂସ୍କାର ଖୋଜିବା ତେବେ ଭାରତବର୍ଷ ହିଁ ଆମକୁ ଏସବୁର ସୁନ୍ଦର ପରିଚୟ ଦେଇପାରିବ ଯାହା ପାଇଁ ଭାରତୀୟ ଭାବରେ ଲୋକେ ଗର୍ବିତ ଅନୁଭବ କରିଥାନ୍ତି । ଭାରତବର୍ଷରେ ଯଦି କଉଠି ବିଶ୍ୱାସ ବୋଧ, ନିର୍ମଳ ବ୍ୟକ୍ତିତ୍ୱ, ନିଶ୍ବାର୍ଥ ପରତା ଖୋଜିବା ତେବେ ଓଡିଶା ହିଁ ପ୍ରଥମେ ସମସ୍ତଙ୍କ ନଜରକୁ ଆସିବା । ଯଦି ଓଡିଶା ନିଜର ସ୍ୱତନ୍ତ୍ରତାକୁ ନେଇ ପରିଚୟ ଦେଇପାରେ ଗର୍ବ କରିପାରେ ତେବେ ଓଡିଶାର ସଂସ୍କୃତି ପରମ୍ପରା ହିଁ ତାର ସୁନ୍ଦର ଉଦାହରଣ ସ୍ୱରୁପ ଛିଡାହୁଏ । ଏଠାରେ ପ୍ରଶ୍ନ ଆସେ ଓଡିଶାର ସୁନ୍ଦରତା ତେବେ କଣ ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଓଡିଶାର ସଭ୍ୟତା ସଂସ୍କୃତି । ସଂସ୍କୃତି ତାକୁ କହିବା ଯାହାକି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ପରିସର ମଧ୍ୟରେ ଥିବା ଚାଲିଚଳଣି ଓ ପରମ୍ପରା। ଆମ ସୁନ୍ଦର ଜୀବନ ଧାରଣ ହେଉଛି ଆମ ଓଡିଆ ସଂସ୍କୃତି ଯାହା ଓଡିଶାର ଜଗନ୍ନାଥ ସଂସ୍କୃତି ଭାବରେ ସମସ୍ତେ ଜାଣନ୍ତି ଏବଂ ଏହା ହିଁ ଆମର ସାମାଜିକ ଜ୍ଞାନୋଦୟ କରିଥାଏ ।

ସାହିତ୍ୟ ଜଗତର ପ୍ରତିଟି ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶିତ କରି ସାହିତ୍ୟକୁ ବଳିଷ୍ଠ କରିଥିବା ନାଟ୍ୟକାର ଡ. ହରିଚନ୍ଦନ ନାଟ୍ୟବିଭାଗ ସହିତ ନିଜକୁ ଜଡ଼ିତ କରି ଏସବୁକୁ ସଫଳତା ଶୀର୍ଷରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଛନ୍ତି । ନାଟ୍ୟକାରଙ୍କ 'ସତ୍ୟ ସଂଶୟ ସାଲବେଗ'(୧୯୮୧), 'ବତାସ ନିସ୍ତବ୍ଧ ଆଜି'(୧୯୮୩), 'ବନ୍ଦୀଶାଳାରେ

ISSN NO.
2582-208X

ବିଶ୍ୱପତି'(୨୦୧୨), ଆଦି ନାଟକ ତ୍ରୟ ଓଡିଆଙ୍କ ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିକୁ ବହନକରି ଓଡିଶାକୁ ଗୌରବାନ୍ୱିତ କରିପାରିଛି ।

୧୯୮୧ ମସିହାରେ ନାଟ୍ୟକାରଙ୍କ ପ୍ରଥମ ପ୍ରକାଶିତ ନାଟକ 'ସତ୍ୟ ସଂଶୟ ସାଲବେଗ' ଯାହାକି ତାକୁ ଜଣେ ନାଟ୍ୟକାର ଭାବରେ ପରିଚିତ ମଧ୍ୟ କରିପାରିଛି । ଏଥିରେ ଭକ୍ତ ଶିରୋମଣି କବି ସାଲବେଗ ଜୀବନ ଚରିତ ହିଁ ବର୍ଣ୍ଣିତ ହୋଇଛି । ଜାତିରେ ଯବନ ହେଲେ ମଧ୍ୟ ସେ ଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତ ହେବାର ଗୌରବ ଲାଭ କରିଛନ୍ତି । ଏବଂ ଏହାର ଆକୁଳ ନିବେଦନରେ ନନ୍ଦିଘୋଷ ଶରଧାବାଲିରେ ତାଙ୍କର ଆଗମନ ପର୍ଯ୍ୟନ୍ତ ଅଟକି ରହିଛି। ସାଲବେଗ ଇତିହାସର ସୀମା ଲଙ୍ଘନ କରି ସାମ୍ପ୍ରତିକ ପ୍ରତିନିଧିରେ ରୂପାନ୍ତରିତ ହୋଇଛି । ଯାହା ଭିତରେ ଅନେକ ଦ୍ୱନ୍ଦ । ଏଭଳି ଚରିତ୍ର ମିଥ ବା ପୁରାଣ କଳ୍ପରେ ରୂପାନ୍ତରିତ ହୋଇଛି ଆଉ ଏହି ମିଥ୍ ଆମକୁ ପରମ୍ପରା ସହିତ ଜଡିତ ରଖିଥାଏ । ଯେଉଁଠି ଇତିହାସ ଥକି ଯାଇଛି ସେଠାରେ ଏହି ମିଥ୍ ଆମକୁ ପରମ୍ପରା ସହିତ ଜଡିତ ରଖିଥାଏ । ସେଇଠି ଐତିହାସିକ ଚରିତ୍ରମାନେ ମାନବୀୟ ସହାନୁଭୂତି ଆଧାରରେ ଆହୁରି ଜାଜୁଲ୍ୟମାନ ହୋଇ ଜନମାନସରେ ପ୍ରତିବିମ୍ବିତ ହୋଇଛନ୍ତି । ଅବଶ୍ୟ ସାଲବେଗ ସମ୍ପର୍କରେ କିମ୍ବଦନ୍ତୀର ଅଭାବ ନାହିଁ । କିମ୍ବଦନ୍ତୀ ସାଧାରଣତଃ ଅଲୌକିକତାକୁ ନିଜର ପ୍ରାଣ ବିନ୍ଦୁ ରୂପେ ଗ୍ରହଣ କରିଥାଏ । ନାଟକରେ ଦେଖେଇ ଦିଆଯାଇଛି ଯେ ମଣିଷ କୃତ ଜାତିରେ କେମିତି ଭଗବାନଙ୍କୁ ମଧ୍ୟ ଭାଗ କରିବାକୁ ବୃଥା ପ୍ରୟାସ କରାଯାଇଛି ପ୍ରକୃତରେ ଭକ୍ତର ଭଗବାନ ଜାତିର ନୁହଁନ୍ତି । ଏଥିରେ ମାନବିକ ମୂଲ୍ୟବୋଧକୁ ବିଚାର କରାଯାଇଛି। ଗୋଟେପଟକୁ କ୍ଷମତାର ମୋହ ଅନ୍ୟପଟରେ ପାର୍ଥିବ ଚିନ୍ତା ଚେତନା ଓ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକ ମଣିଷ ସମାଜ ପରିକଳ୍ପନା କରାଯାଇଛି ।

ଯେତେବେଳେ ବ୍ୟାଧିଗ୍ରସ୍ତ ସାଲବେଗ ମାଁ ତୁଳସୀର ସେବା ଯତ୍ନରେ ଆରୋଗ୍ୟ ଲାଭ କରେ ସେହି ହିନ୍ଦୁ ବ୍ରାହ୍ମଣୀ ତା ପାଖରେ ଭକ୍ତିର ଦୀପ ମଧ୍ୟ ଉଦ୍ରେକ କରିଦିଏ । ଏବଂ ସାଲବେଗ ଜଗନ୍ନାଥଙ୍କ ପାଖରେ ନିଜକୁ ସମର୍ପଣ କରି ରଚନା କରି ଚାଲେ କାଳଜୟୀ ଭକ୍ତି କବିତା । ବୈଷ୍ଣବ, ଫକୀର, ତୁଳସୀ, ଲାଲବେଗ, ଓ ସାଲବେଗ ଚରିତ୍ର ସବୁକୁ

ISSN NO.
2582-208X

ଜୀବନ୍ତ ଭାବରେ ଉପସ୍ଥାନ କରାଯାଇଅଛି । ଏମାନଙ୍କ ମାଧ୍ୟମରେ ସମାଜର ଧର୍ମାନ୍ଧତାକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଫକୀର ତାର ଧର୍ମକୁ ନେବା ପାଇଁ ପ୍ରୟାସ କରୁଥିବା ବେଳେ ପିତାର ସ୍ୱାର୍ଥ ମୋହ ଜାଗି ଉଠେ କିନ୍ତୁ ସେସବୁକୁ ପ୍ରତ୍ୟାଖ୍ୟାନ କରି ସାଲବେଗ ଧର୍ମର ସଂକୀର୍ଣ୍ଣତାରୁ ସେ ନିଜକୁ ମୁକ୍ତ ରଖିବାକୁ ଚାହେଁ । ନିଜକୁ ମାନବିକ ଧର୍ମରେ ଦୀକ୍ଷିତ କରିବାକୁ ଆଗେଇ ଆସେ । ମାନବବାଦ ଦୃଷ୍ଟି କୋଣରୁ ବିଚାର କରି ସମ୍ପ୍ରତି ଭାରତ ବର୍ଷର ଜାତିତ୍ୱକୁ ଲୋପ କରିବାକୁ ସାଲବେଗ ଚରିତ୍ର ଭିତର ଦେଇ ନାଟ୍ୟକାର ସମାଜକୁ ମନେପକାଇ ଦେବାକୁ ଚେଷ୍ଟା କରିଛନ୍ତି । ବ୍ୟାଧିଗ୍ରସ୍ତ ସାଲବେଗ, ତୁଳସୀ ଦେବୀ ପରିତ୍ୟକ୍ତ ହେବାପରେ ଜଗନ୍ନାଥ ମନୋବୃତ୍ତିର ଜାତ ଶାକ୍ତ ଚିନ୍ତାଧାରା ତାକୁ ସୁସ୍ଥ କରିଦିଏ । ତା'ର ଭକ୍ତିକୁ ସମାଜପତିମାନେ ସହିନପାରି ଶ୍ରୀ ମନ୍ଦିର ଦ୍ୱାର ବନ୍ଦ କରିଦିଅନ୍ତି କିନ୍ତୁ ପ୍ରଭୁଙ୍କ ଆଶୀର୍ବାଦରେ ତା'ଦ୍ୱାରା ଲିଖିତ କବିତା ସବୁ ହୋଇଉଠେ ବିଖ୍ୟାତ । ପାତ୍ରୋଚିତ ସଂଳାପ ସଂଯୋଜନା ଏ ନାଟକର ଆଉ ଏକ ସଫଳତାର ମାଧ୍ୟମ ପରି ଅନୁଭୂତ ହୋଇଥାଏ । ଯେତେବେଳେ ଧର୍ମ ସମ୍ବନ୍ଧୀୟ ଘଟଣା ଚକ୍ରରେ ନିଜେ ଛନ୍ଦି ହୋଇ ଯାଇଛି । ଏ ଧର୍ମ ସଂକୀର୍ଣ୍ଣତା ମଧ୍ୟରୁ ନିଜକୁ ମୁକୁଳେଇବା ପାଇଁ ଚାହିଁଛି ସେତେବେଳେ ସାଲବେଗ କହେ :- "×× ×× ×× ଉଭୟ ଧର୍ମର ମହାନୁଭବତକୁ ମୁଁ ପ୍ରାଣ ଭରି ଭଲ ପାଇ ଆସିଛି ଅଥଚ ମୁଁ ହିନ୍ଦୁ ନୁହେଁ କି ମୁସଲମାନ ନୁହେଁ ସବୁ ଧର୍ମ ମୋ ନିକଟରେ ସମ୍ମାନ ।" ଧର୍ମ ଭିତରେ ଥିବା ସଂକୀର୍ଣ୍ଣତା ଓ ଧର୍ମ ପରି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ହାତରେ ଏକ ଖେଳଣା ପାଲଟି ଯାଇଛି ତାହା ଅତି ସୁନ୍ଦର ଭାବରେ ଚିତ୍ରଣ ହୋଇଛି । ଉକ୍ତ ଘଟଣା, ଚରିତ୍ର ମାଧ୍ୟମରେ ନାଟ୍ୟକାର ଜାତି ଧର୍ମ ନାମରେ ପ୍ରଚଳିତ ପ୍ରଥାକୁ ନେଇ ସମାଜକୁ ସଚେତନ କରିବା ପାଇଁ ପ୍ରୟାସ କରିଛନ୍ତି ।

ଇତିହାସ ପୃଷ୍ଠାର ଏକ ସୁନ୍ଦର ଘଟଣାକୁ ନାଟ୍ୟକାର ତାଙ୍କ ସୃଷ୍ଟିରେ ସ୍ଥାନିତ କରିଛନ୍ତି ଯାହାକି ଜନମାନସରେ ଠିକ୍ ଭାବରେ ପହଞ୍ଚିପାରି ନାହିଁ । "ତାସ ନିସ୍ତବ୍ଧ ଆଜି" ନାଟକଟି ହେଉଛି ସେହି ଇତିହାସର ଘଟଣା ପ୍ରଭାବରୁ ସାଉଁଟି ଆଣିଥିବା ଚଳନ୍ତି ସମାଜର ଏକ ନିରୋଳା ସତ୍ୟ ଘଟଣା । ସାଧାରଣତଃ ମଣିଷ ନିଜକୁ ସମାଜରେ ଜଣେ ଲବ୍ଧ ପ୍ରତିଷ୍ଠିତ

ISSN NO.
2582-208X

କରିବା ପାଇଁ କୌଣସି କୂଟ ଚକ୍ରାନ୍ତକୁ ପ୍ରଶ୍ରୟ ଦେବାକୁ କୁଣ୍ଠାବୋଧ କରେନାହିଁ । ଜୀବନର ଶେଷ ସମୟରେ ମଧ୍ୟ ନିଜ ପ୍ରଭାବ ବିସ୍ତାର କରିବାକୁ ଚାହେଁ । ଯଦିଓ ଗୋଟିଏ ଦିଗକୁ ବିଚାରକୁ ନେଇ କୁହାଯାଇପାରେ ଯେ ବାଳ ବିର୍ଜ ହୀନ ଅଯୋଗ୍ୟ ମଧ୍ୟ ଯୋଗ୍ୟ ବିବେଚିତ ହୋଇଯାଉଛି କିନ୍ତୁ ଅନ୍ୟ ଦିଗକୁ ଦେଖିଲେ ସ୍ପଷ୍ଟ ହୋଇପଡେ ଯେ ଆତ୍ମବିଶ୍ୱାସକୁ ଦୃଢ ରଖି ଯଦି କେହି କୌଣସି କାମ କରେ ତେବେ ସେ ସଫଳ ହୋଇଥାଏ। ଏ ନାଟକରେ ମଧ୍ୟ ଓଡିଶାର ଆରାଧ୍ୟଙ୍କ ପ୍ରତି ଆସ୍ଥା ଭାଜନ ହିଁ ସେହି ସଫଳତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଗ୍ରହଣ କରିଛନ୍ତି ନାଟକକୁ ଏବଂ ଆମେ ଏଠାରେ ସେହି ଦୁଇଟି ଦିଗକୁ ଦୃଷ୍ଟିରେ ରଖି ଜଗନ୍ନାଥ ସଂସ୍କୃତିର ମହାନତା ଓ ମଣିଷକୁ କିଭଳି ଭାବରେ ଅସାଧ୍ୟକୁ ସାଧ୍ୟ କରିବାର ଆତ୍ମଶକ୍ତି ପ୍ରାପ୍ତି ହୁଏ ଜାଣିବାକୁ ପାଇପାରିବା।

କ୍ଷମତାର ଲୋଭରେ ପଥଭ୍ରଷ୍ଟ ଗଜପତି କପିଳେନ୍ଦ୍ରଦେବ ବୟସର ଅପରାହ୍ଣରେ ମଧ୍ୟ ନିଜ ଭିତରେ ଥିବା ଅହଙ୍କାରକୁ ଆୟତ୍ତ କରି ପାରୁ ନାହାଁନ୍ତି । ପରାକ୍ରମୀ ପୁତ୍ର ହମ୍ବିର ଦେବ ପ୍ରଜାପାଟକଙ୍କ ଆଗରେ ଜଣେ ମହାନ୍ ଯୋଦ୍ଧା ଭାବରେ ପରିଚିତ ହୋଇପଡେ କେବଳ ସେତିକି ନୁହେଁ ତା ଭିତରେ ଥିବା ପ୍ରଜାବତ୍ସଳ ତାକୁ ପ୍ରଶଂସିତ କରାଏ । ପ୍ରଜାମାନେ ଭବିଷ୍ୟତର ସମ୍ରାଟ ଭାବରେ ମଧ୍ୟ ମନେ ମନେ ଗ୍ରହଣ କରିନିଅନ୍ତି । ରାଜାଙ୍କୁ ଏ ଅନ୍ତର୍ଦ୍ୱନ୍ଦ୍ୱ ବିଚଳିତ କରିପକାଏ ନିଜକୁ ନିଜେ ପ୍ରଶ୍ନ କରନ୍ତି ଯଦି ହମ୍ବିର ମୋ ପାଇଁ ନିଜ କୀର୍ତ୍ତିକୁ ଉତ୍ସର୍ଗ କରିବା ପରିବର୍ତ୍ତେ ନିଜେ ତାର ଶ୍ରେୟ ନେବାପାଇଁ ବିଦ୍ରୋହ କରିବସେ ତେବେ କଣ ହେବ ପରିସ୍ଥିତି ? ହମ୍ବିରଦେବ ଥିଲେ ରାଣୀ ପୁତ୍ର ତେଣୁ ଜନ୍ମ ସୂତ୍ରରେ ରାଜସିଂହାସନ ପ୍ରତି ତାଙ୍କର ଅହେତୁକ ଅଧିକାର ଏବଂ ଦାସୀ ପୂର୍ଣ୍ଣିମା ଓ କପିଳେନ୍ଦ୍ରଦେବଙ୍କ ଔରସରୁ ଜନ୍ମ ନେଇଥିଲେ ପୁରୁଷୋତ୍ତମ ଦେବ ତେବେ ଦାସୀ ବୁଝି ସାରିଛି ତା'ର ପୁତ୍ରର ସିଂହାସନକୁ ନେଇ କୌଣସି ଭବିଷ୍ୟତ ନାହିଁ ସେତେବେଳେ ରାଜାଙ୍କ ଅନ୍ତର୍ଦ୍ୱନ୍ଦ୍ୱର କାରଣ ହୋଇପଡେ । କପିଳେନ୍ଦ୍ରଦେବଙ୍କ ଠାରେ ଘଟି ସାରିଛି ଯେ ଜନ୍ମ ସୂତ୍ରରୁ କେହି ରାଜା ହୁଏ ନାହିଁ । ସେହି ଅନୁସାରେ ପୁରୁଷୋତ୍ତମ ଦେବକୁ ରାଜା ଘୋଷିତ କଲେ ଅସୁବିଧା କିଛି ନାହିଁ ବରଂ ସବୁ ଦିନ ପାଇଁ ସେ ପିତୃ ଅନୁଗାମୀ ରହି ତାଙ୍କ

ISSN NO.
2582-208X

ନିର୍ଦ୍ଦେଶାନୁସାରେ ଆଗକୁ ଯିବ ଓ ପରିଣତି ବୟସରେ ମଧ୍ୟ ରାଜ୍ୟକୁ ନିଜ ଇଚ୍ଛା ଅନୁସାରେ ପରିଚାଳିତ କରିପାରିବେ ।

ସରଳ ନିରୀହ ପ୍ରାଣଙ୍କ ଚିନ୍ତା ଚେତନାକୁ ଆୟତ୍ତ କରିବାକୁ ହେଲେ ତାଙ୍କ ଦୁର୍ବଳତାକୁ ଅସ୍ତ୍ର ଭାବରେ ଗ୍ରହଣ କରିବାକୁ ହୁଏ। ଯେହେତୁ ଓଡିଶାର ଆରାଧ୍ୟ ପ୍ରଭୁ ଜଗନ୍ନାଥ ସେଥିପାଇଁ ସାମ୍ପ୍ରତିକ ସମୟର ଭକ୍ତି ବିଶ୍ୱାସକୁ ନେଇ ପ୍ରଜାଙ୍କୁ ପ୍ରତାରଣା କରାଯାଇଅଛି। ସେହି ଇତିହାସ ପୃଷ୍ଠାରୁ କପିଳେନ୍ଦ୍ରଦେବ, ହମ୍ବିରଦେବ, ପୁରୁଷୋତ୍ତମ ଦେବ ଓ ପୂର୍ଣ୍ଣିମା ପରି ଗତିଶୀଳ ଚରିତ୍ର ସବୁକୁ ଉପସ୍ଥାପନ କରାଯାଇଛି । ନାଟ୍ୟକାର ସେମାନଙ୍କ ମୁଖରେ ସଂଯୋଜିତ ସଂଳାପ ଗୁଡିକରେ ସେମାନେ ହୋଇଉଠୁଛନ୍ତି ଜୀବନ୍ତ । ମନେହୁଏ ଚରିତ୍ର ସବୁ ଆଖିଆଗରେ ଆତଯାତ ହେଉଛନ୍ତି । ରାଜାଙ୍କୁ ପ୍ରଲୋଭିତ କରି ଦାସୀ ପୂର୍ଣ୍ଣିମା କହେ:- "ବଡପଣ୍ଡାମାନଙ୍କ ମାଧ୍ୟମରେ ପ୍ରଚାର କରିବାକୁ ହେବ ଯେ ଆପଣଙ୍କୁ ଜଗନ୍ନାଥ ସ୍ୱପ୍ନରେ କହିଛନ୍ତି - ପୁରୁଷୋତ୍ତମ ଦେବ ହେଉଛନ୍ତି ଓଡିଶା ସିଂହାସନର ସୁଯୋଗ୍ୟ ଉତ୍ତରାଧିକାରୀ ତାଙ୍କର ଯଥାଶୀଘ୍ର ସିଂହାସନ ଆରୋହଣ ପ୍ରଭୁଙ୍କ ଇଚ୍ଛା । ଏତିକି ମାତ୍ର କାମ ଆପଣଙ୍କୁ କରିବାକୁ ହେବ । କେଉଁଠାରେ ଅସନ୍ତୋଷର ସାମାନ୍ୟ ଗୁଞ୍ଜରଣ ବି ହେବ ନାହିଁ ।" ପରିଶେଷରେ ତାହାହିଁ ହେଲା । ଏହି ଦୃଷ୍ଟିରୁ ଯଦି ବିଚାର କରାଯାଏ ତେବେ ଏଠାରେ ଆମ ସଂସ୍କୃତି, ପରମ୍ପରା, ବିଶ୍ୱାସକୁ ହତ୍ୟା କରାଯାଇଛି କେତେଗୁଡିଏ ସ୍ୱାର୍ଥନ୍ୱେସି ଚରିତ୍ରଙ୍କ ମାଧ୍ୟମରେ । ଆମ ଓଡିଆ ଜାତିର ଗର୍ବକୁ କ୍ଷୁର୍ଣ୍ଣ କରିଦିଆଯାଇଛି ।

ଯଦି କେହି ସଂସ୍କୃତି ପରମ୍ପରାକୁ ନେଇ ଗର୍ବ ଅନୁଭବ କରେ ତେବେ କେମିତି ତାର ମୁଣ୍ଡ ଅନ୍ୟଠାରେ ନଇଯିବ । ଯେଉଁ ବିଶ୍ୱାସବୋଧ ପାଇଁ ସମାଜ ସୁସ୍ଥ ଜୀବନ ଧାରଣର ଆଶା ରଖେ ତାହା ଏଭଳି ଭାବରେ ଚୁରମାର ହୋଇପଡିବ ନାହିଁ । ଅନ୍ୟ ଦୃଷ୍ଟିରେ ଓଡ଼ିଆଙ୍କ ଭରସା ପୂର୍ବ ଭଳି ବଳବତ୍ତର ରହିଛି । ୧୮୮୩ ମସିହାରେ ରଚିତ ଏ ନାଟକଟି ଜଗନ୍ନାଥଙ୍କ ପ୍ରତି ବିଶ୍ୱାସ ରଖିଥିବା ମଣିଷଙ୍କ ସାମାଜିକ ସଫଳତା ବିଚାରରେ ସୃଷ୍ଟି କରାଯାଇଛି । ଷଡଯନ୍ତ୍ର କରି ଗାଦିରେ ବସିଥିଲେ ମଧ୍ୟ ଏସମସ୍ତ ଚକ୍ରାନ୍ତଠାରୁ ଅଜ୍ଞ ରହିଥିବା ପୁରୁଷୋତ୍ତମ ଦେବ ପରବର୍ତ୍ତୀ ସମୟରେ କେମିତି ପ୍ରଜାବତ୍ସଲ୍ୟ ହୋଇପାରିଛି ?

ISSN NO.
2582-208X

କେମିତି ସଫଳ ଗଜପତି ଭାବରେ ଇତିହାସର ପୃଷ୍ଠା ମଣ୍ଡନ କରି ପାରିଛି ? ଜବାବରେ ଏତିକି କୁହାଯାଇପାରେ ଯେ ଭଗବାନଙ୍କ ଆଶୀର୍ବାଦ ହିଁ ଏକମାତ୍ର କାରଣ ପରି ମନେହୁଏ। ନିଜ ଯୋଗ୍ୟତାକୁ ବୁଝି ସାରିଥିଲେ ମଧ୍ୟ ପ୍ରଭୁଙ୍କ ଇଚ୍ଛା ଭାବି ନିଜ ଭିତରେ ଆତ୍ମବିଶ୍ୱାସ ସଞ୍ଚୟକରି ଯେଉଁ ଅହେତୁକ ଶକ୍ତି ମନ ଭିତରେ ଧାରଣ କରିଛି ତାହା ହିଁ ଓଡିଆ ସଂସ୍କୃତିର ସଫଳତା ଏବଂ ରାଜ୍ୟରେ ପ୍ରଜା ପାଟକଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ମଧ୍ୟ ଏଥି ସକାଶେ ସମ୍ଭବ ହୋଇପାରିଛି । ଯେତେବେଳେ ପରାକ୍ରମୀ ହମ୍ବିରର ଶାବେଲି ମୁଥକୁ ଜଗନ୍ନାଥଙ୍କୁ ସ୍ମରଣ କରି ପୁରୁଷୋତ୍ତମ ଦେବ ସହିଯାଏ ଗଜପତି କପିଳେନ୍ଦ୍ରଦେବ ପୁତ୍ରର ପରାକ୍ରମକୁ, ଯୋଗ୍ୟତାକୁ ମନେପକାଇ ନିଜ ଭୁଲ ବୁଝିପାରି ନିଜ ପ୍ରଚଣ୍ଡ ଅହମିକା ପାଇଁ ବିଷାଦିତ ହୋଇଥାନ୍ତି ଓ ଅନୁତାପର ନିଆଁରେ ଭଗବାନଙ୍କ ଶରଣାପନ୍ନ ହୁଅନ୍ତି ।

ସମ୍ପ୍ରତି ମଣିଷ ଭିତରେ ଅନେକ ପ୍ରଗତି ମୂଳକ ଚିନ୍ତାଧାରା ପ୍ରକାଶ ପାଉଛି ମଣିଷ ତାର ବୁଦ୍ଧି ବଳରେ ଶିକ୍ଷା ବଳରେ ଜଗତକୁ ଜିଣିବାକୁ ବସିଲାଣି ତଥାପି ସମାଜର ଧର୍ମୀୟ ଭାବନାକୁ କେହି ଅଣଦେଖା କରିପାରିବ ନାହିଁ । ଶିକ୍ଷିତ ସମାଜରେ ପ୍ରଭୁ ଭକ୍ତି ଯେତିକି ରହିଛି ତତସହିତ ରହିଛି ଜାତି ଭେଦଭାବ । ଆମ ମହାନ୍ ଆଦର୍ଶ ପରମ୍ପରା ହିଁ ଆମର ଗର୍ବ ଓ ପରିଚୟ କିନ୍ତୁ ସଂକୀର୍ଣ୍ଣ ମନୋଭାବ ନେଇ ଏସବୁ ଅଣଦେଖା କରିବା ଆଦୌ ଉଚିତ୍ ନୁହେଁ । ଏହି ବର୍ତାରେ ସଚେତନ କରିବା ପାଇଁ ନାଟ୍ୟକାର ନୀଳାଦ୍ରି ଭୂଷଣ ୨୦୧୨ ମସିହାରେ ଲେଖିଛନ୍ତି ନାଟକ "ବନ୍ଦିଶାଳାରେ ବିଶ୍ୱପତି" ।

ବର୍ତ୍ତମାନ ସମାଜରେ ଜାତିଆଣ ଆକ୍ଷେପ ବଡ ସମସ୍ୟା ହୋଇ ଠିଆ ହୋଇଛି । ଯେଉଁଠି ଓଡିଶା ଦେଶ ବିଦେଶରେ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର କ୍ଷେତ୍ରର ସନ୍ତାନ ଭାବରେ ପରିଚୟ ଦିଏ ସେହି ଓଡିଶାର ଆରାଧ୍ୟ ସାମ୍ପ୍ରଦାୟିକ ଚିନ୍ତାଧାରା ଭିତରେ ଛନ୍ଦି ହୋଇ ଯାଇଛନ୍ତି । ହୀନ ସଂକୀର୍ଣ୍ଣ ଆକ୍ଷେପ ସ୍ୱାର୍ଥନ୍ୱେସି କେତେକ ମଣିଷ ପାଇଁ ଭଗବାନ ମଧ୍ୟ ଭାଗ ଭାଗ ହୋଇ ଯାଉଛନ୍ତି । ଏହି ଚିନ୍ତାଧାରାରୁ ମୁକ୍ତ କରିବାକୁ ପ୍ରୟାସ କରିଛନ୍ତି ଓ ଭକ୍ତର ଭଗବାନ ଏକଥା ସୂଚିତ କରିବାକୁ ଚେଷ୍ଟା କରିଛନ୍ତି । ଜଗନ୍ନାଥଙ୍କ ସଂସ୍କୃତି

ISSN NO.
2582-208X

ଉପରେ ଅଞ୍ଚ ଅହଙ୍କାରୀମାନଙ୍କୁ ଏ ସମ୍ପର୍କରେ ଉଚିତ୍ ଜ୍ଞାନ ଦେବାକୁ ଚେଷ୍ଟା କରିଛନ୍ତି । ହୀନ ଚିନ୍ତାଧାରାରେ ହୀନସ୍ତା ହେବା ଅପେକ୍ଷା ବାସ୍ତବତାକୁ ଗ୍ରହଣ କରିନେବା ଉଚିତ ।

ଜନଶୃତି ଅନୁସାରେ ଶବର ଗୃହକୁ ଜଗନ୍ନାଥଙ୍କୁ ଆଣି ପୂଜା କରାଯାଉଛି ଆଉ ସେତେବେଳେ ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ଆର୍ଯ୍ୟ ଅନାର୍ଯ୍ୟ ଦୁଇଗୋଷ୍ଠୀ ପୂଜକ ନିଯୁକ୍ତି ଥିଲେ ଓ ମନ୍ଦିର ନିତିକାନ୍ତି କରୁଥିଲେ । ଇତିହାସ ମଧ୍ୟ ସ୍ୱୀକାର କରେ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରତ୍ୟେକ ଧର୍ମର, ଜାତିର ଲୋକମାନେ ମନ୍ଦିର ପ୍ରବେଶ କରିପାରୁଥିଲେ କାଳକ୍ରମେ ତୁଳସୀ ପଡ଼ିଆ ଗୋଷ୍ଠୀ ନିଜ ଅକ୍ତିଆରକୁ ନେଇ ହୀନ ରାଜନୀତି କରି ଆସୁଛନ୍ତି । ହାତ ଗଣତି ଲୋକ, ଦାସ ଭୋଇ ଓ ବିପ୍ଳବ ପରିକା ଚରିତ୍ର ପ୍ରତିବାଦ କରୁଛନ୍ତି । ଏ ମାନସିକତାରୁ ନିବୃତ ରହିବା ପାଇଁ ତାଙ୍କ ଗୋଷ୍ଠୀର ଶିକ୍ଷିତ ଯୁବକ ଯିଏକି ଅଧ୍ୟାପନା କରେ ସେ ମଧ୍ୟ ଚେଷ୍ଟା କରେ କିନ୍ତୁ ସମସ୍ତ ପ୍ରୟାସ ବିଫଳ ହୋଇଯାଏ । ଦେଶ ବିଦେଶରୁ ପ୍ରଭୁ ଦର୍ଶନ ପାଇଁ ଲୋକଙ୍କ ସୁଅ ଛୁଟେ ହେଲେ ପଇସା ଦେଇ ଦର୍ଶନ କରିବାକୁ ହୁଏ । ସ୍ଥାନୀୟ ଶିଖରା ପାଣର ଝିଅ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୀରା ଦାସ ଓ ବିଦେଶୀ ବିଦ୍ୱାନ କୃଷ୍ଣ ଭକ୍ତଙ୍କୁ ଜାତୀୟତା ଭେଦଭାବ ପାଇଁ ଦର୍ଶନରୁ ବଞ୍ଚିତ ହେବାକୁ ହୁଏ । ନାଟ୍ୟକାରଙ୍କ ଚରିତ୍ର ଚିତ୍ରଣ ଅତ୍ୟନ୍ତ ଚମତ୍କାର ମାନେ ହୁଏ କାରଣ ସବୁତକ ଏ ମାଟିର ବାସ୍ତବ ଚରିତ୍ର ଅଟନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସି ନୀରା ଦାସ ଜାତିପ୍ରଥାକୁ ନେଇ ଆଲୋଚନା କରନ୍ତି ସଂସ୍କାର ମୂଳକ ପ୍ରସ୍ତାବ ମଧ୍ୟ ରଖନ୍ତି ହେଲେ ସବୁକିଛି ପାଣି ଫୋଟକା ପରି ମିଳେଇଯାଏ। ସରକାରଙ୍କ ଭୋଟ ରାଜନୀତି ପାଇଁ ଏ ସାମାଜିକ ପ୍ରଥାରୁ ବିଶ୍ୱପତିଙ୍କୁ ମୁକୁଳାଯାଇ ପାରୁନି । ସେମାନେ ଚାହାନ୍ତି ଲୋକେ ସେମିତି ରହନ୍ତୁ କାରଣ ତାଙ୍କର ପଡିଆରା ଚାଲିପାରିବ ସବୁ ଦିନ ପାଇଁ । ବାସ୍ତବିକ ଧର୍ମୀୟ ଭାବନାକୁ ନେଇ ଜଗନ୍ନାଥଙ୍କ ନାମରେ କେମିତି ରାଜନୀତି ବ୍ୟବସାୟ, ଜାତିଗତ ବିଭେଦ, ପରି ସାମାଜିକ ସମସ୍ୟାମାନ ସୃଷ୍ଟି କରିଥାନ୍ତି ତାହା ନାଟ୍ୟକାର ଦେଖେଇ ଦେଇ କହିବାକୁ ଚାହାନ୍ତି ଯେ ଭଗବାନ ଆର୍ଯ୍ୟ ଅନାଯ୍ୟ ସଭିଙ୍କର ତାଙ୍କ ପାଖରେ କୌଣସି ଭେଦଭାବର ସ୍ଥାନ ନାହିଁ ।

ISSN NO.
2582-208X

ନାଟ୍ୟକାର ହରିଚନ୍ଦନ ତାଙ୍କ ନାଟକ ମାନଙ୍କରେ ଯେଉଁ ଘଟଣା ଚରିତ୍ର ସବୁକୁ ସ୍ଥାନିତ କରନ୍ତି ସେସବୁକୁ ନିଜସ୍ୱ ଅନୁଭୂତିରୁ ହିଁ ସାଉଁଟି ଉପସ୍ଥାପନ କରନ୍ତି । ଓଡ଼ିଶାର ପାଣି ପବନରୁ ତାଙ୍କୁ ଖୋରାକ୍ ମିଳିଥାଏ ସମାଜକୁ କିଛି ନୂଆଁ ଭେଟି ଦେବାକୁ ଯେଉଁ ମୌଳିକତା ତାଙ୍କ ଉକ୍ତ ନାଟକ ମାନଙ୍କରେ ଦୃଷ୍ଟିଗୋଚର ହୋଇଥାଏ ତାହା ହିଁ ଜନମାନସରେ ଭେଟି ଦେଇ ତାହାରି ମାଧ୍ୟମରେ ପ୍ରତ୍ୟକଙ୍କ ମଧ୍ୟରେ ଓଡିଶାର ସଂସ୍କୃତି ଓ ଜଗନ୍ନାଥ ଚେତନାକୁ ଜାଗ୍ରତ କରିବାର ପ୍ରୟାସ ସଫଳ ପରି ପ୍ରତୀତ ହୁଏ । ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଆସ୍ଥା ପ୍ରକଟ କରୁଥିବା ମଣିଷ ଜୀବନରେ ଉପରକୁ ଉଠିବା ପାଇଁ ବେଶ୍ ସହଜ ମାନେ କରେ । ଯଦି ଓଡିଶାର ପ୍ରତିଟି ମଣିଷ ପାଖରେ ଏ ଚେତନା ଜାଗ୍ରତ ହୁଏ ତେବେ ଏ ଜାତି ଅନ୍ୟ ରାଷ୍ଟ୍ର ଆଗରେ କେବେହେଲେ ମୁଣ୍ଡ ନୁଆଇଁ ପାରିବ ନାହିଁ। ତେଣୁ ଏହି ମହାନ୍ ଚିନ୍ତାଧାରାକୁ ପ୍ରତ୍ୟକଙ୍କ ପାଖରେ ପହଞ୍ଚାଇ ସମୃଦ୍ଧ ଓଡ଼ିଶା ପାଇଁ ଆଶାବାଦୀ ହୋଇ ଉଠିଛନ୍ତି।

ସହାୟକ ଗ୍ରନ୍ଥସୂଚୀ:-

୧- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ସତ୍ୟ ସଂଶୟ ସାଲବେଗ', ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୧ ।

୨- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ନିରାପଦ ଭବିଷ୍ୟତ', କଟକ ଷ୍ଟୁଡେଣ୍ଟସ ଷ୍ଟୋର୍, କଟକ, ୨୯୮୩ ।

୩- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ବନ୍ଦୀଶାଳାରେ ବିଶ୍ୱପତି', କଟକ ଷ୍ଟୁଡେଣ୍ଟସ ଷ୍ଟୋର୍,କଟକ, ୨୦୧୨ ।

୪- ବରାଳ, ଡ. ଆଲୋକ ସ୍ୱାଇଁ, ଡ. ପ୍ରଦୋଷ କୁମାର: "ନୀଳାଦ୍ରିଭୂଷଣ ନାଟ୍ୟ ଜିଜ୍ଞାସା', ଅଗ୍ରଦୂତ, ବାଙ୍କା ବଜାର, କଟକ, ୨୦୧୮ ।

୫- ମୁଦାଲି, ପ୍ରଫେସର ସମର, ଦାସ,ମାନସ କୁମାର, :'ଅନ୍ତରଙ୍ଗ ଆଳାପ',ମଧୁସ୍ମିତା ମହାପାତ୍ର,୫୯, ଶୈଳ ନିବାସ, ଶକ୍ତି ନଗର,ରାଉରକେଲା,୨୦୦୮

ସିଦ୍ଧାର୍ଥ ମହାବିଦ୍ୟାଳୟ, ବିନକା

ISSN NO.
2582-208X

# ବାର୍ଦ୍ଧକ୍ୟ



ସୌଭାଗ୍ୟଲକ୍ଷ୍ମୀ ସାହୁ

ବୟସର ଅପରାହ୍ନରେ ପହଞ୍ଚି ଆଜି ଯେତେବେଳେ
ମୁଁ ସେଇ ଅସ୍ତଗାମୀ ସୂର୍ଯ୍ୟ କୁ ଦେଖେ,
ମନକୁ ମୁଁ ସ୍ୱତଃ ପ୍ରଶ୍ନ କରେ
କେତେବେଳେ ମୋ ଜୀବନର ସୂର୍ଯ୍ୟ ଅସ୍ତ ହେବ ?
ଭିତରୁ ଉତ୍ତର ଆସେ -
ବ୍ୟସ୍ତ ହୋନି ଅସ୍ତ ହେବାର ସମୟ ବେଗେ ଆସିଯିବ
କେତେବେଳେ ଆସିଯିବ ହେଲେ ତୁ ଜାଣିପାରିବୁନି ।
ପୁଣି ଯେତେବେଳେ ଏକାନ୍ତ ରେ ବସି ଭାବେ,
ଏ ମୃତ୍ୟୁ ବି ଏ ବାର୍ଦ୍ଧକ୍ୟ ସହ ଲୁଚକାଳି ଖେଳୁଛି
ପାଖକୁ ଆସି ପୁଣି ଲୁଚିଯାଉଛି
ଲୋଭ ନାହିଁ ଆଉ ଏଇ ମୋହ ମାୟା ସଂସାର
ଲୋଭ ନାହିଁ ଆଉ ଏଇ ଜରାଜୀର୍ଣ୍ଣ ଶରୀର
ରୁଗୁଣ ସ୍ୱାସ୍ଥ୍ୟ ନେଇ ପାଦେମାତ୍ର ନପାରଇ ଚାଲି
ଆଉ ଇଚ୍ଛା ନାହିଁ ଦେଖିବାକୁ ଆସନ୍ତାକାଲି
କେତେ ଥଟା କେତେ ଉପହାସ ଏ ଜରାଜୀର୍ଣ୍ଣ ଶରୀର କୁ ନେଇ,

ISSN NO.
2582-208X

କାହିଁ ମୃତ୍ୟୁ ? କଣ ଆସିବାର ପ୍ରୟୋଜନ ନାହିଁ ?
ତୁ କି ଜାଣୁନା ବାର୍ଦ୍ଧକ୍ୟ ର କଷ୍ଟ?
ତଥାପି ତୁ ଦୂରେ ଥାଇ ମଜାନଉ !
ଦରକାର ନାହିଁ ଆଉ ଉଦିତ ସୂର୍ଯ୍ୟ
ଅସ୍ତ ସୂର୍ଯ୍ୟ ଏବେ ଭାରି ଭଲ ଲାଗିଲାଣି
ମୃତ୍ୟୁ କୁ କୋଳେଇ ନବାର ଇଚ୍ଛା ବି ହେଲାଣି
ହେଲେ ଏ ମୃତ୍ୟୁ କୁଆଡେ ଗଲା କେଜାଣି ?

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମୋ ଜଗନ୍ନାଥ



ବିଜୟଲକ୍ଷ୍ମୀ ସାମଲ

ମୋ ଜଗନ୍ନାଥ
ସ୍ରଷ୍ଟା ତୁମେ ସୃଷ୍ଟିବି ତୁମେ
ଶବ୍ଦର ଆଦ୍ୟରେ ତୁମେ ପ୍ରାନ୍ତରେ ବି ତୁମେ,
ଯେତିକି ସରଳ ତୁମେ ସେତିକି ଜଟିଳ ତୁମେ
ତୁମକୁ କିଏବା ବୁଝିବ,
ତୁମଠୁତ ଏ ସଂସାର ସମ୍ଭବ।

ଭକ୍ତଙ୍କୁ ଭଲକର୍ମରେ ଆଶୀର୍ବାଦ ଦେଇଛ,
ଗର୍ବ ଅହଙ୍କାର କଲେ ତା'କୁ ଭାଙ୍ଗିବି ଦେଇଛ।
ଭକ୍ତଟିଏ କେବେବି ହେବନାହିଁ ଅନାଥ,
ଯେବେ ପର୍ଯ୍ୟନ୍ତ ମଥାରେ ତୁମ ହାତ ଅଛି ଜଗନ୍ନାଥ।

ଦୁନିଆଠୁ ଅଲଗା ତୁମ ବିଚାର,
ଭାଇ ଭଉଣୀ ସଙ୍ଗେ ଯାଅ ମାଉସୀ ଘର।
ଷାଠିଏ ପଉଟି ଖାଇ ଭରେନା ତୁମ ମନ,
ଭକ୍ତର ଖୁଦ କଣିକାକୁ ଖୋଜେ ତୁମ ପ୍ରାଣ।

ISSN NO.
2582-208X

ଭକ୍ତବତ୍ସଳ ଭଗବାନ ତୁମେ,
ବଳରାମ ବାଲି ରଥେ ବିଜେ କଲ ତୁମେ।
ଗଜକୁ ବିପଦରୁ ଉଦ୍ଧାର କଲ,
ପାଷାଣୀ ଅହଲ୍ୟାକୁ ଅଭିଶାପ ମୁକ୍ତ କଲ।

ଶୁଖିଲା ଅନ୍ନ ତୁମ ନିର୍ମାଲ୍ୟ ବୋଲାଉଛି,
ପତିତ ଉଦ୍ଧାର କରିବା ନାଁ ତୁମ ପତିତପାବନ ବୋଲାଉଛି।
ମର୍ତ୍ତ୍ୟେ ମନୁଷ୍ୟ ଦେହ ଧରି ଲୀଳା ଖେଳା କରୁଛ,
ନବ କଳେବରରେ ଦେହତ୍ୟାଗ କରି ନୂଆ ରୂପ ଧାରଣ କରୁଛ।
ତୁମ ଲୀଳା ଖେଳା ବୁଝିବା ଅସମ୍ଭବ,
ଏ ଅଧମ ମଣିଷ ଦ୍ୱାରା ନୁହେଁତ ସମ୍ଭବ।

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଗାଇବି ମୋ ମାଟି ପାଇଁ



ଅନାଦି ଚରଣ ବେହେରା

ଅନେକ ଦିନର ସ୍ୱପ୍ନ ଥିଲା
ମୁଁ କହିବି ତୁମରି ଆଗେ
ଜନମ ମାଟିର ବନ୍ଦନ କରେ
ଦେଖ ମୁଁ କେତେ ସରାଗେ

ନାହିଁ ପରାଧିନ ମୋରି ମାଟି
କହିବାଉ ଗଲେ ଥରୁଛି ପାଟି
ପାଇଥିଲା ଦୁଃଖ ମୋ ମାଆ ମାଟି
ବୀର ପୁଅ ମୁଣ୍ଡ ଯାଇଛି କଟି
ମୋ ଭାଇ ସ୍ୱାଧୀନ ସଂଗ୍ରାମେ
ଶତ ବିଲିନ ଏଠି ।

ତାକୁ କେବେ ଦେଖି ନାହିଁ
ବୀର ପୁରୁଷ ମୋ ଭାଇ
ଆଉକି ପାଇବି କାହିଁ ?
ପାରୁନାହିଁ ଜମା ସହି ।

ମାଆ, ତୋର ବୀର ପୁଅଙ୍କ ପାଇଁ
ସ୍ୱାଧୀନ ଭାରତେ ରହୁଛି ମୁହିଁ

ISSN NO.
2582-208X

ଭୁଲିବି କେମିତି ଭାଇ ଙ୍କ ତ୍ୟାଗେ
ମୋ ପାଇଁ ସେମାନେ ଉଚ୍ଚ ସରଗ ।
ଭାଇ ବଳିଦାନ ଦେଇଛି କେତେ
ସ୍ୱାଧୀନ ଭାରତ ସନ୍ତାନ ମୁଁ
ଥକି ପଡିବିନି କେହିବି ଯେତେ ।
ବୀର ଦମ୍ଭେ ଆଜି ଆଗେଇ ଯାଏ
ଆଜି ଖାଲି ମୁହିଁ ଏ କଥା କୁହେ
କାହିଁ ଗଲ ଆରେ ହିରିଙ୍ଗି ଶାସକ
ଆଜି ଆସ ଟିକେ ଦେଖିବ ମତେ ।

ସୁପ୍ତ ନୁହେଁ ମୁଁ ଜାଗ୍ରତ ଆଜି
ମୋ ମାଟି ପାଇଁ ଶପଥ ନେଇଛି
କରିବି କିଛି
ସ୍ୱାଧୀନତା ପାଇଁ ମଲେ ସବୁ ଭାଇ
ମୁଁ ବି ମରିବି ମୋ ଦେଶ ପାଇଁ
ଆଜି କହୁଛି ।

ଦେଖ ଗୋରା ମାନେ,
ଆଜି ମୋ ଭାରତ ଅଛିରେ କାହିଁ?
ସବୁ ଲୁଟି ନେଲ ଆମରି ଦେଶରୁ
ତଥାପି ତ ଆମେ
ତୁମରି ଆଗରେ ଅଛୁ ରେ ରହି ।

ଶତ୍ରୁମାନେ ଦେଖ
ମୋ ଦେଶ ପତାକା
ଫର ଫର ହୋଇ ଉଡେ କେମିତି?
ଶତ୍ରୁ ର ଛାତିକି ଚିରି ଯେମିତି ।

ISSN NO.
2582-208X

ତୁମେ କି ପାରିବ ଲଢି
ଭଲ କଲ ତୁମେ
ଦେଶରୁ ଯାଇଛ ଛାଡି
ଭାରତ ମା ର ସନ୍ତାନ କୁହେ
ଆମେ ଆଗକୁ ଯିବୁ ରେ ମାଡି
ତୋ ମୁଣ୍ଡଟା ଯିବରେ ଗଡି ।

ଜଳସ୍ଥଳ ଆଜି ଆକାଶ ପଥରେ
ଦେଖ ମୋ ଭରତ ଦମ୍ଭ
ଆସରେ ଲଢିବ ଶତ୍ରୁ ବେଇମାନ୍
ଓଲଟିବ ତୁମ୍ଭ ଖମ୍ବ

କରୁ ନାହିଁ ଆକ୍ରମଣ
କାପୁରୁଷ ପାକିସ୍ଥାନ
ଦେଖି ଭାରତ ର ଶକ୍ତି
ଶିଶୁ ପରି ସିଏ ସହମି ଯାଇଛି
ହେଉଥିଲା ବେଶୀ ଅତି ।
ମାରିଣ କରିବୁ ଗୁଣ୍ଡ
କରିଦେବୁ ଖଣ୍ଡ ଖଣ୍ଡ
ଏତା ଥାଅ ତୁମେ ଜାଣି
ପାଇବନି ସତେ ମୋ ସାଥେ ଲଢିଲେ
ପିଇବାକୁ ଟିକେ ପାଣି ।

ଖଣ୍ଡ ବିଖଣ୍ଡିତ ବ୍ୟବସ୍ଥା ଭିତରେ
ଦାଣ୍ଡରେ ଗଡିବ ମୁଣ୍ଡ
ଦେଖାନି ଆଖି ନେ ପରଖି

ISSN NO.
2582-208X

ଭାଇ ବୀର ମୋର
ଭରତ ମାଆ ର ଷଣ୍ଢ ।

ରହିଯା ନିର୍ବୋଧ ପାରିବୁନି ଲଢି
ଆମରି ସାଥେ
ଭରତ ମା ର ବୀର ସନ୍ତାନ
କହୁଛି ତୋତେ ।
କୋଟି କୋଟି ଭାଇ ଆଗେଇ ଚାଲିବୁ
ଆସିବେନି କେହି ତୋହରି ସାଥେ ।

ଭାବିଥିଲୁ କିରେ ଭୀରୁ କାପୁରୁଷ
ଭାରତ ବାସୀ
ମାଡି ଯିବେ ବୀର ସୈନିକ ହୋଇ
ଭାରି ସାହସୀ ।
ମୋ ଭାଇ ପାଇଁ
ଗାଇବି ତାଙ୍କରି ଗୁଣ ଗାରିମା
ବଞ୍ଚିଥିବା ଯାଏ କହୁଛି ମୁହିଁ ।
ଭରତ ମାତା କି ଜୟ
କହୁଥିବି ନିତି ଲାଗିଥାଉ ଏହି ଲୟ
ନଥିବ ଆଉ ରେ ଭୟ
ଭାରତ ମାତା କି ଜୟ....
ଭାରତ ମାତା କି ଜୟ....

ପ୍ରଧାନ ଶିକ୍ଷକ,
ଜୁରାମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ISSN NO.
2582-208X

# କରୋନା ରୋଗ



ସିଦ୍ଧେଶ୍ୱର ତ୍ରିପାଠୀ

ଟିଭି ରେଡ଼ିଓରେ କହୁଥିଲା ଚୀନରେ ସେ ରୋଗ ମାତିଛି । ସେଇ ରୋଗ ଏତେ ଭୟଙ୍କର ଯେ ଯାହାକୁ ହେଲା ସିଏ ମଲା । ରୋଗୀକୁ ସମସ୍ତଙ୍କର ଡର ଧିରେ ଧିରେ ଏ ରୋଗ ଏ ଦେଶରୁ ସେ ଦେଶକୁ ବ୍ୟାପିଲା । ଯୋଉ ବ୍ୟକ୍ତି ଏ ରୋଗରେ ମୃତ୍ୟୁ ବରଣ କଲେ ସେମାନଙ୍କ ଶବକୁ ବି ତାଙ୍କ ସମ୍ପର୍କୀୟ ଦେଖିବାକୁ ଆସିଲେନି ଭୟରେ । ସରକାର ସେ ସବ ଗୁଡିକୁ ପୋତିବାର ବ୍ୟବସ୍ଥା କଲେ । ଦୁଇହଜାର କୋଡିଏ ବେଳକୁ ସବୁ ଦେଶକୁ ବ୍ୟାପି ସାରିଥିଲା ଏ ରୋଗ ।

ଦେଶରୁ ରାଜ୍ୟ ହେଇ ଆସି ଗାଁ ସହରରେ ପହଞ୍ଚି ସାରିଥିଲା ରୋଗ । ଥଣ୍ଡା କାସ ମୁଣ୍ଡ ବିନ୍ଧା ତଣ୍ଟି ଦରଜ ଦେଖୁ ଦେଖୁ ଆଠ ଦଶ ଦିନରେ ଲୋକର ମୃତ୍ୟୁ । ଏଇ ଦେଖୁନ ଆର ଗାଁ ରବି କେତେ ବା ତାକୁ ବୟସ ଏଇ ଗଲାସନ ବାହା ହେଇଥିଲା ଏଇ କରୋନା ରୋଗରେ ସେବି ଚାଲିଗଲା । ସବୁଠି କୋକୁଆ ଭୟ ଅସୁସ୍ଥ ହୋଇ କିଏବା ମରିବାକୁ ଭଲପାଏ । ଦେଶ ଦେଶକୁ ଉଡାଜାହାଜ ଯିବା ଆସିବା ବନ୍ଦ ରାଜ୍ୟ ରାଜ୍ୟ କୁ ରେଳ ଚଳାଚଳ ବନ୍ଦ ଶେଷରେ ଏ ଲକ ଡାଉନ ହେଲାଯେ ଦେଶରେ ଗାଡି ମଟର ଦୋକାନ ବଜାର ସବୁ ବନ୍ଦ । ସବୁଆଡେ ପୋଲିସ ପହରା ।

ଏଇ ଦେଖୁନ କେଇଟା ଦିନରେ ପରିବେଶ କେତେ ଶାନ୍ତ କେଁ କଟର ନାହିଁ କି ଧୂଆଁ ଧୁଳି ଧୁସ ନାହିଁ । ଦେଖୁନ ନଈ ପାଣି ଗୁଡା କେତେ ପରିଷ୍କାର । ହିମାଳୟ କେତେ ଦୂରରୁ

ISSN NO.
2582-208X

ଦିଶୁଛି ପ୍ରଦୂଷଣ କେତେ କମି ଯାଇଛି । ସମସ୍ତେ ଘର ଭିତରେ ଖାଲି ଯାହା ସକାଳେ ଦୁଇଘଣ୍ଟା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ କାରବାର ପାଇଁ ଖାଦ୍ୟ ପଦାର୍ଥ ଭଳି କିଛି ଦୋକାନ ଖୋଲୁଛି । ରାସ୍ତା ଉପରେ ନିର୍ଭୟରେ ବୁଲୁଛନ୍ତି ବନ୍ୟଜନ୍ତୁ ॥

ଏଇ ରୋଗ ଆସିଲା ବୋଲି ଏ ସମାଜରୁ କେତେ ସୁଯୋଗ୍ୟ ସନ୍ତାନ ଆରପାରିକୁ ଚାଲିଗଲେ। ନବ ବିବାହିତା ସୁହାଗିନୀ ସିଂଥିରୁ ସିନ୍ଦୁର ଲିଭିଗଲା । କିଏ ବାପା ମାଆ ଭାଇ ଭଉଣୀ ସ୍ୱାମୀ ପୁଅ ଝିଅ ସମସ୍ତଙ୍କୁ ହରେଇ ଦୁନିଆରେ ଏକା ହୋଇଗଲା। ସ୍ୱାସ୍ଥ୍ୟକର୍ମୀ ସ୍ୱେଚ୍ଛାସେବୀ ପୋଲିସ ସଫେଇ କର୍ମଚାରୀ ସାମ୍ବାଦିକ ମାନଙ୍କ କାମକୁ ସଭିଏଁ ପ୍ରଶଂସା କଲେ । ଏମାନଙ୍କ ମଧ୍ୟରୁ ଅନେକ ନିଜନିଜର କର୍ତ୍ତବ୍ୟ ତୁଲାଇବାକୁ ଯାଇ ମୃତ୍ୟୁ ବରଣ କଲେ ।

କେତେ ଶ୍ରମିକ ଏରାଜ୍ୟ ସେରାଜ୍ୟ ଦେଇ ନିଜ ରାଜ୍ୟକୁ ଫେରିଲେ ଗାଁ ସ୍କୁଲ ଘରେ କ୍ୱାରେଣ୍ଟାଇନରେ ରହିଲେ । କେତେ ରୋଗ ବ୍ୟାପିଲା । ତାଙ୍କ ପାଇଁ ଖଟିଆ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଦୁଇ ସପ୍ତାହର ରହିବା ଖାଇବା ବ୍ୟବସ୍ଥା କରାଗଲା । ସରପଞ୍ଚଙ୍କୁ ଜିଲ୍ଲାପାଳଙ୍କ ଭଳି ଅଧିକାର ଦିଆଗଲା । କୋଉଠି ଅଭିଯୋଗ ଆସିଲା ଡାକ୍ତରଙ୍କ ଅବହେଳା ପୋଲିସର ଗାଈ ଚରାଳି ଉପରେ ମାଡ଼ ସରପଞ୍ଚଙ୍କ ଦାଦାଗିରି ସାମ୍ବାଦିକଙ୍କ ମିଛ ସମ୍ବାଦ ଘଟଣାକୁ ବି ଏଡାଇ ଦିଆ ଯାଇ ନପାରେ ।

ଏ ଯାତ୍ରା ସିନେମା ସିରିଏଲ ସବୁ ବନ୍ଦ ହୋଇଗଲା । ବହୁ କଳାକାର ପେଟ ଚାଖଣ୍ଡକ ପାଇଁ କେତେ ଖାଦ୍ୟ ପଦାର୍ଥ ବିକି ଚଳିଲେ । ଏଇ ଦେଖୁନ ଲକ୍ଷ୍ମୀ ଗୁରୁମା ଙ୍କର ସ୍ୱାମୀ ଆଉ ଭେଣ୍ଡା ପୁଅ ଦୁହେଁ ଏଇ କରୋନା ରୋଗରେ ଚାଲିଗଲେ । କି ଦୁଃଖ କହିଲ ଏତେ ବଡ଼ ଘରଟା ଭିତରେ ସେ ଏବେ ଏକା । ଆହାକି ସାହା ତାଙ୍କର କେହି ନାହିଁ ।

ISSN NO.
2582-208X

ଖାଲି ଖାଦ୍ୟ ପଦାର୍ଥ ଆଉ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟକୁ ଛାଡି ଆଉ କିଛି ବି କାରବାର ହେଲାନି । ଆଉ ଯେତେବି ସଂସ୍ଥା ରହିଲା ସେଇ କର୍ମରେ ଚଳୁଥିବା ଲୋକ କେତେଯେ କଷ୍ଟ ସହି ନାହାନ୍ତି ଆହା । ସେ ରାଜ୍ୟରୁ ବସ ଆସିଲା ଯେ ଆଉ ଏରାଜ୍ୟରୁ ଗଲାନି କାରବାର ବନ୍ଦ ମାଲିକ ଦରମା ଦବ କୋଉଠୁ । ଡ୍ରାଇଭର ହେଲଫର ଭଳି କର୍ମଚାରୀ ଆଜି ଭୋକ ଓପାସ ରେ ରାଜ ରାସ୍ତାରେ ।

କାହାର ପଇସା ସଞ୍ଚୟ କରିବାର ବଳ ଅଛି କହୁନ। ଏଇ ଅର୍ଥ ଲଗାଣ କାରବାରରୁ ଚଳୁଥିବା ଲୋକଟି କଥା ନକହିବା ଭଲ। ଦିନେ ହାତରୁ ଟଙ୍କା ସରୁ ନଥିଲା ଆଜି ଟଙ୍କାଟିଏ ନାହିଁ । ଏଇ ଟିଭି ଦୋକାନୀ ସିମେଣ୍ଟ ଦୋକାନୀ ଏବେ ଫଳ ପାଉଁରୁଟି ପରିବା ବିକୁଛନ୍ତି । ଧିରେ ଧିରେ ରୋଗର ଟୀକା ଆସିଲା ରୋଗ କମିଲା ସବୁ ସ୍ୱାଭବିକ ହେଲା । କିନ୍ତୁ ଅନେକଙ୍କ ଆଖିରେ ଦେଇଗଲା ଅସରନ୍ତି ଲୁହ ।

ସତରେ ନଅଙ୍କ ଦୃଭିକ୍ଷ ଇଂରେଜ ଶାସନ ଯୁଦ୍ଧ ଆଉ ପ୍ରାକୃତିକ ବିପର୍ଯ୍ୟୟ ଭଳି ଏ କରୋନା ସବୁଦିନ ପାଇଁ ମଣିଷର ଛାତିତଳେ ଗୋଟେ ଦାଗ ହୋଇ ରହିଗଲା ଯାହା।।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଶ୍ରୀରାଧା ମାଧବ ଭାବ



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀରାଧା ମାଧବ ଭାବ ସୁଖେ ତରିବ ଏ ଭବ ।
ମାର ପିଅର ଶ୍ରୀଧର ନୀଳମଣି ବାସୁଦେବ ।।
ନୟନାଭିରାମ ଭାବ ଅଭାବ ଦୂର ହୋଇବ ।
ସଂଶୟ ନରଖି ଚିତ୍ତୁ ଚିନ୍ତନ କର ରାଘବ ।।
ଜୀବନେ ମରଣେ ଭାବ ଦୁଃଖାହାରି ରମାଧବ ।
ତରୁଣ ଅରୁଣ କାନ୍ତି ଶ୍ରୀରାମ ଭକ୍ତ ବାନ୍ଧବ ।।
ବେଳ ଥାଉଁ ହରି ଭାବ ନର ଜନ୍ମ ଧନ୍ୟ ହେବ ।
ହୁଡିଲେ କାହୁଁ ମିଳିବ ନରହରି ରାଧାଧବ ।।
ରିକ୍ତ ହେବ ନାହିଁ ଫଳ ଶ୍ରୀଧର ସ୍ମର ସାଧବ ।
ଆନନ୍ଦକନ୍ଦ ଗୋବିନ୍ଦ ପରମାନନ୍ଦ କେଶବ ।।
ଭାବକୁ ନିକଟ ହରି ଶ୍ରୀକାନ୍ତ କଳାମାଧବ ।
ରିଦ୍ଧି ସିଦ୍ଧି ପ୍ରଦାୟକ ଲକ୍ଷ୍ମୀକାନ୍ତ ସୁମାଧବ ।।
ଗରୁଡ଼ଆସନ ସେହି ଭାବଗ୍ରାହୀ ଶ୍ରୀୟାଧବ ।
ଦାମୋଦର ରାଧାବର ବିହୁନେ ଅସାର ଭବ ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଫଗୁଣ ପୁନେଇଁ



ପ୍ରଶାନ୍ତ କୁମାର ନାଥ

ରାଇ ଦାମୋଦର ବିମାନେ ଆସନ୍ତି
ରାସ ରଙ୍ଗେ ନାଚି ଗାଇ
ଫଗୁଣ ପୁନେଇଁ ଦିଶେ ଝଲମଲ
ରଙ୍ଗ ଅବିର ଲେଗେଇ ।

ଫଗୁଣର ରଙ୍ଗ ଦିଶେ ଭାରି ଭଲ
ଫଗୁଣ ପୁନେଇଁ ଦିନ
ଏ ରଙ୍ଗରେ ଥାଏ କେତେ ପ୍ରେମ ଭରା
ଆନନ୍ଦ ଲାଗଇ ମନ ।

ମାନ ଅଭିମାନ ଯାଏ ତ ଦୂରେ
ଏ ରଙ୍ଗ ରଙ୍ଗେଇ ଦେଇ
ସାତ ରଙ୍ଗ ମିଶି ହୁଏ ପ୍ରୀତି ରଙ୍ଗ
ମନକୁ ନିଏ ଚୋରେଇ ।

ଖୋଲି ଦେଇଅଛି ଫଗୁଣ ଦୁଆର
ରଙ୍ଗର ପସରା ଧରି
କି ସୁନ୍ଦର ଆହାଃ ଦିଶୁଅଛି ଧରା
ରଙ୍ଗ ପିଚକାରୀ ମାରି ।

ଗାଆଁ ସାହି ଆଜି ରଙ୍ଗର ଆସର
ସଭିଙ୍କୁ ଭିଜେଇ ଦେଇ
ହୃଦୟରେ ଭରି ପ୍ରୀତିର ଜୁଆର
ଆପଣା ପଣକୁ ନେଇ ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# କେଶବ କୁଞ୍ଜ ବିହାରୀ



ସୁହଂସ ଭୋଇ

କଳୁଷ ନାଶନ କମଳ ଲୋଚନ
କେଶବ କୁଞ୍ଜ ବିହାରୀ
କଳା କଳେବର କରୁଣା ସାଗର
କର ମଙ୍ଗଳ ସବୁରି

କଦମ୍ବ ମୂଳିଆ କାଳନ୍ଦୀ କୂଳିଆ
କାଳିଆ କୃଷ୍ଣ ମୁରାରି
କଉଶଳ ବଳେ କଂସକୁ ବଧିଲ
କଲ୍ୟାଣ କଲ ଶ୍ରୀହରି

କାହାକୁ ଦେଇଛ କୁବେର ଆସନ
କାହାକୁ ଦୀନ ଭିକାରୀ
କଳୁଷ ନାଶନ କମଳ ଲୋଚନ
କେଶବ କୁଞ୍ଜ ବିହାରୀ

କୁରୁସଭା ତଳେ କୋଟିବସ୍ତ୍ର ଦେଲ
କୃପା ଲଭିଲେ ଦ୍ରୌପଦୀ
କନ୍ଦରଧିବାସୀ କିରଟୀ ସାରଥି
କଞ୍ଜନୟନ ଅନାଦି

କୃପାସିନ୍ଧୁ ନାମେ କଳଙ୍କ ନ ଲାଗୁ
କରୁଁ ଏତିକି ଗୁହାରି
କଳୁଷ ନାଶନ କମଳ ଲୋଚନ
କେଶବ କୁଞ୍ଜ ବିହାରୀ

ପହଣ୍ଡି, ବରଗଡ଼

ISSN NO.
2582-208X

# ଓଡ଼ିଆ ଅସ୍ମିତା



ପ୍ରଦୀପ୍ତ କୁମାର ମିଶ୍ର

ସମ୍ପ୍ରତି ଓଡ଼ିଶାରେ ନିର୍ବାଚନୀ ସ୍ଲୋଗାନ ଗୋଟିଏ ସମସ୍ତଙ୍କ ମୁହଁରେ ଶୁଭାଯାଉଛି ଓଡ଼ିଆ ଅସ୍ମିତା, ଯାହା ଶୁଣିଲା ବେଳକୁ ଭଲ ଲାଗୁଛି କିନ୍ତୁ ପ୍ରକୃତ ପକ୍ଷେ ଏହା କୁ କାର୍ଯ୍ୟକାରୀ କରିବା ଏତେ ସହଜ ନୁହେଁ। ଅସ୍ମିତା ଆମ ସମସ୍ତଙ୍କ ମଧ୍ୟରେ ଅଛି ଏହା ଆମର ସହଜାତ ପ୍ରବୃତ୍ତି। କାରଣ ଆମରାଜ୍ୟର ସ୍ଵତନ୍ତ୍ରତା ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଆମର ସଂସ୍କୃତି ପର୍ବ ପର୍ବାଣୀ ଲୋକକଳା ସ୍ଥାପତ୍ୟ ଏସବୁହିଁ ଆମର ଅସ୍ମିତା ଗର୍ବ ଓ ଗୌରବ। ଏ ରାଜ୍ୟର ପୂର୍ବ ସୁରୀ ମାନଙ୍କର ଅଦମ୍ୟ ଉଦ୍ୟମ ହେତୁ ଓଡ଼ିଆ ଭାଷା ଆଜି ବିଶ୍ୱରେ ନିଜର ସ୍ଵତନ୍ତ୍ରତା ବଜାଇ ରଖିପାରିଛି। ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୀର୍ତ୍ତୀ ସାରଳା ଦାସଙ୍କ ଓଡ଼ିଆ ମହାଭାରତ ବଳରାମ ଦାସ ଙ୍କ ଲକ୍ଷ୍ମୀପୁରାଣ ଆଜି ନୁହେଁ କେବେଠାରୁ ସାରା ଓଡ଼ିଆ ଲୋକଙ୍କ ଅତିପ୍ରିୟ। ଘରେ ଘରେ ସୁପରିଚିତ। ଭିମଭୋଇଙ୍କର ସେହି ପଦ ଲେଖାଟି ଆଜି ଆମର ଅସ୍ମିତାକୁ ବହୁଗୁଣିତ କରେ ତଥା ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ଏହି ପଦଟି କଥା ସାରା ରାଷ୍ଟ୍ରକୁ ଆଲୋକ ଦେଖାଇବା ପାଇଁ ସକ୍ଷମ। ପ୍ରାଣୀ ମାନଙ୍କ ଦୁଃଖକୁ ଦେଖି ସାରା ଓଡ଼ିଆ ଦୁଖଃପ୍ରକାଶ କରେ ତେଣୁ ସେ ନିରୀହ ସେ ଅନ୍ୟର ମଙ୍ଗଳପାଇଁ ପ୍ରୟାଶୀ।ତେଣୁ ଅପରାଧ ପ୍ରବଣତା ତା ମଧ୍ୟରେ କମ ଥାଏ।ଏହାତାର ସ୍ଵତନ୍ତ୍ରତା ତାର ଜିନଗତ ।

ISSN NO.
2582-208X

ତେବେ ଆମେ ଗର୍ବକରିପାରୁ ଆମେ ଏମିତି ଏକ ପ୍ରଦେଶ ରେ ଜନ୍ମନେଉଛୁ।ଯେଉଁଠାରେ ସାରା ବିଶ୍ୱର ପାଣିପାଗ ଦେଖାଯାଏ ଅନେକ ଉପଭାଷା ବା କଥିତ ଭାଷା ଦେଖାଯାଏ। ଟିଟିଲାଗଡର ତାତି ସହ ଦାରିଙ୍ଗବାଡିର ଶିତରେ ବରଫ ପଡିବା ଦୃଶ୍ୟ ନିଆରା। ବରଗଡ଼ର ଧନୁଯାତ୍ରା ସମ୍ବଲପୁର ର ଶୀତଳ ଷଷ୍ଠୀ ବ୍ରହ୍ମପୁରର ମଙ୍ଗଳା ଯାତ୍ରା ଏସବୁର ସ୍ୱତନ୍ତ୍ରତା ବିଶ୍ୱ ସଂସ୍କୃତି ଆଲୋଚନା ରେ ଅଂଶ ଦିଆଯାଏ। ସେଥିପାଇଁ ବଞ୍ଚିରହିଛି ଓଡ଼ିଆ ଅସ୍ମିତା ଓଡ଼ିଆର ସ୍ୱାଭିମାନ, ଆଜିକାଲି ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ବି ଏହାର ଚାକଚକ୍ୟକୁ ଧ୍ୱଂସ କରିପାରିନି ବରଂ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି।ଭାଷା ଭିତ୍ତିକ ପ୍ରଦେଶ ଗଠନ ହେବାର ଅନ୍ୟତମ ଓଡିଶାରେ ଜନ୍ମନେବା ଏକ ସୁଯୋଗ ହୋଇପାରେ ।

ଏହାପରେ ଆମେ ଏହାର ଅସ୍ମିତା କୁ ଆମେ ହିଁ ଧ୍ୱଂସ କରିଚାଲିଛନ୍ତି। ଆମର ସୁନ୍ଦର ଭାଷା ଆମପାଇଁ ବିକୃତ ହୋଇଯାଇଛି। ଇଂରାଜୀ ମାଧ୍ୟମ ଓ ହିନ୍ଦୀର ପ୍ରାବଲ୍ୟତାରେ ଆମର ଭାଷା ଚେପା ପଡିଯାଇଛି। ଅନ୍ୟର ଭାଷାକୁ ଭଲପାଇ ଆମେ ଗର୍ବ କରୁଥିବା ବେଳେ ଓଡ଼ିଆ ଭାଷାକୁ ସେହିପରି ଅନ୍ୟନିକଟରେ ପହଞ୍ଚେଇବାରେ ଅକ୍ଷମ । ଆମେ ଇଡିଲି ସମ୍ବର ଖାଉଥିଲା ବେଳେ କେବେ ଆମଖାଦ୍ୟ ପଖାଳ ଡାଲମା ଚକୁଳି ପୋଡ଼ପିଠା ଆଦିକୁ ଅନ୍ୟକୁ ଦେଇପାରିଛନ୍ତି କି।ବରଂ ରସଗୋଲାକୁ ନେଇ ବଳ କଷାକସି ବନ୍ଦ ହୋଇନାହିଁ। ନୟାଗଡ଼ର ପୋଡ଼କୁ ଆମେ ବିଶ୍ୱସ୍ତରରେ ପହଞ୍ଚେଇ ପାରିନାହାନ୍ତି। ଏହା ଆମର ଦୂରଦୃଷ୍ଟି ର ଘୋର ଅଭାବ ବୋଲି କୁହାଯାଇପାରେ। ଭାଷାକୁ ସରକାରୀ ମାନ୍ୟତା ଦେବାରେ ଘୋର ରାଜନୈତିକ ଇଚ୍ଛାଶକ୍ତି ର ଅଭାବ ଆମକୁ ମଧ୍ୟ ନିରାଶ କରିଛି। ଆମ ଶାସକ ପ୍ରଶାସକ ମାନଙ୍କ ର ଖଣ୍ଡି ଓଡ଼ିଆ ଆମକୁ ନିରାଶ କରିଛି। ଭାଷା କ୍ଷେତ୍ରରେ ଏପରି ଅବହେଳା ଆମର ଓଡ଼ିଆ ଅସ୍ମିତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଆମର ବହୁତ ଯୁବକ କିଶୋର ବାହାର ପ୍ରଦେଶକୁ ଯାଇ ସାରା ଜୀବନ ଦାଦନ ଖଟିବା ମଧ୍ୟ ଏକ୍ଷେତ୍ରରେ ଗୋଟିଏ ବିରାଟ ଅନ୍ତରାୟ। ଶିକ୍ଷାପଦ୍ଧତି ର ଦୁର୍ବଳ ଅନୁଚିନ୍ତାରେ ଆମପିଲା ଅତୀତ ସମ୍ପର୍କରେ କୌଣସି ଧାରଣା ପାଉନାହିଁ। ଆମ ପୂର୍ବଜ ମାନଙ୍କର ଅସାଧାରଣ ପ୍ରତିଭା ଓ ଇତିହାସ ସେମାନେ ଜାଣିବାକୁ ପାଉନାହାନ୍ତି। ଯାହା ଆମ ଅସ୍ମିତା ର ପ୍ରଧାନ ଅନ୍ତରାୟ ହେଉଛି। ଆମେ

ISSN NO.
2582-208X

ପରବର୍ତ୍ତୀ ପିଢି ତିଆରି କରିବାରେ ଅକ୍ଷମ। ଇଂରାଜୀ ମାଧ୍ୟମରେ ଆମେ ଅଲଗା ଦେଶର କାହାଣୀ ପଢୁଛନ୍ତି ହେଲେ ଗୋପବନ୍ଧୁ ଦାସଙ୍କର କବିତା ଫକୀର ମୋହନ ସେନାପତିଙ୍କର କାଳଜୟୀ ଗଳ୍ପକୁ ପଢିନାହାନ୍ତି। ଏହା ଆମପାଇଁ ଆସନ୍ତା କାଲି ର ଗୋଟିଏ ବଡ଼ ଦୁଃଖ। ଓଡ଼ିଆ କହିବାକୁ ଆମପିଲା ଅନିଚ୍ଛୁକ ହେଲେଣି, ଏହାର ଗାଁ ଗଣ୍ଡାର ଦୃଶ୍ୟକୁ ଉପଭୋଗ କରିବା ପାଇଁ ଆଉ ସୁଯୋଗ ଦେଉନାହାନ୍ତି ଆମପିଲାଙ୍କୁ ବିଭିନ୍ନ ପରୀକ୍ଷା ଓ ସୁରକ୍ଷା ଆଳରେ। ଏହା ଗୋଟିଏ ବିରାଟ ସମସ୍ୟା ରୁପେ ଉଭା ହୋଇଛି ମାତ୍ର ।

ଆମପାଖରେ ସାରା ବିଶ୍ୱର ଶ୍ରେଷ୍ଠ ଜଗନ୍ନାଥ ମନ୍ଦିର ଓ ମହାପ୍ରଭୁ ଜଗନ୍ନାଥଙ୍କ ନିଆରା ସଂସ୍କୃତି ରହିଛି କୋଣାର୍କ ମନ୍ଦିରର ଭଗ୍ନଶିଳାରୁ ଓଡ଼ିଆ ସ୍ଥପତି ର ଡାକ ଲିଙ୍ଗରାଜ ମନ୍ଦିରର ସୁନ୍ଦରତା ମୋ ରାଜ୍ୟର ଅନ୍ୟତମ ଓ ଅନନ୍ୟ, ଏହା ପର୍ଯ୍ୟଟନ ନୁହେଁ ବରଂ ଅନେକ ଶିକ୍ଷାର ପୁଞ୍ଜିଭୁତ ସ୍ଥଳି ଏହା କଣ ଅସ୍ମିତା ର ପରିଚୟ ନୁହେଁକି ।

ଅତଏବ ଏତେ ସଂସାଧନ ଥାଇମଧ୍ୟ ଆଜି ଆମେ ଅସ୍ମିତା ପାଇଁ ଜୁଝୁଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୋ ଉତ୍କଳ ଆଜି ଅସ୍ମିତା ପାଇଁ ଅନ୍ୟର ସୁଖକୁ ଆଲୋଚନା କରିବା ଏହା ଅନୁଚିନ୍ତନ ର ବାହାରେ। ତେଣୁ ଆମେ ଆଗାମୀ କାଲିପାଇଁ ଓଡ଼ିଆ ଅସ୍ମିତା କୁ ପରବର୍ତ୍ତୀ ପିଢିପାଇଁ ସୁଯୋଗ ଦେବା ଆମର ପ୍ରଥମ ପ୍ରାଥମିକତା ହେବ। ଆମ ଭାଷା ଓ ଆମର ସାର୍ବଜନୀନ ଉନ୍ନତି ହିଁ ଏସବୁକୁ ସମାଧାନ କରିପାରିବ ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଓ ଶୈକ୍ଷିକ ବିକାସ ଏକାନ୍ତ ଜରୁରୀ ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ବାର୍ଦ୍ଧକ୍ୟ

ସୌଭାଗ୍ୟଲକ୍ଷ୍ମୀ ସାହୁ

ବୟସର ଅପରାହ୍ନରେ ପହଞ୍ଚି ଆଜି ଯେତେବେଳେ
ମୁଁ ସେଇ ଅସ୍ତଗାମୀ ସୂର୍ଯ୍ୟ କୁ ଦେଖେ,
ମନକୁ ମୁଁ ସ୍ୱତଃ ପ୍ରଶ୍ନ କରେ
କେତେବେଳେ ମୋ ଜୀବନର ସୂର୍ଯ୍ୟ ଅସ୍ତ ହେବ ?
ଭିତରୁ ଉତ୍ତର ଆସେ –
ବ୍ୟସ୍ତ ହୋନି ଅସ୍ତ ହେବାର ସମୟ ବେଗେ ଆସିଯିବ
କେତେବେଳେ ଆସିଯିବ ହେଲେ ତୁ ଜାଣିପାରିବୁନି।
ପୁଣି ଯେତେବେଳେ ଏକାନ୍ତ ରେ ବସି ଭାବେ,
ଏ ମୃତ୍ୟୁ ବି ଏ ବାର୍ଦ୍ଧକ୍ୟ ସହ ଲୁଚକାଳି ଖେଳୁଛି
ପାଖକୁ ଆସି ପୁଣି ଲୁଚିଯାଉଛି
ଲୋଭ ନାହିଁ ଆଉ ଏଇ ମୋହ ମାୟା ସଂସାର
ଲୋଭ ନାହିଁ ଆଉ ଏଇ ଜରାଜୀର୍ଣ୍ଣ ଶରୀର
ରୁଗୁଣ ସ୍ୱାସ୍ଥ୍ୟ ନେଇ ପାଦେମାତ୍ର ନପାରଇ ଚାଲି
ଆଉ ଇଚ୍ଛା ନାହିଁ ଦେଖିବାକୁ ଆସନ୍ତାକାଲି
କେତେ ଥଟା କେତେ ଉପହାସ ଏ ଜରାଜୀର୍ଣ୍ଣ ଶରୀର କୁ ନେଇ,
କାହିଁ ମୃତ୍ୟୁ? କଣ ଆସିବାର ପ୍ରୟୋଜନ ନାହିଁ?
ତୁ କି ଜାଣୁନା ବାର୍ଦ୍ଧକ୍ୟ ର କଷ୍ଟ?
ତଥାପି ତୁ ଦୂରେ ଥାଇ ମଜାନଉ !
ଦରକାର ନାହିଁ ଆଉ ଉଦିତ ସୂର୍ଯ୍ୟ
ଅସ୍ତ ସୂର୍ଯ୍ୟ ଏବେ ଭାରି ଭଲ ଲାଗିଲାଣି
ମୃତ୍ୟୁ କୁ କୋଳେଇ ନବାର ଇଚ୍ଛା ବି ହେଲାଣି
ହେଲେ ଏ ମୃତ୍ୟୁ କୁଆଡେ ଗଲା କେଜାଣି?

ISSN NO.
2582-208X

# କୁଆଁରୀ ସ୍ୱପ୍ନ



ସୋନାଲି ବେଉରା

ସ୍ୱପ୍ନ କଣ ?
କିଏ ଅବା ଜାଣିଛି ତାକୁ
ହଁ ଏତିକି ଜାଣେ
ଯିଏ
ବୁଡାଇଦିଏ ଗଭୀର ନିଦ୍ରାରେ ତ
ପୁଣି କେତେବେଳେ ବୁଲାଇ ଦିଏ
ପରି ରାଇଜରେ
କଣ ଏଇ ବୋଧେ ସ୍ୱପ୍ନଟିଏ ?

ବେଳେବେଳେ କିଛି ପାଇବାର
ବିଶ୍ୱାସ ଜନ୍ମାଇ ଦିଏ ତ
ପୁଣି ହରେଇବାର ନୂଆ
ଆଶଙ୍କାରେ ବ୍ୟସ୍ତ ବିବ୍ରତ କରାଇ
ଆଉ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରି ହଜି ଯାଏ
ସେଇ କଣ ସ୍ୱପ୍ନ ଟିଏ ?

ସ୍ୱପ୍ନ କଣ ସେଇ
ଯିଏ

ISSN NO.
2582-208X

ନୀଳ ସମୁଦ୍ରକୁ ପାର ହେବାରେ
ବୋଇତ ସାଜେ ତ
ପୁଣି ସାଗର ତୀରେ
ଛୋଟ ଛୋଟ ମନ୍ଦିର ଗଢ଼େ
ଦେହରେ କୃଷ୍ଣ ଚୂଡା ରଙ୍ଗ ଲଗାଏ ତ
ପୁଣି ଖୋସାରେ ଗୋଲାପ ଗୁଞ୍ଜେ ?

ଆଜିବି ବେଳେବେଳେ ଇଚ୍ଛା ହୁଏ
ଏଇ ଅଳସିଭରା ସ୍ୱପ୍ନରେ
ତୁମ ସହିତ ଥାନ୍ତି କି! ଯେଉଁଥିରେ
ତୁମେ ସେଇ ସ୍ୱପ୍ନର ରାଜକୁମାର ଆଉ
ମୁଁ ତୁମର ରଜକୁମାରୀ ସାଜି ଚଉଦିଗେ ଭ୍ରମଣ କରିଥାନ୍ତି
ଆଉ ସମସ୍ତେ କହିଥାନ୍ତେ
ଦେଖ
ନୀଳ ଅମ୍ବର ତଳେ
ଉଡି ଯାଉଥିବା
ଦୁଇ କୁନି ଚଢେଇକି,
ସେ ଉଡୁ ନାହାନ୍ତି ତ ?
ସତେକି ନିଜ ପ୍ରେମର ପ୍ରଦୀପ ଜାଳି
ଘୁରିବୁଲୁଛନ୍ତି ଏକ ନିଆରା ପ୍ରେମ ରାଇଜରେ
ବୋଧେ ଏହାହିଁ ସ୍ୱପ୍ନ
ନାଁ ନାଁ
ଏ କୁଆରୀ ସ୍ୱପ୍ନଟିଏ ॥

+୩ ଦ୍ୱିତୀୟ ବର୍ଷ ଓଡ଼ିଆ ସମ୍ମାନ ବିଭାଗ
ସୁଭଦ୍ରା ମହତାବ ମହାବିଦ୍ୟାଳୟ, ଅସୁରେଶ୍ୱର, କଟକ

ISSN NO.
2582-208X

# ନିଶି ଅର୍ଦ୍ଧେ



ସ୍ୱାଗତିକା ସାହୁ

ବୁଡିଗଲେ ପ୍ରଭାକର
ଅନ୍ଧାର ପ୍ରବେଶେ
ଉଇଁଲେଣି ତାରାଫୁଲ
ସଞ୍ଜୁଆ ଆକାଶେ
ଫେରିଲେଣି ଖଗ ସବୁ
ନୀଡର ପ୍ରଦେଶେ
ସଞ୍ଜବତୀ ଦେଇ ବଧୂ
ମଙ୍ଗଳ ମନାସେ ।।

ମାଡିଆସେ ଅନ୍ଧକାର
ଧୀରେ ଜନଶୂନ୍ୟ
ଝିଙ୍କାରିର ଶବଦରେ
ଫାଟୁଛି ଅରଣ୍ୟ
ନିଶି ଅର୍ଦ୍ଧେ ବାସ୍ନା ବାଣ୍ଟେ
ଫୁଲେଇ ଶେଫାଳି
ଦେଖିବା ପୂର୍ବରୁ ସତେ
ଯାଏ ସେ ମଉଳି ।।

ISSN NO.
2582-208X

ମନେପଡେ ସେଇ ରାତି
ଅଧା ପ୍ରହରର
ଖୋଜୁଥିଲି ବିରହରେ
ତୁମ ପରଶର
ଜଳୁଥିଲା ମନ ତନ
ପ୍ରୀତିର ନିଆଁରେ
ଶ୍ରାବଣର ବର୍ଷା ଟୋପା
ଭିଜାଇ ନପାରେ ।।

ମନ ଗୋପନର କଥା
ନପାରଇ କହି
ଚାପି ରଖି ହୃଦୟରେ
ହେଉଥାଏ ଦହି
ସାଇତିଛି ସ୍ମୃତି ସବୁ
ଖାଲି ତୁମପାଇଁ
ଉପେକ୍ଷିତ ମନ ଏବେ
ଖୋଜେ ତୁମ ଛାଇ ।।

ପ୍ରୀତିର ନଦୀରେ ଯେତେ
ବୁହାଇଲେ ନାଆ
ମିଳେନାହିଁ ଥଳ କୂଳ
ବହେ ନାହିଁ ବାଆ
ଶେଫାଳି ସଦୃଶ ଅଟେ
ଏଇ ମୋର କାୟା
ନିଶି ଅର୍ଦ୍ଧେ ମୋ ଜୀବନ
ପ୍ରଭାତେ ମୁଁ ମାୟା ।।

ଶିକ୍ଷା ଆଧ୍ୟାପିକା, କନ୍ଧମାଳ

ISSN NO.
2582-208X

# ପ୍ରେମ, ଜୀବନ ଓ ଆଧ୍ୟାତ୍ମିକତାର କବି ଶ୍ରୀନିବାସ ଉଦଗାତା: ଏକ ବିହଙ୍ଗାବଲୋକନ



ପବିତ୍ର ବାଗ

ସାମ୍ପ୍ରତିକ ସମୟରେ ଓଡ଼ିଆ ତଥା ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ସାଧନାରତ ଓ ପ୍ରତିଷ୍ଠିତ କବି ଡକ୍ଟର ଶ୍ରୀନିବାସ ଉଦଗାତା ପ୍ରାଦେଶିକ ଓ ଜାତୀୟସ୍ତରରେ ଏକ ସୁପରିଚିତ ବ୍ୟକ୍ତିତ୍ୱ। ତାଙ୍କର କାବ୍ୟ ବିଭବର ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ କାବ୍ୟ ସୌନ୍ଦର୍ଯ୍ୟର ପାଠକୀୟ ଆଦୃତି ଲକ୍ଷ୍ୟ କରାଯାଇଥାଏ। ତାଙ୍କ ସୃଷ୍ଟିରେ ପ୍ରଥମେ କବିତାର ଧ୍ୱନି ଅନୁରଣିତ ହୋଇଅଛି କିନ୍ତୁ ସେ ଏକାଧାରରେ କବିତା, ଗଳ୍ପ, ଉପନ୍ୟାସ ନାଟକାଦି ରଚନା କରିବା ସହିତ ସେ ଜଣେ ଅପ୍ରତୀଦ୍ୱନ୍ଦ୍ୱୀ ଅନୁବାଦକ ମଧ୍ୟ । ଓଡ଼ିଆ ସାହିତ୍ୟର ଅମୂଲ୍ୟ ଓ ଅନ୍ୟ ଭାଷାର ଅମରକୃତିଗୁଡିକୁ ଅନୁବାଦ କରି ଏକ ବୃହତ୍ତର କ୍ଷେତ୍ରକୁ ପ୍ରସାରିତ କରିବାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ସେ ଜଣେ ଉତ୍ତମ ବ୍ୟକ୍ତିତ୍ୱ ହୋଇଥିବାରୁ ସର୍ବୋଚ୍ଚ ସାହିତ୍ୟକର ଆସନ ଦାବୀ କରିବାକୁ ସକ୍ଷମ। ତାଙ୍କର ଜନ୍ମ ହୋଇଥାଏ ୭ ଜାନୁଆରୀ ୧୯୩୫ ମସିହାରେ ମାଣିକଗୋଡ଼ା, ଦିବ୍ୟସିଂହପୁର ଶାସନ ପୁରୀରୁ। କିନ୍ତୁ ସେ ବଲାଙ୍ଗିରରୁ ହି ପ୍ରସିଦ୍ଧି ଅର୍ଜନ କରିଛନ୍ତି। ବଡ଼ଭାଇ ଗୋବିନ୍ଦଚନ୍ଦ୍ର ଉଦଗାତାଙ୍କୁ ସେ ନିଜର ଶିକ୍ଷାଗୁରୁ ଭାବରେ ସ୍ୱୀକାର କରିଛନ୍ତି। ସମ୍ପ୍ରତି କବିକୁଟୀର, ରାଧାରାଣୀ ପଡ଼ା, ବଲାଙ୍ଗିରରେ ଅବସ୍ଥାନ କରି ସାରସ୍ୱତ ସାଧନା ଦ୍ୱାରା ସାହିତ୍ୟକୁ ପରିପୁଷ୍ଟ କରୁଛନ୍ତି।

ISSN NO.
2582-208X

ଗୋଟିଏ ମଧୁର, ସରସ ଓ ଆବେଗମୟ ଜୀବନର ଗଭୀର ଅନୁଭୂତିକୁ ଅଭିବ୍ୟକ୍ତ କରିବା ତାଙ୍କ କାବ୍ୟ ପ୍ରତିଭାର ଦକ୍ଷତା । କବିତାର ସୀମିତ କଳେବର ମଧ୍ୟରେ ବିସ୍ମୃତ ଭାବରାଜ୍ୟର ଆଲୋଡିତ ହୋଇଥାଏ। ସେ ସରଳ ଭାବରେ ନିତିଦିନିଆ ଜୀବନରେ ଘଟୁଥିବା ସମସ୍ୟାବଳୀକୁ ତାଙ୍କ ଲେଖନୀରେ ପ୍ରବାହମାନ ଧାରାରେ ପ୍ରବାହିତ ହୁଏ। ପ୍ରେମ, ପ୍ରଣୟ, ମାନ, ଅଭିମାନ, ଚେତନ, ଅଚେତନ, ଅବଚେତନ ମନର ପରିପ୍ରକାଶ ହୋଇଥାଏ ତାଙ୍କ କବିତାରେ। ତାଙ୍କର ଶବ୍ଦ ସଂଯୋଜନା ରୀତି ସହଜ, ସରଳ ଓ ବୋଧଗମ୍ୟ ହୋଇଛି।

କବି ଶ୍ରୀନିବାସ ଉଦଗାତା କାବ୍ୟସମ୍ଭାର ମଧ୍ୟରେ ଏକ ବିଶିଷ୍ଟକୃତି ହେଉଛି ପୂରବୀ (୧୯୬୧) । ଏହା ଏକ ଚତୁର୍ଦ୍ଦଶପଦୀ କବିତା ଯାହାକୁ ଇଂରାଜୀରେ କୁହାଯାଏ ସନେଟ (Sonnet) । ଏହା ସାଧାରଣତଃ ଚଉଦ ଧାଡ଼ି ବିଶିଷ୍ଟ ହେବାରୁ ଚତୁର୍ଦ୍ଦଶପଦୀ କବିତା କୁହାଯାଏ। ଏହା ଗୀତିକବିତାର ଏକ ଅଂଶବିଶେଷ।ଏଥିରେ କଳ୍ପନା ଓ ଆବେଗର ଫେଣ୍ଟାଫେଣ୍ଟି ରୂପ ବା ମିଶାମିଶି ରୂପ ପରିଦୃଷ୍ଟ ହୋଇଥାଏ। ପଡ଼ୋଶୀ ବଙ୍ଗଳା ସାହିତ୍ୟରେ ମାଇକେଲ ମଧୁସୂଦନ ଦତ୍ତ ଓ ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ ସନେଟ ରଚନାର ଆଦ୍ୟସ୍ରଷ୍ଟା । କବି ଉଦଗାତାଙ୍କ ଏକାବନଟି ସନେଟ ସମ୍ବଳିତ କବିତା ଗ୍ରନ୍ଥ ହେଉଛି 'ପୂରବୀ' । ତରୁଣ କବିଙ୍କ କାରୁଣ୍ୟଭରା ଜୀବନ, ଅସରନ୍ତି ଚିନ୍ତାଚେତନା, ସ୍ୱପ୍ନ, ପ୍ରେମପ୍ରଣୟର ଏହା ଆଦ୍ୟକ୍ଷର ।

କବିଙ୍କ ଭାଷାରେ -

"ଫୁଟିଲେ ଗୋଲାପ ବନେ ଅଳି କରେ ଅଳି
କଅଁଳ ଓଠରେ ଭରି ଚୁମ୍ବନ ମଦିରା
ପ୍ରାଣ ଖୋଲି କହେ ସଖି 'ତୁ ମୋହରି' ବୋଲି
ମୁଁ ତୋର ପରଶ ଲାଗି ହୁଏ ଆତ୍ମହରା ।"

ISSN NO.
2582-208X

କବିଙ୍କ ଦ୍ଵିତୀୟ ସାରସ୍ଵତ କବିତା ସୃଷ୍ଟି ହେଲା 'ଆପଣାର ଗୀତ' (୧୯୭୮)। ଏକଚାଲିଶଟି କବିତାରେ ଏହା ପରିପୂର୍ଣ୍ଣ । ଏଥିରେ ରୋମାଣ୍ଟିକତାର ସଙ୍ଗେ ସଙ୍ଗେ ସମାଜର ଜନସାଧାରଣ, ସମାଜର ଦାରିଦ୍ର ଗୋଷ୍ଠୀଙ୍କୁ ଆହ୍ଵାନ କରି କହିଛନ୍ତି -

"ହେ ଦାରିଦ୍ର ତୁମେ ଏକ ଶୁଭ ଆଶୀର୍ବାଦ କଣ୍ଟାର ମୁକୁଟ
***ତୁମେ ଇତ ମୋର ଗୌରବ, ହେ ବନ୍ଧୁ ହେ ସଖା ପରମ ।"

ମର୍ତ୍ତ୍ୟ ମାନବର ଦୁଃଖ, ଯନ୍ତ୍ରଣା, ପ୍ରାପ୍ତି, ଅପ୍ରାପ୍ତି, ଜନ୍ମ, ମୃତ୍ୟୁ  ହର୍ଷ ବିଷାଦ ହି ତାଙ୍କ କବିତାର ସ୍ଵର । କବି ଆତ୍ମାଭିମାନୀ ହୋଇ ପ୍ରତୀକ୍ଷାର ଜନ୍ମମୃତ୍ୟୁ ସଂପର୍କରେ ଆଧ୍ୟାତ୍ମିକତାର ଭଙ୍ଗୀରେ କହିଛନ୍ତି -

“ତେବେ ମୋର ଧୈର୍ଯ୍ୟ ନାହିଁ
କୋଟି କୋଟି ଜନମ ଶେଷରେ
ତମରି ସଙ୍ଗତେ ଯାଇ ମିଶିଯିବା ପାଇଁ । "

କବି ଅରୂପସତ୍ତା ସହ ମିଶିଯିବାର ଯେଉଁ ଆତ୍ମୀୟ ଭାବନା, ଅଭିମାନ ଓ ଅବଶୋଷର ଚିତ୍ର ଫୁଟି ଉଠେ ତାଙ୍କ ସାହିତ୍ୟରେ । ତାଙ୍କ କାବ୍ୟଚେତନାର ଆରମ୍ଭ ହୋଇଥାଏ ଏକାତ୍ମ ହେବା ପାଇଁ କିନ୍ତୁ ଯେତେବେଳେ ଆଶା ପାଣିଫୋଟକା ହୋଇଯାଏ, କବି ଆତ୍ମାଭିମାନୀ ହୋଇଉଠେ। କବିଙ୍କ ଲେଖନୀରେ ନିସୃତ ହୁଏ -

"ଜଗତ ଭୁଲିଛି ଦେଖି ତୋର ରୂପ
ଯେତେ ଅଗୋଚର ଅରୂପ ଅମାପ
ମୁଁ କିଆଁ ଖୋଜିବି କହ, ବଦରିକା କିଆ ଯିବି
ସକଳ ତୋ ତିର୍ଥ ପଦ କମଳେ ଢଳୁ । "

ଭକ୍ତର ଭଗବାନ। ଏଣୁ କବିପ୍ରାଣ ଆଧ୍ୟାତ୍ମିକତା ସହ ଏକାଙ୍ଗ ହେବାକୁ ବ୍ୟଗ୍ର।

ISSN NO.
2582-208X

ଆଧୁନିକ କବିତାର ଦୁର୍ବୋଧ୍ୟ ଓ ଛନ୍ଦହୀନ କବିତା କଳେବର ଊର୍ଦ୍ଧ୍ୱରେ କବି ଉଦଗାତାଙ୍କ କବିତା। ବୟସର ଉତ୍ତରଣରେ ମଧ୍ୟ କବିଙ୍କ ଲେଖନୀ ଧିମେଇ ଯାଇନାହିଁ ତାହା ପୁଣି ହୋଇଛି ଅଧିକ ଚିନ୍ତାଦ୍ୟୋତକ, ମଗଜର କସରତରେ ସୁବୋଧ୍ୟ ଓ ସାବଳୀଳ।ପରିଶେଷରେ ଓଡ଼ିଆ ସାହିତ୍ୟରେ ପ୍ରତିଭାକୁ ଯଥାଯୋଗ୍ୟ ସମ୍ମାନ ମିଳିବା ଆବଶ୍ୟକ । ବଲାଙ୍ଗିର ମାଟିର ସାରସ୍ୱତ ସୃଷ୍ଟିରେ ତାଙ୍କର ଲେଖନୀ ସମୃଦ୍ଧ। ତାଙ୍କ ସାରସ୍ୱତ ବାରି ସର୍ବତ୍ର ସିଞ୍ଚନ ହେଲେ ଓଡ଼ିଆ ସାହିତ୍ୟ ଅଧିକ ସାର୍ବଜନୀନ ହୋଇପାରିବ ଏହା ନିସନ୍ଦେହ ।

ସହାୟକ ଗ୍ରନ୍ଥସୂଚୀ –

୧. କର, ଡକ୍ଟର ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ। ସପ୍ତମ ସଂସ୍କରଣ। ପ୍ରକାଶକ - ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ ; ୨୦୧୮

୨. ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ ।ପଞ୍ଚମ ସଂସ୍କରଣ । ପ୍ରକାଶକ - ଏ.କେ.ମିଶ୍ର ପବ୍ଲିଶର୍ସ, କଟକ ; ୨୦୧୬

୩ . ମିଶ୍ର, ନରେନ୍ଦ୍ରନାଥ - ଆଧୁନିକତା ଓ ଆଧୁନିକ ସାହିତ୍ୟ ।ପ୍ରଥମ ସଂସ୍କରଣ । ପ୍ରକାଶକ - ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ , କଟକ ; ୧୯୭୬

୪. ରଥ ,ଗୋପବନ୍ଧୁ - ବଲାଙ୍ଗିର-ପାଟଣାର ସାଂସ୍କୃତିକ ଓ ସାହିତ୍ୟକ ପରମ୍ପରା । ପ୍ରକାଶକ - ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ ; ୧୯୯୫

୫. ଉଦଗାତା, ଶ୍ରୀନିବାସ - ପୂରବୀ । ପ୍ରକାଶକ – କବିକୁଟୀର, ବଲାଙ୍ଗିର ; ଜାନୁଆରୀ ୧୯୬୧

ଗବେଷକ
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଗୁରୁ



ପ୍ରିୟଦର୍ଶିନୀ ପାତ୍ର

ଅନ୍ଧାର ରାସ୍ତାକୁ ସେ ଆଲୋକ ଦିଅନ୍ତି,
ପଥ ହଜିଗଲେ ପଥ ସେ ଦେଖାଇ ଦିଅନ୍ତି
ଅବାଟରେ ଗଲେ କେହି ଟାଣି ସେ ଆଣନ୍ତି
ସେ ଆଉ କେହି ନୁହନ୍ତି,
ଅତି ପ୍ରିୟ ଅତି ସମ୍ମାନନୀୟ ଗୁରୁ ସେ ଅଟନ୍ତି
ଉପରୁ ଉପରୁ କେତେ ଗାଳି ସେ କରନ୍ତି
ଅନ୍ତରରୁ ସ୍ନେହ ଭରା ଆଶିଷ ଦିଅନ୍ତି
ସେ ଆଉ କେହି ନୁହନ୍ତି,
ଅତି ପ୍ରିୟ ଅତି ସମ୍ମାନନୀୟ ଗୁରୁ ଯେ ଅଟନ୍ତି ।
ଭବିଷ୍ୟତ ଉଜ୍ଜ୍ୱଳର ମାର୍ଗ ସେ ଦେଖନ୍ତି
ନିସ୍ୱାର୍ଥପର ଭାବେ ସାହାଯ୍ୟ କରନ୍ତି
ଗୁରୁ ଭକ୍ତି ମହାନ ଭକ୍ତି, ଦୀକ୍ଷା କର ଏଇ ନୀତି
ପରା ଈଶ୍ୱରଙ୍କର ଅଟନ୍ତି ପ୍ରତିମୂର୍ତ୍ତି ।
ସେ ଆଉ କେହି ନୁହନ୍ତି,
ଅତି ପ୍ରିୟ ଅତି ସମ୍ମାନନିୟ ଗୁରୁ ଯେ ଅଟନ୍ତି ।

ISSN NO.
2582-208X

ମର୍ତ୍ତ୍ୟ ମଣ୍ଡଳରେ ତ୍ରିଦେବ ଥାନ୍ତି
ପିତା,ମାତା ଓ ଗୁରୁ ରୂପେ ସେ ପୂଜା ପାଆନ୍ତି
ସଫଳତାର ସେ ମାର୍ଗ ଦର୍ଶକ ସାଜନ୍ତି
ସେ ଆଉ କେହି ନୁହନ୍ତି
ଅତି ପ୍ରିୟ ଅତି ସମ୍ମାନନୀୟ ଗୁରୁ ଯେ ଅଟନ୍ତି ।

ସ୍ନାତକ ପ୍ରଥମ ବର୍ଷ ଛାତ୍ରୀ
ଓଡିଆ ବିଭାଗ

ISSN NO.
2582-208X

# ବନ୍ଧୁର ମହତ୍ତ୍ୱ



ନରେନ୍ଦ୍ର ପ୍ରସାଦ ବେହେରା

ବନ୍ଧୁ ସିନା ବୁଝେ ବନ୍ଧୁର ମହତ୍ତ୍ୱ
ଅବନ୍ଧୁ ବୁଝିବ କାହୁଁ
ସାଗରର ବନ୍ଧୁ ନଦୀ ହୋଇଥାଏ
ଚିରନ୍ତନ ବହେ ତହୁଁ ।୧।

ପାହାଡର କନ୍ୟା ଝରଣା ଅଟଇ
କୁଳୁକୁଳୁ ନାଦେ ବହେ
ପଶୁପକ୍ଷୀ ବୃକ୍ଷ ତା କୋଳେ ଆଶ୍ରିତ
ମୃଦୁ ମଳୟ ଯେ ବହେ ।୨।

ଭଲ ବନ୍ଧୁଟିଏ ହେବାପାଇଁ ଭଲ
କର୍ମ କରିବାକୁ ହେବ
ଅଧର୍ମ କର୍ମରେ ରହିଥିଲେ ବୁଡି
ଅପଯଶ ଅରଜିବ ।୩।

ISSN NO.
2582-208X

ସ୍ନେହ ପ୍ରେମ ଶ୍ରଦ୍ଧା    ଯାହାଠାରେ ନାହିଁ
ନୁହେଁ ସେ ଉତ୍ତମ ବନ୍ଧୁ
ସବୁ ଦୁଃଖ କଷ୍ଟ    ସହ୍ୟକରି ଦେଖ
ପାରିହେବ ସପ୍ତ ସିନ୍ଧୁ ।୪।

ଉତ୍ତମ ସ୍ୱଭାବ    ବନ୍ଧୁଟିଏ ପାଇ
ବନ୍ଧୁ ହୁଏ ଆନନ୍ଦିତ
ହୃଦୟର କଥା    ଖୋଲି କହିଥାଏ
ଜୀବନରେ ଯାହା ସତ ।୫।

ଦୁଃଖନେଇ ସୁଖ    ପ୍ରଦାନ ନିମନ୍ତେ
ଖୋଜୁଛି ମୁଁ କେଉଁ କାଳୁ
ଅବେଳର ବନ୍ଧୁ    ଅଦିନ ବରଷା
ଦୂର ହୁଏ ଭାଳୁଭାଳୁ ।୬।

ଯେତେ ଅପବିତ୍ର    ହେଉପଛେ ନଦୀ
ସାଗର ଘୃଣା କରେନି
ସରାଗ ତାହାର    ଅତୀବ ମହାନ
କେବେବି ଭୁଲି ପାରେନି ।୭।

ବନ୍ଧୁର ମହତ୍ତ୍ୱ    ବୁଝିଛି ବୋଲି ତ
ଦେଇଛି କୋଳରେ ସ୍ଥାନ

ISSN NO.
2582-208X

ଆଜିର ସମାଜେ ପରିଚିତ ବନ୍ଧୁ
କରୁଛନ୍ତି ଅପମାନ ।୮।

ବନ୍ଧୁତ୍ୱର ମାନେ ଯେ ଜନ ବୁଝେନି
ସେ ନୁହେଁ ବନ୍ଧୁରେ ଗଣା
କହରେ କାଳିଆ କରୁଅଛୁ ମୋତେ
କାହିଁ ପାଇଁ ବାଟବଣା ।୯।

ହେବଯଦି ହୁଅ ବନ୍ଧୁପରି ବନ୍ଧୁ
ନହେଲେ ହୁଅ ଭଗାରୀ
ଅପମାନ କରି ଉଡାଅନି ବାନା
ସଂସାର ଅଟେ ତୁମରି ।୧୦।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ରାଜନୀତି ଏକ ବୃତ୍ତି



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ରାଜନୀତିଟାକୁ
ବୃତ୍ତି ଭାବେ ଲୋକ
ଆଦରି ହିଁ ନେଉଛନ୍ତି
ଆଉ କେଉଁଥିରେ
ଅର୍ଥ ଓ କ୍ଷମତା
ଖୋଜି ସେ ପାଉ ନାହାନ୍ତି ।

ସମ୍ମାନ ସାଥିରେ
ପ୍ରତିପତି ଅଛି
ସଂପତ୍ତି ବଢ଼ିବା ଥୟ
ନ ହୋଇବା କାମ
କରି ସେ ଦେଖାନ୍ତି
ନ ଥାଏ ବି ଡର ଭୟ ।

ଲଜ୍ଜା ସରମ ଭି
ଛାଡିବାକୁ ହୁଏ
ଜେଲ ମଧ୍ୟ ଯାଇଥାନ୍ତି
ମାଡ଼ ଖାଇ ସିଏ
ମାଡ଼ ବି ଦିଅନ୍ତି
ଅନୁଗତ ରଖିଥାନ୍ତି ।

ବ୍ୟବସାୟ କଲେ
ଅର୍ଥ ଖଟାଯାଏ
ଲାଭ ଅବା କ୍ଷତି ହୁଏ
ରାଜନେତାମାନେ
ଅର୍ଥ ହିଁ ଖଟାନ୍ତି
ପରିଚୟ ମିଳି ଯାଏ ।

ଏହି ପରିଚୟ
ଆଗକୁ ଯିବାରେ

ISSN NO.
2582-208X

ସହାୟକ ହୋଇଥାଏ
ଲଗାତାର ଭାବେ
ଅର୍ଥ ଖଟାଇଲେ
ସଫଳତା ମିଳିଥାଏ ।
ଅର୍ଥ ନ ଥିଲେ ତ
ରାଜନୀତି ଠାରୁ
ଦୂରେଇ ଯିବାଟା ଭଲ
ସ୍ୱଳ୍ପ ଅର୍ଥ ଥିଲେ
ୱାର୍ଡ ମେମ୍ବରକୁ
ଆଖି ଆଗେ ରଖି ଚାଲ ।

ଭାଷଣ ସହିତ
ଭଲ କାମ କରି
ଆଉ ପାଦେ ଯାଅ ଚାଲି
ସରପଞ୍ଚ ହୋଇ
ପ୍ରତିଷ୍ଠିତ ହୁଅ
ଅର୍ଥ ଗୋଟାଅନି ଖାଲି ।

ଆଉ ପାଦେ ଯାଇ
ବ୍ଲକ ଚେୟାରମ୍ୟାନ
ହେବା ପାଇଁ ଚେଷ୍ଟା କର
ଅର୍ଥ ଠୁଳ କରି
ବିଧାୟକ ପାଇଁ
ପରିବେଶ ସୃଷ୍ଟି କର ।

ଲକ୍ଷ ଲକ୍ଷ ଟଙ୍କା
ଦରମା ମିଳିବ
ସମ୍ମାନ ମିଳିବ କେତେ
ଦଳ ମୁଖିଆଙ୍କ
ବୋଲ ମାନୁଥିଲେ
ମିଳିବ ଯାହାକୁ ଯେତେ ।

ମନ୍ତ୍ରୀପଦ ମଧ୍ୟ
ମିଳି ଯାଇପାରେ
ସମଗ୍ର ରାଜ୍ୟେ ବୁଲିବ
ଅର୍ଥ ଓ ସମ୍ମାନ
କେତେ ଯେ କଅଣ
ଘରେ ଆସି ପହଞ୍ଚିବ ।

କି ଆଇ ଏ ଏସ୍
କି ଆଇ ପି ଏସ୍
ସବୁ ବୋଲକରା ହେବେ
ଦରମା କ୍ଷମତା

ISSN NO.
2582-208X

ସବୁ ହିଁ ମିଳିବ
ନମସ୍କାର କରୁଥିବେ ।

ନେତା ଘର ପିଲା
ନେତା ହେଉଛନ୍ତି
ପ୍ରବେଶ କାହାରି ନାହିଁ
ଯିଏ ବି ଆସିବ
ଭୂଇଁରୁ ଉଠିବ
ନେତା ଟିଏ ହେବା ପାଇଁ।


ନେତାଏ କହନ୍ତି
ସେବା କରୁଛନ୍ତି
କି ସେବା କରୁଛି କିଏ
କ୍ଷମତା ମିଳିଲେ
ଅଳପ ଦିନରେ
ଧନୀ ପାଲଟୁଛି ସିଏ ।

ସେଇଥି ପାଇଁ ତ
ଚାକିରୀଟା ଛାଡି
ରାଜନେତା ହୋଇଥାନ୍ତି
ଏଠିକାର ମଜା
କେଉଁଠି ନ ଥାଏ
ହାଆଁଜୀ କରି ନ ଥାନ୍ତି ।

ମୋ:9937462507

ISSN NO.
2582-208X

# ମୋ ଗାଁ



ଶୁଭେନ୍ଦୁ ଶେଖର ମିଶ୍ର

ସୁବ୍ରତ ର ହଟାତ ମାନେ ପଡିଲା, ପିଲାଦିନର ଛାଡି ଅସିଥିବା ତା ଗାଁ କଥା । ଯେଉଁ ଗାଁ ରେ ଥିଲା ତା ର ଏନ୍ଦୁଡ଼ି ଶାଳ ଓ ଷଠୀ ଘର । ସବୁଜ ବଳୟ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ ଥିଲା ତାର ଛୋଟ ଗାଁ ଟି ।ଅନେକ ଦିନ ଧରି ତରା ସମ୍ପର୍କ ତୁଟି ଯାଇଥିଲା ଗାଁ ସହିତ । ଆଜି କାହିଁକି ତାର ମାନେ ପଡୁଛି ଗାଁ ର ଅନ୍ୟ ପିଲାଙ୍କ କଥା, ଏଇ ଶୁଶାନ୍ତ, ଶୁକାନ୍ତ, ବସନ୍ତ, ବିଜୁ କଥା । କେଉଁଠି ସେମାନେ ଅଛନ୍ତି ସିଏ ଜାଣେନା। ହେଲେ ସିଏ ଏଇମାନଙ୍କ ସହିତ ଦିନେ ତା ଗାଁ ରେ ଥିବା ଖେଳ ପଡିଆ ରେ ଖେଳୁ ଥିଲା ଡୁଡୁ, ବୋହୁ ଚୋରି ଭଳି ଖେଳ । ସବୁଠୁ ମଜା ଥିଲା ଗାଁ ପୋଖରୀରେ ଲଙ୍ଗଳା ହୋଇ ଗାଧୋଇବା କଥା। ସେମାନେ ବୁଝି ପାରୁଥିଲେ ଯେ ଅନ୍ୟ ତୁଠ ରେ ଝିଅ ମାନେ ତାଙ୍କୁ ଲକ୍ଷ୍ୟ କରୁଛନ୍ତି। ସେଇଟା ସେତବେଳେ ତାଙ୍କ ପାଣି ପ୍ରେରଣା ର ସ୍ରୋତ ଥିଲା ଆଉରି ବାହାଦୁରି ଦେଖାଇବା ପାଇଂ ମୌକା ।

ତାରି ଭିତରରେ ଥିଲା ତାଙ୍କ ପଡୋଶୀ ଘରର ଝିଅ ମିନତୀ । ପାଣିରୁ ଉଠି ଆସିବା ପରେ ମିନତୀ ପଚାରିଲା, ତୁ କିମିତି ଅନ୍ୟ ପିଲାଙ୍କ ସହିତ ଲଙ୍ଗଳା ହୋଇ ଗାଧୋଉଥିଲୁ ? ସୁବ୍ରତ ମିନତୀ ର କାନ ଧରି କହିଲା, ମନେରଖ ମୁଁ ତୋ ପାଇଁ ବୈଂଚ କୋଳି କିମ୍ବା ଯାମୁନ କୋଳି କୋଳି ଆଣି ଦେବିନି । ମିନତୀ କିଛି ନକହି ଚୁପ ହୋଇଗଲା । ସତରେ କଣ ସୁବ୍ରତ ରାଗି ଗଲା ! ସତରେ କଣ ଆଉ କୋଳି ଆଣି ଦବନି ? ଠିକ ତାର ଘଂଟାଏ ପରେ ସୁବ୍ରତ ଦୌଡ଼ି ଆସି ଦାଦା ଙ୍କୁ ପଚାରିଲା ମିନତୀ କାଇଁ ? ହାତ ରେ ମୁଠାଏ ବୈଂଚ

ISSN NO.
2582-208X

କୋଳି ନେଇ ମିନତୀ କୁ ଦେଇ ଆସିଲା । କୋଳି ପାଇ ଲାପରେ ମିନତୀ ମନେମନେ କୁରୁଳି ଉଠିଲା, ନାଇଁ ସୁବ୍ରତ ଭାଇ ତାକୁ ଭଲପାଏ ।

ମିନତୀ ର ପାଠ ପଢିବାକୁ ବହୁତ ଇଚ୍ଛା ଥିଲା । ଦାଦା ଙ୍କର ରଢୀ ବାଦି ମତାମତ ସମନା ରେ ସିଏ ଭରସି ପରି ନଥିଲା । ସିଏ ତ ତାଙ୍କର ଝିଅ ଥିଲା । ସେତବେଳେ ଗାଁ ର କୋଉ ବି ଝିଅ ସ୍କୁଲ ଯିବା ବଡ ଅସୁନ୍ଦର ମନା ଯାଉ ଥିଲା । ତଥାପି ସିଏ କେତେଥର ଦାଦା ଙ୍କୁ ବୁଝେଇ ବାକୁ ଚେଷ୍ଟା କରିଛି । ଦାଦା ତାଙ୍କ ରଢୀ ବାଦି ରୁ ଟସ ନା ମସ ହେଇଥିଲେ ।

ଏମିତି କିଛି ଅଭୁଲା ସ୍ମୃତି ରେ ପହଁରୁ ପହଁରୁ ସୁବ୍ରତ ହଠାତ ନିଷ୍ପତି କଲା ଯେ ତାର ଗାଁ ଆଡେ ବୁଲି ଆସିବା ଉଚିତ ହବ । ବହୁ ବର୍ଷ ହେଲା ଗାଁ ର ମାଟି ମାଡି ନାହିଁ । ଏଭିତରେ କତେଯେ କଣ ବଦଳି ଜୀବଣି ।

ଏଇ ସବୁ ହଜିଲା ସ୍ମୃତି ଆଜି ସୁବ୍ରତ କୁ ବିବ୍ରତ କରିଦେଲା ଏବଂ ଗାଁକୁ ଥରେ ଯାଇ ବୁଲି ଆସିବାକୁ ଦୃଢ ସଂକଳ୍ପ ଭରିଦେଇଥିଲା I ହେଲେ କବେ ଗଲେ ଭଲ ହବ ସେଇଆ ସିଏ ସ୍ଥିର କରିପାରୁ ନ ଥିଲା I ଯଦି ଯାଏ ସମସ୍ତଙ୍କ ସହିତ ଦେଖା ହାବତ ଜରୁରୀ । ମନେ ମନେ ସିଏ ଭାବିଲା ଶିବ ରାତ୍ର ଟା ହୁଏତ ଭଲ ସମୟ ହେଇପାରେ I କାରଣ ସେଇ ସମୟ ରେ ଗାଁ ରେ ସବୁଠୁ ବଡ ଯାତ୍ରାହୁଏ । ସେ ଶୁଣିଛି ବାହାରେ ରହୁଥିବା କିଛି ଲୋକ ଜାଗର ଜାଳିବାପାଇଁ ଗାଁ କୁ ଆସନ୍ତି । ରାତ୍ର ଉଜାଗର ରୁହନ୍ତି । ତାର ଏବେବି ମନେପଡୁଛି ଗାଁ ରେ ଏଇ ସମୟ ରେ ଯିଏ ଯୋଉଠି ଥାନ୍ତି ମାନସିକ ନଥିଲେ ମଧ୍ୟ ବନ୍ଧୁବାନ୍ଧବ ସହିତ ମିଶିବା ପାଁଇ ବି ଚାଲି ଆସନ୍ତି । ତେଣୁ ସୁବ୍ରତ ସ୍ଥିର କଲା କି ଶିବରାତ୍ରି ଟି ହିଁ ଉପଯୁକ୍ତ ସମୟ ଗାଁ କୁ ଯିବା ପାଇଁ ।

ଏବେବି ତାର ମନେ ପଡେ ଗାଁ ରେ ବରାବର ବାର ମାସରେ ତେର ପର୍ବ ହେଉଥିଲା । ଗାଁ ରେ ମଣିଷ ଥିଲେ । ବିରୁପାକ୍ଷ ମାମୁଁ , ପ୍ରମାଦ ମାମୁଁ, ମାମି ମାଇଁ, ମଝିଆ ମାଇଁ, ଆଇ, ହେମ ଆଇ, କୁକୁ ଭାଇନା, ନୁନୁ ଭାଇନା, ଟୁନା ଭାଇନା କୁମୁ ମାଉସୀ, ପଙ୍କଜ ମାଉସୀ ଆଇମାନେ ଆଜି ସମସ୍ତେ ମାନେ ପଡୁଛନ୍ତି । ଭୋଜି ଭାତ ହେଲେ ଏମାନଙ୍କର ଗୋଡ଼ ତଳେ ପଡୁ ନଥିଲା । ବୋଉ ବି ତାଙ୍କ ସହିତ ତାଳ କୁ ତାଳ ଦେଇ ଚାଲୁଥିଲା । ଚୁଲି ଶାଳ ରେ ରନ୍ଧାବଢ଼ା ଠାରୁ ଆରମ୍ଭ କରି, ଢଗ ଢ଼ାମଣି ରେ ଆସର ଯମେଇବା, ଅନ୍ତାକ୍ଷ୍ୟରୀ ଖେଳିବା, ଅଳତା ଲଗେଇବା ଆଦି ରେ ସାରା ଦିନ ବିତି ଯାଉଥିଲା ।

ISSN NO.
2582-208X

ଗାଁ ର ବୋହୁ ସବୁ ମୁଣ୍ଡରେ ଓଢ଼ଣା ଦେଇ ଗାଁ ବାଡ଼ି ପଟ ରାସ୍ତା ରେ ରାତି ନପାହୁଣୁ ପୋଖରୀ କି ଯାନ୍ତି ପୋଖରୀ ପାଣି ପାଁଇ ଆଉ ଗାଧୋଇକି ଫେରନ୍ତି । ଗୋଟି ଗୋଟି କରି ସୁବ୍ରତ ସବୁ କଥା ମାନେ ପଡି ଯାଉ ଥିଲା । ଏଇ ଲୋକଙ୍କ ପାଖରେ ଥିଲା ଏକ ଅତ୍ମୀୟତା ର ଭାବ । ଆହା ବୋଲି କହିବା ସହାନୁଭୂତି ଦେଖେଇବା ଆଦି ସହରୀ ଲୋକଙ୍କ ପାଖରେ ଦୁର୍ଲଭ ।ସହର ରେ କେବଳ ସ୍ୱାର୍ଥ ହିଁ ସର୍ବସ୍ୱ । କାମ ଥିଲେ ମୁହଁ ରେ ଛଳନା କାମ ନଥିଲେ "ତୁମେ କିଏ" ।

ଅପେକ୍ଷ୍ୟା ର ଦିନ ଥିଲା ମହାଶିବ ରାତ୍ର । ସକାଳୁ ସକାଳୁ ସବୁ କାମ ସାରି ସୁବ୍ରତ ତାର କାର ଷ୍ଟାର୍ଟ କଲା । ମନ ରେ ତାର ଗୁଡ଼ାଏ ପ୍ରଶ୍ନ ଏବଂ ଆଖି ଆଗରେ ନାଚି ଯାଉଛି ଗୁଡ଼ାଏ ଦୃଶ୍ୟ । କାର ପିଚୁ ରାସ୍ତା ରେ ୫୦ ରୁ ୭୦ କିଲୋମେଟର ସ୍ପୀଡ଼ ରେ ମାଡିଚାଲିଥିଲା । ଆଖି ଆଗରେ ତାର ନାଚି ଚାଲିଥିଲା ତାର ପିଲାଦିନର ସ୍ମୃତି । ଭାବି ଚାଲିଥିଲା କେମିତି ଥିବା ଗାଁ ର ବିଲ ବନ ଆଉ ପିଲାଦିନ ର ସ୍କୁଲ କଥା । ସକାଳ ୫.00 ରେ ବୋଉ ବାଢ଼ି ଦେଉଥିଲା ପଖାଳ କନ୍ସେ ସାଥିରେ ଗରମ ଗରମ ଆଳୁ ଭଜା କିମ୍ବା ବାଇଗଣ ପୋଡା ଚଟଣି ଗରମ ମୁଗ ଭଜା ଡାଲି । ସତରେ ସେଇ ଖାନା ର ସ୍ୱାଦୁ ନିଆରା ଥିଲା । ଜଲ୍ଦି ଜଲ୍ଦି ଖାଇ ସାରି କି ବସ୍ତାନି ଧରି ଦୀର୍ଘ 5 କିଲୋମେଟର ରାସ୍ତା ପାଦରେ ଚାଲି ଚାଲି ଯାଉଥିଲୁ ଆମେ ପାଞ୍ଚ ଜଣ : ସୁକାନ୍ତ ଭାଇ ଶୁଶାନ୍ତ, ରୁବି, ସୁମନ, ଆଉ ସସ୍ମିତା। ସମସ୍ତେ ଗୋଟେ ସ୍କୁଲ ରେ ପଢୁଥିଲୁ । ଏବେ ସେମାନେ କୋଉଠି ସୁବ୍ରତ ପାଖରେ କିଛି ଖବର ନାହିଁ । ବହୁତ ଦିନ ତଳେ ଶୁଣି ଥିଲା ସସ୍ମିତା ଅଧ୍ୟାପିକା ଅଛି ଭୁବନେଶ୍ୱର ର କୋଉ କଲେଜ ରେ; ସୁକାନ୍ତ ଭାଇ ମିଲିଟାରୀ ଡ଼କ୍ଟର; ଶୁଶାନ୍ତ ବି ଡ଼କ୍ଟର ଅଛି କିନ୍ତୁ କୋଉଠି ଜାଣିନି । ମନେ ମନେ ଭାବିଲା ସେମାନେ ସମସ୍ତେ ଥରେ ଏକାଠି ମିଳିଯାନ୍ତେ କି ଗାଁଆ ରେ !!! ଆହା କି ମଜା ହୁଅନ୍ତା।

ସ୍କୁଲ ରୁ ଫେରୁ ଫେରୁ ସନ୍ଧ୍ୟା ହେଇ ଯାଉଥିଲା । ଘରେ ପଶୁ ପଶୁ ବୋଉ ଯେମିତି ବାଟ ଚାହିଁ ବସି ଥାଏ । ସଂଗେ ସଂଗେ କନ୍ସେ ପଖାଳ ଘଣ୍ଟା ତରକାରୀ କିମ୍ବା ଆଳୁ କୋବି ଝୋଳ ଆଉ ଆଚାର। ପେଟରେ ତ ଭୋକ ଥାଏ ତେଣୁ ସେତିକି ଅମୃତ ପରି । ମନଟା କିନ୍ତୁ ଖେଳ ପଡିଆ ରେ ଥାଏ । ତେଣୁ ଜଲ୍ଦି ଜଲ୍ଦି ଖାଇ କି ଦଉଡି ଯାଉଥିଲୁ ଖେଳିବା ପାଁଇ । ମା କେବେ ବି ମନାକରିନି ଖେଳିବା ପାଁଇ । କିନ୍ତୁ ସହର ରେ ପିଲାଙ୍କ ପାଇଁ ସେଇ ସ୍ୱାଧୀନତା ନାହିଁ। ସହର ରେ ଦିଆସିଲି ଖୋଳପରି ଘର ଭିତର ଛିଡା ବାହାରେ ବି ଟିକେ

ISSN NO.
2582-208X

ଖୋଲା ରେ ବୁଲିବା ପାଇଁ ଜାଗା ର ଅଭାବ ଏବଂ ଅଜଣା ଭୟ ଯୋଗୁ ବାପା ମା ପିଲାଂକଠୁ ସେଇ ସ୍ୱାଧୀନତା ଛଡେଇ ନିଅନ୍ତି । ମନେ ମନେ ସିଏ ଭାବୁ ଥିଲା କୁଆଡେ ଗଲା ସେଇ ଦିନ ଗୁଡିକ। ବର୍ଷା ଶୀତ, ଖରା କେବେ ବି ବାଧୂ ନଥିଲା ନ ସେ କେବେ କାଦୁଅ ବାଲି କୁ ଖାତିର କରୁ ଥିଲା । କେବଳ ଥିଲା ଯୋଶ ତେଣୁ ଥକାବଟ ର ପ୍ରଶ୍ନ ଉଠୁନି ।

କାର ର ଗତି ସହିତ ତାର ମନ ବି ଦୌଡୁ ଥିଲା । ଦେଖିବାକୁ ତାର ପିଲା ଦିନର ଗାଁ କୁ। ସନ୍ଦେହ ହେଉଥିଲା, ଅନେକ ଦିନ ପରେ ସେ ଯାଉଛି ତାର ଜନ୍ମ ମାଟି କୁ, ତାକୁ କିଏ ଚିନ୍ହି ବେ କି ନାହିଁ? ତାକୁ ଦେଖି ର କୁକୁର ସବୁ ଭୁକିବାକୁ ଆରମ୍ଭ କରିବେ । ଅବଶ୍ୟ ସେଥିରେ ଆଶ୍ଚର୍ଯ୍ୟ ହବାକଥା ନୁହଁ । ସିଏ ଗାଁ ଛାଡି କେତେ ଯେ ବର୍ଷ ହେଇଗଲାଣି, ବର୍ତମାନ ର କୁକୁର ଗୁଡିକ ହୁଏତ ଜନ୍ମ ହେଇନଥିବେ, ପୁରୁଣା କୁକୁର ଗୁଡିକ ମରିସାରିବେଣି । ତାଙ୍କୁ ପରିଚିତ କିଏ କରିବ ।

ଗାଁ ରେ ପହଂଚିଲା ବେଳକୁ ଦିନ 10.00 ଟା ହେଲାଣି। କାର ଟି ସିଧା ନେଇ ଘରଦାଣ୍ଡ ସମାନ ରେ ରଖିଲା । କାର ରୁ ଓଲ୍ହାଇ ଅଂଟା ସଳଖୁ ସଳଖୁ ଘରକୁ ଚାହିଁଲା ସୁବ୍ରତ। ଦେଖିଲା ତା ଘର ର ଛପର ଚାଳ ଟି ଭାଙ୍ଗି ଯାଇଛି। କାନ୍ଥ ସବୁ ରୁ ମାଟି ଝଡି ଯାଇଛି । ତଥାପି ସିଏ ମାଡିଚାଲିଲା ସେଇ ଘର ଭିତରକୁ । କବାଟ ବୋଲି ନାମ ମାତ୍ର କୁ ଅଛି। ଅଗଣାରେ ଆଂଠୁଏ ଉଚ୍ଚରେ ଉଇ ହୁଙ୍କା, ଦୂବୁରା ଗଛ ରେ ଭାରି ଯାଇଛି। ବୋଉ ର ତୁଳସୀ ଚଉରା ଆଉ ଦେଖାଯାଉନି । ବୋଉ ର ରୋଷେଇ ଘର ଟି ମାଟି ରେ ମିଶି ଯାଇଛି ।

ଯୋଉ ରନ୍ଧା ଘର ରୁ ବୋଉ ର ରନ୍ଧା ଖାଇ ସିଏ ଆଜି ବଡ ହେଇଚି ସେଇ ରନ୍ଧାଘର ଆଉ ନାହିଁ । ନାନା ଅଙ୍କର ଦିଅଁ ଘର ଖଟୁଲି ସମାନ ଥାଳି ପିଢା କିଛିବି ନାହିଁ । ଯେଉଁ ନନା ଦିନେ ସେମାନଙ୍କୁ ଶାସନ କରୁଥିଲେ, ସକାଳୁ ସଞ୍ଜଯାଏ ଚାଷ ଜମି ରେ କାମକରି ଧାନ ମୁଗ ଆଉ କିଛି ପନିପରିବା ଅମଳ କରୁଥିଲେ; ପରିବାର ର ଭରଣ ପୋଷଣ କରୁଥିଲେ, ସିଏ ଆଉ ନାହାନ୍ତି । ହୁଏତ ସିଏ ଥିଲେ ଏଇ ଘରର ଅବସ୍ଥା ଏମିତି ହୋଇନଥାନ୍ତା । ସିଏ

ଚାଲିଯିବା ପରେ ବୋଉ ବଡ ନିଃସହାୟ ହୋଇ ପଡିଥିଲା । ଶେଷ ନିଶ୍ୱାସ ସିଏ ପୁଅ ପାଖରେ ଛାଡିଥିଲେ କିନ୍ତୁ ଦିନେ ହେଲେ ସିଏ ଏ ଘରକୁ ପାଲଟି କି ଦେଖି ନଥିଲା । ସିଏ ଜାଣିଥିଲା ଯେ ଏଇ କାମ ତାର ବସକି ନାହିଁ ନା ସେଇଥି ପାଇଁ ପୁଅ ଉପରେ ବୋଝ

ISSN NO.
2582-208X

ପକେଇବ । ।ଆହା! ସାତପୁରୁଷର ଘରଟା ଲାବାରିଶ ହେଇଗଲା, ଭାଁଗିକି ଚୁରମାର ହେଇଗଲା । ସିଏ ବଞ୍ଚାଇ ପାରିଲାନାହିଁ ଯୋଉ ଘରେ ସିଏ ପାଠ ପଢି ମଣିଷ ହେଇଚି । ଭାବନା ଆଉ ଦୁର୍ଭାବନା ଭିତରେ ଯେମିତି ସିଏ ଘର ଭିତରକୁ ଆଗେଇ ଚାଲିଥିଲା ତାରି ମୁହଁ ଆଗରେ ନାନା ବୋଉ ର ସେଇ ସରଳ ସ୍ନେହ ପୁର୍ଣ ଚେହେରା ଆଖି ଆଗରେ ନାଚି ଚାଲି ଥିଲା । ଗାଈ ଗୁହାଳ ଘର ଆଉ ନାହିଁ । ଯୋଉଠି ବୋଉର ଅଲିଅଳୀ ଗାଈ ନେତ ବନ୍ଧା ହୋଉଥିଲା । ବୋଉ ପ୍ରତିଦିନ ସକାଳେ ଆଉ ସଂଜରେ ତାକୁ ଆଉଁସି ଦେଉ ଥିଲା । ବୋଉ କହେ ସିଏ ତା ସହିତ ଏଇ ଘରକୁ ବୋଉ ସହିତ ଯୌତୁକରେ ଆସି ଥିଲା ଏବେ ତାରି ଦୁଇଟି ଛୁଆ । ବୋଉ ସେମାନଙ୍କୁ ବି ନିଜ ପିଲା ଠୁ ଅଧିକ ସ୍ନେହ କରୁ ଥିଲା । ବୋଉ ଗୁହାଳକୁ ଗଲେ ସେଇମାନେ ବଲ ବଲ ହେଇକି ତାକୁ ଚାହୁଁ ଥିଲେ । ବୋଉ ତାଙ୍କୁ ତୋରାଣି ଆଉ ନଡା ଖାଇବାକୁ ଦିଏ । ତାରି ଦୁଧ ପିଇକି ଆଜି ସିଏ ଅତେ ବଡ ହୋଇଚି।

କୋହ ସମ୍ଭାଳି ପାରୁ ନଥିଲା ସିଏ । ବାଡ଼ି ପଟ ର ଖଳା ଆଉ ଢ଼ିଙ୍କି ଶାଳ ଆଉ ନାହିଁ ସବୁ ପଦା ହେଇଯାଇଛି। ଆଂଠୁଏ ଉଚ୍ଚ ର ଘାସ ରେ ଭରି ଯାଇଛି।

ତାଙ୍କ ଆଉ ଚାକିରୀ ମୋହରେ ଆଉ ସହର ର ଚା ଚକ୍ୟ ର ଆଡରେ; ଏ ଘରଟି ମାଟି ରେ ମିଶି ଗଲା । ଏ ସବୁ ମଇନା କରୁ କରୁ ସିଏ ଦେଖିଲା ରାମୁ କାକାଙ୍କ ଘରଟି ବି ମାଟି ରେ ମିଶି ଗଲାଣି ।

ସୁବ୍ରତ ଶୁଣିଥିଲା ରାମୁ କାକା ବଂଚି ଥାଉ ଥାଉ ମିନତୀ କୁ କଟକ ରେ କେଉଁ ଏକ କିରାଣୀ କୁ ବାହା ଦେଇଦେଇ ଥିଲେ । ବାହା ହେଲା ପରେ ମିନତୀ ଗୁଡ଼ାଏ ଛୁଆ ର ମା ହେଇଗଲା । ଅଭାବ ଅନାଟନ ରେ ଦିନ କାଟୁ ଥିଲା ବିଚାରି ମିନତୀ, କେତେ ଅଲୀଅଳ ରେ ବଢିଥିଲା। ବୋଉ କହେ ମିନତୀ ପିଲାଙ୍କୁ ନେଇ କବେ କେମିତି ଗାଁ କୁ ବୁଲିଆସେ । ଦାଦା ଖୁଡି ଚାଲିଗଲାପରେ ଗାଁ ବାଟ ସେମିତି ବି ସବୁ ଦିନ ପାଁଇ ବନ୍ଦ ହେଇଗଲା । ମିନତୀ ପରି ଏତେ ଶାନ୍ତ ସରଳ ଝିଅ, ସିଏ କେତେ ତାକୁ ସ୍ନେହ ନ ଦେଇଛି । ତା ପାଇଁ ବି ସିଏ କିଛି କରିପାରିଲାନାହିଁ । ଭଗବାନ ବି ତା ପାଇଁ କେତେ କଷ୍ଟ ଲେଖି ଯାଇଛନ୍ତି, ଏଇସବୁ ଭାବି ଭାବି ସୁବ୍ରତ ର ମନଟା ଭାଙ୍ଗି ଗଲା ।

ISSN NO.
2582-208X

ଗାଁ ଟା ବି କେମିତି ଖାଲି ଖାଲି ଲାଗୁଚି । ଦୁଇ ସାହି ର ଅନେକ ଘର ଭାଙ୍ଗି ଗଲାଣି, ଡିହ ପାଲଟି ଗଲାଣି । ଗାଁ ଦାଣ୍ଡରେ ଆଗପରି ପିଲା ଆଉ ମଣିଷ ହାଉ ଯାଉ ହେଉ ନାହାନ୍ତି, ପାଟି ତୁଣ୍ଡ ଶୁଭୁ ନାହିଁ ।

ଏମିତି ଗାଁ ଦାଣ୍ଡରେ ଚାଲୁ ଚାଲୁ ଦେଖା ହେଲା ପିଲାଦିନ ରେ ସେଇ ଗୋପ ଅଜା। ବୁଢା ହେଇଗଲେଣି । ବାଡ଼ିଟିଏ ଧରି ବଙ୍କେଇ ବଙ୍କେଇ ଚାଲୁଛନ୍ତି, କିଛି ଦିଶୁନାହିଁ ବୋଧେ । ତାଙ୍କୁ ଦେଖି ସୁବ୍ରତ ଜୁହାର ଟିଏ ପକେଇଲା । ତାକୁ କିଛି ସମୟ ଦେଖିଲା ପରେ ପଚାରିଲେ "ତୁ ସୁବ୍ରତ କିରେ"? ମୋ ନାଟି ତାଙ୍କ ମୁହଁରୁ ଶୁଣି ଭଙ୍ଗା ମନ ଟି ବେଶ ଖୁସି

ହେଇଗଲା । ସେ ପଚାରିଲେ "ଏତେ ଦିନ ପରେ ତୋତେ ଗାଁ ମନେ ପଡିଲା ? ଶଶୀ ର ପୁଅଟି? ତୋ ନାନା କୁ କେତେ କରି କହିଲି ଘରେ ଟିଣ ଦିଟା ପକେଇଦେ, ପିଲା ମାନେ ଆସିଲେ ରହିବେ । ମୋ କଥା ମାନିଲାନି । ଓଲଟି କହିଲା --କିଏ ଆସିବେ ଏଇ ମାଟି କାଦୁଅର ଗାଁ କୁ? ମଲାବେଳେ କେତେ ତୋତେ ଖୋଜିଥିଲାରେ । ଆହା !ବିଚାର ଚାଲିଗଲା ବିନା ଦବାଇରେ । ଦୋଷୀ ଟି ପରି ମୁଁ ଠିଆ ହୋଇଥିଲି ଆଉ ଶୁଣୁଥିଲି । ପରେ କହିଲି -କଣ କରିବି ଅଜା, ମୁଁ ସେତବେଳେ ଆମେରିକା ରେ ଥିଲି । ଆସିବା ପାଇଁ ମୋ ପାଖରେ ପଇସା ନ ଥିଲା, ଆସିଥିଲେ ଆଉ ଯାଇ ପାରିନଥାନ୍ତି । ଗୋପାଳ ଅଜା ମୁହଁ ଭାଙ୍ଗି ଚାଲି ଗଲେ, ଗଲାବେଳେ କିଛି ଗୁଣୁ ଗୁଣୁ ହେଇ କହୁ ଥିଲେ, ମୁ ବୁଝି ପାରିଲିନି । ବୁଝିଥିଲେ ବି କଣ ଉତ୍ତର ଥିଲା ମୋ ପାଖରେ ? ଏତିକି ବୁଝିଲି ଯେ ସିଏ ମୋ ଉତ୍ତର ରେ ସନ୍ତୁଷ୍ଟ ନ ଥିଲେ ।

ଗାଁ ର ପଶ୍ଚିମ ଦିଗ ରେ ଦୁର୍ଗା ମନ୍ଦିର, କବେ ଠୁ ଠିଆ ହୋଇଛି । ଏଇ ମନ୍ଦିର ଚୌପାଟି ରେ ସିଏ ପିଲାଦିନେ କାତେ ଯେ ଖେଳିଛି। ଥରେ ମନ୍ଦିର ବେଢା କୁ ଯାଇ ବୁଲି ଆସିବାକୁ ତାର ଇଚ୍ଛା ହେଲା । ଯତ୍ନ ଅଭାବରୁ ମନ୍ଦିରରୁ ଚୁନା ଛାଡି ଯାଇଛିଚି, ଅବହେଳା ରୁ ମନ୍ଦିର ର କିଛି ଅଂଶ ଭାଙ୍ଗି ଗଲାଣି । ଗାଁ ର ସେଇ ପୁରୁଣା ପଣ୍ଡା, ମାଳୀ, ଗୌଡ଼, ଧୋବା, ଭଣ୍ଡାରୀ କେବେଠୁ ମରି ହଜି ଗଲେଣି । ତାଙ୍କରି ଘର ସବୁ ଭାଙ୍ଗି ଡିହ ହେଇ ପଡିଛି, ତାଙ୍କରି ପିଲାମାନେ ଗାଁ ଛାଡି ଦାଦନ ପାଁଇ କିଏ କୁଆଡେ ଗଲେଣି । ପଡୋଶୀ ଗାଁରୁ ପଣ୍ଡା ଆସି ଦିଅଁ ଙ୍କର ସେବା କରୁଛି । ମନ୍ଦିରରେ ଦିଅଁ ଅଛନ୍ତି କିନ୍ତୁ ଆଉ ସେଇ ଲୋକ ନାହାଁନ୍ତି। ନା ଆଉ ଦଶହରା କିମ୍ବା ଶିବରାତ୍ର ର ମଜା ଅଛି ଆହଃ ! କାତେ ସପନ ନେଇ

ISSN NO.
2582-208X

ସେ ଗାଁ କୁ ଆସିଥି ଲା ! ହଲେ ଗାଁ ରେ ନଥିଲା ସେଇ ପିଲା ଦିନର ଗାଁ । ଗାଁ ଲୋକ ଗୁଡାକ ପେଟ ପାଁଇ କିଏ କୁଆଡେ ଗଲେଣି । ଜମି ବାଡ଼ି ସବୁ ଡିହ ହେଇ ପଡିଛି । ବିଲ ରେ କାମ କରିବାକୁ ଆଉ ଲୋକ ନାହାଁନ୍ତି । ସମସ୍ତେ କଂଚା ପଇସା ପାଁଇ ସାହାରାଭିମୁଖୀ ହେଲେଣି । ସିଏ ଯେମିତି ପାଠ ପଢିବା ପାଇଁ ସହରକୁ ଯାଇଥିଲା କିନ୍ତୁ ଗାଁ ର ରାଇତ ମାନଙ୍କ ର ପିଲାମାନେ ପାଠ ନ ପଢି ମଧ୍ୟ ସହରାଭିମୁଖୀ ହେଲେଣି । କିଏ ଯାଇ କଟକ ରେ ରିକ୍ସା ଟାଣୁଛି ବା କିଏ ଗୁଜୁରାଟ ରେ ଦୈନିକ ମଜୁରୀ ରେ କାମ କରୁଛି । ବିଲ ବାଡ଼ି କାମ କିମ୍ବା ଗୁହାଳ କାମ ତାଙ୍କୁ ଆଉ ପୋଷୋଉନି ।

ଏମିତି ଭାବୁ ଭାବୁ ରଇତ ର ପୁଅ ସୁକୁଟା ସହିତ ଦେଖା ହେଇଗଲା । ସିଏ ବି ଗାଁ ର ଦୁର୍ଦଶା ବିଷୟ ରେ ବେଶ କିଛି ବର୍ଣନା କରିଗଲା । ଦୁଇ ବର୍ଷ ହେଲା ଗାଁ ରେ ବର୍ଷା ହେଇନି । କୂଅ ସବୁ ଶୁଖିଲା ପଡିଛି । ନେତା, ସରପଂଚ ଆଉ ସରକାରୀ ବାବୁ ଆସୁଛନ୍ତି। ସବୁ ଦେଖୁଛନ୍ତି କିନ୍ତୁ ତାରି ପ୍ରତିକାର କିଏ କରୁନି । ହେଲେ ଗାଁ ଟି ଏବେ ସ୍ମଶାନ ରେ ପାଲଟି ଯାଇଛି । ସୁକୁଟା ପରି ଦୁଇ ଚାରିଜଣ ଯିଏ ଗାଁ ରେ ରହି ଗଲେ, ସେମାନେ କେବଳ ମରଣ କୁ ଅପେକ୍ଷ୍ୟା କରିଛନ୍ତି ।

ଏଇସବୁ ବିଷୟ ରେ ମଇନା କରୁ କରୁ ସୁବ୍ରତ ଦେଖିଲା ସୂର୍ଯ୍ୟ ଦେବତା ବି ଧୀରେ ଧୀରେ ବିଦାୟ ନେବା ପାଁଇ ବସିଲେଣି । ତାକୁ ପୁଣି 180 kilometere drive କରିବାକୁ ପଡିବ ଅନ୍ଧାରରେ । ରାସ୍ତା ଗୁଡାକ ର କିଛି ଭରଷା ନାହିଁ । ମନ ମାନୁ ନଥିଲେ ମଧ୍ୟ ସିଏ ସୁକୁଟା ଠୁ ବିଦାୟ ନବା ପାଁଇ କହିଲା ।ଯା ଉ ଯାଉ ସୁକୁଟା ହାତ ଯୋଡି କି ଜୁହାର ଟିଏ ପକେଇଲା ଆଉ କହିଲା ବାବୁ ନିଜ ଗାଁ କୁ କବେ ଭୁଲିବେନି । ପୁଣି ଥରେ ଆସିବେ ଆଉ ପିଲା ମାନଙ୍କୁ ଆଣିବାକୁ ଭୁଲିବେନି । କିଛି ନହେଲେ ଆମ ଘରେ ରହିଯିବେ, ଏଇଟା ପରା ଆପଣଙ୍କର ଗାଁ ।

B-34 ପରିବହନ ଆପାର୍ଟମେଣ୍ଟ
ବସୁନ୍ଧର୍‌ , ଗାଜିଆବାଦ
ମୋବ. 8744073056

ISSN NO.
2582-208X

# ହେ ପରମପିତା



ନଳନୀ ଦାଶ

ହେ ପରମପିତା ହେ ଦାରୁ ଦେବତା
ଗଢ଼ିଛ ନିଜ ଶରୀର
କେଉଁ ପାଦେ ତୁମେ ବ୍ରହ୍ମାଣ୍ଡ ବୁଲୁଛ
ଭକ୍ତଙ୍କୁ କର ଉଦ୍ଧାର ।

ହାତନାହିଁ ସିନା ଯାହା ଦିଏ ଭକ୍ତ
ତୁମେତ ଗ୍ରହଣ କର
ଯିଏ ଯାହା ମାଗେ ଅକୁଣ୍ଠ ଚିତ୍ତରେ
ହାତେ ବେଶି ଦାନ କର ।

କାନ ନାହିଁ ସତ ସବୁଠାରୁ ବେଶି
ଶବ୍ଦ ତୁମେ ଶୁଣିପାର
ପତା ନଥାଇବି ପଲକ ପଡେନା
ଚକାଡୋଳା ଉଜାଗର ।

ISSN NO.
2582-208X

ହାତ କାନ ପାଦ ନାହିଁ ସିନା ପ୍ରଭୁ
ତୁମେ ସର୍ବାଙ୍ଗ ସୁନ୍ଦର
କେମିତି ତୁମେତ ସର୍ବମନ ଜିଣ
କୁହ ହେ କଳାଠାକୁର ।

ଭକତି ଚିତ୍ତରେ ଡାକିଲେ ଭକତ
କ୍ଷଣକେ ନିଜର କର
ଭକତଠୁ ମାଗି ଖାଅ କେହି ନାହିଁ
ତୁମ ଭଳିଆ ଠାକୁର ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୭୩୭୦୦୯୫୨୪୧

ISSN NO.
2582-208X

# ସନ୍ଧ୍ୟା ଆଳତି


ରାମ ଚନ୍ଦ୍ର ପ୍ରଧାନ

ସନ୍ଧ୍ୟା ଆଗମନେ ଗାଆଁ ମନ୍ଦିରରେ
ଶୁଭେ ଘଣ୍ଟ ହୁଳହୁଳି
ଗାଇଗୋରୁ ପଲ ଗୋଠରୁ ଫେରନ୍ତି
ଉଡ଼ାଇ ଦାଣ୍ଡରେ ଧୂଳି ।
ପଲ୍ଲୀବଧୂ ମାନେ ଶୁଭ ମନାସନ୍ତି
ମନରେ ରଖି ଭକତି
ଚଉତରା ମୂଳେ ସଞ୍ଜବତୀ ଜାଳି
କରନ୍ତି ସନ୍ଧ୍ୟା ଆଳତି ।
ନୀଡ଼କୁ ଫେରନ୍ତି ବିହଙ୍ଗମ ଦଳ
ଖାଦ୍ୟ ଅନ୍ୱେଷଣ ସାରି
କୃଷକ ବିଚରା କୃଷିକ୍ଷେତ୍ରୁ ଫେରେ
କାନ୍ଧରେ ଲଙ୍ଗଳ ଧରି ।
ଗ୍ରାମ ସିମନ୍ତନୀ ଘଟେ ସ୍ନାନସାରି
ଗୃହେ ଆସେ ବେଗେ ଚଳି
ଗ୍ରାମ ଦେବତୀଙ୍କୁ ବନ୍ଦାପନା କରେ
ହାତେ ଧରି ଅର୍ଘ୍ୟଥାଳି ।
ସନ୍ଧ୍ୟା ଆଳତିର  ଘିଅ ଝୁଣା ବାସ୍ନା

ISSN NO.
2582-208X

ମନରେ ପୁଲକ ଆଣେ
ଗ୍ରାମ୍ୟ ପରିବେଶ ମୁଖରିତ ହୁଏ
ଚଞ୍ଚଳତା ଖେଳେ ପ୍ରାଣେ ।
ଗାଆଁ ରୁ ସହର ମଠ ରୁ ମନ୍ଦିର
ଭକ୍ତଙ୍କ ଆସର ଜମେ
ସର୍ବ ଜନ ହିତେ  ଏ ସନ୍ଧ୍ୟା ଆଳତି
ହୁଏ ଏଇ ପୁଣ୍ୟ ଧାମେ ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:9861638736

www.vedantimagazine.com

ISSN NO.
2582-208X

# ନୀରବି ଗଲା



ଲକ୍ଷ୍ମଣ ଭୋଇ

ନୀରବ ନୀରବ ରହି ଆଜି ନୀରବି ଗଲା
ତା ନୀରବ ପଛର କାରଣ କ'ଣ ?
ଆଜି ତା ଅନ୍ତରଙ୍ଗ ଜାଣି ପାରିଲାନି
ଆଉ କିଏ ଜାଣି ପାରିଲେ ।
ଆଶା ବୋଲି ଗୋଟେ ଆଶା ରଖି
ଆଜି ଯାଏ ବଞ୍ଚି ଥିଲା
ହେଲେ ସେ ଆଶା ମଧ୍ୟ ଆଜି
ହାତ ଦେଖେଇ ଚାଲି ଯାଉଛି ।
ମନେ ଅଛି ଛୋଟ ଦିନର
ସେହି ତାର ଇତିହାସ
ଆଜି ମଧ୍ୟ ଭାବିଲେ
ନୟନରେ ନୟନେ ଅଶ୍ରୁ ଭରି ଯାଉଛି ।
ଛୋଟ ବୋଲି ପିଲାଟିଏ
ଜାଣି ନାହିଁ ସ୍ନେହ ମମତା କଣ
ଛୋଟ ରୁ ବଡ଼ ହେଲା ସଂଘର୍ଷ କରି
ପାଇଲାଣି କେବେ କଉଠି ଟିକିଏ ପ୍ରେମ ।

ISSN NO.
2582-208X

ଘରେ ଖୋଜିଲା ସ୍ନେହ
ସାଙ୍ଗଠୁ ଖୋଜିଲା ବିଶ୍ୱାସ
ପ୍ରେମିକାଠୁ ଖୋଜିଲା ପ୍ରେମ
ସଂସାରଠୁ ଖୋଜିଲା ଆନନ୍ଦ ।
ଖୋଜି ଖୋଜି ନିଜେ ହୋଇଗଲା ନିଖୋଜ
କିନ୍ତୁ, ପାଇଲାଣି ସ୍ନେହ, ବିଶ୍ୱାସ, ପ୍ରେମ ଆନନ୍ଦ
ପାଇଲା ତ କେବଳ
ଘୃଣା, ଦୁଃଖ, ବିଶ୍ୱାସଘାତକତା ।
ନାହିଁ ଏଠି ପ୍ରେମ, ନାହିଁ ଏଠି ବିଶ୍ୱାସ
ଜାଣି ଗଲା ସେ ଏ
ସଂସାରର ନୀତି ନିୟମ ।
ଭରି ଗଲା ଅଶ୍ରୁରେ ତାର
ସମୁଦ୍ରର ପାଣି ପରି ଲୁହ ।
ମନରେ ଚାପି ରଖିଲା ତା ଦୁଃଖ ବେଦନା
ଚାପି ଚାପି ବଞ୍ଚିଲା କେତେ ଦିନ
ଦିନଦିନ କେତେ ଦିନ ବିତି ଗଲା
ହେଲେ ହେଲା ନାହିଁ ତାର
ଦୁଃଖ ଯନ୍ତ୍ରଣାର ମୃତ୍ୟୁ ।
ଦୁଃଖ ଯନ୍ତ୍ରଣାର ସିନା ହେଲା ନାହିଁ ମୃତ୍ୟୁ
କିନ୍ତୁ, ହୋଇଗଲା ମୃତ୍ୟୁ ସେହି ପିଲାଟିର,
ଶେଷରେ ଘରେ, ବନ୍ଧୁ, ପ୍ରେମିକା
ସମସ୍ତଙ୍କଠୁ ମିଳିଲା ପ୍ରେମ ସ୍ନେହ ଆଦର ।

ISSN NO.
2582-208X

ସେ ସ୍ନେହ ଆଦର, ଭଲ ପାଇବାର
ମୂଲ୍ୟ ଯେ କ'ଣ ?
ଏ ସବୁ ତ ମିଳିଛି ତା ଶବକୁ
ତାକୁ ନୁହେଁ ।
କେତେ ଆଶା ଆକାଂକ୍ଷା ନେଇ
ଛୋଟରୁ ବଡ଼ ଯାଏ ଆସିଥିଲା
ଆଜି ତା ଶବ ସହ ତା
ଆଶା ଆକାଂକ୍ଷାର ଅନ୍ତ ହୋଇଗଲା ।
ତା ନୀରବକୁ ଆଜି କିଏ ବୁଝିଥିଲେ
ଆଜି ଆମ ସମସ୍ତଙ୍କ ଗହଣରେ
ହସ ହସ ମୁଖ ମଣ୍ଡଳ ସହ
ସେ ମଧ୍ୟ ଥାଆନ୍ତା ଆମ ଗହଣରେ ।
କ'ଣ କରିବା ଭାଗ୍ୟରେ ଯାହା
ଲେଖା ହୋଇଅଛି ତାକୁ କିଏ
ବଦଳାଇ ପାରିଛି ନା ଆଉ
କିଏ ପାରିବ, ଏହା ହିଁ
ସଂସାରର ନୀତି ନିୟମ ।
ସତରେ ଆଜି ସେ ନୀରବି ଗଲା
ହେଲେ କେହି ମଧ୍ୟ
ଜାଣି ପାରିଲେ ନାହିଁ ତା
ନୀରବତାର କାରଣ ?

ଠାକୁରମାଳ, ସମ୍ବଲପୁର
ମୋ - ୭୩୮୧୮୫୬୮୪୭

ISSN NO.
2582-208X

# ଗଧର ଭବିଷ୍ୟତ....



କାଳପ୍ରସାଦ ମହାପାତ୍ର

ଜଂଗଲ ପାଖ ଗୋଟିଏ ବଡ ଗାଁ ନାମ ହରିପୁର। ଥରେ ସେହି ଗାଁକୁ ଗୋଟିଏ ସର୍କସ ଦଳ ଆସି ପହଞ୍ଚିଲା। ଦୁଇଟି ଗଧ ଜିନିଷ ପତ୍ର ବୁହାବୁହି କରିବା ପାଇଁ ଥାଆନ୍ତି। ସେମାନଙ୍କ ମଧ୍ୟରେ ଦୋସ୍ତି ଭଲଥାଏ।ଦୁହେଁ ମାଲିକ ପାଇଁ ମନଲଗାଇ କାମ କରନ୍ତି।

ଦିନେ କୌଣସି କାରଣରୁ ମାଲିକ ବିରକ୍ତ ହୋଇ ଦୁହିଁଙ୍କୁ ପିଟିବାକୁ ଲାଗିଲା। ଏପରିକି ଖାଇବାକୁ ଦେଲାନାହିଁ। ରାତିରେ ଗୋଟିଏ ଗଧ ଆରଟିକୁ କହିଲା, "ଚାଲ ଆମେ ଏ ଜାଗା ଛାଡି ଜଙ୍ଗଲକୁ ପଳାଇବା। ସ୍ୱାଧୀନ ଭାବରେ ରହିବା"। ଆର ଗଧଟି ତାର କଥା ନ ଶୁଣିବାରୁ ସେ ଗଧଟି ଖସିପଳାଇଲା।

କିଛିଦିନ ଗଲା ଜଙ୍ଗଲରେ ଥିବା ଗଧଟି ତାର ସାଙ୍ଗ କଥା ମନେପକାଇ ସର୍କସର ସାଙ୍ଗକୁ ଦେଖିବାକୁ ଗଲା। ବାହାରେ ଥାଇ ସାଙ୍ଗକୁ ଡାକିଲା। ଡାକ ଶୁଣି ସର୍କସର ଗଧ ଆସିଲା। ଦୁହେଁ ଦୁହିଁଙ୍କୁ ଦେଖି ବହୁତ ଖୁସି ହେଲେ ଓ ନିଜ ନିଜର ଭଲ ମନ୍ଦ କଥାବାର୍ତ୍ତା ହେଲେ। ସର୍କସର ଗଧଟି କାମ କରିକରି ଦୁର୍ବଳ ଦେଖାଯାଉଥାଏ କିନ୍ତୁ ଜଙ୍ଗଲରେ ଥିବା ଗଧଟି ସୁସ୍ଥସବଳ ଓ ଫୁର୍ତ୍ତି ଦେଖାଯାଇଥାଏ। ଜଂଗଲ ଗୋଟିଏ କହିଲା, ଚାଲ ସାଙ୍ଗ ଜଙ୍ଗଲକୁ ପଳାଇ ଚାଲ ମୋ ସାଙ୍ଗରେ ଆରାମରେ ରହିବ"। କିନ୍ତୁ ସର୍କସ ଗଧ କହିଲା, "ମୋର, ଏଠାରେ ଭବିଷ୍ୟତ ଅଛି। ତେଣୁ ମୁଁ ଏଠି ପଡିରହିଛି"। ଜଂଗଲ ଗଧ ହସି କହିଲା, ତୁମର

ISSN NO.
2582-208X

କି ଭବିଷ୍ୟତ ଅଛି ଟିକେ କୁହତ ?" ସର୍କସ ଗଧ କହିଲା, ସାଙ୍ଗ ଆମ ମାଲିକଙ୍କ ଗୋଟିଏ ବୋଲି ସୁନ୍ଦରଝିଅ ଅଛି। ତାକୁ ନୂଆ ନୂଆ ଦଉଡ଼ିରେ ଖେଳ ଶିଖାଇବା ବେଳେ ମାଲିକ କହିଲେ ସେ ଯଦି ଦଉଡିରୁ ଖସି ପଡିବ ତେବେ ଏ ଗଧକୁ ତତେ ବାହା କରିଦେବି। ତେଣୁ ମୁଁ ଅନାଇ ରହିଛି ପେ ଝିଅ ଦଉଡିରୁ ଖସିବ ମୁଁ ତାକୁ ବାହାହେବି। ତେଣୁ ମୁଁ ସେ ସୁଯୋଗକୁ ଅନାଇ ରହିଛି। ମୁଁ ତୁମ ସାଙ୍ଗରେ ଯାଇପାରିବି ନାହିଁ।"

ଏକଥା ସାଙ୍ଗ ଠାରୁ ଶୁଣି ଜଂଗଲ ଗଧଟି ଟିକିଏ ଦୀର୍ଘଶ୍ୱାସ ଛାଡି ହସିହସି ଜଂଗଲ ଆଡକୁ ପଳାଇଗଲା ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X


# ଜହ୍ନ



ସୁଧୀର ମେହେର

ହେ ଜହ୍ନ !
ତମେ ତ ଥିଲ ସାକ୍ଷୀ
ସେଦିନ ରାତିରେ,
ଶୁଣିଚ ତ ତମେ ତା'ର ହୃଦୟର କଥା.....
ଏତେ କଥା ଦେଇ ମୋତେ
ଶେଷେ କିଆଁ କଲା ସେ ନିରାଶା ?

ମୁଁ ତ କେବେ କରିନାହିଁ
ଅବହେଲା ତା'ରେ,
ହୋଇଛି ସଦା ସାଥି ଦୁଃଖରେ, ସୁଖରେ....
ମୁଁ ଯେ ଆଜି ରିକ୍ତ, ସିକ୍ତ ସବୁ ଦେଇ ତା'ରେ
କିଛି ହେଲେ ନାହିଁ ମୋର ଦେବାକୁ ଅନ୍ୟରେ
ଏପରିକି ଏ ଆଖିର ପ୍ରତିଟି ସ୍ୱପନ ଆଉ ଏ
ଛାତିର ପ୍ରତିଟି ସ୍ପନ୍ଦନ ନୁହେଁ ଯେବେ ଏକାନ୍ତ ନିଜର
ସବୁ ଜାଣିଶୁଣି ପୁଣିଥରେ
କେଉଁ ଅଧିକାରରେ
କରିବି ମୁଁ ଅନ୍ୟରେ ସାବ୍ୟସ୍ତ ??

ISSN NO.
2582-208X

ପୁଣି କେଉଁ ଉଦ୍ଦାମ ଉଚ୍ଛ୍ୱାସେ
ସଜାଡ଼ିବି ପୁଣିଥରେ ବିପର୍ଯ୍ୟସ୍ତ ନୀଡ ??

ଯଦିବା ସେ ଭୁଲିଗଲା-ମଧୁରାତି, କୂଳଦୀପ,
ପ୍ରତିଜ୍ଞାର ଆଲୋକ ଶେଫାଳୀ,
ତଥାପି ବି ସେ ଯଦି କ୍ଷମା ମାଗେ
ଲୁହଭରା ନୟନରେ,
କୁହ ଚାନ୍ଦ, ମୁଁ କି ସେଇ ନିଷ୍ଠୁର ଗୋଉତମ
ପାରିବିନି କ୍ଷମା ଦେଇ ଉଦାର ହୃଦୟେ !!

ଚର୍ଚ୍ଚେଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ନଇ ଜାଣେ ନିତି ପାଗଳିନୀ ହେବା

ହରିଶ୍ଚନ୍ଦ୍ର ବେହେରା

ନଇ ଜାଣେ ନିତି ପାଗଳିନୀ ହେବା କେତେ ସୁଖ ସତେ ପ୍ରିୟ ପାଇଁ
ପ୍ରେମ ଏକ ନଇ ଧୀରେ ଯାଏ ବୋହି ଆଡ଼େଇ କେତେ ଆକଟ
ପ୍ରେମ ପୂଜାରିଣୀ ଗାଉଥିବ ଗୀତ ପ୍ରୀତି ରେ ଅଧୀରା ହୋଇ
ଦେହ ସାରା ତା' ର କେତେଯେ ଆଂଚୁଡା ନ ମାନେ ବାଟ ଅବାଟ ।

ପ୍ରିୟଙ୍କୁ ପାଇବା ପାଇଁ ହୃତପିଣ୍ଡରୁ ଝରୁଥାଏ କେତେ ଲହୁ
ଗରଜଇ ମେଘ କମ୍ପେ ବସୁନ୍ଧରା ଆଖିରୁ ବରଷା ଝରେ କେତେ
ନିଜ ଭିତରକୁ ଅନେଇ ଶୁଣିଲେ ଶୁଭେ କୋଇଲି ର କୁହୁ କୁହୁ
ଚନ୍ଦ୍ରମା ଉଇଁଛି ଜ୍ୟୋସ୍ନା ଅଭିସାର ଲାଗି ଡାକୁଛିକି କିଏ ସତେ ।

କେବେ କାଶତଣ୍ଡି ଅବା ସୁନାରୀ ରେ ସଜେଇ ଦେଇଛି ଗଭା
କେତେ ପଲ୍ଲୀବାଳା ଗାଧୁଆ ତୁଠରେ ଥଟା ଟାପରା କୁ ଛୁଇଁ
କେବେ ଘାଟ ଡଙ୍ଗା ତରଙ୍ଗ ଦୋଳାରେ ହୋଇଅଛି ମନଲୋଭା
ସବୁ ଅଦଉତି ପିଠିକୁ ନେଇଛି କେବେ ଅଭିମାନ କରି ନାହିଁ ।

କିଏ ସେ କରିଛି ପାଗଳିନୀ ତାକୁ କାହା ଅଭିସାର ପାଇଁ
ଗୋଟିଏ ଲୟରେ ଚାଲିଛି ପାଗଳୀ ନିଜ ନାନାବାୟା ଗାଇ ।।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ବିଶ୍ୱ ଏକ ପରିବାର



ଗୁପ୍ତେଶ୍ୱର ଗୃନ୍ଦ୍

ସମୟ ସୁଅରେ ବଦଳେ ଦୁନିଆଁ
ଶୁଣ ମିତଣି ! ।
ପରିବର୍ତ୍ତନ ତ ସଂସାର ନିୟମ
କିଆଁ ଭାଳେଣି ? ।୧।
ଚାଲି ଚଳଣ ତ ସମାନ ନୁହଁଇ
ସଭିଙ୍କୁ ଦେଖ ।
ପାଞ୍ଚୋଟି ଆଙ୍ଗୁଳି ନୁହେଁ ଏକା ପରି
ଏଇଠୁ ଶିଖ ।୨।
ବଗିଚା ଭିତରେ ରୋପିଛି କୃଷକ
ଶହେ ଟି ଆମ୍ବ ।
ଫଳର ଆକାର କେତେ ପ୍ରକାରର
ଗୋଲ କେ ଲମ୍ବ ।୩।
କେ କଞ୍ଚା ସୁଆଦି କେ ପାଚିଲେ ଖଟା
କେ ମିଠା ପୁଣି ।
କାଉ କୋଇଲିର ସ୍ୱର କି ସମାନ
ବୁଝ ବାୟାଣୀ ।୪।
"ବିଶ୍ୱ ଏକ ପରିବାର" ଈଶ୍ୱରଙ୍କ
ହେଜ ମନରେ ।

ISSN NO.
2582-208X

ସଭିଙ୍କର ରୁଚି ନୁହେଁ ଏକା ପରି
ରୂପ ରଙ୍ଗରେ ।୫।
ବେଶ ପୋଷାକ ଯେ କେତେ ରକମର
ବର୍ଣ୍ଣି ନୁହଁଇ ।
ଆହାର ବିହାର କେତେ ଯେ ପ୍ରକାର
କେ ଅବା କହି ।୬।
କେତେ ପଶୁପକ୍ଷୀ ସରିସୃପ କୀଟ-
ପତଙ୍ଗ ଘେନି।
ଜଳେ ସ୍ଥଳେ ବାସ କରି ବଞ୍ଚୁଛନ୍ତି
ଏହି ମେଦିନୀ।୭।
ଦୁଷ୍ଟ-ଶିଷ୍ଟ ଭାବ ଭଲ-ମନ୍ଦ ବେନି
ଗୁଣ ଆବୋରି ।
ସୃଷ୍ଟି କୁ ସୁନ୍ଦର କରି ଗଢ଼ିଛନ୍ତି
ବିଶ୍ୱ ବିହାରୀ ।୮।
ଚଳୁଥିବା ଯେବେ ପରିସ୍ଥିତି ସାଥେ
ଖାପ ଖୁଆଇ।
ବିପଦୁ ବର୍ତ୍ତିବା ଶୁଣ ମିତଣି ଲୋ।
ଶ୍ରବଣ ଦେଇ।୯।
ବୁଝି ବିଚାରିଣ କର୍ମ କଲେ ପଡ଼େ
ନାହିଁ ପ୍ରମାଦ।
ଜୀବନ ସରସ ସୁନ୍ଦର ହୁଅଇ
ଲଭି ଆନନ୍ଦ ।୧୦।

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X



# ବୁଦ୍ଧଦେବଙ୍କ କାହାଣୀ



ଦୀନବନ୍ଧୁ ବେଜ

ପୁରୁଣା ଦିନର କଥା। ସେତେବେଳେ ମହାତ୍ମା ବୁଦ୍ଧଦେବ ବୁଦ୍ଧତ୍ୱ ପ୍ରାପ୍ତିପରେ ଗାଁ ଗାଁ ବୁଲି ବୁଦ୍ଧ ଧର୍ମର ପ୍ରଚାର କରୁ ଥାଆନ୍ତି, ଏହି ସମୟରେ ଜଣେ ଲୋକ ବିନା କାରଣରେ ତାଙ୍କ ସହ ଶତ୍ରୁତା ଆଚରଣ କରିବା ସହିତ ଗାଳି ଗୁଲଜ ମଧ୍ୟ କରୁଥିଲା। ମାତ୍ର ମହାତ୍ମା ବୁଦ୍ଧ ଲୋକଟିର ଗାଳିରେ କିଛି ପ୍ରତିକ୍ରିୟା ପ୍ରକାଶ କରୁନଥିଲେ। ବଂର ଅଣଦେଖା କରି ଆଗକୁ ଚାଲି ଯାଉଥିଲେ ।

ଏକଦା ମହାତ୍ମା ବୁଦ୍ଧ ସେହି ଗାଳି ଦେଉଥିବା ଲୋକଟିକୁ ଦୁଇ ତିନିଦିନ ଧରି ଦେଖିବାକୁ ପାଇଲେ ନାହିଁ। ଏଣୁ ସେ ତାଙ୍କର ଶିଷ୍ୟକୁ ସେହି ବ୍ୟକ୍ତି ବିଷୟରେ ଜାଣିବାପାଇଁ ଆଗ୍ରହ ପ୍ରକାଶ କଲେ। ଶିଷ୍ୟ ଜଣଙ୍କ ସେହି ଲୋକର ଖବର ନେବାର ଲାଗି ପଡ଼ିଲେ । କିଛି ସମୟ ପରେ ସେ ତାଙ୍କ ଗୁରୁଦେବଙ୍କୁ ଜଣାଇଲେ ଯେ ସେହି ବ୍ୟକ୍ତି ଜଣକ ଗତ ପହରଦିନ ଘୋଡ଼ା ଉପରେ ଚଢ଼ି କେଉଁଠିକି ଯାଉଥିଲେ ଘୋଡ଼ା ରାସ୍ତାପରେ ହଠାତ୍ ଝୁଣ୍ଟି ପଡ଼ିବାରୁ ସେ ତଳକୁ ପଡ଼ିଗଲେ । ଏଥିପାଇଁ ତାଙ୍କ ଶରୀରରେ ବହୁତ ଆଘାତ ଲାଗିଛି ଏହି କାରଣରୁ ସେ ତାଙ୍କ ଘରେ ପଡ଼ି ଛଟପଟ ହେଉଛନ୍ତି, ଲୋକଟି କଳ ପ୍ରକୃତିର ହୋଇଥିବାରୁ ତା ପାଖକୁ କେହି ଯାଉ ନାହାଁନ୍ତି ।

ସବୁ ଘଟଣା ଜାଣି ସାରି ମହାତ୍ମା ବୁଦ୍ଧଙ୍କର ହୃଦୟ ଦୟାରେ ଭରିଗଲା। ସେ ତୁରନ୍ତ ଲୋକଟିର ଘର ଅଭିମୁଖେ ଚାଲିଲେ ଓ ସେ ଲୋକଟି ଯେଉଁ କୋଠରୀରେ ପଡ଼ି ଯନ୍ତ୍ରଣାରେ

ISSN NO.
2582-208X

ଆଉଟୁ ପାଉଟୁ ହେଉଥିଲା ସେଠାରେ ପହଞ୍ଚିଗଲେ। ସେହି ଲୋକଟିର ମଥା ଉପରେ ସ୍ନେହର ସହିତ ହାତରଖି କହିଲେ ଦେହ କେମିତି ଅଛି ।

କଣ୍ଠସ୍ୱର ଶୁଣି ସେ ଆଖି ଖୋଲି ମହାତ୍ମା ବୁଦ୍ଧଙ୍କୁ ଦର୍ଶନକରି ନିଜର ଶରୀରର ହେଉଥିବା ସମସ୍ତ ଦୁଃଖ ଯନ୍ତ୍ରଣାକୁ ଭୁଲିଗଲେ। ଅପଲକ ନୟନରେ ସେ ବୁଦ୍ଧଦେବଙ୍କୁ ଚ଼ାହିଁ ରହିଲେ। ଲାଗୁଥିଲା ଯେମିତି କିଛି ସମୟ ସେ ଏମିତି ଅନାଇ ରହିବେ, ପୁଣି ଲୋକଟି ଉଠିବା ପାଇଁ ଚ଼େଷ୍ଟା କଲେ। ମହାତ୍ମା ବୁଦ୍ଧ କହିଲେ ଉଠନାହିଁ ତୁମକୁ ବିଶ୍ରାମର ଆବଶ୍ୟକ ଅଛି । ତାର ଆଘାତ ସ୍ଥାନକୁ ପରିଷ୍କାର କରି ସେ ମଲମ ଲଗାଇ ଦେଲେ। ଦୁଇଜଣ ଶିଷ୍ୟଙ୍କୁ ସେଠାରେ ରହି ତାଙ୍କର ସେବା କରିବାକୁ ଆଦେଶ ଦେଲେ। ସେ ଲୋକଟିକୁ କହିଲେ ତୁମେ ସଂପୂର୍ଣ୍ଣ ଭାବରେ ଭଲ ନହେବା ପର୍ଯ୍ୟନ୍ତ ଏହି ଦୁଇଜଣ ଏଠାରେ ରହି ତୁମର ସେବା କରିବେ ।

ମହାତ୍ମା ବୁଦ୍ଧଙ୍କର ପ୍ରେମଭରା ଶବ୍ଦ ଶୁଣି ସେ ଆପଣା କଲା କର୍ମକୁ ନିନ୍ଦା କରିବାକୁ ଲାଗିଲେ । ଲୋକ ଜଣକ ତଥାଗତଙ୍କ ପାଦତଳେ ପଡ଼ି ନିଜର ବ୍ୟବହା ପାଇଁ କ୍ଷମା ଯାଚନା କରିବା ସହିତସେହି ଦିନଠାରୁ ତାଙ୍କର ଶିଷ୍ୟ ହୋଇ ଯାଇଥିଲେ ।

ସଂଗ୍ରାହକ ଦୀନବଂଧୁ ବେଜ
ବାଷଠୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା :-୭୫୬୧୨୫
ସଂପର୍କ :- ୭୬୮୩୯୨୦୨୨୨

ISSN NO.
2582-208X



# ପ୍ରେମ



ଝରଣା ବାରିକ

ଫଗୁଣ ମାସରେ ପ୍ରେମ କରିଥିଲି
ଫୁଲ ଫୁଟି ବନେ ହସିଲା,
ବସନ୍ତ ମଳୟେ ବଉଳ ବାସରେ
କୋଇଲି ବି ଗାଇ ବସିଲା ।

ବୈଶାଖ ର ପ୍ରେମ ନିଦାଘ ତାତିରେ
ଚହଲାଇ ଦେଲା ଗ୍ରୀଷମ,
ସହି ପାରିଲିନି ବିରହ ଯାତନା
ଲାଗୁଥିଲା ଭାରି ବିଷମ ।

ବରଷା ର ପ୍ରେମ ଛିଟା ଲାଗିଗଲା
ଭିଜିଗଲା ସାରା ମନଟା,
ଏମିତି ଛୁଇଁ ଲା ପ୍ରୀତି ଇନ୍ଦ୍ରଧନୁ
ରାତି ଲାଗୁଥିଲା ଦିନଟା ।

ଶୀତ ର ପ୍ରେମରେ କାକର ଛୁଆଁ ବି
ଦେଉଥିଲା କେତେ ଦହନ,
ଭୁଲି ପାରୁନାହିଁ କେମିତି କହିବି
ଯାହା ଘଟିଥିଲା ସେଦିନ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ପ୍ରକୃତି ପ୍ରେମ



ଦେବେନ୍ଦ୍ର ସାହୁ

ଏ ପର୍ବତ, ପର୍ବତ ଝରଣା ପୁଷ୍ପ ତରୁ ଲତା
ଯେବେ ବେ ସବୁ ଆପଣାର, ତେବେ ଆଉ କି ଶୂନ୍ୟତା ।
ବିହଙ୍ଗ ର ସ୍ୱର, ସୁ ସୁ ସମୀର
ବହେ କଳ କଳ ଅବିରତ ଜଳଧାର ।
ଉପରେ ବିସ୍ତୀର୍ଣ୍ଣ ସୁନୀଳ ଅମ୍ବର
ସୁନେଲି କିରଣ ବିଞ୍ଛ ପ୍ରଭାକର ।
ମାତିଲେ ବାଦଲ ଚମକେ ଦାମିନି
ଓହ୍ଲାଏ ବରଷା ସବୁ କୋହ ଘେନି ।
ରଜନୀ ଆକାଶେ ଜହ୍ନ ଆସି ଭାସେ
ଦେଖି ତାକୁ ଜିଇଁ ଉଠେ କୁମୁଦିନୀ ।
ପଉଷ ରାତିରେ ଶିଶିର ର ଛିଟା
କଅଁଳ ଖରାଠୁ ଲୁଚେ କାକରଟା ।
ଅପରାହ୍ନେ ଉଡ଼େ ଗୋଧୂଳି ମଳୟେ
ସଞ୍ଜରେ କମ୍ପଇ ଗାଆଁ ଦେଉଳଟା ।
ଏ ସବୁ ପ୍ରେମ ରସ ଭରା ମାଦକତା ।
ଜ୍ୱଳନ୍ତି ପରାଣ ମଧ୍ୟ ଶିତଳତା
ହଜିଗଲି ଯେବେ ପ୍ରକୃତି ପ୍ରେମରେ
ମୁରୁକି ହସିଲା ଏଇ ହୃଦୟ ଟା।

ରାମେଶ୍ୱର,ସାଲେପୁର,କଟକ

ISSN NO.
2582-208X

# ଗୋବିଂଦ ଦାମୋଦର ସ୍ତୋତ୍ରମ୍



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଶ୍ରୀକୃଷ୍ଣ ଗୋବିଂଦ ହରେ ମୁରାରେ ହେ ନାଥ ନାରାୟଣ ବାସୁଦେବ।
ଜିହ୍ୱେ ପିବସ୍ୱାମୃତମେତଦେବ ଗୋବିଂଦ ଦାମୋଦର ମାଧବେତି ॥ 1

ବିକ୍ରେତୁକାମାଖିଲଗୋପକନ୍ୟା ମୁରାରିପାଦାର୍ପିତଚିତ୍ତବୃତ୍ତିଃ।
ଦଧ୍ୟାଦିକଂ ମୋହବଶାଦବୋଚତ୍ ଗୋବିଂଦ ଦାମୋଦର ମାଧବେତି ॥ 2

ଗୃହେ ଗୃହେ ଗୋପବଧୂକଦଂବାଃ ସର୍ବେ ମିଲିତ୍ୱା ସମବାପ୍ୟ ଯୋଗମ୍।
ପୁଣ୍ୟାନି ନାମାନି ପଠଂତି ନିତ୍ୟଂ ଗୋବିଂଦ ଦାମୋଦର ମାଧବେତି ॥ 3

ସୁଖଂ ଶୟାନା ନିଲୟେ ନିଜେଽପି ନାମାନି ବିଷ୍ଣୋଃ ପ୍ରବଦଂତି ମର୍ତ୍ୟାଃ ।
ତେ ନିଶ୍ଚିତଂ ତନ୍ମୟତାଂ ବ୍ରଜଂତି ଗୋବିଂଦ ଦାମୋଦର ମାଧବେତି ॥ 4

ଜିହ୍ୱେ ସଦୈବଂ ଭଜ ସୁଂଦରାଣି ନାମାନି କୃଷ୍ଣସ୍ୟ ମନୋହରାଣି।
ସମସ୍ତ ଭକ୍ତାର୍ତିବିନାଶନାନି ଗୋବିଂଦ ଦାମୋଦର ମାଧବେତି ॥ 5

ISSN NO.
2582-208X

ସୁଖାବସାନେ ଇଦମେବ ସାରଂ ଦୁଃଖାବସାନେ ଇଦମେବ ଜ୍ଞେୟମ୍।
ଦେହାବସାନେ ଇଦମେବ ଜାପ୍ୟଂ ଗୋବିଂଦ ଦାମୋଦର ମାଧବେତି ॥ 6

ଜିହ୍ୱେ ରସଜ୍ଞେ ମଧୁରପ୍ରିୟେ ତ୍ୱଂ ସତ୍ୟଂ ହିତଂ ତ୍ୱାଂ ପରମଂ ବଦାମି।
ଅବର୍ଣୟେଥା ମଧୁରାକ୍ଷରାଣି ଗୋବିଂଦ ଦାମୋଦର ମାଧବେତି ॥ 7

ତ୍ୱାମେବ ୟାଚେ ମମ ଦେହି ଜିହ୍ୱେ ସମାଗତେ ଦଂଡଧରେ କୃତାନ୍ତେ।
ବକ୍ତବ୍ୟମେବଂ ମଧୁରଂ ସୁଭକ୍ତ୍ୟା ଗୋବିଂଦ ଦାମୋଦର ମାଧବେତି ॥ 8

ଶ୍ରୀକୃଷ୍ଣ ରାଧାବର ଗୋକୁଲେଶ ଗୋପାଲ ଗୋବର୍ଧନନାଥ ବିଷ୍ଣୋ ।
ଜିହ୍ୱେ ପିବସ୍ୱାମୃତମେତଦେବ ଗୋବିଂଦ ଦାମୋଦର ମାଧବେତି ॥ 9

ସଂଗ୍ରାହିକା: ଅଧ୍ୟାପିକା ସ୍ନେହାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା/ମୋ୮୯୫୪୫୦୧୧୦

ISSN NO.
2582-208X

# ଶ୍ରୀ ମହାଲକ୍ଷ୍ମୀ ଅଷ୍ଟକମ୍



ଦେବଯାନୀ ବାରିକ୍

ଓଁ ନମସ୍ତେସ୍ତୁ ମହାମାୟୀ ଶ୍ରୀପୀଠେ ସୁରପୂଜିତେ ।
ଶଙ୍ଖଚକ୍ର ଗଦାହସ୍ତେ ମାଲୋ ମହାଲକ୍ଷ୍ମୀ ନମୋସ୍ତୁତେ ।।୧।।

ନମସ୍ତେ ଗରୁଡ଼ାରୂଢେ କୋଳାସୁର ଭୟଂଙ୍କରି ।
ସର୍ବପାପ ହରେ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ ।।୨।।

ସର୍ବଜ୍ଞେ ସର୍ବବରଦେ ସର୍ବଦୁଷ୍ଟ ଭୟଙ୍କରି ।
ସର୍ବଦୁଃଖ ହରେ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ ।।୩।।

ସିଦ୍ଧିବୁଦ୍ଧି ପ୍ରଦେ ଦେବୀ ଭକ୍ତିମୁକ୍ତି ପ୍ରଦାୟିନି ।
ମନ୍ତ୍ରମୂର୍ତ୍ତେ ସଦା ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ ।।୪।।

ଆଦ୍ୟାନ୍ତ ରହିତେ ଦେବୀ ଆଦ୍ୟାଶକ୍ତି ମାହେଶ୍ୱରି ।
ଯୋଗଜେ ଯୋଗସମ୍ଭୂତେ ମହାଲକ୍ଷ୍ମୀ ନମୋସ୍ତୁତେ ।।୫।।

ISSN NO.
2582-208X

ସ୍ଥୂଳସୂକ୍ଷ୍ମ ମହାରୌଦ୍ରେ ମହାଶକ୍ତି ମହୋଦରେ ।
ମହାପାପ ହରେ ଦେବୀ  ମହାଲକ୍ଷ୍ମୀ  ନମୋସ୍ତୁତେ ।।୬।।

ପଦ୍ମାସନ ସ୍ଥିତେ ଦେବୀ  ପରବ୍ରହ୍ମ ସ୍ୱରୂପିଣୀ ।
ପରମେଶି ଜଗନ୍ମାତ ମହାଲକ୍ଷ୍ମୀ ନମୋସ୍ତୁତେ ।।୭।।

ଶ୍ୱେତାମ୍ବର ଧରେ ଦେବୀ ନାନାଳଙ୍କାର ଭୂଷିତେ ।
ଜଗତସ୍ଥିତେ ଜଗନ୍ମାତ ମହାଲକ୍ଷ୍ମୀ  ନମୋସ୍ତୁତେ ।।୮।।

ମହାଲକ୍ଷ୍ମ୍ୟଷ୍ଟକଂ ସ୍ତୋତ୍ରଂ ଯଃ ପଠେଦ୍ଭକ୍ତିମାନ୍ନରଃ ।
ସର୍ବସିଦ୍ଧି ମବାପ୍ନୋତି ରାଜ୍ୟଂ ପ୍ରାପ୍ନୋତି ସର୍ବଦା ।।୯।।

ଏକକାଳ ପଠେନିତ୍ୟଂ ମହାପାପ ବିନାଶନମ୍ ।
ଦ୍ୱିକାଳଂ ଯଃ ପଠେନିତ୍ୟଂ ଧନଧାନ୍ୟ ସମନ୍ୱିତଃ ।।୧୦।।

ତ୍ରିକାଳଂ ଯଃ ପଠେନିତ୍ୟଂ ମହାଶତ୍ରୁ ବିନାଶନଂ ।
ମହାଲକ୍ଷ୍ମୀ ର୍ଭବେନିତ୍ୟଂ ପ୍ରସନ୍ନା ବରଦା ଶୁଭା ।।୧୧।।

ଇତି ଇନ୍ଦ୍ରକୃତଂ ମହାଲକ୍ଷ୍ମୀଷ୍ଟକଂ ସ୍ତୋତ୍ରମ୍ ସଂପୂର୍ଣ୍ଣଂ ।।

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଝାଡ଼ଖଣ୍ଡ ବିଚ୍ଛିନ୍ନାଞ୍ଚଳର 'ଖଂଡାମୌଦା' କଥା



ଡକ୍ଟର ହରିହର ପ୍ରଧାନ

ଭୌଗଳିକ ମାନଚିତ୍ର ଅନୁସାରେ ବର୍ତ୍ତମାନ ଯେଉଁ ଭୂଖଣ୍ଡକୁ ଆମେ ଓଡ଼ିଶା ବୋଲି କହୁଛୁଁ ତାହା ପୂର୍ଣ୍ଣାଙ୍ଗ ଓଡ଼ିଶା ନୁହେଁ। ଓଡ଼ିଶାର ଚତୁର୍ଦ୍ଦିଗରେ ବହୁ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଗୁଡ଼ିକ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି। ରାଜନୈତିକ ଓ ପ୍ରଶାସନିକ ଦୃଷ୍ଟିରୁ ସେହି ବିଚ୍ଛିନ୍ନାଞ୍ଚଳ ଗୁଡ଼ିକର ଓଡ଼ିଶାସହ ପୁନର୍ବାର ଏକୀକରଣ ସହଜ ନୁହେଁ, ମାତ୍ର ସାଂସ୍କୃତିକ ଐତିହ୍ୟର ବିନାଶକ୍ରମର ଅୟମାରମ୍ଭ ମଧ୍ୟ ସେହି ଅଂଚଳରେ ଦେଖାଯାଉଥିବା ଏକ ଅସହ୍ୟ ବେଦନା। ସମସ୍ତ ସଂସ୍କୃତି ସଚେତନ ନାଗରିକ ଓ ସମାଜ ଭୌଗଳିକ ସୀମାଞ୍ଚଳର ଭ୍ରୁକ୍ଷେପ ନକରି ଭାଷାଭିତ୍ତିକ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ନିମିତ୍ତ ଉଦ୍ୟମ କରିବା ଉଚିତ। ଆମ ପରବର୍ତ୍ତୀ ପ୍ରଜନ୍ମ ଅନ୍ତତଃପକ୍ଷେ ନିଜର ବୃହତ୍ତର ସାମାଜିକ ଓ ସାଂସ୍କୃତିକ ଐତିହ୍ୟର ପରିଚୟ ପାଇବାରୁ ଯେମିତି କ୍ଷାନ୍ତ ନହୁଏ ସେଥିପାଇଁ ଜାଗ୍ରତ ରହିବାମଧ୍ୟ ସୁ-ନାଗରିକର ଦାୟିତ୍ୱ ସମ୍ମତ।

ବର୍ତ୍ତମାନ ଓଡ଼ିଶାର ଉତ୍ତର ପୂର୍ବାଞ୍ଚଳର ବିରାଟ ବିଚ୍ଛିନ୍ନାଞ୍ଚଳ ହେଉଛି ସିଂହଭୂମି। ସିଂହଭୂମିର ତିନୋଟି ଜିଲ୍ଲା ମଧ୍ୟରୁ ପୂର୍ବ ସିଂହଭୂମି ହେଉଛି ଅନ୍ୟତମ। ଏହି ପୂର୍ବ ସିଂହଭୂମିର ଗୋଟିଏ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ହେଉଛି ଖଂଡାମୌଦା। ମୌଜାର ନାଁ 'ଖଂଡାମୌଦା' କେମିତି ହେଲା, ତତ୍ ସଂପର୍କିତ କିମ୍ବଦନ୍ତୀ ଆଜି ଏଠି ଆଲୋଚନା କରିବା।

ISSN NO.
2582-208X

ଖଂଡାମୌଦା ଜନପଦ ବର୍ତ୍ତମାନର ପୂର୍ବ-ସିଂହଭୂମି ଜିଲ୍ଲାର ଘଂଟଶିଳା (ଘାଟଶିଳା) ଉପଖଣ୍ଡସ୍ଥ ଏକ ଗ୍ରାମ। ସୁବର୍ଣ୍ଣ ରେଖା ତୀରବର୍ତୀ ଅଧିକାଂଶ ଗ୍ରାମ ମାନବସମ୍ବଳ, ଖଣିଜ ସମ୍ପଦ ଓ ଶସ୍ୟଶ୍ୟାମଳତା ଦିଗରୁ ଉନ୍ନତ ମାନର। ଖଂଡାମୌଦା ତନ୍ମଧ୍ୟରୁ ଅନ୍ୟତମ। ଘଂଟଶିଳା ଏହି ବେଳାଭୂମିର ସବୁଠାରୁ ବଡ ଜନପଦ। ରାଜାରାଜୁଡ଼ାଙ୍କ ଅମଳରେ ଘଂଟଶିଳା ଧଳଭୂମିର ରାଜଧାନୀ ଥିଲା। ଧବଳଦେବ ସଂଜ୍ଞାଧାରୀ ରାଜାରାଜୁଡ଼ାଙ୍କ ଏଠି ଶାସନ ଥିଲା।

ସମଗ୍ର ଅବିଭକ୍ତ ସିଂହଭୂମିରେ ଅନେକ ବାହ୍ମଣଶାସନ ଅଛି। ରାଜ୍ୟ ସଂପୋଷିତ ଏହି ଶାସନଗୁଡିକର ଅଧିବାସୀ( ବ୍ରାହ୍ମଣ ) ମାନଙ୍କର ବିଦ୍ୟାବୁଦ୍ଧି ଓ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ସମଧିକ। ତେଣୁକରି ଆଲୋଚିତ ଅଂଚଳ ମାନବ ସମ୍ବଳ ଦିଗରୁ ଧନୀ। ପୁଣି ଶସ୍ୟଶ୍ୟାମଳଭରା ଏହି ଅଂଚଳ ତାମ୍ରପ୍ରସ୍ତର ଓ ସ୍ୱର୍ଣ୍ଣରେଣୁରେ ମଧ୍ୟ ଭରପୁର। ଏହି ଅଂଚଳରେ ପ୍ରବାହିତ ନଦୀ ସୁବର୍ଣ୍ଣରେଖା ଏଇଥିପାଇଁ ସୁବର୍ଣ୍ଣ ରେଖା ଯେ ଏଠି ପାଦେପାଦେ ସୁବର୍ଣ୍ଣରେଖା ନଦୀର ବାଲୁକାରାଶିରୁ ସୁବର୍ଣ୍ଣ କଣିକା ଛାଣି ନେଉଥିବାର ଦେଖାଯାଇପାରେ। ଏହି ଉର୍ବର ଭୂମିରେ ଅନେକ ପ୍ରାକ୍ଐତିହାସିକ ଜନବସତି ଓ ଉନ୍ନତ ସଭ୍ୟତାର ଭଗ୍ନାବଶେଷ ସଂପ୍ରତି ଗୁହିଆପାଳ ଗ୍ରାମାଞ୍ଚଳରୁ ଉଦ୍ଧାର କରାଯାଇଛି। ପାଳବଂଶର ରାଜାମାନଙ୍କ ଏଠି ରାଜୁତିଥିବାର ପ୍ରମାଣ ମିଳୁଛି। ଗୁହ୍ୟପାଳ ଏଠାକାର ସବୁଠାରୁ ପ୍ରତିପତ୍ତିଶାଳୀ ରାଜା ଥିବାର ଅନୁମାନ କରାକରାଯାଏ। ସଂଭବ ହେଇଥାଇପାରେ ତାଙ୍କ ନାମାନୁସାରେ ଗୋଟିଏ ଜନବସତିର ନାମ 'ଗୁହିଆପାଳ' ହେଇଥାଇପାରେ।

ସ୍ୱର୍ଣ୍ଣପ୍ରସୁ ସୁବର୍ଣ୍ଣରେଖା ତୀରବର୍ତୀ ଅନ୍ୟ ଏକ ଗ୍ରାମ ହେଉଛି ଖଂଡାମୌଦା। ସୁବର୍ଣ୍ଣରେଖା ତଟବର୍ତୀ ଅଂଚଳ ଗୁଡିକ ଓ ସମଗ୍ର ସିଂହଭୂମି ଉନ୍ନତ ମାନର ଲୁହାପଥର ଓ ତାମ୍ର ଧାତୁ ପାଇଁ ମଧ୍ୟ ବିଖ୍ୟାତ। ଲୁହାପଥରକୁ ସିଝାଇ ତହିଁରୁ ଶୁଦ୍ଧ ଲୁହାକୁ ଅଲଗା କରିବାର ପ୍ରକ୍ରିୟା ଏଠିକାର ଆଦିବାସୀ, ବିଶେଷତଃ ଅସୁର ସଂପ୍ରଦାୟର ଲୋକମାନଙ୍କୁ ବହୁ ଆଗରୁ ଜଣା। ଲୁହାପଥର ସିଝାଇବାର ଅସୁରକାୟ ହାଣ୍ଡି ଗୁଡ଼ିକର ଅବଶେଷ ମଧ୍ୟ ଏଠି ଦେଖାଯାଏ।

ISSN NO.
2582-208X

ଏଠିକାର ଉନ୍ନତ ମାନର ଲୁହାରୁ ଉନ୍ନତ ମାନର ଲୌହନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାରର ପ୍ରମାଣ ମଧ୍ୟ ଏଠି ପ୍ରାକ୍ ଐତିହାସିକ। ବିଶେଷତଃ ଧାରୁଆ ଲୁହାଖଂଡା ନିର୍ମାଣ ପାଇଁ ଏହି ଅଂଚଳ ସୁବିଖ୍ୟାତ।

କେବଳ ଲୁହା ନୁହେଁ, ତାମ୍ର ଉତ୍ପାଦନର ଇତିହାସ ମଧ୍ୟ ସିଂହଭୂମିରେ ଅନେକ ପୁରାତନ। ରାଜସ୍ଥାନର ତାମ୍ର ଉତ୍ପାଦନରେ ନିପୁଣ ସେରକ 'ସଂପ୍ରଦାୟ ମନେହୁଏ ଏଠିକାର ତମ୍ବା ଖଣିର ଖବରପାଇ ଏଠାକୁ ଆସିଥିଲେ। ତମାଡ, ତମ୍ବାଝୁରୀ ଆଦି ଅତୀତର ତାମ୍ର ଉତ୍ପାଦନ କେନ୍ଦ୍ର ଗୁଡିକ ସେହି ସ୍ୱାଭାବିକ ସ୍ୱାକ୍ଷରକୁ ଏବେ ମଧ୍ୟ ବହନ କରିଛନ୍ତି। ଗବେଷିକା ଡ. ନିବେଦିତା ମହାନ୍ତି ମଧ୍ୟ ଏହି ମତର ପୃଷ୍ଠପୋଷକ। ତାଙ୍କ ମତରେ, "ଆଦିବାସୀ ଅସୁର ସଂପ୍ରଦାୟର ଲୋକେ ଏହି ଅଂଚଳରେ ଲୌହଧାତୁ ନିର୍ମାଣରେ କୁଶଳୀ ଥିଲେ।" ଅସୁର ଓ ସେରକ ସଂପ୍ରଦାୟର ଅନ୍ତଃସଂପର୍କ ନେଇ ବହୁ ଲୋକୋକ୍ତି ମଧ୍ୟ ଏହି ଅଂଚଳରେ ପ୍ରଚଳିତ। ପ୍ରାୟ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଜୈନ ସୌଦାଗରଗଣ ସିଂହଭୂମିରେ ନିଜର ପ୍ରଭାବ ବିସ୍ତାର କରି ରହିଥିଲେ। ହଜାରୀବାଗରୁ ଆରମ୍ଭ କରି ସିଂହଭୂମି, ଧଳଭୂମି, ମାନଭୂମି ଏବଂ ଓଡିଶାର ଦକ୍ଷିଣ ସୀମାନ୍ତ ପର୍ଯ୍ୟନ୍ତ ଅସୁରଗଡ ଗୁଡ଼ିକର ଭଗ୍ନ ଅବଶେଷ ଏବଂ ଅତୀତରେ ଜୈନ ଉପସ୍ଥିତିର ପ୍ରମାଣରୁ ସମ୍ଭବତଃ ଏକଦା ଏଠାରେ ସେରକଗଣ ଏକ ବୃହତ୍ତର ଧାତୁ ସାମ୍ରାଜ୍ୟ ଗଢିତୋଳିଥିବାପରି ମନେହୁଏ।

ଖଂଡାମୌଦାର ନାମକରଣରେ ମଧ୍ୟ ଏହି ଲୌହସଂସ୍କୃତିର କଥା ଲୁକକାୟିତ। ଥରେ ଧଳଭୂମିର ରାଜା ବିରଞ୍ଚିଂକ ପାଖକୁ ଜଣେ ସୌଦାଗର ଖଂଡାମୌଦା ନିର୍ମିତ ଗୋଟିଏ ଖଂଡା ଧରିଗଲା ଓ ଏହାର ଗୁଣାତ୍ମକ ମାନର ବିସ୍ତାର ବ୍ୟାଖ୍ୟା କଲା। ମାତ୍ର ରାଜା ଏଥିରେ ଅବିଶ୍ୱାସ କଲେ ତଥା ପରୀକ୍ଷା ନିମନ୍ତେ ଇଚ୍ଛାପ୍ରକାଶ କଲେ। ସୌଦାଗର କହିଥାଏ ଯେ, ଖଂଡାରଧାର ଏତେ ତୀକ୍ଷଣ ଓ ଶକ୍ତ ଯେ, ଏହା ପଥରକୁ ମଧ୍ୟ ଏକା ଚୋଟରେ ଦୁଇଖଣ୍ଡ କରିଦେଇପାରେ। ପରୀକ୍ଷା ନିମନ୍ତେ ରାଜା ଗୋଟିଏ ବିଶାଳ ବୃକ୍ଷ ଦେଖାଇଲେ ତଥା ଏକା

ISSN NO.
2582-208X

ଚୋଟରେ କାଟିବାପାଇଁ ଆଦେଶ ଦେଲେ। ଗଛଟି ଯଦି ଏକାଚୋଟରେ ନକଟେ ତେବେ ସୌଦାଗରର ମୁଂଡକାଟ ନିଶ୍ଚିତ।

ରାଜାଙ୍କର ଆଦେଶ ଅନୁସାରେ ସୌଦାଗର ପ୍ରାଣଭୟରେ ଶକ୍ତିମତେ ଚୋଟ ମାରିଲା। ଖଂଡାର ଧାର ଏତେ ତୀକ୍ଷଣ ଓ ଗତିଏତେ ପ୍ରଖର ଥିଲା ଯେ ନିମିଷକେ ଖଂଡାଟା ଗଛକୁ ପାରିହୋଇ ଆରପାଖେ ଚାଲିଯାଇଥିଲା ଏବଂ ଗଛଟା ଯଥାବତ୍ ଠିଆ ହୋଇ ରହିଥିଲା। ଗଛଟା କଟିନାହିଁ ଭାବି ରାଜା ଗୋଟିଏ କୂଅ ମଧ୍ୟରେ ସେହି ଖଂଡା ଓ ଖଣ୍ଡାଧାରୀକୁ ପୋତେଇଦେଲେ। କିଛି ସମୟପରେ ଝଡବତାସରେ କଟାଗଛଟା ପଡିଗଲା ଓ ସତ୍ୟତା ଜାଣିପାରି ରାଜା ପଶ୍ଚାତାପ କଲେ। କିଂତୁ ଖଂଡାଟି ମୁଦା ହୋଇଥିବାରୁ ଗାଁଟିର ନାମ "ଖଂଡାମୌଦ" ଅବଶ୍ୟ ରହିଗଲା। ଏହି ଘଟଣା ପୂର୍ବରୁ ଅସୁରମାନଙ୍କ ଲୁହାତିଆରି କାରଖାନା ଗୁଡିକରେ ପରିପୂର୍ଣ୍ଣ ଏହି ଅଂଚଳକୁ "ଅସୁରଡିହ" (ଅସୁରହୁଡି) କୁହାଯାଉଥିଲା।

ଓଡ଼ିଆ ବିଭାଗ
କୋହ୍ଲଣ ବିଶ୍ୱବିଦ୍ୟାଳୟ , ଝାଡ଼ଖଣ୍ଡ

ISSN NO.
2582-208X

# କବିତା ଲେଖା



ଅନିରୁଦ୍ଧ ରଣା

କବିତାଟିଏ ଲେଖିବା ପାଇଁ କି
ବହୁତ ଦିନ ରୁ ଭାବିଛି
କାଗଜ କଲମ ଧରିଛି
ଭାବନା ରାଇଜେ ବୁଡିଲା ବେଳକୁ
ଘରଣୀଙ୍କ ପାଟି ଶୁଭୁଛି ।

ଦାଣ୍ଡ ଘରେ ଯାଅ ଛୁଆଟା କାହିଁକି
ମାଆ ମାଆ ଡାକ ଛାଡୁଛି
ଗୋଡ଼ହାତ ପୋଛି ଛୁଆକୁ ମୋହର
କାଖ କରିବାକୁ କହୁଛି ।

ମଉନ ହେଇକି କ'ଣ ଭାବୁଅଛ
କଥା ମୋର କ'ଣ ଶୁଭୁନି
ପାଗଳ ହୋଇବ ଭୋକରେ ମରିବ
ଲେଖା ଲେଖି କଥା ଧରନି ।

ଘରଣୀର କଥା କାନରେ ପଶୁନି
କଲମ ଆଗକୁ ଚାଲିଛି
ଭାବନା ରାଇଜେ ବୁଡିଗଲେ ସିନା
କବିତାର ଭାଷା ମିଳୁଛି ।

ସର୍ଗୁଲ, ସୁବର୍ଣ୍ଣପୁର
ମୋ: ୯୭୭୮୧୯୫୯୮

ISSN NO.
2582-208X

# ଏବେ ଭୁଲିଯାଆ ମନରୁ



ଶିଶିର କୁମାର ପଣ୍ଡା

ବୟସର ଛାପ ଫୁଟି ଉଠିଲାଣି
ସୁନ୍ଦର ଦିଶୁନି ଚେହେରା
ବୁଢ଼ା ହୋଇଗଲ ଥଟ୍ଟା କରିମତେ
କହେ କ୍ଷମାକର ବେହେରା ।
ଆଉ ପଟିବେନି ସୁନ୍ଦରୀ କେହିବି
ଭାରିଯାର ନିଅ ଯତନ
ଏମାନେ ସବୁତ ଅଢ଼େଇ ଦିନିଆଁ
ସିଏ ଯେ ଅସଲ ରତନ ।
ସୁକୁଟି ଭାଉଜ ଆଉ ଡାକିବନି
ସନିଆଁ ଭାଇକୁ ଲୁଚେଇ
ଆଉ ଦେବନାହିଁ ମୁଢ଼ି ଚନାଚୁର୍
ପିଆଜ, କାକୁଡ଼ି କୁଚେଇ ।

ISSN NO.
2582-208X

ଯାହା କରିଥିଲ ଲୀଳାଖେଳା ସବୁ
ଏବେ ଭୁଲିଯାଅ ମନରୁ
ସେନେହ ଶରଧା ନଥିବ ଯୋଉଠି
କି ଲାଭ ମିଳିବ ଧନରୁ ?
ଖରାପ ଲାଗିଲେ ଲାଗୁଥାଇ ପାରେ
ତୁମକୁ ଆଜି ଏ କଥାଟି
ନିରୋଳାରେ ବସି ଥରୁଟେ ଭାବିବ
ଖେଳେଇ ତୁମର ମଥାଟି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ମିଛରେ କରେ ଜ୍ୱର

## ନାଟକ



ମୀରା ବାଈ ପାଣିଗ୍ରାହୀ

ଅବଚେତନ ମନ  କରନ୍ତି ଆୟତ୍ତ
ନାଶନ୍ତି ସ୍ୱଭାବ କ୍ରୂର
ସାମାନ୍ୟ ପ୍ରଣିପାତେ ଭାବ ବିହ୍ୱଳେ
ଭକ୍ତର ଉଠାନ୍ତି ଭାର ।
ଅଶ୍ୱିନୀ କୁମାର ସ୍ୱର୍ଗ ବୈଦ୍ୟନାଥ
ଖଟନ୍ତି ପାଦେ ଅପାର
 ସୃଷ୍ଟି କର୍ତ୍ତା, ପ୍ରାଣଦାତା, ବିଶ୍ୱପିତା
ତାଙ୍କୁ ପୁଣି ଆଜି ଜ୍ୱର  ?
ବିଶ୍ୱାସ ହେଉନି ବାର୍ତ୍ତା ବିପରୀତ
ନାମ ବହେ ମାୟାଧର
ଏ ଜୀବନ ଦାତା ପ୍ରାଣ ପ୍ରତିଷ୍ଠାତା
ପ୍ରଫୁଲ୍ଲିତେ ଦିଏ ବର ।
କେଡ଼େ କେଡ଼େ ବୀର ମହୀରେ ଲୋଟିଲେ
ରାବଣ ବଳ ପ୍ରବର
କଂସ ଅଭିମାନ କରିଲେ ଗଞ୍ଜନ
ଦୁର୍ଯୋଧନ ମାନ ଚୂର ।
ସମସ୍ତ ଙ୍କୁ ଯିଏ ଗଢିଛି ଯତନେ
ଯକ୍ଷ, ମାନବ, କିନ୍ନର
ଏ ପୁଣି କିପରି ବ୍ୟାଧେ ଜର୍ଜରିତ
ଚିନ୍ତିତ ଏ ମହୀପୁର  ?

ISSN NO.
2582-208X

ପାରିଜାତ ବଣେ, (ସ୍ୱର୍ଗ ର)ନନ୍ଦନକାନନେ
କରଇ ଯିଏ ବିହାର
ତା ପାଦେ ଖଟନ୍ତି ମହା ମହା ବୀର
ଲକ୍ଷ୍ମୀ ସେବେ ଶ୍ରୀପୟର।
ବୃହସ୍ପତି ମଧ୍ୟ ପୁରୋଧା ହୁଅନ୍ତି
ଟେକନ୍ତି ମଥା ଉପର
ଆର୍ତ୍ତତ୍ରାଣ ଡାକେ  ଆର୍ତ୍ତନାଦେ ଭକ୍ତ
ତ୍ରାହି ତ୍ରାହି ବାରମ୍ବାର।
ଊଣା କରନ୍ତିନି କରୁଣା ବାରିଧି
ପୃଥ୍ୱୀ ତାଙ୍କର ସମ୍ଭାର
କେତେ କେତେ ଜ୍ଞାନୀ ହାର ମାନିଯିବେ
ବିଜ୍ଞ ସିଏ ଶ୍ରେୟସ୍କର ।
ଭାରାକ୍ରାନ୍ତ ଭକ୍ତ ଉଚ୍ଛ୍ୱସିତ ହୋଇ
ମୁକ୍ତେ ଭବ ପାରାବାର
ତାଙ୍କୁ ପୁଣି ଆଜି ଗୁଣ୍ଡିଚା ମାଉସୀ
ନେଇଗଲେ ଶ୍ରୀ ମନ୍ଦିର।
ତାଙ୍କ ପାଦଗତେ  ପୂଜକ ସେବନ୍ତି
ଦିନରାତି କାରବାର
ଜଗନ୍ନାଥ ଙ୍କ ର ବାହାନା କରିକି
ହୋଇଛି ଗୋଟେ ବେପାର।
ସବୁ କ୍ଷମା ଦେଇ ଅପମାନ ବୋଧ
କରାନ୍ତିନି କେବେ ପର
ମନର ବେଦନା ଅକୁହା ରହେନି
ପ୍ରକଟିତ ନିରନ୍ତର ।
ଜଗତ ଯାଆନ୍ତି ସିଂହ ଦ୍ୱାର ପରା
ପାଖ ହେଉ ଅବା ଦୂର
କ୍ଷମା ନିଧି କ୍ଷମା ଦେଇ ଜାଣିଛନ୍ତି

ISSN NO.
2582-208X

କୁହନ୍ତି ନି ତୁହି ମର।
ଯଦି ସେ ଚାହିଁବେ ଏ ସୃଷ୍ଟିକୁ ପର।
କ୍ଷଣେ କରି ନାରଖାର
ଲେଶ ମାତ୍ର କିଛି ରଖିବେନି ହେଲେ
ଭବ୍ୟ ତାଙ୍କ ବ୍ୟବହାର।
କର ନାହିଁ ରେ ମାନବ ଏଣୁ ଏଣିକି
ପ୍ରବଳ ରେ ବ୍ୟଭିଚାର
କେତେ ବା ସହିବେ ଜଗତର ନାଥ
ହୋଇଯିବ ସବୁ ଚୂର।
ଯଦି ତୁ ଚାହିଁବୁ ପ୍ରାୟଶ୍ଚିତ କର
କରିଦେବେ ନାଥ ପାର
ବ୍ୟତିକ୍ରମ ଯଦି କରିବୁ କିଛି ରେ
ପାପୀ ନାଶେ ମହୀଧର।
ଭଲ ଗତି ଯଦି ଅଛିରେ ମାନବ
ଭଲ କର ତୋ ଆଚାର
ସତ କଥା ମୁହିଁ କହୁଛି ରେ ମୁଢ
କହୁନାହିଁ ଅବାନ୍ତର।
ଭକ୍ତି ମୟ ହେଉ ଏ ସାରା ସଂସାର
ଉଚ୍ଚ ହେଉ ତୋ ବିଚାର
ଭଲ ବ୍ୟବହାରେ ହୁଅ ମଣିଷଟେ
ହୁଅ ନାହିଁ ତୁହିଁ ସୁର।

କୋମନା, ନୂଆପଡା

ISSN NO.
2582-208X

# ଭୋଟର କାଳି ଭିତର କଥା



ଦିଲ୍ଲୀପ ଶତପଥୀ

ଭୋଟ ଦେବା ପ୍ରତ୍ୟେକ ଭାରତୀୟଙ୍କର ଗଣତାନ୍ତ୍ରିକ ଅଧିକାର । ଜଣେ ଥରେ ମାତ୍ର ଭୋଟ ଦେଇ ପାରିବ ବା ଅନ୍ୟ କାହା ପାଇଁ ଭୋଟ ଦେଇପାରିବ ନାହିଁ । ସେଥିପାଇଁ ଭୋଟର ର ବାମ ହାତ ବିଶି ଆଙ୍ଗୁଠି ରେ ଏକ ପ୍ରକାର କାଳି ଲଗେଇ ଦିଆଯାଏ, ଯାହାର ରଙ୍ଗ ଦୀର୍ଘ ଦିନ ପର୍ଯ୍ୟନ୍ତ ଆଂଗୁଠି ରୁ ଲିଭି ନଥାଏ । ଏହା ନିର୍ବାଚନ ପ୍ରକ୍ରିୟା ର ଏକ ଗୁରୁତ୍ୱପୂର୍ଣ ସତର୍କତା । ପ୍ରାୟ 60 ବର୍ଷ ଧରି ଏ ପ୍ରକ୍ରିୟା ଚାଲୁ ରହିଛି । ଚାଲନ୍ତୁ ଆଜି ଏହି କାଳି ର ଇତିହାସ ଓ ବର୍ତମାନ ବିଷୟରେ ଜାଣିବା । ଏହି କାଳି ପ୍ରସ୍ତୁତ କରନ୍ତି ମହୀଶୂର ପେଣ୍ଟ ଆଣ୍ଡ ବାର୍ଣ୍ଣିଶ ଲିମିଟେଡ଼ (MPVL) ଏବଂ ଏହି କମ୍ପାନୀ ପ୍ରତିଷ୍ଠା ହୋଇଥିଲା ମହୀଶୂର ମହାରାଜା ନାଲୱାଡି କ୍ରିଷ୍ଣା ରାଜା ଭାଡ଼ିୟାର (IV) ଙ୍କ ଦ୍ୱାରା 1937 ମସିହାରେ । ଆରମ୍ଭରେ ଏହା ଏକ ରଙ୍ଗ ଓ ଲାଖ ତିଆରି କାରଖାନା ଥିଲା । ଏଠାରେ କୋର୍ଟ କଚେରୀ, ସରକାରୀ କାର୍ଯ୍ୟାଳୟ ଓ ଡାକଘରେ ବ୍ୟବହାର ହେଉଥିବା ଲାଖ, ସିଲ, ରଙ୍ଗ ଇତ୍ୟାଦି ତିଆରି ହେଉଥିଲା । ପରେ କର୍ଣ୍ଣାଟକ ସରକାର ଏହି କମ୍ପାନୀ କୁ ହାତକୁ ନେଲେ । ସ୍ଥଳ ବିଶେଷରେ ଉଦ୍ୟୋଗ ମନ୍ତ୍ରୀ ଅଥବା ସଚିବ ଙ୍କ ହାତରେ ଏହାର ପରିଚାଳନା ଭାର ରହିଲା।

ଭାରତ ସ୍ୱାଧୀନ ହେଲା ପରେ 1951-52 ରେ ପ୍ରଥମେ ସାଧାରଣ ନିର୍ବାଚନ ହେଲା । ଲୋକଙ୍କୁ ନିଜର ମତଦାନ କରିବାର ସୁଯୋଗ ମିଳିଲା । ଭାରତୀୟ ଜାତୀୟ କଂଗ୍ରେସ ସରକାର ଗଠନ କଲା । ତାର ପରବର୍ତ୍ତୀ ନିର୍ବାଚନ 1957 ରେ ହୋଇଥିଲା । ଦେଖାଗଲା କିଛି ଲୋକ ଅନ୍ୟ ମାନଙ୍କ ନାମରେ, ନିଜ ପରିବାର ଲୋକଙ୍କ ପାଇଁ ସ୍ଥଳ ବିଶେଷ ରେ ଜାଲି ଭୋଟ ପ୍ରଦାନ କରୁଛନ୍ତି । କେଉଁ ଲୋକ ଭୋଟ ଦେଇଛି କିଏ ଦେଇନି ଜାଣିବା ସମ୍ଭବ

ISSN NO.
2582-208X

ହେଇ ପାରିଲାନାହିଁ । କାରଣ ସେତେବେଳେ କାହାରି ପାଖରେ ପରିଚୟ ପତ୍ର ନଥିଲା । ପରେ ଅବଶ୍ୟ ନିର୍ବାଚନ କମିଶନ ଭୋଟର ପରିଚୟ ପତ୍ର 1993 ରେ ଭାରତୀୟ ନାଗରିକଙ୍କୁ ନିଃଶୁଳ୍କ ପ୍ରଦାନ କରିଥିଲେ । ଯାହା ଲୋକେ ଏବେ ବି ଭୋଟ ଦାନ ବେଳେ ସାଙ୍ଗରେ ନେଇ ଯାଇଥାନ୍ତି ।

1962 ମସିହା ରେ ଭାରତୀୟ ପଦାର୍ଥବିଜ୍ଞାନ ପ୍ରୟୋଗଶାଳା ( CSIR National physics laboratory ) ରେ MPVL ପ୍ରସ୍ତୁତି କରିଥିବା ଏକ କାଳି ର ପରୀକ୍ଷା ନିରୀକ୍ଷା ଚାଲିଲା । ଏହି କାଳି କୁ ଲିଭାଇବା ପାଇଁ ସୋଢା, ଲେମ୍ବୁରସ, ଅମୃତଭଣ୍ଡା ରସ, ବିଭିନ୍ନ ଶାମ୍ପୁ, ନଖ ପାଲିସି ଲିଭା ତରଳ, ସ୍ପିରିଟ, ପେଟ୍ରୋଲ ବିଭିନ୍ନ ତେଲ ଏପରି ବହୁ ଉପାଦାନ ବ୍ୟବହାର କରାଗଲା ଏବଂ ପରିଶେଷରେ ଏହି ଅଲିଭା କାଳି କୁ ପ୍ୟାଟେଣ୍ଟ ଦିଆଗଲା । ଏହି କାଳି ର ଗୁଣବତ୍ତା କୁ ପ୍ରାରମ୍ଭିକ ସ୍ତରରେ, (raw material) ପ୍ରସ୍ତୁତି ସମୟରେ, ବୋତଲରେ ପୁରାଇବା ସମୟରେ, ବଣ୍ଟନ ସମୟରେ ଏବଂ ପରିଶେଷରେ ନିର୍ବାଚନ କମିଶନଙ୍କୁ ପ୍ରଦାନ ପରେ ସବୁଠି ପରୀକ୍ଷା କରି ଉତୀର୍ଣ୍ଣ ଅବସ୍ଥାରେ ଏହାକୁ ଗ୍ରହଣ କରାଗଲା । ମଣିଷ ହାତରେ ଲଗେଇ ଏହାର ପାର୍ଶ୍ୱ ପ୍ରତିକ୍ରିୟାକୁ ବି ଅଭିଜ୍ଞ ଚର୍ମ ବିଶେଷଜ୍ଞ ଦ୍ୱାରା ନିରୀକ୍ଷଣ କରାଯାଇଥିଲା । ଏହି କାଳି ରେ ସିଲଭର ନାଇଟ୍ରେଟ ଥାଏ ଯାହା ଏକ ବର୍ଣହୀନ ଯୌଗିକ ପଦାର୍ଥ ଏବଂ ଅତିବାଇଗଣୀ (ultraviolet ) ରଶ୍ମି, ସୂର୍ଯ୍ୟକିରଣ ସଂସ୍ପର୍ଶ ରେ ଆସିଲେ ଏହାର ରଙ୍ଗ ଜଣାପଡେ । ଏଥିରେ ଆଲକୋହଲ ଓ ଜଳ ମଧ୍ୟ ଥାଏ ରଙ୍ଗ କୁ ତତ୍କାଳ ଶୁଖାଇ ଦେବା ପାଇଁ । ତଥାପି ଏହାର ପ୍ରସ୍ତୁତ ଏବେ ବି ଏକ ରହସ୍ୟ ।

ଗୋଟିଏ ଛୋଟ ବୋତଲ କୁ ଗୋଟେ ଫାଇଲ କହନ୍ତି । ଗୋଟେ ବୋତଲରେ 700 ଭୋଟରଙ୍କ ପାଇଁ କାଳି ଉର୍ଦ୍ଦିଷ୍ଟ ଥାଏ । ଗୋଟିଏ ବୁଥ କୁ ଦୁଇ ଫାଇଲ ଦିଆ ହୋଇ ଥାଏ । ପ୍ରାୟ 1400 ଭୋଟର ଗୋଟେ ବୁଥ ରେ ଭୋଟ ଦେଇ ପାରିବେ । 2024 ନିର୍ବାଚନ ରେ କମ୍ପାନୀ 265 6000 ଫାଇଲ ନିର୍ବାଚନ କମିଶନ ଙ୍କୁ ଦେଇଛି । 1962 ପରଠାରୁ ଆଜି ପର୍ଯ୍ୟନ୍ତ ଏହି କାଳି ବ୍ୟବହାର କରାଯାଉଛି । ପ୍ରଥମତଃ ଏହି କାଳି ତିଆରି କମ୍ପାନୀ ରେ ମାତ୍ର 100 ଲୋକ କାମ କରନ୍ତି ଏବଂ ସମସ୍ତେ ସରକାରୀ କର୍ମଚାରୀ । କାଳି ତିଆରି ପ୍ରକ୍ରିୟା ମାତ୍ର 3 ମାସର କାର୍ଯ୍ୟ । ଅନ୍ୟ ଦିନେ ଏହି ଲୋକଙ୍କର କାମ ନଥାଏ । ସାଧାରଣ ନିର୍ବାଚନ ସମୟରେ ଆବଶ୍ୟକ ହେଲେ ବାହାରୁ ମାତ୍ର 50 ଜଣ ଲୋକ ନେଇ ପାରିବେ । ପ୍ରଥମ ପର୍ଯ୍ୟାୟ ରେ କମ୍ପାନୀ 30 କୋଟି ଟଙ୍କା ର କାଳି ପ୍ରସ୍ତୁତ କରି ମାତ୍ର 4 କୋଟି

ISSN NO.
2582-208X

ମୁନଫା କମେଇ ଥିଲା । ଗତ ନିର୍ବାଚନ 2019 ରେ 61 କୋଟି ର କାଳି ବିକ୍ରି କରି 13 କୋଟି ମୁନଫା ପାଇଥିଲା । ଚଳିତ ବର୍ଷ 2024 ସାଧାରଣ ନିର୍ବାଚନ ପାଇଁ 25 ଡିସେମ୍ବର ରୁ କାମ ଆରମ୍ଭ କରି 22ମାର୍ଚ୍ଚ ରେ 2656000 ଫାଇଲ କାଳି (ଗୋଟେ ଫାଇଲ କୁ 174 ଟଙ୍କା ରେ) ୪୦ କୋଟି ଟଙ୍କା ପରିବହନ ଖର୍ଚ୍ଚ ସହ ନିର୍ବାଚନ କମିଶନଙ୍କୁ ବିକ୍ରି କରିଛି କମ୍ପାନୀ ।

ଭାରତ ବ୍ୟତୀତ ପୃଥିବୀ ର ପ୍ରାୟ 30 ଟି ଦେଶ କୁ ଏହି କାଳି ବିକ୍ରି କରାଯାଏ । ମାଲେସିୟା, କାମ୍ବୋଡିଆ, ନେପାଳ, ଘାନା, ଦକ୍ଷିଣ ଆଫ୍ରିକା, ମଙ୍ଗୋଲିଆ, କାନାଡ଼ା ଡେନମାର୍କ, ପାକିସ୍ତାନ, ଅଫଗାନିସ୍ତାନ ଇତ୍ୟାଦି ବହୁ ଦେଶ ତାଙ୍କ ଦେଶରେ ନିର୍ବାଚନ ସମୟରେ ଭାରତୀୟ କାଳି ବ୍ୟବହାର କରନ୍ତି । କାମ୍ବଡ଼ିଆ, ମାଲଦୀପ ରେ ଭୋଟର ମାନଙ୍କୁ ଏହି କାଳି ରେ ଆଙ୍ଗୁଠି ବୁଡାଇବାକୁ ପଡିଥାଏ ।

ଏହି କମ୍ପାନୀ ରେ ସର୍ବଦା 75 କୋଟି ଟଙ୍କା ଗଚ୍ଛିତ ହୋଇ ଥାଏ । ଏବେ ବି କମ୍ପାନୀ ତାର ପୁରୁଣା 1957 ରେ ଲଣ୍ଡନ ରୁ ଆଣିଥିବା ମେସିନ ବ୍ୟବହାର କରୁଛି । ସେମିତି ଦେଖିଲେ ଏହା ଏକ ଲାଭ ଦାୟକ କମ୍ପାନୀ ନୁହେଁ । "ଏକ ଦେଶ ଏକ ନିର୍ବାଚନ" ହେଲେ କମ୍ପାନୀ ର ଆର୍ଥିକ କ୍ଷତି ହେବ । ବହୁ ଦେଶ ବାଇଓମେଟ୍ରିକ ପଦ୍ଧତି ଆପଣେଇବାରୁ ଧୀରେ ଧୀରେ କାଳି ର ବ୍ୟବହାର କମୁଛି । ବହୁତ ବହୁରାଷ୍ଟ୍ରୀୟ କମ୍ପାନୀ ସରକାରଙ୍କୁ ଅନୁରୋଧ କରୁଛନ୍ତି ସେମାନଙ୍କୁ ସୁଯୋଗ ଦେବାପାଇଁ । ଯାନ୍ତ୍ରିକ ଯୁଗରେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆଧୁନିକ ଟେକ୍ନିକାଲ ମେସିନ ବ୍ୟବହାର କରି ଭୋଟ ବ୍ୟବସ୍ଥା କୁ କିପରି ସରଳିକରଣ ଓ ସ୍ୱଳ୍ପ ଖର୍ଚ୍ଚ ରେ ପରିଚାଳନା କରାଯାଇପାରିବ । ସରକାର ସେପରି କଲେ ଏ ପୁରୁଣା କମ୍ପାନୀ କିପରି କାମ କରିବ ? ସେଥିପାଇଁ କମ୍ପାନୀ ପ୍ରୟାସ କରୁଛି କିପରି ସରକାରୀ କୋଠା ବାଡ଼ି ଅଫିସ, କୋର୍ଟ କଚେରୀ, ସ୍କୁଲ, କଲେଜ ଇତ୍ୟାଦି କୁ ଠିକା ରେ ନେଇ ରଙ୍ଗ କରି କିଛି ମୁନଫା କରିବା ପାଇଁ । ସମୟ କହିବ ଆଗକୁ ଏତେ ପୁରୁଣା, ସଚୋଟ ନିସ୍ୱାର୍ଥପର କମ୍ପାନୀ ତିଷ୍ଠି ରହିବ ନା କାଳ ର କରାଳ ଗର୍ଭ ରେ ଭୋଟର କାଳି ଲିଭିଯିବ ।

ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ
ଭୁବନେଶ୍ୱର 751001
9437175764

ISSN NO.
2582-208X

# ନର ରୁପି ରାକ୍ଷସ



ଗୀତାଞ୍ଜଳି ମିଶ୍ର

ଜୀବ ମଧ୍ୟେ ଶ୍ରେଷ୍ଠ ସେ ମାନବ ଜାତି
ତା ସହ ଆଉ କେହି ଯେ, ସରି ନୁହାନ୍ତି ।
ପ୍ରେମ, ଶ୍ରଦ୍ଧା, ବୁଦ୍ଧି, ବିବେକ ଆଦି ସର୍ବଗୁଣ
ପ୍ରକୃତିର ଅଟେ ଏହା ଏକ ଅଦ୍ଭୁତ ଦାନ ॥
ଅସାଧ୍ୟ କୁ ସାଧ୍ୟ ଗୁଣେ ଭରପୁର ସେତ
ଦେଶେଦେଶେ କେତେ ବୈଜ୍ଞାନିକ ବିରାଜିତ ॥
ସର୍ବ ଗୁଣ ଥାଇ ସମାଜେ ମଣିଷ ନୃଶଂସ
ସବୁକିଛି ଭୁଲିଯାଇ ପାଲଟେ ରାକ୍ଷସ ।
ଖବରକାଗଜ ଯେବେ ପ୍ରତ୍ୟୁସେ ଦେଖିବ
ହଣା, କଟା ନିତି ଦିନ ନିଶ୍ଚେ ତହିଁ ଥିବ ।
ମଦ, ଗଂଜେଇ ନିଶା ରେ ମଣିଷ ପାଗଳ
ସ୍ତ୍ରୀ, ପିଲା, ଛୁଆ ସାଥେ କରେ ଗଣ୍ଡଗୋଳ ।
ବାପା, ମାଆ ଙ୍କୁ ପିଲା ଖାତିର ନ କରେ
ଗାଳି ଗୁଲଜ କଲେ ଛୁରୀ ହାତେ ଧରେ ।

ISSN NO.
2582-208X

ସାଙ୍ଗ ସାଥି ମେଳେ ଯାଇ ସ୍ତ୍ରୀ ହରଣ କରେ
ନିର୍ଦ୍ଦୋଷ ପ୍ରମାଣ ପାଇଁ ନାରୀ ହତ୍ୟା କରେ ।
ସଦାସର୍ବଦା ଏହି ଜନ ମିଥ୍ୟା ଆଶ୍ରା ନିଏ
ମଣିଷ ରୁପି ରାକ୍ଷସ ଅଟେ ପରା ସିଏ ।
ଏ ପରି ମଣିଷ ର ଘର ନର୍କ ହୋଇ ଯାଏ
ପୂଜା ପାଠ କଲେ ସୁଦ୍ଧା ତାର ଭଲ ନୋହେ ।

ବିନକା, ସୁବର୍ଣ୍ଣପୁର

ISSN NO.
2582-208X


ଦିବାକର ନାୟକ

# ସମ୍ପର୍କ

ମୂଳ ହିନ୍ଦୀ-ଡ଼କ୍ଟର ଗୀତାଞ୍ଜଳି ରେଣୁ ଦାଶ
ଅନୁସୃଜନ-ଦିବାକର ନାୟକ

ସତ୍ୟ ନୁହେଁ କି ମିଥ୍ୟା ନୁହେଁ;
ପ୍ରତାରଣା ବି ନୁହେଁ;
ଦେଖିବା ପରେ ମଧ୍ୟ
ବିଶ୍ୱାସ କରିବା ସହଜ ନୁହେଁ;
ଯେତେବେଳେ ଥରେ ମାତ୍ର
ବିଶ୍ୱାସ ସ୍ଥାପିତ ହୋଇଯାଏ
ଏହା ଆଉ ଭାଙ୍ଗେ ନାହିଁ ।

ମୁଁ ବିଶ୍ୱାସ କରେ ଯେ-
ଅନାଦି ଅନନ୍ତ କାଳରୁ
ସମ୍ପର୍କରେ ମୁଁ ଜଣେ
ସୌହାର୍ଦ୍ଦ୍ୟପୂର୍ଣ୍ଣ ମଣିଷଟିଏ ।

ଏହା କେବେ କହିନାହିଁ ଯେ-
ମୁଁ ଅଜର ଅମର ଅଟେ;
କିନ୍ତୁ ଏ କଥା ମୁଁ ନିଶ୍ଚୟ କହିବି ଯେ

ISSN NO.
2582-208X

ମୁଁ ଆସିଛି ତୁମର ମଧୁର ଆହ୍ୱାନ
ଆଉ ସୁନ୍ଦର କଳ୍ପନାରୁ,
ଦିବ୍ୟ ଚେତନାରୁ ।

ଅତଏବ ପ୍ରୀତି ପୂର୍ଣ୍ଣ ଦୃଷ୍ଟିରେ
ପରସ୍ପର ପ୍ରତି ସହଯୋଗ ଅବ୍ୟାହତ ରହିବ,
ଏହାକୁ ଏକ ମଧୁର ସ୍ୱରରେ ପ୍ରକାଶ କରିବାର
ନିଆରା ଆନନ୍ଦ କହିଲେ ଅତ୍ୟୁକ୍ତି ହେବ ନାହିଁ ।
କିମ୍ବା ତୁମର ସୁନ୍ଦର ଶୈଳୀରେ
ତୁମର ଦୃଷ୍ଟିକୋଣର
ଅନୁପମ ଶାଶ୍ୱତ ରୂପାୟନ କହିପାର ।

ଯେତେବେଳେ ଆବେଗ ପୂର୍ଣ୍ଣ ଭାବରେ
ନିରୋଳା ପ୍ରୀତିର ଭାଷାରେ ଡାକିବ
ତୁମର ଗୋଟିଏ ବି ହୃଦୟର ଶବ୍ଦକୁ
ମୁଁ ଅଣଦେଖା କରି ପାରିବି ନାହିଁ ।

ସମ୍ପର୍କ ତ ଏମିତି
ଆଜିକାର ନୁହଁ
ଏତ ଜନ୍ମ ଜନ୍ମାନ୍ତରରୁ
ରହିଥିଲା, ରହିଛି ଆଉ ରହିଥିବ ।

ପାଟପୁର, କନସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

ISSN NO.
2582-208X

# ନାରୀଶକ୍ତି



ରଶ୍ମିତା ନାୟକ

ନାରୀ ଟିଏ ପୁରୁଷ ର ଅବିଛିନ୍ନ ଅଙ୍ଗ
ନାରୀ ବିନା ପୁରୁଷ ର ଜୀବନ ନିଃସଙ୍ଗ।।

ମନ୍ଦିରରେ ଥାନ୍ତି ରାମଚନ୍ଦ୍ର ସଂଗେ" ସୀତା"
ମନ୍ଦିରରେ ଥାନ୍ତି ଶିବ "ଶଇଳ ଦୁହିତା" ॥

"ଲକ୍ଷ୍ମୀ "ଦେବୀ ସାଥେ ଥାନ୍ତି ପ୍ରଭୁ ନାରାୟଣ
"ପ୍ରିୟତମା "ରାଧାରାଣୀ" ସଙ୍ଗତେ ଶ୍ରୀକୃଷ୍ଣ ॥

ନାରୀଟିଏ ନପାଇଲେ ଆର୍ଯ୍ୟ ଅସମ୍ପୂର୍ଣ୍ଣ
ସତୀନାରୀ ସତୀତ୍ୱରେ ପୁରୁଷ ଅକ୍ଷୁର୍ଣ୍ଣ ॥

ମନ୍ତ୍ର ଉଚ୍ଚାରଣ କାଳେ ନରୀ ଯେ" ଗାୟତ୍ରୀ"
ଗ୍ରନ୍ଥ ମଧ୍ୟ "ଗୀତା" ପଢି ମିଳଇ ଯେ" ଶାନ୍ତି "॥

ଜ୍ଞାନ ଆହରଣ କାଳେ ମାଆ" ସରସ୍ୱତୀ"
ଭୋଜନ ଗ୍ରହଣ କାଳେ "ସାଗର ଦୁହିତି "।

ISSN NO.
2582-208X

ଦୟାଦାନେ ନାରୀ ଟିଏ ସ୍ନେହ ରୂପୀ" ଶ୍ରଦ୍ଧା"
ବାତ୍ସଲ୍ୟ "ପ୍ରୀତି "ସମୟେ" ମା "ର" ମମତା "॥

"ରଜନୀ "ର ଅନ୍ଧାର ରେ ନାରୀଟିଏ "ଜ୍ୟୋତି"
ଏକାନ୍ତ ସମୟେ ପୁରୁଷର "ପ୍ରେମବତୀ "।

ଚେଇଁଥିବା ଆଖିରେ ସେ ସାଜିଥାଏ "ତନ୍ଦ୍ରା"
ନିଶା ସଂଗତରେ ଆସେ ସାଜିପୁଣି" ନିଦ୍ରା" ॥

ନିଶାନ୍ତରେ ପ୍ରଭାତର "ଉଷା "ନାମେ ଖ୍ୟାତି
ସର୍ବ କାର୍ଯ୍ୟ "ଅନ୍ନପୂର୍ଣ୍ଣା "ନାମରେ ମିଳନ୍ତି ॥

କ୍ରୋଧ" ଶାନ୍ତି "ହୋଇଗଲେ ସାଜି ଥାନ୍ତି" କ୍ଷମା"
ପରୁଷର ବାମ ଅଙ୍ଗ ନାମଟିତ। " ବାମା" ॥

"ପୂଜା" ରେ" ଭକ୍ତି, "ବନ୍ଦନା "ଅର୍ଚ୍ଚନା" ଆରତୀ"
ଯୁଦ୍ଧ ବିଜୟ କରାଏ ସତୀ ନାରୀ "ଶକ୍ତି "॥

ଜଗତସିଂହପୁର

ISSN NO.
2582-208X

# ମଣିଷ ଜୀବନ



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ମଣିଷ ଜୀବନ ସାରୁ ପତ୍ର ରେ ଥିବା ଜଳ ପରି ଢଳ ଢଳ । କେତେ ବେଳେ ପଡ଼ିଯିବ ତଳେ ତା କେହି ପାରିବେ ନାହିଁ। ମଣିଷ ଜୀବନ ଆଜି ଅଛି କାଲିକି ନାହିଁ। ଥରେ ସ୍ଥିର ମନରେ ଚିନ୍ତା କର ତ ଆମେ ସଂସାର କୁ କଣଆଣିକି ଆସିଥିଲେ....? ଆଉ ସାଥିରେ କଣ ନେଇକି ଯିବା....

ଆସିଛେ ଫୁଙ୍ଗୁଳା ଯିବା ବି ଫୁଙ୍ଗୁଳା। ଆଉ ଯଦି କିଛି ଆଣିଛେ ସେ ହେଉଛି ଭାଗ୍ୟ। ଆସିଛେ ଭାଗ୍ୟ ନେଇ କି ଯିବା କର୍ମ ନେଇ କି । ସେଥିପାଇଁ ଆମେ ଭଲ କର୍ମ କରିବା ଆଉ ଗର୍ବ, ଅହଂକାର, ହିଂସା କରିବା ନାହିଁ। ଦୁଇ ଦିନ ର ଏ ଜୀବନକୁ ହସ ଖୁସିରେ ରେ କାଟିବା ଆଉ ଏମିତି କିଛି ଆମେ କାମ କରିବା ଯେମିତି ଆମେ ଏ ଦୁନିଆ ଛାଡିଗଲା ପରେ ଲୋକେ ଆମର ପ୍ରଶଂସା କରୁଥିବେ। ଆଉ ଆମେ ମଶାଣିକି ଗଲା ବେଳେ ଆମକୁ ଶେଷ ମେଲାଣି ଦେବାକୁ ଆମ ସହ ଯାଉଥିବେ। ମଶାଣି ର ଚିତା ଜାଳିବା ଯାଏ ସିଏ ସେଠାରେ ଥିବେ। ଆମେ ଏମିତି କିଛି କର୍ମ କରିବା ଯେମିତି କି ଆମ ରୁପକୁ ନୁହେଁ ଆମେ କରିଥିବା ଭଲ ଗୁଣକୁ ଆଉ କର୍ମ କୁ ଚିରଦିନ ପାଇଁ ମନେ ରଖିବେ। ଆଉ ଆମ ପାଇଁ ଆଖିରୁ ଦୁଇ ଟୋପା ଲୁହ ଝରେଇବେ। ତାହେଲେ ଯାଇ ଆମ ମଣିଷ ଜନ୍ମସାର୍ଥକ ହୋଇ ପାରିବ ...

ବନ୍ଧମୁଣ୍ଡା, ଯାଜପୁର

ISSN NO.
2582-208X

# ଆସିଛି ସାବିତ୍ରୀ ବ୍ରତ



ବିକାଶ କୁମାର ହୋତା

ଆସିଅଛି ଆଜି ସାବିତ୍ରୀ ର ବ୍ରତ
ଭାରି ଟେନସନ ଦେବ
ସାବିତ୍ରୀ ପାଇଁକି ବିଡ଼ା ବିଡ଼ା ନୋଟ
ପକେଟରୁ ଉଡ଼ିଯିବ ।।(୧)
ଫଳ ରେଏଟ କୁ ଆଖି ପାଉନାହିଁ
ହୋଇଛି ଆକାଶ ଛୁଆଁ
ଶାଢ଼ୀ, ଚୁଡ଼ି, ଶଙ୍ଖା କିଣିକି ପଛରୁ
ବାହାରିବ ଖାଲି ଧୂଆଁ ।।(୨)
ଶାଢ଼ୀ, ଚୁଡ଼ି ଶଙ୍ଖା ପାଇଁକି ହୋଇବ
ମହାଭାରତ ର କଳି
ବିଚରା ଟା ମୁଁ ମୋ ସାବିତ୍ରୀ ପାଖରେ
ତୁଚ୍ଛାକୁ ପଡ଼ିବି ବଳି ।।(୩)
ଆଜି ଗୋଟେ ଦିନ ପାଇଁ କେଇ କ୍ଷଣ
ଲାଗିବି ମରଦ ଭଳି
ସତ୍ୟବାନ ହୋଇ ପୂଜା ମୁଁ ପାଇବି
ଖଞ୍ଜା ହୋଇ ପୂଜା ଥାଳି ।।(୪)

ISSN NO.
2582-208X

ସତ୍ୟବାନ ବୋଲି ଲାଗିବ ଗରବ
ଭଳି ଭଳି ସେବା ପାଇ
ମନ ମୋ ନାଚିବ ଡିସିକୋ ଡ଼ିଆନ୍ସ
ସାବିତ୍ରୀ ର ଗୁଣ ଗାଇ ।।(୫)
ଫଟୋ ଉଠେଇବି ଅପଲୋଡ଼ ପାଇଁ
ସାବିତ୍ରୀ ସାଥିରେ ବସି
ଯେତେ କଷ୍ଟ ଥିଲେ ମନରେ ମୋହରି
ଉପରେ ଉପରେ ହସି ।।(୬)
ଶାନ୍ତିରେ ଟିକିଏ କଟିବ ସମୟ
କାମରୁ ମିଳିବ ଢ଼ିଲା
ବାକିଆ ତିନିଶ ଚଉଷଠି ଦିନ
ଚାଲୁଥିବ ଠିଆ ପାଲା ।।(୭)
ଡାକୁଛି ପ୍ରଭୁଙ୍କୁ ବରଷ ଟା ଯାକ
କଟିଯାଉ ଏଇମିତି
ଶାନ୍ତିରେ ରୁହନ୍ତି ଟିକିଏ ପାଆନ୍ତି
ସାବିତ୍ରୀ କୋପରୁ ମୁକ୍ତି ।।(୮)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮,୮୭୫୮୨୯୨୦୫୧

ISSN NO.
2582-208X

# ନିଜ ଜନ୍ମ ତାରିଖରୁ ଜାଣନ୍ତୁ ନିଜ ବିବାହ ବିଷୟରେ !!

## Love marriage ନା Arranged marriage ?



ଅଭିଲାଷ ବାରିକ୍

କୁହାଯାଏ ବିବାହ ସ୍ୱର୍ଗରେ ହିଁ ହେଇଥାଏ, ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଥାଏ ତାକୁ ହିଁ ଜୀବନ ସାଥି ଭାବରେ ପାଇଥାଏ ବୋଲି ଓଡ଼ିଆରେ ଏକ ଢଗ ଅଛି I କିନ୍ତୁ ଯୁବକ ଯୁବତୀ ମାନଙ୍କ ମନରେ ବିବାହ କୁ ନେଇ ସବୁବେଳେ ଗୋଟିଏ ପ୍ରଶ୍ନ ଉଙ୍କିମାରେ ଯେ ସେମାନଙ୍କର ପ୍ରେମ ବିବାହ ନା ପରିବାର ନିଷ୍ପତି ରେ ବିବାହ ହେବ ? ତେବେ ଜ୍ୟୋତିଷ ଶାସ୍ତ୍ର ଅନୁଯାଇ ଜନ୍ମ ତାରିଖରୁ ଆମେ ଜାଣିପାରିବା ଯେ କିପରି ଭାବେ ବିବାହ ହେବ I

1) ଯେଉଁମାନଙ୍କର ଯେକୌଣସି ମାସର 1,10,19,28 ତାରିଖରେ ରେ ଜନ୍ମ ହେଇଥାଏ : ଏହା ସୂର୍ଯ୍ୟଙ୍କର ଅଙ୍କ ଅଟେ I ଏମାନେ ସ୍ୱଭାବ ରେ ବହୁତ ଲାଜକୁଳା ହେଇଥାନ୍ତି I ଏମାନଙ୍କ ଲାଜୁଆ ସ୍ୱଭାବ ଯୋଗୁ ସହଜରେ ଏମାନେ ପ୍ରେମ କୁ ପ୍ରକାଶ କରିପାରନ୍ତି ନାହିଁ, ତେଣୁ ଏମାନଙ୍କର ପ୍ରେମ ବିବାହ ସମ୍ଭବ ହେଇପାରିନଥାଏ I ଏମାନଙ୍କର Arranged marriage ହେଇଥାଏ I 2) ଯେଉଁମାନଙ୍କର ଯେକୌଣସି ମାସର 2,11,20,29 ତାରିଖରେ ରେ ଜନ୍ମ ହେଇଥାଏ: ଏହା ଚନ୍ଦ୍ରମା ଙ୍କର ଅଙ୍କ ଅଟେ I ଚନ୍ଦ୍ର ଙ୍କ ପ୍ରଭାବ ହେତୁ ଏମାନେ ପ୍ରେମରେ ଭାରି ଭାବବିହ୍ୱୋଳ ଥାନ୍ତି I ଜଣକୁ ଭଲ ପାଇଥାନ୍ତି ଏବଂ ତାକୁ ହିଁ ବିବାହ କରିଥାନ୍ତି I

3) ଯେଉଁମାନଙ୍କର ଯେକୌଣସି ମାସର 3,12,21,30 ତାରିଖରେ ରେ ଜନ୍ମ ହେଇଥାଏ: ଏହା ଗୁରୁ ଙ୍କର ଅଙ୍କ ଅଟେ I ଏମାନେ ପ୍ରେମରେ ସଫଳ ହେଇଥାନ୍ତି, ପ୍ରେମକୁ ବିବାହ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଅନ୍ୟର ସାହାରା ନେଇଥାନ୍ତି I

ISSN NO.
2582-208X

4) ଯେଉଁମାନଙ୍କର ଯେକୌଣସି ମାସର 4,13,22,31 ତାରିଖରେ ରେ ଜନ୍ମ ହେଇଥାଏ: ଏହା ରାହୁ ଙ୍କର ଅଙ୍କ ଅଟେ I ଏମାନେ ଅନେକଙ୍କୁ ପ୍ରେମ କରିଥାନ୍ତି, ପ୍ରେମ ପ୍ରତି ଏମାନେ ଏତେ ଗମ୍ଭୀର ହୋଇନଥାନ୍ତି I ଏମାନଙ୍କର ପ୍ରେମ ବିବାହ ହେଇପାରିନଥାଏ, ବୈବାହିକ ଜୀବନ ମଧ୍ୟ ଏତେ ଖୁଶିରେ ଅତିବାହିତ ହେଇପାରିନଥାଏ I

5) ଯେଉଁମାନଙ୍କର ଯେକୌଣସି ମାସର 5,14,23, ତାରିଖରେ ରେ ଜନ୍ମ ହେଇଥାଏ: ଏମଙ୍କର ଜାତକ ଅନୁଯାଇ ପ୍ରେମ ବିବାହ ଥିଲେ ମଧ୍ୟ ଅଧିକାଂଶ ପରିବାର ନିଷ୍ପତି ଅନୁଯାଇ ବିବାହ କରିଥାନ୍ତି I

6) ଯେଉଁମାନଙ୍କର ଯେକୌଣସି ମାସର 6,15,24, ତାରିଖରେ ରେ ଜନ୍ମ ହେଇଥାଏ: ଏହା ଶୁକ୍ର ର ଅଙ୍କ ଅଟେ I ଏମାନେ ଅଧିକ ପ୍ରେମରେ ରହିଥାନ୍ତି ଯାହାଫଳରେ ପ୍ରେମରେ ସଠିକ ସାଥି ଚୟନ କରିପାରିନଥାନ୍ତି I ତଥାପି ଏମାନେ ପ୍ରେମ ବିବାହ ହିଁ କରିଥାନ୍ତି I

7) ଯେଉଁମାନଙ୍କର ଯେକୌଣସି ମାସର 7,16,25, ତାରିଖରେ ରେ ଜନ୍ମ ହେଇଥାଏ: ଏହା କେତୁ ର ଅଙ୍କ ଅଟେ I ଏମାନେ ସ୍ଵଭାବ ରେ ଭାରି ଲାଜକୁଳା ହେଇଥିବାରୁ ପ୍ରେମକୁ ସହଜରେ ପ୍ରକାଶ କରିପାରିନଥାନ୍ତି , କିନ୍ତୁ ଏମାନେ ପ୍ରେମ ବିବାହ କରିବାକୁ ପସନ୍ଦ କରିଥାନ୍ତି I

8) ଯେଉଁମାନଙ୍କର ଯେକୌଣସି ମାସର 8,17,26, ତାରିଖରେ ରେ ଜନ୍ମ ହେଇଥାଏ: ଏହା ଶନି ର ଅଙ୍କ ଅଟେ I ଏମାନେ ସହଜରେ ପ୍ରେମରେ ପଡ଼ିନଥାନ୍ତି , ବହୁତ କମ ପ୍ରେମରେ ପଡ଼ିଥାନ୍ତି, ଯେଉଁମାନେ କି ମୃତ୍ୟୁ ପର୍ଯ୍ୟନ୍ତ ସାଥି କୁ ଭଲ ପାଇଥାନ୍ତି I

9) ଯେଉଁମାନଙ୍କର ଯେକୌଣସି ମାସର 9,18,27, ତାରିଖରେ ରେ ଜନ୍ମ ହେଇଥାଏ: ଏହା ମଙ୍ଗଳ ର ଅଙ୍କ ଅଟେ I ଏମାନେ ପ୍ରେମ ବିବାହ କୁ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ, କିନ୍ତୁ ପ୍ରେମ ବିବାହ ହେଉ କିମ୍ବା, ପରିବାର ନିଷ୍ପତି ରେ ହେଉ, ବିବାହ ପରେ ସାଥି ଙ୍କୁ ଏମାନେ ବହୁତ ପ୍ରେମ କରିଥାନ୍ତି ।

ସଂଗ୍ରାହକ: ଅଭିଳାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍,
କେନ୍ଦ୍ରାପଡ଼ା

ଜୁଲାଇ-୨୦୨୪
www.vedantimagazine.com
ISSN NO.
2582-208X

# ଶ୍ରୀ ଅଞ୍ଜନେୟ ମଙ୍ଗଳାଷ୍ଟକମ୍



ଅଧ୍ୟାପକ ଅବିନାଶ ବାରିକ୍

ଓଁ କପିଶ୍ରେଷ୍ଠାୟ ଶୂରାୟ ସୁଗ୍ରୀବପ୍ରିୟମନ୍ତ୍ରିଣେ ।
ଜାନକୀଶୋକନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୧ ॥

ମନୋବେଗାୟ ଉଗ୍ରାୟ କାଳନେମିବିଦାରିଣେ ।
ଲକ୍ଷ୍ମଣପ୍ରାଣଦାତ୍ରେ ଚ ଆଞ୍ଜନେୟାୟ ମଙ୍ଗଳମ୍ ॥ ୨ ॥

ମହାବଳାୟ ଶାନ୍ତାୟ ଦୁର୍ଦ୍ଦଣ୍ଡୀବନ୍ଧମୋଚନ ।
ମୈରାବଣବିନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୩ ॥

ପର୍ବତାୟୁଧହସ୍ତାୟ ରାକ୍ଷଃକୁଳବିନାଶିନେ ।
ଶ୍ରୀରାମପାଦଭକ୍ତାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୪ ॥

ବିରକ୍ତାୟ ସୁଶୀଳାୟ ରୁଦ୍ରମୂର୍ତ୍ତିସ୍ୱରୂପିଣେ ।
ଋଷିଭିସ୍ସେବିତାୟାସ୍ତୁ ଆଞ୍ଜନେୟାୟ ମଙ୍ଗଳମ୍ ॥ ୫ ॥

ISSN NO.
2582-208X

ଦୀର୍ଘବାଳାୟ କାଳାୟ ଲଙ୍କାପୁରବିଦାରିଣେ ।
ଲଙ୍କୀଣୀଦର୍ପନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୬॥

ନମସ୍ତେଽସ୍ତୁ ବ୍ରହ୍ମଚାରିନ୍ ନମସ୍ତେ ବାୟୁନନ୍ଦନ।
ନମସ୍ତେ ଗାନଲୋଲାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୭॥

ପ୍ରଭବାୟ ସୁରେଶାୟ ଶୁଭଦାୟ ଶୁଭାତ୍ମନେ।
ବାୟୁପୁତ୍ରାୟ ଧୀରାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୮॥

ଆଞ୍ଜନେୟାଷ୍ଟକମିଦଂ ଯଃ ପଠେତ୍ସତତଂ ନରଃ ।
ସିଦ୍ଧ୍ୟନ୍ତି ସର୍ବକାର୍ଯ୍ୟାଣି ସର୍ବଶତ୍ରୁବିନାଶନମ୍ ॥ ୯॥

ଇତି ଶ୍ରୀଆଞ୍ଜନେୟ ମଙ୍ଗଳାଷ୍ଟକମ୍ ସମ୍ପୂର୍ଣ୍ଣମ୍

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ଗୁଣ ବିଚାର



ମନୋରଞ୍ଜନ ସୁରୁଜାଲ

ଲୁଚେଇ କି କେବେ ରଖା ଯାଇପାରେ
ଜଳନ୍ତା ନିଆଁ ଅଙ୍ଗାର,
ଘୋଡେଇ ରଖିଲେ ଫୁଟି ଦିଶେ ତନୁ
ଜାଳି ପୋଡି ଅହଂକାର ।

ଫୁଟନ୍ତା ମଲ୍ଲୀର ବାସନା ଚହଟ
କି ଲୁଚେଇ ପାର ରଖି,
ମଧୁପ ଆଘ୍ରାଣେ ନିଶ୍ଚୟ ପଡଇ
ପ୍ରେମିକ କେବଳ ସାକ୍ଷୀ ।

ବଢିଲା ପ୍ରେମ କି ପଛଘୁଞ୍ଚା ଦିଏ
କିଏ ଅଟକେଇ ପାରେ,
ବସନ୍ତର ଛୁଆଁ ବାଜିଲେ ଦେହରେ
କଅଁଳ ପତର ଧରେ ।

ISSN NO.
2582-208X

ଉଜାଣି ନଇକୁ କି ବାଧା ବିପତ୍ତି
ଆଗକୁ ବଢଇ ଖରେ,
ସହଜାତ ଗୁଣ ବରଫ ସେମିତି
ତରଳି ତରଳି ଝରେ ।

ତୁଳସୀ ଯେପରି ଦୁଇ ପତରରୁ
ମହମହ ହୋଇ ବାସେ,
ବିଛୁଆତି ଗୁଣ କୁଣ୍ଡେଇବା ସାର
ଚରିତ୍ର ତା ବାରମାସେ ।

ଶୀତାଂଶୁ ତପନ ଆଲୋକ କରନ୍ତେ
କ୍ଷିତି ତହୁଁ ଉଠେ ହସି,
ଜଣିଏ ଶୀତଳ ଜଣିଏ ପ୍ରଖର
ଭରନ୍ତି ଜୀବନେ ଖୁସି ।

ସ୍ତୁପୀକୃତ ମେଘ ଶୀତଳ ପରଶେ
ଢାଳି ଦିଏ ମଧୁ ବିନ୍ଦୁ,
ଯେତେ ଯାଚିଲେବି ନିଏ ନାହିଁ କିଛି
ସଦେବ ଉଦାର ସିନ୍ଧୁ ।

ଗଛ ପତର ବି ଦେଇ ଜାଣେ ସୁଖ
ତନୁ ଫୁଲ ଫଳ ଛାଇ,
ସେ ଚେତନଶୀଳ ବିଭୁ ଆଜ୍ଞା ବାହି
ସୁଖ ବାଣ୍ଟୁଥାନ୍ତି ରହି ।

ISSN NO.
2582-208X

ମଣିଷ ଜୀବନ ମିଳିଛି ଯେହେତୁ
କରିବା ମଣିଷ କର୍ମ,
ମଣିଷ ଗୁଣରେ କଣ ଊଣା ତେବେ
ଭୁଲିଛୁଁ ଆପଣା ଧର୍ମ ।

ତାଙ୍କ ଇଚ୍ଛା ବିନା କି ମିଳେ ସଂସାରେ
ତୁଚ୍ଛା ଭିକ ଆଉ ଭେକ,
ଗୁଣ ଅବଗୁଣେ ଦୁନିଆଁ ବାଣ୍ଟିଲେ
ସମସ୍ତଙ୍କି କରି ଏକ ।

କେତେ ଦିନର ଏ ଜୀବନ ଚରିତ
ସମସ୍ତେ ଅତି ଆପଣା,
ଚିତ୍ରପଟ ଦିନେ ଲିଭି ଯିବ ଏଠୁ
ନ କର କହାକୁ ଘୃଣା ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଓଡ଼ିଶାର ପର୍ବପର୍ବାଣୀ- ସାବିତ୍ରୀ ବ୍ରତ



ସମ୍ପଦା ଦେବୀ

ଉପକ୍ରମ

ଭାରତୀୟ ପରମ୍ପରାରେ ଦୁଇ ଶ୍ରେଷ୍ଠ କନ୍ୟା ହେଲେ ସତୀ ଏବଂ ସାବିତ୍ରୀ । ଦୁହେଁ ମାତୃ – ଦେବୀଙ୍କ ଦୁଇ ଭିନ୍ନ ଭିନ୍ନ ମରଣଶୀଳ ବା ପାର୍ଥିବ ଅବତାର । ଉଭୟେ ଥିଲେ ରାଜକନ୍ୟା । ଦୁହେଁ ବିବାହ କରିଥିଲେ ସ୍ୱ- ଇଚ୍ଛାରେ । ବରଘରକୁ ଗମନ କରିଥିଲେ ବିନା ଯାନି- ଯୌତୁକରେ । ମହାଭାରତରେ ସାବିତ୍ରୀଙ୍କୁ ବର୍ଣ୍ଣନା କରାଯାଇଛି 'କନ୍ୟା ତେଜସ୍ୱିନୀ' ଭାବେ । ତାଙ୍କ ତେଜ- ବ୍ୟକ୍ତିତ୍ୱ ଆଗରେ ସେ ସମୟର କୌଣସି ପୁରୁଷ ଛିଡାହେଇପାରୁ ନ ଥିଲେ । ମାଦ୍ର ଦେଶର ରାଜା ଅଶ୍ୱପତି ସାବିତ୍ରୀ ଦେବୀଙ୍କୁ ପାର୍ଥନା କରି ତାଙ୍କୁ ପାଇଥିଲେ କନ୍ୟା ରୂପେ ଯେପରି ଦକ୍ଷରାଜ ଦେବ ମାତା ଅଦିତିଙ୍କୁ ତପସ୍ୟା ଦ୍ୱାରା ତୁଷ୍ଟ କରି ପାଇଥିଲେ ସତୀଙ୍କୁ । ସାବିତ୍ରୀଙ୍କ ବିବାହ ସମୟ ଉପସ୍ଥିତ ହୁଆନ୍ତେ, ଅଶ୍ୱପତି ତାଙ୍କ ପାଇଁ କିଭଳି ପତ୍ର ଚୟନ କରିବେ ସ୍ଥିର କରି ନ ପାରି ତାହା ଛାଡିଦେଲେ ସାବିତ୍ରୀଙ୍କ ଉପରେ । ପିତାଙ୍କ ମାନସିକ ଅବସ୍ଥାକୁ ଅନୁଭବ କରି ସାବିତ୍ରୀ ନିଜେ ବାହାରିଥିଲେ ବର ସନ୍ଧାନରେ ।

ସାବିତ୍ରୀଙ୍କର କାହାଣୀ :-

ଏମିତି ଦିନେ ରଥାରୂଢ ସାବିତ୍ରୀ ବନସ୍ତ ମଧ୍ୟରେ ଭେଟିଥିଲେ ଶାଲ୍ୱ ରାଜପୁତ୍ର ସତ୍ୟବାନଙ୍କୁ। ସେତେବେଳେ ଶାଲ୍ୱ ନରପତି ଦ୍ୟୁମତସେନ ଷଡଜନ୍ତ୍ରରେ ଶିକାର ହୋଇ

ISSN NO.
2582-208X

ରାଜ୍ୟରୁ ବିତାଡିତ ହୋଇ ବାସକରୁଥାନ୍ତି ନିଘଞ୍ଚ ଅରଣ୍ୟ ମଧ୍ୟରେ ସପରିବାରେ । ପର୍ଣ୍ଣ- କୁଟୀର ଭିତରେ ଅତି ସାଧାରଣ ଜୀବନଜାପାନ କରୁଥାନ୍ତି ସେମାନେ । ସତ୍ୟବାନଙ୍କ ରୂପ- ଗୁଣ ଦ୍ଵାରା ସାବିତ୍ରୀ ମୁଗ୍ଧ ହୋଇ କେବଳ ତାଙ୍କୁ ବିବାହ କରିବେ ବୋଲି ହୃଦୟ ଭୀତରେ ଅନୁଭବ କଲେ । ସତ୍ୟବାନଙ୍କ ଜୀବନ ସଂକ୍ଷିପ୍ତ ବୋଲି ନାରଦଙ୍କ ଠାରୁ ସୂଚନା ପାଇବା ସତ୍ତ୍ୱେ ସେ ତାଙ୍କୁ ବିବାହ କରି ରହିଥିଲେ ସେହି ଅରଣ୍ୟରେ । ଅଶ୍ୱପତି ଚାହିଁଥିଲେ ନିଜ କନ୍ୟାର ଖୁସି ପାଇଁ ଅନେକ କିଛି ଦେଇପାରିଥାନ୍ତେ । କିନ୍ତୁ ସାବିତ୍ରୀ ବା ସତ୍ୟବାନ କିଛି ବି ଚାହିଁ ନ ଥିଲେ ରାଜାଙ୍କ ଠାରୁ । ବିବାହର ଠିକ ବର୍ଷକ ପରେ ସତ୍ୟବାନଙ୍କର ମୃତ୍ୟୁ ଘଟିଲା । ସତ୍ୟବାନଙ୍କ ଆତ୍ମାକୁ ନେବା ପାଇଁ ଯମ- ରାଜ ଆସିଲେ। ସାବିତ୍ରୀ କିନ୍ତୁ ତାଙ୍କୁ ଛାଡିବା ଲାଗି ପ୍ରସ୍ତୁତ ନ ଥିଲେ । ସତ୍ୟବାନ ଆତ୍ମା ସହ ଯିବାକୁ ସ୍ଥିର କରିସାରିଥିଲେ ସେ । ଯମ ତାଙ୍କୁ ବିଝାଇବାରେ ବିଫଳ ହେବା ପରେ ସତ୍ୟବାନଙ୍କ ଜୀବନ ଭିନ୍ନ ଅନ୍ୟ କିଛି ବର ମାଗିବାକୁ କହିଲେ । ସାବିତ୍ରୀ ଚାହିଁଲେ ଶ୍ୱସୁରଙ୍କ ଦୃଷ୍ଟି- ଶକ୍ତି ଏବଂ ରାଜ୍ୟ ସାଙ୍ଗକୁ ଶହେ ପୁତ୍ରଙ୍କ ମାଆ ହେବା ପାଇଁ । ଯମ "ତଥାସ୍ତୁ" କହିବା ଛଡା ଅନ୍ୟ ଉପାୟ ନ ଥିଲା । ସାବିତ୍ରୀଙ୍କ ପରି ମହାସତୀ ବିନା ସ୍ୱାମୀରେ ସନ୍ତାନ ଜନ୍ମ କରିବା ମଧ୍ୟ ସମ୍ଭବ ନ ଥିଲା । ଏଣୁ ଯମ ରାଜ ବାଧ୍ୟ ହୋଇ ସତ୍ୟବାନଙ୍କ ଜୀବନ ଫେରାଇଦେଲେ । ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ଅମାବାସ୍ୟାରେ ଓଡିଶା ଏବଂ ଆନ୍ଧ୍ରପ୍ରଦେଶରେ ପାଳନ କରାଯାଏ । ସାବିତ୍ରୀ ବ୍ରତ । ଏହି ଅବସରରେ ସାଧବମାନେ ଶିଳ- ପୁଆ ପୂଜା କରିବା ଓଡିଆ ପରମ୍ପରା ।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ବର୍ଷା ତୁମେ ଆସିଲ



ଦୁଷ୍ମନ୍ତ ବେହେରା

ଅପେକ୍ଷା କରିଥିଲି ତୁମକୁ ବର୍ଷା
ଗ୍ରୀଷ୍ମରେ ଜଳୁଥିଲା ଦେହ ଶରୀର
ବର୍ଷା ତୁମେ ଆସିଲ ବିଜୁଳି ଘଡ଼ଘଡ଼ି
ଶିତୁଆ ହାଉଲା ପବନକୁ ନେଇ !!!

ଗ୍ରୀଷ୍ମର ଆଗମନ ରେ ଦେହ ମୋର
ସୁନ୍ଦର ରୁ ଛିନ୍ନ ହେଉଥିଲା
ତୁମୋ ଠୋପାରେ ଦେହ ମୋର
ସୁନ୍ଦର ରୁ ଯୌବନ ଧରିଲା !!!

ସୁଁ ସୁଁ ଶବ୍ଦ ଝି ଝି ନାଦ ରେ ଦେହ
ମୋର ନୃତଙ୍ଗରେ ନାଚି ଉଠିଲା
ତୁମେ ନଥିଲ ବର୍ଷା ମୋର କି ଦେହ
ମନ ଯୌବନ ସୁନ୍ଦର ହୋଇଥାନ୍ତା !!!

ISSN NO.
2582-208X

ବର୍ଷାଟୋପା ବରଷିଲେ ତୁମର
ଫାଟି ହୋଇଯାଏ ମୋର ମନ ଦୁଃଖ
କଣ କହିବି ଏ ପ୍ରକୃତି ର ଖେଳ
ଖେଳି କନ୍ଦାଏ ଜୀବନ ଯାକ !!!

ବର୍ଷା ତୁମର ଆଗମନ ରେ
ବେଙ୍ଗ ଯେ ବୋବାନ୍ତି
ଜିଆ କଲିକତରା ଝିଣ୍ଟିକା ଗଣ
ଖୁସିରେ ନାଚିଉଠନ୍ତି ପଶୁପକ୍ଷୀ ଗଣ!

କି କହିବି ଗାଈ ଯେ ନାଚି ଉଠନ୍ତି
ତୁମ ଆଗମନର କୂଳେ
ଗାଁ ଗଣ୍ଡା ଚଷା ପୁଅ ଯେ ହସିଉଠେ
ତୁମ ଆଗମନକୁ ନେଇ !!!

ଚଷା ପୁଅ କରେ ବିଲରେ ହଳ
ଖେଳିଯାଏ ଶଷ୍ୟ ଶ୍ୟାମଳ
ପ୍ରକୃତି ହସିଲେ ହସେ ସାରା ସଂସାର
ବର୍ଷାତୁମେ ଆସିଲ ବର୍ଷାତୁମେ ଆସି!

ସୌଭଗ୍ୟଲକ୍ଷ୍ମୀ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଶ୍ରୀ ହନୁମଦ ସୁପ୍ରଭାତମ୍



ଅଳକା ବାରିକ୍

ଓଁ

ଶ୍ରୀସୀତାରାମାଭ୍ୟାଂ ନମଃ ।

ଶ୍ରୀମଦାଞ୍ଜନେୟାୟ ନମଃ ।

ଓଁ

ଅମଳକନକବର୍ଣ୍ଣଂ ପ୍ରଜ୍ୱଳତ୍ପାବକାକ୍ଷଂ

ସରସିଜନିଭବକ୍ତ୍ରଂ ସର୍ବଦା ସୁପ୍ରସନ୍ନମ୍

ରଣରଚନସୁଗାତ୍ରଂ କୁଣ୍ଡଳାଳଙ୍କୃତାଙ୍ଗମ୍

ପରଜୟକରବାଳଂ ରାମଦୂତଂ ନମାମି ॥

ଶ୍ରୀରାମଚନ୍ଦ୍ରଚରଣାମ୍ବୁଜମତ୍ତଭୃଙ୍ଗ

ଶ୍ରୀରାମମନ୍ତ୍ରଜପଶୀଳ ଭବାବ୍ଧିପୋତ ।

ଶ୍ରୀଜାନକୀହୃଦୟତାପନିବାରମୂର୍ତ୍ତେ

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୧॥

ଶ୍ରୀରାମଦିବ୍ୟଚରିତାମୃତାସ୍ୱାଦଲୋଲ

ଶ୍ରୀରାମକିଙ୍କର ଗୁଣାକର ଦୀନବନ୍ଧୋ ।

ISSN NO.
2582-208X

ଶ୍ରୀରାମଭକ୍ତ ଜଗଦେକମହୋଗ୍ରଶୌର୍ଯ୍ୟ
ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୨॥

ସୁଗ୍ରୀବମିତ୍ର କପିଶେଖର ପୁଣ୍ୟମୂର୍ତ୍ତେ
ସୁଗ୍ରୀବରାଘବସମାଗମଦିବ୍ୟକୀର୍ତ୍ତେ ।
ସୁଗ୍ରୀବମନ୍ତ୍ରିବର ଶୂରକୁଳାଗ୍ରଗଣ୍ୟ
ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୩॥

ଭକ୍ତାର୍ତ୍ତିଭଞ୍ଜନ ଦୟାକର ଯୋଗିବନ୍ଦ୍ୟ
ଶ୍ରୀକେଶରୀପ୍ରିୟତନୂଜ ସୁବର୍ଣ୍ଣଦେହ ।
ଶ୍ରୀଭାସ୍କରାତ୍ମଜମନୋଽମ୍ବୁଜଚଞ୍ଚରୀକ
ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍॥ ୪॥

ଶ୍ରୀମାରୁତପ୍ରିୟତନୂଜ ମହାବଳାଢ୍ୟ
ମୈନାକବନ୍ଦିତପଦାମ୍ବୁଜ ଦଣ୍ଡିତାରିନ୍ ।
ଶ୍ରୀ ଉଷ୍ଟ୍ରବାହନ ସୁଲକ୍ଷଣଲକ୍ଷିତାଙ୍ଗ
ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍॥ ୫॥

ପଞ୍ଚାନନସ୍ୟ ଭବଭୀତିହରସ୍ୟ
ରାମପାଦାବ୍ଜସେବନପରସ୍ୟ ପରାତ୍ପରସ୍ୟ ।
ଶ୍ରୀ ଅଞ୍ଜନାପ୍ରିୟସୁତସ୍ୟ ସୁବିଗ୍ରହସ୍ୟ
ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍॥ ୬॥

ଗନ୍ଧର୍ବଯକ୍ଷଭୁଜଗାଧିପକିନ୍ନରାଶ୍ଚ
ଆଦିତ୍ୟବିଶ୍ୱବସୁରୁଦ୍ରସୁରର୍ଷିସଙ୍ଘାଃ ।

ISSN NO.
2582-208X

ସଂକୀର୍ତୟନ୍ତି ତବ ଦିବ୍ୟସୁନାମପଙ୍କ୍ତିମ୍

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୭॥

ଶ୍ରୀଗୌତମଚ୍ୟବନତୁମ୍ବୁରୁନାରଦାତ୍ରି

ମୈତ୍ରେୟବ୍ୟାସଜନକାଦିମହର୍ଷିସଙ୍ଘାଃ ।

ଗାୟନ୍ତି ହର୍ଷଭରିତାସ୍ତବ ଦିବ୍ୟକୀର୍ତ୍ତିଂ

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୮॥

ଭୃଙ୍ଗାବଳୀ ଚ ମକରନ୍ଦରସମ୍ ପିବେଦ୍ୟ

କୂଜନ୍ତ୍ୟୁଦାରମଧୁରଂ ଚରଣାୟୁଧାଶ୍ଚ ।

ଦେବାଳୟେ ଘନଗଭୀରସୁଶଙ୍ଖଘୋଷଃ

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୯॥

ପମ୍ପାସରୋବରସୁପୁଣ୍ୟପବିତ୍ରତୀର୍ଥମାଦାୟ

ହେମକଳଶୈଶ୍ଚ ମହର୍ଷିସଙ୍ଘାଃ ।

ତିଷ୍ଠନ୍ତି ତ୍ୱଚ୍ଚରଣପଙ୍କଜସେବନାର୍ଥଂ

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୧୦॥

ଶ୍ରୀସୂର୍ଯ୍ୟପୁତ୍ରପ୍ରିୟ ନାଥ ମନୋଜ୍ଞମୂର୍ତ୍ତେ

ବାତାତ୍ମଜାତ କପିବୀର ସୁପିଙ୍ଗଳାକ୍ଷ ।

ସଞ୍ଜୀବନାୟ ରଘୁବୀରସୁଭକ୍ତବର୍ଯ୍ୟ

ଶ୍ରୀବୀର ଧୀର ହନୁମନ୍ ତବ ସୁପ୍ରଭାତମ୍ ॥ ୧୧॥

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ବୃଦ୍ଧ ବାପା ଓ ମାଆ କ'ଣ ନିଜ ପିଲାଙ୍କ ଉପରେ ବୋଝ ?



ଅନନ୍ୟା ପ୍ରଧାନ

'ମାଆ' ଯିଏ କି ତା'ର ଶିଶୁ କୁ ୯ ମାସ ନିଜ ପେଟ ଭିତରେ ରଖି ଦୁଃଖ କଷ୍ଟ ସହି ଜନ୍ମ ଦେଇଥାଏ ଏବଂ 'ବାପା' ଯିଏ କି ସେଇ ଜନ୍ମିତ ଶିଶୁ ଟିର ଜନ୍ମ ସବୁ ଦୁଃଖ ଓ ସୁଖ କୁ ଆପଣାଇ ନେଇଥାନ୍ତି ଏବଂ ଶିଶୁ ଟିର ଜନ୍ମ ଠାରୁ ଶିଶୁ ଟି ବଡ଼ ହେବା ପର୍ଯ୍ୟନ୍ତ ତା'ର ସବୁ କିଛି ସୁବିଧା କୁ ବୁଝିଥାନ୍ତି। କିନ୍ତୁ ଦୁର୍ଭାଗ୍ୟ ର କଥା ଏହା କି ସେହି ଶିଶୁ ଟି ଦିନେ ବଡ଼ ହୋଇ ନିଜ ବାପା ଓ ମାଆ ଙ୍କୁ ବୋଝ ଭାବି ବୃଦ୍ଧାଶ୍ରମ ରେ ଛାଡି ଦେଉଛି ତ କିଏ ନିଜ ବାପା ଓ ମାଆ ଙ୍କୁ ଗୋଟିଏ ମାସ ଲେଖାଏଁ ଭାଗ କରି କି ଖାଇବା ପାଇଁ ଦେଉଛନ୍ତି। ଏଇଟା କ'ଣ ଠିକ୍ କି ? ଯେଉଁ ମାଆ ଓ ବାପା ନିଜ ଛୁଆ ପାଇଁ ନିଜେ ନ ଖାଇ ଖାଇବା ପାଇଁ ଦେଲେ, ନିଜେ ଫଟା ବସ୍ତ୍ର ପିନ୍ଧି ଛୁଆ ଟିକୁ ନୂଆ ବସ୍ତ୍ର ପିନ୍ଧିବା ପାଇଁ ଦେଲେ, ଛୁଆ ଶିକ୍ଷିତ ହୋଇ ଭବିଷ୍ୟତ ରେ ବଡ଼ ମଣିଷ ହେବ ବୋଲି ପାଠ ପଢ଼ାଇ ଥିଲେ ସେଇ ବାପା ଓ ମାଆ ଙ୍କୁ ବୋଝ ଭାବି ବୃଦ୍ଧ ବୟସରେ ବୃଦ୍ଧାଶ୍ରମ ରେ ଛାଡି ଦେବା କ'ଣ ଠିକ୍ କଥା କି? ସତ ରେ କ'ଣ ବୟସ ହୋଇଗଲେ ଅଲୋଡା ହୋଇଯାଆନ୍ତି ବାପା ଓ ମାଆ । ପିଲାଙ୍କ ଆଗରେ କ'ଣ ସେମାନଙ୍କ କୌଣସି ମୂଲ୍ୟ ନ ଥାଏ। ଜନ୍ମ କଲା ବାପା ମାଆଙ୍କୁ ଅଦରକାରୀ ଭାବି ଏଣେତେଣେ ଫୋପାଡି ଦେବା କ'ଣ ଠିକ୍ କି ? ମୁଁ ସେହି ପୁଅ ଓ ଝିଅଙ୍କୁ ପ୍ରଶ୍ନ କରୁଛି ଯେଉଁ ମାନେ ନିଜ ବାପା ଓ ମାଆ ଙ୍କ ସହ ଏମିତି ବ୍ୟବହାର କରୁଛନ୍ତି, ଏଇଟା କ'ଣ ଠିକ୍ କରୁଛ ତୁମେ ମାନେ ? କ'ଣ ତୁମ ବିବେକ ତୁମକୁ ଏହା କରିବା ପାଇଁ କହିଛି ? ତୁମେ ନିଜକୁ ନିଜେ ଥରେ ପ୍ରଶ୍ନ କର ଏହା କ'ଣ ଠିକ୍ ? ଏମିତି

ISSN NO.
2582-208X

ସବୁ ଜିନିଷ କ'ଣ ଆଗାମୀ ପିଢ଼ି କୁ ଖରାପ କରୁନି ? ତୁମ ପିଲା ଏହି ସବୁ ବ୍ୟବହାର ଦେଖି କ'ଣ ଉଚିତ୍ ଶିକ୍ଷା ପାଇବେ ? ଏତେ ଉଚ୍ଚ ଶିକ୍ଷିତ ହୋଇ ଯଦି ତୁମେ ସବୁ ଏମିତି କାମ କରିବ ହେଲେ ତୁମ ଶିକ୍ଷା ର ଲାଭ କ'ଣ ? ଧିକାର୍ ତୁମ ମାନଙ୍କୁ । ବାପା ମାଆ କେତେ ଆଶା ନେଇ ପୁଅ ବା ଝିଅ ଟିଏ ଜନ୍ମ କରିଥାଆନ୍ତି। ସମସ୍ତେ କୁହନ୍ତି ପୁଅ ଝିଅ ଅଛନ୍ତି ତ ସାହା ଅଛି। ବାପା ମଧ୍ୟ ନିଜ କୁ ଗର୍ବ ମନେ କରନ୍ତି ପୁଅ/ ଝିଅ ଟିର ବାପ ହୋଇ । ହେଲେ ପୁଅ ଟି ବଡ଼ ହୋଇ ନିଜ ଗୋଡ଼ ରେ ନିଜେ ଠିଆ ହେଲା ପରେ ସେଇ ପୁଅ ଯଦି ବାପା ଓ ମାଆ ଙ୍କୁ ଭାଗ ମାଗିବ, ଆଉ ନ ଦେଲେ ଅକଥନୀୟ ନିର୍ଯାତନା ଦବ ତାହେଲେ ସେଇ ବାପା ମା'ଙ୍କ ଉପରେ କ'ଣ ବିତୁଥିବ ଟିକିଏ ଚିନ୍ତା କର । ଏମିତି ସନ୍ତାନ ଜନ୍ମ କରିବା ଠାରୁ ଭଲ ସନ୍ତାନ ଜନ୍ମ ନ କରିବା ।

ମେଡିକାଲ ଦ୍ୱିତୀୟ ବର୍ଷ ଛାତ୍ରୀ
ସମ୍ବଲପୁର, ଓଡ଼ିଶା

ISSN NO.
2582-208X

# ସନେଟ୍-
# କଥା ମରିଗଲେ



ତାରାପ୍ରସାଦ ଜେନା

ମୋହ ମରିଗଲେ ମାୟା ଛାଡ଼ିଯାଏ ହଟଇ ଅଧର ଚୁମା
ପ୍ରେମ ମରିଗଲେ କହିବନି ଆଉ ଭୁଲାଣି ନିଜକୁ କ୍ଷମା ।
ହସ ମରିଗଲେ ବାହାରକୁ ସିନା ମରେନା ଭିତର ହସ
ଆଶା ମରିଗଲେ ଉପରକୁ ହାଏ ମନରେ ହୁଏନା ଶେଷ ।

ଜହ୍ନ ମରିଗଲେ ଚାନ୍ଦିନୀର ଡୁବ ବୁଝେନା ନିରୀହା କଇଁ
ଦିନ ମରିଗଲେ ରାତି ଅଭିସାର ଆଖିରେ ଉଠୁଚି ଚେଇଁ ।
ଶୋଷ ମରିଗଲେ ବାହାନାର କଥା ଭାବର ଉଦ୍ଦାମ ଖେଳ
ଲୁହ ମରିଗଲେ କୋହ ଧୂଆଁ ଉଠେ ଜୀବନ ତମାମ ଗୋଳ ।

ପୁଣ୍ୟ ମରିଗଲେ ଭାବନାର ବସା ଭାଙ୍ଗୁଛି ଅଦିନ ଝଡ଼
ଶାନ୍ତି ମରିଗଲେ ଅତୀତର ପୃଷ୍ଠା ପହଳି କରୁଛି ବଡ଼ ।
ସତ ମରିଗଲେ ଛଳନାର ବିଷ ଆଘାତ ଦେଉଛି ଆଗ
ଭାଷା ମରିଗଲେ ଭାବନାକୁ ଛାଡ଼ି ବାହାରି ପଡ଼ୁଛି ରାଗ ।

ଏଠି ମରିଯିବା ନିତି ସିନା ଚାଲେ ଆତ୍ମାକୁ ଦେଉଛି ବାଧା
ମରଣର ଆହା କେତେ ଅଭିସାର କୃଷ୍ଣଙ୍କୁ ଖୋଜୁଛି ରାଧା ।

ଗ୍ରାମ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ନୀପ ମୂଳିଆ ସେ ଚିକଣ କାଳିଆ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଶିଖି ପୁଚ୍ଛ ଶୋହେ ଶିର ।
ରାବଣାରୀ ରାମ ଶ୍ରୀପୁରୁଷୋତ୍ତମ
ଦ୍ୱାପରେ ରଙ୍ଗାବତାର ।
ଉଦନ୍ତ ବୁଝଇ ଚଉଦ ପୂରର
ଦାମୋଦର ନନ୍ଦ ସୁତ ।
ତରକକୁ ଦୂର କୃଷ୍ଣ ରାଧାବର
ଶ୍ରୀପତି ଶ୍ରୀମତୀ କାନ୍ତ ।
ଗିରି ଗୋବର୍ଦ୍ଧନ ଧାରଣ ମୋହନ
ଭଦ୍ରାଗ୍ରଜ ଦେବରାଜ ।
ରିଷ୍ଟ କରେ ନାଶ କମଳା ବିଳାସ
ନଟ ରାଟ ରାମାନୁ
ବଂଶୀ ବଦନ ଶ୍ରୀଧର ନନ୍ଦ ନାନ
ରୁକ୍ମିଣୀ ଦେବୀଙ୍କ ଧବ ।
ଧରଣୀ ଧାରଣ ଦେବ ନାରାୟଣ
ବରାହ ରୂପୀ କେଶବ ।

ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଆଜି ଆସନ୍ତୁ ଜାଣିବା "ଶ୍ରୀଜଗନ୍ନାଥଙ୍କ ନାମର ପ୍ରକୃତ ସାର୍ଥକତା" ସମ୍ବନ୍ଧରେ

ପାର୍ବତୀ ଦେବୀ

ଆମେ ଦୀପାବଳି ପାଳୁ କାର୍ତ୍ତିକ ଅମାବାସ୍ୟାରେ। କେତେକ ଅଞ୍ଚଳରେ ଏହା ତିନିଦିନ ଧରି ପାଳିତ ହେଲେ ମଧ୍ୟ, ମୁଖ୍ୟତଃ ଏହି ଗୋଟିଏ ଦିନ ହିଁ ମୁଖ୍ୟ। କିନ୍ତୁ ଶ୍ରୀମନ୍ଦିରରେ ଦୀପାବଳି ପାଳନ ହୁଏ ତିନିଦିନ ଧରି। ଏହି ତିନି ଦିନ ହେଉଛି- ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶିର ଅମାବାସ୍ୟା ଓ ମାର୍ଗଶିର ଶୁକ୍ଳ ପ୍ରତିପଦା। ଏହି ଦୀପାବଳିରେ ଶ୍ରୀଜଗନ୍ନାଥ ତାଙ୍କର ପିତୃପୁରୁଷଙ୍କୁ ଦୀପଦାନ କରିଥାଆନ୍ତି। ଏହାର ନାମ 'ଦେବ ଦୀପାବଳି'।

ଶାସ୍ତ୍ରମତ ଅନୁସାରେ, ଶ୍ରୀଜଗନ୍ନାଥ ସାକ୍ଷାତ୍ ପରଂବ୍ରହ୍ମ। ତାଙ୍କର ପିତା, ମାତା, ପିତାମହ ଆଦି କେହି ନାହାନ୍ତି। କିନ୍ତୁ 'ସ୍କନ୍ଦ ପୁରାଣ- ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟ' ଅନୁସାରେ, ଦାରୁ ଶରୀର ଧାରଣ କରିଥିଲେ ମଧ୍ୟ, ସେ ସାକ୍ଷାତ୍ ପରଂବ୍ରହ୍ମ। କେବଳ ମାନବୀୟ ଲୀଳା କରିବା ନିମନ୍ତେ ସେ ଏହି ଦାରୁ ରୂପ ଧାରଣ କରିଛନ୍ତି। ଏଣୁ ଏହି ତିନି ଦିନ ସେ ଯେଉଁ ଦୀପଦାନ କରନ୍ତି- ତାହା ନିଜର ବାମନ ଅବତାରର ପିତାମାତା କଶ୍ୟପ ଓ ଅଦିତି, ଶ୍ରୀରାମ ଅବତାରର ପିତାମାତା- ଦଶରଥ ଓ କୌଶଲ୍ୟା, ଶ୍ରୀକୃଷ୍ଣ ସ୍ୱରୂପର ପିତାମାତା- ନନ୍ଦ ଓ ଯଶୋଦା ଏବଂ ଦେବକୀ ଓ ବସୁଦେବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ଦାରୁବ୍ରହ୍ମ ରୂପରେ, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମଧ୍ୟ ସେ ଦୀପଦାନ କରିଥାନ୍ତି।

ISSN NO.
2582-208X

ଏହି ଦେବ ଦୀପାବଳି ନୀତିରେ, ପ୍ରତି ମାସର ଏକାଦଶୀ ଦିନର ନୀତି ପରି ମହାଦୀପ ଆଳତି ହୁଏ ଏବଂ ମହାଦୀପ ଶ୍ରୀମନ୍ଦିରର ଅଁଳା ବେଢ଼ ଉପରକୁ ଉଠେ। ମହାଦୀପ ଶ୍ରୀମନ୍ଦିର ଉପରକୁ ନିଆଯିବା ସମୟରେ, ଶ୍ରୀନୀଳଚକ୍ରଙ୍କ ପାଇଁ ଚନ୍ଦନ ଓ ତୁଳସୀ ମଧ୍ୟ ନିଆଯାଇଥାଏ। ଯେଉଁ ସେବକ ଏହି ମହାଦୀପ ନିଅନ୍ତି ତାଙ୍କୁ 'ଗରୁଡ଼ ସେବକ' କୁହାଯାଏ। ତାଙ୍କର ଅନ୍ୟନାମ 'ଚୂନରା ସେବକ'। ଏହି ସେବକ ତୁଳସୀ ଓ ଚନ୍ଦନ ଶ୍ରୀନୀଳଚକ୍ରଙ୍କୁ ଲାଗି କରନ୍ତି। ଦଧିନଉତି ତଳେ ଦଣ୍ଡାୟମାନ ହୋଇ ମହାଦୀପ ଓ ଚନ୍ଦ୍ରଉଦିଆ ଜାଳନ୍ତି। ଅଁଳା ବେଢ଼ ଉପରେ ତିନିଥର ପରିକ୍ରମା କରିଥାଆନ୍ତି।

ଏହି ପରିକ୍ରମା ସମୟରେ ଗରୁଡ଼ସେବକ ଉଚ୍ଚସ୍ୱରରେ ଗଜପତି ମହାରାଜାଙ୍କୁ ଶଙ୍ଖେ ପୂରାଇ ଚକ୍ର ଆଢୁଆଳ କରି ରଖିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ନିବେଦନ କରନ୍ତି ଏବଂ "ହରି ବୋଲି ବୋଲ ହେ... ହରି ବୋଲି ବୋଲ ହେ... ହରିବୋଲ ବୋଲ ହେ। ମହାପ୍ରଭୁ! ସଂସାର ସୁଖୀ ରହୁ। ହରିବୋଲି ବୋଲ ହେ..." କହିଥାଆନ୍ତି।

ଏପରି ଭାବରେ ସାରା ସଂସାରର ମଙ୍ଗଳକାମନା, ଆମର ଆର୍ଷବାକ୍ୟ "ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ।"ର ଏକ ପ୍ରତିଧ୍ୱନି। ଏଥିରେ ରହିଛି ମହାପ୍ରଭୁ ଭାବରେ, ଶ୍ରୀଜଗନ୍ନାଥଙ୍କ ନାମର ପ୍ରକୃତ ସାର୍ଥକତା।

ସଂଗ୍ରାହିକା: ପାର୍ବତୀ ଦେବୀ
ନରେନ୍ଦ୍ରପୁର, ଅଳଭ୍, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ISSN NO.
2582-208X

# ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ



ମାଳତୀ ଦେବୀ

ଶ୍ରୀକ୍ଷେତ୍ର ଉତ୍କଳର ପୀଠ ସ୍ଥଳ ।
ମନମୋହନ ସେ ନନ୍ଦ ଦୁଲାଳ ।।
ତୀର୍ଥ ସକଳ ଯା ପାଦ ତଳିଆ ।
ମାତୃଭାଷା ମୋର ଅଟେ ଓଡ଼ିଆ ।।
ଲକ୍ଷ୍ମୀ ବାନ୍ଧବ ଚଉବର୍ଗ ଦିଆ ।
ତିନି ଗୁଣର ଅଧିକାରୀ ମାଆ ।।
ଦେବ ଙ୍କ ଅଗ୍ରଣୀ ସେ ଭାବଗ୍ରାହୀ ।
ବିତରେ କରୁଣା ଜଗତ ପାଇଁ ।।
ଲୋଟିଲେ ଶୀର ତାର ଶ୍ରୀଚରଣ ।
କାଳକୁ କରି ପାରଇ ଦମନ ।।
ପତିତ ପାବନ ଓଡ଼ିଆ ପୁଅ ।
ଡାକୁ ସରଦାର ନନ୍ଦ ତନୟ ।।
ଆର୍ତ୍ତତ୍ରାଣ ହରି ଉତ୍କଳ ପ୍ରାଣ ।
ଲିଭାଏ ଆପଦ କଲେ ସ୍ମରଣ ।।

ପୁରୁଣା ବଜାର,ଲୋକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ନହୋଇବ ଅଂଶୁଘାତ

ପ୍ରଦୀପ୍ତ କୁମାର ଦାସ

ସହି ହୁଏନାହିଁ ବଇଶାଖୀ ଖରା
ବଢ଼ି ବଢ଼ି ଯାଏ ତାତି -
ଦିନରେ ସଭିଏଁ ଓହଳ ବିକଳ
ଥଣ୍ଡା ଲାଗେ ହେଲେ ରାତି,
ନରମ ଦେହରେ ଗରମ ପବନ
ଛୁଇଁଲେ ଲାଗଇ କଷ୍ଟ -
ଖାଇ ହୁଏ ନାହିଁ ତବତ ଦରବ
ହୋଇଥାଏ ତେଣୁ ନଷ୍ଟ,
ଫିୟାନ କୁଲର ଏ.ସି. ଚାଲିଲେ ବି
ନହୁଅନ୍ତି କେହି ଖୁସି -
ଭାଲୁଆଟା କରେ ଜିଭ ଲହ ଲହ
ଭାଡ଼ି ତଳେ ଶୁଏ ପୁଷି,
ନାହିଁ ଆମ୍ବତୋଟା ନାହିଁବି ଜଙ୍ଗଲ
ଦେବାକୁ ଶୀତଳ ଛାଇ -
ବିଗିଡ଼ି ଯାଇଛି ଆମ ପରିବେଶ
ନିଦାଘ ମାରଇ ହାଇ,
ପଦାକୁ ବାହାରି ଦି'ପାଦ ଚାଲିଲେ
ବହୁତ ହାଲିଆ ଲାଗେ -

ISSN NO.
2582-208X

ମୂଲିଆଙ୍କୁ କାମ ବରାଡ କରିଲେ
ମୁହଁକୁ ଫୁଲାଇ ରାଗେ,
ତାଳସଜ ସହ ତରଭୁଜ କାଟି
ମିଶିକି ଖାଇବା ଆସ -
ଆଖୁରସ ଲସି ପଇଡ଼ ପିଇଲେ
ଭୋକ ଶୋଷ ହେବ ନାଶ,
ଲେମ୍ବୁପତ୍ର ଦହି ଯତନେ ମିଶାଇ
ଭୁଞ୍ଜିବା ପଖାଳ ଭାତ -
ନିଜେ ନିଜେ ଆମେ ସତର୍କ ରହିବା
ନହୋଇବ ଅଂଶୁଘାତ ।

କଣ୍ଟାବଣିଆ,ଛାନ୍ଦପଡ଼ା, ପ୍ରୀତିପୁର,ଯାଜପୁର
ମୋ - ୮୫୯୪୮୮୫୮୯୮

ISSN NO.
2582-208X



# ପୁରୁଣା ମଣିଷ - ନୂଆ ବିଚାର



ମମତା ନାୟକ

ଏହି ଆଲେଖ୍ୟଟି ମୋର ବ୍ୟକ୍ତିଗତ ଅନୁଭୂତି ଓ ଗୋଟିଏ ସତ୍ୟ ଘଟଣା ଉପରେ ଆଧାରିତ । ଆମେ ଗତ ୨୦ ବର୍ଷ ହେଲା ସୁଦୂର ବାଙ୍ଗାଲୋର ସହରରେ ରହି ଆସିଛୁ । ତେବେ ଓଡିଶାରେ ରହୁଥିବା ପରିବାର ଜନ ଏବଂ ମୋର ସ୍ୱାମୀଙ୍କର ଶହ ଶହ ହେତୁବାଦୀ ପାଠକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରହିଛି । ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ମାନବବାଦୀ ତଥା ହେତୁବାଦୀ ଜୀବନଶୈଳୀ ଅତିବାହିତ କରୁଛୁ । ଆମେ ରୂଢ଼ିବାଦୀ ଧାର୍ମିକ ପରମ୍ପରା ଓ ଅପସଂସ୍କୃତିରୁ ଦୂରେଇ ରହୁଛୁ । ସେଥିପାଇଁ ମଣିଷର ମୃତ୍ୟୁ ପରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ଏବଂ ଲୋକମାନଙ୍କୁ ସୁସ୍ୱାଦୁ ମୃତ୍ୟୁଭୋଜ ଦେବା ନିହାତି ଅନାବଶ୍ୟକ ବୋଲି ଆମର ମତ । ଏହି କୁପ୍ରଥା ଯୋଗୁଁ ଲକ୍ଷ ଲକ୍ଷ ଗରିବ ଲୋକମାନେ ଅଯଥା ଆର୍ଥିକ ବୋଝ ତଳେ ଦବି ଯାଉଛନ୍ତି । ଦେଶର ଅନେକ ପବିତ୍ର କୁହା ଯାଉଥିବା ପୁଷ୍କରିଣୀ ଏବଂ ନଦୀ କୂଳରେ ମୃତ ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ତର୍ପଣ ଓ ପିଣ୍ଡ ଦାନ କରିବା ଧନ୍ଦାରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି । ପୁଷ୍କରିଣୀ ଓ ନଦୀ ଜଳରେ ମୁଣ୍ଡର କେଶ, ଅସ୍ଥି ଓ ପୂଜା ସାମଗ୍ରୀ ଆଦି ଫିଙ୍ଗି ଜଳ ପ୍ରଦୂଷଣ କରୁଛନ୍ତି । ଏହା ପଛରେ କୌଣସି ତାର୍କିକ ଓ ବୈଜ୍ଞାନିକ ଆଧାର ନାହିଁ । କେବଳ ରହିଛି ଅହେତୁକ ଭୟ । କାଳେ ମୃତ ବ୍ୟକ୍ତିଙ୍କ ଅତୃପ୍ତ ଆତ୍ମା ଆମକୁ ହଇରାଣ କରିବ ।

ଗତ ୩୩ ବର୍ଷ ତଳେ ମୋର ଶ୍ୱଶୁରଙ୍କ ମୃତ୍ୟୁ ପରେ ଆମେ କେବେ ଶ୍ରାଦ୍ଧ ଓ ପିଣ୍ଡଦାନ କରିନାହୁଁ । ସେହିଦିନ ଆମ ପାଇଁ ସ୍ମୃତିଚାରଣ ଦିବସ । ସେହିଦିନ ଆମେ କୌଣସି ଅନାଥାଳୟ କିମ୍ବା ବୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ ଯଥାସାଧ୍ୟ ଖାଦ୍ୟ, ବସ୍ତ୍ର ଓ ଟଙ୍କା ଆଦି

ISSN NO.
2582-208X

ବଣ୍ଟନ କରିଥାଉ । ସେମାନଙ୍କ ମୁହଁରେ ଯେଉଁ ଖୁସି ପ୍ରକାଶ ପାଉ ତାହା ହିଁ ଆମର ଦିବଙ୍ଗତ ପିତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ।

ଗତ ଦୁଇ ବର୍ଷ ତଳେ ମୋର ଶ୍ୱଶୁରଙ୍କ ସ୍ମୃତି ଚାରଣ ଦିବସ (ସେପ୍ଟେମ୍ବର ୧୩ ତାରିଖ) ପାଖେଇ ଆସୁଥାଏ । ଆମେ ରହୁଥିବା ଅଞ୍ଚଳରେ ଗୋଟିଏ ଛୋଟ ବୃଦ୍ଧାଶ୍ରମ ଥିବା ଜାଣି ପାରିଲୁ । ଚାରି ଦିନ ପୂର୍ବରୁ ଆମେ ସେଠାକୁ ଯାଇ ରହୁଥିବା ୧୫ ଜଣ ବୟୋଜ୍ୟେଷ୍ଠ ପୁରୁଷ ଓ ମହିଳାଙ୍କୁ ଦେଖା କଲୁ । ଆମେ କାନାଡ଼ା ଭାଷା ଜାଣି ନଥିବାରୁ ସେମାନଙ୍କ ସହିତ ବାର୍ତ୍ତାଳାପ ସହଜ ହେଲା ନାହିଁ । ତେବେ ଜଣେ ୮୦ ବର୍ଷୀୟା ଶିକ୍ଷିତା ଭଦ୍ରମହିଳା ଅନୁପମା ଆମ୍ମା (ଛଦ୍ମ ନାମ) ଭଲ ଇଂରାଜୀ ଭାଷାରେ ଆମ ସହିତ ବାର୍ତ୍ତାଳାପ କଲେ । ସେଦିନ ୧୧ ଜଣ ପୁରୁଷ ଓ ୪ ଜଣ ସ୍ତ୍ରୀଲୋକ ଥିଲେ । ୩/୪ ଜଣଙ୍କ ବ୍ୟତୀତ ପ୍ରାୟ ସମସ୍ତେ ରୋଗଗ୍ରସ୍ତ । ଆଶ୍ରମକୁ ପରିଚାଳନା କରିବା ପାଇଁ ମଧ୍ୟମ ବୟସ୍କା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ଅଛନ୍ତି । ବୃଦ୍ଧାଶ୍ରମର ମାଲିକ ଜଣେ ସୁନା ରୂପାର ଗହଣା ବ୍ୟବସାୟୀ । ତା'ସହିତ ସେ ଜଣେ ପରୋପକାରୀ ତଥା ଦରଦୀ ମଣିଷ । ସେ ଦୂରରେ ରହୁଛନ୍ତି । ଆମେ ଠିକ କଲୁ ଯେ ଏହି ବର୍ଷ ଏହି ଆଶ୍ରମର ଲୋକମାନଙ୍କୁ ଖାଦ୍ୟ ଖୁଆଇବୁ । ଆମେ ମାଲିକଙ୍କର ମୋବାଇଲ ନମ୍ବର ମାଗି ତାଙ୍କୁ ଆମର ଉଦ୍ଦେଶ୍ୟ ଜଣାଇ ଅନୁମତି ଦେବାପାଇଁ ଅନୁରୋଧ କଲୁ । ସେ ଖୁସିରେ ଆମକୁ ଅନୁମତି ଦେବା ସହ ଧନ୍ୟବାଦ ଜଣାଇଲେ । ଆମେ ଅନୁପମା ଆମ୍ମାଙ୍କୁ ବି ଏହିକଥା ବୁଝାଇ କହିଦେଲୁ । ସେ ତାଙ୍କ ଭାଷାରେ ଅନ୍ୟମାନଙ୍କୁ କହିଦେବାରୁ ସମସ୍ତେ ଖୁସିରେ ଆମ ପ୍ରତି ହାତଯୋଡ଼ି ସମ୍ମତି ଜଣାଇଲେ ।

ନିର୍ଦ୍ଦିଷ୍ଟ ଦିନ ଆମେ ୧୫ ଜଣଙ୍କ ପାଇଁ ତାଙ୍କ ପସନ୍ଦର ନିରାମିଷ ଖାଦ୍ୟ ଘରେ ପ୍ରସ୍ତୁତ କରି ନେଇ ଯାଇଥିଲୁ । ଓଡ଼ିଆ ଘରର ମୋର ହାତ ରନ୍ଧା ଖାଦ୍ୟ ସମସ୍ତଙ୍କୁ ବହୁତ ପସନ୍ଦ ହୋଇଥିଲା । ତା'ପରେ ଆମେ ମଝିରେ ମଝିରେ ଆଶ୍ରମକୁ ବୁଲିବାକୁ ଯାଇ ସେମାନଙ୍କ ସୁଖ ଦୁଃଖ ବିଷୟରେ ଅନୁପମା ଆମ୍ମାଙ୍କ ସହ ଗପ କରି ଫେରିଆସୁ । ଆମ ଭିତରେ ଭଲ ସମ୍ପର୍କ ସ୍ଥାପନ ହେବା ପରେ ଆମେଦିନେ ଆମ୍ମାଙ୍କ ଜୀବନର କାହାଣୀ ଜାଣିବାକୁ ଆଗ୍ରହ ପ୍ରକାଶ କଲୁ। ଇତି ମଧ୍ୟରେ ଆମେ ପରସ୍ପର ଜାଣି ସାରିଥିଲୁ ଯେ ଆମର ହେତୁବାଦୀ ବିଚାରଧାରା ଏକ । କାରଣ ସେମାନେ ତାମିଲନାଡୁର ମହାନ ଦାର୍ଶନିକ, ବୁଦ୍ଧିଜୀବୀ, ସମାଜସେବୀ, ମାନବବାଦୀ ଓ ନିରୀଶ୍ୱରବାଦୀ ଇ.ଭି. ରାମସ୍ୱାମୀ ପେରିୟାରଙ୍କ ଅନୁଗାମୀ ଅଟନ୍ତି । ତାଙ୍କର ନିଜ ଘର ତାମିଲନାଡୁରେ କିନ୍ତୁ ତାଙ୍କ ସ୍ୱାମୀ ବାଙ୍ଗାଲୋରରେ

ISSN NO.
2582-208X

ଗୋଟିଏ ବଡ଼ କମ୍ପାନୀରେ ବରିଷ୍ଠ ଇଞ୍ଜିନିୟର ଭାବେ ଚାକିରି କରୁଥିବାରୁ ସେମାନେ ଅନେକ ଦିନରୁ ଏଠାରେ ରହୁଥିଲେ । ଅନୁପମା ଆତ୍ମଶାରୀରିକ ଭାବେ ଦୁର୍ବଳ ହେଇଯାଇଥିଲେ ବି ମାନସିକ ଭାବେ ବହୁତ ଦୃଢ଼ ଥିଲେ । ସେ ଗୋଟିଏ ସରକାରୀ ସ୍କୁଲରେ ଇଂରାଜୀ ଅଧ୍ୟାପିକା ଥିଲେ । ତାଙ୍କର ଦୁଇଟି ପୁତ୍ର । ଦୁହେଁଯାକ ବି.ଟେକ ଶିକ୍ଷା ପ୍ରାପ୍ତ କରି ବିଦେଶୀ କମ୍ପାନୀରେ ଚାକିରି କରୁଛନ୍ତି । ବଡ ପୁଅ ଆମେରିକାରେ ଏବଂ ସାନ ପୁଅ ସାଉଥ କୋରିଆରେ ନିଜ ନିଜର ସ୍ତ୍ରୀଙ୍କ ସହିତ ରହୁଛନ୍ତି ।

ସେ ନିଜର ସୁଖୀ ପାରିବାରିକ ପରିଚୟକୁ ସଂକ୍ଷିପ୍ତରେ କହୁଥିବା ବେଳେ ମୋ ମନରେ ବାରମ୍ବାର ଉଠୁଥିବା ପ୍ରଶ୍ନ ପଚାରିଦେଲି- ତେବେ ଆପଣ ଏଠାରେ କାହିଁକି ? ସେ ନିଜେ ହିଁ କହିଲେ - ଆପଣ ପଚାରିବା ଦରକାର ନାହିଁ, ମୁଁ କହିବି ମୋ ଜୀବନର ଅଭୁଲା କାହାଣୀ । ଆମର ଛୋଟ ପରିବାରରେ ସବୁ କିଛି ଠିକ ଚାଲିଥିଲା । ଇତି ମଧ୍ୟରେ ବଡପୁଅ ଭଲ ପାଇଲା ଗୋଟିଏ ଭିନ୍ନ ଜାତିର ଝିଅକୁ । ତାକୁ ବିବାହ କରିବାପାଇଁ ଆମଠାରୁ ଅନୁମତି ଚାହିଁଲା । ଆମର ଆପତ୍ତି କରିବାର କୌଣସି କାରଣ ନଥିଲା । ଦୁହିଁଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଚାକିରି ଆଦି ଠିକ ଥିଲା କିନ୍ତୁ ଝିଅଟି ଗୋଟିଏ ରୂଢ଼ିବାଦୀ ଓ କଟ୍ଟର ଧାର୍ମିକ ପରିବାରରେ ଜନ୍ମ ଗ୍ରହଣ କରିଥିଲା । ଅନ୍ତର୍ଜାତୀୟ ବିବାହ ପାଇଁ ଝିଅର ବାପା ଓ ମାଆ ପ୍ରଥମେ ରାଜି ନଥିଲେ କିନ୍ତୁ ଝିଅର ଜିଦ୍ ଯୋଗୁଁ ସେମାନେ ବାଧ୍ୟ ହେଇ ସମ୍ମତି ପ୍ରଦାନ କଲେ । ତେଣୁ ହିନ୍ଦୁ ରୀତି ନୀତି ଅନୁସାରେ ଦୁହିଁଙ୍କ ବିବାହ ସମ୍ପନ୍ନ ହେଲା ।

ବିବାହ ପୂର୍ବରୁ ଆମେ ପୁଅକୁ ସତର୍କ କରି କହିଥିଲୁ ଯେ ତୁମ ଦୁହିଁଙ୍କ ବୈଚାରିକ ମତଭେଦ ହୁଏତ ଦିନେ ଆମର ପାରିବାରିକ ଜୀବନରେ କ୍ଳେଶ ସୃଷ୍ଟି କରିବ । ସେ କିନ୍ତୁ ଗଭୀର ଆତ୍ମବିଶ୍ୱାସର ସହିତ କହିଥିଲା - "କିଛି ବ୍ୟସ୍ତ ହୁଅ ନାହିଁ ମାଆ; ମୁଁ ତାକୁ ମୋର ନିରୀଶ୍ୱରବାଦୀ ବିଚାରଧାରାରେ ସାମିଲ କରିଦେବି ।" ପରେ କିନ୍ତୁ ଆମର ସନ୍ଦେହ ସତ ହେଲା । ଝିଅ ବଦଳିଲା ନାହିଁ ବରଂ ପୁଅ ତା'ସହିତ ସମଝୋତା କରି ଆମଠାରୁ ଅଲଗା ରହିବାକୁ ବାଧ୍ୟ ହେଲା । ତଥାପି ଆମର କୌଣସି ଆପତ୍ତି ବା ଅଭିଯୋଗ ନଥିଲା ।

ଆମ ଘରେ ମାତ୍ର କିଛି ଦିନ ରହିବା ପରେ ଝିଅଟି ଆମ ପୁଅ ଆଗରେ ଜିଦ୍ କଲା ଯେ ମୁଁ ଏଠାରେ ରହିପାରିବି ନାହିଁ । କାରଣ ତୁମ ଘରେ କୌଣସି ପୂଜା ଘର ବା ଦେବୀ-ଦେବତା ନାହାନ୍ତି । ମୋତେ ପୂଜା ଅର୍ଚ୍ଚନା କରିବାକୁ ଅସୁବିଧା ହେଉଛି । ଆମେ ଦୁହେଁ ଅନ୍ୟ

ISSN NO.
2582-208X

କୌଣସି ଭଡା ଘରେ ରହିବା ।" ଆମେ ତା'ର ପୂଜା ପାଠରେ କୌଣସି ବାଧା ଦେବୁ ନାହିଁ ବୋଲି ଯେତେ ବୁଝାଇଲେ ମଧ୍ୟ ସେ ବୁଝିଲା ନାହିଁ । ପୁଅକୁ ଆମେ କହିଲୁ, ଠିକ ଅଛି ତା'ର ଖୁସି ପାଇଁ ତୁ ଅଲଗା ଘରେ ଯାଇ ରୁହ । ସେମାନେ ଅନ୍ୟ ଏକ ଭଡା ଘରେ ରହିଲେ। ଗୋଟିଏ ବର୍ଷ ପରେ ବୋହୂ ତା' ସ୍ୱାମୀକୁ କହି କହି ଆମେରିକାରେ ଚାକିରି ଖୋଜି ଚାଲିଯିବା ପାଇଁ ବାଧ୍ୟ କଲା । ପୁଅର ଅସହାୟ ନିରୀହ ମୁହଁଟି ଦେଖି ମୋର ଛାତି ଫାଟି ଯାଉଥିଲେ ବି ମୋ ସ୍ୱାମୀ ମୋତେ ସମ୍ଭାଳି ନେଉଥିଲେ । କହୁଥିଲେ - "ଏଇଟା ହେଉଛି ଜୀବନର ପରମ ସତ୍ୟ । ନିଜେ ବନ୍ଧନ ମୁକ୍ତ ହୁଅ ଏବଂ ସନ୍ତାନମାନଙ୍କୁ ବି ବନ୍ଧନ ମୁକ୍ତ କରିଦିଅ । ସନ୍ତାନମାନଙ୍କ ପ୍ରତି ମୋହ ରଖି ଭାବପ୍ରବଣ ହେଲେ ନିଜେ ସିନା ମାନସିକ ଦୁଃଖ ପାଇବ, ସେମାନଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ ।" ସେ ଠିକ କହୁଥିଲେ ।

ସାନ ପୁଅ ଗୋଟିଏ କୋରିଆନ କମ୍ପାନୀରେ ଚାକିରି କରୁଥିଲା । କିଛି ଦିନ ପରେ ମୋ ପୁଅ ଇଣ୍ଟରନେଟ ଜରିଆରେ ଗୋଟିଏ କୋରିଆନ ଝିଅକୁ ଭଲ ପାଇ ବସିଲା ।ସେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି କଲେ । ତାଙ୍କର ବିବାହ ପାଇଁ ବି ଆମର ଆପତ୍ତି ନଥିଲା । କିନ୍ତୁ ଝିଅର ସର୍ତ୍ତ ଥିଲା ଯେ ସେ ନିଜ ଦେଶ ଛାଡି ଭାରତକୁ ଯାଇ ପାରିବନାହିଁ । ଭାରତର ରହଣି ଓ ଜୀବନଶୈଳୀ ତାକୁ ପସନ୍ଦ ନୁହେଁ । ଅର୍ଥାତ ଯଦି ଆମ ପୁଅ ତାକୁ ବିବାହ କରିବ ତେବେ ସେ ଯାଇ କୋରିଆରେ ଚାକିରି କରିବ । ପୁଅ ବି ରାଜି ଥିବାରୁ ଆମେ ଅଗତ୍ୟା ରାଜି ହୋଇଗଲୁ ।

ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଖୁସିରେ ଜୀବନ ଯାପନ କରୁଥିଲୁ କିନ୍ତୁଗତ ୪ ବର୍ଷ ତଳେ ଦିନେ ହାର୍ଟ ଆଟାକ୍ ଯୋଗୁଁ ମୋ ସ୍ୱାମୀଙ୍କ ଦେହାନ୍ତ ହୋଇଗଲା । ମୁଁ ଗଭୀର ମାନସିକ ଆଘାତ ପାଇଲି । ତଥାପି ନିଜକୁ ସମ୍ଭାଳି ନେଲି । ଆମେ ଆଗରୁ ଆମର ମୃତ୍ୟୁପରେ ଗୋଟିଏ ମେଡିକାଲ କଲେଜକୁ ଶରୀର ଦାନ କରିବା ପାଇଁ ଚୁକ୍ତିନାମା ଦେଇ ସାରିଥିଲୁ । ସେଥିପାଇଁ କୌଣସି ବନ୍ଧୁ ବାନ୍ଧବ ବା ପୁଅମାନେ ଆସିବା ପାଇଁ ଅପେକ୍ଷା ନକରି ମୁଁତୁରନ୍ତ ତାଙ୍କର ଶରୀରକୁ ହସ୍ପିଟାଲକୁ ପଠେଇ ଦେଲି । କାରଣ ମୃତ୍ୟୁର ୬ ଘଣ୍ଟା ଭିତରେ ହସ୍ପିଟାଲରେ ଶରୀର ପହଞ୍ଚିଲେ କିଛି ଅଙ୍ଗ ଅନ୍ୟ ରୋଗୀମାନଙ୍କ ଶରୀରରେ ପୁନଃରୋପଣ ହେଇପାରିବ । ଆମଘରେ କୌଣସି ଶ୍ରାଦ୍ଧ ତର୍ପଣ ଆଦି କର୍ମକାଣ୍ଡ ହୁଏନାହିଁ । ପୁଅମାନେ

ISSN NO.
2582-208X

ଶିଷ୍ଟାଚାର ବଶତଃ ସ୍ତ୍ରୀ ମାନଙ୍କୁ ନ ଆଣି ଏକା ଏକା ଆସିଥିଲେ, ଆଠ ଦଶ ଦିନ ପରେ ଫେରିଗଲେ ।

ମୁଁ ସେତେବେଳକୁ ଚାକିରିରୁ ଅବସର ନେଇ ସାରିଥିଲି । ଏତେବଡ଼ ଘରେ ମୁଁ ଏକା ନିସଙ୍ଗ ଜୀବନ ଯାପନ କରିବାପାଇଁ ଉଚିତ ମନେ କଲିନାହିଁ । ସହରର କିଛି ବୃଦ୍ଧାଶ୍ରମ ବୁଲି ଦେଖିବା ପରେ ଏହି ବୃଦ୍ଧାଶ୍ରମର ମାଲିକଙ୍କ ସହ ପରିଚୟ ହେଲା । ମୁଁ ଏଠାରେ ରହିବାପାଇଁ ତାଙ୍କୁ ଅନୁରୋଧ କଲି । ସେ ଖୁସିରେ ମୋତେ ସ୍ୱାଗତ କଲେ । ଆମ ଘର ଭଡା ଲଗେଇଦେଇ ଏଠାକୁ ଆସି ମୁଁ ମାନସିକ ଭାବେ ବହୁତ ଶାନ୍ତି ପାଇଲି । ମୋର ଘର ଭଡା ଓ ପେନସନ ଟଙ୍କାରେ ମୋ ସହିତ ଅନ୍ୟମାନଙ୍କ ଚିକିତ୍ସା ଓ ଔଷଧ ଖର୍ଚ୍ଚ କରୁଛି । ମୋର ମୃତ୍ୟୁ ପରେ ଆଶ୍ରମ ମାଲିକ ମେଡିକାଲ କଲେଜକୁ ଶରୀର ଦାନ କରିଦେବେ । ତାପରେ ସବୁ ଶେଷ ହେଇଯିବ । ଏତିକି କହି ସେ ଯେପରି ଆଶ୍ୱାସ୍ତ ଅନୁଭବ କରିଥିବା ମୁଦ୍ରାରେ ହସିଦେଲେ । ଆମର ଆଉ କିଛି ଜାଣିବାର ନଥିଲା ।

ମୁଁ କହିଲି, ଆମେ ଦୁହେଁ ମଧ୍ୟ ଗତ ଛଅ ବର୍ଷ ତଳେ ମୃତ୍ୟୁ ପରେ ଶରୀର ଦାନ କରିବା ପାଇଁବାଙ୍ଗାଲୋର ସ୍ଥିତ ବୈଦେହୀ ମେଡିକାଲ କଲେଜକୁ ଇଛାପତ୍ର ଦେଇସାରିଛୁ । ତାପରେ ଅନ୍ୟ କୌଣସି ଧର୍ମୀୟ କର୍ମକାଣ୍ଡ କରିବା ଆବଶ୍ୟକ ନାହିଁ । ଅନୁପମା ଆମ୍ଭଙ୍କର ସକାରାତ୍ମକ ମାନବବାଦୀ ନୂତନ ବିଚାର ଓ ବିରଳ ବ୍ୟକ୍ତିତ୍ୱ ପ୍ରତି ଆମେ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇ ନମସ୍କାର କରି ଘରକୁ ଫେରିଲୁ । ଆଜିର ଦିନରେ ସମସ୍ତ ବୟୋଜ୍ୟେଷ୍ଠ ନାରୀ ଓ ପୁରୁଷଙ୍କ ପାଇଁ ଏହା ଏକ ଆହ୍ୱାନ ଏବଂ ଅପ୍ରିୟ କିନ୍ତୁ ସତ୍ୟ ସନ୍ଦେଶ । ନିଜର ରୂଢ଼ିବାଦୀ ବିଚାର ପରିବର୍ତ୍ତନ କରି ନୂତନ ଢଙ୍ଗରେ ଚିନ୍ତା କରନ୍ତୁ । ଶେଷ ଜୀବନରେ ପରମ ଶାନ୍ତି ମିଳିବ ।

ମୋ :୮୧୪ ୭୨୦୮୭୪୬

ISSN NO.
2582-208X

# ପୋଡ଼ା ସଳିତା



ମୋନାଲିସା ପାଣୀ

ଗୋଟେ ଛୋଟ ଦୀପ କିଛି ତେଲର ଆଶ୍ରାରେ
ଜଳୁଥାଏ ଦୁକୁଦୁକୁ କେଉଁ ଅଜଣା ରାଇଜରେ
ଟିକେ ଆଲୋକ ବର୍ତ୍ତିକା ସାଜିବାର ଆଶା ନେଇ...
ସମୟର ଅନ୍ତରାଳେ ଜଳି ଜଳି କ୍ଷୀଣ ହେଇଯିବାର
ଭୟ ନଥାଏ ତା ଆଖିରେ,
ତଥାପି ବାରମ୍ବାର ଲଢୁଥାଏ ନିଶି ର କୁହୁକକୁ ଟପିବାକୁ,
ହାରିବାର ଡରକୁ ଛାତିରେ ଚାପି ଯୋଦ୍ଧା ସାଜେ ସେଇ ଦୁଷ୍ଟ ପତଙ୍ଗମାନଙ୍କ ପାଖେ...
କିନ୍ତୁ ହାୟ, କି ଛାର ଭାଗ୍ୟ ତା'ର
ସେ କି ଜାଣେ କାଳ ନିକଟରେ ତାକୁ ଆଣ୍ଠେଇବାକୁ ପଡ଼ିବ,
ଆଉ ଲୋଟିପଡିବ ଗୋଟେ ଅଲୋଡ଼ା ପୋଡ଼ା ସଳିତା ହେଇ...

ଗୁଧାଦେଇପୁର, ଢେଙ୍କାନାଳ

ISSN NO.
2582-208X

# ନିଷ୍ଠୁର ନିଦାଘ

ନନ୍ଦିଘୋଷ ଭୋଇ

ଦାରୁଣ ନିଦାଘ ପ୍ରଭୂତେ ଦଗ୍ଧ ହୁଅଇ ଧରା,
ନିର୍ବାତ ଆତପୁ ନିଷ୍କୃତି ପାଇଁ ନ ମିଳେ ଚାରା ।

ଚତୁର୍ଦ୍ଦିଗେ ଖାଲି ଦିଶଇ ଗ୍ରୀଷ୍ମ କରାଳ ରୂପ,
ପରିବେଶ ହୁଏ ନିର୍ଜନ ସହି ନ ପାରି ତାପ ।

ସବୁଜ ବନାନୀ ବିକଳେ ସର୍ବେ ପଡ଼େ ଝାଉଁଳି,
ସୁନ୍ଦର ପ୍ରକୃତି ଅକ୍ଳେଶେ ସତେ ଯାଏ ମଉଳି ।

ଜଳାଶୟ ଶୁଷ୍କ ହୁଅଇ ଖର ରଶ୍ମି ପ୍ରଭାବେ,
ଶୁଷ୍କ ତରୁ ଡାଳେ ବିହଙ୍ଗ ବସିଥାନ୍ତି ନୀରବେ ।

ଶରୀର ଶୀତଳ ପାଇଁକି ଛାଇ ଖୋଜେ ବାଟୋଇ,
ଜଳଛତ୍ର ଆଶେ ପଥିକ ବାଟ ଚାଲେ ଅନାଇ ।

ତାଣ୍ଡବ ରଚନ୍ତି ମହୀରେ ପ୍ରଭୁ ସେ ଦିବାକର,
ଜନପ୍ରାଣୀ ଦୁଃଖେ ପଚାରେ ତବ ଏ କି ବେଭାର ।

ISSN NO.
2582-208X

ନିଷ୍ଠୁର କେମନ୍ତେ ତପନ ଦେଖି ଆମ୍ଭ ଦୁର୍ଗତି,
ମାର୍ଗଦର୍ଶୀ ହୁଅ ମାର୍ତ୍ତଣ୍ଡ କେହ୍ନେ ହେବ ମୁକତି ।

ସ୍ମିତ ହସ ଢାଳି ବଦନେ ପ୍ରଭୁ ସେ ବିକର୍ତ୍ତନ,
ଭାଷିଲେ ପ୍ରଚଣ୍ଡ କାରଣ ଚିତ୍ତେ ହୋଇ ପ୍ରସନ୍ନ ।

ଅଚିର ଆନନ୍ଦ ସକାଶେ କର ବନନାଶନ,
କୃତ କର୍ମ ଫଳ ଭୋଗୁଛ ଏହା ହେ ମୂଢ଼ ଜନ ।

ବେଳ ଥାଉଁ ବନ୍ଧ ବାନ୍ଧିଲେ ତହୁଁ ହେବ ଉଦ୍ଧାର,
ଚିର ବିପିନ କୁ ସୃଜିଲେ ମନେ ନ ଥିବ ଡର ।

ଚକ୍ ମକ୍ ଯୋରୀ, ବରଗଡ଼
ମୋ - ୮୧୪୪୦୪୪୮୪୫

ISSN NO.
2582-208X

# ସାଥୀ



ନନ୍ଦିତା ବଢ଼ାଇ

ଭଲ ମୁଁ ପାଇଛି ହୃଦୟ ଦେଇଛି
ଠିକଣା ଦେଇଛି କହି
ତୁମ ଛଡ଼ା ଆଉ ହୃଦୟକୁ ମୋ
ଆସିବାର ନାହିଁ କେହି ।
ଭସା ବାଦଲ ତୁ ଭାସି ଭାସି ଯିବୁ
ମୋ ପ୍ରିୟର ଘର ଦେଇ
ଦେଖିବୁ ମୋ ପ୍ରିୟ ଯାଇଥିବ ଯଦି
ବିରହ ନିଦରେ ଶୋଇ ।
ଘଡ଼ଘଡି ଆଉ ବିଜୁଳି ଆଲୋକେ
ତା ନିଦ ଭାଙ୍ଗିବୁ ନାହିଁ
ଦେଖୁଥିବ କାଳେ ମୋ ପ୍ରିୟ ସପନ
ଅଧାରୁ ଉଠିବ ଚେଇଁ ।
ଅପେକ୍ଷା କରିବୁ ଉଠିବାକୁ ତାର
ନିଦ ତା ଭାଙ୍ଗିବୁ ନାହିଁ
ଉଠିଲେ ତାଙ୍କୁ ତୁ କହିବୁ ମୋ କଥା
ମୁଁ ମନେ ଅଛି ନା ନାହିଁ ।
ବାଟ ଜଗିଅଛି ଅପେକ୍ଷାରେ ତାଙ୍କ

ISSN NO.
2582-208X

ଧର୍ଯ୍ୟ ମୋ ପାଖେ ଆଉ ନାହିଁ
କଥା ଦେଇଛନ୍ତି ଶୀଘ୍ର ଫେରିବାର
କିନ୍ତୁ ଏ ପର୍ଯ୍ୟନ୍ତ ଫେରି ନାହିଁ ।
ମନେ ପକାଇବୁ ତାଙ୍କୁ ତୁ ମୋ କଥା
ତୁ ମଧ୍ୟ ଭୁଲିବୁ ନାହିଁ
ଫେରିଲେ ତତେ ମୁଁ ଧନ୍ୟବାଦ ଦେବି
ତୋ ଚରଣରେ ମୁଁ ପଡ଼ି ।

କଦଳୀମୁଣ୍ଡା, ପଡ଼ିଆବହାଲ, ସମ୍ବଲପୁର

ISSN NO.
2582-208X

# ବନ ମହୋତ୍ସବ



ଲୀଳାବତୀ ପରିଡ଼ା

ଆଦିମ କାଳରୁ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ପୂଜା କରିବା ଏକ ପରମ୍ପରା ରହିଛି। ଆର୍ଯ୍ୟଭୂମି ଦେବଭୂମି ଭାରତବର୍ଷର ମୁନି ଋଷିଗଣ ଅରଣ୍ୟର ଶାନ୍ତ ସ୍ନିଗ୍ଧ ମନୋଜ୍ଞ ପରିବେଶରେ ତପସ୍ୟା କରି ସିଦ୍ଧିଲାଭ କରୁଥିଲେ। ଝରଣାର ସୁଶୀତଳ ଜଳ ଫଳ ମୂଳ ଆହାର ପୂର୍ବକ ହୋମ ଯଜ୍ଞ ନିମିତ୍ତ ସମିଧ ଯୋଗାଡ଼ କରୁଥିଲେ। ଗୁରୁକୁଳ ଆଶ୍ରମରେ ରହି ଶିଷ୍ୟଗଣ ବିଦ୍ୟାଶିକ୍ଷା କରୁଥିଲେ। ତ୍ରେତୟା ଯୁଗରେ ସ୍ୱୟଂ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଦେବୀ ସୀତାମାତା ଏବଂ ଲକ୍ଷ୍ମଣଙ୍କ ସହ ଏହି ଚିରସୁନ୍ଦର ବନାନୀ ଅରଣ୍ୟରେ ରହି ପିତୃସତ୍ୟ ପାଳନର ପରାକାଷ୍ଠା ଦେଖାଇଥିଲେ। ଦ୍ୱାପରରେ କଦମ୍ବ କୁଞ୍ଜକେଳୀରେ ଭଗବାନ ଶ୍ରୀକୃଷ୍ଣ ଭବ୍ୟ ବାଲ୍ୟଲୀଳା କରିଥିଲେ ଆଉ ଶେଷରେ ସେହି ଅରଣ୍ୟର ଶିଆଳି ଲତାକୁଞ୍ଜରେ ପାର୍ଥିବ ଶରୀରକୁ ତ୍ୟାଗ କରିଥିଲେ । ଆଉ ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ଏହି ଅରଣ୍ୟ ସମ୍ପଦର ନିମ୍ବଦାରୁରେ ସ୍ୱୟଂ ନିର୍ମିତ ଦାରୁବ୍ରହ୍ମ ରୂପେ ବିରାଜିତ। ତେଣୁ ଆମ ସଂସ୍କୃତି ତଥା ଆଧ୍ୟାତ୍ମିକ ଭାବଧାରାରେ ଅରଣ୍ୟର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସଚରାଚର ଜୀବଜଗତ ଏହି ଅରଣ୍ୟ ସମ୍ପଦ ଉପରେ ନିର୍ଭର କରନ୍ତି।କାରଣ ବୃକ୍ଷ ହିଁ ସବୁରି ମୂଳ ।

ଖାଦ୍ୟ ବସ୍ତ୍ର ବାସଗୃହ ଠାରୁ ଆରମ୍ଭ କରି ଗୃହୋପକରଣ ପାଇଁ ଏହି ଅରଣ୍ୟ ଉପରେ ଆମେ ନିର୍ଭର କରୁ। ଆମ ଜୀବନର ସତ୍ତା ଯାହା ବିନା ପଲକଟିଏ ମଧ୍ୟ ଜୀବଜଗତ ତିଷ୍ଠି

ISSN NO.
2582-208X

ରହି ପାରିବ ନାହିଁ, ସେ ହିଁ ଅମ୍ଳଜାନ ଯୋଗାଇଥାଏ। ବୃକ୍ଷ ଉତ୍ସ୍ୱେଦନ ପ୍ରକ୍ରିୟାରେ ଜଳ ବାଷ୍ପୀକରଣ ହୋଇ ବର୍ଷାରେ ପରିଣତ ହୁଏ। ଝୁଣା, ଲାଖ, ମହୁ, କେନ୍ଦୁପତ୍ର, ମହୁଲ, ବେତ, ସବାଇଘାସ ତଥା ନାନାବିଧ ଔଷଧୀୟ ବୃକ୍ଷର ଚେର ମୂଳ ସଂଗ୍ରହ କରାଯାଏ ଯାହା ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ମନୁଷ୍ୟର ଅର୍ଥନୈତିକ ସମ୍ବଳ ଅଟେ । ଅଙ୍ଗାରକାମ୍ଳ ଭଳି ବିଷାକ୍ତ ବାଷ୍ପକୁ ଗ୍ରହଣ କରି ବୃକ୍ଷ ଖାଦ୍ୟ ପ୍ରସ୍ତୁତି କରେ ଆଉ ଜୀବଜଗତକୁ ଅମ୍ଳଜାନ ଯୋଗାଇଥାଏ। ମୃତ୍ତିକା କ୍ଷୟକୁ ରୋକିଥାଏ। ଜମିର ଉର୍ବରତା ରକ୍ଷା କରିଥାଏ। ଜଳ ନିମ୍ନୀକରଣ ପ୍ରକ୍ରିୟାରେ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ପ୍ରାକୃତିକ ଦୁର୍ବିପାକରୁ ଏହି ଅରଣ୍ୟ ସମ୍ପଦ ଆମକୁ ରକ୍ଷା କରିଥାଏ। ବାଟୋଇକୁ ଶୀତଳ ଛାୟା ପ୍ରଦାନ ପୂର୍ବକ ନିଷ୍ଠୁର ନିଦାଘ କଷଣରୁ ମୁକ୍ତି ଦେଇଥାଏ। ପ୍ରାକୃତିକ ସବୁଜ ବଳୟ ଓଜୋନସ୍ତରକୁ ସୁରକ୍ଷା ଦିଏ। ପରିବେଶ ସନ୍ତୁଳନରେ ଜଙ୍ଗଲର ପ୍ରମୁଖ ଭୂମିକା ରହିଛି। ଜୀବଜନ୍ତୁଙ୍କର ବାସଭୂମି ଅଟେ ଏହି ଜଙ୍ଗଲ। ଅରଣ୍ୟ ଏକ ପ୍ରାକୃତିକ ମୂଲ୍ୟବାନ ସମ୍ବଳ ଅଟେ। ଅରଣ୍ୟ ଆଉ ଜୀବଜଗତର ସମ୍ପର୍କ ଅତି ନିବିଡ଼।ଏତେ ଉପକାରୀ ବୃକ୍ଷ ଆମର ।

କିନ୍ତୁ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ଆବଶ୍ୟକତା ବୃଦ୍ଧି ପାଇବାରେ ଲାଗିଲା। ଦ୍ରୁତ ଶିଳ୍ପାୟନ, ରାସ୍ତାଘାଟ, ବାସସ୍ଥାନ ତଥା ସହର ନଗର ନିର୍ମାଣ ପାଇଁ ଜଙ୍ଗଲ ସମ୍ପଦ କୁ ନଷ୍ଟ କରି ଚାଲିଲା ଏହି ମାନବ ସମାଜ । ନିଜର ଘର ସଜାଡିବାକୁ ଯାଇ ଜୀବଜନ୍ତୁ ମାନଙ୍କର ଘର ଉଜାଡି ବାରେ ଲାଗିଲା। ତେଣୁ ଗଜରାଜ ହସ୍ତୀ ଠାରୁ ଆରମ୍ଭ କରି ମାଙ୍କଡ଼ ପର୍ଯ୍ୟନ୍ତ ବନ୍ୟଜନ୍ତୁ ବାସହରା ହୋଇ ସହର ମୁହାଁ ହୋଇ ଗାଁ ଗଣ୍ଡା ର ଫସଲ ନଷ୍ଟ କରିବା ସହିତ ଧନ ଜୀବନ ହାନି କରୁଛନ୍ତି ଏବଂ ନିଜେ ବିପଦ ମୁହଁକୁ ଠେଲି ହୋଇ ଜୀବନ ହାରୁଛନ୍ତି। ବନ୍ୟା ବାତ୍ୟା ମରୁଡି ଭଳି ବିପ୍ରାତ ସୃଷ୍ଟି ହେଉଛି। ଜଳ ସ୍ଥଳ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ଓଜୋନ ସ୍ତରରେ ଛିଦ୍ର ହେବାରେ ଲାଗିଲାଣି ଯାହା ଆମକୁ ଛତା ଓ ଛାତ ପରି ଘୋଡେଇ ରଖି ସୂର୍ଯ୍ୟଙ୍କର କ୍ଷତିକାରକ ଅତିବାଇଗଣି ଓ ଲୋହିତରଶ୍ମୀକୁ ଆମ ପାଖରେ ପହଁଞ୍ଚିବାକୁ ଦିଏ ନାହିଁ। ଚଳିତ ବର୍ଷ ଆମକୁ ଏହି ବିପଦପୂର୍ଣ୍ଣ ସମସ୍ୟାର ସାମ୍ନା କରିବାକୁ ପଡିଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ, ଯାନବାହନରୁ ନିର୍ଗତ ଧୂଆଁ

ISSN NO.
2582-208X

ଇତ୍ୟାଦି କାରଣରୁ ବାୟୁମଣ୍ଡଳର ତାପମାତ୍ରା ବଢ଼ି ବିଶ୍ୱତାପନରେ ପରିଣତ ହେଲାଣି। ପୃଥିବୀର ବରଫ ଖଣ୍ଡମାନ ଗ୍ଲାସିଆର୍ ତରଳି ପୃଥିବୀରେ ଜଳ ତାଣ୍ଡବ ରଚିବାର ଆଶଙ୍କା ସୃଷ୍ଟି ହେଲାଣି। ମାନବ ସମାଜ ଜାଣି ଜାଣି ନିଜ ଗୋଡ଼ରେ କୁରାଢ଼ୀ ମାରିବା ପରି ନିର୍ବୋଧତା ଯୋଗୁଁ ଦିନକୁ ଦିନ ପ୍ରଳୟ ସୃଷ୍ଟିକାରୀ ବିପ୍ଳାତର ସାମ୍ନା କରୁଛି ।

ତେବେ କଣ ଏହାକୁ ରୋକାଯାଇ ପାରିବ ନାହିଁ ? ?

ଅବଶ୍ୟ, ଏହାର କେବଳ ସମାଧାନ ଜଙ୍ଗଲ ସୃଷ୍ଟି କରିବା । ମାନବ ସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା । ତେବେ ସରକାରୀ ସ୍ତରରେ ୧୯୫୦ ମସିହା ଠାରୁ ଜୁଲାଇ ମାସର ପ୍ରଥମ ସପ୍ତାହ "ବନମହୋତ୍ସବ ନାମ" ରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାରଣ ଜୁଲାଇ ମାସ ବେଳକୁ ପ୍ରାୟତଃ ମୌସୁମୀ ଆସି ଯାଇଥାଏ।ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଚାରା ଗୁଡ଼ିକୁ ଲଗାଇଲେ ସେଗୁଡିକ ଭଲ ଭାବରେ ବଢ଼ିପାରେ। ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ନୂତନ ଗଛ ଲଗାଇବା,ନୂତନ ଜଙ୍ଗଲ ସୃଷ୍ଟି କରିବା, ଲୋକଙ୍କୁ ଗାଁ ଗଣ୍ଡା ରେ ପଥ ପ୍ରାନ୍ତ ନାଟକ କରି ଏହାର ମହତ୍ୱ ବୁଝାଇବା, ବିଦ୍ୟାଳୟ ସ୍ତରରେ ସଚେତନ କରାଇବା ପାଇଁ ବିଭିନ୍ନ ରଚନା ପତ୍ରଲିଖନ ବକ୍ତୃତା ଇତ୍ୟାଦି କରାଯାଉଛି। ବିଭିନ୍ନ ସ୍ଲୋଗାନ ଯଥା।

"ଜମି ନ ରଖ ପଡିଆ, ଲଗା ପଣସ ନଡିଆ।"

"ସବୁଜ ପୃଥିବୀ, ସ୍ୱଚ୍ଛ ପୃଥିବୀ।"

"ଆସ ଲଗାଇବା ଗଛ, ପରିବେଶ ହେବ ସ୍ୱଚ୍ଛ।"

"ବୃକ୍ଷ ଅଟଇ ବନ୍ଧୁ ଆମର, ତା ବିନା ସବୁ ହେବ ଅନ୍ଧାର"

"ବେଳ ହୁଁ ହୁଅ ସାବଧାନ, ନ ହେଲେ ଭୋଗିବା କଷଣ।"

ଇତ୍ୟାଦି ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଉଛି ।

ISSN NO.
2582-208X

ଜଙ୍ଗଲ ବିଭାଗର ପଦାଧିକାରୀଙ୍କ ତତ୍ତ୍ୱାବଧାନରେ ମଧ୍ୟ ଗ୍ରାମ, ବିଦ୍ୟାଳୟ ଗୁଡିକରେ ଥିବା ପଡିଆ ଜମି ଗୁଡିକରେ ନୂଆ ଚାରା ଲଗାଇ ଜଙ୍ଗଲ ତିଆରି ପାଇଁ ଗୁରୁତ୍ୱ ଦିଆଯାଇଛି। ତତସହିତ ଅଧିକ ପ୍ରୋତ୍ସାହନ ପାଇଁ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ, ବୃକ୍ଷବନ୍ଧୁ ଆଦି ସମ୍ମାନରେ ସମ୍ମାନିତ କରାଯାଇଛି। ତେବେ ଆବାଳ ବୃଦ୍ଧ ବନିତା ସାଧାରଣ ଜନତା ଠାରୁ ନେତା ଅଭିନେତା ସବୁ ସରକାରୀ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ପୃଥିବୀକୁ ସବୁଜିମା ରଖିବା ପାଇଁ ଆଗେଇ ଆସନ୍ତି ।

ବନମହୋତ୍ସବର ଲକ୍ଷ୍ୟ ହେଉଛି ସାମୁହିକ ତଥା ସାମାଜିକ ସ୍ତରରେ ବୃକ୍ଷରୋପଣ କରାଯାଇ ବିଶ୍ୱ ପରିବେଶକୁ ସନ୍ତୁଳିତ କରିବା, ନୂତନ ଗଛ ଲଗାଇ ପୃଥିବୀରେ ସବୁଜ ବନାନୀ ସୃଷ୍ଟି କରିବା, ଅରଣ୍ୟ ସମ୍ପଦର ରକ୍ଷା କରିବା, ପ୍ରାକୃତିକ ଦୁର୍ବିପାକରୁ ରକ୍ଷା କରିବା। ତେବେ ଆସନ୍ତୁ, ଶପଥ ନେବା, ଗଛ ଲଗାଇବା, ସବୁଜିମା ଭରିବା, ପରିବେଶ ସ୍ୱଚ୍ଛ ରଖିବା,ଆମେ ସୁସ୍ଥ ରହିବା ।

ଶିକ୍ଷୟିତ୍ରୀ, କୁଟୁଣିଆ, ବାବନ୍ଧ,
ଢେଙ୍କାନାଳ, ପିନ୍ -୭୫୯୦୧୯,
ଦୂରଭାଷ- ୯୮୭୧୯୪୫୭୨୬

ISSN NO.
2582-208X

# କିଣା ବିକା ର ଦୁନିଆଁ

ରମେଶ ଚନ୍ଦ୍ର ପ୍ରଧାନୀ

କିଣା ବିକା ଏ ଦୁନିଆଁ ଭାଇରେ
କେହି ନୁହେଁ କାହାର
ନ କିଣିଲେ ତୁହି ନ ବିକିଲେ କିଛି
ନଦେବ କିଛି ସଂସାର ।

ନିଜ ପାଇଁ ନିଜେ ଖୋଜିବାକୁ ପଡେ
କରି ସଦା ପରିଶ୍ରମ
ହାତ ଗୋଡ଼ ଯେତେ ଲଗାଇଲେ ସେତେ
ସହଜ ହୁଏ ଟି କର୍ମ ।

ସମ୍ମାନ ନଦେଲେ ସମ୍ମାନ ନ ମିଳେ
ଦିଆ ନିଆ ଏ ସଂସାର
ଉପକାର କଲେ ଉପକାର ମିଳେ
ଏତ ଦୁନିଆଁର ଚାଲ ।

ନକହିଲେ କେହି ନଶୁଣିବେ ଭାଇ
କାନ୍ଦିଲେ କାନ୍ଦନ୍ତି ନାହିଁ

ISSN NO.
2582-208X

ନଶୁଣିଲେ କେହି ନକହିବେ କେହି
ଦୁନିଆଁର ସାର ଏହି।

ଗଛ ନ ଲଗାଇ ନମିଳଇ ଛାଇ
ଦେଖିବ ଦେଖଣାହାରୀ
ଏକା ରହିଗଲେ ଏକା ରହିଯିବ
ସମୟ ରହିବ ସାକ୍ଷୀ।

ବଲାଙ୍ଗୀର ଓଡ଼ିଶା ଭାରତ
Mob -7894057303

ISSN NO.
2582-208X

# ଜହ୍ନ ଆଲୁଅ



ପ୍ରଶାନ୍ତ ବ୍ରହ୍ମା

ଜହ୍ନରେ ଜହ୍ନ କାହିଁ ଯାଉଛୁ ରଷି
ଫେରିଆ ତୁ ଆଗ ଭଳି
ତୋ ବିନା ସବୁ ଅଧୁରା ଏ ଦୁନିଆ
ଦିଶେ ନାହିଁ ରାସ୍ତା ଗଳି ।

ମାମୁଁ ବୋଲି ପରା ତୋର ପରିଚୟ
ସଭିଙ୍କ ପାଖରେ ଯାଇ
କିଏ ଅବା ନାହିଁ ଏହି ଦୁନିଆରେ
ତୋ ନାମ ନ ଗାଉ ଥାଇ ।

ଜହ୍ନଟିଏ ହୋଇ ଆସୁଥାଉ ତୁହି
ପୁନେଇଁ କୁ ସଙ୍ଗେ ଧରି
ପୁନେଇଁ ଆସିଲେ ପରବ ଆସଇ
ହସ ଖୁସି ପଡେ ଝରି ।

ଜହ୍ନ ରେ ଜହ୍ନ କାହିଁ ଯାଉଛୁ ରୁଷି
ଫେରିଆ ତୁ ଆଗ ଭଳି
ତୁ ନଥିଲେ ସବୁ ଅନ୍ଧାର ଦିଶଇ
ରାସ୍ତା ଘାଟ ସାହି ଗଳି ।

ବାର ମାସ ବାର ଥର ଆସୁ ତୁହି
ଆଲୋକ କୁ ସଙ୍ଗେ ଧରି
ମଣିଷ ହେଉ ଅବା ପଶୁ ପକ୍ଷୀ
ପ୍ରିୟ ତୁ ଅଟୁ ସବୁରି ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଆଇନା



ସୁନନ୍ଦା ମହାନ୍ତ

ଆଇନା କି ଲୋଡ଼ା
ଯଦି ଅଛି ମାଆ ଟିଏ ପିଲାର
ଆଇନା କି ଲୋଡ଼ା ଯଦି ଛାଇ ଗଛର
ଖରା ଗରମକୁ ଡରି ଯିଏ ଘରେ
ରହିଥାଏ ରାତି ଦିନ
ସୂର୍ଯ୍ୟ ଯଦି ଥରେ ଦେଖନ୍ତି ତାକୁ
ଆଇନା ଆଖିରେ ଅଶ୍ରୁ ଚିହ୍ନ
ଝାଉଁଳି ପଡ଼ିଛୁ କାହିଁକି ଧନରେ
କହୁଥାଏ ଯୋଉ ମାଆ
ମାଆ ନଥିଲେ ସେକଥା କହିବାକୁ
ଆଇନାର ଥାଏ ହିଆ
ଶୁଖିଯାଇଛୁ ଝାଉଁଳି ପଡ଼ିଛୁ
ମାଆ ଛଡା ଆଉ କହିବ କିଏ
ଖାଇଛୁଟି ଧନ ପଚାରେ କୋଉଠି
ଆଇନାକୁ ଯଦି ଚାହେଁ

ISSN NO.
2582-208X

ଆଇନା ସିନା କଥା କହିପାରେନା
ମାଆ ପରି ବୁକୁ ତାର
କୁହୁଳି ଜଳି କହୁଥାଏ
ଶୁଖିଲା ମୁହଁରେ ଆସେନା ବାରବାର
ସଜ ମୁହେଁ ସିନା ଆସିବୁ ଧନରେ
ମାଆ ପରି ହେବି ଖୁସି
ହସିବି କେମିତି ଆସିଲେ ମୋ ପାଶେ
ଅନ୍ଧାରୀ ମୁଲକ ଲେସି
ଆସୁଥା ହସୁଥା ଦେଖୁଥା ତୋ ମୁହଁ
ଖୁସିରେ ଯାଏ ମୁଁ ଫାଟି
ଫାଟିଗଲେ ଦେବୁ ଲେଉଟାଇ
ସଂସାର ନିୟମ ଏଠି
ଫାଟି ଗଲେ ମନ ମିଶେନା ଆଉ ହୃଦୟ
ବାସେନା ଚନ୍ଦନ ଉପବନ
ମାଆ ମନ କିନ୍ତୁ ସବୁବେଳେ କହେ
ଆ ମୋ ପାଖକୁ ଧନ
ଭଲରେ ଥାଆ ତୁ ଦୂରେ ଥିଲେ ସବୁଦିନ

ସାକ୍ଷୀଗୋପାଳ, ପୁରୀ
9040977327

ISSN NO.
2582-208X

# ନିର୍ମଳ ଆକାଶ ସହ ଭାବ



ପ୍ରକାଶ ମେହେର

ଆମେ ଯାହା ଭାବୁ ତାହା ସତରେ ହୁଏନି କାରଣ ସବୁତକ ଯଦି ଭାବିବା ପୂର୍ଣ୍ଣ ହେଇ ପାରିଥାନ୍ତା ତେବେ ଲୋକ ଖାଲି ଭାବି ଭାବି ସବୁ ପୂରଣ କରି ପାରିଥାନ୍ତେ । ଲୋକଙ୍କୁ ଆଉ ବେଶି ପରିଶ୍ରମ କରିବାକୁ ପଡୁନଥନ୍ତା । କାହିଁ କେତେ ଦିନୁ ଆକାଶ ଆମ ସହ ନିବିଡ଼ ସମର୍କ ବାନ୍ଧିଛି ଆମେ ସିନା ବହୁତ ଦୂରରେ ଅଛୁ କିନ୍ତୁ ସେ ଆମକୁ ହାତ ଧରିଲା ପରି ରଖିଛି ।

ପ୍ରଥମ ଥର ପାଇଁ ଥରେ ଭାବର ସହ ପ୍ରିୟା ତା ପ୍ରିୟକୁ ଅତି ଆପଣାର କରିବାର ପ୍ରୟାସ କରିଥାଏ । ହେଲେ କେଜାଣି ପ୍ରିୟ କାହିଁକି ତା ପ୍ରିୟାକୁ ଭୁଆଁ ବୁଲେଇ ଦେଉଥାଏ । ବେଳେ ବେଳେ ଭାବେ କାଳେ ତା ପ୍ରିୟ ଟା ଅନେକ ସେ ମୋତେ ବହୁତ ଭଲ ପାଆନ୍ତା କି ? ମତେ ଟିକେ କୁଆଡେ ବୁଲେଇ ନିଆନ୍ତା କି? ମତେ ଟିକେ ତା ମନରେ ହୃଦୟରେ ଟିକେ ଜାଗା ଦିଅନ୍ତା କି ? ହେଲେ ସବୁ ପ୍ରହେଳିକା ଭଳି ଲାଗେ ପ୍ରିୟା କାରଣ ଏବେ ପର୍ଯ୍ୟନ୍ତ ପ୍ରିୟା ଖୋଜି ପାଇନି । କୁଆଡେ ଗଲେ ପ୍ରିୟ କୁ ପ୍ରିୟା ଖୋଜି ବୁଲେ । କାଳେ ସେ କୁଆଡେ ହଜି ଯିବେ, କିଏ ତାକୁ କୋଉଥିକୁ ନେଇଯିବ ଏପରି ଭାବୁଥାଏ ।

ଦିନେ ପ୍ରିୟ ପ୍ରିୟାକୁ କୁହେ ଆମେ ତ ଏତେ ଦିନ ଧରି ଗପ ସପ, ଭାବ ଦିଆନିଆ, ମନକଥା, ଭଲ ପାଇବା ଦୁହେଁ ଦୁହିଁଙ୍କୁ ହୋଇ ସାରିଛୁ । ଏବେ ତ ଟିକେ ଅଲଗା ହେଇ କିଛି ଦିନ ରହି ପରିବା । କିନ୍ତୁ କାହିଁକି ଯେ ପ୍ରିୟାକୁ ଏ ସବୁ କଥା ମନରେ ଟିକେ ଦ୍ୱନ୍ଦ ସୃଷ୍ଟି

ISSN NO.
2582-208X

କରୁଥାଏ । ମୁ ଏତେ ଏହାଙ୍କୁ ଭଲ ପାଉଛି ହେଲେ କିନ୍ତୁ ମୋତେ ଲାଗୁଛି ପ୍ରିୟ ଟା ମୋତେ ଭଲ ପାଇବାର ନାଟକ କରୁଛି ? ଏପରି ମତେ ଲାଗୁଛି ।

ଦୁଇମାସ ଗଲା ଭିତରେ ପ୍ରିୟ ପ୍ରିୟା ଦୁହିଁଙ୍କର ଭଲ ପାଇବାରେ ପୂର୍ଣ୍ଣ ଛେଦ ପଡ଼ିବାକୁ ଯାଉଛି କାରଣ ପ୍ରିୟ ଆଉ ଜଣକୁ ଭଲ ପାଇ ସରିଛି । ହେଲେ ସେ ପ୍ରିୟା ର କୋମଳ ହୃଦୟକୁ ଆଘାତ ଦେଇଛି । ଯାହା ଫଳରେ ପ୍ରିୟା ଭାଙ୍ଗି ପଡ଼ିଛି । ତା ମନ ଆଉ ପୂର୍ବ ପରି ହୋଇ ରହି ନାହିଁ।

ପ୍ରିୟ ଭଲ ପାଇ ବାହା ହେଇ ବେଶ ଖୁସିରେ ଅଛି । ଦିନେ ପ୍ରିୟା ସେ ପ୍ରିୟ ଙ୍କ ସାହି ଦେଇ ଯାଉ ଥିଲା । ବେଳେ ହଠାତ୍ ଦେଖା ହେଇଯାଏ ପ୍ରିୟ ସହ । ପ୍ରିୟ ପ୍ରିୟା କୁ ଦେଖି କେତେ କଣ ପଚାରି ପାରିଥାଆନ୍ତା? ହେଲେ ସେ ଠକ କିପରି ପଚାରିବ ପ୍ରିୟାକୁ ବା ଧୋକା ଦେଇଛି । କୋଉ ମୁହଁରେ ପଚାରିବ ?.....ହେଲେ କିଛି କହିବା ଆଗରୁ ପ୍ରିୟା ସେ କହିଲା -କେମିତି ଅଛ ...? ପ୍ରିୟା ନୀରବରେ ମନ ତା ମଉଳି ଯାଇଥାଏ ଧିର ସ୍ୱରରେ କହିଲା ଶୁଣିବ ମୁଁ କେମିତି ଅଛି...ତ...ଶୁଣ:

ଯେତେ ବେଳେ ନଈରୁ ବହି ଯାଉଥିବା ଧାର ହଠାତ୍ ଶୁଖି ଯାଏ, ଯେତେ ବେଳେ ବହୁଥିବା ଝରଣା ଆଉ ବହେ ନାହିଁ, ଯେତେ ବେଳେ ନିର୍ମଳ ଆକାଶରେ କଳା ବାଦଲ ଢାଙ୍କି ଦିଏ, ଯେତେ ବେଳେ ବର୍ଷା ହେଉଥାଏ ତାକୁ ଜୋର୍ ରେ ପବନ ଉଡେଇ ନିଏ, ସେ ନିର୍ମଳ ଆକାଶରେ ପୂର୍ଣ୍ଣିମା ଦିନ ମେଘ ଘୋଟି ଯାଏ, ସେ ବସନ୍ତ ଋତୁ ଆଗମନରେ ଯେପରି ପତ୍ର ଝଡ଼ା ଦିଏ, ସେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଦେହକୁ ଯେମିତି ଭେଦି ଯାଏ ବାସ୍ ମୁଁ ବି ସେମିତି ଅଛି । ଏବେ ତମେ ତମର ଉତ୍ତର ପାଇ ସାରିଥିବ ଆଉ ବା ମୋ ପାଖରେ ଶବ୍ଦ ନାହିଁ ଏ ମୋ ହୃଦୟର ବେଦନା କୁ କାହା ସହ ଉପମା ଦେବା ପାଇଁ ?

ISSN NO.
2582-208X

ସବୁ ଶୁଣି ପ୍ରିୟ ର ମନ ଟିକେ ଅସ୍ଥିର ହେଲା କାରଣ ଯିଏ ତାକୁ ଏତେ ନିଜର କରି ଭଲ ପାଉଥିଲା ତାକୁ ଶେଷ ରେ ସେ ଧୋକା ଦେଇଛି । ସେ ଭବେ ଏ ବନ୍ଧନ ମୋ ସହ ଯୋଡ଼ି ଥିଲା କିନ୍ତୁ ସତରେ ସେ ଏତେ ଦରଦି ମୋ ପାଇଁ,ଏ ତେ ତ୍ୟାଗୀ, ଏତେ ସହନ ହୃଦୟ ତାର, ଏତେ ମୋ ପାଇଁ ପ୍ରେମୀ । ପୁଣି ଭାବିଲା ଭଲ ପାଇବା ଯେତେ କଠିନ ତା ଠାରୁ ତାକୁ ଭଲ ବନ୍ଧୁ ହୋଇ ନିଭାଇବା ଗୋଟେ ସଠିକ୍ ପଦକ୍ଷେପ କାରଣ ବନ୍ଧୁ ଭାବ କେବେ କାହା ସ୍ୱାର୍ଥ ହାସଲ ପାଇଁ ନୁହେଁ ବରଂ ଏହା ସହନଶିଳତା ଓ ଭଲ ପାଇବାକୁ ନିବିଡ଼ ଭାବେ ସବୁ ଦିନ ଯୋଡ଼ି ରଖେ । ଠିକ୍ ଏଇ ଆମ ମୁଣ୍ଡ ଉପରେ ଥିବା ନିର୍ମଳ ଆକାଶ । ଏହା ସୁଦୂର ପ୍ରସାରି ଆମଠୁ ସମୁଦ୍ର, ସମୁଦ୍ରଠୁ ଆକାଶ ସଭିଙ୍କୁ ନିଜର କରି ଗୋଟେ ଛତ୍ରରେ ଯୋଡ଼ି ଦିଏ । ଆମ ନୀଳ ରଙ୍ଗର ଆକାଶ । ସତରେ ଆକାଶ କେଡେ ମହାନ୍ ତା ପ୍ରେମ ବି ସବୁଠୁ ଉର୍ଦ୍ଧରେ ।

ଆମେ ଆମ ସ୍ୱାର୍ଥ ପାଇଁ ଭଲ ପାଇବାନି ବରଂ ଭଲ ପାଇବାକୁ ସମ୍ମାନ ଦେବା । ଆପଣ ଯାହାକୁ ଯେତେ ସମ୍ମାନ ଦେବେ ଆପଣାରଙ୍କୁ ମଧ୍ୟ ଲୋକ ସେତେ ସମ୍ମାନ ଦେବେ । ଯାହା ସହ ବି ଆପଣ ଭାବ ରଖନ୍ତୁ କିନ୍ତୁ ଭାବରେ ବିଶ୍ୱାସରେ କେବେ ପ୍ରଶ୍ନ ବା ଛନ୍ଦ କରନ୍ତୁ ନାହିଁ। ସରଳ, ନିର୍ଭୀକ, ଦୟାଳୁ, ନମ୍ର, ଉଦାରଶୀଳ ହୁଅନ୍ତୁ । ସେ ଭାବରେ ସମସ୍ତଙ୍କୁ ବାନ୍ଧି ରଖନ୍ତୁ ।

କୁଲିଆବହାଲ, ବଲାଙ୍ଗୀର

ISSN NO.
2582-208X

# ଆମର ଘର



ବାଙ୍କାବିହାରୀ ମହାକୁର

ଜନମ ହୋଇ  ମାଟିକୁ ମୁହିଁ
ଛୁଇଁଲି ପ୍ରଥମ ଥର,
ଚାଲି ଶିଖିଲି  ତାକୁ ଚିହ୍ନିଲି
ଏଇ ଆମର ଘର ।

ଆମର ଘର  କେଡେ ସୁନ୍ଦର
ଯେମିତି ଶ୍ରୀମନ୍ଦିର,
ସ୍ୱର୍ଗଠୁ  ବଡ  ସେନେହ ନୀଡ
ଝରେ ଅମୃତ ଝର  ।

ତା ଛାତ ତଳେ  ଆମେ ସକଳେ
ଆନନ୍ଦେ କରୁ ବାସ,
ସେ  ପରିଚୟ  ନ ଥାଏ  ଭୟ
ସିଏ ରାଜଉଆସ ।

ନାହିଁ  ବିଚାର  ଆପଣା ପର
ବାନ୍ଧି ରଖେ ବନ୍ଧନ,
ଦୁଃଖିର ମନ  କରେ ପ୍ରଶନ୍ନ
ଦୂରାଏ ମିଛ ସପନ ।

ଦେବତା ସମ  ତାଙ୍କ ଆସନ
ଆମରି ପିତାମାତା,
ତାଙ୍କ ପରସେ  ମନ ହରସେ
ଆମେ ଜଗତଜିତା ।

ଆମରି ଲାଗି  ସପନେ ମଜ୍ଜି
କରୁଥାନ୍ତି କଷନ,
ବାଟ ଦେଖାନ୍ତି  ନିତି ଶିଖାନ୍ତି
ସଂସାର ରୀତିମାନ ।

ISSN NO.
2582-208X

ସତ କହିବା  ମାନବ ସେବା
          ସମାଜହୀତେ ମନ,
ଏଇ  ଜୀବନ   କଲେ ଅର୍ପଣ
          ଧନ୍ୟ ହୋଇବ ଜାଣ ।

ନିର୍ମଳ  ଭକ୍ତି   ହୃଦୟେ  ଶକ୍ତି
          ଅମାପ କରେ ଭର୍ତ୍ତି,
ଗୁରୁ  ପୂଜନ        ଅତିଥିଗଣ
          ସେବାରେ ଲାଗୁ ମତି ।

ଘର  ଆମର  ବୈକୁଣ୍ଠ ପୁର
          ଲାଗଇ ଆପଣାର,
କଳା  ସଂସ୍କୃତି   ଭାପ ପିରତି
          ସାଏତେ ନିରନ୍ତର ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ଜୁଲାଇ-୨୦୨୪
www.vedantimagazine.com
ISSN NO.
2582-208X

# ସାଇକେଲ



ସରୋଜ କୁମାର ସାହୁ

ଚକା ଦୁଇ ତାର ଆଗରେ ପଛରେ
ହ୍ୟାଣ୍ଡେଲ ରହିଛି ଏକ
ଦୁଇ ପାଦେ ଦୁଇ ମାରିଲେ ପେଡାଲ
କେମିତି ଗଡୁଛି ଦେଖ ?
ଉଠାଣି ଗଡାଣି ମାନେନା ତ ସିଏ
ଯାଏ ବେଗେ ବେଗେ ଗଡି
ହ୍ୟାଣ୍ଡେଲ ପାଦକୁ କଲେ ଅଙ୍କାବଙ୍କା
ଚିଟିକିବ ନିଶ୍ଚେ ପଡି ।
ତରତର ହୋଇ ମାରିଲେ ପେଡାଲ
ବଢିବ ତାହାର ବେଗ
ପଛ ଲୋକ ଧୀରେ ପଛକୁ ଘୁଞ୍ଚିବେ
ପହଞ୍ଚିବ ତୁମେ ଆଗ ।
ବଳକା ବେଗକୁ ରୋକିବାକୁ ଆଗେ
ଲାଗିଛି ଦୁଇଟି ଚାବି
ଆଗ ପଛ କରି ମୁଠାଇ ଧରିଲେ
ନିମିଷକେ ହୁଏ ଦାବି ।

ISSN NO.
2582-208X

ଆଗରେ ପଛରେ ଯେତେ ଦେଲେ ଭାର
ସହଜରେ ନେବ ବୋହି
ଲଦାଲଦି ହୋଇ ବସି ବି ପାରିବେ
ଛୋଟ ବଡ଼ ତିନି ଭାଇ ।
ପାଟି ନାହିଁ ସିନା କଥା ସେ କୁହଇ
ମାଲିକର ସଙ୍ଗେ ମିଶି
ଦୂରରୁ ଦେଖିଲେ ବେପଥୁ ପଥିକ
ଟିନ ଟିନ କରେ ହସି ।

ଖୁଣ୍ଟୁଣୀ ଆଠଗଡ଼ କଟକ
9348575224

ISSN NO.
2582-208X

# ବୋଉ



ସନାତନ ଦାସ

ବୋଉଲୋ,
ତୋ ହାତ ରନ୍ଧା ପଖାଳର ବାସ୍ନା
ସହରର ବିରିୟାନି ରେ ମିଳୁନି,
ତୋ କୋଳଥ ଡାଲିର ସ୍ୱାଦ
ଡାଲ ମଖନିରେ ଖୋଜି ପାଉନି... ।

ବୋଉଲୋ,
ତୋ ପଣତ କାନିର ଦରଦୀ ଛୁଆଁ
ଟାୱେଲ୍ ରେ ବାରି ହଉନି ,
ତୋ ପିତା ଶାଗ ପୋଡାର ଯାଦୁ
ପୋଡା ଚିକେନ୍ ରେ ଆସୁନି... ।

ବୋଉଲୋ,
ତୋ ମମତାର ଶୀତଳ ପରଶ
ମାସାଜ୍ ରେ ମୋତେ ମିଳୁନି ,

ISSN NO.
2582-208X

ତୋ ନାଲି ଚା ଆଉ ମୁଢ଼ିର ଯୋଡ଼ି
କଫି ଆଉ ଟୋଷ୍ଟ୍ ରେ ଆସୁନି... ।

ବୋଉଲୋ,
ଜର ହେଲେ ମୋତେ ରାତିସାରା ସେବା
ହସ୍ପିଟାଲ୍ ରେ ଆଜି ମୁଁ ଖୋଜୁଛି
କିନ୍ତୁ ଜାଣି ଜାଣି କି ଭୁଲି ଯାଉଛି
ମୁଁ ତୋ ଠୁ ଦୂରରେ ରହୁଛି ... ।

ବୋଉଲୋ,
ସତରେ କଣ ପୁଅ ବଡ ହେଲେ
ତୋ ଠୁ ଦୂରକୁ ଯିବାକୁ ବାଧ୍ୟ,
ପ୍ରତି ମୁହୂର୍ତ୍ତରେ ତୋ କଥା ଭାବି
ଲୁହ ଗଡାଇବାକୁ ମୁଁ ବାଧ୍ୟ... ।

ଟିକେ କହିବୁ କି!

ସଅଁର୍, ଜଗତସିଂହପୁର
ମୋ: ୯୭୭୬୪୧୪୬୦୫

ISSN NO.
2582-208X

# ଶୂନ୍ୟ ଆକାଶ

ପ୍ରତାପ ଚନ୍ଦ୍ର ସାମଲ

ସାପ୍ତାହିକ ଛୁଟିରେ ସୁଦର୍ଶନ ବାବୁ ଘରକୁ ଆସିଲେ ଅଧିକାଂଶ ସମୟ ବିତିଯାଏ ନରିସାହୁ ଛକର ଚା ' ଦୋକାନରେ l ଛୋଟ କପରେ ପିଇଲେ ତାଙ୍କୁ ଶାନ୍ତି ମିଳେନି ବୋଲି ବଡ କପରେ ଚା ପିଆହୁଏ ତିନିଚାରି କପ l ଭିନ୍ନ ଭିନ୍ନ କିସମର ଚା - ନାଲି, ମସଲାଯୁକ୍ତ ଏବଂ ଶେଷଟା ନିଶ୍ଚିତ ରୂପେ କଡ଼ାl ସୁଦର୍ଶନ ବାବୁଙ୍କ ପରି ଅନେକ ସାହିତ୍ୟ ପ୍ରେମୀ /କିଛି ପତ୍ର ପତ୍ରିକାର ସମ୍ପାଦକ ଗହଳି ଜମେ । ଛୋଟକାଟିଆ ଗୋଟେ କବିତାର ପସରା ବସେ । ସଭିଙ୍କର ଲେଖା ପରିବେଶକୁ ସାହିତ୍ୟମୟ କରିଦିଏ । ଟିକେ ଟିକେ ବ୍ୟବଧାନରେ ଚାଲେ ରାଜନୀତିର କଟାକ୍ଷ । ଖେଳ କସରତଠୁ ମହିଳା ସଶକ୍ତିକରଣ ଯାଏଁ ସବୁ ବିଷୟରେ ଚର୍ଚ୍ଚା ହୁଏ l ଖବର କାଗଜ ପଢ଼ାହୁଏl ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟର ବିଶ୍ଳେଷଣ ହୁଏ, ସଫଳତାର ରେଟିଙ୍ଗ ହୁଏ l

ମୁଣ୍ଡ ବିନ୍ଧୁଚି କହି ମିଛ ବାହାନାରେ ଛୁଟି ପୂର୍ବରୁ ପଳେଇଆସିଛନ୍ତି ସୁଦର୍ଶନ । ଲଞ୍ଚ କରିବେ କଅଣ ଚା ଦୋକାନରେ ପାଦ ଥାପିଛନ୍ତି ଦୋକାନରେ । ଗୋଟିଏ ମସଲା ଚା ' ର ବରାଦ ଦେଇ ଦୈନିକ ଖବର କାଗଜ ଖଣ୍ଡେ ଧରି ଚେୟାର ଉପରେ ଆଉଜି ବସିପଡିଲେl ପଢ଼ିବା ଆରମ୍ଭ କରିଛନ୍ତି କି ନାହିଁ ହଠାତ୍ କାଳବୈଶାଖୀ ପବନ ମାଡି ଆସିଲା, ତା ପରେ ପରେ ଛେଚା ବର୍ଷାl ମାତ୍ର ଅଧଘଣ୍ଟା ଭିତରେ ସବୁ ଓଲଟ ପାଲଟ l ଡହଡହ ଖରାରୁ ତ୍ରାହି l

ତିନି ଜଣ କଲେଜ ପଢୁଆ ଝିଅ କ୍ଲାସ ସାରି ଘରକୁ ଫେରୁଥିଲେ । ବର୍ଷା ମାଡ଼ ଖାଇ କେବିନ୍ ତଳକୁ ପଳେଇଆସିଲେ l ଦିହ ମୁଣ୍ଡ ସବୁ ଓଦା, ପାଣି ସରସର । ଓଢ଼ଣି ଚିପୁଡି ପୋଛି ହେଲେ l ହେଲେ ସେ କୋଉ କାମକୁ ପାଏ !!

ISSN NO.
2582-208X

ସୁଦର୍ଶନଙ୍କର ଚାହାଁଣି ସେମାନଙ୍କ ଉପରେ ଲଟକିଗଲା ଅକସ୍ମାତ୍ । ଭାବିଲେ ଏଇ କେଉଁ ପାଖାପାଖି ଥିବା ମହାବିଦ୍ୟାଳୟର ଛାତ୍ରୀ ହୋଇଥିବେ ! ଅସମ୍ଭାଳ ମୁଦ୍ରାରେ ଉଠିପଡିଲେ ନିଜ ଆସ୍ଥାନରୁ ।ବର୍ଷାଦାଉରୁ ନିଜ ଦେହକୁ ସୁରକ୍ଷିତ କରୁଥିବା ଗୋଟିଏ ସୁନ୍ଦରୀ ଝିଅ ପାଖକୁ ଗଲେ । ସତେ ଅବା ଚିହ୍ନା ଝିଅଟିଏ ସେ, ତା କାନ ପାଖରେ ଫିସଫିସ କରି କହିଦେଲେ- ଘରକୁ ଯାଇ ଆଇନାରେ ମୁହଁ ଦେଖିଦେବ ।

କିଛି ସମୟରେ ବ୍ୟବଧାନ ପରେ ବର୍ଷା ପବନ ଥମିଗଲା ।ସୁଦର୍ଶନ ଘରମୁହାଁ ହେଲାବେଳକୁ ଝିଅମାନଙ୍କର କମେଣ୍ଟ ଶୁଣିଲେ -ବାଜେ ପିଲାଟା ! ବାଜେ ଶବ୍ଦକୁ ଉହ୍ୟ କରି ପିଲା ଶବ୍ଦକୁ ଗୁଣିହେଲେ ସୁଦର୍ଶନ। ନିଜ ମନରେ ଖୁସି ଜାହିର କରି ଭାବିଲେ - ଯାହାହେଉ ଛଅଟି ବିବାହ ବାର୍ଷିକୀ ପାଳନ କରି ସାରିଲାପରେ ବି ସେ ପିଲା ହେଇଯାଇଛନ୍ତି କଲେଜ ପଢୁଆ ଓଦା ସରସର ଝିଅାଙ୍କ ନଜରରେ ।

ଝିଅଟି ଘରକୁ ଯାଇ ଆଇନା ଆଗରେ ଛିଡାହେଲା। ଏଁ ମା..... କହି ନିଜ ଛାତି ଉପରେ ଦୁଇ ହାତ ଘୋଡ଼େଇ ଦେଲା। ଇସ୍, କେତେ କଦର୍ଯ୍ୟ, ଅଶ୍ଳୀଳ ଦେଖାଯାଉଛି ସେ !

ଆଜି ପ୍ରବଳ ଖରା ସହିତ ଗୁଳୁଗୁଳି, ଅସହ୍ୟ ତାତି। ଦେହରୁ ଗମଗମ୍ ଝାଳ ବୋହିଯାଉଥାଏ। ତେଣୁ କଲେଜ ଗଲାବେଳକୁ ଚିପା ଅନ୍ତର୍ବସ୍ତ୍ର ନ ପିନ୍ଧି ହାଲକା ରଙ୍ଗର ପତଳା uniform ତଳେ ଖାଲି ଧଳା ସେମିଜିଟିଏ ପିନ୍ଧି ଦେଇଥିଲା। ସେ କଣ ଜାଣିଥିଲା ଯେ ବର୍ଷାରେ ସମ୍ପୂର୍ଣ ଓଦା ହେବ ଆଉ ତା ଯୁବତୀ ଛାତିର ଭୂଗୋଳ ପତଳା କପଡା ତଳୁ ଫୁଟି ବାହାରିବ। ସେଇଥିପାଇଁ ତାର ଅସାବଧାନତାକୁ ଏକ ଭିନ୍ନ ଢ଼ଙ୍ଗରେ ସେଇ ପୁଅ ପିଲାଟି ତାକୁ ଜଣାଇଦେଲେ। ତେବେ ସେଇ ପୁରୁଷକୁ କଣ ସେ ଢିଲା ଚରିତ୍ରର ସନ୍ନ୍ୟାସୀ କହିବ ନା ଭଦ୍ର ପାପୀ କହିବ !

ଅନେକ ଦିନ ପରେ ସୁଦର୍ଶନ ବାବୁଙ୍କୁ ପୁଣି ଗୋଟିଏ ମଉକା ମିଳିଲା ମିଛ ବାହାନା କରି ଶୀଘ୍ର ଘରକୁ ଆସିବା ପାଇଁ। ଚା ପିଆ ଆଉ ପେପର ପଢା ଭିତରେ କେତେବେଳେ ସେଇ ତିନି ବାନ୍ଧବୀ ଦୋକାନକୁ ଆସିଛନ୍ତି, ଚା ପିଇଛନ୍ତି ଆଉ ସେଇ ଝିଅଟି ସରି କହି କ୍ଷମା

ISSN NO.
2582-208X

ମାଗି ନେଇଛି, ଆଗକୁ ସଚେତନ ରହିବାର ପ୍ରତିଶ୍ରୁତି ଦେଇ। ଏସବୁ ଏତେ ଜଲଦି ଜଲଦି ହେଇଗଲା ଯେ ସୁଦର୍ଶନ କିଛି ଠଉରେଇ ପାରିଲେନି, ଆଉ ଗୋଟେ କଡ଼ା ଚା' ର ବରାଦ ଦେଲେ ।

ମଣିଷ ଜୀବନରେ ଏମିତି ଛୋଟିଆ ଛୋଟିଆ ଘଟଣାମାନ ସମ୍ପର୍କ ଯୋଡ଼ିବାରେ/ ଭାଙ୍ଗିବାରେ ଯଥେଷ୍ଟ। ଠିକ୍ ଯେମିତି ସୁଦର୍ଶନ ବାବୁ ଆଉ ସେଇ ଝିଅଟି ଭିତରେ ନୂତନ ସମ୍ପର୍କର ବୀଜ ବୁଣିହେବା। ଝିଅଟି ଚା ଦୋକାନୀ ପାଖରୁ ଖବର ନେଇଗଲା ଯେ ସୁଦର୍ଶନ ବାବୁ ଜଣେ ସାହିତ୍ୟ ଅନୁରାଗୀ, କବିଟିଏ ବୋଲି।

ଦିନେ ସେମିତି ଗୋଟେ ମଉଳା ଅପରାହ୍ନରେ ଚା ପିଇଲା ବେଳେ ଝିଅଟି ଗୋଟିଏ ଖାମ ଆଣି ଧରେଇ ଦେଲା ସୁଦର୍ଶନଙ୍କୁ। ଏଥିରେ ମୋର କେତେ ଗୁଡ଼ିଏ କବିତା ଅଛି, ଦୟାକରି ସଂଶୋଧନ କରିଦେବେ। ଉତ୍ତରକୁ ଅପେକ୍ଷା ନାହିଁ। ଖାମ୍ ଟିକୁ ହାତରେ ଗୁଞ୍ଜିଦେଇ ନିଜ ବାଟରେ ଚାଲିଯାଏ ।

ଘରକୁ ଯାଇ କବିତା ସବୁ ପଢିଲେ କବି ସୁଦର୍ଶନ, ନୂଆ ନୂଆ ଲେଖିଲା ବେଳେ କବିତାଗୁଡ଼ିକ ଏମିତି ହୁଏ, ତାଙ୍କର ବି ହୋଇ ଥିଲା। ସେଇଠୁ ନାଁ ଟି ଜାଣିଲେ, ଆହୁତି ବରାଳ।

ଏଇ ନାଁଟା ପ୍ରତି ତାଙ୍କର ଦୁର୍ବଳତା ଅନେକ ଦିନ ତଳୁ। ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ ଆହୁତି ହୋତା ବୋଲି ଝିଅଟିଏ ଷଷ୍ଠରେ ନାଁ ଲେଖେଇଥିଲା, ପ୍ରଥମ ଦିନ ଗଣିତ କ୍ଲାସ ପାଇଁ ଯନ୍ତ୍ରବାକ୍ସ ମାଗି ନେଇଥିଲା। ସୁଦର୍ଶନକୁ ଭାରି ଭଲ ଲାଗେ ସେଇ ଶ୍ୟାମଳୀ ଗୋଲ ମୁହଁ ଛୋଟ ଝିଅଟି, ସବୁବେଳେ ହସୁଥାଏ। ଭଲ ଗୀତ ବି ବୋଲେ ଆଉ ତାକୁ ବେଳେବେଳେ ତା ବାଡ଼ିର ପିଜୁଳି ଆଣିଦିଏ। ସପ୍ତମ ପରେ ସୁଦର୍ଶନ ବାଳକ ହାଇସ୍କୁଲରେ ପଢେ ଆଉ ତା ପର ବର୍ଷ ଆହୁତି ବାଳିକା ଉଚ୍ଚବିଦ୍ୟାଳୟରେ ପଢ଼ିବାର ଖବର ପାଏ ।

ISSN NO.
2582-208X

ଆହୁତି ସହିତ ପୁଣି ଦେଖାହୁଏ ପାଞ୍ଚ ବର୍ଷ ପରେ। ସେତେବେଳକୁ ସୁଦର୍ଶନ ଦ୍ୱିତୀୟ ବର୍ଷ ବିଜ୍ଞାନର ଛାତ୍ର, ଆହୁତି ସେହି କଲେଜରେ ଯୋଗ ଦିଏ କଳା ବିଷୟ ନେଇ। ଆହୁତି ପ୍ରଥମେ ଚିହ୍ନେ ସୁଦର୍ଶନକୁ। ରାସ୍ତାରେ ଅଟକେଇ ପରିଚୟ ଦେଇ ଭଲ ମନ୍ଦ ପଚାରେ। ହେଲେ ସୁଦର୍ଶନ ଯେମିତି ମୂକ ପାଲଟି ଯାଏ। ସୁନ୍ଦରୀ ଝିଅଙ୍କ ଆଗେ ଟୋକାମାନେ କେମିତି ମୁଣ୍ଡ ଟେକି କଥା ହୁଏନ୍ତି କେଜାଣି, ଘଣ୍ଟା ଘଣ୍ଟା ଗପି ପାରନ୍ତି ?? ତାକୁ ଭାରି ଲାଜ ଲାଗେ, ଆହୁତିର ମୁହଁକୁ ଚାହିଁ ପାରେନି ସିଧା।

ସେଇ ବର୍ଷ କଲେଜ ୟୁନିଅନ ନିର୍ବାଚନରେ ସହ- ସମ୍ପାଦକ ପଦ ପାଇଁ ପ୍ରତିଦ୍ୱନ୍ଦିତା କରେ ସୁଦର୍ଶନ। ଆହୁତି ତା ପାଇଁ ଖୋଲାଖୋଲି ପ୍ରଚାର କରେ, ହାତରୁ pushing କାର୍ଡ ଛପେଇ ବାଣ୍ଟେ। ଏକପାଖିଆ ବିଜୟ ହାସଲ କରେ ସୁଦର୍ଶନ, ସର୍ବାଧିକ ବ୍ୟବଧାନରେ ଜିତିଯାଏ। ଆହୁତିକୁ ଧନ୍ୟବାଦ ଜଣେଇବାକୁ ତା ସାମ୍ନାକୁ ଯାଏ, ହେଲେ କିଛି କହିବା ବେଳକୁ ତଣ୍ଟି ଅଠା ହୋଇଯାଏ । ମୁଣ୍ଡରୁ ପାଦଯାଏଁ ଖାଲି ଝାଳ ଆଉ ଝାଳ। ନିଜ ଉପରେ ଅଭିମାନ କରି ଫେରି ଆସେ, ଘର ପାଖ ବଗିଚାର ଚଟାଣରେ ଶୋଇ ଆକାଶକୁ ଅନେଇ ରହେ, ନିଜ ପୌରୁଷ ପଣିଆକୁ ଧିକ୍କାରେ ସିନା ମୁହାଁ ମୁହିଁ କଥା ହେବାର ସାହସ ଯୁଟାଇ ପାରେନି। ବେଳେ ବେଳେ ଆହୁତି ଦେଖା ହୁଏ, କେବେ କଲେଜ କ୍ୟାଣ୍ଟିନ ତ କେବେ ବାରଣ୍ଡାରେ। ବେଳେବେଳେ ଲାଇବ୍ରେରୀରକୁ ଯିବା ଆସିବା ବାଟରେ। ଫାଳିକିଆ ହସର ଆଦାନ ପ୍ରଦାନ ହୁଏ। ସୁଦର୍ଶନ ଅନୁଭବ କରେ ଆହୁତି କିଛି କହିବା ପାଇଁ ଚେଷ୍ଟା କରୁଛି। ଏକାନ୍ତରେ ମିଶିବାକୁ ଇସାରା ଦେଉଛି । ଅଥଚ ସେ ନିଦାବିଷ୍ଟୁତା ପର ବର୍ଷ ଉପ ସଭାପତି ଏବଂ ଶେଷ ବର୍ଷ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦି୍ୱତା କରି ଦୁଇଥର ଯାକ ବିପୁଳ ସଂଖ୍ୟାରେ ବିଜୟୀ ହୁଏ ସୁଦର୍ଶନ। କହିବା ଅନାବଶ୍ୟକ ଏହି ବିଜୟ ପାଇଁ ଆହୁତିର ପ୍ରଚ୍ଛନ୍ନ ନିଃସ୍ୱାର୍ଥପର ପ୍ରଚେଷ୍ଟା ଆଉ ପରିଶ୍ରମ ଅନେକାଂଶରେ ଦାୟୀ। ଅଥଚ ସୁଦର୍ଶନର ଆଚରଣରେ କୌଣସି ସୁଧାର ହୁଏନି । ଏକ ଉତ୍ତମ, ଚରିତ୍ରବାନ ଛାତ୍ର ହିସାବରେ ସମସ୍ତଙ୍କ ଭଲ ପାଇବା ଆଉ ଶୁଭକାମନା ନେଇ କଲେଜରୁ ବିଦାୟ ନେଲା ସିନା ଆହୁତିର ମନର ଭାଷା ପଢ଼ିପାରିଲାନି କି ନିଜ ହୃଦୟର କଥା କହିପାରିଲାନି ।

ISSN NO.
2582-208X

ତା ପରେ ଯେତେ ଥର ଆହୁତିକୁ ତା ଭାବନା ଇଲାକାରୁ ଦୂରେଇ ରଖିବାକୁ ଚେଷ୍ଟା କରିଛି, ସେତେ କଷ୍ଟ ପାଇଛି, ସେତେ ଉଦାସ ହେଇଛି, ମନ ସେତେ ଭାରାକ୍ରାନ୍ତ ହେଇଛି। ଭୁଲିପାରିନି ଅବସାଦକୁ । ବିଦାୟ ଦିନ ଆହୁତି ଉପହାର ଦେଇଥିବା ଝର କଲମଟିକୁ ଏବେଯାଏଁ ସାଇତି ରଖିଛି, ତାର ଶେଷ କେଇ ପଦ କଥା ସହ - ଏଇ କଲମରେ କବିତା ଲେଖିବ, ତୁମ ଲେଖା ପଢିଲେ ମୁଁ ଆନନ୍ଦ ପାଇବି। ଯେତେ ଦିନ ଯାଏଁ ଏ କଲମ ତୁମ ପାଖରେ ଅଛି ଭାବିବ ଯେ ମୁଁ ଭଲରେ ଅଛି। ଯେଉଁ ଦିନ ଏଇଟା ଭାଙ୍ଗିଯିବ କି ହଜିଯିବ, ଧରିନେବ ମୁଁ ଏ ସଂସାରରେ ନାହିଁ ବୋଲି

ପୁଣି ଆଉ ଏକ ଆହୁତି ସୁଦର୍ଶନଙ୍କ ଜୀବନରେ !!

ଯଥା ସମ୍ଭବ ସଂଶୋଧନ କରି କବିତାଗୁଡ଼ିକୁ ଫେରାନ୍ତି ସୁଦର୍ଶନ। ତାଙ୍କ ପ୍ରଚେଷ୍ଟାରେ ସେ ମଧ୍ୟରୁ କିଛି ପ୍ରକାଶିତ ମଧ୍ୟ ହୁଏ ବିଭିନ୍ନ ପତ୍ର ପତ୍ରିକାରେ। ଏବେ ଖୁବ୍ ସୁନ୍ଦର କବିତା ଲେଖୁଛି ଆହୁତି। ପାକଳ ହେଇଗଲାଣି, ସଂଶୋଧନର ଆଉ ଆବଶ୍ୟକତା ନାହିଁ ବୋଲି ଥରେ ଜଣେଇଥିଲା ତାକୁ ।

ହେଲେ ଆହୁତି ବରାଳ କବିତା ମାଧ୍ୟମରେ ଜୀବନର ସଂଶୋଧନ କରିବାକୁ ଚାହେଁ ବୋଧହୁଏ। କିଛି କବିତା ଭିତରେ ସେଦିନ ଗୋଟିଏ ଚିଠି ପାଇଲେ ସୁଦର୍ଶନ, ଅତି ସ୍ୱଷ୍ଟ ଭାବେ ପ୍ରେମ ନିବେଦନ କରିଛି ଆହୁତି । ଜୀବନସାଥି ହୋଇ ରହିବା ପାଇଁ ହୃଦୟର କଥା ପ୍ରକାଶ କରିଛି - ବିଚାର ଆପଣଙ୍କର। ଆପଣଙ୍କ ନିଷ୍ପତ୍ତି, ପରାମର୍ଶ, ଉପଦେଶକୁ ସମ୍ମାନ ଦେବି ।

ସେହିପରି କୌଣସି ଦ୍ୱନ୍ଦ୍ୱ ନ ରଖି ସ୍ୱଷ୍ଟ ଭାବେ ଅଭିବ୍ୟକ୍ତି ବାଢିଛନ୍ତି- ସେ ବିବାହିତ ଓ ଏକ ପୁତ୍ର ସନ୍ତାନର ଜନକ। ଏ ଜନ୍ମରେ ଅସମ୍ଭବ ବୋଲି ସଂକ୍ଷିପ୍ତ ଉତ୍ତର ସୁଦର୍ଶନଙ୍କର ।

ISSN NO.
2582-208X

କିଛି ଦିନ ପରେ ପୁଣି ଗୋଟେ ଚିଠି ପାଇଲେ ସୁଦର୍ଶନ। ଅଳ୍ପରେ ସୂଚନାଟି ଲେଖାଥିଲା- ମୋର ବିବାହ ଠିକ୍ ହେଇଯାଇଛି ।ସ୍ୱୀକାର କରନ୍ତୁ କି ନା, ଆପଣ ହିଁ ମୋର ପ୍ରଥମ ପ୍ରେମ ହୋଇ ରହିଥିବେ।

ଆହୁତି ଏବେ ଆଗଧାଡ଼ିର କବୀ । ତା ପାଖରେ ସମ୍ଭାବନା ଅଛି ବୋଲି ସାହିତ୍ୟିକମାନେ ମତ ଦେଲେଣି। ବେଳେ ବେଳେ ଚିଠି ଦିଏ - ଆପଣ ହିଁ ମୋର ପ୍ରେରଣା।ଏବେ ସିଏ ଅଧ୍ୟାପିକା ହୋଇସାରିଲାଣି ସେଇ କଲେଜରେ ଯୋଉଠି ପାଠ ପଢୁଥିଲା। ତା ସ୍ୱାମୀ ବି ସେଇ କଲେଜରେ ବରିଷ୍ଠ ଅଧ୍ୟାପକ। ତା କବିତା ପଢି ତାକୁ ପ୍ରପୋଜ କରିଥିଲେ ଯେଉଁ ଦିନ ସେ କଲେଜରୁ ବିଦାୟ ନେଲା। ଘରେ ପ୍ରସ୍ତାବ ପକାନ୍ତୁ କହିଥିଲା ସେ ଆଉ ତାପରେ ବାହାଘର ହେଇଗଲା। ଏବେ ଗୋଟିଏ କନ୍ୟା ସନ୍ତାନର ଜନନୀ।

ଏବେ ଆହୁତିର କବିତା ଭିତରେ ହତାଶା ଭାବ ସନ୍ଧାନ କରନ୍ତି ସୁଦର୍ଶନ। ଅନୁମାନ ସତ୍ୟ ହୁଏ ଯେତେବେଳେ ତାଙ୍କ ସଙ୍ଗେ ଏକାନ୍ତରେ ମିଶିବାକୁ ଅନୁରୋଧ କରେ ଆହୁତି। ସ୍ୱାମୀ - ସ୍ତ୍ରୀ ର ସମ୍ପର୍କ ଯେଉଁ ଭରଷା ଆଉ ବିଶ୍ୱାସ ଉପରେ ଗଢି ଉଠିବା କଥା, ମୋର ସେ ବୁନିଆଦଟା ଦୁର୍ବଳ ହେଇଯାଇଛି ସାର୍, ଯେତେ ଚେଷ୍ଟା କଲେ ବି ମୁଁ ତାକୁ ଆଉ ଫେରେଇ ଆଣି ପାରୁନି। ମୋ କବିତା ପଢ଼ି ଯିଏ ମତେ ଭଲ ପାଇ ବିବାହ କରିବାକୁ ତାଙ୍କ ଆଡୁ ପ୍ରସ୍ତାବ ଦେଇଥିଲେ, ଏବେ ସେଇ କବିତା ମୋ ପାଇଁ କାଳ ହେଇଛି। ପ୍ରେମ ନ କରି ପ୍ରେମ କବିତା ଲେଖିବା ଅସମ୍ଭବ, ଏମିତି ଏକ ଦୁଷ୍ଟ ମାନସିକତା ଏବଂ ସନ୍ଦେହକୁ ଜାବୁଡ଼ି ଧରିଥିବା ଲୋକଟି ସହିତ ମୁଁ କେମିତି ଶାନ୍ତିରେ ରହିବି ? ମତେ ସେ ବାଧ୍ୟ କରୁଛନ୍ତି ଏଇ କଥା ଜାଣିବା ପାଇଁ ଯେ ମୁଁ କାହାର ପ୍ରେମରେ ଉବୁଟୁବୁ ହେଇ ଏତେ ସୁନ୍ଦର ପ୍ରେମ କବିତା ଲେଖୁଥିଲି ଆଉ ତାଙ୍କ ସହିତ ମୋର ସମ୍ପର୍କ କେତେ ଗଭୀର ଥିଲା। ଅନେକ ଥର ବୁଝାଇବାକୁ ଚେଷ୍ଟା କରିଛି ଯେ ତାହା କେବଳ ଗୋଟିଏ ଆବେଗ, ଏକ ଭାବ, ଏକ ନିରୋଳା ଅନୁଭବ। ଏକ ଦୁର୍ବଳ ପ୍ରୀତି ଛଳଛଳ ହୃଦୟ ହିଁ ପ୍ରେମକୁ ଅନୁଭବିପାରେ । ଏକ ନିରୋଳା ମୁହୂର୍ତ୍ତରେ ଆଖି ବୁଜି ପ୍ରେମର ମଧୁରତାକୁ ମପାଯାଇପାରେ, ସେ କଥା ସେ

ISSN NO.
2582-208X

ବୁଝିବାକୁ ନାରାଜ। ମୁଁ କେମିତି ତାଙ୍କ ଆଗେ ଏଇ ଅନୁଭବକୁ ବଖାଣିବି। ସେଇ ଗୋଟିଏ ପ୍ରଶ୍ନର ଜବାବ ଦେଇ ଦେଇ ମୁଁ ଅତିଷ୍ଠ ହେଇ ଗଲିଣି ସାର୍, କିନ୍ତୁ ସେ ସେମିତି ଅବୁଝା ରହୁଛନ୍ତି ଆଉ ସନ୍ଦେହରେ କୁହୁଳି ହେଉଛନ୍ତି। ୟା ପାଇଁ ମୋ ପାଖରେ କି ଉପାୟ ଅଛି ?

ଆହୁତି ସକସକ ହେଇ କାନ୍ଦିଲାନି କି ମୁଁହ ଓହଳାଇ ବସିଲାନି। ଖାଲି ଲମ୍ବା ଶ୍ୱାସଟିଏ ମାରି ଶୂନ୍ୟ ଆକାଶକୁ ଚାହିଁ ରହିଲା । ହଠାତ୍ ପ୍ରସଙ୍ଗ ବଦଳେଇଦେଲା ଆହୁତି – ଆପଣ କଅଣ ଆପଣଙ୍କ ବୈବାହିକ ଜୀବନରେ ଖୁସି ନାହାନ୍ତି କି ସାର୍, ଅନେକ ଦିନ ତଳେ ଆପଣଙ୍କର ଗୋଟିଏ କବିତା ପଢ଼ିଥିଲି। "ଦେହ ଦେଲେ କିବା ହୃଦୟ ଭିତର ଜଖମଟା ଭାଙ୍ଗିଯାଏ, ଜାଣନାକି ପ୍ରିୟା ଦେହର ବାହାରେ ମନ ବୋଲି କିଛି ଥାଏ।" ଆପଣ ଏମିତି କାହିଁକି ଲେଖିଲେ ? ଆପଣ କ'ଣ ସତରେ ଦୁଃଖୀ ନା ଲେଖୁ ଲେଖୁ ଲେଖିଦେଲେ ?

ନୀରବ ରହିଲା ଆହୁତି, ନୀରବ ରହିଲେ ସୁଦର୍ଶନ। କି ଉତ୍ତର ସେ ଦେବେ। ଷୋହଳ ବର୍ଷର ସମ୍ପର୍କକୁ କି ତର୍ଜମା କରିବେ। ଦୁଇଟି ସନ୍ତାନର ଜନକ ହେଇ ସାରିଲେଣି, ସାରା ଜୀବନ ଏକାଠି ରହିବାକୁ ସମସ୍ତଙ୍କୁ ସାକ୍ଷୀ ରଖି ଶପଥ ନେଇଛନ୍ତି ସେ। ତା ଉପରେ କି ଟିପ୍ପଣୀ ବା ଦେବେ ?? ଅନ୍ୟମାନଙ୍କ ଆଖିରେ ସଫଳ ଦମ୍ପତ୍ତି ହେବାର ଅଭିନୟ ଭିତରେ କେତେ ଯେ କୋହ ଅଡୁଆସୂତା ଭଳି ଗୁଡ଼େଇ ହେଇ ରହିଛି, ତାକୁ କଣ ଏମିତି କହିହୁଏ। ଅସଫଳ ନ ହେଲେ ବି ତାଙ୍କ ବୈବାହିକ ଜୀବନ କଣ ସଫଳ, ଶୃଙ୍ଖଳିତ, ଆନନ୍ଦ ଦାୟକ???

ଜଣେ ସନ୍ଦେହୀ ପୁରୁଷକୁ ନେଇ ଘରସଂସାର କରିବା ଯେତେ କଷ୍ଟକର ତା ଠାରୁ ବେଶୀ ବେଦନା ଦାୟକ ଗୋଟିଏ ମୁଖରା ସ୍ତ୍ରୀ ସହିତ ଜୀବନ କାଟିବା। ଯେଉଁ ସମୟରେ ମଣିଷ ଟିକେ କୋମଳ ମଧୁର କଥା ପଦେ ଆଶା କରେ ତାର ଶ୍ରମ ଆଉ ଦୁଃଖ ଲାଘବ ପାଇଁ, ସେତେବେଳେ କର୍କଶ ସ୍ୱରଟିଏ ତାକୁ ଯେ କେତେ ଯନ୍ତ୍ରଣା ଦିଏ ତାକୁ କ'ଣ ଭାଷାରେ ବଖାଣି ହୁଏ ? ସେଇଥିପାଇଁ ତ ସେ ଲେଖିଥିଲେ – କଅଁଳ କଥାରେ ସାପ ପୋଷାମାନେ ମୁଁ ପରା ମଣିଷଟିଏ ।

ISSN NO.
2582-208X

ଝିଅକୁ ଆଠ ପୂରି ନଅ ଚାଲିଲା ଅଥଚ ଏଇ ନଅ ବର୍ଷ ହେବ ସ୍ତ୍ରୀ ସୁଖ କ'ଣ ସେ ଜାଣିଲେ ନାହିଁ। ଝିଅ ହେବାର ଦୋଷ ତାଙ୍କ ମୁଣ୍ଡରେ ଥୋଇ ଝଗଡ଼ା କରିବସନ୍ତି ପତ୍ନୀ। ଯେମିତି ହେଉ ତ୍ରୁଟି ବାହାର କରନ୍ତି। ଘରେ ଥାଆନ୍ତୁ କି ବାହାରେ ଅଶାନ୍ତି ତାଙ୍କ ପଛରେ ଛାଇ ପରି ଗୋଡେଇ ଥାଏ। ଘର ନର୍କ ପରି ଲାଗେ । ସାଙ୍ଗମାନଙ୍କ ସହିତ ଚା ପିଆ ନ ହେଲେ କେଉଁ ପାର୍କର ଅନ୍ଧାରୁଆ କୋଣ ସାମାନ୍ୟ ଆଶ୍ୱାସନା ଦିଏ ସିନା ହୃଦୟ ଭିତର ଝଡ଼ ଥମିଯାଏନା। ହେଲେ ଏସବୁ ସେ କାହା ଆଗରେ କେମିତି କହିବେ, କାହିଁକି ବା କହିବେ ?? ଶୂନ୍ୟ ଆକାଶକୁ ଚାହିଁବା ଛଡା କିଛି ଉପାୟ ବା କାହିଁ।

ଏମିତି ଅନେକ ଥର ଦୁହେଁ ଆସନ୍ତି, କେହି କାହାକୁ କିଛି କୁହନ୍ତିନି, ଖାଲି ଆକାଶକୁ ଅନେଇ ରହନ୍ତି। ଅନେକ ସମୟ ବସନ୍ତି, କେତେବେଳେ ପାଖାପାଖି, କେବେ ଅତି ନିକଟରେ। ଜଣେ ଅନ୍ୟ ଜଣଙ୍କର ନୀରବତାର ଭାଷା ବୁଝିବାକୁ ଚେଷ୍ଟା କରେ। ବୁଝନ୍ତି କି ନାହିଁ ଜଣା ପଡେନି, ହେଲେ କିଛି ସମୟ ପରେ ଉଠି ଯେଝା ବାଟରେ ଚାଲି ଯାଆନ୍ତି।

ବେଳେ ବେଳେ ଜଣଙ୍କର ଉଷୁମ ନିଃଶ୍ୱାସ ଅନ୍ୟ ଜଣକୁ ସାମାନ୍ୟ ପ୍ରଶମିତ କରେ, କେମିତି ଗୋଟେ ଅନ୍ତରଙ୍ଗ ଭାବ ମନ ଭିତରୁ ଉଠିଆସେ। ଆଦିମ ଯୁଗକୁ ଚାଲିଯିବାକୁ ଇଛାହୁଏ । ବିବେକ ଯେତେ ବାଧା ଦିଏନି ପାପ ବୋଧେ କେମିତି ପାଦ ଦୁଇଟାକୁ ଜାବୁଡିଧରେ। ଯଦି ସେମାନେ ଏତେ ସମୟ ଏକାଠି ବିତାଇ ପାରୁଛନ୍ତି, ଅନ୍ତରଙ୍ଗ ହେଇ ପାରୁଛନ୍ତି, ନିଜ ମନର ବେଦନା ବାଣ୍ଟି ପାରୁଛନ୍ତି, ଘରୁ ଲୁଚି ଲୁଚି ଆସିବାର ପାପରେ ଭାଗୀଦାର ହେଇ ପାରୁଛନ୍ତି, ନାରୀ ପୁରୁଷର ଆଦିମ ସମ୍ପର୍କ ରଖିବାରେ ଏତେ ଦ୍ୱନ୍ଦ, ଦ୍ୱିଧା କାହିଁକି। ତାହା କଣ ଏତେ ବଡ ପାପ ହେଇଯିବ ।

ଉତ୍ତର ପାଇଁ ଶୂନ୍ୟ ଆକାଶକୁ ଚାହିଁ ରହିବା ଛଡା ଅନ୍ୟ ଉପାୟ ନ ଥିଲା ବୋଧହୁଏ ।

ପାଣ୍ଡବନାଗର, ଭୁବନେଶ୍ୱର

ISSN NO.
2582-208X

# କଲମ ବିକାଳି
# ଛୁଆଟି



ସୂର୍ଯ୍ୟକାନ୍ତ ମଲିକ

ଉଦୁ ଉଦୁଆଁ ଖରା
ଭଁ ଭାଁ କରି ମାଡି ଆସୁଥାନ୍ତି
ଯମରାଜାଙ୍କ ଦୂତପରି ଗାଡିତକ
ବୋଧ ହୁଏ କାହାର ନଜର ପଡୁନଥିଲା ତା'ଠାରେ ।

ବସନ୍ତର ଥୁଣ୍ଟା ବୃକ୍ଷଟେ ପରି
ଦେହରେ ନଥାଏ ଖଣ୍ଡିଏ ପୋଷାକ
କିନ୍ତୁ ମନରେ ଭରି ରହିଥାଏ
ମାଲିକ ଅବା ମା'ର ବ୍ରହ୍ମଚାପୁଡ଼ା ଆଉ
ଲାଲ ଆଖିର ଭୟ ।

ଜୀବନ ଜିଇଁବାର ବର୍ଣ୍ଣବୋଧ ଆରମ୍ଭ କରିନି
କିନ୍ତୁ,
ଜୀବନ ଅଧ୍ୟାୟର ପ୍ରହାରକୁ
ପୃଷ୍ଠା ପରେ ପୃଷ୍ଠା ପରି
ଲଦିଦେଉଥିଲା ତା ପିଠିରେ ।

ISSN NO.
2582-208X

ଗାଡିର ସୂକ୍ଷ୍ମ ଛାଇରେ
ଲୁଚିବାର ପ୍ରୟାସ କରିବାକୁ ଯାଇ
ଦୁଇ ଗୋଇଠି ଉପରକୁ ଟେକି କଲମଟିଏ ବଢ଼ାଇଲା ବେଳେ
ହଠାତ୍ ଛାଡିଦିଏ ଟ୍ରାଫିକ୍
ତା'ପରେ ସତେକି
ନିଶାଗ୍ରତ ଶିବ କରନ୍ତି ତାଣ୍ଡବ ନୃତ୍ୟ
ଠିକ ଯେପରି,
ଉତପ୍ତ ବାଲିରେ ଫୁଟୁଥିବା ଖଇଟିଏ ପରି
ଡେଉଁଥାଏ ପାଚିଲା ପିଚୁଉପରେ
ଜୋତା ନଥିବା କଅଁଳ ପାଦ ଦୁଇଟି,
ଆଉ
ସତେକି ଘୋଟି ଆସୁଥିଲା
ଯନ୍ତ୍ରଣାର କାଳ ବୈଶାଖୀର କୁଁ କୁଁ କାନ୍ଦ ର ଶବ୍ଦ
ଆଉ ବହି ପଡୁଥିଲା ଆଖିରୁ
ମେଘ ଖଣ୍ଡର କେତେ ଟୋପା ଲୁହ ଧାର ॥

ଅଧାପକ ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ସୁଭଦ୍ରା ମହତାବ ମହାବିଦ୍ୟାଳୟ,
ଅସୁରେଶ୍ୱର, କଟକ

ISSN NO.
2582-208X

# ରଥ ଗଡ଼େ ବଡ଼ଦାଣ୍ଡରେ

ଧ୍ରୁବ ଚରଣ ଘିବେଲା

ରଥ ଗଡ଼େ ବଡ଼ଦାଣ୍ଡରେ
ରଥଯାତରା ଦିନ
ଖୁସି ମନରେ ଟାଣନ୍ତି ରଥ
ଭକ୍ତ ସହସ୍ର ଜଣ ।
ପହଣ୍ଡି ହୋଇ ଜଗତ ସାଇଁ
ଶ୍ରୀମନ୍ଦିରୁ ଆସନ୍ତି
ଭଉଣୀ ଭାଇ ମନ୍ଦିରୁ ଆସି
ଯେଝା ରଥେ ବସନ୍ତି ।
ରଥରେ ଚଢ଼ି ରଥ ଉପରୁ
ଦିଅନ୍ତି ଦରଶନ
ରଥେ ବାମନ ଦିଅଁ ଦର୍ଶନ
କରି ଭକତ ଧନ୍ୟ ।
ଗଜପତିଙ୍କ ଛେରା ପହଁରା
ନୀତି ସରିଲା ପରେ
ରଥ ଟାଣିବା କାମଟି ବଢ଼େ
ରଥ ପଥରେ ଗଡ଼େ ।
ଆଗକୁ ଆଗ ଗଡ଼ି ଚାଲଇ
ରଥ ବଡ଼ଦାଣ୍ଡରେ
ଜନସମୁଦ୍ର ରଥ ସହିତ
ଆଗକୁ ମାଡ଼ି ଚାଲେ ।
ଭିଡ଼ ଆଗକୁ ଆଗକୁ ବଢ଼େ

ISSN NO.
2582-208X

ପଛକୁ ରହେ ଫାଙ୍କା
ଦିଅଁ ସହିତ ଯା'ନ୍ତି ଭକତ
ଦିଅଁ ଭକତ ରଙ୍କା ।
ଗରମ କମା -ଇବା ପାଇଁକି
ପାଣି ସ୍ପ୍ରେ କରାଯାଏ
ପାଣିର ବୁନ୍ଦା ଦେହ ଛୁଇଁଲେ
ଆରାମ ଲାଗିଥାଏ ।
କୁନାମୁନାଙ୍କ ନଜର ଥାଏ
ଦିଅଁଙ୍କ ଚାହିଆରେ
କେତେ ସୁନ୍ଦର ଚାହିଆ ମେଢ଼
ପିଲାଙ୍କ ମନ ହରେ ।
ବାଟ ଘାଟରେ ନାନା ବେଶରେ
ନାଚୁଥାନ୍ତି ଭକତ
ବଡ଼ମାନଙ୍କ କାନ୍ଧରେ ବସି
କୁନାମୁନା ଉଷତ ।
ମୀନାବଜାର ବୁଲା ବି ହେଲା
ଯାତରା ଦେଖା ସହ
ଖିଆପିଆର ମଜା ଜମିଲା
ମନରେ ଗହଗହ ।
ସେ ତିନି ରଥ ଆଗକୁ ବଢ଼ି
ଯାତରା ଆଗେଇଲା
ସେଇଦିନର ଯାତରା ଦେଖା
କୁନାମୁନାର ସଇଲା ।

ବଉଦବ୍ରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ତୁ ମନେପଡୁ



ଧନୁର୍ଯ୍ୟ ମାଝୀ

ଯେତେ ଭୁଲିଲେବି ଭୁଲି ପାରୁନାହିଁ
ତୋ ଚେହେଁରା ଦିଶୁଛି ମୋତେ
ଅଳପ ଭାବିଲେ ନିଶା ଘାରି ଯାଏ
କାହିଁକି ବାନ୍ଧିଛୁ ମୋତେ ॥
ନିଶା ଭାଙ୍ଗିଯିବ , ଭରଷା ତୁଟିବ
ପ୍ରେମର କଳଙ୍କ ଗାର
ହୃଦୟ ଭାଙ୍ଗିବ ପ୍ରେମର ଆଳତି
ହୃଦୟେ ବାଜିବ ତୀର ॥
ଅସୁମାରୀ ପରି ତୁମରି ଚେହେଁରା
ଆକର୍ଷଣ କଲା ମୋତେ
ଭାଙ୍ଗିଗଲା ପରେ ନଇତି ଝୁରୁଛି
କାହିଁକି ମନେପଡୁ ଏତେ ॥
ଫୁଲ ପାଖୁଡ଼ାରେ ଫୁଲ ଝଡିଗଲେ
ଭଅଁର ବସେନି ସେଠି
କିନ୍ତୁ, କୋମଳ ହୃଦୟରେ ଜାଗାଦେଇଥିଲୁ
ତୁ ବେସି ମନେପଡୁଛି ଏଠି ॥

ଗ୍ରାମ - ବଣ୍ଡୋଗୁଡା, ଜୁନାଗଡ଼,କଳାହାଣ୍ଡି
ଫୋନ ନଂ -୭୭୩୫୧୫୯୨୩୫

ISSN NO.
2582-208X

# ମଣିଷ ମସ୍ତିଷ୍କରେ ବିଚାରଧାରାର ପ୍ରଭାବ



ବାଲ୍ମୀକ ନାୟକ

ଆଧ୍ୟାତ୍ମିକ ଜଗତରେ ବିଶ୍ୱାସକୁ ହିଁ ମୁଖ୍ୟ ସ୍ଥାନ ଦିଆ ହୋଇଛି । ସେଥିପାଇଁ ଭୟ ଓ ଲୋଭ ଦେଖାଇ ଖୁବ ସହଜରେ ମସ୍ତିଷ୍କକୁ ନିୟନ୍ତ୍ରଣ କରାଯାଇ ପାରୁଛି । ବିଶ୍ୱାସ ମୂଳେ ଏ ଜଗତ କହି ପିଢ଼ି ଦର ପିଢ଼ି ଜୀବନ ପଦ୍ଧତିରେ ସାମିଲ କରି ଦିଆଯାଇଛି । ଏହିଠାରୁ ବିଚାରଧାରା ଉପରେ ଚର୍ଚ୍ଚା ଆରମ୍ଭ ହେଉଛି । ଆଧ୍ୟାତ୍ମିକ ବିଚାରଧାରା ଠାରୁ ଅଲଗା ଏକ ବିଚାରଧାରା ହେଉଛି ହେତୁବାଦୀ ବିଚାରଧାରା ।ଏ ହି ବିଚାରଧାରା ଅନୁସାରେ ଅନେକ ପ୍ରକାର ପ୍ରଶ୍ନ ଉଠୁଛି –୧.ଏହି ସୃଷ୍ଟିର ଜନ୍ମ କେବେ ଓ କିପରି ହେଲା ? ୨. ଏହି ସୃଷ୍ଟିକୁ କିଏ ନିୟନ୍ତ୍ରଣ ଓ ପରିଚାଳିତ କରୁଛି? ୩.ମନୁଷ୍ୟକୁ ଏହି ପୃଥିବୀକୁ କିଏ ପଠାଇଛି ? ୪.ଏହି ପୃଥିବୀ ବ୍ୟତୀତ କ'ଣ ବିଶ୍ୱରେ ଅନ୍ୟ କେଉଁଠି ବିଶିଷ୍ଟ ଲୋକ ଜଗତ ଅଛି ? ୫.ଏହି ପୃଥିବୀକୁ ପରିଚାଳିତ କରୁଥିବା କୌଣସି ମହାଶକ୍ତି କ'ଣ ଅନ୍ୟ ଗୋଟିଏ ବିଶିଷ୍ଟବା ସ୍ୱତନ୍ତ୍ର ଜଗତରେ ଅଛି ?୬.ସେହି ବିଶିଷ୍ଟ ଜଗତରୁ କ'ଣ ମଣିଷ ଏହି ଜଗତକୁ ଆସିଛି ? ୭.ବିଶିଷ୍ଟ ଜଗତରେ କ'ଣ ମଣିଷମାନେ ଏହି ଜଗତ ଭଳି ବିଭିନ୍ନ ଦୁଃଖ ଓ ଯନ୍ତ୍ରଣା ଭୋଗ କରୁନାହାନ୍ତି ?

ଉପରୋକ୍ତ ସମସ୍ତ ପ୍ରଶ୍ନ ଉତ୍ତର ପାଇଁ ବିଭିନ୍ନ ମତବାଦ ପ୍ରକାଶ ପାଉଛି ଯାହା ପରସ୍ପର ବିରୋଧୀ ମତ । ଅଧିକାଂଶ ପ୍ରଶ୍ନର ଉତ୍ତର ହେଉଛି, ସେହି ବିଶିଷ୍ଟ ଜଗତର ସର୍ବଶକ୍ତିମାନ ଈଶ୍ୱର, ପରମାତ୍ମା ସବୁ କରିଛନ୍ତି ଓ କରୁଛନ୍ତି । ମଣିଷର ଆତ୍ମା ହେଉଛି ପରମାତ୍ମାର ଅଂଶ

ISSN NO.
2582-208X

ବିଶେଷ । କୁହାଯାଏ ଯେ ମୃତ୍ୟୁ ପରେ ମଣିଷର ଆତ୍ମା ଯାଇ ପରମାତ୍ମାରେ ଲୀନ ହୋଇଯିବ । ତାର ସମସ୍ତ ଦୁଃଖ, କଷ୍ଟ ଦୂର ହୋଇଯିବ । ଏଥିପାଇଁ କିନ୍ତୁ କିଛି ସର୍ତ୍ତ ଅଛି । ସେହି ସର୍ତ୍ତ ଅନୁସାରେ କିଛି ବିଧି-ବିଧାନକୁ ଜୀବନସାରା ମାନି ଚଳିବାକୁ ହେବ । ସେହି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଆମେ ଆଧ୍ୟାତ୍ମିକଧର୍ମ କହୁଛୁ । ଆମ ସଂସାରରେ ଆଜି ୪୨୦୦ ଛୋଟ ବଡ଼ ଆଧ୍ୟାତ୍ମିକ ଧର୍ମ ଅଛି । ସମସ୍ତ ଆଧ୍ୟାତ୍ମିକଧର୍ମର ଭାବବାଦୀ ଦର୍ଶନର ଚରିତ୍ର ଏକା ଭଳି । କେବଳ ପାତ୍ର ଅଲଗା ଅଲଗା ହୋଇଥା'ନ୍ତି । ଏହି ବିଚାରଧାରାରେ ମସ୍ତିଷ୍କକୁ ନିୟନ୍ତ୍ରଣ କରିବା ପାଇଁ ଲୋଭ, ଭୟ ଓ ବିଶ୍ୱାସ ବ୍ୟବହାର କରାଯାଏ । ତୁମେ ମୋକ୍ଷ ପ୍ରାପ୍ତ କଲେ ଜନ୍ମ ଓ ମୃତ୍ୟୁରଚକ୍ରରୁ ମୁକ୍ତ ହୋଇଯିବ । ଅର୍ଥାତ ସବୁ ପ୍ରକାର ଦୁଃଖ ଯନ୍ତ୍ରଣାରୁ ମୁକ୍ତି । ପରମାତ୍ମାଙ୍କ ନିକଟରେ ଅପସରାମାନଙ୍କ ଗହଣରେ ରହି ସୁରା ପାନକରି ଚିନ୍ତା ରହିତ ଜୀବନ ଖୁସିରେ ରହି ପାରିବ । ତେଣୁ ମୋକ୍ଷ ମାର୍ଗରେ ହିଁ ଚାଲ ।

ଅନ୍ୟ ଏକ ମହତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି - ପ୍ରଚଳିତ ଆଧ୍ୟାତ୍ମିକଧର୍ମ ଧାରଣା ଉପରେ ସନ୍ଦେହ କର ନାହିଁ କିମ୍ବା ତର୍କ କରନାହିଁ କେବଳ ବିଶ୍ୱାସ କର । ଅନ୍ୟଥା ତୁମେ ନରକରେ ଯାଇ ରହିବ, ଯେଉଁଠି କେବଳ ଦୁଃଖ ଓ ଯନ୍ତ୍ରଣା ଭରି ରହିଛି । ଯମଦୂତମାନେ ତୁମକୁ ବହୁତ କଷ୍ଟ ଦେବେ । ଗରୁଡ଼ ପୁରାଣରେ ଯମାଳୟ ଓ ନରକର ଯେଉଁ ଭୟାନକ ଚିତ୍ର ବିସ୍ତାର ଭାବେ ବର୍ଣ୍ଣନା ରହିଛି । ତାହାକୁ ପଢି ପଣ୍ଡା ପୁରୋହିତମାନେ ମୃତ ବ୍ୟକ୍ତିର ଅତୃପ୍ତ ଆତ୍ମାର ମୋକ୍ଷପାଇଁ ତାଙ୍କର ପରିବାରଜନଙ୍କୁ ଭୟଭୀତ କରି ଦିଅନ୍ତି । ଆଜିର ଦିନରେ ସାରା ଭାରତରେ ମୃତକ ପାଇଁ ଶ୍ରାଦ୍ଧ ଓ ପିଣ୍ଡଦାନ ଆଦି କର୍ମକାଣ୍ଡ କରାଇବା ବାହାନାରେ ଗୋଟିଏ ଲାଭ ଜନକ ବ୍ୟବସାୟ ପାଲଟି ଗଲାଣି । ଧର୍ମଭୀରୁ ଲୋକମାନଙ୍କର କୋଟି କୋଟି ଟଙ୍କା ଅଯଥା ପଣ୍ଡା ପୁରୋହିତମାନେ ଲୁଟି ନେଉଛନ୍ତି । ମସ୍ତିଷ୍କରେ ଏହି ଭୟ ପଶିଗଲା ପରେ ଆଗରୁ ଥିବା ମୋକ୍ଷପ୍ରାପ୍ତିର ଲୋଭ ମିଶିଯାଏ। ମଣିଷ ଥରେ ମୋକ୍ଷ ମାର୍ଗରେ ଚାଲିବା ଆରମ୍ଭ କଲାପରେ ସେ ଚଳନ୍ତି ଜୀବନର ସମସ୍ୟା ଗୁଡିକ ଉପରେ ଆଉ କିଛି ଚିନ୍ତା କରିବା ଆବଶ୍ୟକ ବୋଲି ଭାବେ ନାହିଁ । ବୟସ ବଢିବା ସହିତ ତା'ର ବିଶ୍ୱାସ ଦୃଢ ହୋଇଯାଏ

ISSN NO.
2582-208X

ଏବଂ ମୋକ୍ଷ ମାର୍ଗରେ ମଣିଷ ଏତେ ଆଗକୁ ବଢିଯାଏ ଯେ ସେ ମୃତ୍ୟୁ ପର୍ଯ୍ୟନ୍ତ ପଛକୁ ଫେରି ଯାଇ ପାରେନାହିଁ ।

ଏହି କ୍ରମରେ ପିଢ଼ି ଦର ପିଢ଼ି ଜୀବନ ଅତିବାହିତ କରିବାର ଗୋଟିଏ ପଦ୍ଧତି ହୋଇଯାଏ । ସମୟାନୁସାରେ ସେହି ପଦ୍ଧତିକୁ ଅନୁସରଣ କରୁଥିବା ଲୋକମାନଙ୍କର ଗୋଟିଏ ଗୋଟିଏ ସମୂହ ତିଆରି ହୋଇଗଲା । ସେମାନେ ନିରନ୍ତର ଭାବେ ନିଜର ଏକ ସ୍ୱତନ୍ତ୍ର ଜୀବନଶୈଳୀକୁ ପାଳନ କଲେ । ପରେ ତାହା ସେମାନଙ୍କର ସଂସ୍କୃତି ହୋଇଗଲା । ବଞ୍ଚିରହିବା ପାଇଁ କିଛି କିଛି ବ୍ୟବହାରିକ ନିୟମ ବି ତିଆରିହେଲା । ସେସବୁ ମିଶି ବିଭିନ୍ନ ଆଧ୍ୟାତ୍ମିକଧର୍ମରେ ପରିଣତ ହୋଇଗଲା । ସେଥିପାଇଁ ଆଧ୍ୟାତ୍ମିକଧର୍ମକୁ ବ୍ୟବହାର ସଂହିତା ବୋଲି କୁହାଯାଏ । ସବୁ ଆଧ୍ୟାତ୍ମିକଧର୍ମର ମୂଳରେ ଏକ ବା ଅନେକ କାଳ୍ପନିକ ଦେବୀ-ଦେବତା ସୃଷ୍ଟିହେଲେ । ଦେବୀ-ଦେବତା, ଧର୍ମଗ୍ରନ୍ଥ ଓ ଧାର୍ମିକ ଜୀବନ ପଦ୍ଧତି ସମ୍ପର୍କରେ ଜ୍ଞାନ ଦେବାପାଇଁ ଅନେକ ଧର୍ମଗୁରୁ ଜାତ ହେଲେ । ସେମାନେ ସରଳ ବିଶ୍ୱାସୀ ଲୋକମାନଙ୍କ ମନରେ ଭୟ, ଲୋଭ ଓ ବିଶ୍ୱାସ ଜାଗ୍ରତ କରି ଖୁବ୍ ସହଜରେ ନିଜ ଅଧୀନରେ ରଖି ପାରିଲେ । ଯେଉଁ ବିଚାର ଓ ଜୀବନଶୈଳୀରେ ଲୋକମାନେ ରହିଲେ ତାକୁ ଗୋଟିଏ ଜାତି ବା ସମୁଦାୟ ବୋଲି କୁହାଗଲା । ଯେଉଁ ଭୂଭାଗରେ ସେମାନେ ଜନ୍ମ ହୋଇ ବାସ କଲେ, ତାହା ସେମାନଙ୍କର ଜନ୍ମଭୂମି, ମାତୃଭୂମି ଓ କର୍ମଭୂମି ହୋଇଗଲା । ପୃଥିବୀର ପ୍ରତ୍ୟେକ ଭୂଭାଗରେ ବାସ କରୁଥିବା ଲୋକମାନଙ୍କର ଭୟ, ଲୋଭ ଓ ବିଶ୍ୱାସକୁ ନେଇ ଉତ୍ପନ୍ନ ହେଉଥିବା ବିଚାରଧାରା ପ୍ରାୟ ଗୋଟିଏ ପ୍ରକାର ହୋଇଥାଏ । ସେହି ବିଚାରଧାରା ହିଁ ମଣିଷର ମସ୍ତିଷ୍କକୁ ନିୟନ୍ତ୍ରଣ କରିଥାଏ ।

ମୋ: ୯୪୮୨୦୧୭୨୭୦

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡି

ମହାଜ୍ଞାନୀ ଶୁକଦେବଙ୍କ ଚରଣେ ପ୍ରଣମି ବୋଲନ୍ତି ରାଜନ
ତବ ଶ୍ରୀମୁଖରୁ ପୁଣ୍ୟ କଥାମୃତ ଶ୍ରବଣରେ ଧନ୍ୟ ଜୀବନ
ହେ ମୁନି, ନିସ୍ତରିଲି ମାୟା ଜାଲରୁ
ମରଣର ଭୟ ହେଲା ଦୂରୀଭୂତ ତୁମ୍ଭ କୃପାବାରି ବର୍ଷାରୁ ।୪୧ ।

ସର୍ବ ଋଷିଗଣ ସହ ଶୁକଦେବ ପ୍ରବୋଧି ରାଜନେ ମଧୁରେ
ହରି ଓଁ ଉଚ୍ଚାରି ଗମିଲେ ବଦ୍ରିକା ଉଦାସ ବିଷାଦ ଚିତ୍ତରେ
ଯୋଗରେ, ଧ୍ୟାନକଲେ ନୃପମୋହନ
ଆତ୍ମାକୁ ପରମ ଆତ୍ମାରେ ସଂଯୋଗୀ ପରଂବ୍ରହ୍ମେ ହେଲେ ବିଲୀନ ।୪୨ ।

ବ୍ରାହ୍ମଣ ବେଶରେ କାକୋଦର ଗମେ ଅନ୍ତରେ ଦଂଶନ ଭାବନା
ବିପ୍ର ଧନ୍ୱନ୍ତରୀ ଗମନ୍ତି ଆତୁରେ ପଣ୍ଡ କରିବାକୁ ଯୋଜନା
ଉଭୟେ, ସାକ୍ଷାତ୍ ହୋଇଲେ ପଥରେ
ପଚାରଇ ଅହି ଯାଉଛ କୁଆଡେ ଏକାକୀ ବିଜନେ ବେଳାରେ ।୪୩ ।

ଧନନ୍ତରୀ ନାମ ଶୁଣନ୍ତୁ ଆମ୍ଭର ଜାତିରେ ନୈଷ୍ଠିକ ବ୍ରାହ୍ମଣ
ବ୍ରହ୍ମଶାପେ ଯେବେ ଦଂଶିବ ତକ୍ଷକ ଫେରାଇବୁ ରାଜ ପରାଣ
ପାଇବୁ, ଯଶ କୀର୍ତ୍ତି ଥାତି ଗୋ-ଧନ
ମନ୍ଦାକିନୀ କୂଳେ ମିଳିବୁ ସତ୍ୱରେ ତହିଁ କରେ ନୃପ ପୂଜନ ।୪୪ ।

ISSN NO.
2582-208X

ତକ୍ଷକ ଦଂଶନେ ନବର୍ତ୍ତନ୍ତି ପ୍ରାଣୀ ଏହି ଚରାଚର ଭୁବନେ
ମୁଖ ଗହ୍ୱରେ ତା କାଳକୂଟ ବିଷ ନିମିଷେ ପଠାଏ ଶ୍ମଶାନେ
ଏଥକୁ, ପ୍ରତିକାର ନାହିଁ ସଂଶାରେ
ବୀର ଦର୍ପରେ ଛଦ୍ମବେଶୀ ପନ୍ନଗ ବଳିଲା କାଶ୍ୟପ ଛାମୁରେ ।୪୫ ।

-: ଟୀକା :-
ଜବାହାରଲାଲ - ମନ୍ଦାର ଫୁଲଠାରୁ ଅଧିକ ଲାଲ୍
କାକୋଦର - ସର୍ପ
ବିଜନ - ନିର୍ଜନ
ଥାତି - ଧନ ସମ୍ପତ୍ତି

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଅପ୍ରାକୃତ ପ୍ରେମ ର ଅଭୁଲା ସ୍ମୃତି



ବିଶ୍ୱନାଥ ନାଏକ

ଥିଲା ସେ ଚଗଲି
ଫୁଲ ଠୁ ସୁନ୍ଦରୀ,
ପାଉ ଥିଲି ଦିନେ ଭଲ।

ଫୁଲ ପରି ଆଜି
ମଉଳି ସେ ଗଲା,
ଦେଇଗଲା ତା'ର ମୂଲ।।

ନିଆରା ଥିଲା ସେ
ଭାବ ପ୍ରୀତି ଆମର
ଯେମିତି ଫୁଲ ବିନା ଭମର।

ଲୁଚି ଲୁଚି ଦେଖି
ଦେଉଥାଏ ପୁଣି ହସି
ମିଳେନାହିଁ ତା'ର ଉତ୍ତର।।

ଦିନ ପରେ ରାତି
ବିତି ଚାଲିଥାଏ
ଲାଗୁଥାଏ ଭାରି ଖୁସି।

କିଏ ଜାଣିଥିଲା
ସେ ଖୁସି ମୋର
ଛାଡ଼ି ଚାଲିଯିବ ଖସି।।

ବିରହ ନିଆଁ ରେ
ସଦା ମୋର ମନ
ଜଳିଜଳି ଯାଉ ଥାଏ ।

ଏମିତି କା ପ୍ରିୟା
ମୋ ଜୀବନରେ ଆସି
ଦୁଃଖ ଭରିଦେଇ ଚାଲି ଯାଏ ।।

ଅବୁଝା ଏମନ
ବୁଝୁ ନାହିଁ,
ସେ ଥିଲା ଗୋଟିଏ ସପନ ।

ଯେତେ ଚାହିଁଲେ ବି
ନିଜ ଠାରୁ ସେ,
ଭୁଲେଇ ପାରେନା ସେ ଦିନ ।।

ISSN NO.
2582-208X

ନିଜକୁ ନିଜେ
ଖୋଜି ବୁଲୁଥାଏ,
ତା ସ୍ମୃତି ରେ ଯାଇ ହଜି ।

ବିନା ବରଷା
କୋଠରୀ ଭିତରେ,
ଲୁହରେ ଯାଏ ସେ ଭିଜି ।।

ହସି ହସି ଆଜି
ମୋ ଆଖି ସାମ୍ନାରେ,
ଚାଲି ଯାଏ ସେ ଥିରି ଥିରି ।

ଅଭିନୟ ତାର
ଆଜି ବି ଉଛ ରେ,
ଠିକ୍ ସେ ପୁରାଣା ଦିନ ପରି ।।

ମଧୁପ ପରିକା ସେ
କୁହୁକ କରିକି
ହୃଦୟ ବଗିଚାରେ ବସି ।
(ମଧୁପ - ମହୁମାଛି)

ଶୋଷି ନେଇ ସବୁ
ମଧୁ ମୋ ମନରୁ
ଉଡି ଚାଲି ଯାଏ ଖସି ।।

କଥା ଥିଲା ତା'ର
ଭାରି ମିଠା ମିଠା
ଶୁଣି ମନ ଖୁସି ହୁଏ ।

ହସରେ ଏମିତି
ଛଳଣା କଲା ସେ
ଦୂରେଇ କି ଚାଲି ଯାଏ ।।

ଦେଇ ଥିଲା ଦିନେ
କିଛି ପ୍ରତିଶ୍ରୁତି
ଆଜି ଗଲା ତାକୁ ଭୁଲି ।

ଅଭିମାନୀ ସେ ଥିଲା
ଭିତରେ ପ୍ରଚୁର
ନ ପାରିଲି ମୁଁ ଜାଣି ।।

ମଧୁମୟ ତାର ସେ
ଲାଜୁଆ ହସରେ
ଥିଲା ଏତେ ଯେ ଜହର ।

ଆଖି ଆଜି ମୋର
ଧୋକା ଖାଇଗଲା
ହୋଇ ଗଲା ସ୍ୱାର୍ଥ ପର ।।

ISSN NO.
2582-208X

ଦିନେ ମୋ ସହ
ସେ କଥା ନହେଲେ
ଯାଉ ଥିଲା  ସେ ରାଗି ।

ମଧୁର ବଚନେ
ଥିଲା ଏତେ ଦୁଃଖ
ଜାଣି ପାରିଲିନି ଯମା।

ଜାଣି ପାରିଲିନି
ଛଳଣା ତାର,
ଅଶ୍ରୁ ଢଳ ଢଳ ଏ ଆଖି।।

ମିଛିମିଛି କା ସେ
ନୟନ ଭିଜେଇ
ମାଗୁଥିଲା ଦିନେ କ୍ଷମା ।।

ତାର ସବୁ ଭୁଲ୍
ଭୁଲେଇ ଦେଇକି
ତଥାପି ତା ସହ ଥିଲି ।

ଆଜି ତାର ଏଇ
ଦିବ୍ୟ ଦରଶନେ
ଅଙ୍ଗେ ଲାଗିଯାଉ ଥାଏ ନିଆଁ ।

ଅହଂକାରୀ ମୋର
ସୁନ୍ଦରୀ ପ୍ରେମିକା
ଏକା କରି ଗଲା ଚାଲି ।।

ତା ଉପରେ କି
ହାତ ଉଠାଇ ପାରିବି
ଯାହାକୁ ଭାବୁଥିଲି ମୁଁ ପ୍ରିୟା।।

ଯଦି କେବେ ମୋର
ପ୍ରତିକ୍ରିୟା ଦେବାରେ
ହୋଇଯାଏ ଟିକେ ଡେରି ।

ଭାବନା ରେ ମୋର
କେବେ ଏମିତି ନଥିଲା
କେବେ ହେବୁ ନାହିଁ ଆମେ ଦୂର ।

ମିଛ ରେ ମିଛ ରେ
ଅଭିନୟ କରି
ହସୁଥାଏ ଥିରି ଥିରି।।

ମିଠା ହସରେ ତାର
ଛଳଣା ଲୁଚାଇ ରଖି କି
ଆଜି ହେଇଗଲା ସେ ନିଷ୍ଠୁର ।।

ISSN NO.
2582-208X

ରାତିରାତି ଚେଇଁ
ତମ ସହ ଦିନେ
ଲୁଚି ହେଉଥିଲେ କଥା ।

ଜାଣି ମୁଁ ନଥିଲି
ଏ ସମୟ ଦିନେ
ହେବ ମୋ ପାଇଁ ବ୍ୟଥା ।।

ତମ ପାଇଁ ମୋର
ହୃଦୟ ଭିତରେ
ଫୁଟେଇ ଥିବା ସେ ଫୁଲ ।

ଜୀବନରେ ପୁଣି
ଆଉ କେହି କେବେ
ଦେଇ ପାରିବେନି ତା ମୂଲ ।।

ମନେ ମୋର ଭୟ
ଭରି ରହିଥିଲା
କେମିତି ହେବା ଆମେ ଦେଖା ।

ପାଚେରୀ ସେ ପାଖେ
ତମ ଆସି ଥିଲ
ଦିନେ ଭରସା କରିକି ଏକା ।।

ମନେ ପଡେ ମୋର
ସେ ବରଷା ବିଜୁଳି
ଆମେ ଦୁହେଁ ଥିଲେ ଏକା ।

ବିଜୁଳି ଡର ରେ
ତମେ ଥରୁ ଥିଲ
ସେ ଆମ ପ୍ରଥମ ଦେଖା ।।

ଜହ୍ନ ଥିଲା ସାଖି
ଆମେ ପାଖାପାଖି
ଆମ ଭିତରର ବିଶିଷ୍ଟ ଦୂରତା।

ଥିରି ଥିରି ପୁଣି
ଛେପ ଢୋକା କଥା
ନିଷ୍ପନ୍ଦ ରଜନୀରେ ଆମେ ଏକା।।

ବିତି ଚାଲିଥାଏ
ସେ ଅଫେରା ରଜନୀ
ଜହ୍ନ ଆଲୁଅ କୁ  ଲୁଚାଇ ।

ଆଉ କିଛି ସମୟ
ବିତାଇବା ପାଇଁ କି
ତମେ ଦେଉଥିଲ ଅଟକାଇ।।

ଆଜି ତମ ସେଇ
ଭରସା ବିଶ୍ୱାସ
କେଉଁଠି ହଜେଇ ଦେଲ ।

ISSN NO.
2582-208X

ବିରହ ନିଆଁ ରେ
ଠେଲି ଦେଇ ମୋତେ
ଏକା କରି ଚାଲିଗଲ ।।

ଜହ୍ନ ବୋଲି ତମକୁ
ତୁଳନା ମୁଁ କରେ
ତମେ ଖୁସିରେ ଲାଜେଇ ଯାଅ ।

ଆଜି ଏ କଥା
ମନ ଗ୍ରହଣ କରୁନି
ହେଇଯାଏ ସେ ନିରୁପାୟ ।।

ଭାବିଥିଲି ଦିନେ
ମୋ ସାଥିରେ ତମକୁ
ବୁଲେଇ କି କିଛି ଜାଗା ।

ମୋ ସହ ତମେ
ଏମିତି ଖେଳିଲ
ହେଇଗଲି ମୁଁ ହତଭାଗା ।।

ଆଖି ଉଠେଇ ମୁଁ
ଚାହିଁ ପାରେନି ତମକୁ
କେମିତି ପାରିବି ଦୂରେଇ ।

ଏମିତିକା ମିଛେଇ
ଖେଳିଲ ମୋ ସହ
ଆଜି ଦେଲ ମୋତେ ଭଣ୍ଡେଇ ।।

କିଛି ଆଳାପ ଆମ
ସାଇତି ରଖିଛି
ଯାହା କହିଥିଲ ଦିନେ ତମେ ।
(ଆଳାପ – CHATING )

ବିଚରା ହୃଦୟ କୁ
ଶୁଣେଇବି ଦିନେ
ଯେବେ ତମ କଥା ଭାବେ ।।

ତମ ପରି ଝିଅ
ଆଉ କା ଜୀବନେ
ନ ମିଳୁ କା ଭାଗ୍ୟରେ ।

ମୋ ପରି ତାହାର
ଅବସ୍ଥା ଯେ ହେବ
ଭରିଯିବ ଦୁଃଖ ଜୀବନରେ ।।

ଜାଣେ ତମେ ଆଜି
ପଢ଼ିବ ଏ ମୋର
ଦରଦୀ ମନର ପରିଭାଷା।

ତଥାପି ତମେ
ନୀରବ ରହିକି
ଆଡ଼େଇ ବ ଆଉ ପୃଷ୍ଠା ।।

ଅର୍କିଳ, ଅନୁଗୋଳ
ପିନ୍ କୋଡ - ୭୫୯୧୦୦
ଦୂରଭାଷା – ୭୮୪୬୯୪୯୮୫୦

ISSN NO.
2582-208X

# ଷଟ୍-ତିଳା ଏକାଦଶୀ



ଅଧ୍ୟାପିକା ରେଢ଼ଜାଲିନ୍ ବାରିକ୍

ଆଜି ମାଘ ମାସ କୃଷ୍ଣ ପକ୍ଷ ଏକାଦଶୀ । ଏହା ଷଟ୍-ତିଳ ଏକାଦଶୀ ନାମରେ ଖ୍ୟାତ । 'ଷଟ୍'ର ଅର୍ଥ 'ଛଅ' ଓ 'ତିଳ'ର ଅର୍ଥ ରାଶି। ଏହି ଏକାଦଶୀରେ ବ୍ରତଧାରୀମାନେ ତିଳ ବୀଜକୁ ଛଅ ପ୍ରକାରରେ ବ୍ୟବହାର କରି ବ୍ରତ ପାଳନ କରୁ ଥିବାରୁ ଏପରି ନାମ ହୋଇଛି। ସେହି ଛଅ ପ୍ରକାରର ବ୍ୟବହାର ହେଉଛି- ୧. ତିଳ ଜଳରେ ସ୍ନାନ, ୨. ତିଳରେ ଲେପ ତିଆରି କରି ଶରୀରରେ ଲେପନ, ୩. ତିଳାଞ୍ଜଳି ଦେଇ ହୋମ ସଂପାଦନ, ୪. ତିଳ ମିଶ୍ରିତ ଜଳପାନ, ୫. ତିଳଦାନ ଏବଂ ୬. ତିଳରେ ପ୍ରସ୍ତୁତ ମିଷ୍ଟାନ୍ନ ଦେବତାଙ୍କୁ ଅର୍ପଣ। ଏଣୁ ଏ ଏକାଦଶୀ 'ଷଟ୍ତିଳା'।

ଆଜିର ଏହି ଦିନରେ କଳା ତିଳ ଦାନ ଏବଂ କଳା ତିଳରେ ଭଗବାନ ବିଷ୍ଣୁଙ୍କୁ ପୂଜନ କରାଯିବାର ଆବଶ୍ୟକତା ରହିଛି । ତିଳ ମିଶ୍ରିତ ପଂଚାମୃତରେ ନାରାୟଣଙ୍କୁ ସ୍ନାନ କରାଯିବାର ବିଧାନ ଅଛି । ସନ୍ଧ୍ୟା ସମୟରେ ଘରର ଉତ୍ତର-ପଶ୍ଚିମ କୋଣରେ ଗୋଲାପି ବସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ଚିତ୍ର/ପ୍ରତିମା ସ୍ଥାପନ ପୂର୍ବକ ବିଧି ପ୍ରକାରେ ପୂଜା କରନ୍ତୁ । ଦୀପ ପ୍ରଜ୍ଜ୍ୱଳିତ କରି ଗୋଲାପ ପୁଷ୍ପ ଅବିର ଅର୍ପଣ କରନ୍ତୁ । ରାଶିଲଡ୍ଡୁ, ରାବିଡ଼ି ଭୋଗ ଲଗାନ୍ତୁ ପ୍ରତ୍ୟୁଷରୁ ୧୦୮ ଥର ଓମ ନମଃ ଭଗବତେ ବାସୁଦେବାୟ ମନ୍ତ୍ର ଉଚ୍ଚାରଣ କରନ୍ତୁ ବୈଭବ ପ୍ରାପ୍ତି ହେବେ ମାଘମାସ କୃଷ୍ଣପକ୍ଷର ଏହି ଏକାଦଶୀରେ ଭଗବାନ ବିଷ୍ଣୁଙ୍କୁ ବିଧି ପୂର୍ବକ ଆରାଧନା କରାଯାଏ। ଏହି ଏକାଦଶୀରେ କଳା ରାଶି ପୂଜାରେ ଉପଯୋଗ ହୁଏ।

ISSN NO.
2582-208X

ଏହି ଏକାଦଶୀ ବ୍ରତ ରଖୁଥିବା ଲୋକେ କଳା ଗାଇଙ୍କୁ ଘାଷ, ଚାରା ଦେଲେ ଅଶେଷ ପୂଣ୍ୟର ଅଧିକାରୀ ହୁଅନ୍ତି ବୋଲି ପୁରାଣରେ ବର୍ଣ୍ଣନା ରହିଛି। ତେବେ ଲୋକେ କାହିଁକି ଏହି ଏକାଦଶୀ ପାଳନ କରନ୍ତି ?

ଏକଦା ଦାଲଭ୍ୟ ଋଷିଙ୍କୁ ପୁଲସ୍ତ୍ୟ ଋଷି ଏହି ଏକାଦଶୀର ମହାତ୍ମ୍ୟ ବ୍ୟାଖ୍ୟାନ କରିଥିଲେ। ଏଥିରେ ସେ ମୃତ୍ୟୁ ଲୋକରେ ରହୁଥିବା ଜଣେ ମହିଳାଙ୍କ ବ୍ରତ ଉପବାସ ସମ୍ପର୍କରେ ଦାଲଭ୍ୟଙ୍କୁ ଅବଗତ କରାଇଥିଲେ। ମୃତ୍ୟୁ ଲୋକରେ ରହୁଥିବା ଏହି ମହିଳା ବିଭିନ୍ନ ବ୍ରତ ଉପବାସ କରୁଥିଲେ। ମହିଳା ଅତ୍ୟନ୍ତ ବୁଦ୍ଧିମତି ଥିଲେ। ହେଲେ ଦେବତା ଅଥବା ବ୍ରାହ୍ମଣଙ୍କ ଲାଗି ଅନ୍ନ ଅଥବା ଧନ ଦାନ କରିନଥିଲେ। ତେବେ ବ୍ରତ ଉପବାସ ଯୋଗୁ ସେ ଶରୀର ଶୁଦ୍ଧ କରିସାରିଥିଲେ। ଏଣୁ ତାଙ୍କ ବିଷ୍ଣୁ ଲୋକ ମିଳିବା ନିଶ୍ଚିତ ଥିଲା। ହେଲେ ଅନ୍ନ ଦାନ କରିନଥିବାରୁ ତାଙ୍କର ତୃପ୍ତି ମିଳିବା କଷ୍ଟକର ଥିଲା।ଏଣୁ ପୌଲସ୍ତ୍ୟ ବ୍ରାହ୍ମଣ ରୂପରେ ମୃତ୍ୟୁଲୋକକୁ ଯାଇ ମହିଳାଙ୍କ ଘର ଆଗରେ ଅନ୍ନ ଭିକ୍ଷା କରିଥିଲେ। ଏଥିରେ ମହିଳା କ୍ଷୁବ୍ଧ ହୋଇ ଭିକ୍ଷୁକଙ୍କ ପାତ୍ରରେ ମାଟିର ପିଣ୍ଡୁଳାଟିଏ ପକାଇ ଦେଇଥିଲେ। ଏଥିରେ ପୌଲସ୍ତ୍ୟ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିଯାଇଥିଲେ। କିଛି ସମୟ ଉପରାନ୍ତ ମହିଳା ବି ଶରୀର ତ୍ୟାଗ କରି ସ୍ବର୍ଗରେ ପହଞ୍ଚିଥିଲେ। ଭିକ୍ଷୁକଙ୍କୁ ମାଟି ଦାନ କରିଥିବାରୁ ସ୍ୱର୍ଗରେ ତାଙ୍କୁ ସୁରମ୍ୟ ପ୍ରାସାଦ ମିଳିଥିଲା। ହେଲେ ସେଠାରେ ଅନ୍ନପାଣିର କୌଣସି ବ୍ୟବସ୍ଥା ନଥିଲା। ଏଣୁ ସେ ପୌଲସ୍ତ୍ୟ ଋଷିଙ୍କୁ ଭେଟି ଅଭିଯୋଗ କରିଥିଲେ। ଏଥିରେ ସେ ତାଙ୍କୁ ନିଜ ଘରକୁ ଯାଅ ଦେବୀମାନେ ତାଙ୍କୁ ଭେଟିବାକୁ ଆସୁଥିବା କହିଥିଲେ। ତେବେ ସେମାନଙ୍କୁ କବାଟ ଖୋଲିବା ପୂର୍ବରୁ ଷଟତିଳା ଏକାଦଶୀର ମହାତ୍ମ୍ୟ ଶୁଣାଇବାକୁ କହିବ।

॥ଏକାଦଶୀ ମାହାତ୍ମ୍ୟ ॥

।ଯୁଧିଷ୍ଠିର ଉବାଚ ॥

ISSN NO.
2582-208X

ସ୍ତୁତି କରିଣ ଯୁଧିଷ୍ଠିର । କହନ୍ତି ପ୍ରଭୂ ଦାମୋଦର ॥
ମାଘର କୃଷ୍ଣ ଏକାଦଶୀ ।ନାମହିଁ କହିବା ବିଶେଷି ॥

॥ଶ୍ରୀକୃଷ୍ଣ ଉବାଚ॥
କୃଷ୍ଣ କହନ୍ତି ଯୁଧିଷ୍ଠିର । ବାଲ୍ୟ ଅଗସ୍ତ୍ୟ ଦୁହିଁଙ୍କର ॥

॥ବାଲ୍ୟ ଉବାଚ॥
ବାଲ୍ୟ କହନ୍ତି ହେ ଅଗସ୍ତ୍ୟ । ତୁମେ ସମସ୍ତେ ଶାସ୍ତ୍ରେଭ୍ୟସ୍ତ ॥
ଯାହା ପଚାରୁଅଛି ମୁହିଁ । କହିବା ସନ୍ଦେହ ଫିଟାଇ ॥
ମର୍ତ୍ତ୍ୟ ନିବାସୀ ପ୍ରାଣୀମାନେ । ପାପ କରନ୍ତି ଅନୁକ୍ଷଣେ ॥
ଗୋହତ୍ୟା ବ୍ରହ୍ମହତ୍ୟା ପାପ । କରି ଲଭନ୍ତି ବ୍ରହ୍ମଶାପ ॥
ପର ଦ୍ରବ୍ୟର ଅପହାରେ । ପ୍ରବର୍ତ୍ତିଛନ୍ତି ପରଦାରେ ॥
ପରନିନ୍ଦନ ପରହିଂସା । ପ୍ରଶସ୍ତ ଜନ ଅପ୍ରଶଂସା ॥
କରି ଏମନ୍ତ ପାପ ମାନ । ନରକେ ପଡିବ ପ୍ରମାଣ ॥
କେଉଁ ବ୍ରତରେ କେଉଁ ଦାନେ । କି ଅବା ଅନାୟାସ ପୁଣ୍ୟେ ॥
ହେବ ତାହାଙ୍କ ପାପକ୍ଷୟ । କହିବା ମୁନି ଅସଂଶୟ ॥
ବାଲ୍ୟ ବଚନେ ମହାମୁନି । କହନ୍ତି ପ୍ରଶଂସାର ଘେନି ॥
ହେ ବାଲ୍ୟ ତୁମ୍ଭେ ପୁଣ୍ୟଶୀଳ। ପରଦୁଃଖରେ ଦୁଃଖୀ ହେଲ ॥
କହିବା ପଚାରିଲା ଯାହା । ଅବ୍ୟକ୍ତ ଗୁପ୍ତ ଶୁଣ ତାହା ॥
ଯାହାକୁ ବ୍ରହ୍ମା ବିଷ୍ଣୁ ଶିବ । କହି ନାହାନ୍ତି ଗୁପ୍ତ ଭାବ ॥
ତୁମ୍ଭ ନିକଟେ ତାହା ମୁହିଁ । କହିବି ଶୁଣ ସ୍ଥିର ହୋଇ ॥
ପ୍ରାତଃକାଳରୁ ସ୍ନାନସାରି । ଶୁଦ୍ଧେ ଇନ୍ଦ୍ରିୟ ଜୟ କରି ॥
ଛାଡିବ ଦେହୁ ଅହଙ୍କାର । କ୍ରୋଧ ପୈଶୂନ୍ୟ କାମ ଆର ॥
ଦେବ ଦେବଙ୍କୁ ମନେ ଧରି ।ପାଦକୁ ପକ୍ଷାଳନ କରି ॥

ISSN NO.
2582-208X

ଘେନିବ ଭୂମି ଅପତିତ । ଗୋମୟ ଦେଖିବା ସଂସ୍କୃତ ॥
ତହିଁ ପକାଇ ତିଳମାନ । କରିବା ପିଣ୍ଡିକା ଯେସନ ॥
ହେବ ଏ ଅଷ୍ଟୋତ୍ତର ଶତ । ନକରି ବିଚାରଣା ଏଥ ॥
ମାଘର କୃଷ୍ଣ ଏକାଦଶୀ । ନାକ ଭୁଲମ୍ବ କରି ଭାଷି ॥
ଏଥି ଯେ ନିୟମ ବିଧାନ । କହିବା ବିଧେୟର ମାନ ॥
ପ୍ରାତଃ କାଳରେ ସ୍ନାନ କରି । ସେ ଇଷ୍ଟ ଦେବ ପୂଜାକରି ॥
ଅଧଃ ଊଦ୍ଦୁର୍ଦ୍ଧ ଓ ବାୟୁ ଯେବେ । ଶୁଦ୍ଧ ହୋଇବ କୃଷ୍ଣ ଭାବେ ॥
ଗୋଘୃତ ଦେଇଣ ଜାଗର । ରାତ୍ରିରେ ରହି ଉଜାଗର ॥
ଗୋଘୃତ ଦେଇ କ୍ରିୟା ସାରି । ନାରାୟଣଙ୍କୁ ପୂଜା କରି ॥
ମାଲ୍ୟ ସୁଗନ୍ଧ ଦ୍ରବ୍ୟମାନ । କର୍ପୁର ଅଗୁରୁ ଚନ୍ଦନ ॥
ଦିବ୍ୟ ଅମ୍ବର ଅଳଙ୍କାର । ଯେ ଅବା କିଛି ଚମତ୍କାର ॥
ଶର୍କରା ଦଧି ଦୁଧ ସର । ଖଣ୍ଡ କଦଳୀ ଯେ ମଧୁର॥
ବୀଜ ପୁରକ ନାରିକେଳ । କୁଷ୍ମାଣ୍ଡ ଅବା ଯୁଗଫଳ ॥
ଏ ଆଦି ଦ୍ରବ୍ୟମାନ ଘେନି । ପୂଜିବ ନାରାୟଣ ଜାଣି ॥
ସଂସାର କୃଷ୍ଣ ନାମେ କରି । ଯେ ପୂଜା ଦ୍ରବ୍ୟ ଆଦି ଧରି ॥
କେ କୃଷ୍ଣ କୃଷ୍ଣ ଦୟା ନେବ । ଗତି ଅଗତି ଜନ ଭବ ॥
ଭବାବିଧି ମନ୍ତ୍ର ଏହୁ ଜନ୍ମ । ପ୍ରସିଦ୍ଧ ହେ ମଧୁ ସୁଦନ ॥
ନମସ୍ତେ ପୁଣ୍ଡରିକେ କ୍ଷଣ । ନମରେ ହେ ବିଶ୍ୱଭାଜନ ॥
ନମସ୍ତେ ସୁ ବ୍ରହ୍ମଣ୍ୟ ଅଜ । ହେ ମହାପୁରୁଷ ପୂର୍ବଜ ॥
ମୁ ଦେଉଅଛି ଅର୍ଘ୍ୟ ଘେନ । ଲକ୍ଷ୍ମୀ ସହିତ ନାରାୟଣ ॥

॥ଇତି ମଘ୍ୟମନ୍ତ୍ର ॥

ଏହି ମନ୍ତ୍ର ପଢ଼ି ବ୍ରତୀଜନେ । ଅର୍ଘ୍ୟକୁ ଦେବାର ବିଧାନେ ॥
ପୂଜିବ ଆଚାର୍ଯ୍ୟ ବ୍ରାହ୍ମଣ । କରିବ ମୁକୁଟ ପ୍ରଦାନ ॥

ISSN NO.
2582-208X

ଦେବ ସୁଷ୍ଟତ୍ର ଉପାନହ । ବୋଲିବ କୃଷ୍ଣ ପ୍ରୀତ ହୁଅ ॥
ଦେବ ବସନ କୃଷ୍ଣ ଗାଇ । ଯଥା ଶକ୍ତିରେ ବୃଷ୍ଟ ପାଇ ॥
ଦ୍ୱିଜା ଶ୍ରେଷ୍ଠରେ ତିଳ ପାତ୍ର । ଦେବ ଆସନ ସହ ବସ୍ତ୍ର ॥
ସ୍ନାନ ସାରିଣ ଦାତା ପୁଣ । ପୂଜିବ ଦେବତା ବ୍ରାହ୍ମଣ ॥
ଯେତେ ପ୍ରରୋହ ତଳୁ ଜାତ । ତେତେ ସହସ୍ର ବର୍ଷ ଗତ ॥
ସ୍ୱର୍ଗେ ବସଇ ସେହୁ ଯାଇ । ଶୁଣ ଅଗସ୍ତ୍ୟ ଯାହା କହି ॥
ଯେ ତିଳୋଦକ ତିଳ ସ୍ନାୟୀ । ତିଳ ବଦଳି ତିଳ ଯାଇ ॥
ଯେ ତିଳୋଦକି ତିଳ ହୋମି । ଷଟ୍-ତିଳ ନୋହେ ପାପଭୂମି ॥
ଏ ଷଟ୍-ତିଳର ପ୍ରଭାବ । କହି ନ ପାରେ ପଦଭାବ ॥
ଶୁଣ ଏ ମହିମାର ଭେଦ । ଶ୍ରୀକୃଷ୍ଣ ନାରଦ ସମ୍ବାଦ ॥
ପୂର୍ବେ ନାରଦ ପଚାରିଲେ । ଯାହା ସେ ଶ୍ରୀ କୃଷ୍ଣ କହିଲେ ॥

॥ନାରଦ ଉବାଚ ॥

କହିବା ହେବେ ଯଦି ଧନ୍ୟ । ଷଟ୍-ତିଳ ଏକାଦଶୀ ପୂଣ୍ୟ ॥
କହିବା ସୋପାଖ୍ୟାନ କରି । ଯେବେ ସନ୍ତୋଷ ନରହରି ॥
ନାରଦ ପଚାରନ୍ତେ ହରି । କହନ୍ତି ପ୍ରୀତିଭାବ ଧରି ॥

॥ଶ୍ରୀକୃଷ୍ଣ ଉବାଚ ॥

ପୂର୍ବେ ଏ ମର୍ତ୍ତ୍ୟଲୋକେ ଜାଣ । ଥିଲେ ଯେ ଏକଇ ବ୍ରାହ୍ମଣ ॥
ସଦା ମୋ ବ୍ରତେ ପରାୟଣ । କରଇ ମୋ ମୂର୍ତ୍ତି ପୂଜନ॥
ନିରତେ ମାସୋପବାସରେ । ମୋ ପାଦେ ଅତି ଭକ୍ତି କରେ ॥
ଯେ କୃଚ୍ଛ୍ର ଚାନ୍ଦ୍ରାୟଣ ବ୍ରତ । ତେଣେ ବନ୍ଦିଲା ତାର ଚିତ୍ତ ॥
ଏମନ୍ତ ବ୍ରତ ଉପବାସ । କରନ୍ତେ ହେଲା ଅତି କୃଶ ॥

ISSN NO.
2582-208X

ଦେବ ଅବିରା ଦ୍ୱିଜ ଗୃହ । ତୋଳାଇ ଦେବାରେ ଆଗ୍ରହ ॥
ତୋଳାଇ ମାତ୍ରକ ଦିଅଇ ।ଅନ୍ନ ତଲାସ ନ କରଇ ॥
ଏ ରୂପେ ସେହୁ ମହାସତୀ। ସବୁ କାଳରେ ମୋର ପ୍ରୀତି ॥
ନ ଦେଲା ଭିକ୍ଷା ଭିକ୍ଷୁକରେ। କିଛି ନ ଦେଲା ଦ୍ୱିଜକରେ ॥
ଗୃହ ବସନ ଦେଲା ନାହିଁ । ନ ଦେଲା ଅନ୍ନ ସୃଷ୍ଟି କାହିଁ ॥
ଏମନ୍ତ କେତେ କାଳ ଗଲା । ମୋ ଅନ୍ତ କରଣେ ହୋଇଲା ॥
ଅନେକ ବ୍ରତ ପୁଣ୍ୟ କଲା । ତେଣୁ ଏ ଶୁଦ୍ଧ ତନୁ ହେଲା ॥
ତଥ୍ୟ ଏ କାୟ କ୍ଲେଶ କରି । ଅର୍ଜିଲା ସ୍ୱୟଂ ଦେବ ପରି ॥
ନ ଦେଲା ଅନ୍ନ ଦାନ କିଛି । ଯେଣେ ପରମ ତୁଷ୍ଟି ବାଞ୍ଛି ॥
ଏମନ୍ତ ଜାଣିଣ ନାରଦ । ମର୍ତ୍ତ୍ୟ ଲୋକରେ ଦେଲା ପାଦ ॥
କପିଳ ରୂପକୁ ଧଇଲି । ପାତ୍ରରେ ଭିକ୍ଷାକୁ ମାଗିଲି ॥
ଶୁଣି ସେ ନ ଶୁଣିଲା ହୋଇ । ପଚାରେ ମୋତେ ଯିବ କାହିଁ ॥
ଅଇଲେ କେଉଁଠାରୁ ଆଜ । କହ ମୋ ଆଗେ ଦ୍ୱିଜରାଜ ॥
ମୁଁ ପୁଣି ତା ଶୁଣି ନ ଶୁଣି । ମାଗିଲି ଅନ୍ନ ଦେ ତରୁଣୀ ॥
ତମ୍ବା ପାତ୍ରରେ ମାଟି ପିଣ୍ଡ । ଗୋଟାଏ ଫିଙ୍ଗିଦେଲା ଦାଣ୍ଡ ॥
ଏମନ୍ତ ରୀତି ତାର ଦେଖି । ମନେ ନାରଦ ହେଲେ ଦୁଃଖୀ ॥
ଦୁଃଖ ବିଚାରି ସ୍ୱର୍ଗ ପୁର । ଗଲି ମୁଁ ଛାଡି ସେ ଶରୀର ॥
ପୁଣି ବହୁତ କାଳ ଗଲା । ତପସ୍ୱୀ ପ୍ରାଣ ଶୂନ୍ୟ ହେଲା ॥
ଏ ମହାବ୍ରତ ପ୍ରଭାବରେ । ସ୍ଥାନ ପାଇଲା ସ୍ୱର୍ଗ ପୁରେ ॥
ଏ ମୃତପିଣ୍ଡ ଦାନ କରି । ପାଇଲା ମନୋରଥ ପୁରୀ ॥
ଯେଣୁ ନ କଲା ଅନ୍ନଦାନ । ତେଣୁ ଏପରି ଧନହୀନ ॥
ପୁରରେ ପଶି କିଛି ଧନ । ନ ଦେଖି ହୋଇ କ୍ଷୀଣମନ ॥
ପୁରୁ ବାହାରି ମୋ ଅଗ୍ରତେ । କହଇ ମହାକୋପ ଚିତ୍ତେ ॥

ISSN NO.
2582-208X

ମୁଁ କଲି କୃଚ୍ଛ୍ର ଚାନ୍ଦ୍ରାୟଣ । ଭଜିଲେ ଦେବ ନାରାୟଣ ॥
କଲି ମୁଁ ଉପବାସ ବ୍ରତ । ଦେବ ବ୍ରାହ୍ମଣ ଗୃହ ଶତ ॥
ମୋ ଘରେ କିଛି ଧନ ନାହିଁ । କି ବୁଦ୍ଧି କହ ଭାବଗ୍ରାହୀ ॥
ଏ ପାଦପଦ୍ମ ଆଶ୍ରେ କରି । ତ୍ରିଲୋକେ ହେଲି ମୁଁ ସୁନ୍ଦରୀ ॥
ପାଇଲି ଅନୁପମ ପୁରୀ । ନିର୍ଦ୍ଧନ ହେଲି ଏ କିପରି ॥
ଶୁଣି ସେ ବ୍ରାହ୍ମଣୀ ବଚନ । ଯାହା କହିଲି ତୁମ୍ଭେ ଶୁଣ ॥
ପୂର୍ବ ବାସନା ବଶେ ଜୀବ । କରେ ଅପୁଣ୍ୟ ପୁଣ୍ୟଭାବ ॥
ଯେ ବଡ଼ କର୍ମ କରିଥାଇ । ଶେଷ କର୍ମର ଫଳପାଇ ॥
ତୁ ଦେବୀ ଦ୍ୱିଜ କଲୁ ଘର । ତେଣୁ ପାଇଲୁ ଦିବ୍ୟପୁର ॥
ବ୍ରତ ତପରେ କୃଶ ହେଲୁ । ତେଣୁ ତୁ ସୁନ୍ଦରୀ ହୋଇଲୁ ॥
ଯେଣୁ ନ ଦେଲୁ କିଛି ଧନ । ତେଣୁ ନିର୍ଦ୍ଧନ ତୋ ଭବନ ॥
ଜୀବର କୃତ କର୍ମମାନ । ଦିଅଇ କାଳ ଯେ ସମନ ॥
ଶୁଣି ଏ ତତ୍ତ୍ୱ ତପସ୍ୱିନୀ ।ପାଦେ ପଡ଼ିଲା ଯୋଡ଼ି ପାଣି ॥
ଅତ୍ୟନ୍ତ ଦୀନହୀନ ହୋଇ । ରହିଲା ମୋ ପାଦକୁ ଧ୍ୟାୟୀ ॥
ବୋଇଲି ବିଷାଦ ନ ଘେନି । ଯାଅ ପୁରକୁ ତପସ୍ୱିନୀ ॥
ତୁମ୍ଭଙ୍କୁ ଦେଖିବାକୁ ଥୋକେ । ଆସିବେ ଜଗତର ଲୋକେ ॥
କବାଟ କିଳି ରହିଥିବୁ । ଡାକିଲେ ବାହାର ନୋହିବୁ ॥
ଜାଣିବୁ ଯାହାର ଆଗ୍ରହ । ବୋଲିବୁ ସତ୍ୟ ବାକ୍ୟ କହ ॥
ଷଟ୍-ତିଳ ପୁଣ୍ୟ ଦେବି ବୋଲି । ବୋଲି କବାଟ ଦିଅ ପେଲି ॥
ଏ ମଧ୍ୟେ ଯେହି କେହି ଯେବେ । ସତ୍ୟ ମୁଁ ଦେବଇଁ ବୋଲିବେ ॥
ତେବେ ତୁ ସତ୍ୟ କରାଇବୁ । ବେଗେ କବାଟ ଫିଟାଇବୁ ॥
ଏମନ୍ତ ମୋହଠାରୁ ଶୁଣି । ଗଲା ପୁରକୁ ତପସ୍ୱିନୀ ॥
ଏହି ସମୟେ ଦେବୀମାନେ । ଦେଖିବା ବୋଲି କରି ମନେ ॥

ISSN NO.
2582-208X

ଅଇଲେ ତପସ୍ୱିନୀ ପୁର ।ଦେଖିଲେ ପଡ଼ିଅଛି ଦ୍ୱାର ॥
ବୋଇଲେ ଫିଟାଅ ଦୁଆର ।ଦେଖିବା ତୁମ୍ଭର ଶରୀର ॥
ତ୍ରୈଲୋକ୍ୟେ ରୂପବତୀ ହୋଇ । ତୁମର ଖ୍ୟାତି ଶୁଣିଥାଇ ॥
ଦେବୀମାନଙ୍କ ବାଣୀ ଶୁଣି ।କହନ୍ତି ତପସ୍ୱୀ ତରୁଣୀ ॥
ଯେବେ ମୋହର ଦରଶନେ ।ଉପୁଜି ଅଛି ଶ୍ରଦ୍ଧା ମନେ ॥
ଷଟ୍-ତିଳ ପୁଣ୍ୟ ଦିଅ ମୋତେ । ଦୁଆରୀ ଉଦ୍-ଘାଟ ନିମନ୍ତେ ॥
ସେମାନେ ଚୁହାଁ ଚୁହିଁ ହୋଇ ।ବୋଇଲେ ପୁଣ୍ୟ ନୋହେ ଦେଇ ॥
ଏତେ ବିଚାରି ଲେଉଟିଲା ।ଏ ମଧ୍ୟେ ଜଣେକ ବୋଇଲା ॥
ଷଟ୍-ତିଳ ପୁଣ୍ୟ ନିଅ ମୋର । ଦେଖାଅ ତୁମ୍ଭର ଶରୀର ॥
ଶୁଣୁ ଯେ ଅଛୁ ତିନି ଲୋକେ ।ନାହିଁ ତୋ ରୂପ ସମଲୋକେ ॥
ଏ ରୂପ ପ୍ରତ୍ୟକ୍ଷ କରିବା ।ଷଟ୍-ତିଳ ପୁଣି ଅରଜିବା ॥
ଏମନ୍ତ ଶୁଣି ସେ ମହିଳା ।ଦ୍ୱାର ଫିଟାଇ ବାହାରିଲା ॥
ଦେଖିଣ ଦେବନାରୀମାନେ ।ଅତି ବିସ୍ମିତ ହେଲେ ମନେ ॥
ଏ ରୂପେ ରୂପବତୀ ହୋଇ ।ତିନି ଲୋକରେ ପ୍ରାୟ ନାହିଁ ॥
ଅସୁରୀ ଗାନ୍ଧର୍ବୀ କିନ୍ନରୀ ।ଯେବା ପନ୍ନଗୀ ଅପସରୀ ॥
ମାନୁଷୀ କିମ୍ପାଇଁ ଲେଖିବା ।ଏ ନାରୀ ସମାନ ଦେଖିବା ॥
ହୋଇ ନଥିଲା ହେବ ନାହିଁ ।ଇଦୃଶ ରୂପବତୀ କାହିଁ ॥
ଏ ରସେ ସ୍ତୁତି କରି ମୁଦେ ।ଗଲେ ସେ ନାରୀ ଦେବବୃନ୍ଦେ ॥
ତପସ୍ୱୀ ପଶିଲାକ ପୁରେ ।ଦେଖିଲା ପୁର ସମ୍ପଦରେ ॥
ମଣି ମୋହର ଅନୁଗ୍ରହ ।ମୋ ପାଦେ କଲା ଅତି ସ୍ନେହ ॥
ଅତ୍ୟନ୍ତ ତୃଷା ନ କରିବ ।ବିତ୍ତଶାଠ୍ୟକୁ ବିବର୍ଜିବ ॥
ଆପଣା ଚିତ୍ତ ଅନୁସରି ।ତିଳ ବସନୁ ଦାନ କରି ॥
ବିଧିରେ କୃତ ତିଳଦାନ। ।ହରଇ ସର୍ବ ପାପମାନ ॥

ISSN NO.
2582-208X

ଜାଣ ଶରୀର ଅନିଶ୍ଚିତ ।ଏ ରୂପ ନ ଥିବ ସୁବ୍ରତ ॥
ଆରୋଗ୍ୟ ଜନ୍ମ ଜନ୍ମ ହୋଏ । ଦରିଦ୍ର କଷ୍ଟକୁ ନ ପାଏ ॥
ଏ ଷଟ୍-ତିଳ ଏକାଦଶୀ ।ସକଳ ପୁଣ୍ୟ ଧର୍ମ ରାଶି ॥
ଶୁଣହେ ବାଲ୍ୟ ମହାମୁନି ।କହି ଅଛନ୍ତି ପଦ୍ମଯୋନି ॥
ମାହାତ୍ମ୍ୟ ଶୁଣିବ ପଢିବ ।ପାତକ କ୍ଷୟ ଯେ ଲୋଡ଼ିବ॥
ମାହାତ୍ମ୍ୟ ଶୁଣେ ଯେବା ପଢେ । ତ୍ରିବିଧ ପାତକେ ନ ପଡ଼େ॥

ଇତି ଶ୍ରୀ ଦ୍ୱାଦଶକଲ୍ପେ ମାଘ କୃଷ୍ଣ ଷଟ୍-ତିଳ ଏକାଦଶୀ ମାହାତ୍ମ୍ୟ ନାମ ପଞ୍ଚମୋଽଧ୍ୟାୟଃ।।

ସଂଗ୍ରାହିକା: ଅଧ୍ୟାପିକା ରେଜାଲିନ୍ ବାରିକ୍
ଆଳ, କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# ଭିଜା ମାଟିର ବାସ୍ନା



ଦିନେଶ ମେହେର

ଭିଜା ମାଟିର ବାସ୍ନା
ଆମନ୍ତ୍ରିତ କରେ ମତେ,
ଥରେ ବୁଲି ଆସିବାକୁ ତା ଗାଁ ଯାକ!

ତା ଓଠ,
ଲାଲ୍ ଏକ ଗୋଲାପ ର ସତେଜତା
ତା ହସ ଶୁଭ୍ର କାଶତଣ୍ଡି ର ନୀରବତା,
ସେ କହିଲେ କବିତା ଟିଏ ଜନ୍ମ ନିଏ,
ତା ଓଠରେ ଶବ୍ଦ ସବୁ ଚାପି ହେଇ ରହିଛନ୍ତି
ଓଡ଼ିଆ ଅଭିଧାନ ରୁ ଓହୋରି ଆସି,
କେତେବେଳେ ପ୍ରେମ, ପ୍ରତାରଣା
ଆଉ ବିରହ ପ୍ରେମିକ ର ଭାବନା
ତା ଦୁଇ ଓଠ ମଧ୍ୟରେ ସମାହିତ!

ସେ ଗାଇଲେ ଜନ୍ମ ନିଏ ସା ରେ ଗା ମା ପା,
ସଙ୍ଗୀତ ର ସାତ ସୁର,

ISSN NO.
2582-208X

କେତେବେଳେ ରୋମାଣ୍ଟିକ ଗୀତରେ ତ
କେତେବେଳେ ସଂଜବତି ର ମନ୍ତ୍ରରେ
ପ୍ରତିଧ୍ୱନିତ ହୁଏ ସମଗ୍ର ଅଞ୍ଚଳ,

ସେ ହିଁ ତ
ଜୀବନ ଓ ମରଣ ବ୍ୟବଧାନ ରେ ଲମ୍ବି ଥିବା
ରାସ୍ତା ଟିଏ,
ନୂଆଁ ଜୀବନ ଜିଉଁଥିବା ସକାଳ ଟିଏ,
ଯେବେ ମୌସୁମୀ ଆସେ ତା ଅଗଣାକୁ
ତା ମାଟିକାନ୍ଥ ମୋହି ନିଏ ସବୁତକ ପ୍ରେମିକପଣ
ଇଛା ହୁଏ ତା ଭିତରେ ମିଳେଇ ଯିବାକୁ,
ତା ଉଷୁମ୍ ନିଶ୍ୱାସରେ ହଜି ଯିବାକୁ,
ଭାରି ଇଛା ହୁଏ
ତା ହାତରେ ହାତକୁ ଚାପି
ଭୁଲି ଯିବା ପାଇଁ ଦୁନିଆ ର ସବୁତକ ଜଞ୍ଜାଳ କୁ!

(ଜୁନାଗଡ଼ ସାହିତ୍ୟ ସଂସ୍କୃତି ସଂସଦ)

ISSN NO.
2582-208X

# ଗୁଣ ବିଚାର



ମନୋରଞ୍ଜନ ସୁରୁଜାଲ

ଲୁଚେଇ କି କେବେ ରଖା ଯାଇପାରେ
ଜଳନ୍ତା ନିଆଁ ଅଙ୍ଗାର,
ଘୋଡେଇ ରଖିଲେ ଫୁଟି ଦିଶେ ତନୁ
ଜାଳି ପୋଡି ଅହଂକାର ।

ଫୁଟନ୍ତା ମଲ୍ଲୀର ବାସନା ଚହଟ
କି ଲୁଚେଇ ପାର ରଖି,
ମଧୁପ ଆଘ୍ରାଣେ ନିଶ୍ଚୟ ପଡଇ
ପ୍ରେମିକ କେବଳ ସାକ୍ଷୀ ।

ବଢିଲା ପ୍ରେମ କି ପଛଘୁଞ୍ଚା ଦିଏ
କିଏ ଅଟକେଇ ପାରେ,
ବସନ୍ତର ଛୁଆଁ ବାଜିଲେ ଦେହରେ
କଅଁଳ ପତର ଧରେ ।

ଉଜାଣି ନଈକୁ କି ବାଧା ବିପତ୍ତି
ଆଗକୁ ବଢଇ ଖରେ,

ISSN NO.
2582-208X

ସହଜାତ ଗୁଣ ବରଫ ସେମିତି
ତରଳି ତରଳି ଝରେ ।

ତୁଳସୀ ଯେପରି ଦୁଇ ପତରରୁ
ମହମହ ହୋଇ ବାସେ,
ବିଛୁଆତି ଗୁଣ କୁଣ୍ଡେଇବା ସାର
ଚରିତ୍ର ତା ବାରମାସେ ।

ଶୀତାଂଶୁ ତପନ ଆଲୋକ କରନ୍ତେ
କ୍ଷିତି ତହୁଁ ଉଠେ ହସି,
ଜଣିଏ ଶୀତଳ ଜଣିଏ ପ୍ରଖର
ଭରନ୍ତି ଜୀବନେ ଖୁସି ।

ସ୍ତୁପୀକୃତ ମେଘ ଶୀତଳ ପରଶେ
ଢାଳି ଦିଏ ମଧୁ ବିନ୍ଦୁ,
ଯେତେ ଯାଚିଲେବି ନିଏ ନାହିଁ କିଛି
ସଦେବ ଉଦାର ସିନ୍ଧୁ ।

ଗଛ ପତର ବି ଦେଇ ଜାଣେ ସୁଖ
ତନୁ ଫୁଲ ଫଳ ଛାଇ,
ସେ ଚେତନଶୀଳ ବିଭୁ ଆଜ୍ଞା ବାହି
ସୁଖ ବାଣ୍ଟୁଥାନ୍ତି ରହି ।

ISSN NO.
2582-208X

ମଣିଷ ଜୀବନ ମିଳିଛି ଯେହେତୁ
କରିବା ମଣିଷ କର୍ମ,
ମଣିଷ ଗୁଣରେ କଣ ଊଣା ତେବେ
ଭୁଲିଛୁଁ ଆପଣା ଧର୍ମ ।

ତାଙ୍କ ଇଚ୍ଛା ବିନା କି ମିଳେ ସଂସାରେ
ତୁଚ୍ଛା ଭିକ ଆଉ ଭେକ,
ଗୁଣ ଅବଗୁଣେ ଦୁନିଆଁ ବାଣ୍ଟିଲେ
ସମସ୍ତଙ୍କି କରି ଏକ ।

କେତେ ଦିନର ଏ ଜୀବନ ଚରିତ
ସମସ୍ତେ ଅତି ଆପଣା,
ଚିତ୍ରପଟ ଦିନେ ଲିଭି ଯିବ ଏଠୁ
ନ କର କହାକୁ ଘୃଣା ।

ସୌଜନ୍ୟ ସଂପାଦକ : ପ୍ରୀତି ପ୍ରଣତି
ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ନାରଦ କାହିଁକି ନଳକୁବେର ଓ ମଣିଗ୍ରୀବକୁ ଅଭିଶାପ ଦେଲେ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା- ୧୨

ଦିନେ ଦଧି ମନ୍ଥନରେ ବ୍ୟବହୃତ ଉଦୂଖଳରେ କୃଷ୍ଣଙ୍କୁ ବାନ୍ଧି ଦେଇ ମା'ଯଶୋଦା ଗୃହକାର୍ଯ୍ୟରେ ବ୍ୟସ୍ତ ରହିଲେ । ହଠାତ୍ କୃଷ୍ଣଙ୍କର ଦୃଷ୍ଟି ପଡିଲା ଅଗଣାରେ ଥିବା ଦୁଇଟି ଅର୍ଜ୍ଜୁନ ଗଛ ଉପରେ । ସେ ଉଦୂଖଳକୁ ଟାଣି ଟାଣି ଗଛ ଦୁଇଟି ନିକଟକୁ ଆଗେଇଲେ ଧୀରେ ଧୀରେ । ଗଛ ଦୁଇଟିର ମଝିରେ ଉଦୂଖଳଟି ଅଟକି ଗଲା । ତଥାପି ସେ ଟାଣିବାରେ ଲାଗିଛନ୍ତି । ମଡ଼ ମଡ଼ ଶବ୍ଦ କରି ଗଛ ଦୁଇଟି ଭାଙ୍ଗିପଡିଲା ଏବଂ ତା ମଧ୍ୟରୁ ବାହାରି ଆସିଲେ ଦୁଇଜଣ ଗୌରବର୍ଣ୍ଣ ଦେବମୂର୍ତ୍ତି । ସେମାନେ କରଯୋଡି ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରି କହିଲେ-ହେ ପ୍ରଭୁ, ଆମେ ହେଉଛୁ ଶିବଙ୍କର ଅନୁଚର । ଦେବର୍ଷି ନାରଦଙ୍କ ଅନୁଗ୍ରହରୁ ଆଜି ଆମେ ମୁକ୍ତି ଲାଭ କରିବା ସଙ୍ଗେ ସଙ୍ଗେ ଆପଣଙ୍କ ଦର୍ଶନ ଲାଭ କଲୁ । ହେ ଭଗବାନ, ଆପଣଙ୍କୁ କୋଟି ପ୍ରଣାମ । ଏହା କହି ସେମାନେ ଅଦୃଶ୍ୟ ହୋଇଗଲେ ।

ପରୀକ୍ଷିତ ମହାରାଜା ଶ୍ରୀଶୁକଦେବଙ୍କୁ ପ୍ରଶ୍ନ କଲେ, ହେ ମୁନିବର, ଏ ଦୁହେଁ କାହା ଅଭିଶାପ ଯୋଗୁଁ ଏପରି ବୃକ୍ଷ ରୂପେ ଜନ୍ମ ହୋଇଥିଲେ ? ଶୁକଦେବ କହିଲେ, ହେ ରାଜନ, ଏ ଦୁଇଜଣ ହେଉଛନ୍ତି ନଳକୁବେର ଓ ମଣିଗ୍ରୀବ । ଏମାନେ ଥିଲେ

ISSN NO.
2582-208X

ମହାଦେବଙ୍କର ପାର୍ଶ୍ବଚର । ଶିବଙ୍କର ନିକଟତର ହୋଇଥିବା ଯୋଗୁଁ ଏମାନେ ଗର୍ବ ଓ ଅହଂକାରରେ ଧରାକୁ ସରା ଜ୍ଞାନ କରୁଥିଲେ । ଦିନେ ଏ ଦୁହେଁ ମଦମତ୍ତ ଅବସ୍ଥାରେ କୈଳାସ ପର୍ବତର ମନ୍ଦାକିନୀ ନଦୀରେ ସ୍ନାନ କରୁଥିବା ଅବସ୍ଥାରେ ସେହି ପଥ ଦେଇ ଦେବର୍ଷି ନାରଦ ଯାଉଥିଲେ । ନାରଦଙ୍କୁ ଦେଖି ସୁଦ୍ଧା ଏମାନେ ସେହିପରି ଉଲଗ୍ନ ଅବସ୍ଥାରେ ରହିଥିବାରୁ ନାରଦ ଏ ଦୁହିଁଙ୍କର ଏତାଦୃଶ ଔଦ୍ଧତ୍ୟ ଆଚରଣ ଦେଖି ଶାସ୍ତି ଦେବା ପାଇଁ ଅଭିଶାପ ଦେଇ କହିଲେ, ତୁମର ଏପରି ଅଶାଳୀନ ବ୍ୟବହାର ଯୋଗୁଁ ତୁମେ ବୃକ୍ଷ ହୋଇ ଜନ୍ମ ହେବ । କିନ୍ତୁ ତୁମର ଏ ଜନ୍ମର ସ୍ମୃତି ଲୋପପାଇବ ନାହିଁ ।

ନାରଦଙ୍କ ଅଭିଶାପ ଶୁଣି ନଳକୁବେର ଓ ମଣିଗ୍ରୀବ ନିଜର ମନ୍ଦ ଆଚରଣ ସକାଶେ ଘୋର ଅନୁତପ୍ତ ହୋଇ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ନାରଦ ଏମାନଙ୍କର କାତର ପ୍ରାର୍ଥନା ଶୁଣି ଦୟାର୍ଦ୍ର ହୋଇ କହିଲେ, ତୁମେ ଭଗବାନଙ୍କର ସ୍ପର୍ଶ ଲାଭ କଲେ ମୁକ୍ତି ପାଇବ। ଏହା ପରେ ନଳକୁବେର ଓ ମଣିଗ୍ରୀବ ଦୁଇଟି ବୃକ୍ଷରୂପେ ଗୋପପୁରରେ ନନ୍ଦ ରାଜାଙ୍କ ଗୃହ ପ୍ରାଙ୍ଗଣ ମଧ୍ୟରେ ଆବିର୍ଭୂତ ହେଲେ । ଲୀଳାମୟ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ପର୍ଶ ଲାଭ କରି ଏ ଦୁହେଁ ମୁକ୍ତି ଲାଭ କରିଥିଲେ ।

ଏପରି ଅନେକ ଅଲୌକିକ ଘଟଣା ଘଟିବାରେ ଲାଗିଥାଏ । କିନ୍ତୁ ଈଶ୍ୱରଙ୍କର ଏପରି ମାୟା ଯେ ମା' ଯଶୋଦା ଏସବୁ ଦେଖି କ୍ଷଣକ ପାଇଁ ଚକିତ ହୋଇ ଯାଇ ପରମୁହୂର୍ତ୍ତରେ ପୁତ୍ରଜ୍ଞାନରେ ସବୁ ଭୁଲି ଯାଉଥାନ୍ତି ।

ଆଳଦା, ଖଇରା ,ବାଲେଶ୍ବର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଗ୍ରୀଷ୍ମ ଋତୁରେ ଅଂଶୁଘାତ ଓ ତାର ପ୍ରତିରୋଧ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ଆମ ଦେଶ ଭାରତରେ ହେଉଥିବା  ଜଳବାୟୁ ପରିବର୍ତ୍ତନ ହେତୁ ଧରା ପୃଷ୍ଠ ରେ ୬ଟି ଋତୁ ପ୍ରତୀୟମାନ ହୋଇଥାଏ । ପ୍ରତି ବର୍ଷ ଗ୍ରୀଷ୍ମ ବର୍ଷା, ଓ ଶୀତ ର ପ୍ରଭାବ ବାୟୁମଣ୍ଡଳରେ ଅନୁଭୂତ ହୋଇଥାଏ । ଆମ ଭାରତ ବର୍ଷରେ ପ୍ରତିବର୍ଷ ଜାନୁୟାରୀ 14 ତାରିଖ (ମକର ସଂକ୍ରାନ୍ତି) ଠାରୁ ଜୁନ ମାସ 21ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି । ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ । ପ୍ରାୟତଃ ଦିନ 11 ଟାରୁ 3 ଟା ଯାଏଁ ପ୍ରବଳ ଗରମ ଅନୁଭୂତ ହେତୁ ଉକ୍ତ ସମୟ ରେ ପଦାକୁ ବାହାରିବ ଅନୁଚିତ ।

ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ କିଛି ଦୂରତା ହ୍ରାସ ପାଉଥିବାରୁ ପୃଥିବୀ ପୃଷ୍ଠରେ ସୌର ରଶ୍ମୀ ରେ ତାପମାତ୍ରା ବୃଦ୍ଧି ପାଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେତୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଥାଏ । ମନୁଷ୍ୟ ଖରାରେ ଯାତାୟାତ କରୁଥିବା ବେଳେ ହଠାତ "ଅଂଶୁଘାତ"(Sunstroke) ର ଶିକାର ହେବାକୁ ପଡିଥାଏ । ସୂର୍ଯ୍ୟ ରଶ୍ମୀ ସକଳ ଶକ୍ତିର ଆଧାର । ଯିବ ଜନ୍ତୁ, କୀଟପତଙ୍ଗ, ବୃକ୍ଷ ଲତା ଆଦି ସମସ୍ତ ଯିବ ଜଗତ ନିମନ୍ତେ ସୂର୍ଯ୍ୟ ରଶ୍ମୀର ନିହାତି ଆବଶ୍ୟକତା ରହିଥିବା ବେଳେ, ଗ୍ରୀଷ୍ମ ଋତୁରେ ହିଁ ସୌର ରଶ୍ମୀ ର ପ୍ରଖରତା ହେତୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦ୍ୱାରା ଜୀବଜଗତ ପାଇଁ ଏହା ବେଳେ ବେଳେ କ୍ଷତି ପହଞ୍ଚାଇଥାଏ ।

ISSN NO.
2582-208X

## ଗ୍ରୀଷ୍ମ ଋତୁରେ ତାପମାତ୍ର ବୃଦ୍ଧି ର କାରଣ

ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତ ର ଉପକାରିତା, ପ୍ରକୋପ ଓ ପ୍ରଭାବ ସହ ମନୁଷ୍ୟ ସମାଜ ଓତଃ ପ୍ରୋତ ଭାବେ ଜଡିତ ହୋଇ ଏହାର ସାମ୍ନା କରି ଆସୁଅଛି, ଯାହାକି ପ୍ରକୃତି ଦତ୍ତ ତଥା ସ୍ୱାଭାବିକ ଋତୁଚକ୍ର ର ପ୍ରକ୍ରିୟା ଅଟେ । ସାମ୍ପ୍ରତିକ ପରିସ୍ଥିତି ରେ ମନୁଷ୍ୟକୃତ କେତକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଋତୁରେ ଜଳବାୟୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଇ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ସମାଜ ନିମନ୍ତେ ଅସହ୍ୟ ଯନ୍ତ୍ରଣା ଦାୟକ ପରିସ୍ଥିତି ସୃଷ୍ଟି ହେଉଛି ।

ସୂର୍ଯ୍ୟରଶ୍ମି ର ତାପମାତ୍ରା ସହ ଜଙ୍ଗଲରେ ମନୁଷ୍ୟ ଦ୍ୱାରା ଅଗ୍ନି ସଂଯୋଗ ହେତୁ, ଗ୍ରାମ ମାନଙ୍କରେ ବହୁଳ ପରିମାଣରେ ଇଟା ଭାଟି ରେ ଅଗ୍ନି ସଂଯୋଗ, ବିଭିନ୍ନ କଳକାରଖାନା ରୁ ନିର୍ଗତ ଗରମ ବାଷ୍ପ, ଜଙ୍ଗଲରୁ ଦୀର୍ଘ ବର୍ଷ ଧରି ତିଷ୍ଠି ରହିଥିବା ବୃକ୍ଷ ଗୁଡିକୁ କାଟିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରେ ବହୁଳ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ, ସିମେଣ୍ଟ ଦ୍ୱାରା ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ସବୁ ଅଞ୍ଚଳ ରେ ସିମେଣ୍ଟ ଓ ଲୌହ ନିର୍ମିତ ବିଦ୍ୟୁତ ଖୁଣ୍ଟ ରହିବା ସହ ଜଙ୍ଗଲ ଓ ଗ୍ରାମାଞ୍ଚଳ ମାନଙ୍କରେ ରେ ବୃକ୍ଷର ପରିମାଣ ହ୍ରାସ ଆଦି କାରଣ ହେତୁ ଗ୍ରୀଷ୍ମ ଦିନେ ସୂର୍ଯ୍ୟଙ୍କ ତାପମାତ୍ରା ବାୟୁମଣ୍ଡଳରେ ଦ୍ୱିଗୁଣିତ ହେଉଛି ଏହାର ପରିଣାମ ସ୍ୱରୂପ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇ ହ୍ରାସ ପାଇବାରେ ବିଳମ୍ବ ଘଟୁଛି । ଗ୍ରୀଷ୍ମ ଋତୁରେ ଏପରି ପ୍ରବଳ ଗରମ ରୁ ରକ୍ଷା ପାଇବା ନିମନ୍ତେ ଆମେ ଆମର ନିଜ ନିଜର ଜମି ଓ ବାସଗୃହ ଚତୁର୍ପାଶ୍ୱ ବହୁ ପରିମାଣ ରେ ଛୋଟ ଛୋଟ ବୃକ୍ଷ ରୋପଣ କରିବା ଆବଶ୍ୟକ, ଯଦ୍ୱାରା ଆମର ପ୍ରକୃତି ଓ ପରିବେଶ ସନ୍ତୁଳିତ ରହିବା ସହ, ଆମେ ସୁଦ୍ଧ ଅମ୍ଳଜାନ ପାଇବା ଓ ରୌଦ୍ର ତାପକୁ ବହୁପରିମାଣରେ ପ୍ରତିରୋଧ କରିପାରିବା ।

ପ୍ରାକୃତିକ ଉପାୟରେ ଗ୍ରୀଷ୍ମତାପ ର ପ୍ରତିରୋଧ:- ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ରେ ଗ୍ରୀଷ୍ମଋତୁ ରେ ପ୍ରବଳ ତାପମାତ୍ରାକୁ ପ୍ରତିରୋଧତଥା ଅଂଶୁଘାତ କୁ ପ୍ରତିରୋଧ ନିମନ୍ତେ କେତେକ ପ୍ରାକୃତିକ ଉପାୟ ବର୍ଣ୍ଣନା କରାଯାଇଅଛି । ଖରାଦିନେ

ISSN NO.
2582-208X

ପ୍ରବଳ ଉତ୍ତାପ ଅନୁଭୂତ ହେଉଥିବା (ଦିବା 11ଘଣ୍ଟା ଠାରୁ 3 ଘଣ୍ଟ ସମୟ ପର୍ଯ୍ୟନ୍ତ) ସମୟରେ ଯାତାୟାତ ନକରିବା, ବାସଗୃହ ନିକଟରେ ଥିବା ବୃକ୍ଷ ର ଛାଇ ରେ ବିଶ୍ରାମ ନେବା, ଜରୁରୀ କିମ୍ବା ନିହାତି ଦରକାର ପଡିଲେ ହିଁ ପଦାକୁ ବାହାରିବା ଉଚିତ । ତୁଳା ରେ ପ୍ରସ୍ତୁତି ସୂତାରେ ନିର୍ମିତ ବସ୍ତ୍ର, ଧଳା ଟୋପି, କଳା ଚଷମା ଓ ଛତା, ପାଦରେ ଜୋତା ଧାରଣ କରି ଯାତାୟତ କରିବା ଉଚିତ ।

ବାସ ଗୃହରେ ଝରକା ଓ ଦୁଆରବନ୍ଧ ରେ ସୁତା ନିର୍ମିତ ବହଳିଆ କପଡା କିମ୍ବା ବେଣା ଘାସର ଚେର ରେ ନିର୍ମିତ ପଟି ଟାଙ୍ଗିବା ଦ୍ୱାରା ଶୀତଳ ପବନ ମିଳିବା ସହ ଗରମରୁ ଆରାମ ମିଳିବା ସହ ଶାନ୍ତି ଦାୟକ ହୋଇଥାଏ । ଏତଦ ସହ ଗ୍ରୀଷ୍ମ ଋତୁରେ ମାଟି ପାତ୍ରରେ ପାଣି ରଖି ପାନୀୟ ଜଳ ରୂପେ ବ୍ୟବହାର କରିବା ସହ ପଇଡ଼ ପାଣି, ନବାତ ପଣା, ଆଖୁ ରସ ପିଇବା ଉଚିତ । ସ୍ୱାସ୍ଥ୍ୟ ପ୍ରଦ ପାଇଁ ପଖାଳ ଭାତ, ତୋରାଣି, ଦହି, ଚହ୍ଲା, ଲସି ଲେମ୍ବୁ, ଆଦି ରେ ଅଳ୍ପ ଲୁଣ ମିଶାଇ ପାନୀୟ ରୂପେ ସେବନ କରିବା ଉଚିତ, ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ରଙ୍ଗ ତରଭୁଜ, କାକୁଡି, ଅଙ୍ଗୁର, କମଳା ସପୁରି ଆଦି ଜୁସ କୁ ପାନୀୟ ରୂପେ ସେବନ କରିବା ଦ୍ୱାରା ଏହା ପେଟକୁ ଥଣ୍ଡା ରଖିବା ସହ ଶାନ୍ତି ଦାୟକ ଓ ସ୍ୱାସ୍ଥ୍ୟ ହିତକାରି ଅଟେ । ଗ୍ରୀଷ୍ମ ଋତୁ ରେ ଆମ ଦେଶରେ ଏପରି ଖାଦ୍ୟ ଅତି ପ୍ରାଚୀନ ।

କିନ୍ତୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏପରି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମତ ଦେଇଛନ୍ତି । କାରଣ ଏସବୁ ଖାଦ୍ୟ ଖଟା ଯୁକ୍ତ ଓ ରୁଚିକର ଅଟେ, ଏସବୁ ରେ ପ୍ରଯ୍ୟାପ୍ତ ପରିମାଣରେ ଭିଟାମିନ- C ରହିଥାଏ, ଯାହାକି ଆମ ଶରୀର ରେ "ରୋଗ ପ୍ରତିରୋଧକ ଶକ୍ତ"(immunity power)ବୃଦ୍ଧି କରାଇବାରେ ସହାୟକ ହୋଇଥାଏ ।

## ମନୁଷ୍ୟ ଅଂଶୁଘାତ ରେ ଶିକାର ହେବାର କାରଣ:

ଆମ ଶରୀର ବର୍ଷା ,ଖରା ଓ ଶୀତ ର ପ୍ରଭାବ କୁ ଖାପ ଖୁଆଇ ଚଳିବା ସହ ଆମ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବା କୁ ସନ୍ତୁଳିତ ରଖିବା ପାଇଁ ଆମ ଶରୀରର ମସ୍ତିଷ୍କ ରେ "ହାଇପୋଥାଲାମସ" ନାମକ ଏକ ଗ୍ରନ୍ଥି ରହିଛି । ଶରୀରରେ

ISSN NO.
2582-208X

ଯେତେବେଳେ ଉକ୍ତ ସନ୍ତୁଳିତ ପ୍ରକ୍ରିୟା ହୋଇପାରିନଥାଏ ବା ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ ଭାବେ ହୋଇପାରିନଥାଏ ସେତେବେଳ ମନୁଷ୍ୟ ସୌର ତାପ ସହ୍ୟ କରିନପାରି "ଅଂଶୁଘାତ" ର ଶିକାର ହୋଇଥାଏ ।

ଜଳବାୟୁରେ ତାପମାତ୍ରା ଅଧିକ ଥିବା ସମୟରେ ମନୁଷ୍ୟ ଯାତାୟତ କରିବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ଆସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇଥାଏ । ବେଳେ ବେଳେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଇ ମନୁଷ୍ୟ ଚେତା ଶୂନ୍ୟ ହେବା ସହ ଶରୀରରେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ । ଶରୀରର ବାହ୍ୟ ଚର୍ମ ଉତ୍ତାପ ଯୁକ୍ତ ଓ ଶୁଷ୍କ ହେବାସହ ଶରୀରରୁ ବେଳେ ବେଳେ ଝାଳ ନିର୍ଗତ ହୁଏ , ଏହାଦ୍ୱାରା ଦୁର୍ବଳ ଲାଗିବା ସହ ବାନ୍ତି ଲାଗିବା, ମୁଣ୍ଡ ଘୁରାଇବା ଆଦି ଲକ୍ଷଣ ଦେଖାଯାଏ । ଏହି ସମୟରେ ରୋଗୀଙ୍କୁ ତତକ୍ଷଣାତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବା ଉଚିତ ନଚେତ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ରହିଥାଏ । ମୋଟାମୋଟି ଭାବେ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ଅନୁଯାଇ ଆମ ଶରୀରର ତାପମାତ୍ରା ବୃଦ୍ଧି ପାଇବା ଓ ହ୍ରାସ ପାଇବା ନିୟନ୍ତ୍ରଣ ପ୍ରକ୍ରିୟା ସାଧାରଣତଃ ସ୍ୱତଃ ପ୍ରବୃତ୍ତ ବା ସ୍ୱାଭାବିକ ଭାବରେ ହୋଇଥାଏ । ଏହିପ୍ରକ୍ରିୟାରେ ବ୍ୟତିକ୍ରମ ହେଲେ ଆମ ଶରୀର ଅଧିକ ତାପମାତ୍ରା କୁ ସହ୍ୟ କରିନପାରି ଆମେ ଅଂଶୁଘାତର ଶିକାର ହୋଇଥାଉ ।

ଚିକିତ୍ସା ଶାସ୍ତ୍ର ମତାନୁଯାଇ ଛୋଟ ପିଲାମାନଙ୍କ ଶରୀରରେ ହାରାହାରି ତାପମାତ୍ରା ୨7.୨ ଡିଗ୍ରୀ ଫାରେନାଇଟ(୩6.6ଡିଗ୍ରୀ ସେଲସିୟସ) ରୁ ୨୨ ଡିଗ୍ରୀ ଫାରେନାଇଟ(37.2ଡିଗ୍ରୀ ସେଲସିୟସ) ଏବଂ ପ୍ରାପ୍ତ ବୟସ୍କ (65 ବର୍ଷ ରୁ ଅଧିକ) ଲୋକଙ୍କ ଠାରେ ହାରାହାରି ତାପମାତ୍ରା ୨୪.7 ଡିଗ୍ରୀ ଫାରେନାଇଟ(37 ଡିଗ୍ରୀ ସେଲସିୟସ) ରହିବା ଉଚିତ । ଜଳବାୟୁର ପରିବର୍ତ୍ତନ ହେତୁ ତାପମାତ୍ରା ବୃଦ୍ଧି ପାଇବା ସହ ଶରୀରରେ ସ୍ୱାଭାବିକ ସ୍ଥିତି ବିଗିଡି ଯାଇ ବେଳେ ବେଳେ ସୁସ୍ଥ ବ୍ୟକ୍ତି ନିମ୍ନ ରକ୍ତଚାପ, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା, ନାଡିର ଗତି ବୃଦ୍ଧି ପାଇବା, ପରିସ୍ରା ର ପରିମାଣ କମି ହଳଦିଆ ବର୍ଣ ହେବା ସହ ଶରୀରର ମାଂସପେଷି ଅକୁଞ୍ଚନ ହେବା ସହ ଯନ୍ତ୍ରଣା ଅନୁଭବ ହେବା, ମୁଣ୍ଡ ବିନ୍ଧିବା,

ISSN NO.
2582-208X

ଦୁର୍ବଳ ଲାଗିବା ଆଦି ଅଂଶୁଘାତର ଲକ୍ଷଣ ଦେଖା ଦେଇଥାଏ । ରୋଗୀର ପରିସ୍ଥିତିକୁ ନିୟନ୍ତ୍ରଣ ନିମନ୍ତେ ତୁରନ୍ତ ଚିକିତ୍ସା କେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶ ରେ ରୋଗୀର ଉପଶମ କରାଇବା ଆବଶ୍ୟକ ଅଟେ ।

ସାଧାରଣତଃ ନିମ୍ନ ରକ୍ତଚାପ ଓ ଉଚ୍ଚ ରକ୍ତଚାପ ରେ ପୀଡିତ ବ୍ୟକ୍ତି, ମଧୁମେହ, ଯକ୍ଷ୍ମା ରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା ବୃଦ୍ଧ, ବୃଦ୍ଧା, ଗର୍ଭବତୀ ମହିଳା, ଖରାରେ ଅଧିକ ସମୟ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି, ଅଧିକ ମୋଟା ଥିବା ବ୍ୟକ୍ତି, ଦୀର୍ଘଦିନ ଧରି ରୋଗରେ ପୀଡିତ ବ୍ୟକ୍ତି ମାନେ ଗ୍ରୀଷ୍ମ ଋତୁରେ ଅଧିକ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ ଅଟେ, ନଚେତ ଅଂଶୁଘାତ ହେବାର ଅଧିକ ସମ୍ଭାବନା ରହିଥାଏ ।

ସାମ୍ପ୍ରତିକ ପରିସ୍ଥିତି ରେ ଦିନକୁ ଦିନ ପ୍ରତିବର୍ଷ ସୂର୍ଯ୍ୟଙ୍କ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାର ପରିଲକ୍ଷିତ ହେଉଛି । ଜଙ୍ଗଲ ରୁ ବୃକ୍ଷ ହ୍ରାସ ପାଇବା, କଳକାରଖାନା ଏବଂ ଗାଡ଼ିମଟର ଆଦିରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଜଳବାୟୁରେ ଉତ୍ତାପ ବୃଦ୍ଧି ଘଟିଥାଏ । ଯଦ୍ୱାରା ଜଳବାୟୁରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇ ମନୁଷ୍ୟ ଅଂଶୁଘାତ ରେ ଶିକାର ହେବାର ଆଶଙ୍କା ଅଧିକ ରହିଥାଏ । ଏହି ସମସ୍ତ ବିଷୟକୁ ଆମେ ଅନୁଭବ କରି ଅଂଶୁଘାତ ଠାରୁ ଦୁରେଇ ରହିବା ପାଇଁ ନିଜେ ସତର୍କତା ଅବଲମ୍ବନ କରିବା ସହ ନିଜ ପରିବାର ତଥା ସମାଜର ସବୁ ସ୍ତରରେ "ଅଂଶୁଘାତ" ର ସତର୍କତା ଓ ସଚେତନତା ର ବାର୍ତ୍ତା ଜାରିରଖିବା ଆବଶ୍ୟକ ଅଟେ ଆସନ୍ତୁ ଆମେ ସମସ୍ତେ ଏକ ହୋଇ ହାତକୁ ହାତ ମିଶାଇ ଆମ ପରିବେଶ କୁ ସବୁଜ ବନାନୀ କରିବା ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି
ଜିଲ୍ଲା -ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ହୃଦଘାତ ବିଷୟରେ ପଢେ



ଡକ୍ଟର ଅଭିମନ୍ୟୁ କାନୁନଗୋ

ହୃଦଘାତ -: ୩୦୦୦ ବର୍ଷ ପୂର୍ବେ ଭାରତରେ ଜଣେ ମହାନ ଋଷି ଥିଲେ । ତାଙ୍କର ନାମ ଥିଲା ମହର୍ଷି ବାଗବଟ, ସେ ଅଷ୍ଟାଙ୍ଗ ହୃଦୟଂ ନାମକ ଏକ ପୁସ୍ତକ ଲେଖିଥିଲେ ଏବଂ ଏହି ପୁସ୍ତକରେ ସେ ରୋଗର ଉପଶମ ପାଇଁ ୭୦୦୦ ସୂତ୍ର ଲେଖିଥିଲେ। ଏହା ସେହି ସୂତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ।

ବାଗବଟଜୀ ଲେଖିଛନ୍ତି ଯେ ଯେତେବେଳେ ବି ହୃଦୟ ଆକ୍ରମଣ ହୁଏ ହୃଦୟର ଟ୍ୟୁବରେ ଅବରୋଧ ଆରମ୍ଭ ହେବାକୁ ଲାଗେ, ତା'ହେଲେ ଏହାର ଅର୍ଥ ହେଉଛି ରକ୍ତରେ ଅମ୍ଳତା (ଏସିଡ଼ିଟି ) ବୃଦ୍ଧି ପାଇଛି, ଅମ୍ଳତାକୁ ଇଂରାଜୀରେ ଏସିଡିଟି କୁହାଯାଏ। ଦୁଇ ପ୍ରକାର ଅଛି, ଗୋଟିଏ ହେଉଛି ପେଟର ଅମ୍ଳତା ଏବଂ ଗୋଟିଏ ହେଉଛି ରକ୍ତର ଅମ୍ଳତା । ଯେତେବେଳେ ଆପଣଙ୍କ ପେଟରେ ଅମ୍ଳତା ବଢେ, ଆପଣ କହିବେ ଯେ ପେଟରେ ଜ୍ୱଳନ୍ତ ଅନୁଭବ ଅଛି, ଖଟା ଖଟା ଢକାର ଆସୁଛି, ପାଟିରୁ ପାଣି ବାହାରୁଛି ଏବଂ ଯଦି ଏହି ଅମ୍ଳତା ଆହୁରି ବଢେ, ତେବେ ସେଠାରେ ହାଇପରାସିଡିଟି ହେବ ଏବଂ ଯେତେବେଳେ ପେଟର ଏହି ଅମ୍ଳତା ରକ୍ତରେ ବଢିଯାଏ, ସେତେବେଳେ ରକ୍ତରେ ଅମ୍ଳତା ଦେଖାଯାଏ ଏବଂ ଯେତେବେଳେ ରକ୍ତରେ ଅମ୍ଳତା ବଢିଯାଏ, ତେବେ ଏହି ଅମ୍ଳୀୟ ରକ୍ତ ହୃଦୟର ରକ୍ତବାହୀ ଦେଇ ଯାଇପାରିବ ନାହିଁ । ଏବଂ ଏହା ଟ୍ୟୁବରେ ଅବରୋଧ ସୃଷ୍ଟି କରେ, କେବଳ ସେତେବେଳେ ହୃଦଘାତ ହୁଏ, ଏହା ବିନା ହୃଦଘାତ ହୁଏ ନାହିଁ ଏବଂ ଏହା ଆୟୁର୍ବେଦର

ISSN NO.
2582-208X

ସବୁଠାରୁ ବଡ ସତ୍ୟ ଯାହା କୌଣସି ଡାକ୍ତର ଆପଣଙ୍କୁ କୁହନ୍ତି ନାହିଁ କାରଣ ଏହାର ଚିକିତ୍ସା ସବୁଠାରୁ ସହଜ ଅଟେ!

ଚିକିତ୍ସା କ'ଣ ?

ବାଗବଟଜୀ ଲେଖିଛନ୍ତି ଯେ ଯେତେବେଳେ ରକ୍ତରେ ଅମ୍ଳତା ବଢିଯାଏ, ସେତେବେଳେ ତୁମେ ଏପରି ଜିନିଷ ବ୍ୟବହାର କର ଯାହାକି କ୍ଷାରୀୟ ଅଟେ । ତୁମେ ଜାଣ ଯେ ଦୁଇ ପ୍ରକାରର ଜିନିଷ ଅମ୍ଳୀୟ ଏବଂ କ୍ଷାରୀୟ! ଅମ୍ଳ ଏବଂ କ୍ଷାର ବର୍ତ୍ତମାନ ଏସିଡ୍ ଏବଂ କ୍ଷାର ମିଶ୍ରିତ ହେଲେ କ'ଣ ହୁଏ ? ଯଦି ଏସିଡ୍ ଏବଂ କ୍ଷାର ମିଶ୍ରିତ ହୁଏ ତେବେ କ'ଣ ହେବ ? ସମସ୍ତେ ଜାଣନ୍ତି ଯେ ଏହା ନିରପେକ୍ଷ, ତେଣୁ ବାଗବଟଜୀ ଲେଖିଛନ୍ତି ଯେ ଯଦି ରକ୍ତର ଅମ୍ଳତା ବୃଦ୍ଧି ପାଇଛି, ତେବେ କ୍ଷାରୀୟ ଜିନିଷ ଖାଆନ୍ତୁ! ତେଣୁ ରକ୍ତର ଅମ୍ଳତା ନିରପେକ୍ଷ ହୋଇଯିବ । ଏବଂ ରକ୍ତରେ ଥିବା ଅମ୍ଳତା ନିରପେକ୍ଷ ହୋଇଗଲା! ତେଣୁ ଜୀବନରେ ହୃଦଘାତ ହେବାର କୌଣସି ସମ୍ଭାବନା ନାହିଁ! ଏହା ହେଉଛି ପୁରା କାହାଣୀ!

ବର୍ତ୍ତମାନ ତୁମେ ପଚାରିବ କେଉଁ ଜିନିଷଗୁଡ଼ିକ କ୍ଷାରୀୟ ଏବଂ ଆମେ ଖାଇବା ଉଚିତ୍ କି ? ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି ଯାହା କ୍ଷାରୀୟ ଅଟେ, ଯଦି ଆପଣ ଏହାକୁ ଖାଆନ୍ତି, ତେବେ ଆପଣ କଦାପି ହୃଦଘାତରେ ଆକ୍ରାନ୍ତ ହେବେ ନାହିଁ ଏବଂ ଯଦି ଏହା ଆସିଛି, ତେବେ ତାହା ଆଉ ଆସିବ ନାହିଁ । ଆମେ ସମସ୍ତେ ଜାଣୁ ଅତ୍ୟଧିକ କ୍ଷାରୀୟ ଜିନିଷ କ'ଣ ଏବଂ ଏହା ସହଜରେ ଉପଲବ୍ଧ । ତେବେ ଏହା ଏକ ପରିବା ରୂପରେ ଖିଆ ଯାଏ, ଯାହାକୁ ଲାଉ ମଧ୍ୟ କୁହାଯାଏ, ଇଂରାଜୀରେ ଏହାକୁ buttleguard କୁହାଯାଏ, ହିନ୍ଦୀ ରେ ଏହା କୁ ଲଉକି ମଧ୍ୟ କୁହାଯାଏ, ଯାହାକୁ ଆପଣ ପନିପରିବା ଭାବରେ ଖାଆନ୍ତି! ଏହାଠାରୁ ଅଧିକ କ୍ଷାରୀୟ କିଛି ନାହିଁ! ତେଣୁ ଆପଣ ପ୍ରତିଦିନ ଲାଉ ରସ ପିଅନ୍ତୁ  କିମ୍ବା କଞ୍ଚା ଲାଉ ଖାଆନ୍ତୁ  ବାଗବଟଜୀ କୁହନ୍ତି ଯେ ରକ୍ତର ଅମ୍ଳତା ହ୍ରାସ କରିବା ପାଇଁ ଲାଉର ସର୍ବାଧିକ ଶକ୍ତି ଅଛି, ତେଣୁ ଆପଣ ଲାଉ ରସ ଖାଇବା ଉଚିତ ।

ISSN NO.
2582-208X

ଆପଣ କେତେ ଖାଇବା ଉଚିତ୍ ? ପ୍ରତିଦିନ ୨୦୦ ରୁ ୩୦୦ ମିଲିଗ୍ରାମ ପିଅନ୍ତୁ, କେବେ ପିଇବେ ? ଆପଣ ଏହି ଲାଉ ରସକୁ ସକାଳେ ଖାଲି ପେଟରେ (ଶୌଚାଳୟ ଯିବା ପରେ) କିମ୍ବା ଅଧ ଘଣ୍ଟା ଜଳଖିଆ ପରେ ପିଇପାରିବେ ।

ଆପଣ ଏଥିରେ ୭ ରୁ ୧୦ ତୁଳସୀ ପତ୍ର ମିଶାଇ ଏହି ଗୁଣ୍ଡ ରସକୁ ଅଧିକ କ୍ଷାରୀୟ କରିପାରିବେ । ତୁଳସୀ ମଧ୍ୟ ବହୁତ କ୍ଷାର ଅଟେ, ଏହା ସହିତ ଆପଣ ୭ ରୁ ୧୦ ପୁଦିନା ପତ୍ର ମିଶାଇ ପାରିବେ । ପୁଦିନା ମଧ୍ୟ ଅତ୍ୟଧିକ କ୍ଷାରୀୟ । ଏହା ସହିତ, ଆପଣ ନିଶ୍ଚିତ ଭାବରେ କଳା ଲୁଣ କିମ୍ବା ସୈନ୍ଧବ ଲୁଣ ମିଶାନ୍ତୁ, ଏହା ମଧ୍ୟ ଅତ୍ୟଧିକ କ୍ଷାରୀୟ, କିନ୍ତୁ ମନେରଖନ୍ତୁ, କେବଳ କଳା କିମ୍ବା ସୈନ୍ଧବ ଲୁଣ ମିଶାନ୍ତୁ, ଅନ୍ୟ ଆୟୋଡାଇଜଡ୍ ଲୁଣ ମିଶାନ୍ତୁ ନାହିଁ, ଅନ୍ୟ ଆୟୋଡାଇଜଡ୍ ଲୁଣ ଅମ୍ଳଯୁକ୍ତ ଅଟେ । ଆପଣ ଏହି ଲାଉ ରସ ଖାଇଲେ ଏହା ୨ ରୁ ୩ ମାସ ମଧ୍ୟରେ ଆପଣଙ୍କର ସମସ୍ତ ହୃଦୟ ଅବରୋଧକୁ ନିଶ୍ଚିତ ଭାବରେ ଭଲ କରିଦେବ । ଆପଣ ୨୧ ଦିନରେ ବହୁତ ପ୍ରଭାବ ଦେଖିବା ଆରମ୍ଭ କରିବେ, ଆପଣ । କୌଣସି ଅପରେସନ୍ ର ଆବଶ୍ୟକ ହେବ ନାହିଁ। ଏହା ଆମ ଭାରତର ଆୟୁର୍ବେଦ ଦ୍ୱାରା ଚିକିତ୍ସିତ ହେଇଯିବ ଏବଂ ଆପଣଙ୍କର ମୂଲ୍ୟବାନ ଶରୀର ଏବଂ ଲକ୍ଷ ଲକ୍ଷ ଟଙ୍କା ଅପରେସନରୁ ରକ୍ଷା ପାଇବ। ଆପଣ ପୁରା ପୋଷ୍ଟ ପଢ଼ିଥିବାରୁ, ବହୁତ ବହୁତ ଧନ୍ୟବାଦ ହରିଓମ୍ ଜୟ ଜଗନ୍ନାଥ ।

ସନାତନ ଧର୍ମ ହିନ୍ଦୁ ସଂସ୍କୃତି ସର୍ବୋତ୍ତମ ॥

ପ୍ରସାର ଭାରତୀ,ପୁରୀ

ISSN NO.
2582-208X

# ଆଞ୍ଚଳିକ

ଜୁଲାଇ-୨୦୨୪
www.vedantimagazine.com
ISSN NO.
2582-208X

# କହୁଛେଁ ଜେନ୍ଟା ସୁନ



ଗଜାନନ ମିଶ୍ର

କହୁଛେଁ ଜେନ୍ଟା ସୁନ,
ଟେଙ୍ଗନିଝୁରି ମେତାନ୍
ନେଇଁ ଫଡଫଡା।
ଦିଲ୍ଲି ଜିବାର୍ ଲୋକ୍
ଚେନ୍ନେଇ କାହିଁ ଜଉଛ!
ସୁନ, ସୁନ, ଖୁଜୁଛ କାଣା
ନିଜକେ ନିଜେ ପତ୍ରା।
ଇନ ଚା ମିଲ୍ସ କି ମଦ୍
ପଚରାବାର୍ ନେଇଁ
ଆରୁ ଢୁକି ଅଉଛ!
ଜଉଛ, ଜଉଛ ଆରୁ
ଫଡଫଡେଇ ମରୁଛ।
ସୁନ, ସୁନ, ଜେନ୍ତା ଭାବୁଛ
ନେଇଁ ସେ ହେନ୍ତା,
ଭାବନାକେ ଥୈବେ ରଖ
ଆରୁ ଦେଖ କାଣା କେନା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ରଜ ମଉଜ

ନିରୁପମା ମିଶ୍ର

ଆଘର୍ ବାଗିର୍ ନାଇନ ରଜ ।
ଶୂନ ହେଲାନ ଜଗଂଲ  କାନା ରଡବା ଗଜ ???
ତତଲା କଢେଇ ସାଜିଛେ  ଧରତୀ ମାତା।
ତାର୍ କଥା କେହି ନି କର୍ବା ଚିନ୍ତା।
ଗଛଲତା ଭରପୁର୍ ଥିଲେ କେଡେ ସୁନ୍ଦର ଦିଶତା ।
ମାଟି ମାଁ ଶାଗୁଆ ପାଟ ପିନ୍ଧଲା ବାଗିର୍ ଲାଗତା।
ନାଇଁ ନ ଆର୍ ସେ ରଜଦୁଲି ଖେଲ୍।
ରସି ନାଇଁ କି ବୁଢା ବରଗଛ ସବୁ ତ ଶେଷ୍।
ପିଠା, ପନା କର୍ବା କେ କାର୍ ନି ନ ବେଲ୍।
ହେଲେ ଚାଲିଛେ ହର୍ମିଶା  ମୁବାଇଲ୍ ଖେଲ୍।
ଅଲତା ମଖା, ଶାଢୀପିନ୍ଧା ସବୁତ ଲୁକି ଗଲାନ।
ସତେ, ଆଗ୍ କେ ଆର୍ ଇଟା  ମୁଁ ନି ଦିଶେନ।
ଆମର୍ ପରବ୍ ଆମର ଗଉରବ୍ ଆମେ ସାଇତି ରଖମ୍ ।
ତେବେ ସିନା ମାଟିର ମାଁ ର ଉତ୍ତମ ସନ୍ତାନ ହେମା।
କାନା କେ ଆର୍ ରଜ ମଉଜ କରମା।

ବଲାଙ୍ଗିର

ISSN NO.
2582-208X

# ଝରନ୍



କେଶବ ମେହେର

ଦେଖୁଛେ ଖାଲି ଡୁଗ୍ ଡୁଗ୍
ଜାନିକରି ଶବ୍‌କର୍ ଚଲନ୍
କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ବହି ଜଉଛେ ଝର୍ ଝର୍
ହେଇକରି ଘୁଚ୍ ସର୍ ସର୍
ସବୁତୋ ଜଉଛେ ଲୁକି
କାହାକେ କହେବା ଲୋକ୍
କାମ୍ ନେ ଖାଲି ତର୍ ତର୍
କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ମେହେଜି ଟୁକେଲ୍‌ର୍ ଜାନିଛେଗୁନ୍ ଚଲନ୍
ସେମାନେ କେତେ ଚିକନ୍ ଚାକନ୍
ପିଲାନୁ ବୁଢ଼ା ସବ୍‌କର୍ କଥା

ISSN NO.
2582-208X

ଜାନିପାରୁଥିଲା ସେ କାଏଁଯେକି
ମୂଲ୍‌ନୁ ସବୁ ଆସି ଗାଧନ୍
କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ଦେଖୁଛେ ଏବେ ଖର୍‌ଖରା ନଏଦ୍ ଘାଁଟ୍
ସୁଇନ୍ ପୁରା ନଏଦ୍ ରାସ୍ତା
ମଲା ଲୋକ୍ କେ ବି ନେଇ ଆନ୍ ବାର୍
ଦେଖୁଛେ ଖାଲି ଡୁଗ୍ ଡୁଗ୍
ଏଡ଼େ ବଡ୍ ଦୁଃଖର୍ କଥା
ପୁର୍‌ନା ଦିନ୍ ଖାଲି ଏବେ ଆଏ ସପନ୍
ନେଇମିଲେ ଗଲେବି ଜୀବନ୍
କେଁ କର୍‌ବା ସେତ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର
ମୋ - ୭୬୮୧୮୦୭୧୭୪

ISSN NO.
2582-208X

# ଲୋକର୍ ଦରବାର୍



ସୁନୀଲ କୁମାର ଅଗସ୍ତି

ମୁଇଁ ଗୁଟେ ଗରିବ୍
ମତେ ଲୋକ୍ ଛିଡା ବଲସନ୍
କେନ୍ କେନ୍ ପାଗଲ୍
କେନ୍ କେନ୍ ମୁରଦାର୍
ଆର୍ କେନ୍ କେନ୍
ନିଷଦ୍ ବଲଦ୍ ଗଲେ ବଲସନ୍,,
ଗାଗରେ ବଫୁ କରି ଦେଖୁଛେଁ
ଅଢିଆ ପାଏନ୍ ଭିରାବାର୍ ଲାଗତି
କେନ୍ କିସମେ ଭୁଖେ ନି' ସୁଇମିଁ
ତାର୍ ଉପେ ତ' କରି ଦେଖୁଛେଁ,,
ମୁଇଁ ପରମ୍ ଗରିବ୍ ହେଲେ ଗଲେ
ତମର୍ କହେତି କେ ମୁରଦାର୍
ଛିଡା,ପାଗଲ୍ ଆଏ ତ' ମୁଇଁ ନିଷଦ୍ ବଲଦ୍,,
ଫିରଭି ଦିନା କେତେ ହେଲା
ସଂସାର୍ ଗୁଲାର୍ ଲୋକ୍
ମୋର୍ ଲକେ ଆସି ମତେ
ମୁଡିଆ ମାରୁଛନ୍

ISSN NO.
2582-208X

ମୋର୍ ପାଦ୍ ତଲେ ଲାଙ୍ଗଛାଁଟ୍
ହି' ପଡୁଛନ୍, ଆର୍ ଫାଲେକେ
ମତେ ଆଶିରବାଦର୍ ଭିଖ୍ ମାଗୁଛନ୍,,
କଥା କାଏଁଟା ବୁଝି ନି' ହେଲା ଯେ,
ଶୁନୁଛେଁ, ଛିଡା ଆର୍ ମୁରଦାର୍
ମୋର୍ ନା' ଥିଁ ତମର୍ ଦେଶ୍ ରାଏଜ୍
ଚଲୁଛେ ପରେ,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପାଣିରୁ ଛାଣିକ ଆଣିଛି



ଡ଼ଃ ରଞ୍ଜିତ କୁମାର ସାହୁ

ଗାଡ଼ିଆ ଭିତରେ ଥାଇ ମହିଳା ଜଣକ କିଛି ସଂଗ୍ରହ କରୁଥିଲା ଭଳି ଲାଗୁଥିଲା । ମାଛ ତ ନିଶ୍ଚୟ ଧରୁ ନଥିଲା । ପାଖରେ ଥିବା ପାଛିଆରେ କଣ ସବୁ ଭର୍ତ୍ତି କରିବାରେ ଲାଗିଥିଲା ! ଟୁକୁନା ମନରେ କୌତୁହଳ ଜାତ ହେଲା । ଭାବିଲା ପାଖକୁ ଯାଇକି ପଚାରି ଦେଖିବ । ଥତମତ ହେଲା । ସହରର ଛୁଆଟିଏ ଗାଆଁ ବିଷୟରେ କିଛି ଜାଣିନି ବୋଲି ଦୁଇ ଦିନ ହେଲାଣି କକା ପୁଅ ଭାଇ ମାନେ ଥଟ୍ଟା କରି କରି ତାକୁ ଥକେଇ ଦେଇଛନ୍ତି ।

କିନ୍ତୁ ଗାଆଁର ପରିବେଶ ବହୁତ ମନୋରମ । ଘର ଆଗରେ ଛୋଟ ଗାଡ଼ିଆଟିଏ ଅଛି ଯେଉଁଥିରେ ଅଳ୍ପ ପାଣି ରହି ଯାଇଛି ଜ୍ୟେଷ୍ଠ ମାସ ଶେଷ ହେଉ ହେଉ । ନିଶ୍ଚୟ ଛୋଟ ଛୋଟ ମାଛ ଥିବ ପାଛିଆରେ । ବୋଧେ ପାଣି ଚିଙ୍ଗୁଡ଼ି ଥିବ ଦଳ ସହିତ ତେଣୁ ସବୁଜ ସବୁଜ ଦିଶୁଛି ?

ଟିକିଏ ସାହସ କରି ଟୁକୁନା ମହିଳା ଜଣଙ୍କ ପାଖକୁ ଯାଇ ପଚାରିଲା, "କଣ କରୁଛନ୍ତି ?'
ମହିଳା ଜଣଙ୍କ ଟୁକୁନାକୁ ଆଡକୁ ଚାହିଁକି କହିଲେ, "ଶାଗ ତୋଳୁଛି । ବଡ ମାଆଙ୍କୁ ପଚାରିକି ହିଁ ତୋଳୁଛି । ଖରା ଦିନେ ଆମ ବାଡ଼ିରେ ଆଉ କିଛି ବେଶୀ ହୁଏନି, ଏହାକୁ ନେଇ ପଖାଳ ସହିତ ଖିଆ ହେବ । ବଡ ମାଆ ମଧ୍ୟ କିଛି ନେବେ ବୋଲି କହିଥିଲେ । ଏହିତକ ତାଙ୍କ ପାଇଁ, ନେଇକି ଦେଇ ଦିଅ ।

ISSN NO.
2582-208X

ଟୁକୁନା ବୁଝିଗଲା ବଡ ମାଆ ମାନେ ବଡ଼ ଖୁଡୀ ।

"କହିଦେବ ପାଣିରୁ ଛାଣିକି ଆଣିଛି," କହି ମହିଳା ଜଣଙ୍କ ପାଖରେ ଥୁଆ ହୋଇଥିବା ପାଛିଆଟିଏ ଟୁକୁନାକୁ ଧରେଇ ଦେଲା ।

ପାଣିରୁ ଛାଣିକି ଆଣିଛି ମାନେ କଣ ?" ଟୁକୁଣା ପଚାରିଲା ।

"ମାନେ ଟିକିଏ ଗହିରିଆ ଜାଗାରୁ ଆଣିଛି ଯେଉଁଠାରେ ପଙ୍କ କମ ଅଛି ଆଉ ପାଣି ବେଶୀ ଅଛି । ତେଣୁ ବେଶୀ ସଫା କରିବାକୁ ପଡ଼ିବନି, ମାଟି କମ ଲାଗିଥିବ" ମହିଳା ଜଣକ ଉତ୍ତର ଦେଲେ ଆଉ ଗାଡ଼ିଆ ଆଡକୁ ଇଙ୍ଗିତ କଲେ ।

ଟୁକୁନା ଦେଖିଲା ଲତା ଗୁଡିଏ କୂଳରୁ ପାଣି ଭିତରକୁ ଚାରି ପାଖରେ ମାଡି ଯାଇଛି । ତୀରର ମୁନ ଆକାରର ପତ୍ର ଥିବା ଲତାରେ କିଛି ଜାଗାରେ ସୁନ୍ଦର ଛୋଟ ଛୋଟ ଫୁଲ ମଧ୍ୟ ଫୁଟିଛି, ଯାହା କଦମ୍ବୂଳ ଫୁଲ ଭଳି ଦିଶୁଛି ।"

"ହଉ," କହି ଟୁକୁନା ପାଛିଆଟିକୁ ନେଇ ଘର ଭିତରକୁ ଯିବାକୁ ଲାଗିଲା । ଏତିକିବେଳେ ବଡ କକା ମଧ୍ୟ ଆସିଗଲେ । ସିଏ ସ୍ଥାନୀୟ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପଢାନ୍ତି । "ଆହା ଆଜି ତାହା ହେଲେ କଳମ ଶାଗ ଭଜା ହେବ, ବଢିଆ କଥା । ଯା ଖୁଡିଙ୍କୁ କହିବୁ ଶୀଘ୍ର ରୋଷେଇ କରିବେ, ଜୋର ରେ ଭୋକ ଲାଗିଲାଣି ।

ଟୁକୁଣା ଖୁଡିଙ୍କୁ ଶାଗତକ ଦେଇ ଆସିଲା ଏବଂ କକାଙ୍କୁ ପଚାରିଲା, "ଶାଗ କଣ ପାଣିରେ ବି ଚାଷ ହୁଏ କି?"

"ସବୁ ଶାଗ ଚାଷ ହୁଏନି । କିଛି ଆମେ ସଂଗ୍ରହ କରିଥାଉ ଆଖ ପାଖରେ ଥିବା ବିଲ, ବାଡ଼ି ବଗିଚା ଆଉ ପୋଖରୀରୁ । ଅବଶ୍ୟ ଚାହିଦା ବଢିଲେ କିଛି ଲୋକ ଏହାକୁ ଚାଷ କରି ବିକ୍ରି ମଧ୍ୟ କରି ଥାଆନ୍ତି । ଆମର ଏହି ଗାଡ଼ିଆରୁ ପ୍ରାୟ ଯେତିକି ମିଳେ ଘରର ଆବଶ୍ୟକତା ମେଣ୍ଟି ଯାଏ । ଅଧିକା ହେଲେ ପାଖ ପଡିଶା ମଧ୍ୟ ନେଇ ଯାଆନ୍ତି ।"

ISSN NO.
2582-208X

"ସେ ମହିଳା ଜଣକ କହୁଥିଲେ କଲମ ଶାଗ ବୋଲି? ଏହା କଣ ଅନ୍ୟ ଶାଗ ଭଳି ପୁଷ୍ଟିକର ଆଉ ସୁଆଦିଆ  କି?" ଟୁକୁନା ପଚାରିଲା ।

କକା କହିଲେ, "କଲମ ନୁହେଁ କଳମ" । ଏହାକୁ ସ୍ଥାନୀୟ ଲୋକମାନେ କଳମ ଶାଗ କୁହନ୍ତି ଏବଂ ଏହା ଦକ୍ଷିଣ ପୂର୍ବ ଏସିଆର  ଏକ ଲୋକପ୍ରିୟ ଶାଗ । ଏହାର ଉତ୍ପତ୍ତିସ୍ଥଳ ମଧ୍ୟ ଏହି ଅଂଚଳରେ ବୋଲି ମାନ୍ୟତା ଅଛି । ଏହା ଅମରୀ ଆଉ କନ୍ଦମୂଳ ପରିବାରର ସଦସ୍ୟ ଅଟେ ।

ଏଥିରେ ଥିବା ଭିଟାମିନ ଏ, ଭିଟାମିନ ସି ଏବଂ ଭିଟାମିନ କେ ଦେହର ପ୍ରତିରୋଧକାରୀ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଏଥିରେ ପ୍ରଚୁର ପରିମାଣରେ ଫୋଲେଟ ଥାଏ ଯାହା ହୃଦରୋଗ ନିବାରଣରେ ସହାୟକ ହୁଏ । ଅନ୍ୟ ଶାଗ ଭଳି ଏଥିରେ ଲୌହ ଥାଏ ଯାହା ରକ୍ତ କଣିକା ସୃଷ୍ଟିରେ କାମ ଦିଏ । ଏଥିରେ ଥିବା ଅନ୍ୟ ରସାୟନ ଭୂତାଣୁ ଏବଂ ଜୀବଣୁଙ୍କ ଠାରୁ ଶରୀରକୁ ପ୍ରତିରକ୍ଷା କରେ । କିନ୍ତୁ ପାଣିରେ ଆଉ ସନ୍ତସନ୍ତିଆ ସ୍ଥାନରେ ଉତ୍ପାଦନ ହେଉଥିବାରୁ ଏହାକୁ ଭଲ ଭାବରେ ଧୋଇକି ରୋଷେଇ କରିକି ଖାଇବାକୁ ପଡେ ।  ଏହା ଦ୍ୱାରା ଅବଶ୍ୟ ଭିଟାମିନ ସି ହ୍ରାସ ହୋଇ  ଯାଏ । ଏହାକୁ କିଛି ଲୋକ ଚାଇନିଜ ପାଳଙ୍ଗ କିମ୍ବା ପାଣି ପାଳଙ୍ଗ ବୋଲି ମଧ୍ୟ କୁହନ୍ତି ।"



ISSN NO.
2582-208X

"ତାହା ହେଲେ ତ ଏହାକୁ ସବୁଆଡେ ଚାଷ କରିବା ଉଚିତ," ଟୁକୁନା କହିଲା I

"ପ୍ରତ୍ୟେକ ଉଦ୍ଭିଦ ଏକ ନିର୍ଦ୍ଦିଷ୍ଟ ପରିମାଣରେ ପରିବେଶକୁ ସନ୍ତୁଳିତ ରଖେ I ଏହାର ପରିମାଣ ଅଧିକ ହୋଇଗଲେ ଅନ୍ୟ ଉଦ୍ଭିଦ ଉପରେ କୁପ୍ରଭାବ ପକେଇ ପାରେ I ଏତେ ଉପକାରୀ କଳମ ଶାଗକୁ ଆମେରିକାରେ କିଛି ଅଞ୍ଚଳରେ ଏକ ଦୁର୍ଦ୍ଧାନ୍ତ ବାଲୁଙ୍ଗା ଉଦ୍ଭିଦ ବୋଲି ମନେ କରାଯାଏ ! କାରଣ ଏହା ଆମେରିକାର ମୂଳ ଉଦ୍ଭିଦ ନୁହେଁ ଏବଂ ସେଠାରେ ସ୍ଥାନୀୟ ବନସ୍ପତିକୁ କ୍ଷତି ପହୁଞ୍ଚାଉଛି I ତେଣୁ ପ୍ରତ୍ୟେକ ଉଦ୍ଭିଦର ସ୍ଥାନ ସଂଲିଷ୍ଟ ମହତ୍ୱ ଅଛି ଏବଂ ଆମକୁ ବିଦେଶୀ ବୃକ୍ଷ, ଲତା, ଗୁଳ୍ମ ଆଦି ଆମଦାନୀ କଲାବେଳେ ଏହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ ଏବଂ ସଚେତନ ରହିବାକୁ ପଡ଼ିବ I ଆମେ ଆମ ଆଖ ପାଖରେ ଥିବା ଉଦ୍ଭିଦ ବିଷୟରେ ଜାଣିଲେ ତାହାକୁ ଆମର ନିତିଦିନ ଜୀବନରେ ବ୍ୟବହାର କରି ପାରିବା I ବ୍ୟବହାର ହେଲେ ଆବଶ୍ୟକତା ବଢିବ ତେଣୁ ଏହାର ସଂରକ୍ଷଣ ପ୍ରତି ମଧ୍ୟ ଦୃଷ୍ଟିଦେବାକୁ ପଡ଼ିବ I "

ଟୁକୁନା ମୁଣ୍ଡ ଟୁଙ୍ଗାରି ସହମତି ଜଣାଇଲା I

"ମୁଁ ସ୍କୁଲକୁ ଫେରିଲେ ସମସ୍ତଙ୍କୁ ଏହି ନୂଆ ଶାଗ କଥା କହିବି I ମୋର ବହୁତ ସାଙ୍ଗ ପିଲା ଜାଣି ନଥିବେ," ଟୁକୁନା କହିଲା I

"ଢଗଟିଏ କରିକି କହୁନୁ," କକା କହିଲେ I

"କି ପ୍ରକାର ଢଗ ?" ଟୁକୁନା ପଚାରିଲା

କକା ଉତ୍ତର ଦେଲେ -

"ପାଣିରୁ ଛାଣିକି ଆଣିଛି
ମାଛ ନୁହେଁ ବୋଲି ଜାଣିଛି
ପଖାଳ ସାଥିରେ ରାନ୍ଧି ଖାଇବ
ସରୁ ପତ୍ରକୁ ଲତାରୁ ଟାଣିଛି !"

ISSN NO.
2582-208X

ଏଥର ଟୁକୁନା ମନରେ ମନରେ ଖୁସି । ଖରା ଛୁଟି ସରିଲେ ସ୍କୁଲ ଗଲେ ସାଙ୍ଗ ମାନଙ୍କୁ ପଚାରିବ ଢଗଟିଏ ଆଉ ବାହା ବାହା ନେବ । ଏତିକି ବେଳେ ଖୁଡୀ ଖାଇବାକୁ ଡାକ ପକେଇଲେ ।

"ଏତକ ତଥ୍ୟ ତ ଶୁଣିଲୁ, ଏବେ ଚାଖିକି ଦେଖ କେମିତି ଲାଗୁଛି," କହି କକା ତାହା ସହ ଖାଇବାକୁ ଗଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବନ୍ଧୁତା



ଦେବଦତ୍ତା ଦେବୀ

ଆଜି ପିଲେ ତୁମକୁ ପୁରାଣ ରୁ ଦୁଇ ବନ୍ଧୁ ଙ୍କ କଥା କହିବି । ତୁମେ ସମସ୍ତେ ରାମାୟଣ କଥା ଅଳ୍ପେ ବହୁତ ଶୁଣିଥିବ । ଆଜି ସେହି ରାମାୟଣ ରୁ ରାମ ଓ ସୁଗ୍ରୀବ ଙ୍କ ର ବନ୍ଧୁତା କଥା କହିବି ।

ରାମ ରାଜା ହେବା ପୂର୍ବଦିନ ରାତିରେ ରାଣୀ କୈକେଇ ରାଜା ଦଶରଥ ଙ୍କ ଠାରୁ ଦୁଇ ବର ମାଗିନେଲେ । ପ୍ରଥମ ବର ରେ କୈକେଇ ନିଜ ପୁଅ ଭାରତ ଙ୍କ ପାଇଁ ଅଯୋଧ୍ୟାର ରାଜ ସିଂହାସନ ମାଗିନେଲେ ଓ ଦ୍ୱିତୀୟ ବର ଅନୁସାରେ ରାମଚନ୍ଦ୍ର ଚଉଦ ବର୍ଷ ପାଇଁ ରାଜ୍ୟ ତ୍ୟାଗ କରି ବଣ କୁ ଯିବେ ବୋଲି । ତେଣୁ ତା ପର ଦିନ ରାମଚନ୍ଦ୍ର, ତାଙ୍କ ପତ୍ନୀ ସୀତା ଓ ସାନ ଭାଇ ଲକ୍ଷ୍ମଣ ଙ୍କ ସହ ବଣ କୁ ଗଲେ । ବଣ ରେ ଅନେକ ରାକ୍ଷସ ଙ୍କୁ ରାମ ଓଲକ୍ଷ୍ମଣ ମାରିଲେ । ଏ ଭିତରେ ରାକ୍ଷସ ରାବଣ ଆସି ମାତା ସୀତା ଙ୍କୁ ରାମ ଲକ୍ଷ୍ମଣ ଙ୍କ ଅନୁପସ୍ଥିତି ରେ ପୁଷ୍ପକ ଜାନ ରେ ଚୋରେଇ ନେଲା । ଦୁଇ ଭାଇ ବଣ ଭିତରେ ସୀତା ଙ୍କୁ ଖୋଜୁ ଖୋଜୁ ରୁସ୍ୟଶୃଙ୍ଗ ପର୍ବତ ନିକଟରେ ପରମ ରାମ ଭକ୍ତ ହନୁମାନ ଙ୍କ ସାଙ୍ଗରେ ଦେଖା ହେଲେ । ସେଇଠାରୁ ଭକ୍ତ ହନୁମାନ ଙ୍କ ଠାରୁ ସୁଗ୍ରୀବ ଙ୍କ କଥା ଶୁଣିଲେ ।

ସୁଗ୍ରୀବ ହେଉଛନ୍ତି ମହା ପରାକ୍ରମୀ ରାଜା ବଳି ଙ୍କର ସାନ ଭାଇ । ସାନ ଭାଇ କୁ ଅତି ଭଲ ପାଉ ଥିଲେ ବଳି । କିନ୍ତୁ ଗୋଟିଏ ଦିନ ରାକ୍ଷସ ମାୟାବୀ ଆସି ବଳି ଙ୍କୁ ଯୁଦ୍ଧ ପାଇଁ ଡାକରା ଦେଲା । ବାନର ରାଜ ବଳି ସାନଭାଇ ସୁଗ୍ରୀବ ଙ୍କ ସହ ପର୍ବତ ଗୁମ୍ଫା ଭିତର କୁ ଗଲେ ରାକ୍ଷସ ମାୟାବୀ ସହ ଯୁଦ୍ଧ କରିବା ପାଇଁ । ଗୁମ୍ଫା ର ଦ୍ୱାର ମୁହଁ ରେ ସୁଗ୍ରୀବ ଙ୍କୁ ଜଗେଇଦେଇ କହିଲେ ଯଦି ଗୁମ୍ଫା ଭିତରୁ କ୍ଷୀର ବୁହେ ଜାଣିବୁ ମୁଁ ଜିତିଛି ନହେଲେ ରକ୍ତ ବୋହିଲେ ଜାଣିବୁ ମୁଁ ମରିଛି ଓ ତୁ କିଷ୍କିନ୍ଧା ର ରାଜା ହେଇ ରାଜ୍ୟ ସମ୍ଭାଳିବୁ । ବହୁତ ବର୍ଷ

ISSN NO.
2582-208X

ବିତିଗଲା । ସୁଗ୍ରୀବ ଭାଇଙ୍କର ଆଦେଶ ମୁତାବକ ଗୁମ୍ଫା ଜଗି ଥାନ୍ତି କିନ୍ତୁ ଭିତରୁ ଆସ୍ତେ ଆସ୍ତେ ସୋର ଶବ୍ଦ ଆଉ ଶୁଭୁ ନ ଥାଏ । ବଡ ଆଶଙ୍କା ରେ ଦିନ କାଟୁଥାନ୍ତି ସୁଗ୍ରୀବ, ଏହି ସମୟ ରେ ଦିନେ ଗୁମ୍ଫା ରୁ ରକ୍ତ ନଦୀ ବୋହି ଆସିଲା । ବଡ଼ ଭାଇ ଙ୍କର ଆଦେଶ ମୁତାବକ ଆଖିରେ ଲୁହ ଧରି ଗୋଟିଏ ବଡ଼ ପଥରରେ ଗୁମ୍ଫା ଦୁଆର କୁ ବନ୍ଦ କରି କିସ୍କିନ୍ଧା ଫେରିଆସି ବଳି ଙ୍କର ମୃତ୍ୟୁ ସମ୍ବାଦ ଭାଉଜ ତାରା ଓ ରାଜ୍ୟ ବାସି ଙ୍କୁ ଜଣାଇଲେ । ତାପରେ ତାରା ଓ ପାତ୍ର ମନ୍ତ୍ରୀ ଙ୍କ ର ବିଚାର ମୋତେ ସୁଗ୍ରୀବ ଙ୍କର ରାଜ୍ୟ ଅଭିଷେକ କରାଗଲା. ମାତ୍ର ଏହି ସମୟ ରେ ରୁଦ୍ର ରୂପ ଧରି ବଳି ଆସି ପାହଂଚିଗଲେ । ସୁଗ୍ରୀବ ଙ୍କୁ ରାଜ ସିଂହାସନ ରୁ ଟାଣିଆଣୀ ତଳେ ପକାଇ ପ୍ରହାର କରିବାକୁ ଲାଗିଲେ । ଭିଷଣ ରାଗ ରେ କହିବାକୁ ଲାଗିଲେ ଭାଇ ହେଇ ମୋତେ ବନ୍ଦ ପଥର ପଛ ପଟେ ନିଜେ ରାଜା ହେବାକୁ ବସିଛୁ । ତାପରେ ରାଜ୍ୟରୁ ସାନଭାଇ ସୁଗ୍ରୀବ ଙ୍କୁ ତଡି ଦେଇ ତାଙ୍କ ପତ୍ନୀ ରୁମା ଙ୍କୁ ଜବରଦସ୍ତି ନିଜର ପତ୍ନୀ ବନେଇଲେ । ସେଇ ଦିନ ରୁ ସୁଗ୍ରୀବ ରୁସ୍ୟାଶୃଙ୍ଗ ପର୍ବତ ରେ ବଳୀ ଙ୍କୁ ଡରି ରହୁଥାନ୍ତି ।

ରାମ ଓ ସୁଗ୍ରୀବ ଙ୍କର ସମଦଶା । ଦିଜଣ ଯାକ ପତ୍ନୀ ହରେଇଥାନ୍ତି । ରାମଚନ୍ଦ୍ର ଙ୍କର ଲକ୍ଷ୍ୟ ଥିଲା ଅଧର୍ମୀ ମାନଙ୍କୁ ନିପାତ କରିବାକୁ । ବଳୀ ସୁଗ୍ରୀବ ଙ୍କ ର କଥା ରେ କାନ ନ ଦେଇ ବଡଭାଇ ବାନର ରାଜ ବଳୀ ତାଙ୍କୁ ମାଡମାରି ରାଜ୍ୟ ରୁ ଖାଲି ବିତାଡିତ କଲେନାହିଁ । ନିଜ ର କନ୍ୟା ସଦୃଶ ସୁଗ୍ରୀବ ଙ୍କର ସ୍ତ୍ରୀ ରୋମା ଙ୍କୁ ଜବରଦସ୍ତ ବାହାହେଇଗଲେ । ତେଣୁ ସେ ଅନ୍ୟାୟ ଓ ଅଧର୍ମ କରିଥିଲେ ।

ରାମଚନ୍ଦ୍ର ସୁଗ୍ରୀବ ଙ୍କ ଠାରୁ କିଛି ଆଶା ନକରି ତାଙ୍କୁ ବନ୍ଧୁତ୍ୱ ର ହାତ ବଢ଼େଇଥିଲେ । ବନ୍ଧୁ ଙ୍କର ଦୁଃଖରେ ଦୁଃଖୀ ହେଇ ପଣ କରିଥିଲେ ବଳୀ ଙ୍କୁ ମାରି ସୁଗ୍ରୀବ ଙ୍କୁ କିସିନ୍ଧା ର ରାଜା କରି ପ୍ରଜା ଙ୍କୁ ଭଲରେ ଧର୍ମ ରେ ଚାଲୁଥିବା ଜଣେ ରାଜା ଉପହାର ଦେବେ । ପରେ ପରେ ରାମ ଚନ୍ଦ୍ର ଙ୍କ ପରାମର୍ଶ କ୍ରମେ ବେକ ରେ ଫୁଲମାଳ ପକେଇ ସୁଗ୍ରୀବ ଙ୍କ ଯୁଦ୍ଧ ଡାକରା ରେ ବାଳି ଯୁଦ୍ଧ କଲେ । ବାଳି ବର ପାଇଥିଲେ ସମ୍ମୁଖ ଯୁଦ୍ଧ ରେ ଯିଏ ବି ତାଙ୍କ ସାଙ୍ଗେ ଯୁଦ୍ଧ କରିବ ତାର ଶକ୍ତି ଅଧା ହେଇଯିବ । ସେଥିପାଇଁ ରାମଚନ୍ଦ୍ର ଦୂରରୁ ଗଛ ଆଢୁଆଳ ରୁ ତୀର ମାରି ବାଳି ଙ୍କୁ ପରାସ୍ତ କରି ମାରିଦେଇଥିଲେ । ତାପରେ ବନ୍ଧୁ ସୁଗ୍ରୀବ ଙ୍କୁ କିସ୍କିନ୍ଧା ର ରାଜା କରିଥିଲେ । ସୁଗ୍ରୀବ ବି ବନ୍ଧୁ ରାମଚନ୍ଦ୍ର ଙ୍କ ପାଇଁ ନିଜର ବିଶାଳ ସେନା ଓ ହନୁମାନଙ୍କ

ISSN NO.
2582-208X

ସାହାଯ୍ୟ ରେ ସୀତା ଙ୍କୁ ରାବଣ ର ଅଶୋକ ବାଟିକା ରେ ଠାବ କରି ଥିଲେ। ଶେଷରେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୁଗ୍ରୀବ ଙ୍କ ବାନର ସେନା ହନୁମାନ ଙ୍କ ସାହାଯ୍ୟ ରେ ରାବଣ କୁ ମାରି ସୀତା ଙ୍କୁ ଉଦ୍ଧାର କରିଥିଲେ. ରାମ ସୁଗ୍ରୀବଙ୍କର ବନ୍ଧୁତା ଏହିପରି ଥିଲା। ଦୁହେଁ ଦୁଇଁହ ଙ୍କ ର ଦୁଃଖ କୁ ବାଣ୍ଟି ନେଇ ବନ୍ଧୁ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥିଲେ।

ଏଥର ରାମ ଚନ୍ଦ୍ର ଓ ସୁଗ୍ରୀବ ଙ୍କ ବନ୍ଧୁତ୍ୱ ଶୁଣିଲେ ଆର ଥର ଆଉ ଗୋଟିଏ ବନ୍ଧୁତ୍ୱ ର କଥା ଶୁଣିବା।


ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ –
## ଜୁନ୍– ସମୀକ୍ଷା



ଦେବଯାନୀ ସ୍ୱାଇଁ

ଆଶା ଓ ବିଶ୍ୱାସର ପ୍ରତୀକ ଭାବେ ମାନା ଯାଉଥିବା ନୀଳ ଆଇରିସ୍ ବା ଇନ୍ଦ୍ରଧନୁଷ୍ ଫୁଲର ଏକ ସୁନ୍ଦର ପ୍ରତିଛବିକୁ ପ୍ରଚ୍ଛଦ ପୃଷ୍ଠାରେ ଧରି ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ପିଲାଦିନର ଅବିସ୍ମରଣୀୟ କଥା ମାନ ମନେପକାଇ କହିଛନ୍ତି– ପ୍ରଗତି ପଛରେ ଧାଇଁ ଧାଇଁ ଆମେ ପ୍ରକୃତିର ସୁନ୍ଦରତାକୁ ଅଣଦେଖା କରୁଛୁ। ଏହା ସତ୍ୟ ଯେ ପ୍ରକୃତି ପ୍ରତି ଆମର ଏପରି ଅବହେଳା କେବେ ଆମକୁ ସୁଖୀ କରି ପାରିବନି।

ଭିତର ପୃଷ୍ଠାରେ ସବୁଥର ପରି ବିଭିନ୍ନ ବିଷୟବସ୍ତୁ ଉପରେ ରହିଛି ଅସଂଖ୍ୟ ଲେଖା।

ପ୍ରଥମ ଲେଖା, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ସମୁଦ୍ର କୂଳର ବିସ୍ମୟକାରୀ ଜୀବଗଣଙ୍କ ମଧ୍ୟରୁ ଏକ ସ୍ୱତନ୍ତ୍ର ଜୀବ, ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପର ଜୀବନ କାହାଣୀ। ଏ ଦୁନିଆଁ ରେ ସବୁ ମଣିଷ ଗୋଟାଏ ଗୋଟାଏ "ଏଣ୍ଡୁଅ" ପରି, ସୁବିଧା ସୁଯୋଗ ଦେଖି ସେମାନେ ରଙ୍ଗ ବଦଳାଇଥାନ୍ତି, କିଏ କମ୍ ତ କିଏ ଟିକିଏ ବେଶୀ। ଏକ ଜ୍ୟୋସ୍ନାଧୌତ ରଜନୀରେ ଗାଳ୍ପିକା ଙ୍କ "ନୌକା ବିହାର"ର ଅନୁଭୂତି ଖୁବ୍ ମଧୁର। "ଚୌକିଦାର ବାଘ" କେବେ କୋଳି ଖାଇବାର ଦେଖିଛନ୍ତି କି ଆଉ "ଆରିଷା ପିଠା" କରି ଜାଣିଥିବା ଶାଶୁ ମା କେତେ ଜଣଙ୍କ ପାଖରେ ଅଛନ୍ତି !

ISSN NO.
2582-208X

ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଅଭି ମେଟ୍ରିକ୍ ପରୀକ୍ଷାରେ ପୁରା ବିହାର ବୋର୍ଡରେ ଫାଷ୍ଟ ହେଇ ସ୍କୁଲ୍ ଏବଂ ପିତା ମାତାଙ୍କୁ ଗୌରବାନ୍ୱିତ କରିବା ସହିତ ନିଜ ଉଜ୍ଜ୍ୱଳ ଭବିଷ୍ୟତର ଏକ ସ୍ୱଷ୍ଟ ଛବି ଆଙ୍କି ପାରିଛି। ବଙ୍ଗ ଦେଶରେ ଯେତେବେଳେ ଇଂରାଜୀ ଶିକ୍ଷାର ପ୍ରଚାର ପ୍ରସାର ଆରମ୍ଭ ହେଲା, ଗାଁ ଗଣ୍ଡାରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସାଧାରଣ ଲୋକଙ୍କ ମନରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେଇଥିଲା, ତାକୁ ହିଁ ଆଧାର କରି ସୁନ୍ଦର କାହାଣୀଟିଏ- "ମାଷ୍ଟର ମହାଶୟ"।

ତଥ୍ୟ ସମ୍ବଳିତ "୧୯୮୦ ମସିହା ପରବର୍ତ୍ତୀ ଓଡିଆ ନାଟକରେ ସଙ୍ଗୀତ"ର ଭୂମିକା, "ମାଟି ମନସ୍କତାଧର୍ମୀ ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗଳ୍ପ" ଏବଂ "ଶାଳଗ୍ରାମ"ର ରହସ୍ୟ। ଏଥି ସହିତ ରହିଛି ଆହୁରି ଅନେକ ଧାରାବାହିକ ଗଳ୍ପ, କାହାଣୀ, ଆତ୍ମକାହାଣୀ, ଭଗବତ ଜ୍ଞାନ ଇତ୍ୟାଦି ଇତ୍ୟାଦି।

କବିତାର ପ୍ରାରମ୍ଭରେ "ନିର୍ବାଚନ"ର ବୈତରଣୀ। "ଧରିତ୍ରୀ ଧରିଛି ଧର୍ମ ନିକିତି"- କର୍ମ ପରିଣାମେ ଲୀଳା ରଚିଥାଇ ପାପ ପୂଣ୍ୟକୁ ତଉଲି। "ଶ୍ରମିକ ଭାଇ" ସେ ଶ୍ରମଦାନ କରି ପ୍ରସ୍ତରେ ପଦୁଅଁ ଦିଏ ଫୁଟାଇ। "ଘରଚଟିଆ" ଶିଖାଏ "କେ ନୁହେଁ କା' ଠାରୁ ନିଊନ", ଏ ମର୍ତ୍ତ୍ୟ ମଣ୍ଡଳ ହୁଏ ବୈକୁଣ୍ଠ ଥିଲେ ଏକ "ସୁନ୍ଦର ମନ"।

"ଆମେରେ ଓଡିଆ ଜାତି"- ନିଇତି ସଂଜରେ ଚଉରା ମୂଳରେ ଜାଳୁ ଆମେ ସଂଜବତୀ। "ଫେରି ଆସନ୍ତା କି ?" ଏମିତି ଏକ ସନ୍ଧ୍ୟା, ଯୋଉଠି ବୁଢୀ ମାଆର ଚାରିପଟେ ନାତି ନାତୁଣୀଙ୍କ ଭିଡ ଜମି ଯାଆନ୍ତା। "କାହିଁକି ମିଛେ ଏତେ ଗର୍ବ ?", ଧନ ଯୌବନ ଯେତେ ସବୁ ଅହଂ, ସବୁ ଶେଷେ ଯାଇ ମିଶିବ "ମଶାଣି ଦେହ"।

"ବାପା"ଙ୍କଠୁ ନାହିଁ କେହି ବଡ ଇଶ୍ୱର, "ମାଆ" ଯୋଗୁଁ ସମ୍ଭବ ଏ ସାରା ସଂସାର। ସବୁ ସହି ଚୁପ୍ ରହିଥିବା ନାରୀ ଏକ "ତରଳା ପଥର" ପୁଣି "ଏଇ ପୁରୁଷ" ଜୀବନ ନୁହଁଇ ସହଜ, ଆଜୀବନ ବୋହେ ଚିନ୍ତା ରୂପୀ ବୋଝ।

"ଋତୁରାଜ ବସନ୍ତ" ଆଗମନେ "ପ୍ରେମ ସ୍ୱାଗତିକା" ଧରଣୀ ପ୍ରାୟେ। "ତରଳୁଛି ମେରୁ, କମୁଛି ଓଜୋନ୍ !" ବିଶ୍ୱ ଗତି କରେ ଧ୍ୱଂସର ମୁଖେ। "ବୃକ୍ଷ ଆମରି ମିତ"- କରୁଥାଏ ସଦା ସମସ୍ତଙ୍କ ର ହିତ!

ISSN NO.
2582-208X

"କବିର ଶବ୍ଦ ଆୟୁଧ"- ସଂଜିବନୀ ସମ ଅଟଇ ସାରସ୍ୱତ, ପୁଣି କେବେ ରଚିପାରେ ସେ ମହାଭାରତ। ପ୍ରେମ ଏକ "ଅହମିକା", ଅତି ସନ୍ତର୍ପଣେ ମନ କୋଠରୀରେ ପଶି ଆସେ ସାଜି "ବଧୂ ନିରୁପମା"।

"ଆମ ସେ ପ୍ରଥମ ପ୍ରୀତି"! "କବି କବିତା"ରେ "ଫେରିଛି ଫଗୁଣ" ଆଙ୍କି ଦେଇ ପ୍ରେମର ନିଖୁଣ ଛବି। "ତା" ସରୁ ଓଠରେ ନାଲି ଲାଜୁଆ ହସ, "ତୁମ କବିତା"ରେ ସତେ ରହିଛି କି ଯେ ରସ! "ସାଥୀ ଆମ ପ୍ରେମ"- ପ୍ରୀତି ନିର୍ଝରିଣୀ ଅମୃତ ପିଉଷ ଧାରା, "ସେ ଓ ମୁଁ"ର ପ୍ରଭେଦ ଭିତରେ ରହିଯାଏ ଅନେକ "ଅକୁହା କଥା"। ଏଥରକ ଏତିକି ମୋର ପଢ଼ା କବିତା।

ସ୍ୱାସ୍ଥ୍ୟ ବିଭାଗରେ ଏକ ସୁନ୍ଦର ସୁବିଚାର ଉପରେ ଆଲୋଚନା ହେଇଛି- "ଉତ୍ତମ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ" ଏବଂ ଘରୋଇ ଚିକିତ୍ସା ସମ୍ବନ୍ଧୀୟ ଏକ ବାର୍ତ୍ତା- "ରାତିରେ ଶୋଇବା ସମୟରେ ରସୁଣ ଖାଇ ଦିଅନ୍ତୁ, ୩ ଦିନ ମଧ୍ୟରେ ପାର୍ଥକ୍ୟ ଦେଖିବେ"।

ଆମ ହାଣ୍ଡିଶାଳରେ ବନିଛି "ହାଇଦ୍ରାବାଦୀ ପନିର"।

"ଆଞ୍ଚଳିକ ବିଭାଗ" ରେ ରହିଛି ଅନେକ ରଙ୍ଗ ରଙ୍ଗିଆ କବିତା ଓ କଥା।

ଶିଶୁବିଭାଗରେ ଆମ ପ୍ରଧାନ ଶିକ୍ଷକ ପିଲା ମାନଙ୍କୁ ଭିଟାମିନ ଯୁକ୍ତ ଓ ସୁଗନ୍ଧ ଭରା ବେସିଲ୍ କୁ "ତୁଳସୀର ଭାଇ" ଭାବରେ ପରିଚିତ କରାଇଛନ୍ତି। ଏଥି ସହିତ ରହିଛି ପିଲା ମାନଙ୍କ କୋମଳ ମନକୁ ପ୍ରଭାବିତ କଲାଭଳି ଅନେକ ଗୁଡିଏ କବିତା। କୁନି ଆଦବିକା ତାଙ୍କ "ଚିତ୍ର" ରେ ପ୍ରଦୂଷିତ ପରିବେଶକୁ ଲକ୍ଷ୍ୟ କରି ଆଙ୍କି ଦେଇଛନ୍ତି ଥୁଣ୍ଟା ଗଛ, ସ୍ଥିର ନଦୀ ଯାହାର ଚଳ ଚଞ୍ଚଳତାକୁ ଅବରୋଧ କରୁଛି ସବୁଜହୀନ ରୁକ୍ଷ ପର୍ବତ ଓ ମନୁଷ୍ୟ ନିର୍ମିତ ରଙ୍ଗୀନ ପ୍ରସ୍ତର ଚଟାଣ।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜନ୍ମ ଦିବସ ଭାବେ ପାଳିତ ଦେବସ୍ନାନ ପୂର୍ଣ୍ଣିମା ଏବଂ ଓଡିଶାର ସଂସ୍କୃତି ଓ ଜନଜୀବନ ସହ ଜଡିତ ରଜ ପର୍ବ। କୁହାଯାଏ ଆଦ୍ୟ ଆଷାଢ଼ର ପ୍ରଥମ ବାରୀଧାରାରେ ଧରିତ୍ରୀ ହୁଏ ରଜଃଶୀଳା ଆଉ ଏହାପରେ ଧରିତ୍ରୀ ମାତା ହୁଅନ୍ତି ଫଳ ଯୋଗ୍ୟା। ଆସନ୍ତୁ

ISSN NO.
2582-208X

ତାହାଲେ ସମସ୍ତେ ମିଶି ପିଠାପଣା ଖାଇ, ଆନନ୍ଦ ଉଲ୍ଲାସରେ ସୃଷ୍ଟିର ଏପରି ଅନନ୍ୟ ସର୍ଜନାର ଜୟଗାନ କରି, ଧରତ୍ରୀ ଗର୍ଭରେ ଉତ୍ତମ ଶସ୍ୟର କାମନା କରିବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୭/୨୦୨୪ | ଅନବସର ଦଶମୀ |
| ୦୩/୦୭/୨୦୨୪ | ଅଣସର ଦ୍ୱାଦଶୀ |
| ୦୪/୦୭/୨୦୨୪ | ଅଣସର ତ୍ରୟୋଦଶୀ |
| ୦୬/୦୭/୨୦୨୪ | ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ |
| ୦୭/୦୭/୨୦୨୪ | ଶ୍ରୀଗୁଣ୍ଡିଚା ରଥଯାତ୍ରା |
| ୧୧/୦୭/୨୦୨୪ | ହେରା ପଞ୍ଚମୀ ଓ ଗୁରୁ ପଞ୍ଚମୀ ବ୍ରତ |
| ୧୪/୦୭/୨୦୨୪ | ପର୍ଶୁରାମାଷ୍ଟମୀ ଓ ନବମୀର ସନ୍ଧ୍ୟା ଦର୍ଶନ |
| ୧୫/୦୭/୨୦୨୪ | ବାହୁଡା ରଥଯାତ୍ରା |
| ୧୬/୦୭/୨୦୨୪ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ରଥ ଉପରେ ସୁନାବେଶ |
| ୧୭/୦୭/୨୦୨୪ | ହରିଶୟନ ଏକାଦଶୀ ଉପବାସ, ମହରମ |
| ୧୮/୦୭/୨୦୨୪ | ଗରୁଡ ଶୟନୋତ୍ସବ |
| ୨୧/୦୭/୨୦୨୪ | ବ୍ୟାସ ପୂର୍ଣ୍ଣିମା |
| ୨୨/୦୭/୨୦୨୪ | ଶ୍ରାବଣ ବ୍ରତାରମ୍ଭ ଓ ବୋଲବମ୍ ଆରମ୍ଭ |
| ୨୫/୦୭/୨୦୨୪ | ମନସା ପଞ୍ଚମୀ |
| ୩୧/୦୭/୨୦୨୪ | କାମଦା ଏକାଦଶୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ISSN NO.
2582-208X

ଗଛ କାଟି କାଟି ପଡିଆ କଲେ
ବିଶ୍ରାମ ବେଳକୁ ଗଛ ଖୋଜିଲେ
ଗରମ ହେଲାଣି ଅସହ୍ୟ ଏବେ
ଗଛ ଲଗାଇବ ଆଉ କେବେ

ଶ୍ରୀମନ୍ତ ମିଶ୍ର, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

Website: www.vedantimagazine.com
Email ids:
vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**